ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ସେପ୍ଟେମ୍ବର୍, ୨୦୧୮ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍


ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

‘ଆହ୍ୱାନ’ ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ଗଣେଶ ଉତ୍ସବ ଏବଂ ନୂଆଖାଇ ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୨ |
| କାହାଣୀ ବିଭାଗ | | ୨୭ |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୨୮ |
| ସଂପର୍କ ଏକ ସୁନାହାର | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୩୮ |
| ଗରୀବ | ଅନୁସୂୟା ଜେନା | ୪୫ |
| ଅବୈଧ | ଭାଗିରଥୀ ବେହେରା | ୫୦ |
| ଜୀଅନ୍ତା ଶବ | ପ୍ରିୟଙ୍କା ସାହୁ | ୭୫ |
| ଭାବନାର ଏପାଖ ସେପାଖ | କଲ୍ୟାଣୀ ନନ୍ଦ | ୮୧ |
| ନିରୀହର ଦଣ୍ଡ | ଶିବାନନ୍ଦ ବନଛୋର | ୮୩ |
| ଅବୈଧ ସନ୍ତାନ | ଗଦାଧର ବଳ | ୮୬ |
| ଖେଳଣା | ସୁବଳ ମହାପାତ୍ର | ୯୧ |
| ଗପ ହେଲେ ବି ସତ | ମହେଶ୍ୱର ସାହୁ | ୯୮ |
| ସିଏ ବି ମାଆ | ସୁଷମା ପରିଡା | ୧୦୩ |
| ପରିଭାଷା | ଅଶୋକ କୁମାର ସେଠୀ | ୧୧୪ |
| ମିଲି ଅପା | ଲିଙ୍ଗରାଜ ପ୍ରସାଦ ଅମୂଲ୍ୟ ପଟ୍ଟନାୟକ | ୧୧୭ |
| କାହାକୁ ନ ମଣିବ ହୀନ | ବିଷ୍ଣୁପ୍ରିୟା ପୂଝାରୀ | ୧୧୯ |

 Magazine Downloaded from www.aahwaan.com


| | | |
|---|---|---|
| ଝଗଡ଼ା | ଅନସୂୟା ପଣ୍ଡା | ୧୨୧ |
| ସବୁଜ ପୃଥିବୀର ସ୍ୱପ୍ନ | ଭାଗିରଥୀ ଯାନୀ | ୧୨୩ |
| ଅପରାହ୍ନର ଛାଇ | ଜ୍ୟୋତିରଞ୍ଜନ ମହାରଣା | ୧୨୮ |
| ଝଡ଼ାପତ୍ର | ମନୋରଞ୍ଜନ ମୁଦୁଲି | ୧୩୩ |
| ମୁଁ ତୁମେ ଆଉ ସେ | ଜିତେନ୍ଦ୍ର କୁମାର କହଁର | ୧୪୦ |
| କବିତା ବିଭାଗ | | ୧୫୧ |
| ଶିକ୍ଷା ଓ ଶିକ୍ଷକ : କାଲି ଓ ଆଜି | କାର୍ତ୍ତିକ ପାଣିଗ୍ରାହୀ | ୧୫୨ |
| ମୌସୁମୀ ଓ ବିଧାତା | କାହ୍ନୁଚରଣ ସାହୁ | ୧୫୫ |
| ମାଆ ପରି କିଏ ହେବ | ଅମ୍ବିକା ସ୍ୱାଇଁ | ୧୫୭ |
| ଆମର ଅଟଳ : ଅମର ଅଟଳ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୫୮ |
| ତୁମପରି କିଏ ହେବ | ଜୟନ୍ତ କୁମାର ସାହୁ | ୧୬୦ |
| ମୁଁ ସପନର ସୌଦାଗର | କେଶରୀ ପ୍ରସାଦ ମହାନ୍ତି | ୧୬୧ |
| ପରସ୍ତ ପରସ୍ତ | ହରିହର ପଣ୍ଡା | ୧୬୩ |
| ହସ୍ତରେଖା | ରିଭୁ ଆଭୁଷଣ ପଣ୍ଡା | ୧୬୫ |
| ସେ ନିଶ୍ଚୟ ଆସିବ | ହିତେଶ ମହାପାତ୍ର | ୧୬୬ |
| ଆଖି | ପ୍ରଭାତ କୁମାର ଆଚାର୍ଯ୍ୟ | ୧୬୮ |
| ମୋ ପିଲାଦିନ | ବେବିସ୍ମିତା | ୧୭୦ |
| ଏମିତି ନିତିଦିନ ଘଟୁ | ବନ୍ଦିତା କର | ୧୭୧ |
| ବିରହିଣୀ ରାଧା | ସୌମ୍ୟରଞ୍ଜନ ସ୍ୱାଇଁ | ୧୭୨ |

 Magazine Downloaded from www.aahwaan.com


| | | |
|---|---|---|
| ଆଶାର ନଈକୂଳ | ରବୀନ୍ଦ୍ରନାଥ ମହାରଣା | ୧୭୩ |
| ବିଘ୍ନରାଜ | ସୌମ୍ୟରଞ୍ଜନ ପାଲ | ୧୭୪ |
| ସମ୍ପର୍କ | ଦୀପକ ଷଡ଼ଙ୍ଗୀ | ୧୭୫ |
| ଅଳିଆ ଗଦାର ଅଲୋଡ଼ା ତୁଳସୀ | ଜ୍ୟୋତିରଞ୍ଜନ ସାହୁ | ୧୭୬ |
| ବିପିଏଲ୍ କାର୍ଡ୍ | ମନୋରଞ୍ଜନ ମୁଦୁଲି | ୧୮୦ |
| ଅମର ଅଟଳ | ସାଗର ନାୟକ | ୧୮୩ |
| ସ୍ୱପ୍ନ ନା ତୁ ସତ | ଶୁଭମ କୁମାର ଧଳ | ୧୮୬ |
| ଅନ୍ତିମ ପତ୍ର | ଅରୁଣ କୁମାର ପାତ୍ର | ୧୮୭ |
| କଳାପ୍ରୀତି | ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ | ୧୯୦ |
| ଅବିସ୍ମୃତ | ଆଦ୍ୟା ଅନିନ୍ଦିତା ଦାଶ | ୧୯୩ |
| ବଳୟ | ଡା ନୀଳମାଧବ କର | ୧୯୪ |
| ମାନସ ମନ୍ଥନ | ଜୀବନେନ୍ଦୁ ଜେନା | ୧୯୬ |
| ଏକ ପ୍ରଶ୍ନବାଚୀ | ଜିତେନ୍ଦ୍ର କୁମାର କହଁର | ୧୯୭ |
| ଆସ ପୂଜିଯିବା ଗୁରୁ | କବିତା ମହାନ୍ତି | ୧୯୯ |
| ଗୁରୁ | ରାଜେନ୍ଦ୍ର ଗିରି | ୨୦୧ |
| ଭୁଲି ହୁଏନା | ସନ୍ତୋଷ କୁମାର ରାଉତ | ୨୦୨ |
| ଦେବକୀନନ୍ଦନ | ଗୌରାଂଗ ଚରଣ ବେହେରା | ୨୦୪ |
| ମୋ ପୁତୁଲୁ ମା... | ନିରୁପମା ନାୟକ | ୨୦୬ |
| କେବେ ନ ଆସୁଛ ପରବାସୀ ପ୍ରିୟ | ରାଜେଶ ପୂଝାରୀ | ୨୧୦ |

 Magazine Downloaded from www.aahwaan.com


| | | |
|---|---|---|
| ହେ ପ୍ରଭୋ | ଚିତ୍ତରଞ୍ଜନ ସାହୁ | ୨୧୧ |
| କୁନିଝିଅ | ସସ୍ମିତା ମହାନ୍ତି | ୨୧୩ |
| ହେ ପ୍ରେମ | ତୁଷାରକାନ୍ତ ପ୍ରସାଦ | ୨୧୫ |
| ଜୀବନନଈର ବାଟ | ତପନ କୁମାର ସ୍ୱାଇଁ | ୨୧୭ |
| ଭୋକ | ରାଜୀବ ଲୋଚନ ପଟ୍ଟନାୟକ | ୨୧୮ |
| ଭାରତମାତା | ପ୍ରଫୁଲ କୁମାର ନାହାକ | ୨୨୧ |
| ତୁମପାଇଁ | ସୁଦର୍ଶନ ସାହୁ | ୨୨୩ |
| କହିହୁଏ ନା ସହିହୁଏ | ସୌମ୍ୟାସୁଚରିତା ସେଣ | ୨୨୪ |
| ବସି ମୁଁ ମନରେ ଭାଳେ | ଶିଶିର କୁମାର ପଣ୍ଡା | ୨୨୬ |
| ରାକ୍ଷୀ | ଶରତ କୁମାର ଦାସ | ୨୨୭ |
| କଳାଚଷମାର ସଂସାର | ଆଶୁତୋଷ ମେହେର | ୨୨୯ |
| ମା ପରି କେହି ନାହିଁ | ଧୀରେନ୍ଦ୍ର | ୨୩୦ |
| ବଦମାସ ପ୍ରେମିକ | ପ୍ରାଣକୃଷ୍ଣ ମହତାର | ୨୩୧ |
| ସେକାଳ ପଖାଳ | ହରେରାମ ପଣ୍ଡା | ୨୩୩ |
| କେହି ତ ନିଜର ନୁହଁ | କୁମାର ଲୋକେଶ୍ | ୨୩୫ |
| ବନ୍ଦୀପରି ଲାଗେ | ସୌମ୍ୟରଞ୍ଜନ ସ୍ୱାଇଁ | ୨୩୬ |
| ମୁଁ କଣ ମଣିଷ ? | ଅଶୋକ କୁମାର ପଧାନ | ୨୩୮ |
| ଭାରତ ଆମ ଗାଁ | ଅନନ୍ତ କୁମାର ଦୀପ | ୨୪୧ |
| ପୁଣି ଆସ ଏ ମହୀରେ | ପ୍ରଣତି ମହାପାତ୍ର | ୨୪୩ |

| | | |
|---|---|---|
| ପ୍ରଥମ ଦେଖା | ରାହାସ କୁମାର ବେହେରା | ୨୪୬ |
| ପ୍ରତୀକ୍ଷା | ଦେବବ୍ରତ ଜେନା | ୨୪୯ |
| କଣ୍ଢେଇ ସଜ | ସଂସ୍କୃତି ମହାନ୍ତି | ୨୫୦ |
| ସେବା ହିଁ ଶ୍ରେଷ୍ଠଧର୍ମ | ଭାଗିରଥୀ ଯାନୀ | ୨୫୨ |
| ଭଉଣୀଟିଏ ଦିଅ | ଆଦିତ୍ୟ ନାରାୟଣ ସାହୁ | ୨୫୪ |
| ହିତୈଷୀ | ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ | ୨୫୫ |
| ଏଇ କଣ ପ୍ରେମ ସତେ ! | ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ | ୨୫୮ |
| ଅଧାଗଢ଼ା ଦିଅଁ | ପ୍ରିୟଙ୍କା ସାହୁ | ୨୫୯ |
| ରଜନୀଗନ୍ଧା ସେ | ସମ୍ବିତ ସତ୍ୟପ୍ରକାଶ ମିଶ୍ର | ୨୬୦ |
| ଗୁରୁ ଉପାସନା | ରୋଜା ପଣ୍ଡା | ୨୬୧ |
| ଭାବନା | ରମା କାନ୍ତ ମିଶ୍ର | ୨୬୩ |
| ମନ ଓ ବିବେକ | ନରେନ୍ଦ୍ର ସାହୁ | ୨୬୭ |
| ସବୁ ଠିକ୍ ଅଛି | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୬୯ |
| ରାକ୍ଷୀ ପୂନେଇଁ | ପ୍ରେମଶିଳା ରାଉତ | ୨୭୧ |
| ଜୀବନଯଜ୍ଞ | ଶ୍ରୀନୀଳକଣ୍ଠ ମହାନ୍ତି | ୨୭୩ |
| ମୋହ ମରୀଚିକା | ରୁଖସାର୍ ବେଗମ୍ | ୨୭୪ |
| ବିଚିତ୍ର ମୋ ଭାରତ | କୃଷ୍ଣ ଦାସ | ୨୭୫ |
| ମୁଁ | ନୂତନ କୁମାର ବେହେରା | ୨୭୭ |
| ତମ ପାଇଁ | ଇତି ଦାସ | ୨୭୯ |

 Magazine Downloaded from www.aahwaan.com


| | | |
|---|---|---|
| ଥରେ ଯଦି ପଚାର | ଡଃ ଅସିତ୍ କୁମାର ସ୍ୱାଇଁ | ୨୮୦ |
| ଜୀବନନଈ | ସଚ୍ଚିଦାନନ୍ଦ ବାରିକ | ୨୮୨ |
| ଅଜଣା ପ୍ରେମ | ସ୍ମିତା ତ୍ରିପାଠୀ | ୨୮୪ |
| ଝରଝର ଝରୁଛି ଝରଣା | ଶ୍ରୀରାଜଶେଖର ସି 'ଚିମା' | ୨୮୭ |
| ଆକାଶ ପରିକା ପିତା | ଶିଶିର କୁମାର ସାମଲ | ୨୮୯ |
| ଶ୍ରାବଣ ରାତି | ସତ୍ୟବ୍ରତ ବାରିକ | ୨୯୧ |
| ଥରେ ଫେର | ମିହିର ପଣ୍ଡା | ୨୯୨ |
| ଭଗବାନ କିଏ ? | ସୁଶାନ୍ତ କୁମାର ଧଳ | ୨୯୪ |
| ମଶା | ସନାତନ ମହାକୁଡ଼ | ୨୯୬ |
| କାହିଁକି ଢାଳୁଛ ଲୁହ ? | ସତ୍ୟବ୍ରତ ସାହୁ | ୨୯୮ |
| ସ୍ୱାଧୀନ ଭାରତ ଝିଅ ମୁଁ | ମହେଶ୍ୱର ସାହୁ | ୨୯୯ |
| ଧରଣୀର ବିଳାପ | ଜଗଜୀବନ ସେଠୀ | ୩୦୧ |
| ବଡ଼ ମୋର ଏଇ ଗାଁଟି | ରାମ କଲତା | ୩୦୩ |
| **ସମ୍ବଲପୁରୀ ବିଭାଗ** | | **୩୦୮** |
| ନୂଆଖାଇ ଜୁହାର୍ | କ୍ଷମାନିଧି ସାହୁ | ୩୦୯ |
| ଯଉତୁକ | ରମଣୀରଞ୍ଜନ ବିଶ୍ୱାଲ | ୩୧୧ |
| ଗଡୁ | ମନୋଜ ମହାନନ୍ଦ | ୩୧୩ |
| ନେତା | ଶିବାନନ୍ଦ ବନଛୋର | ୩୧୫ |
| ନାରୀ | କବି ପ୍ରସାଦ | ୩୧୭ |

 Magazine Downloaded from www.aahwaan.com


| | | |
|---|---|---|
| ମୁସକିଲ୍ | ଶ୍ରୀୟକାନ୍ତ ଦାସ | ୩୨୦ |
| ଏକ୍ ଫୁଲ୍ ତିନ୍ ମାଲି | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୩୨୧ |
| ବଂଝା ରଜାର୍ କଥା | ମନୋଜ ମହାନନ୍ଦ | ୩୨୫ |
| ଧର୍‌ସା ବାଟ | ପ୍ରସନ୍ନ ପ୍ରୟାସ ଭୁଏ | ୩୩୦ |
| ପ୍ରବନ୍ଧ ବିଭାଗ | | ୩୩୩ |
| ଭାରତବର୍ଷ | ଶ୍ରୀବୈକୁଣ୍ଠନାଥ ଖଟୁଆ | ୩୩୪ |
| ସୁରକ୍ଷା ବିଚାର | ଶ୍ରୀ ରମା କାନ୍ତ ମିଶ୍ର | ୩୪୧ |
| ବାସେନଙ୍କ ଚିତ୍ରକଳା | ମୀନକେତନ ପଟ୍ଟନାୟକ | ୩୪୮ |
| ମାନବ ଓ ରାଷ୍ଟ୍ର ଇତିହାସ | ପ୍ରତିଭା ପ୍ରିୟଦର୍ଶିନୀ | ୩୫୧ |
| ଦେଓମାଳୀ | ମହେନ୍ଦ୍ର କୁମାର ନାୟକ | ୩୫୭ |
| ପ୍ରାଚୀ ନଦୀର ନାମକରଣ | ଅନାମ ଚରଣ ସାହୁ | ୩୬୦ |
| ମାତୃଭାଷାର ସୁରକ୍ଷା ଓ ବିକାଶ | ଅଧ୍ୟାପିକା ରଞ୍ଜିତା ପାତ୍ର | ୩୬୪ |
| ବିଶେଷ ସୂଚନା | | ୩୬୮ |


**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଅକ୍ଟୋବର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ସଂପାଦକୀୟ

ନମସ୍କାର, ଆହ୍ୱାନ ଇ-ପତ୍ରିକାର ସେପ୍ଟେମ୍ବର ୨୦୧୮ ସଂସ୍କରଣକୁ ଆପଣଙ୍କୁ ଭେଟି ଦେଉଛି । ଆଶା କରୁଛି ଆପଣ ଏହାକୁ ପୂର୍ବଭଳି ସ୍ନେହ ଦେବେ ଏବଂ ଏହାର ଉନ୍ନତି ହେତୁ ନିଜସ୍ୱ ସୁଚିନ୍ତିତ ମତାମତ ଦିଅନ୍ତୁ । ଆମ ପତ୍ରିକାର ୱେବ୍‌ସାଇଟ୍ ସମେତ ଏହାର ଆଣ୍ଡ୍ରଏଡ୍ ଆପ୍ ଆପଣ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରିପାରିବେ । ଏହାଦ୍ୱାରା ଆପଣ ଆମ ସହ ଯୋଗାଯୋଗ କରିପାରିବେ ଏବଂ ଆହ୍ୱାନର ସମସ୍ତ ସୂଚନା ସହଜରେ ପାଇ ପାରିବେ ।

ଚଳିତ ସଂସ୍କରଣକୁ ପଢ଼ିବା ପୂର୍ବରୁ ଆସନ୍ତୁ ଦେଖିବା ବିଗତ ଏକ ମାସରେ ଦେଶରେ ଘଟିଥିବା କିଛି ପ୍ରମୁଖ ଘଟଣାର ସମ୍ୟକ ବିବରଣୀ ।

## ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ମଇ ୨୯ ତାରିଖ ରାତ୍ରୀରେ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ ପ୍ରରୋଚନାରେ ନବୀନ ପଟ୍ଟନାୟକଙ୍କୁ ଗାଦିଚ୍ୟୁତ କରାଯାଇ ପ୍ୟାରୀଙ୍କୁ ମୁଖ୍ୟମନ୍ତ୍ରୀ କରାଇବାର ଯେଉଁ ଷଡ଼ଯନ୍ତ୍ର ହୋଇଥିଲା ତାହାକୁ ଭଣ୍ଡୁର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରିଷ୍ଠ ରାଜନୀତିଜ୍ଞ ଶ୍ରୀ ଦାମୋଦର ରାଉତଙ୍କୁ ଗତକାଲି ଆନୁଷ୍ଠାନିକ ଭାବରେ ଦଳରୁ ବିତାଡ଼ିତ କରାଯାଇଥିବା ଖବର ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା

 Magazine Downloaded from www.aahwaan.com

ଯେତେବେଳେ ସାମାଜିକ ଗଣମାଧ୍ୟମରେ ଶ୍ରୀ ରାଉତ ଚଳିତ ସରକାରଙ୍କ ଦ୍ୱାରା ହୋଇଥିବା ଅନେକ ଦୁର୍ନୀତିର ଘୋଷଣା ଖୋଲାଖୋଲି ଭାବରେ କରି ଚାଲିଥିଲେ । ସେ ଆଣିଥିବା ସମସ୍ତ ଅଭିଯୋଗ ଯଦି ସତ ତା ହେଲେ ରାଜ୍ୟ ସରକାର ନିଶ୍ଚୟ ଭାବରେ ଏହାପାଇଁ ଉତ୍ତରଦାୟୀ ହେବା ଦରକାର ।

ଯଦି ଶ୍ରୀ ରାଉତଙ୍କୁ ଦଳରୁ ବହିଷ୍କାର କରାଗଲା ଏହା କେଉଁଥି ପାଇଁ କରାଗଲା । ସେ ଦଳର ଜଣେ ବରିଷ୍ଠ ସଦସ୍ୟ ଥିଲେ । କିନ୍ତୁ ସେ ନିକଟ ଅତୀତରେ ଆଣିଥିବା ଅଭିଯୋଗ ଯେ ବର୍ତ୍ତମାନ ବିଜେଡ଼ିକୁ ଦଳୀୟ କର୍ମକର୍ତ୍ତା କମ କିନ୍ତୁ ଆଇଏସ୍ ଅଫିସର ମାନେ ଚଳାଉଛନ୍ତିକୁ ଗମ୍ଭୀରତାର ସହ ଦେଖାଯାଉଛି । ବିଗତ ସପ୍ତାହରେ ଶ୍ରୀ ରାଉତ ନବୀନ ସରକାରରେ ହୋଇଥିବା ଗୋଟିଏ ପରେ ଗୋଟିଏ ଦୁର୍ନୀତି ବିଷୟରେ ମୁହଁ ଖୋଲି କହୁଥିବା ବେଳେ ଅନେକ ହୁଏତ ଶ୍ରୀ ରାଉତ ଦଳ ଛାଡ଼ି ବିଜେପିରେ ମିଶିବେ ବୋଲି ଭାବୁଥିଲେ, କିନ୍ତୁ ସେ ହିଁ ପରେ ଘୋଷଣା କରି କହିଥିଲେ ଯେ ସେ ବିଜେଡ଼ି ଛାଡ଼ିପାରନ୍ତି କିନ୍ତୁ ବିଜେପିକୁ ଯିବେ ନାହିଁ ।

ଆଜି ତାଙ୍କୁ ଆନୁଷ୍ଠାନିକ ଭାବରେ ବହିଷ୍କୃତ କରାଯାଇଛି । ସୂଚନାଯୋଗ୍ୟ ଯେ ପାର୍ଟି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକ ତିନିଦିନିଆ ଦିଲ୍ଲୀ ଗସ୍ତରେ ଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି । ସମସ୍ତେ ଅନୁମାନ କରୁଥିଲେ ଯେ ସେ ଦିଲ୍ଲୀରୁ ଫେରିବା ପରେ କୌଣସି ପଦକ୍ଷେପ ନେବେ କିନ୍ତୁ ଶ୍ରୀ ରାଉତଙ୍କୁ ବହିଷ୍କାର କରାଯାଇଥିବାର

 Magazine Downloaded from www.aahwaan.com

ତରବରିଆ ନିଷ୍ପତ୍ତି କାହିଁକି ନିଆଯାଇଛି ତାହା ମଧ୍ୟ ତଦନ୍ତର ବିଷୟ ।

ବର୍ତ୍ତମାନ ବୁଦ୍ଧିଜୀବି ମହଲରେ ଦାବୀ ଉଠୁଛି ଯେ ଯଦି ଶ୍ରୀ ରାଉତଙ୍କୁ ତରବରିଆ ଭାବରେ ଦଳରୁ ବହିଷ୍କାର କରିଛ ତା ହେଲେ ସେ କରିଥିବା ସମସ୍ତ ଅଭିଯୋଗ ମିଥ୍ୟା ବୋଲି ପ୍ରମାଣ କର । ଦେଖାଯାଉ ବର୍ଷ ୨୦୧୯ ଆସୁ ଆସୁ ଏମିତି କେତେ ସବୁ ନାଟକ ଦେଖିବାକୁ ମିଳିବ ।

ଅପର ପକ୍ଷରେ ଶ୍ରୀ ରାଉତ ନିଜର ବହିଷ୍କାର ନୋଟିସ୍ ବିଷୟ ଜାଣିବାପରେ କଟାକ୍ଷ କରି କହିଥିଲେ ବର୍ତ୍ତମାନ ବିଜେଡ଼ିରେ କେହି ନାହାନ୍ତି । ବିଜୁଙ୍କ ଆନୁଗତ୍ୟ ପାଇଥିବା ସବୁ ଦଳ ଛାଡ଼ି ସାରିଲେଣି, କେବଳ ଯେଉଁମାନେ ଅନ୍ୟାୟ, ଅନୀତି ଓ ଦୂର୍ନୀତି କରିଛନ୍ତି ସେମାନେ ନିଜର ଗିରଫ ହେବା ଭୟରେ ହିଁ ଦଳରେ ଅଛନ୍ତି । ସେ ମଧ୍ୟ କହିଛନ୍ତି ଯେ ନବୀନ ପଟ୍ଟନାୟକ ତାଙ୍କୁ ବହିଷ୍କାର କରିନାହାନ୍ତି, ଦୁର୍ନୀତି ଗ୍ରସ୍ତ ଦଳୀୟ କର୍ମୀମାନେ ହିଁ ଏହା କରାଇଛନ୍ତି ।

## ମାନସରୋବର ଯାତ୍ରାରେ କଂଗ୍ରେସର ଯୁବରାଜ

ବିଗତ ମାସରେ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ସଭାପତି ଶ୍ରୀ ରାହୁଲ ଗାନ୍ଧୀ ଅଚାନକ ମାନସରୋବର ଯାତ୍ରାରେ ଯିବାପାଇଁ ନିଷ୍ପତ୍ତି ନେଇ ଅନେକଙ୍କୁ ହତଚକିତ କରିଦେଇଥିଲେ । ବିଗତ ବର୍ଷ ଗୁଜୁରାତରେ ନିର୍ବାଚନ ସମୟରେ ସେ ଅନେକ ମନ୍ଦିର ବୁଲି ବୁଲି ପୂଜାର୍ଚ୍ଚନା କରୁଥିବା ସମୟରେ ସେ ପଇତା ପିନ୍ଧୁଥିବା ହିନ୍ଦୁ ବୋଲି ଦାବୀ କରାଯାଉଥିଲା । କିନ୍ତୁ କର୍ଣ୍ଣାଟକ ନିର୍ବାଚନ ପୁର୍ବରୁ ସେ ମୁସଲିମ ସଂଗଠନଙ୍କ ସମକ୍ଷରେ କଂଗ୍ରେସକୁ ଏକ ମୁସଲମାନଙ୍କ ଦଳ ବୋଲି ଘୋଷଣା କରି ବିବାଦରେ

 Magazine Downloaded from www.aahwaan.com

ଫସିଥିଲେ । ସେ ଯା ହେଉ ବର୍ତ୍ତମାନ ବର୍ଷ ୨୦୧୯ ପାଇଁ ନିର୍ବାଚନୀ ଅଙ୍କ କଷା ହେବାର ଅବ୍ୟବହିତ ପୂର୍ବରୁ ସେ ମାନସରୋବର ଯାତ୍ରା ସମାପନ କରିଛନ୍ତି, ଅବଶ୍ୟ ପୂର୍ବଭଳି ଯେଉଁଠି ରାହୁଳ ଗାନ୍ଧୀ ସେଇଠି ସମସ୍ୟା ନ୍ୟାୟରେ ଏହି ଯାତ୍ରା ମଧ୍ୟ ବିବାଦରୁ ଦୂରରେ ନଥିଲା ।

ପ୍ରଥମତଃ ଏହି ଯାତ୍ରା ଚୀନ ଦେଇ ସମ୍ଭବ ହେଉଥିବା ହେତୁ ବିଜେପି ଏହାକୁ କଂଗ୍ରେସ ଯୁବରାଜଙ୍କ ଚୀନ ସରକାରଙ୍କ ସହ ଗୁପ୍ତ ମନ୍ତ୍ରଣା ଯୋଜନା ବୋଲି ଘୋଷଣା କରିଥିଲା । ସେ ବିଷୟରେ ଅଧିକ ଚର୍ଚ୍ଚା ହୁଏତ ହୋଇ ପାରିଥାନ୍ତା କିନ୍ତୁ ଏହି ସମୟରେ ଶ୍ରୀ ଗାନ୍ଧୀ ଏମିତି କିଛି କରିବସିଲେ ଯାହା ସମସ୍ତଙ୍କୁ ଚକିତ କରିଦେଲା । ସୋସିଆଲ୍ ମିଡ଼ିଆରେ ଘୁରି ବୁଲୁଥିବା ଏକ ଭିଡ଼ିଓରେ ଜଣେ ପରିଚାରକ କହୁଥିବାର ଦେଖାଗଲା ଯେ ଶ୍ରୀ ଗାନ୍ଧୀ ମାନସରୋବର ଯାତ୍ରାରେ ଯାଉଥିବା ବେଳେ ତାଙ୍କ ରେସ୍ତୋରାଁରେ ଆମିଷ ଦ୍ରବ୍ୟ ଭକ୍ଷଣ କରିଥିଲେ । ଏହି ଖବର ଅନେକଙ୍କୁ ଆମୋଦିତ ବି କରିଥିଲା । କିନ୍ତୁ ଏହାକୁ ନେଇ ରକ୍ଷଣଶୀଳ ହିନ୍ଦୁମାନେ ଆପତ୍ତି ଜଣାଇଥିଲେ ।

ବୈଦ୍ୟୁତିକ ଗଣମାଧ୍ୟମକୁ ମଧ୍ୟ ଭଲ ଖୋରାକ ମିଳି ଯାଇଥିଲା । ପରେ ଅବଶ୍ୟ ସଂପୃକ୍ତ ରେସ୍ତୋରାଂ ନିଜ ସୋସିଆଲ୍ ନେଟୱର୍କ୍ ପୃଷ୍ଠାରେ ଏହି ବିଷୟରେ ସ୍ପଷ୍ଟିକରଣ ଦେଇ କହିଥିଲେ ଯେ ଶ୍ରୀ ଗାନ୍ଧୀ ଆମିଷ ଖାଇନଥିଲେ, କିନ୍ତୁ ଭିଡ଼ିଓ ରେ ଦେଖାଯାଉଥିବା ତଥ୍ୟକୁ ଅବିଶ୍ୱାସ କରିବାର କୌଣସି କାରଣ ନଥିଲା ।

ମାନସରୋବର ଯାତ୍ରା ସମୟରେ ଶ୍ରୀ ଗାନ୍ଧୀ ନିଜର ଟ୍ୱିଟର

 Magazine Downloaded from www.aahwaan.com

ଏକାଉଣ୍ଟରେ କିଛି ଫଟୋ ପୋଷ୍ଟ କରିଥିଲେ ଏହାକୁ ନେଇ ମଧ୍ୟ ବିବାଦ ଦେଖାଯାଇଥିଲା । ପ୍ରଥମତଃ ମାନସରୋବର ଅତି ଉଚ୍ଚ ସ୍ଥାନରେ ରହୁଥିବା ହେତୁ ସେଠାରେ ମୋବାଇଲ୍ ସଂଯୋଗ ସମ୍ଭବ ନଥିବା ସମୟରେ ସେ ଫଟୋ କେମିତି ପ୍ରେରଣ କଲେ ତାହା ଆଚମ୍ବିତ କରିଥିଲା । ପରେ ସାମାଜିକ ଗଣମାଧ୍ୟମ ସେ ଦେଇଥିବା ସମସ୍ତ ଛବି ଗୁଗୁଲରୁ ଖୋଜି ବାହାର କରିବାରେ ସକ୍ଷମ ହେବାପରେ ସମାଲୋଚନାର ଶୀକାର ହୋଇଥିଲେ । ସେ ଯା ହେଉ, ମାନସରୋବର ହିନ୍ଦୁ ମାନ୍ୟତାରେ ଶୀର୍ଷତମ ସ୍ଥାନ ଗ୍ରହଣ କରେ । ୧୯୬୨ ମସିହାରେ ଚୀନ ସହ ଯୁଦ୍ଧ ସମୟରେ ଭାରତର ଅଧୀକୃତ ଏହି ଅଞ୍ଚଳକୁ ଚୀନକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଚୀନକୁ ଦେଇ ଦେଇଥିଲେ । ଏବେ ସେଠାକୁ ଯିବାକୁ ହେଲେ ଚୀନର ଭିସା ଆବେଦନ କରିବାକୁ ପଡୁଛି ବୋଲି ଜଣାଯାଇଛି ।

## କେରଳରେ ନନ୍‌ଙ୍କ ସହ ବ୍ୟାଭୀଚାର

ଚଳିତ ସପ୍ତାହର ସବୁଠାରୁ ଚର୍ଚ୍ଚିତ ଖବର ମଧ୍ୟରେ ରହିଛି କେରଳରେ ଜନୈକା ଖ୍ରୀଷ୍ଟିୟାନ୍ ସେବିକା ବା ନନ୍‌ଙ୍କ ଧର୍ଷଣର ଖବର । ଘଟଣାରେ ସଂପୃକ୍ତ ନନ୍‌ଙ୍କ ହିସାବରେ ଅଭିଯୁକ୍ତ ବିଶପ୍ ତାଙ୍କୁ ଅନ୍ୟୁନ ତେର ଥର ଧର୍ଷଣ କରିଛନ୍ତି । ସେ ଏହି ଅନ୍ୟାୟକୁ ଆଉ ସହ୍ୟ ନ କରିପାରି ପୋଲିସରେ ମାମଲା ରୁଜୁ କରିଛନ୍ତି ।

ଏହି ଘଟଣା ପ୍ରଘଟ ହେବାପରେ କେରଳର ଜନୈକ ବିଧାୟକ ହାସ୍ୟାସ୍ପଦ ବକ୍ତବ୍ୟ ଦେଇ କହିଥିଲେ ଯେ ସଂପୃକ୍ତ ନନ୍ ଜଣଙ୍କ ଜଣେ

 Magazine Downloaded from www.aahwaan.com

ବେଶ୍ୟା ହୋଇ ପାରନ୍ତି । ଇଚ୍ଛା ବିରୁଦ୍ଧରେ ଯୌନ ସଂଭୋଗର ଅଧିକାର କାହାର ବି ନାହିଁ ବୋଲି ସେ ବୋଧହୁଏ ଭୁଲିଯାଇଥିଲେ । ପରେ ଗୋଟିଏ ଗଣମାଧ୍ୟମ ତାଙ୍କୁ ଏହି ବାବଦରେ ପ୍ରଶ୍ନୋତ୍ତର କରିବା ପରେ ସେ ନିଜ ବକ୍ତବ୍ୟରୁ ଓହରି ଯାଇଥିଲେ ।

ଚର୍ଚ୍ଚ ତରଫରୁ ଏହି ସମସ୍ତ ଅଭିଯୋଗ ମିଥ୍ୟା ବୋଲି ଜଣାଇ ଏକ ପ୍ରେସ୍ ନୋଟ୍ ଜାରୀ କରାଯାଇଥିଲା, ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଯଦି ସଂପୃକ୍ତ ବିଶପ୍ ମହିଳାଙ୍କୁ ଅସଦାଚରଣ କରିଥିଲେ ତା ହେଲେ ସେ ଏତେ ଦିନ ଚୁପ୍ ରହିଥିଲେ କାହିଁକି ? କାହିଁକି ସେ ବିଶପଙ୍କ ସହ ମିଶି ଅନେକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ? କାହିଁକି ସେ ନିଜ ଘରେ ଆୟୋଜିତ ଅନେକ କାର୍ଯ୍ୟକ୍ରମକୁ ବିଶପଙ୍କୁ ନିମନ୍ତ୍ରିତ କରି ନେଉଥିଲେ । ଏଥିରେ କୌଣସି ସତ୍ୟତା ନାହିଁ ବୋଲି ସେମାନେ ସଂପୂର୍ଣ୍ଣ ଅଭିଯୋଗ କପୋଳକଳ୍ପିତ ଏବଂ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଦର୍ଶାଇ ଥିଲେ ।

କିନ୍ତୁ କେରଳ ପୋଲିସରେ ଦାୟର ହୋଇଥିବା ମାମଲାର ଚାର୍ଜସିଟ୍ ବାହାରକୁ ଆସିବାପରେ ଏହା ଏକ ଧର୍ଷଣର ମାମଲା ବୋଲି ଘୋଷଣା ହୋଇଯିବା ପରେ ଜନୈକ ବିଧାୟକ ତଥା ଚର୍ଚ୍ଚ ଅନୁଧାବକ କହିଥିଲେ ଯେ ସଂପୃକ୍ତ ବିଶପ୍ ମହିଳାଙ୍କ ସହ ଯୌନ ସଂଭୋଗ କରିନଥିଲେ ବରଂ ସେ ମହିଳାଙ୍କୁ ଭଗବତ୍ ପ୍ରାପ୍ତି କରାଇଥିଲେ ।

ସେ ଯାହା ବି ହେଉ କିନ୍ତୁ ଗୋଟିଏ କଥା ବୁଝା ପଡ଼ିଲା ନାହିଁ, ଜଣେ ମହିଳା ନିଜପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ବିଷୟରେ ମାମଲା

 Magazine Downloaded from www.aahwaan.com

ପୋଲିସରେ ଦେବାପରେ ମଧ୍ୟ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉନାହିଁ କାହିଁକି ? ପୋଲିସ ତଦନ୍ତରେ ସେ ହସ୍ତକ୍ଷେପ କରୁଥିବା ଅଭିଯୋଗ ମଧ୍ୟ ହୋଇପାରେ । ନିୟମ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତୁରନ୍ତ ସେମାନଙ୍କୁ କୋର୍ଟ୍ କୁ ଚାଲାଣ କରାଯିବ କଥା । ଉଭୟ ପକ୍ଷଙ୍କର ମେଡ଼ିକାଲ ଯାଞ୍ଚ କରାଯିବା କଥା, ଏହି ମାମଲାରେ ଏ ସବୁ ହୋଇନାହିଁ କାହିଁକି ? ବିଜେପି ନେତା ସୁବ୍ରମଣ୍ୟମ୍ ସ୍ୱାମୀ ଏହି ବିଷୟକୁ ନେଇ ଟ୍ୱିଟ୍ କରି କହିଥିଲେ ଯେ ଯଦି ଜଣେ ହିନ୍ଦୁ ପଦାଧିକାରୀ ଏହି ସ୍ଥାନରେ ଥାଆନ୍ତେ ତା ହେଲେ ବିନା ତଦନ୍ତରେ ତାଙ୍କୁ ଗିରଫ କରାଯାଇ ଦୋଷୀ ବୋଲି ସାବ୍ୟସ୍ତ କରିବାକୁ ସମସ୍ତେ ଆଗଭର ହୋଇ ପଡ଼ନ୍ତେ । ବାସ୍ତବିକ ବର୍ତ୍ତମାନର ପ୍ରକରଣରେ ଏହା ସତ୍ୟ ମନେ ହେଉଛି । ସୂଚନାଯୋଗ୍ୟ ଯେ ଏହି ସମ୍ପୂର୍ଣ୍ଣ ମାମଲାର ଅଭିଯୁକ୍ତ ଜଳନ୍ଧର ବିଶପ୍ ଫ୍ରାଙ୍କୋ ମୁଲକ୍କଲଙ୍କୁ ଗିରଫ କରାଯାଇନାହିଁ ଏବଂ ତାଙ୍କୁ ୧୯ ତାରିଖ ଦିନ ପୋଲିସ ନିକଟରେ ହାଜର ହୋଇ ନିଜ ପକ୍ଷ ରଖିବାକୁ କୁହାଯାଇଛି ।

କେରଳ ସରକାର ଏହି ମାମଲାର ନ୍ୟାୟିକ ଯାଞ୍ଚ କରାଯାଇ ଦୋଷୀକୁ ଦଣ୍ଡ ବିଧାନ କରିବା ସପକ୍ଷରେ କହୁଥିବା ବେଳେ ମହିଳା କଂଗ୍ରେସ, ବିଜେପି ଏବଂ ଅନେକ ରାଜନୈତିକ ଦଳ ଧାରଣା ଦେଉଥିବା ନନ୍ ମାନଙ୍କ ସପକ୍ଷରେ ଆସିଛନ୍ତି । ଦୁର୍ଭାଗ୍ୟର ବିଷୟ କେରଳ କ୍ୟାଥୋଲିକ୍ ବିଶପ୍ କାଉନ୍ସିଲ୍ ଏହି ଧର୍ମଘଟକୁ ଅଗ୍ରାହ୍ୟ କରିଦେଇ ଏହା ସେମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି କହିଛନ୍ତି । ଧାରଣାରେ

 Magazine Downloaded from www.aahwaan.com

ବସିଥିବା ନନ୍ ମାନଙ୍କୁ ଏଥିରୁ ନିବୃତ୍ତ ରହିବାପାଇଁ ପରୋକ୍ଷରେ ଧମକ ଦେଇଛନ୍ତି ।

## ପେଟ୍ରୋଲ ଦରବୃଦ୍ଧି ପ୍ରତିବାଦରେ ଭାରତବନ୍ଦ

ବିଗତ ଏକ ମାସ ହେଲା ନିରବଚ୍ଛିନ୍ନ ଭାବରେ ପେଟ୍ରୋଲ ଓ ଡିଜେଲର ଦାମ ବୃଦ୍ଧି ପାଇଚାଲିଛି । ଅନ୍ୟୂନ ଛଅ ଟଙ୍କାରୁ ଅଧିକ ବୃଦ୍ଧିପାଇବା ପରେ ଏବେ ଲିଟର ପ୍ରତି ନବେ ଟଙ୍କା ପାଖାପାଖି ଦର ହେଲାଣି । ବର୍ଷ ୨୦୧୯ର ନିର୍ବାଚନ ପୂର୍ବରୁ ବିରୋଧୀମାନଙ୍କୁ ଏହିଭଳି ଏକ ଅବସ୍ଥାର ଅପେକ୍ଷା ଥିଲା, ତେଣୁ କଂଗ୍ରେସର ସଭାପତି ଶ୍ରୀ ରାହୁଳ ଗାନ୍ଧୀ ମାନସରୋବର ଯାତ୍ରା ସାରି ଫେରିବା ପରେ ପରେ ଚଳିତ ମାସର ଦଶ ତାରିଖରେ ଦେଶ ବ୍ୟାପୀ ବନ୍ଦର ଆହ୍ୱାନ ଦିଆଯାଇଥିଲା ।

ଅନେକାଞ୍ଚଳରେ ଏହା ସଫଳ ମଧ୍ୟ ହୋଇଥିଲା । ସ୍ୱାଭାବିକ ଭାବରେ ପେଟ୍ରୋଲିୟମ ଦ୍ରବ୍ୟ ଉପରେ ଦେଶର ଅର୍ଥନୀତି ନିର୍ଭର କରେ । ତେଣୁ ଏହାର ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ କଷ୍ଟ ଦେଉଛି । ଅବଶ୍ୟ ଚିନ୍ତା କରିଲେ ଦେଖାଯିବ ଯେ ଦରବୃଦ୍ଧିର କେତେ ପ୍ରଭାବ ଆମ ପରିବାର ପ୍ରତିପୋଷଣ ଉପରେ ପଡୁଛି ।

ଏହି ଆନ୍ଦୋଳନରେ ଭାରତର ଏକୋଇଶିଟି ବିରୋଧୀ ଦଳ ଏକତ୍ର ହୋଇଥିଲେ । ଯାହା ବର୍ଷ ୨୦୧୯ ପାଇଁ ଏକ ସଙ୍କେତ ବୋଲି ରାଜନୈତିକ ବୁଦ୍ଧିଜୀବି ଗୋଷ୍ଠୀ ସୂଚନା ଦେଇଛନ୍ତି । କିନ୍ତୁ ଏହି ଧାରଣା ଓ ଧର୍ମଘଟର ପ୍ରକୃତ ଦୋଷୀ କିଏ ତାହା ବିଜେପି ନିଜର ଘୋଷଣା ପତ୍ରରେ ଜଣାଇବାକୁ ଚେଷ୍ଟା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ

 Magazine Downloaded from www.aahwaan.com

କଂଗ୍ରେସର ଶାସନ କାଳରେ ପେଟ୍ରୋଲିୟମ ଦ୍ରବ୍ୟର ଦର ୭୦ ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇଥିଲା । ବର୍ଷ ୨୦୧୩-୧୪ରେ ପେଟ୍ରୋଲ୍ ଦର ୮୨ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ସେହି ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂହଙ୍କୁ ପ୍ରଶ୍ନ କରାଯିବା ବେଳେ ସେ କହିଥିଲେ ଯେ "ଟଙ୍କା ଗଛରେ ଫଳେନି । ସେଥିପାଇଁ ପେଟ୍ରୋଲର ଦର ବୃଦ୍ଧିକରିବା ଅନିବାର୍ଯ୍ୟ..." ହେଲେ ଚଳିତ ସଂସ୍କରଣରେ ସେ ଦରବୃଦ୍ଧି ବିରୋଧରେ ଆନ୍ଦୋଳନ କରିବାକୁ କେମିତି ଆଗେଇ ଆସିଲେ ?

ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ବର୍ଷ ୨୦୧୪ପୂର୍ବରୁ ଯେତେ ସବୁ ତୈଳ ବିଦେଶରୁ ଆମଦାନୀ ହୋଇଥିଲା ସେ ସବୁ ବଦଳରେ ସେହି ସବୁ ଦେଶକୁ ତୈଳବଣ୍ଡ ଦିଆଯାଇଥିଲା ଯାହାର ଦେୟ ଏବେ ଚଳିତ ସରକାରଙ୍କୁ ଦେବାକୁ ପଡୁଛି । ୧ ଲକ୍ଷ ୨୦ ହଜାର କୋଟିର ବକେୟା ରାଶି ଏବଂ ସୁଧ ସମେତ ପାଖାପାଖି ୨ ଲକ୍ଷ କୋଟି ଟଙ୍କାର ଦେୟ ସରକାର ପେଟ୍ରୋଲିୟମ ପଦାର୍ଥ ଉପରେ ସରଚାର୍ଜ୍ ଲଗାଇ ହିଁ ଦେଇ ପାରିବେ ବୋଲି ଜଣାଇଛନ୍ତି । ନହେଲେ ଏହି ଋଣ ଦିନକୁ ଦିନ ବୃଦ୍ଧିପାଇବାକୁ ଲାଗିବ । ଆମ ଦେଶକୁ ଆମେ ଋଣମୁକ୍ତ କରିବା ପଦକ୍ଷେପ ପାଇଁ ତୈଳ ଦର ବୃଦ୍ଧି ଅନିବାର୍ଯ୍ୟ ବୋଲି ଜଣାଇଛନ୍ତି ।

ଦଶ ତାରିଖର ଆନ୍ଦୋଳନ ସତ୍ତ୍ୱେ ତୈଳଦର ଅପରିବର୍ତ୍ତିତ ରହିବା ସହ ବୃଦ୍ଧି ଜାରୀ ରହିଛି । ତେଣୁ ଏହି ଆନ୍ଦୋଳନର ସରକାରଙ୍କ ଉପରେ କୌଣସି ପ୍ରଭାବ ପଡ଼ିନାହିଁ ବୋଲି କହିହେବ । ବିଗତ ବର୍ଷମାନଙ୍କରେ ବିରୋଧିମାନେ ଅନେକ ଖାଉଟି ଦ୍ରବ୍ୟର ଦରବୃଦ୍ଧି ସମୟରେ ସରକାରଙ୍କୁ

 Magazine Downloaded from www.aahwaan.com

ଘେରାଉ କରୁଥିବା ବେଳେ ଚଳିତ ସରକାରରେ ସେମିତି କୌଣସି ସୁଯୋଗ ସେମାନଙ୍କୁ ନ ମିଳୁଥିବାରୁ ସେମାନେ ପେଟ୍ରୋଲ୍ କଥା କହି ସାଧାରଣ ଜନତାଙ୍କୁ ଭୁଆଁ ବୁଲାଉଥିବା କୁହାଯାଉଛି ।

## ଦେଶସାରା ଗଣେଶ ଉତ୍ସବର ଧୁମ୍

ଆଜି ପବିତ୍ର ଗଣେଶ ଚତୁର୍ଥୀ । ବିଭିନ୍ନ ଦେବାଳୟଠାରୁ ଆରମ୍ଭ କରି ଶିକ୍ଷାୟତନ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଗଣପତିଙ୍କୁ ସ୍ଥାପିତ କରି ପୂଜା କରିବାର ଦିନ । ବିଶେଷକରି ବିଦ୍ୟାଳୟ ମାନଙ୍କରେ ଏହି ଦିନକୁ ଅତି ଆଡ଼ମ୍ବରରେ ପାଳନ କରାଯାଏ । ବିଭିନ୍ନ ଗ୍ରାମ ଓ ସହର ମାନଙ୍କରେ ମଧ୍ୟ ଲୋକମାନେ ସାମୁହିକ ଭାବରେ ଗଣେଶପୂଜା ପାଳନ କରିଥାନ୍ତି ।

ଭାରତରେ ମହାରାଷ୍ଟ୍ରର ଗଣେଶ ପୂଜା ଅନ୍ତରାଷ୍ଟ୍ରୀୟ ଖ୍ୟାତି ପାଇଛି । ମୁମ୍ବାଇ ମହାନଗରର ପ୍ରତ୍ୟେକ ଗଳିକନ୍ଦିରେ ଗଣପତି ଉତ୍ସବ ପାଳନ ହୁଏ । ଶୁଣାଯାଏ ଶିବାଜୀ ମହାରାଜ ଏହି ଉତ୍ସବ ପାଳନ କରିବାର ଆରମ୍ଭ କରିଥିଲେ । ଜାତିଧର୍ମ ନିର୍ବିଶେଷରେ ପ୍ରତ୍ୟେକ ମୁମ୍ବାଇକର (ମୁମ୍ବାଇ ବାସିନ୍ଦା) ଏହି ଉତ୍ସବକୁ ଧୁମଧାମରେ ପାଳନ କରନ୍ତି । ବିଘ୍ନହର୍ତ୍ତା ଗଣେଶ ସମସ୍ତଙ୍କ ଜୀବନକୁ ସୁଖ ଓ ଆନନ୍ଦମୟ କରନ୍ତୁ ବୋଲି ଆମେ ପ୍ରାର୍ଥନା କରୁଛୁ ।

## ଦେଶ ଛାଡ଼ିବା ପୂର୍ବରୁ ଜେଟଲୀଙ୍କୁ ଦେଖା କରିଥିଲା ବିଜୟ ମାଲ୍ୟା

ଗତ କାଲି ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ବ୍ରିଟେନର ଏକ ଅଦାଲତରେ ହାଜର ହେଉଥିବା ସମୟରେ ଗଣମାଧ୍ୟମକୁ ବୟାନ ଦେଇଥିଲା ଯେ ସେ ଭାରତ ତ୍ୟାଗ

 Magazine Downloaded from www.aahwaan.com

କରିବାପୂର୍ବରୁ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲା । ଏହାପରେ ବିରୋଧୀ ଦଳ ଅରୁଣ ଜେଟଲୀଙ୍କ ବିରୋଧରେ ଅଘୋଷିତ ଆକ୍ରମଣ କରିଦେଇଛନ୍ତି । ବିରୋଧୀ କଂଗ୍ରେସ କହିଛି ଯେ ଅରୁଣ ଜେଟଲୀ ନିଜ ପଦବୀରୁ ଇସ୍ତଫା ଦେବା ଉଚିତ ।

ଅପରପକ୍ଷରେ ଶ୍ରୀ ଜେଟଲୀ କହିଛନ୍ତି ଯେ ମାଲ୍ୟା ପଳାତକ ହେବା ପୂର୍ବରୁ ରାଜ୍ୟସଭା ସଦସ୍ୟ ଥିଲେ ଏବଂ ସେଥିପାଇଁ ସେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ କିନ୍ତୁ ସେ ଫେରାର ହେବା ବିଷୟରେ କୌଣସି କଥା କହିନଥିଲେ । ଏବେ ଏହାକୁ ନେଇ ରାଜନୀତି ଗରମ ହେବାକୁ ଲାଗିଛି ।

ବିଜେପି ଏହାକୁ ନେଇ ନିଜ ମତ ରଖିଛି ଯେ ୨୦୧୧-୧୨ରେ ତତ୍କାଳୀନ ଶାସକ କଂଗ୍ରେସ ବିଜୟ ମାଲ୍ୟାକୁ ଅହେତୁକ ଅନୁକମ୍ପା ଦେଖାଇ ହଜାର ହଜାର କୋଟିର ଋଣ କରାଇଥିଲେ । ଯାହା ସର୍ବଜନବିଦିତ । ବର୍ତ୍ତମାନ ନିଜ ମୁଣ୍ଡରୁ ଅଠା ଛଡ଼ାଇବା ପାଇଁ ବିଜେପିକୁ ଦୋଷ ମୁଣ୍ଡାଇବାକୁ ବାଧ୍ୟ କରୁଛନ୍ତି ।

## ଚୀନରେ ଅଭିଯୁକ୍ତର ଅଘୋଷିତ ଆକ୍ରମଣରେ ନଅ ମୃତ

ଗତକାଲି ସନ୍ଧ୍ୟାରେ ଚୀନର ହୁନାନ୍ ରାଜ୍ୟର ହେଙ୍ଗଡଂ ନଦୀ ପାର୍ଶ୍ୱରେ ଜମା ହୋଇଥିବା ଭିଡ଼ ଭିତରକୁ ନିଜ କାରକୁ ନେଇ ଅନେକ ବ୍ୟକ୍ତିଙ୍କ ଉପରେ ଗାଡ଼ି ଚଳାଇବା ପରେ ଜଣେ ବ୍ୟକ୍ତି ଗାଡ଼ିରୁ ଓହ୍ଲାଇ ଧାରୁଆ ଛୁରୀରେ ଅନେକ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଘଟଣାରେ ଅନ୍ୟୂନ

 Magazine Downloaded from www.aahwaan.com

ନଅ ଜଣ ପ୍ରାଣ ହରାଇଥିବା ବେଳେ ଛୟାଳିଶି ଜଣ ଆହତ ହୋଇଛନ୍ତି । ଏହି ଘଟଣା ଆତଙ୍କବାଦୀ ଆକ୍ରମଣ ଭଳି ହୋଇଥିବା ଅନେକ ପ୍ରତ୍ୟକ୍ଷଦର୍ଶୀ କହିଥିବା ବେଳେ ଏହା ଜନୈକ ୫୪ ବର୍ଷ ବୟସ୍କ ୟାଁ ଜାନୟୁଁ ଘଟାଇଥିବା ଜଣାଯାଇଛି । ସେ ପୂର୍ବରୁ ଅନେକ ଅପରାଧ ମାମଲାରେ ବାରମ୍ବାର ଜେଲ ଦଣ୍ଡ ଭୋଗିଥିବା କଥା ପୋଲିସ ପକ୍ଷରୁ କୁହାଯାଉଛି ।

ସେହି ସ୍ଥାନରେ ଥିବା ଏକ ରେସ୍ତୋରାଁର ମାଲିକଙ୍କ କହିବା ଅନୁଯାୟୀ ଗତ ସଂଧ୍ୟାରେ ରାତ୍ରୀଭୋଜନ ସମୟରେ ଏକତ୍ରିତ ହୋଇ ନାଚଗୀତରେ ମସଗୁଲ ଥିବା ଭିଡ଼ ଭିତରକୁ ଏକ ଲାଲ ରଙ୍ଗର ଲାଣ୍ଡରୋଭର ଗାଡ଼ି ତୀବ୍ର ବେଗରେ ଧସେଇ ଆସିଥିଲା । ଏହାର ବେଗ ଏତେ ତୀବ୍ରଥିଲା ଯେ ଲୋକମାନେ ଘୁଞ୍ଚିବାପାଇଁ ସମୟ ପାଇଲେ ନାହିଁ ଏବଂ ବିଶେଷତଃ ବୟସ୍କ ବ୍ୟକ୍ତିମାନେ ଏହି ଗାଡ଼ି ତଳେ ପଡ଼ି ଯାଇଥିଲେ । ପରେ ଗାଡ଼ି ଅଟକିବା ପରେ ଚାଳକ ୟାଁ ଗାଡ଼ିରୁ ଓହ୍ଲାଇ ଏକ ଧାରୁଆ ଛୁରୀରେ ଉପସ୍ଥିତ ଲୋକମାନଙ୍କ ଉପରେ ଆକ୍ରମଣ କରି ଚାଲିଥିଲା ।

ଅତୀତରେ ଚୀନରେ ଅନେକ ଆତଙ୍କବାଦୀ ଆକ୍ରମଣ ଏହି ଧରଣରେ ହୋଇଥିବା ହେତୁ ପ୍ରଥମେ ପ୍ରଥମେ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି ଭାବିଥିଲେ ।

## ଧାରା ୩୭୭ ବର୍ତ୍ତମାନ ଅବଲୁପ୍ତ

ସ୍ୱାଧୀନତା ପରେ ଅନେକ ବର୍ଷଧରି ଅନେକ ସଂଗଠନ ସମଲିଙ୍ଗୀ ଯୌନ ସଂପର୍କକୁ ଅପରାଧ ବିବେଚନା କରୁଥିବା ଭାରତୀୟ ପିଙ୍ଗଳ

 Magazine Downloaded from www.aahwaan.com

କୋର୍ଟର ଧାରା ୩୭୭କୁ ହଟାଇବାକୁ ଦାବୀ କରି ଆସୁଥିଲେ । ଭାରତୀୟ ରକ୍ଷଣଶୀଳ ସମାଜରେ ଏହାକୁ ନେଇ ଅନେକ ପ୍ରକାରର ଧାରଣା ରହିଥିବା ହେତୁ ଏହା ସପକ୍ଷରେ ବା ବିପକ୍ଷରେ ମତ ଦେବାକୁ ଅନେକ ସମୟରେ ଅଦାଲତମାନେ ଦୂରତା ବଜାୟ ରଖିଥିଲେ ।

ସମଲୌଙ୍ଗିକ ଯୌନ ସଂଭୋଗକୁ ମାନସିକ ରୋଗ ବୋଲି ଅନେକ ହିନ୍ଦୁବାଦୀ ବ୍ୟକ୍ତି ତଥା ଗୁରୁମାନେ ଘୋଷଣା କରିଛନ୍ତି । ସେମାନଙ୍କ ମତରେ ଏହା ଏକ ବ୍ୟଧି । ତେଣୁ ଏହିପରି ବ୍ୟକ୍ତିଙ୍କ ଚିକିତ୍ସା କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି । ତେଣୁ ସମଲିଙ୍ଗୀ ବ୍ୟକ୍ତିଙ୍କ ସମାଜରେ ସ୍ଥାନ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁମାନେ ବି ଏହିଭଳି ଜୀବନଯାପନର ସ୍ୱପ୍ନ ଦେଖୁଥିଲେ ସେମାନେ ଭୟରେ ହିଁ କାଳାତିପାତ କରୁଥିଲେ ।

ବିଗତ ସପ୍ତାହରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ସ୍ୱାଧୀନତା ପୁର୍ବରୁ ଥିବା ଏହି ଆଇନକୁ ବରଖାସ୍ତ କରିବା ଦ୍ୱାରା ଦୁଇଜଣ ବୟସ୍କ ବ୍ୟକ୍ତିଙ୍କ ଭିତରେ ହେଉଥିବା ଇଚ୍ଛାପୂର୍ବକ ଯୌନ ସଂପର୍କକୁ ଅପରାଧ ଶ୍ରେଣୀରୁ ବାହାର କରିଦିଆଯାଇଛି । ଏହା ଫଳରେ କିନ୍ତୁ ସମାଜରେ ଅନେକ ହାନି ଘଟିବ ବୋଲି କିଛି ସମାଜବାଦୀ ମତ ଦେଇଥାନ୍ତି ।

ଏହି ଘୋଷଣା ପରେ ଏହାକୁ ନେଇ ଅନେକ ବ୍ୟଙ୍ଗାତ୍ମକ ପ୍ରକରଣ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି । ଆମ ସମାଜ ଯେ ଏହି ପ୍ରକାରର ସଂପର୍କକୁ କେବେ ମାନ୍ୟତା ଦେବ ନାହିଁ, ତାହା ଏଥିରୁ

 Magazine Downloaded from www.aahwaan.com

ଜଣାପଡୁଛି । ବିଶ୍ୱର ଅନେକ ଦେଶରେ ସମଲିଙ୍ଗୀ ବିବାହକୁ ମାନ୍ୟତା ମିଳି ସାରିଛି, ଏବଂ ଅତୀତରେ ଭାରତରେ ମଧ୍ୟ ଏହି ଧରଣର ଘଟଣାମାନ ପ୍ରକଟ ହୋଇ ସାମାଜିକ ଆଲୋଡନ ସୃଷ୍ଟି କରିଛି । ସେ ଯାହେଉ ଏହି ନିୟମର ପରିବର୍ତ୍ତନ ହେତୁ ସାମାଜିକ ଭାବରେ ବାସନ୍ଦ ମନେ କରୁଥିବା ଏକ ବିଶାଳ ଗୋଷ୍ଠୀ ଏବେ ଶାନ୍ତିରେ ଶ୍ୱାସ ନେଇ ପାରୁଥିବେ ବୋଲି ଆମେ ଆଶା କରୁଛୁ ।

## ୨୦୧୯ରେ ବିଜେପି ସର୍ବାଧିକ ସଂଖ୍ୟାପାଇ ବିଜେତା ହେବ: ଶାହ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହ, ନୂଆ ଦିଲ୍ଲୀଠାରେ ଆୟୋଜିତ ରାଷ୍ଟ୍ରୀୟ କର୍ମୀ ସମ୍ମିଳନୀରେ ଦୃଢ଼ତାର ସହ କହିଛନ୍ତି ଯେ ବିଜେପି ବିଗତ ଲୋକସଭା ନିର୍ବାଚନଠାରୁ ଅଧିକ ସଂଖ୍ୟାରେ ୨୦୧୯ରେ ବିଜେତା ହେବ ।

ଏହି ଦୃଢ଼ ସଂକଳ୍ପକୁ ନେଇ ସେ ବିଭିନ୍ନ ସ୍ତରରେ କାର୍ଯ୍ୟରତ କର୍ମକର୍ତ୍ତାମାନଙ୍କୁ କର୍ମଶୀଳ ହେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଉ ଏକ ସ୍ଲୋଗାନ୍ ଦେଇଛନ୍ତି, 'ମୋ ବୁଥ୍, ସବୁଠାରୁ ସଶକ୍ତ ବୁଥ୍' । ଏବଂ ସେ ମଧ୍ୟ ବୁଥ ସ୍ତରୀୟ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ତୃଣମୂଳ ସ୍ତରରେ ଲୋକମାନଙ୍କୁ ସରକାରଙ୍କ ଉପଲବ୍ଧି ବିଷୟରେ ସୂଚନା ଦେବେ ଏବଂ ସେମାନଙ୍କୁ ବିଜେପି ଶାସନର ସୁଫଳ ବିଷୟରେ ବୁଝାଇ କହିବେ ।

ସୂଚନାଯୋଗ୍ୟ ଯେ ବିଜେପି ଦ୍ୱାରା ବିଗତ ଏକବର୍ଷରେ ଦଶ ଲକ୍ଷରୁ ଅଧିକ କର୍ମକର୍ତ୍ତାଙ୍କୁ ବିଶେଷ ତାଲିମ ଦିଆଯାଇଛି ଏବଂ ସେମାନେ

 Magazine Downloaded from www.aahwaan.com

ସବୁଠାରୁ ନିମ୍ନସ୍ତରରେ ରହି ଭୋଟରମାନଙ୍କୁ ଶିକ୍ଷିତ କରାଇବା ସହ ବିଜେପି ପାଇଁ ସମର୍ଥନ ମାଗିବେ ।

ଆସନ୍ତା କାଲି ନୁଆଖାଇ । ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଗଣପର୍ବ । ଏହି ପର୍ବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।

ସେପ୍ଟେମ୍ବର ମାସର ଆହ୍ୱାନ ଆପଣଙ୍କୁ ଭେଟି ଦେଉଥିବା ବେଳେ ପୂର୍ବପରି ଆଶା କରୁଛି ଆପଣଙ୍କ ସ୍ନେହ ସଦିଚ୍ଛା ଓ ସାହାଯ୍ୟ ବଜାୟ ରହିବ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ

## ଅପାସୋରା ଅନୁଭୂତି-ପରିବାର ସହ ମିଳନ

ଆଠ ସପ୍ତାହ ବିତିଗଲାଣି । ଏ ଦୁଇ ଭାଇ ଜୀବନର ସବୁଠୁ ସନ୍ଧିସମୟ ଦେଇ ଗତି କରିଛନ୍ତି ଆଉ ବଂଚି ବାହାରି ଆସିଛନ୍ତି । ଏବେ ଏତେ ବିପଦର ଆଶଙ୍କା ଆଉ ନାହିଁ । ଏ ପର୍ଯ୍ୟନ୍ତ ମା' ତାଙ୍କୁ ଲୁଚାଇ ଆସିଛି । ବର୍ତମାନ ପରିବାରର ଅନ୍ୟ ସଦସ୍ୟ ସହିତ ମିଳାମିଶା କରିବା ପାଇଁ ସମୟ ଆସିଛି । ବଡ ହେଲା ପରେ ମା ସିଂହୀ ଛୁଆମାନଙ୍କୁ ନିଜ ଦଳକୁ ନେଇ ଆସେ । ଦଳରେ ଅନ୍ୟମାନେ ସିଂହୀର ଛୁଆକୁ ଲାଳନ ପାଳନ କରନ୍ତି । ସେଠି ଛୁଆମାନେ ସଂପୂର୍ଣ୍ଣ ଭାବରେ ନିରାପଦ ରୁହନ୍ତି ।



ଅଶୋକ ବିଶ୍ୱାଳ

ମା ଆମକୁ ବାହାରକୁ ନିଅ ।- ଦୁଇ ପୁଅ ଏକା ସାଥିରେ କହିଲେ । ଛୁଆ ମାନେ ଏବେ ଭଲ ଭାବେ ଚାଲି ଶିଖିଲେଣି । ମା ପଛରେ ଚାଲିଲେ ଆଉ ଥକୁ ନାହାନ୍ତି । ମା ସହ ତାଳ ମିଳେଇ ପାଦ ପକାଇବାକୁ ଆରମ୍ଭ କଲେଣି । ମା ଅବଶ୍ୟ ଜୋରରେ ଚାଲୁ ନଥିଲା । କିନ୍ତୁ ମା ସେମାନଙ୍କୁ ବାହାରେ ବୁଲିବାକୁ ଅନୁମତି ଦେଇନାହିଁ ।

ସିଂହୀଟିକେ ବାହରକୁ ଅନାଇଲା ।

ଦିନ ଦିନ ଟିକିଏ ଆଗେଇ ଗଲାଣି ।

ସେ ଛୁଆ ମାନଙ୍କୁ ଅନଇଲା ସେମାନେ ତାକୁ ଅନାଇଥିଲେ ।

 Magazine Downloaded from www.aahwaan.com

ଏବେ ଛୁଆମାନେ ଦଳରେ ମିଶି ଯାଇ ପାରିବେ । ଛୁଆ ମାନଙ୍କୁ ମଧ୍ୟ ଖାଇବା ପର୍ଯ୍ୟାପ୍ତ ହେଉନାହିଁ । ସିଂହ ଛୁଆ । ସେମାନେ ଶିକାର ଦେଖିବା ଆଉ ଦଳ ସହ ମିଶି ଶିକାର କରିବ ପ୍ରଣାଳୀ ଯାଣିବା ଦରକାର ।

ସେ ଛୁଆ ଦୁହିଁକୁ ଟିକେ ଚାଟିଲା । ସିଂହୀ ଚାଟିଲେ ଛୁଆ ଦୁହିଁକୁ ସାହାସ ଆସେ । ମାର ସ୍ନେହରେ ଆଶ୍ୱାସନା ଭରି ରହିଥାଏ ।

ମା ସିଧା ହୋଇ ଠିଆ ହୋଇଗଲା । ତାର ଆଗ ଗୋଡକୁ ଲମ୍ବାଇ ଦେଇ ଟିକିଏ ଭିଡିମୋଡି ହେଲା ।

ଛୁଆମାନେ ଏମିତିଆ ଲକ୍ଷଣ ଦେଖି ଖୁସି ହୋଇଗଲେ । ଏମିତିଆ ଭିଡିମୋଡି ହେବମାନେ ସିଂହୀ ଛୁଆମାନଙ୍କୁ ସାଙ୍ଗରେ ଯିବା ପାଇଁ ଡାକୁଛି । ବାହରେ ବୁଲିଲେ ଛୁଆ ମାନଙ୍କୁ ଖୁବ ଖୁସି ଲାଗେ । ସବୁ ନୂଆ ଲାଗେ, ସବୁ ସୁନ୍ଦର ଲାଗେ । ଗଛ, ପତ୍ର ଘାସ ସବୁ କିଛି ଚମକୁ ଥାଏ । ବାହର ପବନ ସେମାନଙ୍କୁ ଖୁବ ଭଲ ଲାଗେ । ଲୁଚି ଲୁଚି ସେମାନଙ୍କୁ କିଛି ଭଲ ଲାଗେନାହିଁ ।

ସିଂହୀକୁ କିଛି ଗନ୍ଧ ମିଳୁଥିଲା । ସେ ଏକ ଲମ୍ବା ନିଃଶ୍ୱସ ନେଲା । ଏ ଗନ୍ଧ ତାର ଦଳର । ନିଜ ଦଳ ପାଖରେ ଥିଲେ । ସିଂହୀ ନିଜ ଛୁଆଙ୍କୁ ଧରି ବାହାରି ଆସିଲା । ଛୁଆମାନେ ଖୁବ ଖୁସିରେ ମା ସହ ଚାଲିବାକୁ ଆରମ୍ଭ କଲେ । ସିଂହୀ ସେଦିନ ଖୁବ ସାଧାରଣ ଭାବେ ଚାଲୁଥିଲା । ଛୁଆ ମାନଙ୍କୁ ଚାଲିବାରେ କିଛି ଅସୁବିଧା ହେଉ ନଥିଲା । କିଛି ସମୟ ଚାଲିଲା ପରେ ସେମାନେ ଏକ ଅପେକ୍ଷାକୃତ ଖୋଲା ଯାଗାରେ ପହଂଚିଲେ । ମଝିରେ ମଝିରେ କିଛି ଗଛ । ଘାସ ସବୁ ବହୁତ ବଡ ନଥିଲା । ଅପେକ୍ଷାକୃତ ଛୋଟ ଘାସ, ସବୁକିଛି ବାରି ହେଉଥିଲା ।

 Magazine Downloaded from www.aahwaan.com

ଛୁଆମାନେ ଏକ ସିଂହର ଦଳକୁ ଦେଖିଲେ । ସେମାନେ ଏତେ ଦିନ ପର୍ଯ୍ୟନ୍ତ ଆଉ କେଉଁ ସିଂହ ଦେଖି ନଥିଲେ । ଦୁନିଆ ସେମାନଙ୍କ ମା ଭିତରେ ସୀମିତ ଥିଲା । ମା ସିଂହୀ ସିଧା ଆସି ଦଳ ଭିତରକୁ ଚାଲିଗଲା । ତା ପଛରେ ଛୁଆମାନେ ଚାଲୁଥାନ୍ତି । ଛୁଆମାନେ କିଛି ବୁଝି ପାରିଲେ ନାହିଁ । ଏତେ ବଡ ବଡ ସିଂହ । ସବୁଆଡେ ଶୋଇ ରହିଛନ୍ତି ।କିଏ ଗୋଡ ଉପରକୁ କରି ଗଡୁଛି ତ କିଏ ନିଜର ଆଗ ଗୋଡ ଆଗକୁ କରି ଦେଇଛି ତ କିଏ ଭୂମିରେ କିଏ ପ୍ରାୟ ମିଶି ରହି ଶୋଇ ରହିଛି । ସମସ୍ତେ ବଡ ବଡ ଆଖିରେ ସିଂହୀ ଆଉ ତା ଛୁଆଙ୍କୁ ଦେଖୁଥିଲେ । କେହି କିଛି ଗର୍ଜ୍ଜନ କରୁନଥିଲେ । ଏ ଛୁଆମାନେ ସିଂହର ଗର୍ଜ୍ଜନ ଦୂରରୁ ଶୁଣିଛନ୍ତି କିନ୍ତୁ ଗର୍ଜ୍ଜନ କରୁଥିବା ସିଂହକୁ ପାଖରୁ ଦେଖି ନାହାନ୍ତି । ମା କେବେ କିନ୍ତୁ ଗର୍ଜ୍ଜନ କରେନା ।

ଏତେ ବଡ ବଡ ଜୀବଙ୍କୁ ଦେଖି ସେମାନେ ଡରି ଯାଉଥିଲେ । ଆଶ୍ଚର୍ଯ୍ୟର କଥା କେଉଁ ସିଂହ ବା ସିଂହୀ ସେମାନଙ୍କୁ ଦୂରକୁ ତଡୁ ନଥିଲା । ଏଠାରେ ଡରିବାର କିଛି କଥା ନଥିଲା । କିନ୍ତୁ ସେମାନଙ୍କୁ କାହା ପାଖକୁ ଯିବାକୁ ସାହାସ ଆସୁ ନଥିଲା । ତେଣୁ କେଉଁ ସିଂହୀ ପାଖକୁ ଯାଉ ନଥିଲେ । ମା ପଛେ ପଛେ ଲାଙ୍ଗୁଡ ଭଳି ଥିଲେ । ମା ଯାଇ ସବୁ ସିଂହୀ ପାଖରେ ଟିକିଏ ଟିକିଏ ଘଷି ହେଲା । ଏମିତି କରି ସେ ନିଜ ଛୁଆଙ୍କୁ ଦଳ ସହ ପରିଚୟ କରାଉଥିଲା । ଏଇଟା ହେଉଛି ସେମାନଙ୍କର ମାର ନିଜ ଦଳ । କିଛି ସମୟ ପରେ ସେମାନେ ଆଉ ଡରିଲେ ନାହିଁ । ଏବେ ଦଳକୁ ଦେଖି ବଡ ଖୁସି ହୋଇଗଲେ । ଦଳରେ ତା ମା ଭଳି ଅନେକ ବଡ ସିଂହୀ ଦଳରେ ଥିଲେ । ସେମାନେ ଏବେ ସିଂହୀମାନଙ୍କ ପାଖ ଦେଇ ଚାଲୁଥିଲେ କିନ୍ତୁ ମା ପାଖ ଛାଡୁ ନଥିଲେ ।

ଏମିତି କିଛି ବେଳ କଟିଗଲା । ସେମାନେ ଆବା କାବା ହୋଇ ଅନେଇ ରହିଲେ ।

 Magazine Downloaded from www.aahwaan.com

ପ୍ରାୟ ମା ପେଟ ତଳକୁ ଚାଲି ଆସୁଥିଲେ । ମା ପାଖରେ ରହିଲେ ସେମାନଙ୍କର ସାହାସ ଫେରିଆସେ ।ବର୍ତମାନ ସେମାନଙ୍କୁ ସବୁ ଜିନିଷ ଖେଳନା ପରି ଲାଗୁ ଥିଲା । ଏତେଦିନ ଧରି ସେମାନେ ଛପି ରହିଥିଲେ । ବାହାର ଦୁନିଆକୁ ଭଲ ଭାବେ ଦେଖି ନଥିଲେ । ଏଣୁ ସେମାନଙ୍କୁ ସବୁ ଜିନିଷ ଭଲ ଲାଗୁଥିଲା ।

ସେମାନେ ସବୁ ସିଂହୀଙ୍କୁ ଶୁଂଘୁ ଥିଲେ ଆଉ ଟିକିଏ ଖେଳୁଥିଲେ । କିଛି ସିଂହୀ ଛୁଆମାନଙ୍କୁ ଶୁଂଘୁଥିଲେ । ଏମାନେ ଏଣେତେଣେ ଚାଲୁଥିଲେ । କିନ୍ତୁ ସିଂହୀମାନେ କିଛି ବିରକ୍ତ ହେଉ ନଥିଲେ । ଦଳରେ ସବୁ ବୟସର ସଦସ୍ୟ ଥିଲେ । ସେମାନେ ଏ ଛୁଆ ମାନଙ୍କୁ ଦେଖି ଖୁସି ହୋଇଯାଇଥିଲେ ।

କେହି କିଛି କରୁନଥିବା ଅର୍ଥ ସେମାନେ ଦଳର ନୂଆ ସଦସ୍ୟ । ଦଳର ସବୁ କାମରେ ସେମାନେ ସାମିଲ ହେବେ । ଦଳ ସେମାନଙ୍କୁ ରକ୍ଷା କରିବ । ଛୁଆମାନଙ୍କୁ ସବୁବେଳେ ଏବେ ଖେଳିବାକୁ ମିଳିଗଲା । ଆଉ ଲୁଚି ଛପି ବୁଲିବାର ଆବଶ୍ୟକତା ନାହିଁ । ସେମାନଙ୍କ ସାହାସ ବଢୁଥିଲା । ସେମାନେ ଟିକେ ଦୌଡା ଦୌଡି ହେଲେ । ମଝିରେ ମଝିରେ ସେମାନେ ସିଂହୀମାନଙ୍କ ଦେହରେ ଘଷି ହୋଇ ଦୋଡୁଥିଲେ । ସିଂହୀମାନେ କିଛି କହୁ ନଥିଲେ ।

ମା ବିନା ସେମାନଙ୍କ ସାହାସ ଫେରି ଅସିଲା । ଆଗରେ ଏକ ବିରାଟ ସିଂହ ପେଟେଇ ପଡିଥିଲା । ଦଳଠାରୁ କେଇ ଖୋଜ ଦୂରରେ । ମା ସେହି ସିଂହ ପାଖକୁ ଯାଇ ଟିକିଏ ଘଷି ହୋଇଥିଲା । କିନ୍ତୁ ଛୁଆମାନେ ସେ ସିଁହ ପାଖକୁ ଯାଇ ନଥିଲେ । ଏବେ କିଏ କିଛି କରୁ ନଥିବାରୁ ମନରୁ ଡର ପ୍ରାୟ ଛାଡି ଯାଇଥିଲା ।

ଦୁଇ ଭାଇ ଆଗକୁ ଅନାଇଲେ । ଏକ ବିଶାଳ ସିଂହ ଅନ୍ୟମାନଙ୍କ ପାଖରୁ ଟିକିଏ ଦୂରରେ ଶୋଇଛି । ସେ ଅନ୍ୟ ମାନଙ୍କ ଠାରୁ ବହୁତ ବଡ । ଗଳାରେ ଲମ୍ବା କେଶର । ସେ

 Magazine Downloaded from www.aahwaan.com

ବଡ ସିଂହ ସାଙ୍ଗେ ଖେଳିବକୁ ଦୁଇ ଭାଇ ଇଛା କରୁଥିଲେ । ସେମାନ ମାକୁ ଅନାଇଲେ । ମା ଅନ୍ୟ ଆଡକୁ ମୁହଁକରି ଶୋଇ ଯାଇଥିଲା ।

ଜୟ ଆଗକୁ ଅନଇଲା । ଟିକିଏ ଦୂରରେ ବିଶାଳ ସିଂହଟିଏ ଶୋଇଥିଲା । ଏପଟେ ଅନେକ ସିଂହୀ ଶୋଇଥିଲେ । ସିଂହର ମୁଣ୍ଡଟା ଅନ୍ୟମାନଙ୍କ ତୁଳନାରେ ଖୁବ ବଡ ଦେଖା ଯାଉଥିଲା । ଜୟକୁ ଖେଳିବାକୁ ଇଛା ହେଲା । ତାକୁ ଖୁବ ଡର ମାଡୁଥିଲା । ଏକ ବିରାଟ ମୁହଁ ଚାରିପାଖେ ଧୁଷରିଆ କେଶର ଘେରି ରଖିଥିଲା । ସିଂହଟା ଆଖି ବନ୍ଦ କରିଥିଲା ।

ଜୟ ସେମିତି ପେଟେଇ ପେଟେଇ ଯାଇ ସିଂହ ପାଖରେ ପହଁଚିଲା । ସିଂହଟା ଟିକିଏ ଆଖି ଖୋଲିଲା । ଛୁଆଟିକୁ ଭଲ ଭାବେ ଦେଖୁଥିଲା । ଜୟ ସିଂହର ଚାରିପାଖେ ଡରି ଡରି ବୁଲିଲା ।ଆଉ ତାକୁ ଶୁଂଘୁଥିଲା । ସିଂହ କିଛି କହିଲା ନାହିଁ । ଛୁଆଟା ତାର ପୁଅ । ତେଣୁ ତାର କିଛି ଅଧିକାର ଅଛି । ଏମିତି ଶୁଂଘିବା ଦ୍ୱାରା ସେ ସିଂହକୁ ଚିହ୍ନୁଥିଲା । ପଶୁ ସମାଜରେ ଚିହ୍ନିବା ପାଇଁ ଗନ୍ଧ ଏକ ଅତି ଆବଶ୍ୟକ ଉପାଦାନ ।

ବଡ ସିଂହ ଟିକେ ବୁଲିଗଲା । ତାର ବଡ ମୁଣ୍ଡ ହଲୁଥିଲା । ସିଂହଟି ଛୁଆକୁ ଟିକେ ଶୁଙ୍ଘିଲା । ତା ପରେ ତାକୁ ଟିକେ ଚାଟିଲା । ଏକ ବିଶାଳ ମୁହଁ ବଡ ବଡ କେଶର, ଛୁଆଟି ଡରି ଯାଇ ସ୍ତବ୍ଧ ହୋଇ ଠିଆ ହେଲା । କିନ୍ତୁ ସିଂହ କିଛି କଲା ନାହିଁ । ଛୁଆମାନେ ବୁଝି ପାରିଲେ ବର୍ତ୍ତମାନ କେଉଁଆଡୁ ବିପଦ ନାହିଁ । ଛୁଆ ସିଂହ ଜୟ ଶୋଇଥିବା ବିରାଟ ସିଂହ ଉପରେ ଡେଇଁ ପଡିଲା ଆଉ ସେଠି ଖେଳିବାକୁ ଲାଗିଲା । ସେମାନେ ଜଣେ ଜଣଙ୍କୁ ଚିହ୍ନୁଥିଲେ । ସିଂହଟି ଗଡିଗଲା ଛୁଆଟି ପୁଣି ସେମିତି ଖେଳୁଥାଏ । ତାର ଥାବା, ମୁହଁ ସବୁ ଖେଳିବାରେ ବ୍ୟବହାର କରୁଥାଏ ।

ଅନ୍ୟ ଛୁଆ ବିଜୟ ସିଂହର କେଶର ଦେଖି ବଡ ଆମୋଦିତ ହୋଇଗଲା । ମାର

 Magazine Downloaded from www.aahwaan.com

ଏମିତି କିଛି କେଶର ନାହିଁ । ଏ ସିଂହର ବିଶାଳ କେଶର । ଏମିତିଆ ଲମ୍ବା ବାଳ ଦେଖି ତାକୁ ମଜା ଲଗୁଥିଲା । ସେ କେଶରକୁ ଧରି ଟାଣିବାକୁ ଚେଷ୍ଟା କଲା । ଅନ୍ୟ କେଶର ତା ଆଖିକୁ ଘୋଡାଇ ଦେଉଥିଲା । ତାକୁ କୁତୁ କୁତୁ ଲାଗୁଥିଲା । ଏ ଛୁଆର ଏମିତି କାଣ୍ଡ କାରଖାନା ଦେଖି ଆର ଛୁଆର ସାହାସ ଆସିଲା । ଏମିତିଆ କିଛି ଲମ୍ବା ବାଳ ମୁହଁ ପାଖରେ ବଢିଛି । ସେ ଛୁଆଟି ଛୁଆଟି ସିଂହର ମୁଚ୍ଛ ଧରି ଟାଣିବାକୁ ଚେଷ୍ଟା ଗଲା । ସିଂହ ଟିକେ ବିରକ୍ତ ହେଲା । ଛୁଆଗୁଡା ବ୍ୟସ୍ତ କରୁଛନ୍ତି । ଯେତିକି ଖେଳିବାର କଥା ତାଠାରୁ ଅଧିକ ବ୍ୟସ୍ତ କରୁଛନ୍ତି । ସାମାନ୍ୟ ଗର୍ଜନ ।

ମା ଦେଖିଲା ଯେ ଛୁଆ ଯାଇ ବଡ ସିଂହର ନିଶ ଟାଣୁଛି । ମା କୁ ଡର ଲାଗିଲା । ସେ ଜଣେ ସିଂହ କେତେ ଶକ୍ତିଶାଳୀ ଆଉ ଭୟଙ୍କର । ଏ ଛୁଆଗୁଡାକ କିଛି ବୁଝୁ ନାହାନ୍ତି । ସେମାନଙ୍କୁ ତାଗିଦ କରିବା ଦରକାର । ଆଉ ସିଂହ ସହିତ ଦୁଷ୍ଟାମୀ କରିବା ଉଚିତ୍ ନୁହେଁ । ନିଦରେ ଶୋଇଥିବା ସମୟରେ ସିଂହ ଥାବା ଜୋରରେ ବୁଲାଇଦେଲେ ଛୁଆ ମରିଯିବ । ମା ସାମାନ୍ୟ ଗର୍ଜ୍ଜନ କଲା । ଛୁଆମାନେ ମା ଠାରୁ ବିପଦ ଆଉ ଅନ୍ୟ ସତର୍କ ଶବ୍ଦମାନ ଭଲ ଭାବେ ଶିଖି ଗଲେଣି । ଏ ଶବ୍ଦର ଅର୍ଥ ହେଉଛି ମା ପାଖକୁ ସାଙ୍ଗେ ସାଙ୍ଗେ ଫେରିଯିବା । ସେମାନେ ଫେରିଗଲେ ।

ଶୋଇବା ସିଂହ ସହ ବେଶୀ ଖେଳିବ ନାହିଁ ।- ମାର ପ୍ରଥମ ତାଗିଦ ।

ସିଂହକୁ ବ୍ୟସ୍ତ କରିବ ନାହିଁ । ସିଂହକୁ ବେଶୀ ସମୟ ଖେଳିବାକୁ ଭଲ ଲାଗେନା । ତେଣୁ କିଛି ସମୟ ଖେଳି ସେଇଠୁ ବାହାରି ଆସିବ ।

ସିଂହ ଟିକିଏ ବିରକ୍ତିର ଶବ୍ଦ କଲେ ତା ପାଖରୁ ଚାଲି ଆସିବ । ଏମିତି ଶବ୍ଦର ଅର୍ଥ ହେଉଛି ତୁମେମାନେ ସିଂହକୁ ବ୍ୟସ୍ତ ବିବ୍ରତ କରୁଛ । ସିଂହ ରାଗୀଗଲେ କିଛି ଦୟା ମାୟା

 Magazine Downloaded from www.aahwaan.com

ରଖିବ ନାହିଁ, ସେ ଖାଲି କାମୁଡିବ ନାହିଁ ସାଙ୍ଗେ ସାଙ୍ଗେ ମାରିଦେବ । ଏଣୁ ସିଂହ ପାଖରେ ସାବଧାନ ରହିବ ।

ମାର ତାଗିଦ ପରେ ଆଉ ଦୁଇଭାଇ ସିଂହ ସହ ଖେଳିଲେ ନାହିଁ । ମା' ପାଖରେ ଲାଗି ହୋଇ ଶୋଇଗଲେ । ତା'ପରେ ମା'ଠୁ ଦୁଧ ଖାଇବା ଆରମ୍ଭ କଲେ ।

ମା ଦଳକୁ ଛୁଆ ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛୁଆ ମାନଙ୍କର ସୁରକ୍ଷା । ଦଳରେ ସିଂହୀମାନେ ଛୁଆମାନଙ୍କୁ ଏକାଠି ହୋଇ ରକ୍ଷା କରନ୍ତି ଆଉ ଲାଳନ ପାଳନ କରନ୍ତି । ଏକାଠି ହୋଇ ଶିଶୁ ବଢାଉଥିବାରୁ ଛୁଆ ମାନଙ୍କର ବଂଚିବାର ସମ୍ଭାବନା ଅନେକ ବଢିଯାଏ । ଶିକାର ସମୟରେ ଗୋଟିଏ ମା ବା ମାଉସୀ ସିଂହୀ ଛୁଆମାନଙ୍କୁ ଜଗିରହେ ଅନ୍ୟମାନେ ଶିକାର କରିବାକୁ ଚାଲିଯାନ୍ତି । ଗୋଟିଏ ସିଂହୀର ଛୁଆ ଆଉ ଗୋଟିଏ ସିଂହୀଠାରୁ ଦୁଗ୍ଧପାନ କରିପାରେ । ପ୍ରଥମେ ସପ୍ତାହ ପର୍ଯ୍ୟନ୍ତ ସିଂହ ଛୁଆମାନେ ମା'ର ଦୁଗ୍ଧ ପାନ କରନ୍ତି, ତା ପରେ ପାଖା ପାଖି ୩ ମାସ ଆଡକୁ ସେମାନେ ମାଂସ ଖାଇବା ଆରମ୍ଭ କରନ୍ତି । ଶିକାରରେ ଛୁଆମାନେ ସାଧାରଣତଃ ଶେଷରେ ଭାଗ ପାଆନ୍ତି । ସିଂହ ମାନେ ନିଜର ଶିକାରରୁ କାହାକୁ ଭାଗ ଦିଅନ୍ତି ନାହିଁ । କିନ୍ତୁ ଛୁଆମାନେ ସିଂହମାନଙ୍କ ପାଖକୁ ଆସିଲେ ସିଂହମାନେ ହଠାତ୍ ଛୁଆମାନଙ୍କୁ ତଡନ୍ତି ନାହିଁ ।ଖାଇବା ସମୟରେ ସିଂହମାନେ କେବେବି ସିଂହୀମାନଙ୍କୁ ମଧ୍ୟ ପାଖରେ ପଶିବାକୁ ଦିଅନ୍ତି ନାହିଁ ।

ସେମାନେ ଅନେକ ସମୟ ଦୁଧ ପିଇ ଚାଲିଲେ । ଏଣେ ସିଂହଟି ଉଠି ପଡିଲାଣି । ତାର ଆଖି ଏହି ଦୁଇ ଛୁଆ ଉପରେ ଲାଗି ରହିଥିଲା । ସେ ସେମାନଙ୍କ ପାଖକୁ ଆସୁଥିଲା । ତାର ଚାଲିରେ ଖେଳିବା ପାଇଁ ଯେମିତି ଆହ୍ୱାନ ଥିଲା । ଭାଇ ଦୁହେଁ ଦୁଧ ଚୋସୁ ଚୋସୁ ମୁଖ୍ୟ ସିଂହକୁ ଦେଖୁଥିଲେ । ପିତା ମୁଖ୍ୟ ସିଂହ ଦଳର ଏକଦମ ପାଖରେ ଶୁଏ ନାହିଁ । ଟିକିଏ

 Magazine Downloaded from www.aahwaan.com

ଦୂରରେ ବିଶ୍ରାମ କରେ । ଅନ୍ୟ ସମୟରେ ନିଜ ସ୍ଥାନର ପରିଧି କରିବାକୁ ଚାଲିଯାଏ ।

ମୁଖ୍ୟ ସିଂହ ଏମିତି ଉଠି ଦେଖୁଥିବାରୁ ଜୟ ମନରେ ସାହାସ ଆସିଲା । କିଛି ସମୟ ପୂର୍ବରୁ ମା ତାକୁ ତାଗିଦ କରିଥିବା ଶବ୍ଦମାନ ତାର ଆଉ ମନେ ପଡିଲା ନାହିଁ । କିଏ ଠିଆ ହୋଇ ଖେଳିବାକୁ ଡାକୁଛି ଅର୍ଥ ଏକ ଛୁଆ ଆଉ ବସି ରହି ପାରେନା । ସେ ମାଠୁ ଦୁଧ ପିଇବା ଛାଡି ତା ଆଡକୁ ଦୌଡିଗଲା । ସିଂହଟି କିଛି ଗର୍ଜ୍ଜନ କଲା ନାହିଁ । ସେ ଏବେ କିଛି ବ୍ୟସ୍ତ ନୁହେଁ, ତା ମିଜାଜ ମଧ୍ୟ ଠିକ ଅଛି । ଅନ୍ୟ ଛୁଆମାନେ ତାକୁ ଲକ୍ଷ୍ୟ କରୁଥାନ୍ତି । ସିଂହଟି ରାଗି ଯାଇ ପାରେ । କିନ୍ତୁ ସିଂହଟି ଛୁଆଟିକୁ ଦେଖି ଏକଦମ୍ ରାଗିଲା ନାହିଁ । ପରନ୍ତୁ ତା ସହିତ ଖେଳିବାକୁ ଆରମ୍ଭ କଲା । ଛୁଆଟି ଆଗରେ ଆଗରେ ଚାଲୁଥାଏ ପଛରେ ତା ପିତା ସିଂହଟି ଥାବାରେ ତାକୁ ଠେଲୁଥାଏ । ଟିକିଏ ଠେଲା, ଛୁଆଟି ଗଡି ଗଡି ଫୁଟବଲ୍ ଭଳି ଚାଲିଯାଉଥାଏ । ଦୁଇ ତିନିଥର ଗଡି ଯାଉଥାଏ । ପୁଣି ଚାଲୁଥାଏ । ଏମିତି ୨/୪ଥର ଖେଳି ସିଂହଟି ଆସି ଶୋଇଗଲା । ତାପରେ ଅନ୍ୟ ଛୁଆଟି ଖେଳିବାକୁ ଚେଷ୍ଟା କଲା ।

ଛୁଆମାନେ ଏମିତି ଖେଳନ୍ତି । ଛୁଆଟି ତା ପରେ ଆଉ ଗୋଟିଏ ସିଂହୀ ପାଖକୁ ଚାଲିଗଲା । ସିଂହୀଟି ତା ସହିତ କିଛି ସମୟ ଖେଳିଲା । ତା ପରେ ବୁଲି ଶୋଇ ପଡିଲା । ସିଂହୀମାନେ ଛୁଆମାନଙ୍କର ଖେଳିବାରେ ବେଶି କିଛି ଧ୍ୟାନ ଦିଅନ୍ତି ନାହିଁ । ବେଳେବେଳେ ସେମାନଙ୍କ ସହିତ ଖେଳନ୍ତି ।

ସିଂହ ମାନେ ସାଧାରଣତଃ ଛୁଆମାନଙ୍କ ସହ ଖେଳିବାକୁ ପସନ୍ଦ କରନ୍ତି ନାହିଁ କିନ୍ତୁ ବେଳେ ବେଳେ ଖେଳିଥାନ୍ତି । ଦୁଇ ଭାଇ କଥା ମୋଟେ ମାନନ୍ତି ନାହିଁ । କିଛି ସମୟ ପୂର୍ବରୁ ସେମାନେ ପିତା ସିଂହ ସହ ଖେଳିଥିଲେ । କିନ୍ତୁ ସେମାନଙ୍କ ଛୁଆ ମନ ମାନୁ ନଥିଲା । ଆହୁରି ଖେଳିବା ଦରକାର । ସବୁ ସମୟରେ ଖେଳିବା ଦରକାର । ଏମିତି ଖେଳୁ ଖେଳୁ

 Magazine Downloaded from www.aahwaan.com

ଗୋଟିଏ ଛୁଆ ଶୋଇଥିବା ସିଂହ ପାଖକୁ ଯିବାକୁ ଆରମ୍ଭ କଲା । ମା' ଧୀରେ ଗର୍ଜନ କଲା, ଛୁଆଟି ମା'ର ଗର୍ଜନକୁ ଶୁଣିଲା ନାହିଁ । ମା'ଆଉ ଥରେ ଗର୍ଜନ କଲା । ଛୁଆଟି ତଥାପି ଶୁଣିଲା ନାହିଁ । ସିଂହର କେଶରକୁ ଦେଖିବାକୁ ତାକୁ ମଜା ଲାଗୁଥିଲା । ସେ ସିଂହଟି ଶୋଇଥିଲା । ଛୁଆଟି ଯାଇ ତାର କେଶରକୁ ଟାଣିବା ଆରମ୍ଭ କଲା । ସିଂହଟି ତା'ର ଥାବାଟି ଜୋରରେ ବୁଲାଇ ଦେଲା ଆଉ ଛୁଆଟି ତିନି ଗଡା ଦେଇ ତଳେ ପଡିଲା । ମା' ଜୋରରେ ଗର୍ଜି ଉଠିଲା । ଆଉ ଖେଳିବା ଉଚିତ ନୁହେଁ ଫେରି ଆସ । ସିଂହ ଛୁଆଟି ବୁଝି ପାରିଲା ଏତେବଡ ଶୋଇଥିବା ସିଂହ ସାଙ୍ଗରେ ଖେଳିବା ଉଚିତ ନୁହେଁ ।ତା ପାଇଁ ଏହା ଏକ ଶିକ୍ଷା ଥିଲା । ସେ ମା' ପାଖକୁ ଫେରିଆସିଲା ଆଉ ଦୁଧ ଚୋଷିବାକୁ ଲାଗିଲା ।ସିଂହ ଛୁଆମାନେ ତିନି ମାସରୁ ୨ ବର୍ଷ ବୟସ ପର୍ଯ୍ୟନ୍ତ ସବୁବେଳେ ଖେଳିବାକୁ ପ୍ରସ୍ତୁତ ଥାନ୍ତି । ଏମିତି ଖେଳୁ ଖେଳୁ ଜୀବନର ଅନେକ ଶିକ୍ଷା ସେମାନେ ପାଇଥାନ୍ତି ।

ସେମାନଙ୍କ ଦଳରେ କଠୋର ନିୟମ ମାନ ଥାଏ । ସେମାନେ ଅନେକ ଜିନିଷ ଦେଖି ଶିଖୁଥିଲେ । ଶିକାର କେମିତି କରାଯିବ , ଶିକାର କରିବା ସମୟରେ କିଏ କେଉଁଠି ରହିବ, କିଏ ଶିକାରକୁ ପ୍ରଥମେ ଆକ୍ରମଣ କରିବ । ସବୁଠାରୁ ବଡ କଥା ହେଉଛି ଶିକାର ହେଲା ପରେ ଭାଗ କେମିତି ହେବ ଆଉ କିଏ ପ୍ରଥମେ ଭୋଜନ କରିବ । ଏମିତି ସବୁ ନିୟମ । ଏହି ନିୟମ ସବୁ ମାନୁଥିବାରୁ ଦଳ ସହଜରେ ଶିକାର କରିପାରେ ଆଉ ବେଶି ଦିନ କେହି ଭୋକିଲା ରହନ୍ତି ନାହିଁ ।

ଦଳରେ ବଢି ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ସିଂହମାନେ ତରୁଣ ଅବସ୍ଥାରେ ପହୁଁଚନ୍ତି । ସାଧାରଣତଃ ଅଣ୍ଡିରା ଛୁଆମାନେ ଟିକିଏ ଜଲଦି ବଢି ଯାଆନ୍ତି ।ଆଉ ୩ ବର୍ଷ ପର୍ଯ୍ୟନ୍ତ ସେ ତରୁଣ ଅବସ୍ଥା ଲାଗି ରହେ । ତା ପରେ ନବସିଂହ ମାନଙ୍କୁ ନିଜର ଦଳରୁ ମୁଖ୍ୟ ସିଂହ

 Magazine Downloaded from www.aahwaan.com

ତଡିଦିଏ । ସେମାନେ ବାସହରା ହୋଇ ଘୂରି ବୁଲନ୍ତି, କିନ୍ତୁ ତରୁଣୀ ସିଂହୀମାନେ ଦଳରେ ରୁହନ୍ତି ତାଙ୍କୁ ତଡିଦିଆଯାଏ ନାହିଁ ।

ଏହି ଦଳରେ ମା, ମାଉସୀ, ଭାଇ, ଭଉଣୀ ଆଦି ବନ୍ଧୁବାନ୍ଧବ ଥିଲେ । ଛୁଆ ମାନଙ୍କ ମଧ୍ୟରେ ବି ନିୟମ ଥାଏ । ବଡ ଛୁଆଟିଏ ଛୁଆମାନଙ୍କ ମଧ୍ୟରେ ପ୍ରଥମେ ଖାଇବା ଆରମ୍ଭ କରେ । ତେଣୁ ଦୁଇ ଭାଇ ଅନେକ ସମୟରେ କଳି ତକରାଳ କରି ପ୍ରଥମେ ଖାଇବାକୁ ଚେଷ୍ଟା କରନ୍ତି । ଅନ୍ୟ ଛୋଟ ଛୁଆମାନେ ସେମାନଙ୍କୁ ଦେଖନ୍ତି । ଖାଇବା ସମୟରେ ସାଧାରଣତଃ ସିଂହୀମାନେ ଛୁଆମାନଙ୍କୁ ଆସିବାକୁ ଦିଅନ୍ତି ନାହିଁ । କିନ୍ତୁ ସେଇ ଦୁଇ ଭାଇ କିଛି ନାମାନି ମା'ମାନଙ୍କ ସହିତ ଖାଉଥିଲେ । ପ୍ରକୃତିର ନିୟମ । ପୁଅମାନେ ଜଲଦି ଖାଇ ନିଅନ୍ତି । ସେମାନେ ଜଲଦି ବଢି ଯାଆନ୍ତି ।

 Magazine Downloaded from www.aahwaan.com

# ସଂପର୍କ ଏକ ସୁନାହାର

ରାତି ଠିକ୍ ତିନିଟା ହେବ, ହଠାତ୍ ମୋ ମୋବାଇଲ୍ ବାଜି ଉଠିଲା । ମୁଁ ନିଘୋଡ଼ ନିଦରେ ଶୋଇ ଭାବୁଥାଏ ବୋଧହୁଏ ଆଲାର୍ମ୍ ବାଜୁଥିବ । ତେଣୁ ଭଲ୍ୟୁମ୍ ବଟନକୁ ଚିପି ଦେଇ ଶୋଇଗଲି । କିନ୍ତୁ ବାରମ୍ବାର ଫୋନ ରିଂ ହେବାପରେ ବାଧ୍ୟ ହୋଇ ଉଠି ଦେଖିଲି । କେହିଜଣେ ବାରମ୍ବାର ଫୋନ୍ କରୁଛି । ଫୋନ ଉଠାଇବି ନା ନାହିଁ ବୋଲି ମନେ ମନେ ଚିନ୍ତା କରିଲି କାରଣ ସମୟ ରାତି ତିନିଟା ହୋଇଥିଲା । ତଥାପି ସେ ବାରମ୍ବାର ଫୋନ୍ କରୁଛନ୍ତି ଭାବି ଫୋନ ଉଠାଇଲି । ସେପାଖରୁ କେହିଜଣେ ମହିଳାଙ୍କର କାନ୍ଦ ଶୁଭୁଥିଲା । କାନ୍ଦିବାର କାରଣ ପଚାରିଲେ ସୁଦ୍ଧା ସେ କିଛି କହୁନଥାନ୍ତି । ଅନେକ ସମୟ ଏମିତି ହେବାପରେ ବିରକ୍ତ ହୋଇ କହିଲି, "ଆପଣ କିଏ, କାନ୍ଦୁଛନ୍ତି କାହିଁକି ? କିଛି କୁହନ୍ତୁ ।" ତଥାପି କିଛି ଉତ୍ତର ନ ପାଇବାରୁ କହିଲି, "କାନ୍ଦ ବନ୍ଦ ହେବାପରେ ମୋତେ ଫୋନ୍ କରିବେ ।" ଏବଂ ଫୋନ୍ କାଟିଦେଲି ।



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଫୋନ୍ କାଟିଦେଲି ସତ କିନ୍ତୁ କିଏ କାହିଁକି ମୋତେ ଏମିତି ମଧ୍ୟ ରାତ୍ରୀରେ ଫୋନ୍ କରି କାନ୍ଦିବ ବୋଲି ମନେ ମନେ ଚିନ୍ତା କରିବାକୁ ଲାଗିଲି । ନିଦ ଆସିଲା ନାହିଁ ଜମା । ତେଣୁ ଅଧଘଣ୍ଟା ପରେ ସେଇ ନମ୍ବରକୁ ପୁଣିଥରେ ଫୋନ କରିଲି । ସେ ଫୋନ୍ ଉଠାଇଲେ,

 Magazine Downloaded from www.aahwaan.com

ସେତେବେଳକୁ କାନ୍ଦିବା ବନ୍ଦ ହୋଇ ସାରିଥିଲା । କିନ୍ତୁ ପାଟିରୁ କଥା ଥତମତ ହୋଇ ବାହାରୁଥିଲା । ସେତେବେଳେ ପ୍ରଶ୍ନ କଲି, "ତୁମେ କିଏ ? କାହିଁକି ମୋତେ ଫୋନ୍ କରିଥିଲ ?"

ସେପାଖରୁ ସେ ଉତ୍ତର ଦେଲେ, "ମୁଁ ଆପଣଙ୍କର ଅତି ନିଜର, ଅତି ଆପଣାର ଜଣେ ବନ୍ଧୁ କିମ୍ବା ଶୁଭେଚ୍ଛୁ ହୋଇପାରେ ।"

"ସେ କଥା ହୋଇପାରେ, କିନ୍ତୁ ଆପଣ କିଏ ? ଆପଣଙ୍କ ନାଁ କଣ ?" ମୁଁ ଦୃଢ଼ଭାବରେ ପ୍ରଶ୍ନ କଲି ।

"କାଲି ସକାଳୁ ମୁଁ ଫୋନ୍ କରି ନିଜେ ଜଣାଇଦେବି ।" ସେ କହିଲେ । "ଆପଣଙ୍କ ଗଭୀର ନିଦ୍ରାରେ ବ୍ୟାଘାତ ଦେଇଥିବାରୁ ମୁଁ ଦୁଃଖିତ, ମୋତେ କ୍ଷମା କରିଦେବେ । ରହୁଛି ।" କହି ସେ ଫୋନ୍ କାଟିଦେଲେ ।

ତୁଚ୍ଛାଟାରେ ନିଦ ଭାଙ୍ଗିବାର ବିରକ୍ତବୋଧରେ ଆଉ ନିଦ ହେଲାନି । ଦେଖୁ ଦେଖୁ ସକାଳ ହୋଇଗଲା । ସକାଳ ଯାଇ ଅପରାହ୍ନ ହେବାକୁ ଆସିଲା କିନ୍ତୁ ଆଉ ସେ ନମ୍ବରରୁ ଫୋନ୍ ଆସିଲା ନାହିଁ । ମୁଁ ମଧ୍ୟ ସେ କଥା ଭୁଲିଯାଇଥିଲି । କିନ୍ତୁ ସଂଧ୍ୟା ପାଞ୍ଚଟାରେ ପୁଣିଥରେ ସେଇ ନମ୍ବରରୁ ଫୋନ୍ ଆସିଲା ।

- କୁହନ୍ତୁ କଣ କହିବେ । ମୁଁ କହିଲି ।

- ମୁଁ ମୋ ପରିଚୟ ଦେବା ଆଗରୁ ବ୍ୟକ୍ତିଗତ ଜୀବନର କିଛି ଜିନିଷ କହିବାକୁ ଚାହେଁ, ଯଦି ଆପଣ ଶୁଣିବେ ।

- ଠିକ୍ ଅଛି କୁହନ୍ତୁ ।

- କାଲି ଆପଣ ହିଁ ମୋତେ ବଞ୍ଚେଇ ଦେଲେ । ଆପଣ ନଥିଲେ ହୁଏତ ମୁଁ ଏ ଦୁନିଆରେ

 Magazine Downloaded from www.aahwaan.com

ନଥାନ୍ତି । ମୁଁ ହେଉଛି ଆମ ପରିବାରର ବଡ଼ ଝିଅ । ବିବାହ ହୋଇ ସାରିଛି । ମୋ ସ୍ୱାମୀଘର ବହୁଉଚ୍ଚ ଆଭିଜାତ୍ୟ ସଂପନ୍ନ ପରିବାର ଆଉ କୌଣସିଥିରେ ବି କିଛି ବି ଅସୁବିଧା ନାହିଁ । ହେଲେ ସବୁ ସୁଖ ମଣିଷକୁ ଶାନ୍ତି ଦେଇ ପାରେନା । ମୋ ବଡ଼ଭାଇ ପୋଲିସ ବିଭାଗରେ ଚାକିରୀ କରନ୍ତି । ମୋ ସାନ ଭଉଣୀ ବ୍ୟାଙ୍କରେ ଚାକିରୀପାଇଁ ପଢ଼ାପଢ଼ି କରେ ।

- ହେଲେ, ମୁଁ ଆପଣଙ୍କୁ ବଞ୍ଚାଇଲି କେମିତି ? ମୋତେ ଲାଗୁନି ମୁଁ ଆପଣଙ୍କୁ ଜାଣେ କି ଚିହ୍ନେ । ଆପଣ କିଏ ? ମୋତେ କେମିତି ଜାଣିଲେ ? ମୋ ଲେଖାର ଆପଣ କଣ ଜଣେ ପାଠିକା, ନା ଆଉ କିଏ ?

- ଆପଣ କଣ କରନ୍ତି ? ଆପଣ ଅବିବାହିତ ? ନା ଆପଣଙ୍କ ବ୍ୟକ୍ତିଗତ ଜୀବନ ବାବଦରେ ପଚାରିକି କିଛି ଭୂଲ କରିଲି କି ?

- ମୁଁ ଜଣେ ସର୍ବହରା, ଜୀବନର ସବୁକିଛି ହରେଇ ଦେଇଛି । କାଗଜ ଆଉ କଲମ ହେଉଛି ମୋର ସବୁକିଛି । ଆଉ ଏଇ ନିଃସ୍ୱ ଜୀବନ ନେଇ ମୁଁ ବର୍ତ୍ତମାନ ଭୁବନେଶ୍ୱରରେ ଅଛି । ଲେଖାଲେଖି ବ୍ୟତୀତ ମୋର ଆଉ କିଛି କାମ ନାହିଁ ।

ଏହା ଶୁଣିବାପରେ ତା ସ୍ୱର ଓଦା ଓଦା ଲଗୁଥିଲା । ସମ୍ଭବତଃ ସେ କାନ୍ଦୁଥିଲା କି କଣ । ତା ପରେ ସେ ପୁଣି କହିଲା;

- ମୁଁ ବି ଭୁବନେଶ୍ୱରରେ ରହେ । ଆପଣଙ୍କୁ ଭେଟି ପାରିବି କି ?

ହଠାତ୍ ଏମିତି ଜଣେ ଅଜ୍ଞାତ ବ୍ୟକ୍ତିଙ୍କୁ ଠିକଣା କହିବା କଣ ଠିକ୍ ହେବ । ହେଲେ ଏହି ଠିକ୍ ଭୁଲ୍ କଥା ଚିନ୍ତା କରୁ କରୁ ମୁଁ ମୋ ଠିକଣା ତାଙ୍କୁ ଦେଇ ସାରିଥିଲି ।

ଘଣ୍ଟାଏ ପରେ ମୁଁ ବସି ଲେଖାରେ ବ୍ୟସ୍ତ ଥିବା ବେଳେ ଘର କଲିଂ ବେଲ୍ ବାଜିଲା । ମୋ ସାନଭାଇ ଯାଇ କବାଟ ଖୋଲି ଭଦ୍ରମହିଳାଙ୍କୁ ପାଛୋଟି ଆମ ବୈଠକ ଘରେ ବସାଇଲା ।

 Magazine Downloaded from www.aahwaan.com

ମୁଁ ମୋ ଲେଖାରେ ବ୍ୟସ୍ତ ଥିଲି । ହୁଏତ ସାନ ଭାଇର କେହି ବନ୍ଧୁ କି ବାନ୍ଧବୀ ଆସିଥିବ ଭାବି ମୁଁ ସେ ପ୍ରତି ଧ୍ୟାନ ଦେଇନଥିଲି । ଦୁଇତିନି ଥର ମୋତେ ଡାକିବା ପରେ ମୋ ପାଖକୁ ଆସି ସାନ ଭାଇ ଡାକିବା ପରେ ମୋ ଧ୍ୟାନ ଭଗ୍ନ ହେଲା । କହିଲି, "ତୁ ଯା, ତାଙ୍କ ସହ କଥା ହେଉଥିବୁ । ମୁଁ ଟିକେ ଲେଖାଟା ସାରିଦେଇ ଆସେ ।" ସାନଭାଇ ବୈଠକକୁ ଚାଲିଯାଇ ମହିଳାଙ୍କ ସହ କଥା ହେଉଥିଲା ।

- ଆପଣ କିଏ ? ଆପଣଙ୍କର ପରିଚୟ ଜାଣିପାରେକି ? ଭାଇଙ୍କ ପାଖରେ କି କାମ ଅଛି ?

ସେ ନିରବ ରହିବା ଦେଖି ସାନ ଭାଇ କହୁଥିଲା, "ଆମ ଭାଇ ଲେଖାଲେଖିରେ ଏତେ ମଗ୍ନ ରହନ୍ତି ଯେ ଖାଇବା, ପିଇବା, ଶୋଇବା ସବୁ ଭୁଲି ଯାଆନ୍ତି । ଡାକିଲେ ବି ଶୁଣିବେନି । ଲେଖାଲେଖି ହିଁ ତାଙ୍କ ଜୀବନ ବୋଲି କହିପାରିବେ । ସ୍କୁଲରେ ପଢୁଥିବା ବେଳେ ଭାଇ ଜଣେ ଝିଅକୁ ଭଲ ପାଉଥିଲା, ସେ ବାହା ହେଇ ଚାଲିଗଲା ପରେ ଭାଇ ସବୁଥିରୁ ମନ ଦୂରେଇ ଦେଇ କେବଳ ଲେଖାଲେଖିରେ ହିଁ ଲାଗିଛି । ଅନେକ ଲୋକ ଆସନ୍ତି ଭାଇସହ ଦେଖା କରିବାକୁ । ବହୁତ ପ୍ରଶଂସା କରନ୍ତି, ହେଲେ ସେ ସବୁ ସେ ଶୁଣେନି କି ଦେଖେନି ।"

- କେଉଁ ଝିଅ ? ତା ନାଁ କଣ ଥିଲା ।" ସେ ମହିଳା ଜଣକ ପ୍ରଶ୍ନକଲେ ।

- କେଜାଣି, ଆମେ ଜାଣିନୁ । ଭାଇ ତ କେବେ ସେ ବିଷୟରେ କୁହେନି ବିଶେଷ । ତା ଡାଏରୀ ପଢ଼ି ଯାହା ଜାଣିଛି । ଭାଇ ବୋଧହୁଏ ଭୁଲିଗଲା ଯେ ଏଠି ଅତିଥି ଅଛନ୍ତି । ମୁଁ ଯାଏ ତାଙ୍କୁ ଡାକି ଆଣିବି ।

ପାଖରେ ଥିବା ବହି ଥାକରୁ "ଆର୍ତ୍ତର ମିନତି" ନାମକ ବହିଖଣ୍ଡିଏ ମହିଳାଙ୍କୁ ଦେଇ ସାନଭାଇ କହିଲା, "ଏଇଟା ମୋ ଭାଇଙ୍କର ସବୁଠୁ ଅଧିକ ପସନ୍ଦର ବହି । ପଢ଼ନ୍ତୁ ଦେଖିବେ ଭାଇଙ୍କ ବିଷୟରେ ଅନେକ କିଛି ଜାଣିବାକୁ ପାଇବେ ।"

 Magazine Downloaded from www.aahwaan.com

ସାନଭାଇ ହାତରୁ ବହିଟି ନେଇ ସେ ମହିଳା ସାନ ଭାଇକୁ କୁଣ୍ଢେଇ ପକାଇଲେ । ଏ ସବୁ କଥା ଆମ ଭଉଣୀ ମୋତେ କହିଲା, ମୁଁ କହିଲି ତାଙ୍କ ନାଁ ପଚାରିଲୁନି । ଭଉଣୀ କହିଲା - ପଚାରିଲି, କିନ୍ତୁ କହିଲେନି ।

କିଏ ହେଇଥିବ କେଜାଣି କହି ଆମେ କଥାରେ ମଜ୍ଜିଗଲୁ । ହଠାତ୍ ଦିନେ ଆମେ ସାନଭଉଣୀ ସହ ପାର୍କ ବୁଲିବାକୁ ଯାଇଥିବା ବେଳେ ମୋ ଫୋନ୍ ବାଜିଉଠିଲା ।

- ଆପଣ କଣ ପାର୍କରେ ଏକା ବସିଛନ୍ତି ?

- ଜୀବନ ଯୁଦ୍ଧରେ ହାରିଯାଇଥିବା ଲୋକ କଣ ଜୀବନସାଥି ପାଇପାରିବ ? ମୁଁ କହିଲି ।

- ସେଦିନ ମୁଁ ଆପଣଙ୍କୁ ଭେଟିବା ପାଇଁ ଯାଇଥିଲି, କିନ୍ତୁ ଆପଣ ଲେଖାଲେଖିରେ ବ୍ୟସ୍ତ ଥିଲେ ତେଣୁ ଚାଲି ଆସିଲି । ସେଥିପାଇଁ ଅବଶୋଷ ରହିଗଲା । ଆଜି କିନ୍ତୁ ମୁଁ ଆପଣଙ୍କୁ ଦେଖି ପାରୁଛି । ଜାଣିପାରୁଛି ଆପଣଙ୍କ ଛାତି ଭିତରେ ଥିବା କୋମଳ ହୃଦ୍ୟକୁ, ବୁଝିପାରୁଛି ଆପଣଙ୍କ ବିରହର ଯାତନାକୁ ।

- ଆପଣ କିଏ ? କୋଉଠି ଅଛନ୍ତି ? ଯଦି ମୋତେ ଦେଖି ପାରୁଛନ୍ତି ତା ହେଲେ ମୋ ସାମନାକୁ ଆସୁନାହାନ୍ତି କାହିଁକି ? ମୋର ଭୁଲିଯାଇଥିବା ଅତୀତର କ୍ଷତାକ୍ତ ଦାଗକୁ କାହିଁକି ପୁଣିଥରେ ବିଦାରି ଦେଉଛନ୍ତି ?

- ଆପଣଙ୍କ ସାମନାକୁ ଯିବାପାଇଁ ମୋର ସାହାସ ନାହିଁ ତଥାପି ଚେଷ୍ଟା କରୁଛି ।  ସେ ଫୋନ କାଟିଦେଲେ ।

ହଠାତ୍ ମୋ ଭଉଣୀ ସହିତ ଗୋଟିଏ ବିବାହିତ ମହିଳା କିଛି ସମୟପରେ ସାମନାରେ ଦୃଶ୍ୟମାନ ହେଲା । ତାକୁ ଦେଖିବା ପରେ ମୁଁ ନିର୍ବାକ ହୋଇଗଲି । ଶ୍ୱାସରୁଦ୍ଧ ହେବାପରି ମନେ ହେଲା । ମୋ ଭାବାନ୍ତର ଭିତରେ ଭାସି ଆସୁଥିବା ଭାଷାକୁ ବାକ୍ୟରେ ପ୍ରକାଶ କରି

 Magazine Downloaded from www.aahwaan.com

ପାରିଲିନି । ତା'ପରେ ମୋ ଭଉଣୀ କହିଲା, "ଏଇ ସେହି ଭଦ୍ରମହିଳା, ଯେ ତମକୁ ଭେଟିବାକୁ ଆସିଥିଲେ ।"

ସେ ମହିଳା ଆଉ କେହି ନଥିଲେ, ସେ ଥିଲେ ମୋତେ ମୋ ଜୀବନଯୁଦ୍ଧରେ ହରାଇ ଦେଇଥିବା ମୋ ମନର ମାନସୀ, ମୋ ରଚନାର ପ୍ରେରଣା । ଏମିତି କିଛି ସମୟ ନିରବରେ କଟିଗଲା ମୁଁ କିଛି କହିପାରିଲି ନାହିଁ । ତା'ପରେ ସେ କହିଲେ;

"ମୋତେ କ୍ଷମା କରିଦେବ, ଏ ଜନମରେ ମୁଁ ତୁମକୁ ମୋ ସଂପର୍କର ସୁନାହାର କରି ଗଳାରେ ଲଗାଇ ପାରିଲିନି । କାରଣ ସେତେବେଳେ ଧନ ହିଁ ମଣିଷର ସବୁକିଛି ବୋଲି ଭାବୁଥିଲି । କିନ୍ତୁ ମୋ ସ୍ୱାମୀ ଯେତେବେଳେ ଭଦ୍ରମୁଖା ପିନ୍ଧି ମୋ ସହିତ ପାଶବିକ ଅତ୍ୟାଚାର କଲେ, ଆଉ ଅନେକ ଝିଅଙ୍କ ସହିତ ତାଙ୍କର ଶାରୀରିକ ସଂପର୍କ କଥା ଜାଣିପାରିଲି । ମୋ ସହିବାର ସବୁ ସୀମା ଲଂଘିଗଲା ଆଉ ମୁଁ ମୋ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିବାକୁ ଯାଉଥିଲି । ଚୌକି ଉପରେ ଚଢ଼ି ବେକରେ ଶାଢ଼ୀକାନିକୁ ଫାଶ କରି ଠିକ୍ ପଙ୍ଖା ପାଖରେ ଲଗାଇବା ବେଳକୁ କାନ୍ଥରେ ଲାଗିଥିବା ପେପରରେ ତୁମ ଲେଖା 'ସଂପର୍କର ଏକ ସୁନାହାର' ଆଉ ବଡ଼ ବଡ଼ ଅକ୍ଷରରେ ତୁମ ନାଁ ପଢ଼ି ଜାଣିପାରିଲି ଏ ଲେଖା ସହ ମୋର ସଂପୃକ୍ତି । ଆଉ ବେକରୁ ଶାଢ଼ୀ ବାହାର କରି ପୁରା ଉପାଖ୍ୟାନକୁ ପଢ଼ି ବୁଝିପାରିଲି ପ୍ରେମର ଜଟିଳ ରହସ୍ୟ । ମତେ ଏକା ଭଲ ପାଉଥିବା ଲୋକ ବି ଏ ଦୁନିଆରେ ଅଛନ୍ତି ବୋଲି ଜାଣି ବହୁତ ଖୁସି ହେଲି । ତା'ପରେ ଆତ୍ମହତ୍ୟା କରିବିନି ବୋଲି ମନସ୍ଥ କଲି । ଅଥଚ ଅଗ୍ନିକୁ ସାକ୍ଷୀ ରଖି ବାହା ହୋଇଥିବା ମୋ ସ୍ୱାମୀ ପାଖରୁ କେବଳ କର୍ତ୍ତବ୍ୟ ସଂପାଦକ ଛଡ଼ା କେବେ ସ୍ନେହ, ପ୍ରେମ କଣ ଜାଣିନି । ଜାଣିଛି କେବଳ ଶାରୀରିକ ସୁଖ ଓ ମାନସିକ ଅଶାନ୍ତି । କିନ୍ତୁ ଭଲ ପାଇବାର ମିଛ ଅଭିନୟରେ ଯାହାକୁ ମୁଁ ହତାଦର କରି ଛାଡ଼ି ଚାଲି ଯାଇଥିଲି । ସେ ମତେ

 Magazine Downloaded from www.aahwaan.com

ଗଳାର 'ସୁନାହାର' କରି ରଖି ନିଜ ଜୀବନକୁ ଆଜୀବନ କୁଆଁରୀ ସଜେଇ ଦେଇଛି । ବୁଝି ପାରିଲି ପ୍ରେମର ସଂପର୍କ ସବୁବେଳେ 'ସୁନାହାର' ଭଳି ଚକ୍ ଚକ୍ କରୁଥାଏ । ବାସ୍ତବରେ ତୁମ ପରି ପୁଅ ପାଇବା ବିରଳ । ତୁମର ଲେଖା ତଳେ ଦେଇଥିବା ଫୋନ ନମ୍ବର ଦେଖି ସେଇ ରାତି ମୁଁ ତୁମକୁ ଫୋନ କରିଥିଲି କାରଣ ତୁମ ସ୍ୱର ଶୁଣିବାକୁ ବହୁତ ଇଚ୍ଛା ଲାଗିଲା । ମୁଁ କରିଥିବା ମୋ ଭୁଲ ପାଇଁ ମତେ କ୍ଷମା କରିଦେବ । ଆସୁଛି ନମସ୍କାର । କହି ସେ ଚାଲିଗଲା । ଆଉ ଆମର ପ୍ରେମକୁ 'ସଂପର୍କର ସୁନାହାର' କରି ରଖିଥିବାରୁ ଧନ୍ୟବାଦ । ଆଉ କେବେ ଦେଖାହେଲେ ମୋ ଜୀବନର ଆଉ କିଛି ଦୁଃଖ ବାଣ୍ଟିବି ।

 Magazine Downloaded from www.aahwaan.com

# ଗରୀବ



ଅନୁସୂୟା ଜେନା

ଦିନ ସାଢ଼େ ଏଗାରଟା । ସବୁଦିନ ଭଳି ଆଜି ବି ଏଇ ସମୟରେ ତା ବଜାଜ ସ୍କୁଟର ବାହାର କରିବାକୁ ଥାକରୁ ଚାବି ବାହାର କଲା ବିପ୍ଳବ । ଦି'ଘେରା ବୁଲି ଗୋଟେ ସିଗାରେଟ୍ ଟାଣି ଦେଇ ଆସିଲେ ପୁଣି ମନୋନିବେଶ କରିବ ତା' କବିତା ଲେଖିବା କାମରେ । କୀର୍ତ୍ତି ଆଜି କଲେଜ ଯାଇନି, ଛୁଟି ନେଇଛି, ଝିଅର ପଢ଼ାପଢ଼ି ଦେଖିବା ଲାଗି । ତା'ର ପରୀକ୍ଷା ଦୁଇଦିନ ପରେ ଆରମ୍ଭ ହେବ । ତା' ହାତରେ ଚାବି ଦେଖି ଯେମିତି ମୁହଁ କଲା କୀର୍ତ୍ତି, ବିପ୍ଳବ ବେଶ୍ ପଢ଼ିପାରିଲା ସେ ମୁହଁର ଭାବକୁ । ମନ ଭିତରଟାକୁ କିଏ ଯେମିତି ରାମ୍ପି ବିଦାରି ପକାଇଲା । ସେ ଭାବିଲା, ଇଏ ସେଇ କୀର୍ତ୍ତି ? ଯିଏ ବାଣୀ ବିହାରରେ ପଢ଼ିଲାବେଳେ ଇକୋନୋମିକ୍ସର ଥିଓରି ନ ବୁଝି ପାରିଲେ ବିନ ଦ୍ୱିଧାରେ ତାର ହଷ୍ଟେଲ ରୁମରେ ପହଞ୍ଚି ଯାଉଥିଲା, ତା' ଲେଖା କବିତା ସବୁ ଶୁଣି ପାଗଳି ହୋଇ ଯାଉଥିଲା, ରିଜଲ୍ଟ ବାହାରିବା ଦିନ ସେ ଟପ୍ପର ହୋଇଥିଲା ବୋଲି ଗର୍ବରେ ଫାଟି ପଡୁଥିଲା, ଫୁଲେଇ ହଉଥିଲା ତା'ର ସାଙ୍ଗମାନଙ୍କ ଗହଣରେ, ଡିପାର୍ଟ୍‌ମେଣ୍ଟ ଟପ୍ପର ପ୍ରେମିକା ବୋଲି ?

ସମୟ ଚକ୍ରରେ ସବୁ ବଦଳି ଯାଇଛି । ସେ ଚାରିଚାରିଟା ଚାକିରୀ ବଦଳାଇ ଶେଷରେ ବେରୋଜଗାରିଆ ହୋଇ ଘରେ ବସିଛି, ଆଉ କୀର୍ତ୍ତି

 Magazine Downloaded from www.aahwaan.com

ଉପରେ ହାତଖର୍ଚ୍ଚ ପାଇଁ ତାକୁ ନିର୍ଭରଶୀଳ ହେବାକୁ ପଡୁଛି । ମନର କୋହକୁ ସିଗାରେଟର ଧୂଆଁରେ ଉଡ଼େଇ ଦେବାଲାଗି ଭାବି ସ୍କୁଟରର ଷ୍ଟାର୍ଟ୍ କଲା ବିପ୍ଲବ ।

କାହିଁକି କେଜାଣି ଆଜି ତା ସ୍କୁଟରଟା ଗନ୍ତବ୍ୟ ପାନ, ସିଗାରେଟ୍ ଦୋକାନ ଆଗକୁ ଆହୁରି ଗଡ଼ିଗଲା, କ୍ରାଉନ୍ ହୋଟେଲ୍ ସାମ୍ନାରୁ ଆହୁରି ଆଗକୁ । ସବୁଦିନ ସକାଳୁ ସେଠି ମୂଲିଆ, ରେଜା (ମୁଲିଆ)ଙ୍କର ଦରମା କଷା ହୁଏ, ଯେମିତି ମଣିଷ ନୁହନ୍ତି ସେମାନେ, ହାଟକୁ ଆସିଥିବା ଗାଈଗୋରୁ । ଦର କଷାକଷିରେ ସବୁ ଜୁଆନ୍ କାମିକାମାନେ ଆଗେ କାମ ପାଇ ଯାଆନ୍ତି, ମନ ଖୁସିରେ କଣ୍ଟ୍ରାକ୍ଟର ପଠାଇଥିବା ମିନିଟ୍ରକ ଡାଲାରେ ଖୁନ୍ଦି ଖାନ୍ଦି ହୋଇ କାମ ଜାଗାକୁ ଚାଲି ଯାଆନ୍ତି, ଆଶ୍ୱସ୍ତିରେ ନିଶ୍ୱାସ ମାରି, ଯେ ଆଜି ପେଟ ଅପୋଷା ରହିବନି । ଏମିତି ଏମିତି ଦଶଟା ଭିତରେ ପ୍ରାୟ ଭିଡ଼ ଭାଙ୍ଗିଯାଏ ସେଠି । କିଛି ଅଲୋଡ଼ା ବୁଢ଼ା ବୁଢ଼ୀ କାମ ପାଇବା ଲୋଭରେ ଆସିଥିବା ଭିନ୍ନକ୍ଷମ ଲୋକ ଅପେକ୍ଷାରେ ହିଁ ରହିଯାଆନ୍ତି, ଠିକ୍ ଯେମିତି ଗୋରୁ ହାଟରେ ରହିଯାଆନ୍ତି ହଡ଼ା ବଳଦ କି ବୁଢ଼ୀଗାଈ । ବିପ୍ଲବର ନଜର ପଡ଼ିଲା ରାସ୍ତାକଡ଼ରେ ଥିବା ଡିଭାଇଡର୍ ଉପରେ ମୁଣ୍ଡରେ ହାତଦେଇ ବସିଥିବା ବୁଢ଼ା ଲୋକଟି ଉପରେ । ତା ସ୍କୁଟର ଅବିଳମ୍ବେ ସେ ଆଡ଼କୁ ମାଡ଼ିଗଲା ।

"ମଉସା, କାଇଁ ଏମିତି ବସିଛ ?" ସେ ପଚାରିଲା । ବୁଢ଼ା ତା ଶୁଖିଲା ଓଠରେ ଜିଭ୍ ବୁଲେଇ ଆଣି ବିପ୍ଲବ ଆଡ଼କୁ କରୁଣ ଆଖିରେ ଚାହିଁଲା । ଥର ଥର ଗଳାରେ କହିଲା, "ବାବୁ, କାମ କରିବାକୁ ଯିବି ବୋଲି ଆସିଥିଲି, କିନ୍ତୁ କେହି ସୁପରଭାଇଜର ମତେ ନେଲେନି । ଗଲା ଦି ଦିନ ହେଲା କାମ ପାଇନି, ଘରେ ଚୁଲି ଜଳିନି । ଆଜି ବଡ଼ ଆଶାରେ ଆସିଥିଲି କାମ ମିଳିଯିବ ବୋଲି ।" ବିପ୍ଲବର ମନ ଭିତରଟା ଓଦା ହୋଇଗଲା । "ଘରେ ଆଉ ସବୁ କିଏ ଅଛନ୍ତି ?" ସେ ପଚାରିଲା । "ବଢ଼ିଲା ଝିଅ, ଆଉ ମୋ ସ୍ତ୍ରୀ । ସ୍ତ୍ରୀଟା ମୋର ରୋଗିଣୀ ଆଉ

 Magazine Downloaded from www.aahwaan.com

ଝିଅକୁ କୁଆଡ଼େ କାମ ପାଇଟି କରିବାକୁ ପଠାଇବାକୁ ଡର ଲାଗେ । ମୁଁ ଯାହା ମୂଲ ପାଏ, ସେଇଥିରେ ଚଳିଯାଉ ।” ନିଜ ପକେଟ ଅଣ୍ଡାଳିଲା ବିପ୍ଲବ । ମନେ ପଡ଼ିଲା, କାଲି ରାତିରେ ଦେଢ଼ଶ ଟଙ୍କା ଦେଇଥିଲା କୀର୍ତ୍ତି, ଝିଅର ଦୁଇଟା ଖାତା କିଣିବା ଲାଗି । “ଆଚ୍ଛା ମଉସା, ତମକୁ କାମ କଲେ କେତେ ମୂଲ ମିଳେ ଦିନକୁ ?”

“ଏଇ ଶହେ ଚାଳିଶି ଟଙ୍କା । ବୁଢ଼ା ଲୋକକୁ କିଏ ପୁରା ମୂଲ ଦବ ବାବୁ ?” ବୁଢ଼ା କହିଲା । ବିନା ଦ୍ୱିଧାରେ ପକେଟରୁ ଶହେ ଚାଳିଶି ଟଙ୍କା ବାହାର କରି ବୁଢ଼ାକୁ ଧରେଇଦେଲା ସିଏ । ଏଇ ନିଅ ମଉସା, ଆଜିର ମଜୂରୀ । ଗଛ ଛାଇରେ ଯାଇ ବସ । ସଞ୍ଜବେଳକୁ କାମିକା ମାନେ ଫେରିବାପରେ ତାଙ୍କ ସାଙ୍ଗେ ଘରକୁ ଫେରିବ । ବାଟରୁ ଆଜି ପାଇଁ ଖାଇବା ଜିନିଷ କିଣିନେବ ।” ଲୁହଭରା ଡବ ଡବ ଆଖିରେ ବୁଢ଼ା ଚାହିଁଲା ବିପ୍ଲବର ମୁହଁକୁ ।

ବୁଢ଼ା ପାଖରୁ ସ୍କୁଟର ଷ୍ଟାର୍ଟ୍ କରି ବିପ୍ଲବ ମୁହାଁଇଲା ଦୁର୍ଗାପୂଜା ମଣ୍ଡପ ବସ୍ତି ପାଖରେ ଥିବା ପାନ ଦୋକାନ ପାଖକୁ, ସିଗାରେଟ୍ ଖଣ୍ଡେ ଟାଣିବ ବୋଲି । ପାନ ଦୋକାନ ସାମ୍ନାରେ ସରକାରଙ୍କ ପାଞ୍ଚଟଙ୍କିଆ ଆହାର ଯୋଜନା କେନ୍ଦ୍ର । ଭିଡ଼ ଲାଗିଛି ଲୋକମାନଙ୍କର । ନୀରବରେ ସେ ଘର ଭିତରକୁ ଚାହିଁଲା, ବାହାର ବାରଣ୍ଡାରେ ବସିଛନ୍ତି ଆଠଦଶ ଜଣ ବୁଢ଼ାବୁଢ଼ୀ । ବିପ୍ଲବକୁ ଲାଗିଲା ଗଣ୍ଡେ ଖାଇବା ଲାଗି ସେହି ପାଞ୍ଚଟଙ୍କା ହୁଏତ ଏଇ ଲୋକମାନଙ୍କ ପାଖରେ ନାହିଁ । ପୁଣି ପକେଟ ଭିତରେ ହାତ ପୁରାଇଲା ସେ, ଦଶଟଙ୍କିଆ ନୋଟଟିଏ ଛଡ଼ା ଆଉ କିଛି ନାହିଁ । ହତାଶା ଭାବରେ ଆଖି ଜାଲୁଜାଲୁଆ ହୋଇଗଲା ତା'ର । ଧିକ୍ ତା' ଜୀବନକୁ । ତା' ପାଠ ପଢ଼ାକୁ । ଟଙ୍କା ପଚାଶଟା ପକେଟରେ ନାହିଁ ! ମନେ ପଡ଼ିଲା ବାମ ପକେଟରେ ଦଶଟଙ୍କିଆ କଏନ୍ ଟିଏ ଅଛି, କାଲି ରାତିରେ ପରିବା

 Magazine Downloaded from www.aahwaan.com

ଦୋକାନୀ ଫେରେଇଥିଲା । ସ୍କୁଟରକୁ ଷ୍ଟାଣ୍ଡମାରି ସେ ଲୋକମାନଙ୍କ ପାଖକୁ ସେ ଗଲା । କୋଡ଼ିଏ ଟଙ୍କା ବାହାର କରି ଗୋଟିଏ ବୁଢ଼ାକୁ ଧରାଇ ଦେଇ କହିଲା, "ମଉସା ନିଅ । ଏତିକିରେ ଚାରିଟା ମିଲ୍ ହେଇଯିବ । ଭାଗବାଣ୍ଟି ଖାଇନେବ ସମସ୍ତେ ।" ସେମାନଙ୍କ ଭିତରୁ ବୁଢ଼ୀଟିଏ ପାକୁଆ ପାଟିରେ କେତେ ଆଶୀର୍ବାଦ କରି ପକାଇଲା ତାକୁ । ପାନ ଦୋକାନରେ ଗୀତ ବାଜୁଥାଏ, "ଦୁନିଆ ମେଁ କିତ୍ନା ଗମ୍ ହୈ, ମେରା ଗମ୍ କିତ୍ନା କମ୍ ହୈ ।" ବିପ୍ଳବକୁ ଲାଗିଲା ତା ଆଖିର ଲୁହ କିଏ ଦେଖିପକେଇବ । ବୁଲି ପଡ଼ି ତରତର ହେଇ ସ୍କୁଟର ଉପରକୁ ଯାଇ ବସିପଡ଼ିଲା । ମନେ ମନେ ଭାବିଲା, ମୋ ପାଖରେ ସିନା ପଇସା ନାହିଁ, ଅନେକ ସାଙ୍ଗମାନେ ତ ଖୁବ୍ ଭଲରେ ଅଛନ୍ତି । ଯଦି ହଜାରେ ଟଙ୍କା ଲେଖାଏ ଜଣେ ଜଣେ ଦିଅନ୍ତି, ତା ହେଲେ ପାଞ୍ଚଜଣ ମିଶିଲେ ପାଞ୍ଚ ହଜାର ଟଙ୍କା ଦେଇ ପାରିବେ । ସେଥିରେ ମାସକୁ ଅତି କମରେ ତିରିଶି, ଚାଳିଶିଜଣ ଏମିତି ଅସହାୟ ଲୋକ ଓଳିଏ ଖାଇ ପାରିବେ ।

ସବୁଠୁ ଆଗେ ବିକାଶର ନାଁ ମନକୁ ଆସିଲା ତା'ର । ସେଲ୍‌ରେ କାମ କରୁଛି । ମାସକୁ ଦେଢ଼ଲକ୍ଷ ଦରମା ବୋଲି ଅନେକ ଥର ଗର୍ବରେ କହିଛି, ତା'ଲାଗି ହଜାରେ ଟଙ୍କା ଦେବା ନିହାତି ସାଧାରଣ କଥା ହେବ ନିଶ୍ଚୟ ଭାବି ତାକୁ ଫୋନ୍ କଲା । ବିକାଶର ନମ୍ବରରେ ପାଞ୍ଚ ସାତଟା ରିଂ ପରେ ସେ ଫୋନ ଉଠାଇଲା । "ଆରେ ଭାଇ । ଆଜି ଟିକେ ଛୁଟିରେ ଅଛି, ଶୋଇପଡ଼ିଥିଲି । କାଲି ରାତିରେ ପାର୍ଟି ଥିଲା, ହ୍ୟାଙ୍ଗ୍ ଓଭର୍ ଯାଇନି ଏତେଯାଏଁ । କାଇଁ ଫୋନ୍ କରିଥିଲୁ କହ ।" ବିପ୍ଳବର ହଜାରେ ଟଙ୍କିଆ ପ୍ରସ୍ତାବକୁ ସିଧାସଳଖ ନାକଚ କରିଦେଲା ବିକାଶ । କହିଲା, "ତୁ କାହିଁକି ଏତେ ଗୋପବନ୍ଧୁ ହେଉଛୁ ? ସେମାନଙ୍କ ପାଇଁ ସରକାର ଯଥେଷ୍ଟ କରୁଛନ୍ତି । ତୁ ନିଜ କଥା ଚିନ୍ତା କର । ହଉ ପରେ କଥା ହେଉଛି ।" ବିକାଶ ଫୋନ୍ କାଟିଦେଲା । ଦୀର୍ଘଶ୍ୱାସଟିଏ ମାରିଲା ବିପ୍ଳବ । ବିକାଶ କୋଉ ପାର୍ଟି କଥା

 Magazine Downloaded from www.aahwaan.com

କହୁଛି, ଅଛପା ନଥିଲା ତାକୁ । ଆଜିକାଲି ରାଜଧାନୀରେ ଗୋଟେ ନୂଆ ଫେସନ୍ ହୋଇଛି, ବଡ଼ ବଡ଼ ହୋଟେଲରେ ବନ୍ଦ ହଲରେ ଝିଅଙ୍କୁ ଆଣି ନଚାଇବା, ଆଉ ଅଧା ବୟସର ପୁରୁଷ ମହିଳାମାନେ ନିଶାସକ୍ତ ହୋଇ ନାଚି ନାଚି ସେମାନଙ୍କ ଉପରେ ଟଙ୍କା ବିଞ୍ଚିବା । ଇୟେ ସେଇ ବିକାଶଟି, ସାଙ୍ଗ ହୋଇ ପାଠ ପଢ଼ିଲା ବେଳେ ତା'ଠାରୁ କେତେ ଧାର ଉଧାର ନେଇଛି, ଗରିବ ପରିବାରରୁ ଆସିଥିବାର ଦ୍ୱାହି ଦେଇ । ଆଜି ପେଟର ଭୋକ କଣ ସେ ଭୁଲିଗଲା ?

ବିପ୍ଲବର ମନ ଭିତରେ ଗୁଣି ହେଉଥିଲା, ସତରେ ଗରିବ କିଏ ? ଆଜି ଭେଟିଥିବା ମଣିଷମାନେ, ଝିଅର ଖାତା କିଣା ପଇସା ଦାନ କରି ଦେଇ ପକେଟ୍ ଶୂନ୍ୟ ହୋଇ ଘରକୁ ଫେରୁଥିବା ସେ ନିଜେ ନା ବିବେକକୁ ପୋଡ଼ି ଖାଇ ପବନଦୋଳିରେ ଭାସୁଥିବା ବିକାଶ ?

 Magazine Downloaded from www.aahwaan.com

# ଅବୈଧ

କେବଳ ତିନୋଟି ଚରିତ୍ରକୁ ନେଇ ଗଢିଉଠିଛି ଏ ଗଳ୍ପ । ସେମାନେ ହେଲେ ଶ୍ୱେତାଙ୍ଗୀ, ବାନାମ୍ବର ଓ ରମାକାନ୍ତ । ତିନୋଟି ଚରିତ୍ରରେ ଥିବା ପାତ୍ର ମାନଙ୍କର ପରିଚୟ ମୁଁ ଏଠି ଦେଇଦେବା ଭଲ ହେବ ବୋଲି ଭାବୁଛି ।

ଶ୍ୱେତାଙ୍ଗୀ ବାଇଶି ବର୍ଷୀୟା । ଶ୍ୟାମଳୀ ସୁନ୍ଦରୀ ଯୁବତୀ । ଉପନାମରେ ମହାନ୍ତି, ଦାସ, ପଟ୍ଟନାୟକ କିମ୍ବା ପାତ୍ର ହେଇପାରେ । କହିଦେଲେ ସେ ଜାଣିଦେବ ତା ଉପରେ ଗଳ୍ପ ଲେଖାଯାଇଛି । ତେଣୁ ନ ଲେଖିବା ଭଲ । ଏକ ପ୍ରତିଷ୍ଠିତ କଲେଜରେ ସ୍ନାତକୋତ୍ତର ଛାତ୍ରୀ । ବିଶ୍ୱବିଦ୍ୟାଳୟ, ବିଭାଗ ଓ ବିଷୟ ନଜାଣିବା ଭଲ । ନହେଲେ ତା' ସାଙ୍ଗସାଥୀ ଜାଣିନେବ ଶ୍ୱେତାଙ୍ଗୀ ବିଷୟରେ ଏ ଗଳ୍ପ । ବାନାମ୍ବର ମୋ ଗାଁ ପିଲାବେଳର ସାଙ୍ଗ । ଉପନାମରେ ସାହୁ, ଦାସ ବାରିକ କିମ୍ବା ପାଢ଼ୀ ହେଇପାରେ । କହିଦେଲେ ସେ ଜାଣିଦେବ ତା' ଉପରେ ଗଳ୍ପ ଲେଖାଯାଇଛି । ତେଣୁ ନଲେଖିବା ଭଲ । ବିବାହିତ ଓ ଏକ ପୁତ୍ର ସନ୍ତାନର ପିତା । ପ୍ରତିଷ୍ଠିତ ପ୍ରକାଶନୀରେ କାମ କରେ ଏବଂ ବିଶିଷ୍ଟ ଗାଳ୍ପିକ । ତା ସହର ଓ ପ୍ରକାଶନୀର ନାମ ନ ଲେଖିବା ଭଲ । ନହେଲେ ତା ସହରର ଲୋକେ ଜାଣିଗଲେ ତା'ର ବଦ୍ନାମ ହେବ । ଆଉ ଯଦି ତା ସ୍ତ୍ରୀ ଜାଣିଦେଲା କଥା ସରିଯିବ ।



ଭାଗିରଥୀ ବେହେରା

 Magazine Downloaded from www.aahwaan.com

ଶେଷରେ ମୁଁ ହେଲି ରମାକାନ୍ତ । ଉପନାମରେ ବେହେରା, ପାଣିଗ୍ରାହୀ, ମଲ୍ଲିକ କିମ୍ବା ପଣ୍ଡା ହେଇପାରେ । କହିଦେଲେ ମୋତେ ସମସ୍ତେ ଜାଣିଦେବେ ଏବଂ ପଚାରି ବସିବେ ଗଳ୍ପ ସତ କି ମିଛ । ତେଣୁ ନଲେଖିବା ଭଲ । ଜଣେ ସହକାରୀ ଅଧ୍ୟାପକ । ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ । ଏ ଯାଏଁ ଅବିବାହିତ ।

ଗଳ୍ପ ତ ନୁହଁ, ଏହା ଏକ ଘଟଣା । ବାନାମ୍ବର ପାଇଁ ଏହା ଏକ ରୋମାଞ୍ଚିକ ଯାତ୍ରା । ସେ ମୋତେ ଯାହା କହିଛି ତାହା ହିଁ ହୁବହୁ ମୁଁ ଲେଖିବାକୁ ଚେଷ୍ଟା କରିଛି ।

ହେଇପାରେ ବାନାମ୍ବର ଏ ଗପ କେବେ ନା କେବେ ପଢି ମୋ ଉପରେ ରାଗିବ । ନଲେଖି ମୁଁ ରହି ପାରୁନି । କିନ୍ତୁ ଶ୍ୱେତାଙ୍ଗୀ ଉପରେ କୌଣସି ପ୍ରଭାବ ପକେଇବ ନାହିଁ । କାରଣ ଗପ ପଢିବା ତା'ର ରୁଚି ନୁହଁ । ସେ କେବେ ଜାଣିବନି ଯେ ତା ଉପରେ ଗଳ୍ପ ଲେଖାଯାଇଛି ।

ଠକ୍ ! ଠକ୍ ! ଠକ୍ ! ମୋ ସରକାରୀ ବାସଭବନର ପୁରୁଣା ଉଇଲଗା କାଠକବାଟ ଉପରେ କରାଘାତ । ମୁଁ କିନ୍ତୁ ଶୋଇଥିଲି ନିଘୋଡ ନିଦରେ । ଦିନ ସାରା ସୋଧ କାର୍ଯ୍ୟରେ ବ୍ୟସ୍ତ । ରାତି ଟି.ଭି.ରେ ଫିଲ୍ମ ନଚେତ ସାଙ୍ଗ ସାଥିରେ ଚାଟିଙ୍ଗ୍ରେ କେତେ ବେଳେ ରାତି ଦୁଇ ବାଜିଯାଏ ଜଣା ପଡେନି ।

ପୁଣି ଥରେ କରାଘାତ । କିନ୍ତୁ ଜୋରରେ । ଠକ୍ଠକ୍ ! ଠକ୍ଠକ୍ ! ଠକ୍ଠକ୍ ! ଓଃ ! କିଏ ଏତେ ସକାଳୁ ? ଆସୁଛି ବାବା । କେତେ ଥର ମରାମତି ବିଭାଗକୁ ଲେଖିଲିଣି କଲିଙ୍ଗ୍ ବେଲ୍ଟା ଟିକେ ଠିଆରି କରନ୍ତୁ । ଶୁଣୁଛି କିଏ । ଆଖି ମଳିମଳି କବାଟ ଖୋଲିଲା ବେଳକୁ ସାମନାରେ ବାନା । (ପୂର୍ବରୁ ଜଣେଇଥିବା ଏ ଗଳ୍ପର ଚରିତ୍ର ବାନାମ୍ବର ଯାହାକୁ ଆମେ ସାଙ୍ଗମାନେ ବାନା ବୋଲି ସମ୍ବୋଧନ କରି ଆସିଛୁ । ତେଣୁ ଆଗକୁ ବାନା ନାମରେ ପଢିବାକୁ ମୁଁ ଆପଣମାନଙ୍କୁ ଅନୁମତି ମାଗୁଛି) । କାନ୍ଧରେ ବ୍ୟାଗ୍ । ବିବ୍ରତ ମନ ।

 Magazine Downloaded from www.aahwaan.com

ମୋ କଥାରେ ଅଭିମାନ କଲା ।

"ଆରେ କଥା କ'ଣ ? କହି ଦେଉ ଦେଉ ବେଇ ଦେବିକି । ଉଠିଲା ଯିବା ପାଇଁ ।" - ସେ ମୋ କଥାରେ ଅଭିମାନ କଲା । ଭୋର ସମୟ ସକାଳ ବି ହେଇନି । ପୁଣି ମୋ ଡିପାର୍ଟମେଣ୍ଟର ଅନେକ କାମ । ମୋ କହିବାର ଅର୍ଥ ଥିଲା ସାଙ୍ଗେ ସାଙ୍ଗେ ପିଲା ଜନମ କରିଦେବିକି ।

"ବେଇବୁନି ତ କ'ଣ ? ହଇରେ ପୁଅ, ରବିବାରଟାରେ ତୋର କି ଡିପାର୍ଟମେଣ୍ଟ ? ମନୋବିଜ୍ଞାନ ଅଧ୍ୟାପକ ତ । ବେଶି ପାଠ ଦେଖାଉଛି ।" - ଘାଇଲା ବାଘ ପରି ସେ ପ୍ରତିକ୍ରିୟା ଦେଲା । ମୁଁ ଜାଣି ପାରିଲି ବାନା ଧୀରେ ଧୀରେ ରାଗିବା ଆରମ୍ଭ କଲାଣି । ତା' ହିସାବରେ ଯଦି କିଛି କାମ ନହୁଏ ରାଗିବା ସ୍ୱାଭାବିକ । ମୁଁ ପିଲାବେଳୁ ଜାଣିଛି ତାକୁ । ତେଣୁ ସେ ଫାଟିବା ପୂର୍ବରୁ ମୁଁ ମୋ ବାପା ଦେଇଥିବା ସ୍କୁଟର ବାହାର କଲି ଏବଂ ତା' କଥାକୁ ସମର୍ଥନ ଜଣାଇଲା ଭଳିି କହିଲି -"ହଉ ଆଜି ସମୁଦ୍ର ଦର୍ଶନ ହୋଇଯାଉ । ମୁଁ ବି ବହୁଦିନ ହେଲା ବ୍ୟସ୍ତତା ଯୋଗୁଁ ଯାଇପାରିନି ।"

ରାସ୍ତାସାରା ବାନା ଚୁପ୍‌ଚାପ୍ । ମୁଁ ବିଭିନ୍ନ ଅକଳ୍ପନୀୟ ଭାବନାରେ ସ୍କୁଟର ଚଲାଉଥିଲି । ଏଇ ଯେମିତିକି ମାଡ ଖାଇବା... ମନିପର୍ସ ହଜିଯିବା... ଭୁଲ ଧରାପଡିବା... ଚାକିରି ପଳେଇବା...

ସ୍ତ୍ରୀ ସହ ଝଗଡା ହେବା... । ନତୁବା ଯାହା ଅଜାଗା ଘା ଭଳି ଦେଖି ହେଉନଥିବ କିମ୍ବା ଦେଖେଇ ପାରୁନଥିବା... ଇତ୍ୟାଦି... ଇତ୍ୟାଦି ।

"ହଁ କହ । କ'ଣ ପାଇଁ ତୋର ଏ ଚୁପି ?" - ଝାଉଁବଣ ବାଲିକୁଦା ଉପରେ ବସୁ ବସୁ ପଚାରିଲି ତାକୁ ।

"ତୁ କାହାକୁ କହିବୁ ନାହିଁ ତ ?"

 Magazine Downloaded from www.aahwaan.com

"ଠିକ୍ ଅଛି । ଯଦି ତୋର ବିଶ୍ୱାସ ନାହିଁ ଚାଲ ଫେରିଯିବା ।"- ଏତିକି କହି ମୁଁ ଉଠିଲି । ଏଥର ଥିଲା ମୋ ପାଳି । ସେ ନେହୁରା ହେଲା । ଭୁଲ ହେଉଛି ବୋଲି କ୍ଷମା ମାଗିଲା ।

"ଜଣେ ସ୍ତ୍ରୀ ସହ ଅନେକ ଦିନ ହେଲା ଚାଟିଙ୍ଗ୍ ଚାଲୁଥିଲା" ।

"ନିଶ୍ଚୟ ତୋ ଗଳ୍ପର କିଏ ଜଣେ ବିଦଗ୍ଧ ପାଠିକା ହୋଇଥିବ ।" - ମୁଁ ଫଟ୍‌କିନା ଜଣେଇଲି ।

"ହଁ ଆଗରୁ ଯେଉଁଠି ମୁଁ କାମ କରୁଥିଲି ଏବେ ସେଇଠି ସେ କାମ କରୁଛି ।"

"ତା ନାଁ କ'ଣ ?"

"ତୁ କ'ଣ କରିବୁ ତା ନାଁ ଜାଣି ? ତୁ କ'ଣ ଚିହ୍ନିପାରିବୁ ନା ମିଶିପାରିବୁ । ଶୂନ୍ୟଟାରେ ପଚାରୁଛୁ ।"

"ଆଚ୍ଛା ଆଚ୍ଛା । ତା ପରେ ?" ମୁଁ ହାରିଗଲା ଭଳି ପଚାରିଲି ।

"ବହୁଦିନ ହେଲା ମୁଁ କଣ୍ଟାକ୍ଟ କରିବାକୁ ଚେଷ୍ଟା କରୁଛି ହେଲେ ଧରିପାରୁନି । ହ୍ୱାଟ୍‌ସଅପ୍, ଫେସ୍‌ବୁକ୍, ଇମେଲ୍ ସବୁଠୁ ସେ ଯେମିତି ଗାୟବ ହୋଇଯାଇଛି ।"

"କ'ଣ ହେଲା . . . . ? ବାହା ହେଇପଡିଲା . . . ? କାହା ସହିତ ପଳେଇଲା . . . ? ତା' ସ୍ୱାମୀ ଜାଣିଦେଲା . . . . ? ମରିଗଲା . . .. ? ତା' ବାପା ମା ମନା କଲେ . . .. ? କେତୀ ଭାଉଜ ଜାଣି ଦେଲାକି . . . . ? (ଛଦ୍ମ ନାମ ନ ହେଲେ ଭାଉଜ ଜାଣି ଦେବେ ଆମେ କିଏ । ଆମ ଗାଁର ଝିଅ କେତକୀକୁ ବାହା ହେଇଛି ବାନାମ୍ବର ତେଣୁ କେତୀ ଭାଉଜ ବୋଲି ମୁଁ ଡାକେ) । ତାକୁ ଆଉ କିଏ ମିଳିଗଲା କି . .. . . ? ନ ହେଲେ ତୁ ଗୁଗୁଲ, ଟ୍ୱିଟର ଆଦିରେ ଖୋଜିଲୁନି ?"

"ରହ ମ ! ମାରଣା ମଇଁଷି ଭଳି ଏଣେ ତେଣେ ଦଉଡୁଛୁ କାହିଁକି ଶୂନ୍ୟଟାରେ । ସେମିତି କିଛି ହେଇନି ।"

 Magazine Downloaded from www.aahwaan.com

"ଓଃ ହୋ ।" ଶାନ୍ତିରେ ନିଶ୍ୱାସ ମାରିଲି ମୁଁ । କିଛି କ୍ଷଣ ନୀରବତା ।

"ଆଚ୍ଛା, ତା ପରେ ?"

"ମୋତେ ଆଉ ଜଣେ ପାଠିକା ମିଳିଲା ଯିଏ ମୁଁ ଖୋଜୁଥିବା ପାଠିକାକୁ ଭଲ ଭାବରେ ଜାଣିଥିଲା । ସେ ବି ମୋ ଗଳ୍ପର ଜଣେ ନୁଆଁ ପାଠିକା ।"

"ପୁଣି ପାଠିକା ? କ'ଣ ବେ ? ତମମାନଙ୍କୁ ସବୁ ମିଳୁଛନ୍ତି । ଆମ ଭାଗ୍ୟରେ କିଛି ନାହିଁ । ଆହା ! ମୁଁ ଗାଳ୍ପିକ ହେଇଥାଆନ୍ତି କି !" – ଏକ ଦୀର୍ଘନିଶ୍ୱାସ ନେଇ ଦୁଃଖ ପ୍ରକାଶ କଲି ମୁଁ ।

"ଏମିତି କ'ଣ ଅଭଦ୍ର ଭଳି ହେଉଛୁ ତୁ ? ଅଧ୍ୟାପକ ତୁ । ଟିକେ ସଞ୍ଜମତା ରକ୍ଷାକର ।" – ତାଗିଦ୍ କରି କହିଲା ବାନା । ଯେମିତି ସେ ମୋ ଗୁରୁ । ମୁଁ ତା ଚେଲା । ମୁଁ ମନେ ମନେ ଭାବିଲି – ଶଃ ! ଇହାପ ନିଜେ କୃଷ୍ଣ ହେଇ ଗୋପୀଙ୍କ ମେଳେ ଥେଇଥେଇ ନାଚୁଛି । ଆମ ପାଳି ପଡିଲା ବେଳକୁ କ'ଣ ନା ଅଧ୍ୟାପକ । ସଂଯମତା । ନୀତି ନିୟମ । ଯେମିତି ଅଧ୍ୟାପକ ହେଇ ପାପ କରିଛୁ ।

"ସେ ପି ଜି କରୁଛି । ବାଇଶି ବୟସ ପାଖାପାଖି ।"

"ମାନେ ତୋ ଆଉ ତା ଭିତରେ ଚଉଦ ବର୍ଷର ତଫାତ୍ !" - ମୁଁ ଆଶ୍ଚର୍ଯ୍ୟ ହେଇ ପଚାରି ବସିଲି ।

"ତୁ କହିବାକୁ କ'ଣ ଚାହୁଁଛୁ ? ତୁ ଶଳା ବଡ ଛତରାଟା । ଅନାବନା କଥା ସବୁ ଭାବୁଛୁ କାହିଁକି ? ବୟସ ବ୍ୟବଧାନ ହେଲା ବୋଲି କେଉଁ ପୃଥିବୀଟା ଖସିପଡିଲା କି ?"

"ହଉ । ହଉ । ଚାଟିଙ୍ଗ କଲୁ ତ ଭଲ କଲୁ । ଏଥିରେ ଉତ୍ୟକ୍ତ ହେବାର କ'ଣ ଅଛି ?"

"ତୋତେ କିଏ ଅଧ୍ୟାପକ କଲା ବେ ? ପଇସା ଦେଇ ବୋଧେ ଚାକିରି ପାଇଛୁ ?

 Magazine Downloaded from www.aahwaan.com

ଧର୍ଯ୍ୟ ଟିକେ ନାହିଁ ଶୁଣିବାକୁ ।"

"ହଉ ସରି । କହ ।" – ତା କମେଣ୍ଟରେ ମୁଁ କ୍ଷମା ମାଗିଲି । ନ ହେଲେ ସମସ୍ତ ଅଧ୍ୟାପକ ଜାତିକୁ ଏଇନେ ସେ ଗାଳି ଦେଇଥାନ୍ତା । ମନ ଭିତରେ ବହେ ଗାଳି ଦେଲି ବାନାକୁ - ହାରାମୀ ! ସକାଳୁ ସକାଳୁ ମୋ ନିଦ ଖରାପ କରି ମୋତେ ଡାକି ଆଣିଛି ନିଛାଟିଆ ଝାଉଁବଣ । କିନ୍ତୁ କହୁଛି ମୋର ପେସେନ୍ସ ନାହିଁ ।

"ଚାରିଦିନ ପୂର୍ବରୁ ରାତି ଦୁଇଟା ଯାଏଁ ଆମର ଚାଟିଙ୍ଗ୍ ହେଲା ।"

"କେତୀ ଭାଉଜ ଗରଗର ହେଲେନି ?"

"ଘରେ ଥିଲେ ତ ହେବ । ଦଶଦିନ ପାଇଁ ତା ବାପଘର ସହ କେଉଁ ଶୈବପୀଠକୁ ଯାଇଛି ।"

"ଆ ହା ! ଏଥିପାଇଁ ଏତେ ନାଟ । ବିଲେଇ ନଥିବାରୁ ମୂଷାର ଏ ତମାସା । ହେଲେ ଅସୁବିଧା କେଉଁଠି ? ଆଜି କାଲିକା ଝିଅ ମୋବାଇଲ ପରି ବୟଫ୍ରେଣ୍ଡ ବଦଳୁଛନ୍ତି । ତୋର ତ ମଜା ହିଁ ମଜା । ତୋ ଭଳିଆ ଦରବୁଢା ସହ ସେ କଅଁଳ ଟୋକୀ । କ'ଣ ସବୁ କଥା ହେଲାକି ?" – ମୁଁ କୁରୁଳେଇ ତାକୁ ପଚାରିଦେଲି ।

"ବୁଢା କାହାକୁ କହୁଛୁ ବେ ? ତୋର ତ ବଡ ସାହସ । ଏବେବି ଯଦି ଜିନ୍ସ ଆଉ ଟୀ ସାର୍ଟ ପିନ୍ଧି ବାହାରକୁ ବାହାରି ପଡିବି , କେତେ କଲେଜ ଝିଅ ଚେତା ହରେଇଦେବେ । ଛାଡ ତୁ ତ ବାହା ହେଇନୁ । ଜାଣିବୁ କ'ଣ ?"

ତା'ର ଏ କଥାରେ ମୋ ଦେହରେ ନିଆଁ ଲାଗିଗଲା । ବାହା ହେଇନି ବୋଲି କ'ଣ ମୁଁ ବରଯାତ୍ରୀରେ ଯାଇନି । ପ୍ରତିଶୋଧ ପରାୟଣ ହୋଇ ମୁଁ ଟିକେ ନିଆଁରେ ଘିଅ ଦେଲି । ପଚାରିଲି - "କିଏ କହିଲା କି ତୁ ଜିନ୍ସ ପିନ୍ଧିଲେ ଲୋକେ ଫେଣ୍ଟ ହେଇଯାଉଛନ୍ତି ?"

"ତୋ କେତୀ ଭାଉଜକୁ ପଚାର । ଅନେକ ଥର ସେ କମ୍ପ୍ଲିମେଣ୍ଟ ଦେଇଛି ।"

 Magazine Downloaded from www.aahwaan.com

"ହଉ ହଉ ମୋର ଭୁଲ ହେଇଗଲା । ତା ପରେ କହ ।" – ମୁଁ ଆତ୍ମସମର୍ପଣ କଲି । କାରଣ ମୁଁ ବାହା ହେଇନି । ବରଯାତ୍ରୀରେ ଯିବାର ମାନେ ନୁହଁ ଯେ ବାହା ହେଇପଡିବା ।

"ଆମେ ରାତିସାରା କଥା ହେଲୁ । ପ୍ରଥମେ ପ୍ରଥମେ ଅନାବନା କଥା । ତା ପରେ ମୋ ପୂର୍ବ ପାଠିକା ବିଷୟରେ । କାରଣ ସେ ତା'ର ଛାତ୍ରୀ ଥିଲା । ବାହାରେ ଥିଲା ବର୍ଷା । ଆମ ଭିତରେ କିଛି ଗୋଟେ ଗଢି ଉଠୁଥିଲା ।"

"ସମ୍ପର୍କ ?"

"ଥାଉ ଥାଉ । ଗାଳ୍ପିକ ମୁଁ, ତୁ ନୁହଁ । ଯାହା ବି ଆମ ଭିତରେ ଗଢି ଉଠୁଥିଲା ତାକୁ ଛାଡି ଦିଆଯାଉ । କିନ୍ତୁ ତା ଅଜାଣତରେ ମୁଁ ମୋ ଭିତରେ ହେଉଥିଲି ଓଦା । ବାହାରେ ହେଉଥିଲା ବର୍ଷା ।"

"ମୋତେ ଫୋନ୍ କଲୁନି । ଛତା ପଠେଇ ଦିଅନ୍ତି ।" – ଟାପରା କରି ମୁଁ କହିଲି ।

"ଚୁପ୍ରେ । ମୁଁ ଯେଉଁ ପ୍ରକାର ଓଦା ହେଇଥିଲି ତୋ ଛତା କ'ଣ କାମ ଦେଇଥାନ୍ତା । ନିଜକୁ ଟିକିଏ ସାହସ କରି ମାଗିଦେଲି ତା ଫଟୋ । କହିଲି ମୁଁ ତାକୁ ଏବେ ଦେଖିବାକୁ ଚାହୁଁଛି ।"

"ଦେଲା ?" – ମୁଁ ଜିଜ୍ଞାସୁ ହେଇ ପଚାରିଲି ।

"ତୋତେ ମିଳିଗଲା ଭଳି କାହିଁକି ହେଉଛୁ ?"- ବାନାଟିକେ ବିରକ୍ତି ପ୍ରକାଶ କଲା । ମୁଁ ଚୁପ୍ ହେଲି ।

ସେଇଠୁ ସେ କହିଲା - "ଦୁଇ ତିନିଟା ଫଟୋ ସେ ପଠାଇଲା । ମୁଁ ଭାବିଲି କଣ୍ଟାଟା ଠିକ୍ ଲାଗିଛି ମାଛର ପାଟିରେ । ନ ହେଲେ ଅଧାରାତ୍ରିରେ ଜଣେ ଅଜଣା ଝିଅ ମୋତେ ଫଟୋ ପଠେଇ ଥାଆନ୍ତା କାହିଁକି ? ମୁଁ ତା'ର କିଏ କି ? ଆଉ ଟିକେ ସାହସ ବଢିଲା ମୋର । ଆଙ୍ଗୁଠି ପୁରେଇବା ସୁଯୋଗରେ ବାହୁ ପୁରେଇବା ନୀତିରେ ମୁଁ ଲେଖିଲି – ତମେ

 Magazine Downloaded from www.aahwaan.com

ବୁଝିଲନି । ମୁଁ ଲେଖିଛି ତୁମକୁ ଏବେ ଦେଖିବାକୁ ଚାହୁଁଛି । ମାନେ ଏବେ । ଏଇ କ୍ଷଣି । ରାତି ବାରଟାରେ ।”

“କେଡେ ଅଲାଜୁକଟାରେ । ଏମିତି ପଚାରିବାକୁ ତୋ ପାଟି ଫିଟିଲା କେମିତି ? ତୋ ସ୍ତ୍ରୀ କି ଶାଳୀ ରାତିଅଧରେ କ’ଣ ପିନ୍ଧନ୍ତି ତୁ ଜାଣିନୁ କି ? ସେ ସେତବେଳର ଫଟୋ ଦେଇଥାନ୍ତା କେମିତି ? ଅଭଦ୍ରତାର ଗୋଟେ ସୀମା ଅଛି ।” - ଏଥର ଥିଲା ମୋ ପାଳି । ମୁଁ ତାକୁ ଖିଙ୍କାରିଲା ଭଳି କହିଲି ।

“ତୁ କ’ଣ ପର୍ସନାଲ ହେଉଛୁ । ମୋ ସ୍ତ୍ରୀ କ’ଣ କଲା ବେ ? ମୋ ଶାଳୀ ଏ ଯାଏଁ କ’ଣ ପିନ୍ଧି ଶୋଉଛି ମୁଁ ଜାଣିନି । ତୁ କେମିତି ଜାଣିଦେଲୁ ?”

“କ୍ଷମା ବାନାମ୍ବର କ୍ଷମା । ତୁ ତାକୁ ରାତି ବାରଟାରେ ଦେଖିପାରିଲୁ କି ନାହିଁ ଖାଲି ଏତିକି କହ ।”

“ଦେଖିବିନି କାହିଁକି ? ଏମିତି କ’ଣ ଗୋଟେ ମାଗିଦେଲି କି ? ଅନେକ ନା ନା କଲା । ନାରୀ କେବେ ପୁରୁଷର ଆତୁର ଓ ପ୍ରେମଭରା ଅନୁରୋଧ ଭାଙ୍ଗିପାରେ ? ସ୍ଲୀପଲେସ୍ ଟପ୍ ଓ ହାଫ୍ପେଣ୍ଟ ପିନ୍ଧା ଫଟୋ ପକେଇ ଲେଖିଲା – ମୁଁ ଏବେ ଏଇଟା ପିନ୍ଧିଛି । ଦୟାକରି ଡିଲିଟ୍ କରିଦେବେ । ଯେମିତିକି ଭକ୍ତର ଆକୁଳ ନିବେଦନରେ ଦେବୀ ପ୍ରସନ୍ନ ନ ହେଇ ରହି ପାରନ୍ତିନି । ତା ଅବସ୍ଥା ମୋତେ ସେ ପ୍ରକାର ଲାଗିଲା ।”

“କି ଭାଗ୍ୟ । ଭଲ ଦେଇଛି କେତୀ ଭାଉଜ ନାହାଁନ୍ତି । ନ ହେଲେ ଅବସ୍ଥା ସାଂଘାତିକ ହେଇଥାନ୍ତା । ଟିକେ ଦେଖେଇବୁକି ?”

“କେଡେ ବୋକାଟା କିରେ । ଗୋଟେ ଅଜଣା ଝିଅର ଅଧା ଲଙ୍ଗଳା ଫଟୋ ମୋବାଇଲ୍ରେ ରଖି ତୁ କ’ଣ ଚାହୁଁଛୁ ମୁଁ ଜେଲ ଯିବି । ସେ ଯାହା ହେଉ ମୁଁ ବୁଝିଗଲି ଯେ ଯାହା ସବୁ କହୁଛି, ଲେଖୁଛି ତାକୁ ନିଶ୍ଚୟ ଭଲ ଲାଗୁଛି । ତା’ ପରେ ମୋତେ ଫୋନ୍ କରିବାକୁ

 Magazine Downloaded from www.aahwaan.com

ଅସ୍ତବ୍ୟସ୍ତ ବେଶଭୁଷା । ଅନିଦ୍ରା ଆଖି । ଉଜୁଡା ମୁହଁ । ବୋଧେ ତାକୁ କିଏ ଭୟଙ୍କର ଅପମାନ କିମ୍ବା ଆଘାତ ଦେଇଛି ।

ମୋ ବିନା ଅନୁମତିରେ ସିଧା ବସିପଡିଲା ମୋ ଶେଯ ଉପରେ ।

"କିରେ ! ବାନା ଭଳି ଏମିତି ସକାଳୁ ସକାଳୁ କେଉଁଠୁ ଉଡିଆସିଲୁ ?" - ପାଣି ଗିଲାସେ ତାକୁ ପିଇବାକୁ ଦେଲି । ଏକା ଢୋକରେ ପିଇ ନେଲା ସେ ।

"ଯା ଯା ଟିକେ ଶୋଇପଡ । ମୋ ନିଦ ବି ପୁରା ହେଇନି । ପଛେ କଥା ହେବା ।" ମୁଁ ଏତିକି କହିଲା ପରେ ବି ମୁହଁଟା ତଳକୁ କରିବସିଛି । ସେ ନିରୁତ୍ତର । ବିବ୍ରତ ମନ । ଅସ୍ତବ୍ୟସ୍ତ ବେଶଭୁଷା । ଅନିଦ୍ରା ଆଖି । ଉଜୁଡା ମୁହଁ । ବୋଧେ ତାକୁ କିଏ ଭୟଙ୍କର ଅପମାନ କିମ୍ବା ଆଘାତ ଦେଇଛି ।

ମୋତେ ଲାଗିଲା କିଛି ଘଟିଛି । ତାତିଲା ପାଣିରେ ଆଙ୍ଗିଠି ପୁରେଇଲେ ଜଳିଯିବାର ସମ୍ଭାବନା ଭାବି ମୁଁ ଚୁପ୍‌ଚାପ ବାଥରୁମ୍ ପଶିଗଲି ।

"ଚାଲ, ଝାଉଁବଣକୁ ଯିବା ।" ମୁଁ ବାଥରୁମରୁ ବାହାରୁ ବାହାରୁ ସେ କହିଲା । ସେ ଯେଉଁ ଝାଉଁବଣ କଥା କହୁଛି ତାହା ହେଲା ମୋ ବିଶ୍ୱବିଦ୍ୟାଳୟଠୁଁ ପାଞ୍ଚ କିଲୋମିଟର ଦୂରରେ ଥିବାର ସମୁଦ୍ର । ଏଠି ମୁଁ ସମୁଦ୍ରକୁଳ ନାଁ କହିବିନି । ନ ହେଲେ ଏ ଗଳ୍ପର ଚରିତ୍ରମାନେ ଧରାପଡିଯିବାର ଭୟ । ବିଶେଷତ୍ୱ ହେଲା ସମୁଦ୍ରର ଗର୍ଜନ ଶୁଣାଯାଏନା ସେଠି । ଯେବେବି ବାନା ମୋ ପାଖକୁ ଆସେ ମୁଁ ତାକୁ ସେଠିକି ନିଏ । ତାକୁ କ'ଣ ! ଯିଏ ବି ମୋ ପାଖକୁ ଆସେ ମୁଁ ସେଠିକି ସମସ୍ତଙ୍କୁ ନିଏ ।"

"ଆରେ ପାଗଳ ହେଲୁକି ଏଡ଼େ ସକାଳୁ ସକାଳୁ ? ପାଞ୍ଚଟା ହେଇଛି । ଭୋର ସମୟ ସକାଳ ବି ହେଇନି । ପୁଣି ମୋ ଡିପାର୍ଟମେଣ୍ଟରେ ଅନେକ କାମ ।"

"ହଉ ! ଚାଲିଲି । ତୁ ତୋ ଡିପାର୍ଟମେଣ୍ଟ ସମ୍ଭାଳ ।" - ବାନା ଉଠିଲା ଯିବା ପାଇଁ । ସେ

 Magazine Downloaded from www.aahwaan.com

କହିଲା । ଆମେ ରାତି ସାରା ଗପିଲୁ । ଏଇ ଯେମିତି ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡ ପରି । ପାଠରୁ ଶାଠ । ଗାଁରୁ ସହର । ଇଚ୍ଛାରୁ ମନ । ମନରୁ ଦେହ । ଦେହରୁ . . . . ।" - ଅଧାରେ ଛାଡିଲା କଥା ବାନା ।

"ରହିଗଲୁ କାହିଁକି ? ଆଗକୁ କହ ।" - ବଡ ଉତ୍କଣ୍ଠାର ସହ ପଚାରିଲି ମୁଁ । କାରଣ ମୁଁ ବିଶ୍ୱାସ କରି ପାରୁନଥିଲି । ଜଣେ କଲେଜ ଝିଅ ବାନା ଭଳିଆ ବୁଢାଠୁ ପାଉଥିଲା କ'ଣ ।

"ମୋତେ କ'ଣ ମୂର୍ଖ ଭାବିଛୁ କିରେ ? ଅଧ୍ୟାପକ ତୁ । ତୋ କଲେଜରେ ପୁଅ ଝିଅ ଗଣ୍ଡାଗଣ୍ଡା ଯୋଡି ହେଇ ବୁଲୁଛନ୍ତି । ସାମାନ୍ୟ କଥା ବୁଝିପାରୁନୁ । ମୋତେ ଖୋଲିକି କହିବାକୁ ପଡିବ ।"

ମୋ ମନଟା ମରିଗଲା । କାରଣ ବାନା ସବୁ କଥା ଖୋଲି କହୁନଥିଲା ।

"ତା' ପରେ ?"

"ମୁଁ ଲେଖିଦେଲି - ଯଦି ଭେଟିବାକୁ ଚାହେଁ ତୁମେ ଭେଟ ହେଇପାରିବ ?"

"କେଉଁ ଜାଗାରେ ତାକୁ ଭେଟିବାକୁ ତୁ କହିଲୁ ?"

"ମୁଁ କହି ପାରିବିନି ତୋତେ । କହିଲେ ତୁ ରାଗିବୁ । ସେ ପଚାରିଲା – କ'ଣ ପାଇଁ ତମେ ଆସିବ ମୋ ସହର ? ମୁଁ ମିଛ କହିଲି - ମୋର ସଭା ସମିତି ଅଛି । ଏଇ ବାହାନାରେ ତା ମାଡାମ ମାନେ ମୋ ପୂର୍ବ ପାଠିକା ବିଷୟରେ ଅଧିକ ଜାଣିପାରିବି । ସେ ରାଜି ହୋଇଗଲା । ବାସ୍ ! ରାତି ସାରା ମୋତେ ନିଦ ହେଲାନି ।"

ପୁଣି କିଛି ସମୟ ପାଇଁ ନୀରବତା । ପୁଣି ବାନା କହିବା ଆରମ୍ଭ କଲା-"କ'ଣ କହିବି ରମା । (ମୋତେ ବେଳେ ବେଳେ ସେ ରାମାକାନ୍ତରୁ ରମା ଡାକିଦିଏ) ମୋତେ ପୁଣି ଯୁବକ ହେଲା ଭଳି ଲାଗିଲା । ମୋ ଭିତରେ ବିଶ୍ୱାସଟିଏ ଜାଗ୍ରତ ହେଲା ଯେ ମୁଁ ବୁଢା ହେଇନି । ଅଳ୍ପ ବୟସୀ ଝିଅମାନଙ୍କୁ ଆକର୍ଷିତ କରିବାର ଅନ୍ୟ ପ୍ରକାର ଏକ ଅବୋଧ ସତ୍ତା ମୋ

 Magazine Downloaded from www.aahwaan.com

ଉପରେ ମାଡିବସିଲା । ତାକୁ ଭେଟିବାର ପ୍ରବଳ ଇଚ୍ଛା ହେଲା । ତାକୁ ଶୁଣିବାକୁ ଇଚ୍ଛା ହେଲା । ତା ସହ କିଛି ମୁହୂର୍ତ୍ତ ବିତେଇବାକୁ ଇଚ୍ଛା ହେଲା । ସତ କହିବାକୁ ଗଲେ ଜଣେ ଯୌବନାବତୀର ମୋହରେ ମୁଁ ବାନ୍ଧି ହୋଇ ଯାଇଥିଲି । ଯା'ର ବୟସ ମୋଠୁ ଚଉଦ ବର୍ଷ କମ୍ । କେବଳ ବୟସ ନୁହଁ ବରଂ ଦେହ, ଇଚ୍ଛା, ଚାଲିଚଳଣି, ପରିବାର, ଚିନ୍ତାଧାରା ସବୁ ଭିନ୍ନ ଥିଲା । ତଥାପି ମୁଁ ନିଷ୍ପତ୍ତି ନେଲି ଏ ସୁଯୋଗ ମୁଁ ଯେପରି ହାତଛଡା ନକରେ । ବୈବାହିକ ଜଞ୍ଜାଳମୟ ସଂସାରରୁ ଟିକେ ବିରତି ଚାହୁଁଥିଲି ମୁଁ । ଏକ ପ୍ରକାର ମୁକ୍ତି । ଏ ଦୁର୍ବାର କାମନା ମୋତେ ଟାଣି ନେଇଗଲା ତା ସହରକୁ ।"

"ପାଗଳ ହେଲୁକିରେ । କିଛି କାମ ନଥାଇ କେବଳ ତାକୁ ଭେଟିବାକୁ ତା ସହରକୁ ଚାଲିଗଲୁ । ଟିକେ କେତୀ ଭାଉଜ କଥା ଭାବି ପାରିଲୁନି । ତାଙ୍କ ପ୍ରତି ଏତେ ବଡ ଧୋକା । ଆବେ ! ଏଇଟା ତୋର ଜଞ୍ଜାଳମୟ ସଂସାରରୁ ମୁକ୍ତି ନୁହଁ ବରଂ ସମାଜର ଆଖିରେ ପରକୀୟା ପ୍ରୀତି । ଅବୈଧ ସମ୍ପର୍କ । ବରଂ ମୁଁ କହିବି ଏଇଟା ପୁରୁଷମାନଙ୍କ କୁକୁରିଆ ବୁଦ୍ଧି । କଡା ଆଖିରେ ଦେଖିଲି ମୁଁ ତାକୁ ।"

"ହଉ ହଉ ରଖ ତୋ ଲେକ୍‌ଚର । ଯାଇ ପିଲାମାନଙ୍କୁ ପଢା । ନିଜକୁ କୁକୁର କ'ଣ କହୁଛୁ ? କ'ଣ ମୁଁ କେତୀକୁ ଛାଡି ତାକୁ ବାହା ହେଇଗଲିକି ?" ବାନାର ମୁହଁରେ ଥିଲା ଘୃଣା । ଅଜବ ପ୍ରକାର ଘୃଣା । କିନ୍ତୁ ବୁଝା ପଡୁନଥିଲା ସେ ଘୃଣା ଯୁବତୀ ପାଇଁ କି କେତୀ ଭାଉଜ ପାଇଁ । ଆମ ଭିତରେ ସୃଷ୍ଟି ହେଇଥିବା ଗରମ ପବନକୁ ଥଣ୍ଡା କରିବାକୁ ମୁଁ କହିଲି - "ହଉ ଟିକେ ଚାଲିବା । ବେଶି ବସିଲେ ଗୋଡ କାଟିବ ।"

ଆମେ ସମୁଦ୍ରକୂଳର ଓଦାବାଲି ଉପରେ ଚାଲିବା ଆରମ୍ଭ କଲୁ । ସମୁଦ୍ର ଆରପଟ ସୂର୍ଯ୍ୟ ମୁଣ୍ଡ ଟେକି ତାଙ୍କର ଆଭା ବିତରଣ କରିବା ଆରମ୍ଭ କଲେଣି । ବାନାର କିନ୍ତୁ ପୂର୍ବବତ୍ ସ୍ଥିତି ଥିଲା । ବିବ୍ରତ ମନ । ଅସ୍ତବ୍ୟସ୍ତ ବେଶଭୂଷା । ଅନିଦ୍ରା ଆଖି । ଉଜୁଡା

 Magazine Downloaded from www.aahwaan.com

ମୁହଁ । ବୋଧେ ତାକୁ କିଏ ଭୟଙ୍କର ଅପମାନ କରିଛି, କି ସେ ନିଜ ଭିତରେ ନିଜେ ଆଘାତ ପାଇଛି ।

"ହେଲେ ତୁ ପହଞ୍ଚିଲୁ ତା' ସହର । ତାକୁ ଭେଟିଲୁ ତ ?"- ମୁଁ କଥା ଆରମ୍ଭ କଲି ।

"ମୁଁ ତା ସହରରେ ପହଞ୍ଚିଲି । ତୋ ଭଳି କିଛି ଜାଣିବା ଲୋକ ସେଠି ଥିଲେ । କିନ୍ତୁ ମୁଁ ରହିଲି ହୋଟେଲ୍ରେ । ମୁଁ ଚାହୁଁ ନଥରଲି ମୋର ଏ ଅବାଞ୍ଛିତ ଯାତ୍ରାରେ କିଏ ବିଘ୍ନ ଆଣୁ । କିଏ ଏ ବିଷୟରେ ନ ଜାଣୁ । ମୁଁ ତାକୁ ଡାକିଲି କଫି ହାଉସ୍କୁ । ତୁ ବୁଝି ପାରିବୁନି ରମା । ବଡ ଅବର୍ଣ୍ଣର୍ନୀୟ ସେ ଭେଟ । ସେ ନଥିଲା ଅତ୍ୟନ୍ତ ସୁନ୍ଦରୀ କି ଗୋରୀ କିନ୍ତୁ କୌଣସି ପୁରୁଷକୁ ଆକର୍ଷିତ କଲା ଭଳି ତା ଅଙ୍ଗ ଶଇଷ୍ଠବ । ବଣ ଝରଣା ଭଳି ଖୋଲିଦେଲା ନିଜକୁ । ଗପୁଥିଲା ଯେ ଗପୁଥିଲା । ଯେମିତି ଏତେ ଦିନ ଧରି କିଏ ଶୁଣି ନଥିଲା ତାକୁ । କଥାରେ କଥାରେ ମୋ ଉପରେ ଲୋଟି ପଡୁଥିଲା । ବାରମ୍ବାର ନିଜକୁ ସଂଯତ କରି କ୍ଷମା ମାଗୁଥିଲା । ପୁଣି ଲୋଟି ପଡୁଥିଲା । ମୁଁ କେବଳ ତା ପ୍ରତି ଆଦରର ଭାବ ଦେଖଉଥିଲି । ଆଇସ୍କ୍ରିମ୍, ପିଜା, ବର୍ଗରଠୁଁ କଫି ଯାହା ଚାହିଁଲା, ଦେଲି । ମୁଁ ଟାଣି ହେଇ ପଡୁଥିଲି ତା ଆଡକୁ । ମୋତେ ଲଗୁନଥିଲା ସେ ନୁଆଁ ନୁଆଁ ଦେହ ଧରିଥିବା ଯୁବତୀ ବରଂ ଥିଲା ସମ୍ପୂର୍ଣ୍ଣା ନାରୀ ଯାହାର ଜନ୍ମ କେବଳ ପ୍ରେମ ପାଇବାକୁ ହେଇଛି । କି ଚପଳାମି ! କି ମାଦକତା ! କି ସରଳତା ! ମୋତେ ସବୁ ଭଲ ଲାଗୁଥିଲା । ପ୍ରତ୍ୟେକ କ୍ଷଣ ମୋତେ ଦେଲା ସୁଖ । ମଦୀରା ପାନର ନିଶା । ଲାସ୍ୟମୟୀର ସାନିଧ୍ୟରେ ମୁଁ ହେଇଥିଲି ବିଭୋର ।"

"ଯାହା ହେଉ ! ତୋ କଥା ଗୁଡାକ ସିନେମାର ଦୃଶ୍ୟ ଭଳି ଲାଗିଲା ମୋତେ । କି ସୌଭାଗ୍ୟ । ଗୋଟିଏ ହାତରେ ଲଡୁ ଆଉ ଗୋଟେ ହାତରେ ଗୁଲାବ ଜାମୁନ । ଗୋଟେ ହାତରେ ଦହି ଆଉ ଗୋଟେ ହାତରେ ଛେନା ।"

"କିରେ, କ'ଣ ଆଜିକାଲି କବିତା ଫବିତା ଲେଖିଲୁଣି କି ? ଭଲ ଭାଷା ଦେଉଛୁ ତ ।"

 Magazine Downloaded from www.aahwaan.com

"ଏ ଯାଏଁ ତ ସବୁ ଭଲ ହେଇଛି । ତୁ ଯାହା ଚାହୁଁଥିଲୁ ପାଇଲୁ । ହେଲେ ଖୁସି ବଦଳରେ ଦୁଃଖ କାହିଁକି । ପ୍ରଶାନ୍ତି ବଦଳରେ ଏତେ ଅଶାନ୍ତି କାହିଁକି ତୋ ମୁହଁରେ ?" ଅସଲ କଥାଟା ମୁଁ ଜାଣିବାକୁ ଚାହିଁଲି ।

"ନା ! ସେମିତି ନୁହଁ । ମୁଁ ପ୍ରଥମ ସିଡି ଚଢି ସାରିଥିଲି । ମୁଁ ପୂର୍ବରୁ ଅଧିକ ନିଶ୍ଚିତ ହେଲି ଯେ ମୋ ସହ ସମୟ ବିତେଇବାରେ ତା'ର କୌଣସି ଆପତ୍ତି ନଥିଲା । ଆଉ ପାଦେ ଆଗେଇବାକୁ ମୋତେ ସାହସ କରିବାକୁ ପଡିନଥିଲା । କୌଣସି ଡର ନଥିଲା ମୋ ରୋମାଞ୍ଚିତ ଯାତ୍ରାରେ ଆହୁରି ଅଧିକ ରୋମାଞ୍ଚ ଭରିଦେବାକୁ ।"

"ଯାବେ ଶଳା । ଖାଣ୍ଟି ମିଛ । ତୋତେ କ'ଣ ମୁଁ ଚିହ୍ନିନି । ସେଇଟା ରୋମାଞ୍ଚ ନୁହଁ ବରଂ ସେଇଟା ରୋମାନ୍ସ । ଘରର ବିରିଆନୀ ତୋତେ ଆଉ ଭଲ ଲାଗୁନଥିବ । ତେଣୁ ତୁ ହୋଟଲ ବିରିଆନୀ ଖାଇବାକୁ ଆସିଲୁ । ହେଲେ ବାପ ! ହୋଟେଲରେ ଖାଇଲେ ପେଟ ଖରାପ ହେବାର ସମ୍ଭାବନା ଅଧିକ । ଜାଣିଛୁ କି ନାହିଁ ?"

"କାହିଁକି ଏତେ ଆଡକୁ ଆଗଉଛୁ । କ'ଣ ତୋଠୁ ଏତିକି ଶୁଣିବା ପାଇଁ ମୁଁ ସକାଳୁ ସକାଳୁ ଆସିଛି ଝାଉଁବଣକୁ । " – ଏଥର କିନ୍ତୁ ସତରେ ଆହତ ହେଲା ବାନାମ୍ବର ମୋ କଥାରେ ଯାହା ମୁଁ ଚାହୁଁ ନଥିଲି । ମୁଁ ଟିକେ ଚୁପ ହେଲି । ମୋ ମଉଳା ମୁହଁକୁ ଦେଖି ସେ କହିଲା - "ରାଗି ଗଲୁକିରେ ରମା । ହଉ ମୋ ଉପରେ ରାଗିବାର ଅଧିକାର ତୋର ଅଛି ।" – ବୋଧେ ତା କଥା ମୋତେ ଖରାପ ଲାଗିଲା ବୋଲି ସେ ଜାଣିନେଲା । ଯେହେତୁ ତା ସଂଘର୍ଷ ସମୟରେ ମୁଁ ତାକୁ ଅନେକ ସାହାଯ୍ୟ କରିଥିଲି ଏଣୁ ସେ ଅଧିକାର କଥା ଉଠେଇଥିଲା ।

"ହଉ ଛାଡ । ତା ପରେ କ'ଣ ହେଲା ?"

"ହେବ କ'ଣ ? ମୁଁ କେବଳ ତା ସହ କିଛି ସମୟ ବିତେଇବାକୁ ଚାହିଁଥିଲି ।

 Magazine Downloaded from www.aahwaan.com

ସେଥିପାଇଁ ମୋତେ ପୁଣି କିଛି ଉପାୟ ଖୋଜିବାର ଥିଲା । ପୁଣି ଭେଟ ହେବାର ରାତିରେ ସେ ସୁଯୋଗ ମିଳିଲା । ଆମେ ପୁଣି ଚାଟିଙ୍ଗ୍‌ରେ ଥିଲୁ । ମୁଁ ଯେତେ ଫଟୋ ମାଗିଲି ସେତେ ଦେଲା । ଯେମିତିକା ଫଟୋ ମାଗିଲି ସେମିତିକା ଦେଲା ।"

"ଯେମିତିକା . . . . ?" – ମୁଁ ପ୍ରଶ୍ନ ଅଧାରେ ଛାଡିଲି ।

"ନା ନା ଏତେ ଭିତରକୁ ଆସେନା । ଟିକେ ବ୍ରେକ୍ ମାର । ଆମ ସମ୍ପର୍କର କୌଣସି ନାମ ନଥିଲା । ତେଣୁ ସେ ତା ମର୍ଯ୍ୟାଦାରେ ଥିଲା । ମୋତେ ଭଲ ଡ୍ରେସପିନ୍ଧା 'ଫଟୋ ଟିଏ ପଠେଇଲା । ଯଦିବା 'ଫଟୋରେ ସେ ସୁନ୍ଦର ଦେଖାଯାଉ ନଥିଲା ତଥାପି ମୁଁ ତାକୁ ସୁନ୍ଦର ଦେଖାଯାଉଛ ବୋଲି କହିଲି । ସେ ଲେଖିଲା - ଦୁଃଖର କଥା ଜଣେ ସାଙ୍ଗର ଡ୍ରେସ । ମୋତେ ସୁଯୋଗଟିଏ ମିଳିଲା । ମୁଁ କହିଲି ମୋ ତରଫରୁ ତମକୁ ଏଇଟା ଗିଫ୍ଟ ହେବ । ସେ ମନା କଲା । କହିଲା – ବିନା ସମ୍ପର୍କରେ ସେ କାହିଁକି ଗିଫ୍ଟ ନେବ । ତା ପରେ ସେଇଦିନ ପିନ୍ଧିଥିବା ନାଇଟ୍ ଡ୍ରେସ୍ ଫଟୋ ପକେଇଲା । ମୁଁ ପୁଣି ଓଦା ହେଲି । ବାହାରେ କିନ୍ତୁ ବର୍ଷା ନଥିଲା । ତା ଅଳ୍ପ ଉନ୍ମୁକ୍ତ ବକ୍ଷଦେଶ ଓ ଉଲଗ୍ନ ଜଙ୍ଘ ଦେଖି ମୁଁ ଆନମନା ହେଲି । ମୁଁ ଜାଣି ପାରୁଥିଲି ଯେ ଯାହା କରୁଥିଲି ଭୁଲ କରୁଥିଲି । କିନ୍ତୁ ସେ ଗୋଟେ ଅଜବ ପ୍ରକାର ମୋହ । ତାକୁ ବର୍ଣ୍ଣନା କରି ହେବନି । ତାକୁ ମନା କରି ହେବନି । ତାକୁ ଆକଟ କରି ହେବନି । କିନ୍ତୁ କିଏ ଏତେ ଭାବୁଛି ? ଭୁଲ ଠିକର ହିସାବ ରଖୁଛି । ଝିଅଟିଏ ହେଇ ଯଦି ତା'ର ଅସୁବିଧା ନାହିଁ ପୁଅଟିଏ ହେଇ ମୋର କାହିଁକି ଅସୁବିଧା ହେବ ? ଯଦି ସେ ବାଇଶି ବରଷର ହେଇ ତା'ଠୁ ଚଉଦ ବରଷର ବଡପୁରୁଷ ଆଗରେ ନିଜକୁ ପ୍ରସାରିତ କରିପାରେ ମୁଁ କାହିଁକି ନିଜକୁ ସଙ୍କୁଚିତ କରିବି । ଏଥର ମୁଁ ଜାଣିପାରିଥିଲି ତାକୁ କେମିତି କାବୁ କରିହେବ । ତା ମୁକୁଳା ପାଦ ଦେଖି କହିଲି - ଯଦି ସୁନ୍ଦର ପାଉଁଜିଟିଏ ଥ । ।ଆନ୍ତା ତେବେ ଆହୁରି ସୁନ୍ଦର ଦେଖା ଯାଇଥାନ୍ତା । ସେ ଦୁଃଖ କରି କହିଲା – କିଛି ଦିନ ତଳେ ପାଉଁଜି ଛିଣ୍ଡି ଯାଇଛି । ମୁଁ

 Magazine Downloaded from www.aahwaan.com

କହିଲି – ମୋ ତରଫରୁ ତମକୁ ଏଇଟା ବି ଗିଫ୍ଟ ହେବ । ସେ କହିଲା – ତାକୁ ନେବାକୁ ଖରାପ ଲାଗିବ । ମାନେ ଯଦି ଖରାପ ନ ଲାଗିବ ସେ ନେବ । ଏଇଟା ହିଁ ତା କଥାର ଅର୍ଥ ଥିଲା । କଣ୍ଟାରେ ମୁଁ ଆଉ ଟିକେ ଥୋକ ଲଗେଇଲି । ମୋତେ ଦେବାକୁ ଯେତେବେଳେ କୁଣ୍ଠାବୋଧ ନାହିଁ ତେଣୁ ତୁମକୁ ନେବାରେ କୁଣ୍ଠାବୋଧ କରିବା ଉଚିତ୍ ନୁହେଁ । ମୁଁ କହିଲି ଭାବିଦିଅ ଆମ ଭେଟ ହେବାର ଏହା ସ୍ମୃତି । ମୁଁ ଟିକେ ଇମୋସନାଲ ହେବାର ନାଟକ କଲି । ଶୁଣିଥିଲି ଝିଅମାନେ ଆମଠୁ ଅଧିକ ଇମୋସନାଲ । ସେ ନାଇଁ ନାଇଁ କଲା କିନ୍ତୁ ତା ନାଁ ନାଁରେ ହଁ ଥିଲା । ଆମ ଭିତରେ ପ୍ଲାନିଂ ସରିଲା । ସିନେମା । ସିନେମାରୁ ମାର୍କେଟ୍ କମ୍ପ୍ଲେକ୍ସ । ସେଠି ମୁଁ ତା ପାଇଁ କିଣେଇ ଦେବି ଡ୍ରେସ୍ ଓ ପାଉଁଜି ।"

"ଜ୍ଜା ବେଟା । ତୁ ତ ବଡ ଖେଳୁଆଡ । ଭଲ ଟ୍ରେନିଂ ପାଇଛୁ କେମିତି କାହାକୁ ପଟେଇ ହେବ ।"

"ନା ମ ! ସେମିତି କିଛି ମୋ ମନରେ ଚାଲୁନଥିଲା । ମୁଁ କେବଳ ତା ସହିତ କିଛି ଏକାନ୍ତ ମୁହୂର୍ତ୍ତ ବିତେଇବାକୁ ଚାହୁଁଥିଲି । ସେଥିପାଇଁ ଭାବିଦେ ମୋ ଗଚ୍ଛିତ ଧନରୁ ମୁଁ କିଛି ନିବେଶ କଲି । ମାନେ ଇନ୍‌ଭେଷ୍ଟମେଣ୍ଟ ।"

"ହଉ ଥାଉ । ମୋତେ ଆଉ ନିବେଶର ଅର୍ଥ ବୁଝାନା । ହଇରେ ଶୃଗାଳ । ମନ ପକେଇ କହିଲୁ କେତେ ଦିନ ତଳେ ତୁ କେତୀ ଭାଉଜକୁ ପାଉଁଜି ଦେଇଥିଲୁ ?" - ପୁଲିସ୍ ଭଳି ମୁଁ ଜେରାକଲି । ବାନା ଯିବାକୁ ଠିଆ ହେଲା । କହିଲା - "ଚାଲ ଯିବା ।"

"କ'ଣ ହେଲା । ଏମିତି ଅଚାନକ ପଳେଇବୁ ପଳେଇବୁ କ'ଣ ହେଉଛୁ ?"

"ଆଉ କରିବି କ'ଣ ? ତୁ ଟିକେ ଟିକେ କଥାରେ ମୋ ସ୍ତ୍ରୀ ପାଖକୁ ପଳେଇ ଯାଉଛୁ କାହିଁକି ? ଯଦି ତା ପାଖକୁ ମୋର ଯିବାର ଥିଲା ତେବେ ତୋ ପାଖକୁ ଆସିଥାନ୍ତି କାହିଁକି ?"

ଧୀରେ ଧୀରେ ବାନା ଉତ୍ତ୍ୟକ୍ତ ହେବାର ଲକ୍ଷଣ ମୁଁ ଦେଖି ପାରୁଥିଲି । ଦେଖି ପାରୁଥିଲି

 Magazine Downloaded from www.aahwaan.com

ବିବ୍ରତ ମନ । ଅସ୍ତବ୍ୟସ୍ତ ବେଶଭୁଷା । ଅନିଦ୍ରା ଆଖି । ଉଜୁଡା ମୁହଁ । ବୋଧେ ତାକୁ କିଏ ଭୟଙ୍କର ଅପମାନ କି ଆଘାତ କରିଛି । କି ନିଜ ଭିତରେ ନିଜେ ଆଘାତ ପାଇଛି ।

"ହଉମ ! ତୁ କ'ଣ ମୋ ବୁଦ୍ଧି ଜାଣିନୁ କି । ଏମିତି ତତେ ମଝିରେ ମଝିରେ ଚିଡଉ ଦେଉଛି ନା । ମା ରାଣ ଆଉ କରିବିନି । ତୋ ପ୍ଲାନ ହିସାବରେ କାମ ହେଲା କି ନା ତୁ କହ ।"

"ହେଲା । ତା ପର ଦିନ ଆମେ ସିନେମା ଗଲୁ । ଦୁଇ ସପ୍ତାହ ଧରି ଫିଲ୍ମିଟି ଚାଲିଥିବା ଯୋଗୁଁ ଦର୍ଶକ କମି ଯାଇଥିଲେ । ନିଛାଟିଆ କୋଣ ନେଇ ଆମେ ବସିଲୁ । ତାକୁ ଟିକେ ଥଣ୍ଡା ଧରିଥିଲା ।"

"ତୁ ଟିକେ ଗରମ କରି ଦେଲୁନି ? ତୁ ତ ଭେରି ହଟ୍ ।"

ଏଥର କିନ୍ତୁ ରାଗିଲାନି ମୋ କଥାରେ ବାନା । ମୁଁ ଆଉ କିଛି କହିବା ପୂର୍ବରୁ କହିଲା ସେଇ ସୁଯୋଗଟା ହିଁ ମୁଁ ଖୋଜୁଥିଲି । କହିଲା ତାକୁ ଜ୍ୱର ଜ୍ୱର ଲାଗୁଛି । ତାପମାତ୍ରା ଜାଣିବା ବାହାନାରେ ମୁଁ ଛୁଇଁଲି ତା' ହାତ, ଗଳା ଓ କପାଳ । ସତରେ ତ ତାକୁ ଥିଲା ଉଷୁମ ଜ୍ୱର । ବାହାରକୁ ଯାଇ ଗରମ କଫି ଆଣିଲି । ସେ ଭାରି ଖୁସି ହେଲା । ତା' ପାଇଁ ମୁଁ ଏତେ କରୁଛି ବୋଲି ମୋ ପାପୁଲିକୁ ତା ପାପୁଲିରେ ଆବଦ୍ଧ କଲା । ରମା ! ଏଥର ତୁ ବୁଝି ପାରୁଥିବୁ ମୋ ଅବସ୍ଥା । କହିଲା – "ତା' ଦେହ ଥରୁଛି ଏସି ଯୋଗୁଁ ।"

ଏତିକି କହି ବାନା ମୋ ମୁହଁକୁ ଅନେଇଲା । ମୁଁ ଦେଖିଲି ତାକୁ । କହିଲା

"କିରେ, କାହିଁ ଏଥର ତ କିଛି କମେଣ୍ଟ କଲୁନି ?"

"କ'ଣ ପାଇଁ କରିବି । ତୋ ରଙ୍ଗରେ ଭାଙ୍ଗ କାହିଁକି ମିଶେଇବି ?"

"ନା ନା ସତରେ ତାକୁ ଜ୍ୱର ଥିଲା । ତା ଦେହରେ କମ୍ପନ ସୃଷ୍ଟି ହେଉଥିଲା । ମୋର ଦୁଇ ବାହୁରେ ତାକୁ ଭିଡି ଧରିଲି ସିନେମା ହଲର ଅନ୍ଧାର ଭିତରେ । ତା ଦେହର ଉତ୍ତାପ

 Magazine Downloaded from www.aahwaan.com

ମୋତେ ଭଲ ଲାଗୁଥିଲା । ତୋତେ ମୁଁ ବୁଝେଇ ପାରିବିନି ସେ ସମୟର ମୋ ଅବସ୍ଥା । ଲାଗୁଥିଲା ଏମିତି ସବୁଦିନ ପାଇଁ ତାକୁ ଧରି ବସିଥାନ୍ତି କି ସେଇ ସିନେମା ହଲରେ ।"

"ବସିଲୁନି । ତା ପର ସୋ ପାଇଁ ଟିକଟ କରିଥାନ୍ତନା । ଯାହା ଚାହିଁଲୁ ତାହା ତ ପାଇଥିଲୁ" -ମୁଁ ଛିଗୁଲେଇକି କହିଲି ।

"ତୁ କ'ଣ ସର୍ବଜ୍ଞ ଯେ ଜାଣି ପାରୁଥିଲୁ ସେତେବେଳ କ'ଣ ଚାହୁଁଥିଲି ମୁଁ ?"

"ଆଉ କ'ଣ ଅଧିକ ଚାହିଁଥାନ୍ତ କି ? ପୁରୁଷ ନାରୀ ଭିଡାଭିଡି ହେଇ କ'ଣ ଆଉ କରିଥାନ୍ତେ କି ?"

"ଯାହା ଭାବୁଛୁ ତାହା ସତ ନୁହଁ । ତା' ନାରୀତ୍ୱର ସାଇତା ଗୁପ୍ତଧନ ସହ ଖେଳିବାର ମୋର କୌଣସି ପ୍ରକାର ଇଚ୍ଛା ନଥିଲା । ମୋ ମନରେ ଅନ୍ୟ ପ୍ରକାର ଲାଳସା ଜାଗ୍ରତ ହେଇଥିଲା । ମୁଁ ଚାହୁଁଥିଲି ସେ ମୋତେ କହୁ – ବାନାମ୍ବର ! ମୁଁ ଏ ଭିତରେ ତମକୁ ଭଲପାଇ ବସିଲିଣି । ଭାବୁଛି ତମ ବିନା ବଞ୍ଚିବା ଏତେ ସହଜ ହେବନି । ତମେ ହିଁ ମୋ ଜୀବନ ପ୍ରଥମ ଓ ଶେଷ ପୁରୁଷ ।"

"କେଡେ ବାଜେ ଝିଅଟା ମ ? ସେ ଜାଣିଥିଲା ତ ତୁ ବିବାହିତ ? ସ୍ତ୍ରୀ ପିଲା ନେଇ ତୋର ସଂସାର ।"

"ହଁ ମୁଁ କହିଥିଲି ।"

"ତଥାପି ସେ ଜାଣି ଜାଣି ଏତେ ଦୂର ଆଗେଇ ପାରିଲା ?"

"ଏ ପ୍ରଶ୍ନର ଉତ୍ତର ସେ ହିଁ ଦେଇ ପାରିବ । ମୁଁ କିନ୍ତୁ ଦେଖିଲି ସେ ମୋ ପ୍ରତି ଅଧିକରୁ ଅଧିକ ବିଶ୍ୱାସ କରିବାରେ ଲାଗିଲାଣି । ମୋ ଭିତରେ ବିଶ୍ୱାସ ଜନମୁଥିଲା ଯେ ଏ ସମ୍ପର୍କ ଅନେକ ଦିନ ଚାଲିବ ଏବଂ ଭବିଷ୍ୟତରେ ଯେତେବେଳେ ମୁଁ ମୋ ସଂସାର ଜଞ୍ଜାଳରୁ ପୁଣି କେବେ ମୁକ୍ତ ହେବାକୁ ଚାହିଁବି ତା ପାଖକୁ ଆସି ପାରିବି ।"

 Magazine Downloaded from www.aahwaan.com

"ମୁଁ ଧନ୍ୟ ହେଲି ତୋ ଭଳି ଦୂରଦର୍ଶୀ ସାଙ୍ଗ ପାଇ । ସେଥିପାଇଁ ପରା ତୁ ଗାଳ୍ପିକ । ମୋତେ ତ ସନ୍ଦେହ ହେଲାଣି ତୁ ମୋତେ କାଳ୍ପନିକ କାହାଣୀ କହି ଭୁଆଁ ବୁଲାଉଛୁ ବୋଲି । ବାଇଶି ବର୍ଷର ଟୋକୀ ପଟେଇଲା ଭଳି ତୋ କ୍ଷମତା ଉପରେ ମୋର ଭରସା ଆସୁନି । ଏ ସବୁ ତୋ ମନର ଅଜବ ଗଜବ ଖିଆଲ ହେଇପାରେ ।"

"ତୁ ଯାହା ଭାବୁଛୁ ଭାବ । ଏତେ ସକାଳୁ ସକାଳୁ ଝାଉଁବଣ ଆସି ମୁଁ ଏତେ କଳ୍ପନା ଜଳ୍ପନା କରିବିନି ତ ଆଉ କିଏ କରିବ । ହଉ ତୁ ଯାହା ଭାବୁଛୁ ଭାବ । ସିନେମା ସରିଲା । ମୁଁ ତାକୁ ମାର୍କେଟ କମ୍ପ୍ଳେକ୍ସ ନେଲି ଡ୍ରେସ ଓ ପାଉଁଜି କିଣେଇବା ପାଇଁ କିନ୍ତୁ ଚିନ୍ତାର ବିଷୟ ଥିଲା ସିନେମା ଦେଖିଲା ବେଳଠୁ କିଏ ଜଣେ ବାରମ୍ବାର ଫୋନ୍ କରୁଥିଲା । ମୁଁ ପଚାରିଥିଲି । ସେ କହିଥିଲା ସାଙ୍ଗ । ସେ ଫୋନ୍ ଉଠେଇଲା ଓ ରାଗିଲା । ତାକୁ ଜଣେଇଲା ଆମେ କେଉଁଠି ଅଛୁ । ମୋ ମନରେ ଥିଲା ଅନେକ ଉଲ୍ଟାପୁଲ୍ଟା ଚିନ୍ତା । ଯେମିତିକି ତା'ର ବୟଫ୍ରେଣ୍ଡ ହେଇଥିବ . . . । ଭାଇ ହେଇଥିବ . . . । ସମ୍ପର୍କୀୟ ହେଇଥିବ . . . . ଏମିତି ବି ମନକୁ ଆସିଲା ତା ସାଙ୍ଗ ନିଜ ବନ୍ଧୁମାନଙ୍କୁ ନେଇ ମୋତେ ପିଟିବାକୁ ଆସୁନି ତ ! ଡ୍ରେସ୍ କିଣି ଆମେ ମାର୍କେଟ୍ କମ୍ପ୍ଳେକ୍ସରୁ ବାହାରିଛୁ କି ନାହିଁ କୁଞ୍ଚୁକୁଞ୍ଚିଆ ବାଳ ଥିବା ତେଇଶି ଚବିଶି ବରଷର ଯୁବକଟେ ସାଇକେଲରେ ଆସି ପହଞ୍ଚିଲା । ତାକୁ ଦେଖୁ ଦେଖୁ ତା ଉପରେ ପ୍ରବଳ ରାଗିଲା ସେ । କହିଲା ଆଗକୁ ଯେପରି ଏ ପ୍ରକାର ଭୁଲ ନକରେ । କେବଳ ସେ ନୁହଁ, ଅନେକ ସମ୍ପର୍କୀୟ ଅଛନ୍ତି ତା' ଜୀବନରେ ।

ଏତିକି କହି ଅଟକି ଗଲା ବାନା । ଆଉ କହି ପାରିଲାନି ଆଗକୁ । ତା ମୁହଁରେ ଘୃଣାର ଭାବ ଅଧିକରୁ ଅଧିକ ଉକୁଟି ଉଠିଲା । ମନ ଅଧିକ ବିବ୍ରତ । ବେଶଭୁଷା ଅଧିକ ଅସ୍ତବ୍ୟସ୍ତ । ଆଖିରେ ଅଧିକ ଅନିଦ୍ରା । ମୁହଁ ଅଧିକ ଉଜୁଡା । ତାକୁ ନିଶ୍ଚୟ କିଏ ଭୟଙ୍କର ଅପମାନ କିମ୍ବା ଆଘାତ ଦେଇଛି ।

 Magazine Downloaded from www.aahwaan.com

"କ'ଣ ହେଲାକିରେ ? ଏମିତି ତୋ ମୁହଁର ରଙ୍ଗ ବଦଳିଗଲା କାହିଁକି ? ଏଣ୍ଟୁଅରୁ ନାଗସାପ ହେଉଛୁ ?"

"ତୁ ବୁଝି ପାରିବୁନି ରମା । ତା ପରେ ଯାହା ହେଲା ମୋ ଦେହରେ ଯେମିତି ଅପମାନର ନିଆଁ ଲାଗିଗଲା । ଲାଗିଲା ମୋଠୁ ଦୁନିଆରେ ବଡ ମୁର୍ଖ କିଏ ନଥିବ ।"

"କ'ଣ ହେଇଗଲା ବା ଏମିତି ? ସେ ପିଲା ତା'ର ବୟଫ୍ରେଣ୍ଡ କି ? ଏଥିରେ ସମସ୍ୟା କ'ଣ ? ତୋର ସ୍ତ୍ରୀ ଅଛି । ତୁ ବିବାହିତ । କାହିଁ ଏଥିରେ ତା'ର ତ କିଛି ଅସୁବିଧା ନାହିଁ । ଏ ବୟସରେ ତା'ର ବୟଫ୍ରେଣ୍ଡ ହେବନି ତ ଆଉ କ'ଣ ହେବ ? ଏମିତି ତ, ତମ ସମ୍ପର୍କ ନାମହୀନ । ସଜ୍ଞାହୀନ । ଚାଟ୍ କରୁ କରୁ ଫ୍ରେଣ୍ଡସିପ୍ । ଫ୍ରେଣ୍ଡସିପ୍ ରୁ ଆଦିମ ଇଚ୍ଛା । ଆଦିମ ଇଚ୍ଛାରୁ ଇଣ୍ଟିମାସୀ । ତେଣୁ ଏଥିରେ ଏତେ ବିବ୍ରତ ହେବାର କ'ଣ ଅଛି । ଯେମିତି କି ଘର ପରିବାର ଭାସିଗଲା ଭଳି ହେଉଛୁ ।"

"ତୁ ବୁଝି ପାରିବୁନି । ଯେହେତୁ ତୁ ମୋ ଜାଗାରେ ନାହୁଁ । ଆଉ ତୁ ଯାହା ସବୁ ଭାବୁଛୁ ଘଟଣାଟା ସେମିତି ନୁହଁ । ମୁଁ କ'ଣ ପିଲା ହେଇଛି ଯେ ବୁଝି ପାରିବିନି ତା ଓ ମୋ ଭିତରେ ଫରକ କ'ଣ ହୋଇପାରେ ? ଆ'ର ରାଗ ଦେଖି ସେ ପିଲା ସମସ୍ତିଙ୍କ ଆଗରେ ଏମିତି ଗାଳି ବକିଲା ଯାହା ତୁ ପାଟିରେ ଧରି ପାରିବୁନି । ମୋ ଦେହ ଖାଲି ଥରୁଥିଲା । ମୁଁ ଆଉ ଲଗାମହୀନ ଭେଣ୍ଡିଆ ହେଇନି ସେଠି ଯାହା ଚାହିଁବି ତାହା ବଜାରରେ କରିଦେବି । ପ୍ରଥମତଃ ମୁଁ ଚାହୁଁ ନଥିଲି ଏମିତି କିଛି ଘଟଣା ଘଟୁ ଯାହା ଦ୍ୱାରା ମୁଁ ଧରା ପଡିଯିବି । ଦ୍ୱିତୀୟତ ମୋ ମନରେ କେବଳ ଗୋଟିଏ ପ୍ରଶ୍ନ ଉଙ୍କି ମାରୁଥିଲା । ପ୍ରଶ୍ନ ହେଲା – ସେ ପୁଅକୁ ଇଏ ଏମିତି କ'ଣ ଅଧିକାର ଦେଇଛି ଯେ ସେ ବିଚ ବଜାରରେ ତାକୁ ଗାଣି କରି ଚାଲିଗଲା ? ତା ପରେ ସେ ପିଲା ଆହୁରି ବିଷ ଉଦ୍ଗାରିଲା – ହଁ ହଁ ତୁ ଶାଳୀ, କାମ ଥିଲା ବେଳେ ମୋ ସାଇକେଲ୍ରେ ବୁଲୁଥିଲୁ । ଆଜି ତୋତେ କାର୍ବାଲା ମିଳିଗଲା । ଯେତିକି ଲୁଟିବା କଥା

 Magazine Downloaded from www.aahwaan.com

ଲୁଚିନେ । ଆଜିଠୁ ମୋ ଆଗକୁ କେବେ ଆସିବାକୁ ସାହସ କରିବୁନି ନହେଲେ ଲଙ୍ଗଳା କରିଦେବି । ଏତିକି କହି ସେ ଚାଲିଗଲା । ମୁଁ ସ୍ଥାଣୁ ପାଲଟି ଯାଇଥିଲି । ମୁଁ ମନେ ମନେ ଖୁସି ହେଇଥିଲି ଯେ ଉପୁଜିବାକୁ ଥିବା ଦୁର୍ଘଟଣା ଟଳିଗଲା । ମନେ ମନେ ନିଶ୍ଚିତ କରି ସାରିଥିଲି ଯେ ଝିଅଟାର ଚରିତ୍ର ଠିକ୍ ନାହିଁ । ତାକୁ ସେହି କଥା ପଚାରିଲି ଯେ ତମେ ତାକୁ କ'ଣ ଏମିତି ଅଧିକାର ଦେଇଛ ଯେ ବିଚ ବଜାରରେ ଇଜ୍ଜତ ଉତ୍ତାରି ଚାଲିଗଲା । ଜାଣିଛୁ ମୋ ପ୍ରଶ୍ନର ଉତ୍ତର କ'ଣ ଦେଲା ସେ ?

"କ'ଣ ଦେଲା ? – ମୁଁ ପଚାରିଲି ।"

"କ'ଣ କହିବ । ଓଲଟା ମୋତେ ତିରସ୍କାର କଲା ଓ କହିଲା – ତମେ କେମିତି କା ପୁରୁଷ । ତମ ଆଗରେ ସେ ମୋର ବେଇଜିତ କରି ଚାଲିଗଲା । ତମେ ତାକୁ ଧୋଇ ଦେଲନି କାହିଁକି । କେମିତିକା ପୁରୁଷ ତୁମେ । ଏତିକି କଥାରେ ମୋ ମୁଣ୍ଡ ଖରାପ ହେଇଗଲା । ବାପରେ କେଡେ ଡେଞ୍ଜର ଝିଅ । ସେ କହିଲା ତା ମୁଡ ଖରାପ ହେଇଗଲା । ଚାଲ ପାଉଁଜି କିଣି ମୁଡ ଠିକ୍ କରିବା । ମୋ ସାଙ୍ଗମାନେ ପାଉଁଜି ଦେଖିବାକୁ ବ୍ୟାକୁଳ । ମୁଁ ଗଲି ପାଉଁଜି କିଣିବାକୁ । ପ୍ରଥମେ ପାଞ୍ଚ ହଜାର ଟଙ୍କାର କିଣିବା ପାଇଁ ଭାବିଥିଲି । କିନ୍ତୁ କିଣିଲି ଦୁଇ ହଜାର ଟଙ୍କାର । ସେ କହିଲା ତା ପାଦରେ ପିନ୍ଧେଇ ଦେବାକୁ । ମୁଁ କହିଲି ଲୋକେ ଦେଖିଲେ ଖରାପ ଭାବିବେ । ଯେତେ ଶିଘ୍ର ହେବ ତାଠୁ ମୁଁ ମୁକ୍ତି ପାଇବାକୁ ଚାହୁଁଥିଲି ।"

ବାନାର କଥା ଶୁଣି ମୁଁ ହୋ ହୋ ହେଇ ହସିଲି । କହିଲି – "ତୋ ଭଳି ପୁରୁଷକୁ ଏ ପ୍ରକାର ହେବା ଦରକାର । ବୁଢା ବୟସରେ ମନ ଏପଟ ସେପଟ ହେଉଛି । ହଇରେ ପୁଅ । ତୁ କ'ଣ ନିଜକୁ ଶାହରୁଖ ଖାନ୍ ଭାବୁଥିଲୁ ।"

"ଚୁବେ ।"ବଡ ଜୋରରେ ମୋ ଉପରେ ଚିତ୍କାର କରି ଉଠିଲା ବାନା । -"ଆବେ ମୁଁ

 Magazine Downloaded from www.aahwaan.com

ଏଥିପାଇଁ ମନ ଖରାପ କରିନି । ତୁ ଶଳା ସାଙ୍ଗ ନା ଶତ୍ରୁ । ମୋ ଦୟନୀୟ ଅବସ୍ଥା ପାଇଁ ଟିକେ ହେଲେ ସହାନୁଭୂତି ନାହିଁ । ତା'ର ହଜାରେ ବୟଫ୍ରେଣ୍ଡ ଥିଲେ କ'ଣ ହେଲା । ମୋର ଯାହା ଦରକାର ଥିଲା ମୋତେ ମିଳୁଥିଲା । ମୁଁ କାହିଁ ମନ ଖରାପ କରିବି ।" – ରାଗରେ ଫଁ ଫଁ ହଲା ବାନା ।

"ହଉରେ ବାନା । ମୋର ଭୁଲ ହେଲା । ତୁ ସେଥିପାଇଁ ରାଗିନୁ ମୁଁ ବୁଝିଗଲି । ହେଲେ ଛିଣ୍ଡି ଯାଇଥିବା ପତଙ୍ଗ ଓ ଝଡି ପଡିଥିବା ପଇଡ ପରି ମହଁଟା କାହିଁକି କରିଛୁ ?"

"କ'ଣ ଆଉ କରିଥାନ୍ତି ? ସେ ପର୍ଯ୍ୟନ୍ତ ସବୁ ଚଳେଇ ନେଇଥିଲି । ସେ ରହୁଥିବା ଫ୍ଲାଟ୍ ଆଗରେ ତାକୁ ଛାଡିଲି । ସେ ମୋ ହାତ ନିଜ ହାତରେ ନେଇ ଛାତିକୁ ଛାତି ଲଗେଇ କହିଲା – ବାନାମ୍ବର ! ଆଜି ଯାହା ଘଟିଗଲା ସେଥିରେ ଦୁଃଖିତ । ତମ ଦିନ ଖରାପ କରି ଦେଲିନା ! କ'ଣ କରିବି କହିଲ ? ଆଚ୍ଛା ଗୋଟେ କଥା କହିଲ । ତମ ସହ ମୁଁ ତିନି ଦିନ କଥା ହେଲି , ଚାଟ୍ କଲି, ସିନେମା ଗଲି, ଗିଫ୍୍ଟନେଲି, ହସଗମାତ ହେଲି । ତା ଅର୍ଥ କ'ଣ ମୁଁ ତମ ସମ୍ପତ୍ତି ହେଇଗଲି କି ? ଏମିତିତ ମୁଁ ତମ ପରି ଅନେକ ପୁରୁଷ ସହ ବୁଲିଲିଣି । ତା ଅର୍ଥ କ'ଣ ମୁଁ ସମସ୍ତିଙ୍କ ସମ୍ପତ୍ତି ? ସେ ଶଳା କ'ଣ ମୋତେ ତା ସମ୍ପତ୍ତି ଭାବିଛି ଯେ, ଅଧିକାର ଦେଖେଇ ଚାଲିଗଲା । ହଉ ଯାହା ହେଇଗଲା ଭୁଲିଯାଅ । ଆଉ ଥରେ ଯେବେ ମୋ ସହର ଆସିବ, ମୋତେ କଲ କରି ଜଣେଇବ ଆଗରୁ । ମୁଁ ନିଶ୍ଚିତ କରିବି ଯେମିତି ଏମିତି ଘଟଣାର ପୁନରାବୃତ୍ତି ନହୁଏ । ଏତିକି କହି ସେ ମୋଠୁ ବିଦାୟ ନେଲା । ମୋ ଦେହରେ ଯେମିତି ପ୍ରାଣ ନଥିଲା । ସମସ୍ତ ମୋର ପାରିବାରପଣ ଭାଙ୍ଗି ଚୁରମାର ହେଇଥିଲା । ମୋ ପୁରୁଷ ପଣିଆ ଉପରେ ଯେମିତି କିଏ କୁଠାରଘାତ କରିଥିଲା । ଗୋଟିଏ ଶବ୍ଦରେ ଆମ ସମ୍ପର୍କକୁ ନାମ ସେ ଦେଇ ଦେଇଥିଲା । ତାହା ହେଲା – ସମ୍ପତ୍ତି । ଏ ରୋମାଞ୍ଚିକ ଯାତ୍ରାରେ ଏହି ପ୍ରକାର ଶିହରଣ ମୋର ଥିଲା ପ୍ରଥମ କିନ୍ତୁ ତା' ପାଇଁ ଥିଲା ଦେହସୁଆ । ସେ

 Magazine Downloaded from www.aahwaan.com

କାର ସମ୍ପତ୍ତି ନଥିଲା । କିନ୍ତୁ ଥିଲା ସମସ୍ତିଙ୍କର । ତୁ ବି ଚେଷ୍ଟା କର । ତୋର ବି ହେଇପାରେ ।"

"କ'ଣ ?" ମୁଁ ପଚାରିଲି ।

"ସମ୍ପତ୍ତି !" ବାନା ତାସ୍ରଲ୍ୟ ଭରା ସ୍ୱରରେ କହିଲା ।

ସମ୍ପତ୍ତି କଥା ଶୁଣି ମୁଁ ଟିକେ ଆନମନା ହେଲି । ମୁଁ ବୁଝି ସାରିଲିଣି ଯେ ବାନାମ୍ବର କାହିଁକି ଅଶାନ୍ତ । କାହିଁକି ବିବ୍ରତ । କାହିଁକି ତା ମୁହଁରେ ଅପମାନର ଚିହ୍ନ । କହିବାକୁ ଗଲେ ସେ ଝିଅକୁ ବାନା କବଳିତ କରୁନଥିଲା ବରଂ ସେ ଝିଅ ତାକୁ କବଳିତ କରିଛି ଏଇ ତିନି ଚାରିଦିନ ଭିତରେ । ଏଣୁ ଠକି ହେବାର, ହାରିଯିବାର, ନିଜ ଆଖିରେ ନିଜେ ଖସିଯିବାର ପରି ଯନ୍ତ୍ରଣା ନେଇ ଛାଟିପିଟି ହେଉଛି ଗାଲ୍ପିକ ବାନାମ୍ବର ।

"ହେ ଭଗବାନ ! ଯାହା ହେଲା ଠିକ୍ ହେଲାନି । ଭଲ ହେଲାନି । ତୁ କେଉଁ ସହରକୁ ଯାଇଥିଲୁ କିରେ ?"

"ତୁ କ'ଣ ସତରେ ଜାଣି ପାରୁନୁ ? ଏଡେ ବୋକାଟା କିରେ । ବିନା କାରଣରେ ତୋ ସହରରେ ମୁଁ ଥାଆନ୍ତି କି ?"

"ଓହୋ ତାହା ହେଲେ ମୋ ସହରକୁ ଆସି ତିନି ଦିନ ହେଲା ହୋଟେଲ୍ରେ ରହି ଏତେ ସବୁ କାଣ୍ଡ କରିଛୁ । ହଇରେ ପୁଅ ଗାଲ୍ପିକ । ମୋତେ ଜଣେଇଥିଲେ ମୁଁ କ'ଣ ଭାଗ ବସେଇଥାନ୍ତି ?" - ରାଗରେ ଫାଟି ପଡିଲି ମୁଁ । ମୁଣ୍ଡରେ ହାତଦେଲି ।

"ଆଉ ଅପମାନ ଦିଏନା ତୁ । ଯାହା ତ ଅପମାନ ପାଇବା କଥା ସେ ମୋତେ ଦେଇ ସାରିଲାଣି ମୋ ଔକାତକୁ ମୋତେ ଦେଖେଇ କାଲି ରାତି ସାରା ଶୋଇନି ଅପମାନର ଜ୍ୱାଳାରେ । କେଡେ କଷ୍ଟ କରି କମେଇଥିଲି ପଇସା । ଉଡେଇଦେଲି ଅଳ୍ପ ସମୟ ମୋହରେ । ବିନା ସମ୍ପର୍କରେ । ନିଜକୁ ଧିକାରୁଛି ସେବେଠୁ । କେତକୀର ମୁହଁ ବାରମ୍ବାର

 Magazine Downloaded from www.aahwaan.com

ମନକୁ ଆସି ଯାଉଛି । ପୁଅ ମନ ପଡୁଛି । ବାପା ମା ମନେ ପଡୁଛନ୍ତି । ଭାବିଲି ସକାଳୁ ସକାଳୁ ତୋ ସହର ଛାଡିବି ତୋଠୁଁ ମୁହଁ ଲୁଚେଇ । କିନ୍ତୁ ମୋ ଯନ୍ତ୍ରଣାର କଥା କାହାକୁ କହିବାର ନିହାତି ଥିଲା । ନଚେତ୍ ଭିତରେ ଭିତରେ ନିଇତି ମରିଥାନ୍ତି । ସେତେବେଳେ ତୋ ମୁହଁ ନାଚି ଉଠିଲା ମୋ ଆଖି ଆଗରେ । ତେଣୁ ଯିବା ପୂର୍ବରୁ ତୋ ପାଖକୁ ଧାଇଁ ଆସିଲି । ଏବେ ମୋ ମନ ହାଲୁକା ହେଲା । ତୁ କ'ଣ ଭାବୁଛୁ ଭାବ । ମୋ ମୁଣ୍ଡ ଉପର ଲଦି ହେଇଯାଇଥିବା ବଡ ବୋଝଟା ଯେମିତି ହାଲୁକା ହେଇଗଲା । ନଅଟାରେ ମୋ ଗାଡି । ବାପରେ ବାପ । ସବୁଠୁ ଭଲ ଘର ତିଆରି ବିରିଆନୀ । ପେଟ କେବେ ଖରାପ ହେବନି ।"

ଦୁହେଁ ଫେରିଲୁ ମୋ ବାସ ଭବନକୁ । ଯିବାକୁ ବାହାରିଲା ବାନା । ମୋ ଗଳ୍ପର ନାୟକ । ଗାଳ୍ପିକ ନିଜେ କେଉଁ ଏକ ଗଳ୍ପର ଚରିତ୍ର ହେଇଯିବ ମୁଁ ଭାବି ନଥିଲି ।

"ରମା । ତୋତେ ମୋ ରାଣ । ମଲା ପର୍ଯ୍ୟନ୍ତ ଏକଥା ଯେମିତି ତୋ ଓ ମୋ ବିନା ଆଉ କିଏ ନଜାଣେ । ସବୁଠୁ ବଡ କଥା କେତକୀ ଯେମିତି ନଜାଣୁ । ନ ହେଲେ ମୋ ସଂସାର ଉଜୁଡିଯିବ ।"

"ଠିକ୍ ଅଛି । କହିବିନି କିନ୍ତୁ ଗୋଟିଏ ସର୍ତ୍ତରେ ।"

"କ'ଣ ସର୍ତ୍ତ ?"

"ମୋତେ ଟିକେ ସେ ସମ୍ପତ୍ତିର ଫଟୋ ତ ଦେଖା ।"

"ତୁ କ'ଣ କରିବୁ ?"

"ଆରେ ତୁ ସିନା ହାତରୁ ଦି ହାତ ହେଇଛୁ ହେଲେ ଆମେ ତ ଏବେ ଯାଏଁ ବାବନାଭୂତ । ଯଦି ସୁବିଧା ହେବ ସେ ସମ୍ପତ୍ତିକୁ କିଣିବାକୁ ଚେଷ୍ଟା କରିବି ।"

"ହଉ ଯାହା ତୋ ଇଚ୍ଛା । ମୋର ଏ ଅବସ୍ଥା ଦେଖିଲା ପରେ ବି ଯଦି ତୁ ଜାଣି ଜାଣି

 Magazine Downloaded from www.aahwaan.com

ନିଆଁରେ ଜଳିବାକୁ ଚାହୁଁଛୁ ଜଳେ । ଯେତେବେଳେ ସବୁ କାହାଳି ତୁ ଜାଣି ସାରିଲୁଣି ଫେଟୋ ଲୁଚାଇବାରେ କ'ଣ ଫାଇଦା ।"

ଏତିକି କହି ସେ ହ୍ୱାଟସ୍‌ଅପରୁ ଫଟୋଟିଏ ଦେଖାଇଲା, ଯିବା ପୂର୍ବରୁ । ମୁଁ ଫଟୋଟିକୁ ଦେଖି ଚମକି ଗଲି । ବାନାର ଯିବା ବାଟକୁ ଆଁ କରି ଚାହିଁ ରହିଲି । ବାନା ମୋ ସହରକୁ ଆସିଥିଲା । ଏଠି କିନ୍ତୁ ମୁଁ ସହର ନାମ ଲେଖିପାରୁନି କାରଣ ଧରା ପଡିଯିବାର ଡର ।

ସେ କେଉଁ ହୋଟେଲରେ ରହିଥିଲା, କେଉଁ ଥିଏଟରରେ ସିନେମା ଦେଖିଥିଲା କି ସିନେମା ଦେଖିଥିଲା କେଉଁ ମାର୍କେଟ୍ କମ୍ପ୍ଲେକ୍ସରୁ ଡ୍ରେସ୍ ଓ ପାଉଁଜି କିଣିଥିଲା ସବୁ ସେ ମୋତେ କହିଥିଲା କିନ୍ତୁ ମୁଁ ଏଠି ଲେଖିପାରୁନି । କାରଣ ଧରା ପଡିଯିବାର ଡର ।

ଫଟୋରେ ଥିଲା ଶ୍ୱେତାଙ୍ଗୀ । ମୋ କଲେଜ ଝିଅ । ମହାନ୍ତି, ଦାସ, ପଟ୍ଟନାୟକ କିମ୍ବା ପାତ୍ର ହେଇପାରେ । କିନ୍ତୁ ଏଠି ମୁଁ ଲେଖି ପାରୁନି, କାରଣ ଧରାପଡିଯିବାର ଡର । ମୁଁ ଦିନେ ଶ୍ୱେତାଙ୍ଗୀ ନାମକ ସମ୍ପତ୍ତି ଉପରେ କବଜା କରିବାକୁ ଚେଷ୍ଟା କରିଥିଲି । ଏ କଥା ବାନାମ୍ବର ଜାଣିନି । ସିଏ କ'ଣ ଶ୍ୱେତାଙ୍ଗୀ ବିନା ଆଉ କିଏ ଜାଣି ନାହାଁନ୍ତି । ହଁ ସେଇଟା ଅଲଗା କଥା ଯେ ଶ୍ୱେତାଙ୍ଗୀ ଯଦି କାହାକୁ ମୋ ଅଜାଣତରେ କହିଥିବା ମୁଁ କିଛି କରିବାର ନାହିଁ ।

ସେତେବେଳେ ଜାଣିବାକୁ ପାଇଥିଲି, ସେ ସମ୍ପତ୍ତି ଉପରେ କାହାର ଅଧିକାର ନାହିଁ କିନ୍ତୁ ସେ ସମସ୍ତିଙ୍କର ।

ସତ କଥା କହିବାକୁ ଗଲେ ସେତେବେଳେ ଭାବିଥିଲି ଶ୍ୱେତାଙ୍ଗୀ ଜୀବନର ମୁଁ ପ୍ରଥମ ପୁରୁଷ ଯାହାକୁ ସେ ପ୍ରେମିକ ରୂପେ ମଲାଯାଏ ମନ ରଖିବ । କିନ୍ତୁ ମୁଁ ଭୁଲ ସାବ୍ୟସ୍ତ ହେଇଥିଲି । ଯେମିତି ଆଜି ଗାଳ୍ପିକ ବାନାମ୍ବର ହେଲା ।

ସେତେବେଳେ ମୁଁ ମୋ ରୋମାଞ୍ଚକ ଯାତ୍ରାରେ ଭାବିଥିଲି ମୋ ପାଖରେ ଶ୍ୱେତାଙ୍ଗୀ ପରି

 Magazine Downloaded from www.aahwaan.com

ମୋଠୁ କମ୍ ବୟସର ଝିଅକୁ ଆକର୍ଷିତ କରିବାର ସମସ୍ତ ଗୁଣ ଖୁନ୍ଦି ହେଇ ରହିଥିଲା । କିନ୍ତୁ ଗାଲ୍ଭିକ ବାନାମ୍ବର ପରି ମୋ ଅହଂକାର ସେତେବେଳେ ଭାଙ୍ଗିଥିଲା ଯେତେବେଳେ ମୁଁ ଅନୁଭବ କଲି ଶ୍ୱେତାଙ୍ଗୀ ପରି ଝିଅ ଆଗରେ ପୁରୁଷ ଆକର୍ଷଣର ମୂଲ୍ୟ କିଛି ନଥିଲା ବରଂ ସେମାନଙ୍କୁ ବ୍ୟବହାର କରି ନିଜ ସୁଖ ସାଧନ ପ୍ରାପ୍ତ ତା'ର କେବଳ ଲକ୍ଷ ଥିଲା ।

ସେତେବେଳେ ମୁଁ ଭାବିଥିଲି ଶ୍ୱେତାଙ୍ଗୀ ମୋ ଦ୍ୱାରା ଆବିଷ୍କୃତ ଏକ ଗୁପ୍ତ ସମ୍ପତ୍ତି କିନ୍ତୁ ଅପମାନରେ ମୁଁ ସେତେବେଳେ ଜୁଡୁବୁଡୁ ହେଇଥିଲି ଯେତେବେଳେ ଜାଣିଲି ସେ ଅନ୍ୟମାନଙ୍କ ଦ୍ୱାରା ଆଗରୁ ଆବିଷ୍କୃତ । ଆଜିର ଗାଲ୍ଭିକ ବାନାମ୍ବର ପରି ସେତେବେଳେ ମୁଁ ନିଜେ ହୀନମନ୍ୟତାର ଶିକାର ହେଇଛି । ତାଠୁ ଅଧିକ ମୋତେ କଷ୍ଟ ଦେଇଥିଲା ଯେତେବେଳେ ନିର୍ଣ୍ଣୟରେ ପହଞ୍ଚିଥିଲି ଯେ ଶ୍ୱେତାଙ୍ଗୀ ମୋର ସମ୍ପତ୍ତି ନୁହଁ ବରଂ ମୋ ଅଜାଣତରେ ମୁଁ, ଅନେକ ପୁରୁଷ ପରି ଶ୍ୱେତାଙ୍ଗୀର ଅବୈଧ ସମ୍ପତ୍ତି ।

ଶ୍ୱେତାଙ୍ଗୀ ନାମକ ସମ୍ପତ୍ତିକୁ ନେଇ ମୁଁ ବି ଦିନେ ଠକି ହେଇଯିବାର, ହାରିଯିବାର, ନିଜ ଆଖିରେ ନିଜେ ଖସିଯିବାର ପରି ଯନ୍ତ୍ରଣା ନେଇ ଛାଟିପିଟି ହେଇଥିଲି ଯେମିତି ଆଜି ହେଉଛି ଗାଲ୍ଭିକ ବାନାମ୍ବର ।

ତଫାତ୍ କେବଳ ଏତିକି ଯେ ଦିନେ ଅଧ୍ୟାପକ ରମାକାନ୍ତ ଶ୍ୱେତାଙ୍ଗୀର ଅବୈଧ ସମ୍ପତ୍ତି ଥିଲା । ଏବେ ଗାଲ୍ଭିକ ବାନାମ୍ବର ତା'ର ନୂଆଁ ଅବୈଧ ସମ୍ପତ୍ତି ।

ସଂପାଦକ - ଗଞ୍ଜାମର କବିତାଘର, ମାର୍ଫତ - ପ୍ରଧାନ ଶିକ୍ଷକ,

ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ, ଖଲ୍ଲିକୋଟ,

ଖଲ୍ଲିକୋଟ, ଗଞ୍ଜାମ - ୭୬୧୦୩୦, ମୋ - ୮୨୮୦୨୨୩୬୪୪

 Magazine Downloaded from www.aahwaan.com

# ଜୀବନ୍ତ ଶବ

ସମୟ ସୁଅରେ ଭାସି ଭାସି କିଏ କେଉଁ କୂଳରେ ଲାଗେ ତାହା କେବଳ ବିଧାତାଙ୍କୁ ଜଣା । ସୁଖଦୁଃଖ, ହସଲୁହ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ମାତ୍ର କେବଳ ଦୁଃଖ ଆଉ ଲୁହଭର୍ତୀ ପାର୍ଶ୍ୱଟି ଯେ ମିଲିକୁ ମିଳବ ଏ କଥା କେମିତି ଭାବି ପାରିଥାନ୍ତା ସେ । କଥାରେ ଅଛି ଅମାବାସ୍ୟାର ଠିକ୍ ୧୪ ଦିନ ପରେ ପୁର୍ଣିମା ଆସେ ତୋଫା ପୁନେଇ ଜହ୍ନ ଜୋଛନା ଢ଼ାଳିଦିଏ । ମିଲି ବି ଭାବିଥିଲା ତା ଜୀବନର ଏଇ ଅମାବାସ୍ୟାର ଅନ୍ଧାର ଦିନେ ଦୂର ହୋଇ ପୂର୍ଣିମାର ସେଇ ରୂପା ଜହ୍ନ ଆସିବ । ହେଲେ ମିଲି ଆଜି ପ୍ରତିକୂଳ ପବନରେ ଉଡ଼ି ଆସି ଆଶାର ଆରପାରିରେ ପହଞ୍ଚି ଯାଇଛି । ନିଜର ଅଜାଣତରେ ତା ଅଖିର ଅଶ୍ରୁଧାର ମନ ମରୁଭୂମିର ଚୋରାବାଲିକୁ ଓଦା କରିଚାଲିଛି । କେଜାଣେ କାହିଁକି ଇଛା ହେଉଥାଏ ଦୁଇପାଦ ପଛକୁ ଫେରିଯାଇ ଅତୀତର ସେଇ ଅସମାହିତ ସମସ୍ୟାର ସମାଧାନ କରିବାକୁ । ବର୍ତମାନର ଅଧିକାରକୁ ଦୂର କରିବାକୁ ଯାଇ ଭରସାର ଦୀପଟିଏ ଜାଳିବାକୁ । ମିଲି ଭଲଭାବେ ଜାଣିସାରିଥାଏ ଭବିଷ୍ୟତ ବୋଲି ତାର ଆଉ କିଛି ନାହିଁ । ସେ କେବଳ ବର୍ତମାନକୁ ନେଇ ବଞ୍ଚିବାକୁ ଚାହେଁ । ଡାକ୍ତରଙ୍କ ପ୍ରଶ୍ନରେ ନିଜକୁ ଫେରି ପାଇଲା ମିଲି ।



ପ୍ରିୟଙ୍କା ସାହୁ

 Magazine Downloaded from www.aahwaan.com

ଫାଟି ଯାଇଥିବା ମୁଣ୍ଡକୁ ବ୍ୟାଣ୍ଡେଜ କରି ସାରି ଡାକ୍ତର କହିଲେ ତୁମ ସହ କେହି ନିଜ ଲୋକ ଆସି ନାହାନ୍ତି କି ?

ମିଲି - ନା ମୁଁ ଏକା ଆସିଛି ।

ଡାକ୍ତର - ତୁମର ତ ବହୁତ ବ୍ଲଡ୍ ଯାଇଛି । ଏଇ ଅବସ୍ଥାରେ ଏକା ଯାଇ ପାରିବ ତ ?

ମିଲି - ହଁ ମୁଁ ଯାଇ ପାରିବି ହେଲେ ଗୋଟିଏ ଅସୁବିଧା ଅଛି ।

ଡାକ୍ତର - କଣ କୁହ ।

ମୋ ପାଖରେ ଅଳ୍ପ କିଛି ଟଙ୍କା ଅଛି, ଆପଣ ଦୟା କରି ଏତିକି ରଖନ୍ତୁ । ମିଲି ଆଖିର ଅସହାୟତାର ଭାଷାକୁ ବେଶ୍ ଭଲ ଭାବରେ ବୁଝି ପାରିଲେ ଡାକ୍ତର ।

ଡାକ୍ତର - ହଉ ଠିକ୍ ଅଛି ସେତିକି ଦିଅ ।

ମିଲି ଡାକ୍ତରଖାନାରୁ ଆସି ପାଖରେ ଥିବା ଏକ ମନ୍ଦିର ଚଟାଣରେ ବସି ଭାବିଲା କାହିଁକି ଘରକୁ ଫେରିବି, ମଦ୍ୟପ ସ୍ୱାମୀକୁ ନେଇ ଅଧାଭଂଗା ସଂସାର ଗଢ଼ା ଯାଇପାରିବ ମାତ୍ର ଚରିତ୍ରହୀନ ସ୍ୱାମୀ ସହିତ ସେ କେମିତି ସଂସାର କରିବ । ସେଥିରେ ପୁଣି ଶାଶୂଙ୍କର କଡା ତାଗିଦ୍ ନିଜ ଲୋକଙ୍କୁ ନିଜର କରିବା ଶିଖିନୁ ଆଉ କଣ ଶିଖିକି ଏଠିକି ଆସିଛୁ ।

ଗୋଟିଏ ରକ୍ଷଣଶୀଳ ପରିବାରର ଝିଅ ହେଉଛି ମିଲି । ବାପା ସୂର୍ଯ୍ୟମଣି ଓ ମା ସବିତ୍ରୀ ଦେବୀଙ୍କର ୨ ଟି କନ୍ୟା ସନ୍ତାନ ମଧ୍ୟରୁ ମିଲି ହେଉଛି ବଡ । ପୁରୁଣା କାଳିଆ ରୀତିନୀତି, ଚାଲିଚଳଣୀକୁ ମାନି ଚଳୁଥିବା ସୂର୍ଯ୍ୟମଣିଙ୍କ ହୃଦୟର ଧକ୍ ଧକ୍ ସ୍ୱର ବେଳେ ବେଳେ କମିଯାଏ କାରଣ ସିଏ ଦୁଇ ଦୁଇଟା ବଢିଲା ଝିଅର ବାପ ।

ଜାଣି ଶୁଣି ସୁର୍ଯ୍ୟମଣି ବେଳେ ବେଳେ ତାଙ୍କ ଝିଅମାନଙ୍କ ପ୍ରତି ନିର୍ଦ୍ଦୟ ହୋଇଥାଆନ୍ତି । ଯେହେତୁ ମିଲି ବଡ ଝିଅ, ଏ ସବୁର ପ୍ରଭାବ ପ୍ରଥମେ ମିଲି ଉପରେ ପଡେ । ସାମର୍ଥ୍ୟ ଥାଇ ବି

 Magazine Downloaded from www.aahwaan.com

ଆଗକୁ ଯିବା ପାଇଁ ମିଲିକୁ ଅନୁମତି ମିଳେ ନାହିଁ । ଆଖି ଥାଇ ମଧ୍ୟ ସ୍ୱପ୍ନ ଦେଖିବା ପାଇଁ ତାକୁ ଅଯୋଗ୍ୟା ବୋଲି ବିବେଚନା କରାଯାଏ ହେଲେ ମିଲିର ଆଶା, ଆକାଂକ୍ଷା ଉଚ୍ଚକୋଟୀର । ତାର ଲକ୍ଷ୍ୟ ଥାଏ ପାହାଡ଼ର ଶିଖରକୁ ଛୁଇଁବା ପାଇଁ । ଇଚ୍ଛା ଥାଏ, ଚଢେଇଟିଏ ସାଜି ନୀଳ ଆକାଶର ବକ୍ଷଦେଶରେ ଉଡିବା ପାଇଁ ମାତ୍ର ବିଡମ୍ବନା । ଏହି ଯେ ଫୁଲ ତୋଳି ଫୁଲଦାନୀରେ ସଜେଇ ଗୃହର ଶୋଭାବର୍ଦ୍ଧନ କରିବା ତା ପରିବାରର ଇଚ୍ଛା । ଝିଅଟିଏ ଭାବେ ବାପା, ମା'ଙ୍କର ସବୁ ଇଚ୍ଛାକୁ ସମ୍ମାନ ଦେବା, ପରିବାରର ମର୍ଯ୍ୟାଦାକୁ ଉଲଂଘନ ନ କରିବା ଯେତେ କଷ୍ଟ ହେଲେ ମଧ୍ୟ ନିରବରେ ସବୁ ସହିଯିବା ।

ଗୋଟିଏ ସର୍ବଗୁଣସମ୍ପର୍ଣ୍ଣା ଝିଅଟିର ଲକ୍ଷଣ ବୋଲି ମା ସାବିତ୍ରୀ ଦେବୀଙ୍କର ମତ । କେବେ ବି କାହାକୁ ପ୍ରତିବାଦ ନ କରିବା ଉଚିତ ।

ମା'ଙ୍କର ଉପଦେଶରେ ଅନୁପ୍ରାଣିତ ହୋଇ ସମାଜ ଦୃଷ୍ଟିରେ ଗୋଟିଏ ଭଲଝିଅର ମାନ୍ୟତା ଲାଭ କରିଥିଲା ମିଲି ମାତ୍ର ସେଥିରେ ସେ ଖୁସି ନଥିଲା କାରଣ ରକ୍ଷଣଶୀଳ ନିୟମର ଜଞ୍ଜିରରେ ତା'ର ସବୁ ସ୍ୱପ୍ନ ବନ୍ଦୀ ହୋଇ ଯାଇଥାଏ ।

ସେଦିନର ସେଇ ସବୁ ସ୍ମୃତି ଅବଶ ମନ ଭିତରେ ଗବ୍ ଗବ୍ ହୋଇ ଫୁଟୁଥିଲା । ଫୁଟା ଭାତହାଣ୍ଡି ସମ୍ଭୂତ ବାମ୍ପ ଯେମିତି ଢ଼ାକୁଂଣି ଠେଲିପେଲି ବାହାରିବାକୁ ଚାହେଁ ।

ଦିନେ ସନ୍ଧ୍ୟା ସେ ଜହ୍ନର ଶୀତଳ ଜୋସ୍ନାରେ ନିଜକୁ ଭିଜେଇ କଳା ଘୁମର ବ୍ୟୋମରେ ବିଛେଇ ହୋଇ ପଡିଥିବା ତାରା ମାନଙ୍କୁ ମନଭରି ଦେଖୁଥାଏ । ସେମାନଙ୍କର ଚମକରେ ନିଜେ ଚମକି ପଡୁଥାଏ । ଗଣିବା ପାଇଁ ଶତ ଚେଷ୍ଟାକରି ହାରିଗଲେ ମଧ୍ୟ ବହୁତ ଆନନ୍ଦ ଲାଗୁଥାଏ । ଠିକ୍ ଏହି ସମୟରେ ମା କୃର କର୍କଶ ସ୍ୱରରେ ମିଲି ଧ୍ୟାନ ଭଗ୍ନହେଲା । ତାରା ମାନଙ୍କ ମେଳରୁ ନିଜକୁ ବାହର କରି ଦେଖିଲା କାନଧରି ମା ତାଗିଦ୍ କରୁଛନ୍ତି ରାତିରେ ଝିଅ

 Magazine Downloaded from www.aahwaan.com

ମାନଙ୍କୁ ବାହାରକୁ ଆସିବା ମନା, ଲୁଚି ଲୁଚି ତାରା ଦେଖିବା ଗୋଟେ ଅପରାଧ । ଏମିତି କରିବାକୁ ତୋତେ ଟିକେ ଲାଜ ଲାଗୁନି ।

ମିଲି ଭାବୁଥାଏ ଜହ୍ନ ତାରା ଦେଖି ସେ କିଭଳି ଅପରାଧ କରିଲା । ସରଳ ହୃଦୟଟା ତାର ଭାଂଗି ଖଣ୍ଡ ବିଖଣ୍ଡିତ ହୋଇଗଲା ସେଦିନ, ଠିକ୍ ଯେମିତି ହାତରୁ କାଚଟି ଖସିପଡିଲେ ଚୁନା ହୋଇଯାଏ । ତଥାପି ମିଲି ନିରବ ଥିଲା ନିଜ ପରିବାର ଉପରେ ସବୁ ଭରସା ସେଇଦିନ ତୁଟିଗଲା ଯୋଉଦିନ ବାପା ସୂର୍ଯ୍ୟମଣି ଓ ମା ସାବିତ୍ରି ଦେବୀ ଝିଅକୁ ବୋଝ ମନେକରି ଗୋଟିଏ ପରେ ଗୋଟିଏ ବୋଝ ଖସାଇବା ପାଇଁ ଚିନ୍ତା କଲେ । ଯେହେତୁ ମିଲି ବଡଝିଅ ତେଣୁ ତାର ପାଳି ଆଗଥିଲା । ମାତ୍ର ଉଗ୍ର ଆଧୁନିକତାରେ ଅନ୍ଧ ସାଜିଥିବା ଲୋକ ମାନେ ମିଲିକୁ ଘୃଣା କରୁଥିଲେ । ଅନ୍ୟ ଉପାୟ ନ ପାଇ ଗୋଟିଏ ନିପଟ ଗରିବ ଘରର ପୁଅ ମନୋଜର ବେକରେ ମିଲିକୁ ଛନ୍ଦି ଦିଆଗଲା । ଯେଉଁଠି ଦାରିଦ୍ର୍ୟର କଷାଘାତରେ ପତି ପରମେଶ୍ୱର ମଦ୍ୟପାନ କରନ୍ତି । ଉଚ୍ଚଶିକ୍ଷାର ଅଭାବରୁ ମଦର ଅପକାରିତା ଜାଣିନଥାନ୍ତି । ମଦନିଶାରେ ପତିର କଇଁ ଫୁଲ ପରି ଚେହେରାଟି ଘୃଣ୍ୟ ହୋଇଯାଏ । ଶାଶୁ ଶଶୁର ମଧ୍ୟ ଅମାନୁଷିକ ଅତ୍ୟାଚାର କରନ୍ତି ।

ଦେହର ଝାଳ ଓ ଆଖିର ଜଳ ମଧ୍ୟରେ ଫରକ ଜାଣିବାର ଅଧିକାର ନ ଥାଏ ମିଲିର, ସାମାନ୍ୟ ଏକ ଘଟଣାକୁ ନେଇ ମନୋଜ ହାତ ଉଠାଇଲେ । ମିଲିର ମୁଣ୍ଡଫାଟି ରକ୍ତ ନିଗୁଡୁ ଥାଏ । ଶାଶୁ ଶଶୁରଙ୍କ ବେଦରଦୀ ହୃଦୟରୁ ପଦୁଟିଏ ଆଶ୍ୱାସନା ମିଳିଲା ନାହିଁ ତେଣୁ ବାଧ୍ୟ ହୋଇ ମିଲି ଏକା ଚାଲି ଆସିଥିଲା ଡାକ୍ତରଖାନାକୁ ।

ଶୂନ୍ୟରୁ ମହାଶୂନ୍ୟକୁ ଚାହିଁ ଭାବୁଥାଏ ଏବେ କେଉଁଠିକୁ ଯିବି । ଯୋଉ ଘରେ ତା ପାଇଁ ସ୍ନେହ ମମତା ଟିକିଏ ନାହିଁ । କାହାପାଇଁ ତାର ଆବଶ୍ୟକତା ନାହିଁ ସେଇ ଶାଶୁ ଘରକୁ

 Magazine Downloaded from www.aahwaan.com

କାହିଁକି ଫେରିବି । ବିକଳ୍ପ ଥାଏ ନିଜର ବାପଘର, ଯୋଉ ଘର ପରିବାରକୁ ସେ ନିଜର କରିଥିଲା, ନିଜର ସବୁ ସ୍ୱପ୍ନକୁ ବନ୍ଦୀ କରି ବାପାମା'ର ସମ୍ମାନକୁ ଜଗିଥିଲା । ସେଇ ପରିବାର କଣ ତା ପାଇଁ ଟିକିଏ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇପାରିନଥାନ୍ତା । ସ୍ୱାର୍ଥସର୍ବସ୍ୱ ଦୁନିଆରେ ଅତି ନିଜର ଲାଗୁଥିବା ପରିବାର ମଧ୍ୟ ବାଦ୍ ପଡିନଥିଲା । ମୁଁ ତ ହୀରା କି ମୋତି ମାଗିନଥିଲି, ମାଗିଥିଲି ତ କେବଳ ଭବିଷ୍ୟତ ପାଇଁ ମୁଠାଏ ସ୍ୱପ୍ନ ।

ଗୋଠ ବାହୁଡା ବେଳ ମିଲି ମନ୍ଥର ମନର ପଟଭୂମିରେ ଗତିରେଖାଟିଏ ଟାଣିଦେଲା ପରି କେହିଜଣେ ତା ଆଡକୁ ମାଡି ଆସୁଥାନ୍ତି । ଅର୍ଦ୍ଧଶିକ୍ଷିତ ଗାଉଁଲି ଝିଅ ମିଲି ଯିଏକି ଦୁନିଆ୍‌କୁ ଭଲ ଭାବେ ଦେଖିନି । ଭୟାତୁର ହୋଇଗଲା । ତାର ବୁକୁ ଜୋରରେ ସ୍ପନ୍ଦିତ ହୋଇଉଠିଲା । ମାତ୍ର ଅଳ୍ପ କେଇଟା ମୁହୂର୍ତ୍ତ ମଧ୍ୟରେ ହୃଦସ୍ପନ୍ଦନ ତା'ର କମିଗଲା । ଯେତେବେଳେ ମଧ୍ୟ ବୟସ୍କା ମହିଳା ଜଣକଙ୍କ ହାତର ସ୍ପର୍ଶ ଓ ମମତାଭରା କେଇପଦ କଥାରେ ମିଲି ହୃଦର ହୁତୁହୁତୁ ଦହନରେ ଶୀତଳତା ଭରିଗଲା । ସେଇ ଅଚିହ୍ନା ମହିଳା ଜଣକ କହିଲେ –

--ମା'ରେ ତୁମେ କଣ ଏଠି କାହାକୁ ଅପେକ୍ଷା କରିଛ ।

ମିଲି - ନା

--ତେବେ ଗୋଧୂଳି ବେଳା ଗଡିବାକୁ ବସିଲାଣି ତୁମେ ଏକାକୀ ଏଠି ନିରାପଦ ନୁହଁ ।

ମିଲି – ମା ପାଇଁ ସବୁଠି ବିପଦ ପୂର୍ଣ୍ଣ ।

---ମାନେ ?

ମିଲି – ମୁଁ ସମ୍ପୁର୍ଣ୍ଣ ଅସହାୟ ଓ ନିରାଶ୍ରୟ ।

ନା, ରେ ମା ଏ ଦୁନିଆରେ କେହି ଅନାଥ କିମ୍ବା ଅସହାୟ ନୁହଁନ୍ତି । ମୋ ସହିତ ଆସ

 Magazine Downloaded from www.aahwaan.com

ମୁଁ ତୁମକୁ ଆଶ୍ରୟରେ ପହଞ୍ଚାଇ ଦେବି ।

ଉଚିତ କିମ୍ବା ଅନୁଚିତ ବିଷୟରେ ଚିନ୍ତା କରିବା ପାଇଁ ମିଲି ପାଖରେ ଧୈର୍ଯ୍ୟର ଘୋର ଅଭାବ ଥାଏ । କିଛି ବି ନଭାବି ସେହି ମହିଳା ଜଣଙ୍କ ପାଦଚିହ୍ନକୁ ଅନୁସରଣ କରି ଚାଲିଥାଏ । କିଛି ବାଟ ଗଲାପରେ ଆଶ୍ରୟ ନାମିତ ଏକ ଆଶ୍ରମରେ ସେମାନେ ପହଞ୍ଚିଲେ । ମହିଳା ଜଣକ ମିଲିର ରହିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରିଦେଲେ । ମିଲି ନୀରବ ଥାଏ, ଭାବୁଥାଏ ଜୀବନବ୍ୟାପୀ ସବୁ ସମସ୍ୟାର ସମାଧାନର ବାଟଟିଏ ଆଜି ମିଳିଗଲା । ତା ପରି ଅନେକ ଅସହାୟ, ନିର୍ଯ୍ୟାତିତା ମହିଳାମାନଙ୍କୁ ଅନ୍ତେବାସୀନି ରୂପେ ପାଇଲା । ମାତ୍ର ସେଇଦିନଠାରୁ ମିଲି ସ୍ଥାଣୁ ପାଲଟି ଯାଇଥାଏ କାରଣ ଥରୁଟିଏ ପାଇଁ ଖୋଜିବାକୁ ଚେଷ୍ଟା କରିଲେନି ଯିଏ ତାକୁ ସାତ ଜନ୍ମ ପାଇଁ ସାଥୀ ହୋଇ ରହିବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଆଶ୍ରମରେ ମିଲି କାହା ସହ ଅଧିକ କଥା ହୁଏନା ଆବଶ୍ୟକୀୟ ଉତ୍ତର କୁ ହଁ କିମ୍ବା ନାରେ ପ୍ରକାଶ କରି ବଞ୍ଚିଥାଏ ସତ ମାତ୍ର ନୂଆ ଏକ ପରିଚୟ ପାଇଥାଏ । ମିଲି ପାଲଟି ଯାଇଛି ଜୀଅନ୍ତା ଶବ । ଅନେକ ସମୟରେ ସେଇ ମହିୟସୀ ମହିଳା ଜଣଙ୍କ ମୁହଁ ମିଲିର ଭାବନାରେ ଧସେଇ ପଶେ । ସତରେ ଏଇ ସ୍ୱାର୍ଥପର ଦୁନିଆରେ ସେମିତି ନିଃସ୍ୱାର୍ଥପର ସମାଜ ସେବୀ ମହିଳା ଜଣଙ୍କୁ ମିଲି ତାର ଭଗବାନ ବୋଲି ଭାବୁଥାଏ ।

କଥାରେ ଅଛି ଯିଏ ବହିଗଲା ସେ ପାଣି, ଯିଏ ରହିଗଲା ସେ ଗଂଗା । ସେଇ ଉକ୍ତିକୁ ସାର୍ଥକ କରିବାକୁ ଯାଇ ମିଲି କେବେ କାନ୍ଦେନି ସତ କିନ୍ତୁ ପାଲଟିଯାଏ ଜୀଅନ୍ତା ଶବ ।

ସାହାନିୟାଜ ପୁର

କଟକ

 Magazine Downloaded from www.aahwaan.com

# ଭାବନାର ଏପାଖ ସେପାଖ



କଲ୍ୟାଣୀ ନନ୍ଦ

ସକାଳୁ ସକାଳୁ ଆଜି ରାନୁର ମନଟା ଚିଡ଼ି ଚିଡ଼ିଆ ଲାଗୁଥାଏ । କେତେ କାମ କରିବ ଏ ଗରମରେ ? ଘରେ ଯାଆ, ଦେଢ଼ଶୁର, ଦିଅର ସମସ୍ତେ ଆସିଛନ୍ତି । ସାରାଦିନ ତାର ରୋଷେଇରେ କଟୁଛି । ଆଜି ସକାଳୁ ସାନଦିଅର ଚାଲି ଗଲେଣି । ରାତିରେ ଦୁଇ ଦେଢ଼ଶୁର ଓ ତାଙ୍କ ଛୁଆପିଲା ସବୁ ଚାଲିଯିବେ । ଓଃ ତା ପରେ ଯାଇ ରାନୁକୁ ଟିକେ ଆରାମ ମିଳିବ । ମଧ୍ୟାହ୍ନ ଭୋଜନ, ଜଳଖିଆ ଇତ୍ୟାଦି କରି ରାନୁ କ୍ଳାନ୍ତ ହୋଇ ଯାଇଥିଲା । ଏମିତିରେ ଆଜି ତା ମୁଣ୍ଡଟା ସକାଳୁ ବିନ୍ଧୁଥାଏ । ସବୁ କାମ ସାରୁ ସାରୁ ସାଢ଼େ ତିନି ଟା ବେଳକୁ ରାନୁ ଶୋଇବା ଘରକୁ ଯାଇ ଅମୃତାଞ୍ଜନ ଟିକେ ମୁଣ୍ଡରେ ଲଗାଇ ଗଡ଼ି ପଡ଼ିଲା । କେତେବେଳେ ଯେ ତାକୁ ନିଦ ଲାଗିଯାଇଛି ସେ ଜାଣିପାରିଲା ନାହିଁ । ଉଠିଲା ବେଳକୁ ସନ୍ଧ୍ୟା ହୋଇଗଲାଣି । ରାନୁ ଧଡ଼ପଡ଼ ହୋଇ ଉଠିବସିଲା । ଓଃ, କେତେ ସମୟ ଯାଏ ଶୋଇଛି ସିଏ ? ବ୍ୟସ୍ତ ହୋଇପଡ଼ିଲା ରାନୁ । ଏବେ କେତେ କାମ । ଯାଆ, ଦେଢ଼ଶୁର ସମସ୍ତେ ରାତି ଆଠଟା ଟ୍ରେନରେ ଯିବେ । ସନ୍ଧ୍ୟା ହେଲାଣି । ସେମାନେ ଏବେ ଚା ଖାଇବେ, ରାତିରେ ଖାଇକି ଯିବେ । କେତେବେଳେ କରିବ ସେ ଏତେ ଗୁଡ଼ାଏ କାମ । ରାନୁ ବ୍ୟସ୍ତ, ବ୍ୟାକୁଳ ହୋଇ ରୋଷେଇଘର ଆଡ଼େ ମୁହାଁଇଲା । ବଡ଼ଯାଆ ସେତେବେଳେ ତାକୁ

 Magazine Downloaded from www.aahwaan.com

ଚା କପଟି ଧରାଇ ଦେଇ କହିଲେ, "ରାନୁ, ଏବେ କେମିତି ଲାଗୁଛି ? ମୁଣ୍ଡବିନ୍ଧା କମିଲା ? ତୁ ଶୋଇଥିଲୁ ତ, ଉଠେଇଲିନି । କେତେ କାମ ସତରେ ତୁ କରୁଛୁ ? ସେଥିପାଇଁ ତୋତେ ଉଠେଇଲିନି । ତୁ ବ୍ୟସ୍ତ ହୁଅନି । ମୁଁ ଆଉ ରୀତା ମିଶି ଆମ ପାଇଁ ନେଇ ତୁମମାନଙ୍କ ରାତି ଖାଇବା ପାଇଁ ରଖି ଦେଇଛି । ତୋତେ କିଛି କରିବାକୁ ପଡ଼ିବନି । ଏବେ ଚାଲ, ଯେଉଁ ଟିକିଏ ସମୟ ଅଛି, ବସି କଥା ହେବା । ତାପରେ ତ ଆମେ ଯିବାପାଇଁ ବାହାରିବୁ ।" ରାନୁ ଆଁ କରି ଚାହିଁ ରହିଥାଏ । ସକାଳେ କେତେ ବିରକ୍ତ ହେଉନଥିଲା ସେ ? କେହି ତା ଦୁଃଖକଷ୍ଟ ବୁଝୁନାହାନ୍ତି ବୋଲି । ସମସ୍ତେ ନିଜ ପାଇଁ ବ୍ୟସ୍ତ । କିନ୍ତୁ ଏ କଣ ହେଲା । ସମସ୍ତେ ଏବେ ତା ପାଇଁ ବ୍ୟସ୍ତ । ରାନୁ ନିଜ ଭିତରେ ନିଜେ ସଂକୁଚିତ ହୋଇଯାଉଥିଲା । ନିଜକୁ ଦୋଷୀ ଦୋଷୀ ମନେ କରୁଥିଲା । ସତରେ କେତେ ଭୁଲ ଚିନ୍ତା ସେ କରୁନଥିଲା !!

ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା

 Magazine Downloaded from www.aahwaan.com

# ନିରୀହର ଦଣ୍ଡ

ଆଜି ବି ସେ କଥା ମନେ ପଡିଲେ ସମାଜ ପ୍ରତି ଚାଲିଆସେ ଏକ ଘୃଣା ଭାବ । ଆଉ ଏ ଭଦ୍ର ସମାଜର ମୁଖା ମଧ୍ୟରେ ଥିବା ସେ ଅଭଦ୍ର, କୁଳାଙ୍ଗାରମାନଙ୍କୁ ଟାଣି ଆଣି ଗୋଟିକ ପରେ ଗୋଟିକଙ୍କର ଛାତି ମଧ୍ୟକୁ ଗୁଳିବଦ୍ଧ କରିଦେବାକୁ ଇଛା ହୁଏ । ଯାହା ପାଇଁ ଆଜି ଏ ମଣିଷ ସମାଜ ବଦନାମ । ସେ ଦେହଲୋଭୀ ଦୁର୍ଯ୍ୟୋଧନ ମାନଙ୍କ ଆଖିର ଲୋଲୁପ ଦୃଷ୍ଟିରେ ପଡ଼ି କେତେ କେତେ ଦ୍ରୌପଦୀଙ୍କ ବସ୍ତ୍ରହରଣ ହୋଇଛି । ଆଉ ସେମାନେ ନିଜ ଇଜ୍ଜତ ହରାଇଛନ୍ତି । ଦ୍ୱାପରରେ ସିନା ଭଗବାନ ଶ୍ରୀକୃଷ୍ଣ ଆସି ଇଜ୍ଜତ ବଞ୍ଚାଇ ଦେଲେ, ହେଲେ ନା ଆଜି ଶ୍ରୀକୃଷ୍ଣ ଆସୁଛନ୍ତି ନା ଶହ ଶହ ଦ୍ରୌପଦୀଙ୍କ ଇଜ୍ଜତ ରକ୍ଷା ହଉଛି । ସେ ମଣିଷରୂପୀ ରାକ୍ଷସମାନଙ୍କ କବଳରେ ପଡ଼ି ଏକା ଥରକେ ନିଃସ୍ୱ ହୋଇପଡୁଛନ୍ତି ।



ଶିବାନନ୍ଦ ବନଛୋର

ଏମିତି ଏକ ଘଟଣା ଘଟିଥିଲା ବ୍ରହ୍ମପୁରରେ । ଗୋଟିଏ ଲୋକ ତା ଭଉଣୀକୁ ନେଇ ସେଇଠି ରହୁଥିଲା । ସେ ଦିନରେ ରିକ୍ସା ଚଳାଉଥିଲା ଆଉ ରାତି ଉଭୟ ଭାଇ ଭଉଣୀ ଶୋଇ ଯାଉଥିଲେ ରାସ୍ତା କଡରେ । ନା ରହିବା ପାଇଁ ଘର ଥିଲା, ନା କିଛି ଖାଇବା ପାଇଁ ଅର୍ଥ । ଦିନକରେ ଭାଇ ଯେତେ ରୋଜଗାର କରୁଥିଲା ସେଥିରେ ମେଣ୍ଟୁଥିଲା ତାଙ୍କ ଗୁଜୁରାଣ ।

 Magazine Downloaded from www.aahwaan.com

ସେ ରିକ୍ସାବାଲାର ଭଉଣୀର ବୟସ ହେବ ୧୮-୧୯ ବର୍ଷ । କିନ୍ତୁ ସେ ଥିଲା ମାନସିକ ବିକୃତ । ତା'ର ଚାଲିଚଳଣୀରେ ନଥିଲା ବୟସର ଭାବ । ଗୋଟିଏ ଶିଶୁପରି ଥିଲା ତା'ର ମାନସିକ ଅବସ୍ଥା । ନା ସେ ଜାଣିଥିଲା ଏ ଦୁନିଆକୁ, ନା ଏ ଦୁନିଆର ମଣିଷକୁ । ଦିନସାରା ସେ ବସିଥାଏ ରାସ୍ତା କଡରେ ଏବଂ ନିଜେ ନିଜ ସହ କଥା ହେଉଥାଏ । ତା'ର ଭାଇଟା ଦିନସାରା କାମ ଖୋଜି ବୁଲିଥାଏ । ଯେଉଁ ଦିନ କାମ ମିଳେନାହିଁ ସେଦିନ ଦୁଇଜଣକୁ ଭୋକରେ ରହିବାକୁ ପଡିଥାଏ । ଭାଗ୍ୟବଶତଃ ସେ ସମୟରେ ଖୋଲିଥାଏ ଆହାର କେନ୍ଦ୍ର ଯେଉଁଠି କମ୍ ପଇସାରେ ଗୋଟାଏ ଓଳିର ଖାଇବା ମିଳିଯାଉଥିଲା ।

ସେ ବିଚାରୀ ମାନସିକ ବିକୃତ ଯୁବତୀଟା ଦିନସାରା କାଟିଥାଏ ଏକା ଏକା । ରିକ୍ସାଚାଳକ ମାନଙ୍କ ମଧ୍ୟରେ ଲୁଚି ରହିଥିବା କେତେକ ରାକ୍ଷସମାନଙ୍କ ଉପରେ ବଢ଼ି ଉଠିଥିଲା ମଣିଷ ମାଂସର ଭୋକ । ସେ ଯୁବତୀର ଦେହର ବାସ୍ନାରେ ମେଣ୍ଟାଇବାକୁ ଚାହୁଁଥିଲେ ତାଙ୍କ ସେ କ୍ଷୁଧାକୁ । ଆଉ ଖୋଜି ବୁଲୁଥିଲେ ଏପରି ଏକ ସୁଯୋଗକୁ । ଠିକ ଦିନକର ରାତିରେ ସେମାନେ ଟେକି ନେଇଥିଲେ ସେଇ ଯୁବତୀକୁ ଗୋଟିଏ ନିଛାଟିଆ ଯାଗାକୁ । ଆଉ କରି ପକାଇଥିଲେ ତାକୁ ବସ୍ତ୍ରହୀନ ଆଉ ମେଣ୍ଟାଇଥିଲେ ତାଙ୍କ କ୍ଷୁଧାକୁ । ସେ ଯୁବତୀଟା ଜଣି ପାରିଲାନାହିଁ ତା ସହ କଣ ହେଉଛି । ସେ ଥିଲା ଶିଶୁ ସୁଲଭ । ନା ତା'ର ଜ୍ଞାନ ଥିଲା, ନା ତା'ର ଚେତା । ଏମିତି ରାତ୍ରୀ ପରେ ରାତ୍ରୀ ସେ ରାକ୍ଷସଗଣ ମେଣ୍ଟାଇ ଚାଲିଥିଲେ ତାଙ୍କ କାମନାର ବାସ୍ନାକୁ ।

ଏମିତି କେତେଦିନ ବ୍ୟତିକ୍ରମରେ ସେ ଯୁବତୀଟା ହୋଇପଡିଛି ଗର୍ଭବତୀ । ଯେତେବେଳେ ଜାଣିପାରିଛି ତାର ଭଉଣୀର ଗର୍ଭ ବିଷୟରେ । ସେ ଭାବି ପାରିଲା ନାହିଁ, କଣ କରିବ ? କାହାକୁ ଦୋଷ ଦେବ ? ନା ତା ପାଖରେ ପଇସା ଅଛି ଯେ ତା ଭଉଣୀକୁ

 Magazine Downloaded from www.aahwaan.com

ଡାକ୍ତରଖାନା ନେବ । ସେମିତି ବି ସେ ପାଗଳୀଟା ତାକୁ ସେ ବିଷୟରେ ଜଣା ବି ନାହିଁ । ଆଉ ଯେଉମାନେ ହିଁ ଏଥିପାଇଁ ଦାୟୀ ସେମାନେ ଆଜି ତା ଭାଇକୁ ଟାହିଟାପରା କରୁଛନ୍ତି ।

ଠିକ ଦିନେ ରାତିରେ ସେ ଯୁବତୀର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ । ଆଉ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗୁଛି । ଆଉ ସେ ନିଜ ଗର୍ଭରେ ଥିବା ଶିଶୁ ସହ ଆଖିବୁଜି ଦେଇଛି । ଆଜି ସେ ଦୁନିଆରେ କଳଙ୍କିନୀ ପାଗଳୀର ଆଖ୍ୟା ପାଇ ମୃତ୍ୟୁବରଣ କରିଛି । ଆଉ ଯେଉଁମାନେ ସେଥିପାଇଁ ଦାୟୀ ସେମାନେ ଏ ପର୍ଯ୍ୟନ୍ତ ଭଦ୍ରବ୍ୟକ୍ତି ହିସାବରେ ବୁଲିଚାଲିଛନ୍ତି । ଆଉ ତାଙ୍କ ସେ ରାକ୍ଷସର ପରିଚୟକୁ ସମାଜର ଅନ୍ତରାଳରେ ଲୁଚେଇ ରଖିଛନ୍ତି । କିନ୍ତୁ ସେ ନିରୀହ ଯୁବତୀଟା ଆଜି ତା'ର ନିରୀହତାର ଦଣ୍ଡ ପାଇଛି । ଆଉ ସେ ଦଣ୍ଡରେ ଲିଭିଯାଇଛି ତା ଦିପ୍ତୀଶିଖା ।

 Magazine Downloaded from www.aahwaan.com

# ଅବୈଧ ସନ୍ତାନ

ସନ୍ତାନ, ପୁଣି ଅବୈଧ ସନ୍ତାନ, ଏପରି ଏକ ଘୃଣ୍ୟ ଶବ୍ଦ ବୋଧ ହୁଏ କାନରେ ବାଜିବା ବେଳକୁ ଭୃକୁଞ୍ଚନ ସୃଷ୍ଟି କରିଥାଏ ସଭ୍ୟ ସମାଜରେ । ମନ ଭିତରର ମଣିଷ ପଣିଆ, ଦୟା, ଭଲପାଇବା ଆପେ ଆପେ କେଉଁଆଡେ ଦୁରେଇ ହୋଇଯାଏ । କ୍ରମଶଃ ମଣିଷ ପାଖରୁ ମାନବିକତା ଆପେ ଆପେ କେଉଁ ଏକ ଅଜଣା ରାଇଜକୁ ପଳାଇ ଯାଇଥାଏ ।

ସେଦିନ ହରିଶ୍‌ବାବୁ ଚିନ୍ତାଗ୍ରସ୍ତ ଲାଗୁଥାନ୍ତି, ସେ ସହରର ଜଣେ ଲବ୍ଧପ୍ରତିଷ୍ଠିତ ବରିଷ୍ଠ ଆଇନଜୀବି । ବିଶେଷକରି ଫୌଜଦାରୀ ମମଲା ପରିଚାଳନାରେ ତାଙ୍କର ବିଶେଷ ଦକ୍ଷତା ଥିବାର ସହରରେ ଆଲୋଚନା ହୁଏ । ଏଇଥିପାଇଁ ବୋଧ ହୁଏ, ବଡ଼ ବଡ଼ ଅପରାଧୀମାନଙ୍କର ମାମଲା ତାଙ୍କ ପାଖରେ ଅଛି । ମାମଲା ପରିଚାଳନାର ଅଭିଜ୍ଞତା ମଧ୍ୟ ତାଙ୍କର କିଛି କମ୍ ନୁହେଁ । ଆଇନର ବୁଢିଆଣୀ ଜାଲରୁ ବିଭିନ୍ନ ଅଭିଯୁକ୍ତମାନଙ୍କୁ ମୁକୁଳେଇ ନେବାର ଅଦବ କାଏଦା ତାଙ୍କୁ ଜଣା ଓ ସେଥିରେ ସେ ମଧ୍ୟ ଧୁରନ୍ଧର ।



ଗଦାଧର ବଳ

ସେଦିନ ଜଣେ ବୃଦ୍ଧା ତାଙ୍କ ପଛରେ କୋର୍ଟ ବାରଣ୍ଡାରେ ଗୋଡେଇ ଥାଏ, ବୟସ ପ୍ରାୟ ୭୦ ରୁ ୭୫ ବର୍ଷ ହେବ । ଶ୍ୟାମଳ ବର୍ଣ୍ଣର କୁଞ୍ଚିତ ଚର୍ମ ଆବୃତ ଶରୀର, ଅଲୁଳାୟିତ କେଶ, ଆଧୁନିକତାର ସ୍ପର୍ଶର ନା ଗନ୍ଧ ବି ବାରି ହେଉ ନି ତା ପାଖରେ । ସାଥିରେ ଥାଏ ବାର ବର୍ଷର ନାତି ଟୋକା,

 Magazine Downloaded from www.aahwaan.com

ଗୋରା ତକ ତକ ରଜାପୁଅ ପରି ଚେହେରା, ଗୋଟିଏ ଚାଉଳରେ ଗଢା ।

କେଉଁ ଏକ ମିଥ୍ୟା ଅପରାଧରେ ଗିରଫ ହୋଇ ତାର ଏକମାତ୍ର ଅବିବାହିତ ଭେଣ୍ଡିଆ ପୁଅଟି ଦୀର୍ଘ ଛଅ ମାସରୁ ଅଧିକ କାଳ ଜେଲ ହାଜତରେ ଅଟକ ଅଛି । ବୁଢୀ ବ୍ୟସ୍ତ ଓ ବିବ୍ରତ ତା'ର ପୁଅକୁ ଯେମିତି ହେଉ ଜେଲରୁ ବାହାର କରି ଦେବାକୁ । ମାତ୍ର ହରିଶବାବୁ ବାରମ୍ବାର ସ୍ୱୟୋଂକ୍ତି ପ୍ରକାଶ କରୁଥାନ୍ତି ଯେ ତା'ର ପୁଅକୁ ସଂଗୀନ ଅପରାଧରେ ଗିରଫ କରିଛି ପୋଲିସ, ତେଣୁ ଜାମିନ ହେବା କଷ୍ଟକର ବିଷୟ, ଯଦି ଜାମିନ ହୁଏ, ଉପର କୋର୍ଟରେ । ତ ତା'ପାଇଁ ମଧ୍ୟ କିଛି ଅଧିକ ଟଙ୍କାର ଆବଶ୍ୟକତା ଅଛି । ବୁଢ଼ୀ ଲୋକଟି ବେକର ପକାଇଥିବା ମୁଣିରୁ ବାହାର କରି କିଛି ଖୁଚରା ଟଙ୍କା ଓ କାଗଜ ଟଙ୍କାକୁ ହରିଶବାବୁଙ୍କ ହାତକୁ ବଢ଼ାଇ ଦେଲା ଓ କହିଲା, "ଏଇ ନିଅ ବାବୁ, ଆଠ କୁଡି ପାଞ୍ଚ ଟଙ୍କା, ମୋ ପୁଅକୁ ଯେମିତି ହେଉ ଜେଲରୁ କାଢ଼ି ଦିଅ ।"

ହରିଶବାବୁ ବିରକ୍ତ ହୋଇ ଟଙ୍କାତକ ଗଣିସାରିବା ପରେ ଦେଖିଲେ ମାତ୍ର ଶହେ ପଞ୍ଚସଠି ଟଂକା ବୁଢୀ ତାଙ୍କୁ ଦେଇଛି । ବିରକ୍ତି ତଥା କ୍ରୋଧ ଭରା କଣ୍ଠରେ ହରିଶ ବାବୁ କହିଲେ, "ତମ ପୁଅର ଜାମିନ ପାଇଁ ଅତିକମରେ ପାଞ୍ଚ ହଜାର ଟଙ୍କାର ଆବଶ୍ୟକତା ଅଛି, ନହେଲେ ଜାମିନ ହେବା ସମ୍ଭବ ନୁହଁ ।"

ବୁଢ଼ୀ ଲୋକଟି ହଠାତ ଏତେ ଟଙ୍କା କଣ ବୁଝି ପାରିଲା ନାହିଁ । ତଥାପି ତା'ର ନିର୍ମାୟା, ନିରପରାଧୀ ଠାଣିରେ ପଚାରିଲା, "ବାବୁ, ବହୁ କଷ୍ଟରେ ମାଗିଯାଚି ଆଣି ଅନେକ ଦିନରୁ ଏତିକି ଟଙ୍କା କାନ୍ଥ ଠଣାରେ ସାଇତି ରଖିଥିଲି, ଏଇ ନାତି ଟୋକା ପାଇଁ । ସବୁ ଟଙ୍କାକୁ ତମକୁ ଦେଇଦେଲି । ନାତିକୁ ଖାଇବାକୁ ଦେବାକୁ ମଧ୍ୟ ପଇସା ନାହିଁ, ନ ଥାଉ ମାଗିଯାଚି ତାକୁ ଖୁଆଇ ଦେବି ।"

ହଠାତ୍ ହରିଶବାବୁଙ୍କ ମନରେ କଣ ହେଲା କେଜାଣି, ନିଜର କ୍ରୋଧକୁ ସମ୍ଭାଳି ନେଇ

 Magazine Downloaded from www.aahwaan.com

ନାତିକୁ ଅନାଇ ବୁଢ଼ୀକୁ ପଚାରିଲେ, "କିଏ ଏ ପିଲାଟି ?"

ବୁଢ଼ୀ ଉତ୍ତର ଦେଲା, "ମୋ ନାତି ।"

ହରିଶ ବାବୁ ପଚାରିଲେ, "ପୁଅର ନା ଝିଅର ?"

"ନା ବାବୁ ଝିଅ କାହିଁ, ପିଲା ବୋଲି ତ ଗୋଟଏ ପୁଅ ମୋର" ବୁଢ଼ୀ ଉତ୍ତର ଦେଲା ।

"ତମ ପୁଅ ବାହା ହେଇନି କହୁଥିଲ, ପୁଣି ନାତି ?" ହରିଶ ବାବୁ ଆଶ୍ଚର୍ଯ୍ୟ ଚକିତ ହୋଇ ପଚାରିଲେ ।

ତ ବୁଢ଼ୀ କିଛି ନକହି ନିରବତା ଅବଲମ୍ବନ କଲା । ତା'ର ନିରବତା ଭଙ୍ଗ କରି ହରିଶ ବାବୁ ପ୍ରଶ୍ନଟି ଦୋହରେଇବାରୁ ବୁଢ଼ୀ ଆଖିରେ ଇଶାରା ଦେଇ କିଛି ବାଟ ଆଗକୁ ଚାଲି ଯାଇଥିଲା ଓ ହରିଶ ବାବୁଙ୍କୁ ମଧ୍ୟ ସେଠାକୁ ଯିବାକୁ ଇଶାରାରେ କହିଥିଲା । ହରିଶ ବାବୁ ବୁଢ଼ୀ ପାଖକୁ ଯିବାପରେ ବୁଢ଼ୀ ଧିରେ ଧିରେ ତାଙ୍କ କାନପାଖକୁ ପାଖେଇ ଯାଇ କହଥିଲା, "ବାବୁ ଏମିତି ନିଷ୍ଠୁର କଥା ମୋ ନାତି ସାମ୍ନାରେ କେବେ ମୋତେ ପଚାରିବ ନାହିଁ । ପିଲା ଲୋକ ଜାଣିଲେ ନା ବହୁତ ଅସୁବିଧା ହେଇଯିବ, ବାର ବର୍ଷର ତପ ମୋର ଶୁଖୁଆ ମୁଣ୍ଡରେ ଚାଲିଯିବ, ବାବୁ ।"

ହରିଶ ବାବୁଙ୍କର ଉତ୍ସୁକତା ଦ୍ୱିଗୁଣିତ ହୋଇ ଯାଇଥିଲା ପିଲାଟି ବିଷୟରେ କଛି ଜାଣିବା ପାଇଁ । ତ ସେ ବୁଢ଼ୀକୁ ତା ବିଷୟରେ କହିବା ପାଇଁ ଏକ ପ୍ରକାର ଜିଦ୍ ଧରିଥିଲେ । ବୁଢ଼ୀ ବିରକ୍ତି ପ୍ରକାଶ କରି ତା ଇଚ୍ଛା ବିରୁଦ୍ଧରେ କହିବା ଆରମ୍ଭ କରି ଦେଇଥିଲା, "ବାବୁ ମୋ ଗେରସ୍ତ ୨୦ ବର୍ଷରୁ ଅଧିକ ହେବ କେଉଁ ଏକ ଅଜଣା ରୋଗରେ ପଡି ଛୋଟ ପୁଅଟିକୁ ମୋ କୋଳରେ ଛାଡ଼ି ଆରପାରିକୁ ଚାଲି ଗଲା । ପାଖ ମହିଳା କଲେଜ ପାଚେରୀ ପାଖକୁ ଲାଗି ସରକାରୀ ଜମିରେ ଛୋଟ କୁଡିଆ ଘରଟିଏ କରି ରହୁଥିଲୁ, ଜମିବାଡି ବିଶ୍ୱା ନାସ୍ତି । ଯାହା ରୋଜଗାର କରି ଆଣେ କଷ୍ଟେ ମଷ୍ଟେ ଚଳିଯାଉଥିଲୁ, ବାବୁ । ପୁଅ ମାତ୍ର ୮ ମାସର ବେଳକୁ

 Magazine Downloaded from www.aahwaan.com

କି ରୋଗ ହେଲା ଯେ ସେ ମୋତେ ଛାଡି ଆରପାରିକୁ ଚାଲିଗଲା । ଛୋଟ ପିଲାଟିକୁ ଧରି ପର ଘରେ ମୂଲ ମଜୁରୀ ଲାଗି ଯାହା ଆଣେ ମାଆ ପୁଅ ଚଳି ଯାଉଥିଲୁ । ଟଙ୍କା ଅଭାବରୁ ପୁଅଟାକୁ ପାଠ ପଢେଇ ପାରିଲିନି, ବାବୁ । ତାକୁ ଏବେ ୨୧ ବର୍ଷ । ୧୨ ବର୍ଷ ତଳେ ଠିକ୍ ପୁଷମାଷ, ଶୀତ ରାତି, ଜାଡ଼ରେ ଚାରିଆଡେ ଶୁନସାନ । ମୁଁ ଖଟି ଖଟି ଆସି ପୁଅକୁ ଧରି ଥକ୍କା ଶୋଇଥାଏ । ଯୋରରେ ଶୀତ ପଡିଥାଏ ବାବୁ । ବାହାରେ ରାତିର ନୀରବତାକୁ ଭାଙ୍ଗି ଏକ କଅଁଳ ଶିଶୁର କୁଆଁ କୁଆଁ ଶବ୍ଦରେ ମୋ ନିଦ ଭାଙ୍ଗିଗଲା । ମୋ ଘରର ତାଟି ଖୋଲି ବାହାରକୁ ଆସି ଦେଖେତ କିଛି ଦୁରରେ ଜଣେ ପୁରୁଷ, ଜଣେ ମହିଳା ପାଖ ନଦୀ ପଠାରେ ନିଆଁ ଲଗାଉଛନ୍ତି, ସନ୍ଦେହ ହେଲା ବାବୁ । ପାଖକୁ ଯାଇ ଦେଖିଲି, ପିଲାଟିର କୁଆଁ କୁଆଁ କାନ୍ଦ ଶବ୍ଦ ରାତିର ନିରବତାକୁ ଭାଙ୍ଗି ଦେଉଛି । ସାହସ ବାନ୍ଧି ପାଖକୁ ଗଲି, ଦେଖିଲି ଶିଶୁଟିକୁ ଜିଅଁନ୍ତା ପୋଡି ଦେବାକୁ ସେମାନେ ଉଦ୍ୟତ କରୁଛନ୍ତି, ଧୈର୍ଯ୍ୟ ଧରିପାରିଲିନି ବାବୁ । ମାଆ ମନ ମୋର ବ୍ୟାକୁଳ ହୋଇ ଉଠିଲା । ନିକଟତର ହେବାରୁ ଦେଖିଲି ପାଖ ମହିଳା କଲେଜର ପଢୁଥିବା ଅଭିଆଡି ଚିହ୍ନା ଝିଅଟେ, ଜଣେ ଅଜଣା ପୁଅ ସହ ଆସି ପିଲାଟାକୁ ଜିଅଁନ୍ତା ପୋଡି ମାରିଦେବାକୁ ବସିଛନ୍ତି । ସବୁ ବୁଝିଗଲି, ମଣିଷ ମାନବିକତା ଭୁଲି ନିଜର ପାପଗର୍ଭରୁ ଜାତ ପିଲାଟାକୁ ଜିଅଁନ୍ତା ପୋଡି ଦେବାକୁ ମଧ୍ୟ ପଛଉ ନାହିଁ । ଦମ୍ଭ ଧରି ପାଖରେ ପଡିଥିବା ଏକ କାଠ ଫାଳିଆକୁ ନେଇ ପାଟିକରି ଦୌଡିଗଲି ସେଠାକୁ, ତ ସେମାନେ ତୁରନ୍ତ ଭୟରେ ସେଠାରୁ ପଳାଇ ଗଲେ । ପିଲାଟିର ରକ୍ତ ଜୁଡୁବୁଡୁ ମୁକୁଳା ଶରୀର ଶୀତ ପ୍ରକୋପରେ ଥରୁଥାଏ । ଯେମିତି ତାକୁ ବଂଚାଇ ଦେବାକୁ ଆକୁଳ ନିବେଦନ କରୁଥାଏ ସେ । କାଳ ବିଳମ୍ବ ନ କରି ତାକୁ ମୋ କୁଡିଆକୁ ନେଇ ଆସିଲି, ଏ ବୁଢୀ ବୟସରେ ପୁଅର ମାଆ ହେବା ଅପେକ୍ଷା ଜେଜେ ମାଆ ହେଇଗଲି ମୁଁ ବାବୁ । ଅବିବାହିତ ପୁଅ ମୋର ବି ତାର ବାପା ହୋଇଗଲା ।”

 Magazine Downloaded from www.aahwaan.com

ବୁଢୀ ମାଉସୀର ଫୁଙ୍ଗୁଳା ଦେହ, ନିଷ୍କପଟ, ନିରୀହ ଓଠର କୋହଭରା ବାଣୀ ସେଦିନ ସ୍ତମ୍ଭିଭୁତ କରିଦେଇଥିଲା ହରିଶ ବାବୁଙ୍କୁ । ଅର୍ଦ୍ଧ ଉଲଗ୍ନ ଶରୀରରେ କଳା ମୁଗୁନି ପ୍ରତିମ ଦେବୀ ପ୍ରତିମୁର୍ତ୍ତିଟି  ଯେମିତି ନିଜର କୋହଭରା କଣ୍ଠରେ ତାର ସମସ୍ତ ଦୁଃଖକୁ ବଖାଣି ଚାଲିଥିଲା । ହରିଶ ବାବୁ ଉପଲବ୍ଧି କରିଥିଲେ, ସତରେ ଦୁନିଆରେ ଏମିତି ବି ମଣିଷ ଅଛନ୍ତି, ଯେଉଁମାନେ ନିଜର ଦାରୁଣ ଦୁଃଖରେ ମଧ୍ୟ ପରାଜୟ ସ୍ୱୀକାର କରନ୍ତି ନାହିଁ । ଜନ୍ମକଲା ମାଆ ଯେତେବେଳେ ନିଜର ରକ୍ତକୁ ଜିଅନ୍ତା ପୋଡି ମାରିଦେବାକୁ ଅପଚେଷ୍ଟା କରେ, ମା ଦୁର୍ଗାଙ୍କର ସେତେବେଳେ ଆବିର୍ଭାବ ହୁଏ । ହରିଶ ବାବୁଙ୍କ ମନରେ ପ୍ରଶ୍ନ ଉଙ୍କିମାରେ "ଅବୈଧ ସନ୍ତାନ" ଜହ୍ଲାଦ ଅବିବାହିତ ମାଆ ନା ତାର ନିରୀହ, ନିଷ୍କପଟ କଁଅଳ ଶିଶୁ ? ଗୋଟିଏ ମାଆ ଆୟୁଷ ନ ପୁରୁଣୁ ନିଜର ଜନ୍ମ କଲା ପିଲାକୁ ଜୀବନ୍ତ ଦଗ୍ଧ କରିବାର ଅପଚେଷ୍ଟାରେ ବ୍ୟସ୍ତ ତ ଆଉ ଗୋଟିଏ ପାଖରେ ଦାରିଦ୍ର୍ୟତାର ତାଡନା, କ୍ଷୁଧାକୁ ବେଖାତିର କରି ପରପିଲାକୁ ଛାତିରେ ଚାପି ରଖିଥିବା ମହିୟସୀ ମହିଳା । ଏମିତି ଅନେକ ପ୍ରଶ୍ନର ଉତ୍ତର ସାଉଁଟିବାକୁ  ପ୍ରାଣ ପଣେ ପ୍ରଚେଷ୍ଟା ଜାରି ରଖିଥାନ୍ତି ବୁଦ୍ଧିଜୀବି ହରିଶ ବାବୁ ।

ବୁଢୀର କୋହଭରା କାହାଣୀ ବୋଧହୁଏ ଆହୁରି କେତେବେଳ ପର୍ଯ୍ୟନ୍ତ ଚାଲିଥାନ୍ତା ତାର ଆକଳନ କରିବା କଷ୍ଟ କର । ମାତ୍ର ସେ ସବୁକୁ ଅନ୍ତ ଘଟାଇ ଚପରାସି ଆସି ହରିଶ୍ ବାବୁଙ୍କୁ ତାଙ୍କର କେଶ ଡାକରା ହେଲାଣି କହି କୋର୍ଟ ହଲକୁ ସାଥିରେ ନେଇ ଯାଇଥିଲା. .......

ଆଇନଜୀବି, ଭଦ୍ରକ । ୯୪୩୭୨୧୨୮୮୪୧

 Magazine Downloaded from www.aahwaan.com

# ଖେଳଣା



ସୁବଳ ମହାପାତ୍ର

ବସଟି, ତା'ର ଚିରାଚରିତ ଢଙ୍ଗରେ ପେଂକାଳୀ ବଜେଇ ଯିବାର ସୂଚନା ଦେଲା । ନାଇଟ କୋଚ୍, ସ୍ଲିପର ଆଉ ସିଟର । ତଳେ ବସିବା ପାଇଁ କିଛି ସିଟ, ତା ସହ ପଛ ଆଡକୁ ଶୋଇବା ସିଟ । ଉପରେ ସବୁ ଯାକ ସ୍ଲିପର । ଯାତ୍ରୀ ସବୁ ଯିଏ ଯାହା ଜାଗାରେ ବସି ସାରିଛନ୍ତି । ଶୁକ୍ରବାର ରାତି, ବସ ରାତିରେ ରାଉରକେଲାରୁ ବାହାରିବ ଭୁବନେଶ୍ୱର । ଶନିବାର, ରବିବାର ଛୁଟି ପରେ ସୋମବାର, ମଙ୍ଗଳବାର ଦୁଇ ଦିନ ଛୁଟି ନେଲେ ବୁଧବାର ଅଗଷ୍ଟ ପନ୍ଦର । ଏକା ବେଳେ ପାଞ୍ଚଦିନ ଛୁଟି ମିଳିବାର ଲୋଭ ସମ୍ବରଣ କରି ନପାରି କିଛି ଲୋକ ବୁଲିବା ଓ କିଛି ଲୋକ ଘରକୁ ଯିବାକୁ ବ୍ୟଗ୍ର । ଛୁଆ ପିଲା ଲୋକ ବସରେ ଖୁନ୍ଦା ଖୁନ୍ଦି । ଜଣେ ଶୋଇବା ଜାଗାରେ ଦି ଜଣଙ୍କୁ ବସେଇ ନେଇ ଡବଲ ପଇସା ଆଶାରେ କଣ୍ଡକ୍ଟର ବି ଶୋଇବା ସିଟ ସବୁ ବସିବା ଲୋକଙ୍କୁ ଦେଇ ଖୁସ । ଆଉ ଜାଗା ନାହିଁ, ଦୁଇ ଜଣ ଶୋଇବା ପାଇଁ ସିଟ ଆଗୁଆ ବୁକ କରିଥିଲେ ବି ଏବେ ଯାଏଁ ଆସି ନଥାନ୍ତି । ସେଇ ଦୁଇଟି ଶୋଇବା ସିଟକୁ ଛାଡି ବାକି ସବୁ ଫୁଲ ହୋଇ ସାରିଲାଣି । ଡ୍ରାଇଭର ବି ପାଞ୍ଚ, ଦଶ ଥର ପେଁକାଳି ବଜେଇ ସାରିଲାଣି । ସମୟ ରାତି ଆଠଟା ପଇଁତିରିଶ । ସାଢ଼େ ଆଠଟାରେ ବସ ଛାଡିବା କଥା । ହଠାତ ଚାରି ଜଣ ଲୋକଙ୍କ ଆବିର୍ଭାବ ହେଲା । ହାତରେ ଲମ୍ବା ଲମ୍ବା ଗିଟାର । ଦାଢ଼ି ବାଢୁ ଛେଳି ପରିକା ଲମ୍ବିଛି, ହାଫ

 Magazine Downloaded from www.aahwaan.com

ଗଂଜିକୁ ହାଫ ପେଣ୍ଟ ସୁଚେଇ ଦେଉଥାଏ ଯେ ଏମାନେ ବାଜା ବାଲା । କେଉଁ ଗୋଟେ ବ୍ୟାଣ୍ଡ ପାର୍ଟି ବୋଧେ । ଝୁମ୍ପୁରା ଚୁଟିକୁ ସେଥିରେ ରିବନ ପରି ଖଣ୍ଡେ ଖଣ୍ଡେ କନା ପରି କଣ ସବୁ ବନ୍ଧା ଯାଇଥାଏ । ବସ କଣ୍ଡକ୍ଟରକୁ ସିଟ ପାଇଁ କହି ଟିକେଟ ଦୁଇଟି ବଢ଼େଇ ଦେଲେ । କଣ୍ଡକ୍ଟର ଅଧିକ ପଇସା ପାଇଁ କହି ଶୋଇବା ଜାଗାରେ ଚାରି ଜଣଙ୍କୁ ଆଡ଼ଜଷ୍ଟ କରି ବସେଇ ଦେଇ ଚାଲିଗଲା ଡ୍ରାଇଭର ପାଖକୁ, ଗାଡି ଛାଡିବା ପାଇଁ କହିବାକୁ । ଚାରିଜଣ ଯାକ ଶୋଇବା ଘର ଭିତରେ ପଶି କବାଟକୁ ବନ୍ଦ କରିଦେଲେ । ସ୍ଲିପର କୋଚ୍ ଗୁଡିକ ଏପରି ହୋଇଥାଏ ଯେ କବାଟଟିକୁ ବନ୍ଦ କରିଦେଲେ, ଭିତରେ ପର୍ଶନାଲ ରୁମ ପରି ନିଜସ୍ୱ । ଶୋଇବା ପାଇଁ ଦୁଇଟି ଗଦି । ଚାରିଜଣ ଯାକ ଶୋଇବା ପାଇଁ ଗୋଟେ ସ୍ଲିପର ରୁମ ଭିତରେ ପଶିଗଲେ ।

ଗାଡି ଛାଡିଲା, ଲୋକ ତ ଫୁଲ, ସବୁ ଭୁବନେଶ୍ୱର ପାସେଞ୍ଜର । ବାଟରୁ କାହାକୁ ଉଠେଇବାର ଅପେକ୍ଷା ନକରି, ରାଉରକେଲାରୁ ଭୁବନେଶ୍ୱର ଯିବାପାଇଁ ଉଦ୍ୟତ ହେଲା । ଆସ୍ତେ ଆସ୍ତେ ଗାଡିର ଗତି ସହ ଲୋକ ସବୁ ଢୁଳେଇବାରେ ଲାଗିଲେ । କିଛି କିଛି ଶୋଇ ବି ଗଲେ । ଗାଡି ଚାଲିଥାଏ, ଭିତର ଲାଇଟ ସବୁ ବନ୍ଦ କରି ଡ୍ରାଇଭର ବି କେବିନ ଭିତର ସାଉଣ୍ଡ ବକ୍ସରେ ଧୀର ଭାବେ ଗୀତ ଲଗେଇ ଗୀତର ତାଳେ ତାଳେ ମୁଣ୍ଡ ହଲେଇ ଗାଡି ଚଳେଇବାରେ ଲାଗିଲା । କଣ୍ଡକ୍ଟର ଇଞ୍ଜିନ ଉପରେ ଥିବା ପଟାରେ ବସି ବିଡ଼ି କଳେ ଟାଣି ହେଲପରକୁ ଆସନ୍ତା କାଲିର କାମ ସବୁ ବିଷୟରେ କହିବାକୁ ଲାଗିଲା ।

ଦୀର୍ଘ ଦୁଇ ଘଣ୍ଟାର ବ୍ୟବଧାନ ପରେ ଗୋଟିଏ ଢାବା ଦେଖି ଡ୍ରାଇଭର ଗାଡି ରଖିଲା । ଲୋକଙ୍କୁ ଚା, ଜଳଖିଆ ଓ ଏକ, ଦୁଇ ଯିବାପାଇଁ ଉଠେଇ ଦେଇ ଡ୍ରାଇଭର ଓ କଣ୍ଡକ୍ଟର ନିଜେ ଖାଇବା ଲାଗି ଚାଲିଗଲେ । ଲୋକ ସବୁ ଆସ୍ତେ ଆସ୍ତେ ଓହ୍ଲେଇ ନିଜ ନିଜ ବ୍ୟବସ୍ଥା କରିବାକୁ ଲାଗିଲେ । ଏତେ ଲୋକଙ୍କ ଭିତରେ ସେ ଛୁଆଟି କିନ୍ତୁ ସନ୍ଧ୍ୟାରୁ ଶୋଇ

 Magazine Downloaded from www.aahwaan.com

ପଡ଼ିଥିଲା । ଲୋକଙ୍କ କୋଳାହଳରେ ନିଦ ଭାଙ୍ଗିଲା ତାର । ତିନି, ସାଢ଼େତିନି ବର୍ଷର ପିଲାଟି । ଶୋଇବାକୁ ଜାଗା ଅଭାବରୁ ବାପା ମା ତାକୁ ଶୋଇବା ସିଟରେ ଶୁଏଇ ଦେଇ, ଜଣେ ସେହି ସିଟରେ ଆଉ ଜଣେ ତଳେ ବସିଥାନ୍ତି । ଏବେ କୋଳାହଳରେ ନିଦ ଭାଙ୍ଗିଲା ପରେ କାନ୍ଦିଲା ସେ । ବାପା, ମା ତାକୁ ନେଇ ବାହାରେ କିଛି ସମୟ ବୁଲାବୁଲି କରି ଆସିଲେ । ତଥାପି ଲୋକ ଆସି ନଥାନ୍ତି । ଛୁଆଟି ସେଇ ବସ ଭିତରେ ଦୌଡା ଦୌଡି କରି ଖେଳିବାକୁ ଲାଗିଲା । ଯାତ୍ରୀଙ୍କ ଭିତରୁ କିଏ ବାହାରକୁ ଗଲା, କିଏ ରହିଲା ଜାଣିବାର ଉପାୟ ନାହିଁ । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ । ଡ୍ରାଇଭର କଣ୍ଡକ୍ଟର ଆସି ସାରିଲେଣି । ଡ୍ରାଇଭର ବସର ପେଁକାଳି ବଜେଇବାରୁ ଆସ୍ତେ ଆସ୍ତେ ଲୋକ ସବୁ ଆସିବାକୁ ଲାଗିଲେ । ପିଲାଟି କିନ୍ତୁ ଏପଟୁ ସେପଟକୁ ଧାଇଁ ଖେଳୁଥାଏ । କିଛି ସମୟ ପରେ କଣ୍ଡକ୍ଟର ସବୁ ସିଟ ଚେକ କରି କିଏ ଆଉ ରହିଗଲା ବୋଲି ହିସାବ କରି ପଛରୁ ଆଗକୁ ଗଣି ଗଣି ଯାଉଥାଏ । ଡ୍ରାଇଭର ଆଉ ଥରେ ପେଁକାଳି ବଜେଇ ବସ ଛାଡ଼ିଲା । ପିଲାର ବାପା ଜାଗା ନ ଥିବାରୁ କଣ୍ଡକ୍ଟର ପାଖରେ କେବିନରେ ଟିକେ ବସି ପଡିବା ଲୋଭରେ ଆଗକୁ, ବସର କେବିନ ପାଖକୁ ଗଲା । ପିଲାଟି ମା ପାଖକୁ ଫେରି ଆସି ପୁଣି ସିଟରେ ବସି ପଡ଼ିଲା । ବସ ଭିତର ଲାଇଟ ତଥାପି ଲିଭି ନଥାଏ । କହିଁକି କେଜାଣି ପିଲାଟି ପୁଣି ଥରେ ଦୌଡା ଦୌଡି କରି ଭିତରେ ଖେଳିଲା । ଆସ୍ତେ ଆସ୍ତେ ଚାରିଜଣ ଗୀଟାର ଧରିଥିବା ଲୋକଙ୍କ କବାଟ ଅଳ୍ପ ଖୋଲିଲା ଏବେ । ପିଲାଟି ଦୌଡି ଯାଇ, କବାଟ ପଟେ ଉଣ୍ଡିବାକୁ ଚେଷ୍ଟା କଲା । କିଛି ସମୟ ପରେ ଫେରି ଆସି ମା ପଖରେ ବସିଲା । ତା ପରେ ବାପା ବାପା କହି କାନ୍ଦିବାକୁ ଲାଗିଲା । ଅଧିକ କାନ୍ଦିବାରୁ ପିଲାର ମା ତାକୁ ନେଇ ବାପା ପାଖରେ ଛାଡି ଦେଇ ଆସିଲା । ପିଲାଟି କାନ୍ଦି କାନ୍ଦି ଆସ୍ତେ ଆସ୍ତେ ଖେଳନା ପାଇଁ ଜିଦ କଲା ।

-- କଣ ହେଲା କିରେ ? କାହିଁକି କାନ୍ଦୁଛୁ ? ତା ବାପା ପଚାରିଲେ ।

 Magazine Downloaded from www.aahwaan.com

– ସେଇତା, ଖେଳିବି ସେଥିଲେ ।

– କଉଟା, ବସ ଚୁପ ଚାପ । ଏପଟେ ଦେଖ କେମିତି ଗାଡି ଯାଉଛି ।

– ନା, ସେଇତା, ବନ୍ଧୁକ । ବନ୍ଧୁକରେ ଖେଳିବି ।

ତା ବାପା ତାକୁ ଚୁପ କରେଇଲା ବେଳକୁ ଡ୍ରାଇଭର ପଚାରିଲା, କଉ ବନ୍ଧୁକ ? କଉଠି ଅଛି ?

– ସେଇ ଘଲେ, ବଲ ବଲ ବନ୍ଧୁକ ଦି ତା ଅଛି । ଦାଢ଼ି ନୁକ ପାଖରେ....

ଆଉ କିଏ ବୁଝୁ ନ ବୁଝୁ ଡ୍ରାଇଭର କିନ୍ତୁ ଜାଣି ସାରିଥିଲା ଘଟଣା କଣ । ଆଗରୁ ସେ ଏମିତି ଘଟଣା କିଛି ଶୁଣିଛି । ନିଜେ ବଞ୍ଚିଲେ ବାପାର ନାଁ ନ୍ୟାୟରେ ଭାବିଲା ଗାଡି ଛାଡି ଦଉଡି ପଳେଇବ କି ? ନା, ଏତେ ଲୋକଙ୍କ ଜୀବନକୁ ବିପଦରେ ପକେଇ ସେ କଣ ଯାଇ ପାରିବ ? ଯାହା ହେଲେବି ସେମାନେ ଭରସା କରନ୍ତି ଡ୍ରାଇଭରକୁ । ଭଲରେ ଭଲରେ ଗନ୍ତବ୍ୟ ସ୍ଥାନରେ ପହଞ୍ଚେଇଲା ବୋଲି କେହି କେବେ ଧନ୍ୟବାଦଟିଏ ନଦିଅନ୍ତୁ ପଛେ ଭରସା ତ କରନ୍ତି ମନେ ମନେ । ଗାଡି ଛାଡି ଦଉଡି ପଳେଇବାପାଇଁ ତା ବିବେକ ବାଧାଦେଲା ତାକୁ ।

ସେହି ଚାରି ଜଣଙ୍କ ହାବଭାବ ମନେ ପଡିବାରୁ, ତା ସନ୍ଦେହ ଆଉ ଟିକେ ଘନୀଭୂତ ହେଲା । କାହାକୁ କିଛି ନ କହି, ସେ ଗାଡି ଚଳେଇବାରେ ମନ ଦେଲା । ଛୁଆକୁ ଏପଟୁ ସେପଟୁ କଥା କହି ବାଁରେଇ ତା ବାପାକୁ କହିଲା, ଝିଅକୁ ଶୋଇପକା । ସେ ଜାଣିଥିଲା, ପୋଲିସ ଥାନା ଏଠୁ ଦଶ କିଲୋମିଟର ପରେ । କିଛି ନ ହେଲେ ବି ଦଶ ପନ୍ଦର ମିନିଟ ଲାଗିବ ପହଞ୍ଚିବା ପାଇଁ । ଯେମିତି ବି ହେଉ ପୋଲିସ ଷ୍ଟେସନ ପୂର୍ବରୁ କିଛି ଅଘଟଣ ନ ଘଟୁ । କିଛି ନହେଲା ପରିକା ଭିତର ଲାଇଟ ବି ସେ ବନ୍ଦ କରିଦେଲା । ଦଶ ମିନିଟ ଭିତରେ ସେମାନେ ଚିନ୍ତା କରୁ କରୁ ବା କିଛି ଅଘଟଣ ପୂର୍ବରୁ ପୋଲିସ ପାଖରେ ପହଞ୍ଚିବା ନିହାତି

 Magazine Downloaded from www.aahwaan.com

ଦରକାର ଥିଲା । ବନ୍ଧୁକ ଅଛି ସେମାନଙ୍କ ହାତରେ । ଆହୁରି ବି ମାରଣାସ୍ତ୍ର ଥାଇପାରେ । ବସ ଲୁଟ ଉଦ୍ଦେଶ୍ୟରେ କି ଅଗଷ୍ଟ ପନ୍ଦର ପାଇଁ କିଛି ବଡ ଦୁର୍ଘଟଣା ଘଟେଇବା ପାଇଁ ଏମାନେ ଆସି ଥାଇପାରନ୍ତି । କେଉଁ ସମୟକୁ ସେମାନଙ୍କର ପ୍ଲାନ ଅଛି କିଏ ଜାଣେ ? ତେବେ ଜରୁରୀ ବ୍ୟବସ୍ଥା ହେଲା ବସକୁ ପୋଲିସ ଥାନା ଆଗରେ ରଖି, ପ୍ରଥମେ ବସରେ ଥିବା ନିରୀହ ଲୋକଙ୍କୁ ଉଦ୍ଧାର କରିବା ଓ ସେମାନଙ୍କୁ ପୋଲିସ ହାତରେ ଧରେଇବା ।

ଗୋଟେ ଗୋଟେ ମିନିଟ ଡ୍ରାଇଭର ମୁଣ୍ଡରେ ହାତୁଡି ପିଟିଲା ପରି ଲାଗୁଥାଏ । କେଜାଣି କେଉଁଠି କିଛି ସାହାର୍ଯ୍ୟ ମିଳିଯିବା ଆଶାରେ ଆଗ ପଛକୁ ଚାହୁଁଥାଏ । କିନ୍ତୁ ପାଖରେ ବସିଥିବା କଣ୍ଡକ୍ଟର, କବାଟ ପାଖ ଛୋଟ ବେଞ୍ଚରେ ବସି ଢୁଳାଉଥିବା ହେଲପର କିମ୍ବା ଗୋଡ ଉପରେ ବସେଇ ଛୁଆକୁ ଶୁଆଉଥିବା ତା ବାପାକୁ ସେ କିଛି କହି ପାରୁନଥିଲା । କହିଦେଲେ ଡରରେ କାଳେ କିଏ ଅବସ୍ଥାକୁ ଆହୁରି ବିଗାଡି ଦେବା ଭୟରେ । ଆହୁରି ପାଞ୍ଚ ଛଅ କିଲୋ ମିଟର । ଆଗକୁ ଗାଡି ଚଲେଇବା ସହ ପଛରୁ କାଳେ କିଛି ଶବ୍ଦ ଆସିଲା ବୋଲି କାନଉଥାଏ । ମୁଣ୍ଡରେ ଠନ ଠନ ହେଉଥାଏ । ରକ୍ତ ଗୁଡା ବିଦ୍ରୋହ କଲାପରି ମୁଣ୍ଡ ଭିତରେ ଫୁଲ ସ୍ପୀଡ଼ରେ ଦୌଡୁଥାନ୍ତି ।  ଅଜଣା ଆତଙ୍କରେ ଦେହ ସିହିରୀ ଉଠୁଥାଏ ତାର । ହଠାତ ଆଗରୁ ପୋଲିସ ଗାଡି ପେଟ୍ରୋଲିଂରେ ଆସିବା ଦେଖି କାଳ ବିଳମ୍ବ ନକରି ବେକରେ ପକେଇଥିବା ନାଲି ଗାମୁଛାକୁ ହାତରେ ଭିଡି ଆଣି ପୋଲିସ ଗାଡିକୁ ଦେଖେଇଲା ସେ । ପୋଲିସ କିନ୍ତୁ ଦେଖି ପାରିଲା କି ନାହିଁ କେଜାଣି, ବସକୁ କ୍ରସ କରି ଚାଲିଗଲା । ଆଶା ଟିକକ ପୁଣି ମରିଗଲା ଡ୍ରାଇଭରର । ଆହୁରି ଦୁଇ କିଲୋ ମିଟର । ପୋଲିସ ପେଟ୍ରୋଲିଂ ପାଇଁ ଗଲେଣି ମାନେ ଏବେ ଥାନାରେ ଜଣେ କି ଦି ଜଣ ମାତ୍ର ପୋଲିସ ଥିବେ । ନିରାଶ ଲାଗିଲେ ବି ମନ ଭିତରେ ସାହସ ସଞ୍ଚୟ କଲା ସେ । ତଥାପି, ଦେଖାଯାଉ । ଏବେ ଯାଏଁ ନିଜ ମନ ଭିତରେ ରଖିବା ଛଡା, ଆଉ କାହାକୁ କହି ପାରୁନଥିଲା ସେ ।  ଗାଡିକୁ ଆସ୍ତେ ଆସ୍ତେ ଧୀର

 Magazine Downloaded from www.aahwaan.com

କଲା । ଆଉ ମାତ୍ର ପାଞ୍ଚଶହ ମିଟର । କିନ୍ତୁ ହଠାତ ବ୍ରେକ ଦେଲେ ଲୋକଙ୍କୁ ବାହାର କରି ହେବନାହିଁ । ତା'ର ମନେ ପଡ଼ିଲା ଯେ, ସେ ଚାରିଜଣ ଢ଼ାବାରେ ବସ ରହିଲା ପରେ ବି ବାହାରି ନଥିଲେ । ତେଣୁ ଏବେ ବି ବାହାରିବେ କି ନାହିଁ ସନ୍ଦେହ । ତେବେ ଲୋକମାନେ ଜାଣିଲେ ଅସୁବିଧା, ଦୌଡା ଦୌଡ଼ି କରିବେ । ପାଟି କରି ହୋ ହଲ୍ଲା କରିବେ । ଆସ୍ତେ ଆସ୍ତେ ଗାଡି ଧୀର କରି ଥାନାରୁ ମାତ୍ର ଦଶ ମିଟର ଦୂରରେ ରଖିଲା ସେ । କଣ୍ଡକ୍ଟରକୁ କହିଲା, ଲୋକଙ୍କୁ କହ, ଡ୍ରାଇଭରକୁ ଅତର୍ଛୟା ଲାଗିବାରୁ ସେ ଗାଡି ରଖିଯାଇଛି । ତା ପରେ ଆସ୍ତେ ଆସ୍ତେ ଜଣ ଜଣ କରି ବାହାରକୁ ଡାକ । କଣ୍ଡକ୍ଟର କିଛି ବୁଝି ନପାରି ଡ୍ରାଇଭରକୁ ଚାହିଁଲା ବେଳକୁ ଡ୍ରାଇଭର ଏତିକି ସମୟ ଭିତରେ କାଳ ବିଳମ୍ବ ନକରି ଥାନାକୁ ଦଉଡି ଯାଇ କିଛି ଗୋଟେ ଆଶଙ୍କାରେ ଏପରି ଘଟିଛି ବୋଲି କହିଲା ଥାନା ବାବୁଙ୍କୁ ।

ଥାନା ବାବୁ ଫୋନ କରିବେ ଭାବୁ ଭାବୁ ପେଟ୍ରୋଲିଂରେ ଯାଇଥିବା ପୋଲିସ ଗାଡି ଆସି ସାରିଥିଲା ବସର ପଛେ ପଛେ । ପୋଲିସ ଜିପର ଡ୍ରାଇଭର ଶେଷ ମୁହୂର୍ତ୍ତରେ ଦେଖି ପାରିଥିଲା ନାଲି ଗାମୁଛା ଖଣ୍ଡିକ । ବସର ପତାକା କିମ୍ବା ନାଲି କନା ବୋଲି ଭାବି ଏଡେଇ ଯାଇଥିବା ପୋଲିସ ବାବୁ, ଗାମୁଛା ସହ ହାତ ଟି ବି ହଲୁଛି ବୋଲି ଦେଖି ପାରିଥିଲେ । ତେଣୁ କିଛି ଅଘଟଣ ଆଶଙ୍କାରେ ଗାଡି ବୁଲେଇ ବସର ପିଛା କରିଥିଲେ ।

RTO ଚେକିଂ ଚାଲିଛି, ବସ କାଗଜ ପତ୍ର ଯାଞ୍ଚ ହେଉଛି, ସମସ୍ତେ ବସି ରୁହ ବୋଲି ଶୁଣେଇ ଶୁଣେଇ ଭିତରକୁ ପଶିଥିଲେ ପ୍ରାୟ ପାଞ୍ଚ, ଛଅ ଜଣ ବନ୍ଧୁକଧାରୀ ପୋଲିସ । ସମସ୍ତଙ୍କୁ ଆସ୍ତେ ଆସ୍ତେ ଚୁପ ଚାପ ବାହାରକୁ ବାହାର କରି ହଠାତ କବାଟ ଖୋଲି କୁଦି ପଡ଼ିଥିଲେ ସେଇ ସ୍ଲିପର ରୁମ ଭିତରକୁ । ଖସି ଯିବାପାଇଁ ବାଟ ନ ପାଇ ଚାରି ଜଣଙ୍କ ଭିତରୁ ଜଣେ ବନ୍ଧୁକରୁ ଗୁଳିଟିଏ ଚଳେଇ ଦେଲା । ଗୁଳିଟି ଆସି ବାଜିଲା ଥାନା ବାବୁଙ୍କ ଜଙ୍ଘରେ । ତଥାପି ସମସ୍ତେ ମିଶି କାବୁ କରି ନେଇଥିଲେ ଏହି ଆତଙ୍କବାଦୀମାନଙ୍କୁ, ଯେଉଁ ମାନଙ୍କର

 Magazine Downloaded from www.aahwaan.com

ଯୋଜନା ଥିଲା ସକାଳୁ ସକାଳୁ ବସକୁ ଲୁଟ କରି ଖସିଯିବା ପୂର୍ବରୁ ଭୁବନେଶ୍ୱର ଭିତରେ ବସରେ ହିଁ ବିସ୍ଫୋରଣ କରିବା । ସେହି ଶୋଇବା କେବିନ ଭିତରେ ହିଁ ସେମାନେ ବମ ଖଞ୍ଜିବାର ଥିଲା । ଲୁଟ ପାଇଁ ବ୍ୟବହାର କରିବାକୁ ବନ୍ଧୁକ ଗୁଡିକ ଖୋଳରୁ ବାହାର କରି ସେଟ କରିବା ଭିତରେ ହିଁ ଏହି ପିଲାଟି ଦେଖି ନେଇଥିଲା ଓ ଖେଳନା ଭାବି ବନ୍ଧୁକ ସହ ଖେଳିବ ବୋଲି ଅଳି କରିଥିଲା ।

କହିବା ବାହୁଲ୍ୟ, ପରଦିନ ସକାଳେ ପ୍ରତ୍ୟେକ ଖବର କାଗଜର ମୁଖ୍ୟ ପୃଷ୍ଠାରେ ପ୍ରଥମ ଖବର ଥିଲା ଏ ଘଟଣାଟି ।

ଅଗଷ୍ଟ ପନ୍ଦରରେ ବସର ଡ୍ରାଇଭରକୁ ଉପସ୍ଥିତ ବୁଦ୍ଧି ଖଟାଇ ପଚାଶ ଜଣଙ୍କ ଜୀବନ ରକ୍ଷା କରିବା ପାଇଁ ମିଳିଥିବା ଦଶଲକ୍ଷ ପୁରସ୍କାରରୁ ଚାରିଲକ୍ଷ ଟଙ୍କା ବନ୍ଧୁକ ସହ ଖେଳିବ ବୋଲି ଅଳି କରିଥିବା ପିଲାକୁ ଦେବ ବୋଲି ଡ୍ରାଇଭର ଘୋଷଣା କରୁଥିବା ବେଳେ ପିଲାଟି କିନ୍ତୁ ଅଳି କରୁଥିଲା ଗୋଟିଏ ଖେଳନା ବନ୍ଧୁକ ପାଇଁ, ଯାହା ସେ ଏବେ ଦେଖୁଥିଲା ପୋଲିସ ଭାଇ ମାନଙ୍କ ହାତରେ, ପରେଡ୍ ପରେ ସେମାନେ କାନ୍ଧରେ ଧରି ଠିଆ ହୋଇଥିଲେ ।

ତା ପାଇଁ ସବୁ ବନ୍ଧୁକ ଖେଳନା ହିଁ ଥିଲା...

ପଢନ୍ତୁ, ମଜା ନିଅନ୍ତୁ, ମତାମତ ଦିଅନ୍ତୁ....ଜୟ ଜଗନ୍ନାଥ

ଖଲାରୀ, ଅନୁଗୁଳ, ଓଡିଶା

ଫୋନ-୯୩୭୬୦୧୨୫୦୦

ଇମେଲ- subal.mohapatra@gmil.com

 Magazine Downloaded from www.aahwaan.com

# ଗପ ହେଲେ ବି ସତ

ରାମ ବାବୁ ଜଣେ ସରପଞ୍ଚ ହିସାବରେ ନିଜକୁ ପ୍ରତିଷ୍ଠିତ କରି ବହୁତ ଗର୍ବ ଅନୁଭବ କରନ୍ତି । ଏକାଧାରରେ ସେ ଜଣେ ମଦ୍ୟପ ଆଉ ବାହୁବଳୀ ମଧ୍ୟ । ଆଖ ପାଖ କିଛି ଅଞ୍ଚଳର ଲୋକ ତାଙ୍କ ନାଁ ଶୁଣିଲେ ଥରି ଯାଆନ୍ତି । ଏମିତି ପ୍ରଭାବ ଶାଳୀ ନ ହେଲେ ଆଜିକାଲିକା ରାଜନୀତିରେ ବା ତିଷ୍ଠିବ କିଏ ? ରାମ ବାବୁଙ୍କର ପରିବାର କହିଲେ ବାପା, ମାଆ, ଭାଇ, ସ୍ତ୍ରୀ ସହ ଦୁଇଜଣ ସନ୍ତାନ । ରାମ ବାବୁ ବହୁତ ସଉକିନ ଲୋକ, ନୂଆ କପଡା ପିନ୍ଧିବା ଟିକେ ଶରୀରରେ ସୁବାସିତ ଅତର ପକାଇ ନିଶକୁ ମୋଡି ଚାଲିବା ତାଙ୍କର ନିଖୁଣ ପ୍ରତିଭାକୁ ବିମୋଚିତ କରିଥାଏ । କିଛି ଲୋକ ତାଙ୍କୁ ଗର୍ବୀ ଆଉ ଅହଙ୍କାରୀ ବୋଲି କହିଥାନ୍ତି ତ କିଛି ଲୋକ ତାଙ୍କୁ ବାହାପିଆ ଆଉ ମାଢୁଆ ବୋଲି କହିଥାନ୍ତି ।



ମହେଶ୍ୱର ସାହୁ

ରାମ ବାବୁ ନିଜ ସ୍ୱାର୍ଥ ନ ଥିଲେ କୌଣସି କାମରେ ଗୋଟେ ପାଦ ଆଗକୁ ପକାନ୍ତି ନାହିଁ । କୌଣସି ଯୋଜନା ଯଦି କାହା ନାମରେ ଆସିଥାଏ ତେବେ ରାମବାବୁଙ୍କର ସ୍ୱାକ୍ଷର ବିନା ଲାଗୁ ହୁଏନାହିଁ, ହେଲେ ରାମ ବାବୁ ସେ ଲୋକକୁ ଏମିତି ଦଉଡେଇ ଥାନ୍ତି ନିଜ ଘରକୁ ଯେ ଯେମିତି ସେ ବାଧ୍ୟ ହୋଇ ଯୋଜନା ପ୍ରାପ୍ତ ଅର୍ଥର ଅଧା ଦେବାକୁ ବାଧ୍ୟ ହେବ । ବିନା ଲାଞ୍ଚରେ କାହାର ବାର୍ଦ୍ଧକ୍ୟ ଭତ୍ତା କି ଅନ୍ୟାନ୍ୟ ସରକାରୀ

 Magazine Downloaded from www.aahwaan.com

ସୁଯୋଗରୁ ବଞ୍ଚିତ କରେଇ ଥାନ୍ତି । ରାସ୍ତାକାମର ଅଧା ଅର୍ଥ ରାମ ବାବୁଙ୍କର ଏମିତିରେ ବହୁତ ଅର୍ଥ ସଂଗ୍ରହ କରି ନିଜ ଗୁଜୁରାଣ ମେଣ୍ଟେଇ ଥାନ୍ତି । କେହି ଏହାର ପ୍ରତିବାଦ କଲେ ସେ ଦେଖେଇ ଦେଖେଇ କୁହନ୍ତି ମୁଁ ନିର୍ବାଚନ ସମୟରେ କେତେ ଅର୍ଥ ବ୍ୟୟ କରିଛି ଯଦି ଦଶ ବର୍ଷ ପଞ୍ଚାୟତକୁ ଆସୁଥିବା ପଇସା ହଡପ କରିବି ତେବେବି ପରିଶୋଧ ହେବ ନାହିଁ । ଯାହା ହେଉ ସେ ଏମିତିରେ ନିଜର ସଂସାର ସୁରୁଖୁରୁରେ ଚଲେଇ ଥାନ୍ତି ।

ପଞ୍ଚାୟତର ଶେଷ ମୁଣ୍ଡର ମୁଖ୍ୟ ରାସ୍ତାର ନିକଟରେ ଗୋଟିଏ ଛୋଟିଆ ଜଙ୍ଗଲ ଥାଏ । ସେହି ଜଙ୍ଗଲରେ ଜଣେ ସାଧୁ ତପସ୍ୟା ରତ ଥାନ୍ତି । ସେ ଗୋଟିଏ ବଟ ବୃକ୍ଷର ପାଦ ଦେଶରେ କେଉଁ କାଳରୁ ତପସ୍ୟା କରିଆସୁଛନ୍ତି ଯେ ତାହା ଗ୍ରାମ ବାସୀମାନେ ମଧ୍ୟ ଅଜଣା ଥାନ୍ତି । ଫୁଙ୍ଗୁଳା ଶରୀର ସହ ଜଟା ଜୁଟ ମସ୍ତକ । କେହି ଭକ୍ତ ଆସି କିଛି ଫଳ ମୂଳ ଦାନ କଲେ ଭକ୍ଷଣ କରନ୍ତି । ଦିନେ ରାମ ବାବୁ କୌଣସି କାମରେ ବହାରିଥାନ୍ତି । ହଠାତ ତାଙ୍କ କୋପ ଦୃଷ୍ଟି ପଡି ଯାଇଥିଲା ସେଇ ବାବାଙ୍କ ଉପରେ । ସେ ନିଜର ଗନ୍ତବ୍ୟ ପଥରେ ଅଟକି ଯାଇଥିଲେ । ଆଉ ଯାଇ ସାଧୁ ଜଣଙ୍କୁ କହିଲେ: " ଆରେ ମୂର୍ଖ ବୁଢା ତୁ ଏଠି କଣ କରୁଛି ଏମିତି ଉଲଗ୍ନ ହୋଇ । ଏହା ଆମ ପଞ୍ଚାୟତ ବାସୀଙ୍କ ପାଇଁ ଲଜ୍ୟାର ବିଷୟ । ଭଲ ଦଶା ଅଛିତ ମୋ ପଞ୍ଚାୟତ ଛାଡ଼ । ତୁ ଜାଣିନୁ ୟେ ପଞ୍ଚାୟତ ମୋର । ଥାନା ବି ମୋର, ସରକାର ବି ମୋର । "

ସାଧୁ ଜଣଙ୍କ ବିନମ୍ର ଭାବରେ କହିଲେ ବାପା ଆପଣ ଜାଣି ନାଁହାନ୍ତି ମୁଁ କେଉଁ କାଳରୁ ଏଠି ତପସ୍ୟା କରି ଆସୁଛି, ଆଉ ମୋର ଯେଉଁ ଦିନ କରିଥିବା ପାପ ପ୍ରାୟଶ୍ଚିତ ହୋଇ ଯିବ ମୁଁ ନିଶ୍ଚୟ ଏହି ଇହଲୀଳା ସମ୍ବରଣ କରିବି । ୟେ ଦୁନିଆରେ ମୋର କୌଣସି ଆଗ୍ରହ ନାହିଁ , ଏଠି ସବୁ ସ୍ୱାର୍ଥପର, ଆମେ ଯାହା ପାଇଁ ଗର୍ବ ଅନୁଭବ କରୁଛନ୍ତି କି ଯାହା ସହ ସଂସାର କରିଛନ୍ତି ସବୁ ନିଜ ସ୍ୱାର୍ଥ ପାଇଁ ଆମକୁ ନିଜର କରିଛନ୍ତି । ଅମେତ କେବଳ ନିଜର

 Magazine Downloaded from www.aahwaan.com

କର୍ତ୍ତବ୍ୟ ମାତ୍ର କରୁଛନ୍ତି । ଆପଣ କହୁଥିବା ସଂସାରର ପ୍ରତ୍ୟକ ସଦସ୍ୟ, ଯାହାକୁ ଆପଣ ନିଜର କହୁଛନ୍ତି ବା ଆପଣଙ୍କର ପଞ୍ଚାୟତ ଓ ପରିବାରର ଲୋକମାନେ ସେମାନଙ୍କ ମଧ୍ୟରୁ ଆପଣ କେବଳ ଜଣଙ୍କୁ ନିଜର ବୋଲି କହିବାକୁ ଅକ୍ଷମ ହେବେ ତାହା ମୁଁ ପ୍ରମାଣ କରି ଦେଖେଇ ଦେବୀ ନିଶ୍ଚୟ ! ଆପଣଙ୍କର ପୁତ୍ର, ସ୍ତ୍ରୀ ଓ ବାପା ମାଆ ମଧ୍ୟ ।

ରାମବାବୁଙ୍କୁ ବହୁତ ମର୍ମାହତ କରିଥିଲା ତପସ୍ୱୀ ଜଣଙ୍କର କଥା ଟି । ହେଲେ ସେ କହିଲେ ନା ମୋ ପରିବାରର ସମସ୍ତ ସଦସ୍ୟ ଯେଉଁ ମାନଙ୍କ ପାଇଁ ମୁଁ ବିପୁଳ ମାତ୍ରାରେ ଅର୍ଥ ଉପାର୍ଜନ କରିଛି ସେମାନେ ମୋ ପାଇଁ ନିଜ ଜୀବନ ଦେବାକୁ ପଛେଇବେ ନାହିଁ ।

ବାବା କୋମଳ ସ୍ୱରରେ କହିଲେ ଶୁଣନ୍ତୁ ସରପଞ୍ଚ ବାବୁ ମୁଁ ଆପଣଙ୍କୁ ଏହି ଫଳଟି ଦେଉଛି ଆଉ ଆପଣ ଏହି ଫଳଟି ଆଜି ରାତିରେ ଖାଇବେ । ଏବଂ ତାପରେ ଆପଣ ମୃତ ସଦୃଶ ପଡି ରହିବେ । ଆପଣଙ୍କର ଚେତନ ଶକ୍ତି ଜାଗ୍ରତ ରହିବ ହେଲେ ଆପଣ କିଛି କହିପାରିବେ ନାହିଁ । ଆପଣଙ୍କର ଶରୀରର ସମସ୍ତ ଅଙ୍ଗ ଅକ୍ଷମ ହୋଇ ରହିବ ଜଣେ ମୃତ ବ୍ୟକ୍ତି ସଦୃଶ ।

ରାମ ବାବୁ କହିଲେ ହଉ ଠିକ ଅଛି ମୋତେ ଫଳ ଦିଅନ୍ତୁ ମୁଁ ଏଇନେ ଘରକୁ ଯାଇ ଖାଇନେବି ହେଲେ ମୁଁ ପୁନଶ୍ଚ ଜୀବିତ ହେବିତ ?

ନିଶ୍ଚୟ ସରପଞ୍ଚ ବାବୁ ମୁଁ ଯାଇ ଆପଣଙ୍କୁ ଜୀବିତ କରାଇବି ମୋର ତପସ୍ୟା ବଳରେ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣ ନିଶ୍ଚୟ ଜାଣି ପାରିବେ ଏହି ସଂସାରରେ ମଣିଷର ସ୍ଥାନ କେଉଁଠି । ଆପଣ ମୋ ଘର, ମୋ ପରିବାର, ମୋ ଗାଁ, ମୋ ପଞ୍ଚାୟତ, ମୋ ଥାନା ଆଉ ମୋ ସରକାରର ଅହମିକାର ସିମିତତା ବିଷୟରେ ଉପଲବ୍ଧି ନିଶ୍ଚୟ କରି ପାରିବେ ।

ସରପଞ୍ଚ ରାମ ବାବୁ ଫଳଟି ଧରି ନିଜ ଘରକୁ ଫେରିଲେ ଆଉ ଘରେ ପହଞ୍ଚି ତପସ୍ୱୀ ଜଣଙ୍କ ଠିକ କହୁଛନ୍ତି କି ଭୁଲ ଭାବିଲେ, ହଉ ଠିକ ଅଛି ଫଳଟିତ ଖାଇବି ହେଲେ ଯଦି ସେ

 Magazine Downloaded from www.aahwaan.com

ବାବାଙ୍କ କଥା ଭୁଲ ହୁଏ ତାଙ୍କ ଉଠେଇ ଆଣି ଏଇଠି ହାଣୀବି । ଏମିତି କହି ରାମ ବାବୁ ଫଳଟିକୁ ଖାଇ ଦେଲେ ।

ଫଳ ଖାଇ ଦେବା କ୍ଷଣି ତାଙ୍କର ଶରୀର ମୃତ ସଦୃଶ ହୋଇ ଗଲା । ସେ ସବୁ ଜାଣି ପରିଥାନ୍ତି ଆଉ ସମସ୍ତଙ୍କ କଥା ଶୁଣି ପାରୁଛନ୍ତି ହେଲେ କହି ପାରୁ ନାଂହାନ୍ତି କି କାହାକୁ ଡାକି ପାରୁ ନାଂହାନ୍ତି ।

ବାପାଙ୍କର, ସ୍ୱାମୀଙ୍କର, ମୋ ପୁଅର କଣ ହେଲା କହି ଘରେ ଗାଁ ରେ ଆଉ ପଞ୍ଚାୟତ ଓ ସହରରେ ହୁଡ଼ି ପଡିଗଲା । ହଜାର ହଜାର ଲୋକଙ୍କ ଭିଡ଼ ଲାଗିଲା ଆଉ ଡାକ୍ତର ଆସି କହିଲେ ସରପଞ୍ଚ ବାବୁ ମୃତ ! ଆପଣ ସମାଧିର ଆୟୋଜନ କରନ୍ତୁ । ଘରେ କ୍ରନ୍ଦନର ରୋଳ ସହିତ ଅନ୍ତିମ କ୍ରିୟାର ଆୟୋଜନ ଚାଲିଲା, ନେତା ଓ କୁଜିନେତା ପୁଷ୍ପ ମାଲ୍ୟ କରୁଥାନ୍ତି । ରାମ ବାବୁ ସବୁ ଦେଖୁଥାନ୍ତି ସୋଇ ରହିଲା ଭଳି । ଆଉ ମନେ ମନେ ବାବାଙ୍କୁ ସ୍ମରଣରେ ବ୍ୟସ୍ତ ଥାନ୍ତି ।

ଠିକ ସମୟରେ ବାବା ଆସି ପହଁଚିଲେ ସରପଞ୍ଚ ବାବୁଙ୍କର ଘରେ , ହେଲେ ଲୋକ ଗହଳି ମଧ୍ୟରେ ଏହି ଫୁଙ୍ଗୁଳା ବାବାଙ୍କୁ ପଚାରେ ବା କିଏ । ଯାହା ହେଉ ଠେଲା ପେଲା କରି ବାବା ଯାଇ ପହଁଚିଲେ ରାମ ବାବୁଙ୍କ ନିକଟରେ ଓ କହିଲେ ମୁଁ ରାମ ବାବୁଙ୍କୁ ବଞ୍ଚେଇ ଦେବୀ । ଉପସ୍ଥିତ ସମସ୍ତ ଭଦ୍ର ମଣ୍ଡଳୀ ଶୁଣି ଆଶ୍ଚର୍ଯ୍ୟ ଚକିତ ସହ ବିସ୍ମିତ ହୋଇଥିଲେ । ମଲା ଲୋକକୁ କଣ ବଞ୍ଚେଇ ଦେବେ ଏଇ ଆମ ଗାଁ ବାବା ! ରାମ ବାବୁ ଦେଖି ବାବାଙ୍କୁ ମଧ୍ୟ ଖୁସି ହେଲେ ।

ଉପସ୍ଥିତ ସଜ୍ଜନ ମଣ୍ଡଳୀଙ୍କ ମଧ୍ୟରେ ଖୁସିର ଛାୟା ଖେଳିଯାଇଥିଲା । ହେଲେ ବାବା କହିଲେ ମୁଁ ସରପଞ୍ଚ ବାବୁଙ୍କୁ ଗୋଟେ ସର୍ତ୍ତ ରେ ବଞ୍ଚେଇ ପାରିବି । ସେଇ ସର୍ତ୍ତ ଟି ହେଲା ତାଙ୍କ ପରିବାର ବା ଆତ୍ମୀୟ ମାନଙ୍କ ମଧ୍ୟରୁ କେହି ଜଣେ ନିଜର ପ୍ରାଣ ଦାନ ଦେବାକୁ

 Magazine Downloaded from www.aahwaan.com

ପଡିବ । କିଏ ଦେଇ ପାରିବେ ତାଙ୍କର ଆତ୍ମୀୟ ଆସନ୍ତୁ ଆଉ ନିଜର ପ୍ରାଣ ଦାନ ଦିଅନ୍ତୁ ।

ରାମ ବାବୁ ସବୁ କିଛି ଶୁଣୁଥାନ୍ତି । ନିଶ୍ଚୟ କେହି ଜଣେ ତ ନିଜର ପ୍ରାଣ ଦେଇ ମୋତେ ବଞ୍ଚେଇବେ ! ପ୍ରଥମେ ତାଙ୍କର ପତ୍ନୀଙ୍କୁ ପଚରା ଯାଇଥିଲା ଓ ସେ ଏବେ ବି ନିଜ ପାଖରେ ଥିବା ଅର୍ଥ ଆଉ ପିଲାଙ୍କୁ ନେଇ ଜୀବନ କାଟି ପାରିବେ ବୋଲି କହିଲେ ଆଉ ତାଙ୍କରତ ବୟସର ହାତ ମରାଯାଇ ନାହିଁ । ତା ପରେ ବାପା ମାଆ ତୀର୍ଥ ସ୍ଥାନ ଭ୍ରମଣ କରିବାର ବାହାନା କଲେ ଏମିତି ଜଣଙ୍କ ପରେ ଜଣେ ଉପସ୍ଥିତ ସମସ୍ତ ରକ୍ତ ସମ୍ପର୍କ ଠାରୁ ରାଜନୀତି ସମ୍ପର୍କୀୟ ଆଉ ଆତ୍ମୀୟ ନିଜର ପ୍ରାଣ ଦାନ କରିବାକୁ ଅନିଚ୍ଛା ପ୍ରକଟ ଦେଖି ବାବା ଶେଷରେ କହିଲେ ମୁଁ ମୋ ପ୍ରାଣ ଦେଇ ପାରିବି ଏଇ ସରପଞ୍ଚ ବାବୁଙ୍କ ପାଇଁ । କାରଣ ସେ ନିଶ୍ଚୟ ନିଜର ବାକି ଜୀବନର କର୍ମ ଗୁଡିକୁ ଧର୍ମ ବାଟରେ ନେଇ ଜଣେ ସୁ ଶାସକର ଆସନ ପାଇବେ ବୋଲି ମୋର ବିଶ୍ୱାସ ଆଉ ଭରସା ମଧ୍ୟ ।

ବାବା ନିଜ କମଣ୍ଡଳରୁ ଜୀବନାମୃତ ଛିଞ୍ଚନ କରି ରାମ ବାବୁଙ୍କୁ ପ୍ରାଣ ଦାନ କରି ଇହ ଲୀଳା ସମ୍ବରଣ କରିଥିଲେ । ରାମ ବାବୁ ବହୁତ ଦୁଃଖିହେଲେ ଯେ ମୁଁ ନିଜର କହୁଥିବା ସମସ୍ତ ପରିବାର, ସହୋଦର ଆଉ ସମ୍ପର୍କୀୟ ମାନେ କଣ କେବଳ ନିଜର ସ୍ୱାର୍ଥ ପାଇଁ । ବାବାଙ୍କର ମୃତ୍ୟୁ ରେ ରାମ ବାବୁ ଖୁବ୍ଧ ହୋଇ ଥିଲେ ଆଉ ତାଙ୍କର ପ୍ରତିମା ଏବେବି ସେ ପୂଜା କରୁଛନ୍ତି ନିଜର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ । ଏବେ ସମସ୍ତେ କୁହନ୍ତି ସରପଞ୍ଚ ହେବତ ରାମ ବାବୁଙ୍କ ଭଳି । ପାଠକ ଆଉ ପାଠିକା ମାନେ କଣ ଏଇ କଥା କୁ ଗପ ଭାବିଲେକି ?

 Magazine Downloaded from www.aahwaan.com

# ସିଏ ବି ମାଆ

ଥର ଥର ହୋଇ କମ୍ପୁଥିଲା ସଂପୂର୍ଣ୍ଣା, କିଛି ଦୂରରେ ଠିଆ ହୋଇଥିଲା ସୁଦେଷ୍ଣା, ମୁହଁରେ ରକ୍ତର ଛିଟା ଆଉ ହାତରେ ରକ୍ତ ବୋଳା ଛୁରୀଟି ଧରି । ଆଖିରେ ତା'ର ପଲକ ପଡୁନଥିଲା । ମହିଷମର୍ଦ୍ଦିନୀ ମା' ଦୁର୍ଗାଙ୍କ ଭଳି ଉତ୍ତୁଙ୍ଗ ଠାଣିରେ ଠିଆ ହୋଇଥିବା ସୁଦେଷ୍ଣାର ଓଠରେ ଲାଖି ରହିଥିଲା ବିଜୟିନୀର ହସଧାରେ । ସେଇ ଅବସ୍ଥାରେ ସେ ଆଦେଶ ଦେଲା ସଂପୂର୍ଣ୍ଣାକୁ । "ଭୟ କରନା ମା' ପୋଲିସକୁ ଫୋନ୍ କର ।" ମାଆର ଆଦେଶ ପାଇ ତଳେ ରକ୍ତର ସମୁଦ୍ରରେ ଭାସୁଥିବା ରଞ୍ଜିତକୁ ଥରେ ଆଉ ନିଜର ଛିନ୍ନ ପୋଷାକ ପିନ୍ଧା କ୍ଷତବିକ୍ଷତ ଶରୀରକୁ ଥରେ ଚାହିଁଲା ସଂପୂର୍ଣ୍ଣା, ଚଟାଣରେ ଥାପି ହୋଇ ଯାଇଥିବା ପାଦ ଦୁଇଟିକୁ ଆସ୍ତେ ଆସ୍ତେ ଘୋଷାରି ଘୋଷାରି ଟେବୁଲ୍ ଉପରେ ଥୁଆ ହୋଇଥିବା ମୋବାଇଲ୍ ଫୋନ୍ ପାଖରେ ପହଞ୍ଚିଲା ।



ସୁଷମା ପରିଜା

ପୋଲିସ୍ କଣ୍ଟ୍ରୋଲରୁମର ନମ୍ବର ଡାଏଲ୍ କରିବା ଆଗରୁ ଆଉଥରେ ଚାହିଁଲା ମା'ର ମୁହଁକୁ । ଗୋଟାଏ ଅସମ୍ଭବ ଦୃଢ଼ତାର ଝଲକରେ ଝଲସି ଉଠୁଥିଲା ମା'ର ମୁହଁଟା ଯାହାର ଉଜ୍ଜ୍ୱଳ ରଶ୍ମି ପ୍ରତିଫଳିତ ହେଉଥିଲା ସଂପୂର୍ଣ୍ଣାର ସମଗ୍ର ସତ୍ତାରେ, ତା'କୁ ସ୍ଫୁର୍ତ୍ତି ଦେଉଥିଲା, ସାହସ ଦେଉଥିଲା, ନିର୍ଭୀକ କରୁଥିଲା । ପୋଲିସ୍ କଣ୍ଟ୍ରୋଲ ରୁମ୍‌ର ନମ୍ବର ଡାଏଲ୍ କରି ସେ ନିଜର ଘରର ଠିକଣା ଏବଂ ସେଠି ଗୋଟାଏ ହତ୍ୟାକାଣ୍ଡ ହୋଇ

 Magazine Downloaded from www.aahwaan.com

ଯାଇଥବାର ସମ୍ବାଦଟି ଦେଇ ସେଠାରେ ଚୁପ୍ ଚାପ୍ ହୋଇ ବସି ରହିଲା ।

ପ୍ରାୟ ଅଧଘଣ୍ଟା ପରେ ପହଞ୍ଚିଥିଲା ପୋଲିସ୍ ଭ୍ୟାନ୍ । ଧଡ୍ ଧାଡ୍ ହୋଇ ଓହ୍ଲାଇ ଆସିଲେ ପୋଲିସ୍ ମାନେ, ଜଣେ କ୍ୟାମେରା ଧରି ଲାଗିଗଲେ ଘଟଣାସ୍ଥଳର ଫଟୋ ଉଠାଇବାରେ, ଆଉ ଜଣେ ମହିଳା ସବ୍ ଇନ୍ସପେକ୍ଟର ତା' ମାଆକୁ ଧରି କ'ଣ କେମିତି ହେଲା ବୋଲି ପଚରା ଉଚରା ଆରମ୍ଭ କରି ଦେଇଥିଲେ ।

ଇନିସପେକ୍ଟର ଜଣକ ସଂପୂର୍ଣ୍ଣା ଆଡକୁ ଥରେ ଦୃଷ୍ଟି ପକାଇ ବୋଧହୁଏ କିଛି ଅନୁମାନ କରିପାରୁଥିଲେ ତେଣୁ ସେ ସେଠାରେ ପଡ଼ିଥିବା ଚୌକିଟି ଉପରେ ବସି ପଡି ମୁହଁମାଡ଼ି ପଡିଥିବା ଶବଟିକୁ ଓଲଟାଇ ଦେବାକୁ ଆଦେଶ ଦେଲେ ତାଙ୍କ ସହଯୋଗୀ ମାନଙ୍କୁ । ଶବର ମୁହଁକୁ ଦେଖି ଚମକି ପଡ଼ିଲେ ସେ, କାରଣ ରଞ୍ଜିତ୍ ଥିଲା ସେଇ ଅଂଚଳ ଜଣାଶୁଣା ନେତା ଶମ୍ଭୁନାଥ ନାୟକଙ୍କ ପୁଅ । ବିଜୁଳିବେଗରେ ଖବରଟା ଖେଳିଗଲା ଅଞ୍ଚଳସାରା । ପୋଲିସ୍ ଗାଡି ଦେଖି କିଛି ଲୋକ ଆଗରୁ ଜମା ହୋଇ ସାରିଥିଲେ, ଏବେ ଲୋକାରଣ୍ୟ ହୋଇ ଉଠିଥିଲା ସ୍ଥାନଟି । ପେଁ ପାଁ କରି ଶମ୍ଭୁନାଥ ନାୟକଙ୍କ ଦାମୀକାର୍ ସହିତ ଆଉ ଦୁଇ ଚାରିଟା କାର୍ ଆସି ବ୍ରେକ୍ କଷିଲା ସେଠି । ସେଥିରେ ଭର୍ତ୍ତି ହୋଇ ଆସିଥିବା ନେତାଙ୍କ ଚେଲା ଚାମୁଣ୍ଡା ମାନେ ଲୋକ ଗହଳିକୁ ଠେଲାପେଲା କରି ମାଡିଗଲେ ସୁଦେଷ୍ଣାର ଘର ଭିତରକୁ । ଧର ଧର ମାର ମାର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଲା, ତହିଁରୁ କିଛି ମହିଳା କନେଷ୍ଟବଳଙ୍କ ହେପାଜତରେ ଥିବା ସୁଦେଷ୍ଣାକୁ ଭିଡି ଆଣି ବିଧା ଗୋଇଠାମାରି ଲହୁ ଲୁହାଣ କରି ପକାଇଲେ । ପରିସ୍ଥିତି ଅଣାୟତ୍ତ ହେବାର ଦେଖି ପୋଲିସ୍ ଇନିସପେକ୍ଟର ଶଶାଙ୍କ ପ୍ରଧାନ ଉଗ୍ରହୋଇ ମାରପିଟ୍ କରୁଥିବା ଲୋକଙ୍କ କବଳରୁ ଉଦ୍ଧାର କରି ସୁଦେଷ୍ଣା ଆଉ ସଂପୂର୍ଣ୍ଣାଙ୍କୁ ପୋଲିସ ଭ୍ୟାନ ଭିତରେ ବସାଇ ଭିଡଭିତରୁ ବାହାରି ଆସି ଥାନା ଅଭିମୁଖେ ଗାଡି ଛୁଟାଇ ଦେଲେ । ଯିବା ସମୟରେ ଶୀଘ୍ର ସେଠାରେ ରଖା ହୋଇଥିବା

 Magazine Downloaded from www.aahwaan.com

ଆମ୍ବୁଲାନ୍ସରେ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇଦେବା ଲାଗି ଆଦେଶ ଦେଇଥିଲେ ସହଯୋଗୀ ମାନଙ୍କୁ ।

ଥାନାରେ ପହଞ୍ଚିବା ପରେ ପରିସ୍ଥିତି ଅସମ୍ଭାଳ ହୋଇ ପଡିଥିଲା । କଥାଟା ସାଂଘାତିକ ଆକାର ଧାରଣ କରିଥିଲା, କାରଣ ସୁଦେଷ୍ଣା କୌଣସି ସାଧାରଣ ମହିଳାଟିଏ ନଥିଲା, ସେ ଥିଲା ଜଣେ କିନ୍ନର । ଗୋଟାଏ କିନ୍ନର ହତ୍ୟା କରିଥିଲା ଜଣେ ଜଣାଶୁଣା ନେତାର ଏକ ମାତ୍ର ପୁତ୍ରକୁ । ସ୍ଥାନୀୟ ଲୋକଙ୍କ ଦାବି ହେଉଥିଲା ସୁଦେଷ୍ଣାକୁ ସେମାନଙ୍କ ନିକଟକୁ ଛାଡି ଦେବାଲାଗି, ସେମାନେ ତା'କୁ ଦଣ୍ଡ ବିଧାନ କରିବେ, ପୋଲିସ୍ ନୁହେଁ । "ତାକୁ ଛାଡ଼ ଆମ ହାତରେ"ର ନାରାବାଜି, ହୋହାଲ୍ଲା ସହିତ ଉପର ମହଲରୁ ମଧ୍ୟ ଘନ ଘନ ଫୋନ୍ ଆସିବାରେ ଲାଗିଥିଲା ଥାନାକୁ । ଏଇ ପରିସ୍ଥିତିରେ କ'ଣ କରିବେ ଚିନ୍ତା କରି ପାରୁନଥିଲେ ଖଣ୍ଡଗିରି ଥାନା ଅଧିକାରୀ ଶ୍ରୀ ବରଦା ପ୍ରସନ୍ନ ଦାସ । ସୁଦେଷ୍ଣାକୁ ନେଇ ସାଧାରଣ ହାଜତରେ ରଖିବାକୁ ବି ତାଙ୍କର ସାହସ ହେଉନଥିଲା । ସେଠାରେ ଥିବା ଅନ୍ୟ ଅପରାଧୀ ମାନେ ହୁଏତ ତା'କୁ ସାମାନ୍ୟ ଭାବରେ ଗ୍ରହଣ କରି ନ ପାରନ୍ତି । ଝିଅଟି ଠାରୁ ଏପର୍ଯ୍ୟନ୍ତ ବୟାନ ନିଆ ହୋଇ ପାରିନି, ସେଥିରେ ପୁଣି ଏତେ ଗଣ୍ଡଗୋଳ ।

ବହୁତ ଭାବି ଚିନ୍ତି ଶେଷରେ ସେ ଇନ୍ସପେକ୍ଟର ପ୍ରଧାନ ବାବୁଙ୍କୁ ଥାନାରେ ଥିବା ଏକ ସ୍ୱତନ୍ତ୍ର ରୁମ୍ କୁ ସେ ମାଆ ଝିଅ ଦୁଇ ଜଣଙ୍କୁ ଆଣ ବୋଲି ଆଦେଶ ଦେଲେ ।

ମାଆ ଝିଅ ସେଠାରେ ପହଞ୍ଚିବା ପରେ ସୁଦେଷ୍ଣାକୁ ଜେରା କରିବାକୁ ଆରମ୍ଭ କରିଥିଲେ ଆଇ ଆଇ ସି ବରଦା ବାବୁ । କୌଣସି ଦ୍ୱିଧା ନକରି ଦୃଢ ସ୍ୱରରେ କହିଥିଲା ସୁଦେଷ୍ଣା, "ହଁ, ହଁ, ମୁଁ ମାରିଛି ରଞ୍ଜିତ୍ କୁ, କାରଣ ସିଏ ମୋ ଝିଅର ଇଜ୍ଜତ୍ ଲୁଟିବାକୁ ଯାଉଥିଲା । ତା'କୁ ମାରି ମୋ ଝିଅକୁ ମୁଁ ରକ୍ଷା କରିଛି । ତା' ଭଳିଆ ରାକ୍ଷସଟାକୁ ମାରିଛି ବୋଲି ମୋ ମନରେ କୌଣସି ଅବଶୋଷ ନାହିଁ । ସାର୍ ଏଥିପାଇଁ ମତେ ଯାହା ବି ଦଣ୍ଡ

 Magazine Downloaded from www.aahwaan.com

ଦେବେ ଦିଅନ୍ତୁ କିନ୍ତୁ ମୋ ଝିଅକୁ ଛାଡି ଦିଅନ୍ତୁ, ତା'କୁ ସୁରକ୍ଷା ଦିଅନ୍ତୁ, ଏତିକି ମୋର ପ୍ରାର୍ଥନା ।"

ସୁଦେଷ୍ଣାଙ୍କର ଏଇ ସ୍ୱୀକାରୋକ୍ତି ଆଉ ଘଟଣାସ୍ଥଳରେ ପୋଲିସ୍ ଦ୍ୱାରା ଜବତ ହୋଇଥିବା ମାରଣାସ୍ତ୍ର ସହିତ ପ୍ରମାଣ ପାଇବା ପରେ ଆଇ ଆଇ ସି ବରଦା ବାବୁ ଆଉ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ତାଙ୍କୁ ସ୍ୱତନ୍ତ୍ର ହାଜତଟିରେ ଭର୍ତ୍ତି କରି ଦେଇଥିଲେ । ସଂପୂର୍ଣ୍ଣା ତା'ର ବୟାନ ଲେଖାଇ ସାରି ଶେଷ ଥର ଲାଗି ମା'କୁ ଭେଟିବାକୁ ଅନୁମତି ମାଗିଥିଲା ଆଇ ଆଇ ସି ଙ୍କୁ । ମହିଳା ପୋଲିସ୍ କନେଷ୍ଟବଳ ଜଣକ ସହିତ ଯାଇ ସେ ପହଞ୍ଚିଥିଲା ତା'ର ମା' ବନ୍ଦୀ ହୋଇ ରହିଥିବା କୋଠରୀ ପାଖରେ । ହାଜତର ଲୁହା ଗ୍ରୀଲକୁ ହାତରେ ଧରି ପଥରର ମୂର୍ତ୍ତି ପରି ଠିଆ ହୋଇଥିଲା ମା', ତା'ର ଆଖିରେ ଲୁହ କି ମୁହଁରେ ବେଦନାର କୌଣସି ଚିହ୍ନ ନଥିଲା । ସଂପୂର୍ଣ୍ଣା କାନ୍ଦି କାନ୍ଦି ଚାପି ଧରିଲା ମା'ର ଦୁଇ ହାତକୁ । କ'ଣ କହିବ ବୋଲି ଭାଷା ସ୍ଫୁରୁ ନଥିଲା ତା' ମୁହଁରେ । ସୁଦେଷ୍ଣା ସେଇ ଲୁହାଗ୍ରୀଲ୍ ଦେଇ ଦୁଇ କାନ୍ଧ ଧରି ଫିସ୍ ଫିସ୍ ହୋଇ କହିଲା, "ଘରକୁ ଫେରିଯା, ଯାହା କହିଛି ଅକ୍ଷରେ ଅକ୍ଷରେ ମାନିବୁ, ଭୟ କରିବୁନି, ସୁମିତ୍ରା ମାଉସୀ ଅଛି, ସେ ତୋର ସବୁ କଥା ବୁଝିବ, ତତେ ମୋ ରାଣ ଆଉ ମୋତେ ମତେ ଦେଖା କରିବାକୁ ଆସିବୁନି, ମୁଁ ନିଶ୍ଚେ ଫେରି ଆସିବି ତୋ ପାଖକୁ । ତୋ ବିନା କ'ଣ ମୁଁ ବଞ୍ଚି ପାରିବିରେ ମାଆ ? ତୁ ଯେଉଁଠି ଥିଲେ ବି ମୁଁ ତୋର ସବୁ ଖବର ପାଇବି । ଯା' ଜଗନ୍ନାଥ ତତେ ରକ୍ଷା କରିବେ ।" ଯା, ଯା ଶୀଘ୍ର ଏଠୁ ପଳେଇ ଯା ।

ସେମିତି କାନ୍ଦି କାନ୍ଦି ଅଟୋରିକ୍ସାଟିଏ ଧରି ଘରକୁ ଫେରିଲା ସଂପୂର୍ଣ୍ଣା । ବାଟସାରା ତା' ଆଖରୁ ଲୁହ ଝରିବା ବନ୍ଦ ହେଉନଥିଲା । ଜନ୍ମ ହେଲା ଦିନୁ ସେ ସୁଦେଷ୍ଣାକୁ ତା'ର ମାଆ ବୋଲି ଜାଣିଛି । ସିଏ ବଡ ହେବା ପରେ ସୁଶୀଳା ମାଉସୀଠାରୁ ଶୁଣିଥିଲା ଯେ ତା' ମାଆ

 Magazine Downloaded from www.aahwaan.com

ଦିନେ ରାତିରେ ଆସିଲା ବେଳେ ଗୋଟିଏ ଡଷ୍ଟବିନରୁ ତା'ର କାନ୍ଦ ଶୁଣି କୁକୁରମାନଙ୍କ ମୁହଁରୁ ଉଦ୍ଧାର କରି ଆଣିଥିଲା ତା'କୁ । ତା'ର ସ୍ନେହରେ ମା' ଏମିତି ବାନ୍ଧି ହୋଇ ପଡିଥିଲା ଯେ ତା'କୁ ଝିଅ କରି ପାଖରେ ରଖିବା ଲାଗି ଜିଦ୍ ଧରି ବସିଥିଲା ସମସ୍ତ ସାଥୀଙ୍କ ହଜାରେ ବାରଣକୁ ନମାନି । ଖାସ୍ ତା'ରି ପାଳନ ପୋଷଣପାଇଁ  ଅଧାରୁ ପାଠଶାଠ ଛାଡି କିନ୍ନର ବସ୍ତିରେ ଆସି ରହିଥିବା ମା' ପ୍ରାଇଭେଟରେ ବି ଏ ପାଶ୍ କରି, ଷ୍ଟାଫ୍ ସିଲେକ୍ସନ କମିଶନରେ ପରୀକ୍ଷା ଦେଇ, ନିଜ ଲାଗି ସରକାରୀ ଅଫିସରେ କିରାଣୀ ଚାକିରିଟିଏ ଯୋଗାଡ କରି ନେଇଥିଲା ।

ପ୍ରଥମେ ପ୍ରଥମେ ସେମାନେ ଖଣ୍ଡଗିରିରେ କିନ୍ନର ବସ୍ତିରେ ରହୁଥିଲେ, ମାଆ ଚାକିରୀ କଲାଦିନୁ ସେଇ ପାଖାପାଖି ଅଲଗା ଘରଭଡ଼ା ନେଇ ରହିଲେ । ବସ୍ତିର ମାଉସୀ ମାନେ ମା' ଅଫିସ୍ ଗଲାପରେ ପ୍ରାୟତଃ ତାଙ୍କର ଘରକୁ ଆସି ତା'ର ଦେଖାଶୁଣା କରିଥାନ୍ତି । ଛୋଟ ଥିଲା ବେଳେ ସଂପୂର୍ଣ୍ଣା କିଛି ବୁଝି ପାରୁନଥିଲା । ସମାଜରେ ସେମାନେ ଯେ ଗୋଟିଏ ଭିନ୍ନ ଶ୍ରେଣୀୟ ଜୀବ ସେକଥା ସେ ଜାଣି ପାରୁନଥିଲା । ସେମାନଙ୍କର ବେଶ ପୋଷାକ,  ସଜବାଜ ଖୁବ୍ ଭଲ ଲାଗୁଥିଲା ତା'କୁ । ସେମାନେ ସମସ୍ତେ ଖୁବ୍ ସ୍ନେହ ଶ୍ରଦ୍ଧା କରୁଥିଲେ ତା'କୁ । ଧୀରେ ଧୀରେ ସେ ବଡ ହେଉଥିଲା, ବାହାରେ ପିଲାଙ୍କ ସହିତ ଖେଳିବାକୁ ଗଲାବେଳକୁ ସେମାନେ ତା'କୁ ସାଙ୍ଗରେ ଖେଳାଉ ନଥିଲେ, ଖୁବ୍ ଦୁଃଖ ଲାଗୁଥିଲା ସଂପୂର୍ଣ୍ଣାକୁ । ମାଉସୀ ମାନଙ୍କୁ ସେକଥା କହିଲେ ସେମାନେ ବାଆଁରେଇ ହୋଇ କହୁଥିଲେ, “ତୁ ତ ଆମ ଝିଅ, ଆମ ସାଙ୍ଗରେ ଖେଳିବୁ, ତାଙ୍କ ପାଖକୁ କାହିଁକି ଯାଉଛୁ ? ଆଉ ସେଠିକି ଯିବୁନି ।” ସଂପୂର୍ଣ୍ଣାର ଇଚ୍ଛା ନଥିଲେ ବି ସେ ବାଧ୍ୟ ହୋଇ ଘର ଭିତରେ ହିଁ ରହୁଥିଲା । ଆଉ ଟିକିଏ ବଡ ହେଲା ପରେ ମା' ତା'କୁ ସ୍କୁଲରେ ନାମ ଲେଖାଇବା ପାଇଁ ସାଙ୍ଗରେ ନେଇ ଯାଇଥିଲା । ସେଠି ତା'ରି ଭଳି ଅନେକ ଗୁଡିଏ ପିଲା ଆସିଥାନ୍ତି ସେମାନଙ୍କ ବାପା ମାଆଙ୍କ ସାଙ୍ଗରେ । ସେମାନଙ୍କୁ

 Magazine Downloaded from www.aahwaan.com

ଦେଖି ତା'କୁ ଖୁବ୍ ଖୁସି ଲାଗୁଥିଲା ଏତେ ଗୁଡ଼ାଏ ସାଙ୍ଗ ମିଳିଯିବେ ଖେଳିବାକୁ ବୋଲି, ହେଲେ ତା'ର ନାଁ ଲେଖା ହୋଇ ପାରିଲାନି କାରଣ ତା' ବାପା ନାହାଁନ୍ତି । ସେ ମା'କୁ ପଚାରିଥିଲା ସେଦିନ କାହିଁକି ତା'ର ବାପା ନାହାଁନ୍ତି ବୋଲି । ମା' କହିଥିଲା ସବୁ ପିଲାମାନଙ୍କର ବାପା ନଥାନ୍ତି । ତା'ପରଦିନ କ'ଣ କେଉଁଠୁ କିଛି କାଗଜପତ୍ର ଆଣି ମା' ଦେଇଥିଲା ସ୍କୁଲରେ ଆଉ ତା'ର ନାଁ ଲେଖା ହୋଇଥିଲା । କାଲିଠାରୁ ସ୍କୁଲ ଯିବ ବୋଲି ଖୁବ୍ ଖୁସି ହୋଇଥିଲା ସେ । କିନ୍ତୁ ସେ ଖୁସି ତା'ର ବେଶୀ ସମୟ ରହିନଥିଲା, ସ୍କୁଲରେ ପିଲାମାନେ ତାକୁ କେମିତି ଗୋଟାଏ ଭିନ୍ନ ପ୍ରକାରର ଦୃଷ୍ଟିରେ ଦେଖୁଥିଲେ, ସେଇଠି ସେ ଜାଣିଲା ଯେ ତା' ମାଆ ସମସ୍ତଙ୍କ ମାଆ ଭଳି ନୁହେଁ, ସେ ଗୋଟିଏ କିନ୍ନରର ଝିଅ । ସେଇଥିପାଇଁ ଅନ୍ୟମାନେ ତାକୁ ଘୃଣା ଚକ୍ଷୁରେ ଦେଖୁଛନ୍ତି । ମା'କୁ ପ୍ରାଣରୁ ବଳି ଭଲ ପାଉଥିବା ସଂପୂର୍ଣ୍ଣା ସେଇଦିନ ମନରେ ସ୍ଥିର କରିନେଲା ଯେ ସିଏ ଖୁବ୍ ମନ ଲଗାଇ ପାଠ ପଢିବ, ଦୁନିଆଁରେ ମଣିଷ ପରି ମଣିଷଟିଏ ହୋଇ ଦେଖାଇଦେବ ଯେ କିନ୍ନର ମା' ବି ଅନ୍ୟ ମାଆମାନଙ୍କ ଭଳି ମାଆଟିଏ । ସିଏ ମଧ୍ୟ ତା'ର ଛୁଆକୁ ପାଳି ପୋଷି  ମଣିଷ କରିପାରେ ।

ପ୍ରଖର ବୁଦ୍ଧିମତୀ ଥିଲା ସଂପୂର୍ଣ୍ଣା, ଖୁବ୍ ମନ ଲଗାଇ ପାଠ ପଢୁଥିଲା । ନିଜର ସୁନ୍ଦର ନମ୍ର ବ୍ୟବହାର ଏବଂ ମେଳାପୀ ସ୍ୱଭାବ ଯୋଗୁ ଅଳ୍ପ ଦିନ ମଧ୍ୟରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲା । ପଞ୍ଚମ, ସପ୍ତମ ଶ୍ରେଣୀରୁ ମେଧାବୃତ୍ତି ପାଇ ମାଟ୍ରିକ୍ ପରୀକ୍ଷା ପ୍ରଥମ ଶ୍ରେଣୀରେ ଭଲ ନମ୍ବର ରଖି ପାଶ୍ କରି ରମାଦେବୀ ମହିଳା ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ପଢୁଥିଲା ସଂପୂର୍ଣ୍ଣା । ବୟସ ବଢିବା ସହିତ ସଂପୂର୍ଣ୍ଣାର ସୌନ୍ଦର୍ଯ୍ୟ ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଥିଲା । ଆଖପାଖର ସବୁ ବାଳୁଙ୍ଗା ଟୋକା ଯାକ ତା'ର ପିଛା ଛାଡୁନଥିଲେ । ସେଇ ଟୋକା ଦଳଙ୍କ ମୁଖିଆ ଥିଲା ରଞ୍ଜିତ୍ । ସ୍ଥାନୀୟ ଜଣେ ବାହୁବଳୀ ରାଜନେତାଙ୍କ ଏକ ମାତ୍ର ପୁତ୍ର । ଥିଲାବାଲା ଘରର ପୁଅ ହୋଇଥିବାରୁ ପାଠଶାଠ ନପଢି

 Magazine Downloaded from www.aahwaan.com

ଦଳେ ବାଲୁଙ୍ଗା ଟୋକାଙ୍କୁ ସାଙ୍ଗରେ ଧରି ସବୁବେଳେ ଛକ ପାନଦୋକାନ ଆଗରେ ଆଡ୍ଡା ଜମେଇ ଥାଏ । ବାଟରେ ଯାଉଥିବା ଯୁବତୀ ଝିଅମାନଙ୍କୁ ନାନା ପ୍ରକାରର ଅଶ୍ଳୀଳ ଇଙ୍ଗିତ କରିବା ସହିତ ଟଣା ଓଟରା ବି କରେ । ସେଠାରେ ଉପସ୍ଥିତ ଥିବା ଲୋକେ ସବୁ ଦେଖୁଥିଲେ ମଧ୍ୟ ତା' ବାପାଙ୍କ ଭଲରେ କେହି କିଛି ପ୍ରତିବାଦ କରନ୍ତି ନାହିଁ । ସେଦିନ କଲେଜରେ ସକାଳୁଆ ପ୍ରାକ୍ଟିକାଲ କ୍ଲାସ୍ ଥିବାରୁ ସଂପୂର୍ଣ୍ଣା ତରତର ହୋଇ କଲେଜକୁ ଯାଉଥିବା ବେଳେ ଛକ ପାଖରେ ତା'ର ସାଇକେଲର ହ୍ୟାଣ୍ଡଲ୍ କୁ ଧରି ଅଟକାଇ ଦେଲା ରଞ୍ଜିତ୍ । ତା' ସାଙ୍ଗ ମାନଙ୍କ ମଧ୍ୟରେ କିଏ ଜଣେ କହି ଉଠିଲା, “ଚାରିଦିନ ହେଲା ଭାଇ ଆମର ତମକୁ କେତେ କରି ଡାକୁଛନ୍ତି, ତମେ କାନ ଦେଉନ କିଆଁ ? ଭାଇ ଆମର ପସନ୍ଦ ହେଉନାହାଁନ୍ତି ନା ଖାତିରି ପଡୁନାହାଁନ୍ତି ମ ।” ସାଇକେଲରୁ ଓହ୍ଲାଇ ଆହତ ନାଗୁଣୀ ଭଳି ଗର୍ଜି ଉଠିଲା ସଂପୂର୍ଣ୍ଣା , “କାହିଁକି ରାସ୍ତା ମଝିଟାରେ ମୋ ସାଇକେଲ୍ ଟା ଅଟକାଇଛ ଶୁଣେ । ତମ ଭାଇ କିଏ କି ? ମୁଁ ତାଙ୍କ କଥା କାହିଁକି ଶୁଣିବି ? ଏ ରାସ୍ତାଟି ତାଙ୍କର ଜମିଦାରୀ ନାଁ କ'ଣ ?” ଏତିକି କହି ସାରିଲା ବେଳକୁ ସାମନାରେ ଠିଆ ହୋଇଥିବା ରଞ୍ଜିତ୍ ସଂପୂର୍ଣ୍ଣାର ହାତଧରି ଭିଡି ନେଇଥିଲା ନିଜ ଆଡକୁ । ନିର୍ଲଜଙ୍କ ଭଳି କହି ଉଠିଥିଲା, “ଆବେ ମତେ ଚିହ୍ନିନୁ, ଆ ମୋ ପାଖକୁ, ଭଲକରି ଚିହ୍ନେଇ ଦେବି ।” ରାସ୍ତା ଉପରେ ଏମିତି ଟଣା ଓଟରା କରିବାରୁ ଲାଜ ଆଉ ଭୟରେ ଗୋଟାପଣେ ନାଲି ପଡି ଯାଇଥିଲା ସଂପୂର୍ଣ୍ଣା । ରାଗରେ ହିତାହିତ ଜ୍ଞାନଶୂନ୍ୟ ହୋଇ ସେ ଠାଏ କରି ଚଟକଣୀଟେ କଷିଦେଇଥିଲା ରଞ୍ଜିତର ଗାଲରେ । ସେଠି ଥିବା ଦେଖଣାହାରୀଏ ତଟସ୍ଥ ହୋଇ ପରସ୍ପରକୁ ଚାହିଁ ହସିଦେଇ ଯେଝା ବାଟରେ ଯିଏ ଚାଲିଗଲେ । ଆଗରୁ କେବେ ପ୍ରତିବାଦର ସମ୍ମୁଖୀନ ହୋଇ ନଥିବା ରଞ୍ଜିତ୍ ପାଇଁ ଏଇଟା 'ଇଜ୍ଜତ୍ କା ସୱାଲ ଥିଲା । ସେ ସଂପୂର୍ଣ୍ଣାକୁ ସେଇଠି ସେମିତି ଛାଡିଦେଇ ନିଜ ଘରକୁ ଫେରିଗଲା । ଫେରିଗଲା ସିନା ରହି ରହି ସଂପୂର୍ଣ୍ଣାର ସେଇ ଚଟକଣୀର ଶବ୍ଦଟା ଶୁଣା

 Magazine Downloaded from www.aahwaan.com

ଯାଉଥିଲା ତା'କୁ । ଗାଲରେ ସେଇ ଜାଗାଟି ମଝିରେ ମଝିରେ ପୋଡି ଉଠି ତା' ପୁରୁଷପଣିଆକୁ ଉପହାସ କରୁଥିଲା । ସେ ସଂପୂର୍ଣ୍ଣା ବିଷୟରେ ଟିକିନିଖି ଖବର ସଂଗ୍ରହ କରିବାକୁ ତା'ର ଚେଲା ଚାମୁଣ୍ଡାଙ୍କୁ ଲଗାଇ ଦେଇଥିଲା ଆଉ ସୁଯୋଗ ଉଣ୍ଡୁଥିଲା କେମିତି ପାନେ ଚଖାଇବ ତା'କୁ । ସେଦିନ ସକାଳୁ ଝିପିଝିପି ବର୍ଷା ଲାଗି ରହିଥିଲା । ଛତାଟି ଧରି ଅଫିସ୍ ବାହାରିଲା ବେଳକୁ ଝିଅକୁ ତାଗିଦ୍ କରି ଦେଇଗଲା ସୁଦେଷ୍ଣା, "ଆଜି ଦିନକ ଯାକ ପ୍ରବଳରୁ ପ୍ରବଳତର ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ମାରିବରେ ମାଆ, ତୁ ଆଜି କଲେଜ ଯାଆନା, ଘରେ ବସି ପଢାପଢି କର, ମୁଁ ସୁବିଧା କରି ଅଫିସ୍ ରୁ ଶୀଘ୍ର ଫେରି ଆସିବି ।"

ମା' କଥା ମାନି ସେଦିନ କଲେଜ ନଯାଇ ଘରେ ବସି ପଢାପଢି କରୁଥିଲା ସଂପୂର୍ଣ୍ଣା । ଦିନସାରା ପ୍ରବଳ ଝଡ ବର୍ଷା ଲାଗି ରହିଥିଲା । ଘରୁ ମୋଟେ ବାହାରି ହେଉନଥିଲା । ରାସ୍ତା ଘାଟ ଶୂନ୍ ଶାନ୍ ହୋଇ ଯାଇଥିଲା ।

ଖଟ ଉପରେ ଶୋଇ ପଢୁ ପଢୁ ବେଳେ କେତେବେଳେ ତା'କୁ ନିଦ ଲାଗି ଯାଇଥିଲା ସେ ଜାଣେନା । ହଠାତ୍ ନିଜ ଉପରେ କ'ଣ ଗୋଟିଏ ଓଜନିଆଁ ଜିନିଷ ଲଦି ହୋଇ ପଡିଲା ଭଳି ଲାଗିବାରୁ ଚାଉଁକିନା ନିଦ ଭାଙ୍ଗିଗଲା ତା'ର । ନିଦ ମଳ ମଳ ଆଖିରେ ଚାହିଁଲା ବେଳକୁ ତା'କୁ ଦିଶିଗଲା ବ୍ରହ୍ମରାକ୍ଷସ ଭଳି ତା'କୁ ମାଡି ବସିଥିବା ରଞ୍ଜିତର ମୁହଁଟା । ରଞ୍ଜିତ୍ର ମୁହଁରୁ ବାହାରୁଥିବା ଉତ୍କଟ ମଦଗନ୍ଧରେ ସଂପୂର୍ଣ୍ଣାର ପେଟରୁ ଭାତ ବାହାରି ଆସିଲା ଭଳି ଲାଗୁଥିଲା । ରଞ୍ଜିତର ଗୋଟିଏ ହାତ ତା' ପାଟିକୁ ଚାପି ଧରିଥିଲା ଅନ୍ୟ ହାତଟି ତା'ର ପୋଷାକ ଉତ୍ତାରିବାରେ ଲାଗିଥିଲା । ଗଁ ଗଁ ଶବ୍ଦ କରି ରଞ୍ଜିତ କ'ଣ କହୁଥିଲା ତାହା ସଂପୂର୍ଣ୍ଣା ବୁଝି ପାରୁନଥିଲା କିନ୍ତୁ ସେ ଚେଷ୍ଟାକଲେ ମଧ୍ୟ ତା'ର ପାଟିରୁ କୌଣସି ଶବ୍ଦ ବାହାରୁ ନଥିଲା । ଶରୀରର ସବୁ ଶକ୍ତି ଏକତ୍ରିତ କରି ସେ ତା'ର ଦୁଇ ହାତରେ ନିଜ ଉପରୁ ଠେଲି ତଳେ ପକାଇ ଦେଲା ରଞ୍ଜିତକୁ ଏବଂ ଗୋଟାଏ ଝଟକାରେ ଖଟ ତଳକୁ ଡିଆଁଟେ ମାରି

 Magazine Downloaded from www.aahwaan.com

ବାହାର ଆଡକୁ ଧାଇଁଲା ସେ । ସଂପୂର୍ଣ୍ଣାର ଅତର୍କିତ ଆକ୍ରମଣରେ ତଳେ ପଡି ଯାଇଥିବା ରଞ୍ଜିତ୍ ଉଠିପଡି ପଶ୍ଚାତ୍ ଧାବନ କଲା ତା'ର । ପ୍ରାଣ ବିକଳରେ ରୋଷେଇ ଘର ଭିତରକୁ ପଶିଯାଇ କବାଟଟାକୁ କିଳି ଦେବାକୁ ଚେଷ୍ଟା କଲା ସଂପୂର୍ଣ୍ଣା ହେଲେ ରଞ୍ଜିତ୍ ସେତେବେଳକୁ ସେଠାରେ ପହଞ୍ଚି ସାରିଥିଲା । କବାଟକୁ ଜୋରରେ ଧକ୍କା ମାରି ଖୋଲି ଦେଇ ଯାଇ ପଛପଟରୁ ଧରିପକାଇଲା ସଂପୂର୍ଣ୍ଣାକୁ । ରଞ୍ଜିତ୍ କବଳରୁ ରକ୍ଷା ପାଇବାର ଆଉ କୌଣସି ଉପାୟ ଦେଖାଯାଉ ନଥିଲା ତା'କୁ । ସେଠାରେ ଥିବା ପରିବାଡାଲା ଭିତରେ ଥୁଆ ହୋଇଥିବା ଛୁରୀଟିକୁ ଭିଡି ଆଣି ଭୁଷିଦେଲା ରଞ୍ଜିତର ପେଟରେ । ପିଚକାରୀ ଭଳିଆ ରକ୍ତ ଛିଟିକି ଆସିଲା ତା'ପେଟରୁ । ଆଃ.... ବୋଲି ଆର୍ତ୍ତଚିତ୍କାରଟିଏ କରି ପେଟକୁ ଚାପି ଧରି ପଛକୁ ଘୁଞ୍ଚି ଗଲା ରଞ୍ଜିତ୍ । ଆବାକାବା ହୋଇ ସେ ଚାହିଁ ରହିଥିଲା ସଂପୂର୍ଣ୍ଣାର ମୁହଁକୁ । ଏଡିକି ପତଳା ନକନକ ହୋଇ ଝିଅଟି ଭିତରେ ଯେ ଏତେ ଶକ୍ତି ଅଛି ସେ ଭାବି ପାରୁ ନଥିଲା । ଛୁରୀଟି ଏପଟେ ଫୁଟି ସେପଟେ ବାହାରି ଯାଇଥିଲା । ଭୀଷଣ ରକ୍ତସ୍ରାବ ଯୋଗୁ ତା'ର ଶରୀର ଅବଶ ହୋଇ ଆସୁଥିଲା, ଆଖିରେ ଅନ୍ଧାର ଘୋଟି ଆସୁଥିଲା, ସେ ଟଳି ପଡ଼ିଲା ତଳେ ।

ସେଦିନ ଲଗାଣ ବର୍ଷା ଯୋଗୁ ଅଫିସରେ ଉପସ୍ଥାନ କମ୍ ଥିଲା, ସୁଦେଷ୍ଣାର କାମ ବଢି ଯାଇଥିଲା । ଆଗରୁ ଟେବୁଲ୍ ଉପରେ ଥୁଆ ହୋଇଥିବା ଫାଇଲ୍ ଗୁଡିକ ଡିସ୍ପୋଜ୍ ଅଫ୍ କରୁ କରୁ ଦିନ ତିନିଟା ବାଜିଲା । ସେଯାଏଁ ସେ ଚାହା କପଟିଏ ବି ପିଇବାକୁ ସମୟ ପାଇ ନଥିଲା । ବର୍ଷା ସେତେବେଳକୁ ଟିକିଏ କମି ଯାଇଥିଲା । ଘରେ ଏକା ଥିବା ସଂପୂର୍ଣ୍ଣା କଥା ମନେ ପଡ଼ିଗଲା ତା'ର । କ'ଣ କରୁଥିବ ଏକା ଏକା ଭାବି ମନଟା ଘାଣ୍ଟି ଗୋଡେଇ ହୋଇଗଲା । ବଡବାବୁଙ୍କ ଠାରୁ ଅନୁମତି ମାଗି ଟେବୁଲ୍ ଉପରେ ଥିବା ବ୍ୟାଗ୍ କାନ୍ଧରେ ପକାଇ ସେ ବାହାରିଲା ଘରକୁ । ଘରେ ପହଞ୍ଚି ଦେଖିଲା କବାଟ ବନ୍ଦ ଅଛି ଭିତରୁ । ଠକ୍

 Magazine Downloaded from www.aahwaan.com

ଠକ୍ କରି ବାଡେଇବା ପରେ ମଧ୍ୟ କେହି କବାଟ ନଖୋଲିବାରୁ ଘରର ପଛ ପଟେ ଥିବା କବାଟରେ ଯାଇ ଠକ୍ ଠକ୍ ବାଡେଇବା ଆରମ୍ଭ କଲା ସେ । ଏଥରକ ମଧ୍ୟ ନିରାଶ ହୋଇ କବାଟଟାକୁ ଟିକେ ଜୋରରେ ଠେଲିଦେଲା ସୁଦେଷ୍ଣା । କେଁ କରି ଆବାଜ୍ କରି ଖୋଲିଗଲା କବାଟଟା । ଆଶ୍ଚର୍ଯ୍ୟ ହେଲା ସୁଦେଷ୍ଣା, ଏତେ ଦାୟିତ୍ୱହୀନ ତ ସଂପୂର୍ଣ୍ଣା ନୁହେଁ ଯେ କବାଟ ଖୋଲା ରଖି ଏମିତି ଅଚିନ୍ତା ନିଦରେ ଶୋଇ ପଡିବ । କିଛି ଗୋଟିଏ ଅଘଟଣ ଘଟିଥିବା ଆଶଙ୍କାରେ ଘର ଭିତରକୁ ଧାଇଁଲା ସେ । ଦେଖିଲା ରକ୍ତର ସମୁଦ୍ର ଭିତରେ ମୁହଁକୁ ମାଡି ପଡିଛି ଲୋକଟିଏ, ତା' ପଛ ପଟୁ ଛୁରୀର ଅଗ୍ରଭାଗଟି ବାହାରି ଦେଖା ଯାଉଛି । ଘରେ ଗୋଟିଏ କଣରେ ତଟସ୍ଥ ହୋଇ ପଥରର ମୂର୍ତ୍ତି ପରି ବସିଛି ସଂପୂର୍ଣ୍ଣା । ଆଖିରେ ପଲକ ପଡୁନି, ଧାର ଧାର ଲୁହ ବୋହି ଯାଉଛି । ଭୟଭୀତ ହୋଇ ଏକ ଲୟରେ ଅନେଇ ରହିଛି ଲୋକଟିକୁ । ଦୌଡ଼ିଯାଇ ଝିଅକୁ କୋଳେଇ ନେଲା ସୁଦେଷ୍ଣା । ପାଖରେ ମା'କୁ ପାଇ ଭୋ ଭୋ କରି କାନ୍ଦି କାନ୍ଦି କୁଣ୍ଢାଇ ପକାଇଲା ସଂପୂର୍ଣ୍ଣା । ସେଇ ଅବସ୍ଥାରେ କହିଗଲା ତା' ସହିତ ଘଟିଥିବା ଦୁର୍ଘଟଣା ସବୁ । ଝିଅର ଦୁଃଖ କାହାଣୀ ଶୁଣି କାନ୍ଦି ଉଠିଲା ସୁଦେଷ୍ଣାର ମନ । କେଜାଣି କେତେବେଳ ଯାଏ ସେମିତି ପରସ୍ପରକୁ ଜାବୁଡ଼ି ଧରି କାନ୍ଦୁଥାଆନ୍ତି ମାଆ ଝିଅ ଦୁଇ ଜଣ । କ'ଣ ଗୋଟିଏ ଚିନ୍ତା କରି ଚମକି ଉଠିଲା ସୁଦେଷ୍ଣା । ଆସ୍ତେ କରି ନିଜ ପାଖରୁ ଅଲଗା କରି ଗୋଟିଏ ଯାଗାରେ ବସାଇ ଦେଲା ସଂପୂର୍ଣ୍ଣାକୁ । ତା' ଆଖରୁ ଲୁହ ପୋଛି ଦେଇ ତା'କୁ ସାନ୍ତ୍ୱନା ଦେଲା, "ତୁ ଭୟ କରନା ମାଆ, ତୋ' ମା' ବଞ୍ଚିଥିଲା ଯାଏ ତୋର କିଛି ହେବନି । ତତେ ମୋ ରାଣ ମାଆ ! ତୁ ଏ ବାବଦରେ କାହାରିକୁ କିଛି କହିବୁନି । ଯାହା କିଛି ବି କହିବାର କି କରିବାର ଅଛି ମୁଁ କରିବି ।"

ତରବର ହୋଇ ତଳେ ପଡିଥିବା ଲୋକଟିକୁ ଓଲଟାଇ ଦେଇ ତା' ପେଟରେ ପଶିଥିବା ଛୁରୀଟିକୁ ବାହାର କରି ଆଣି ଭଲକରି ପୋଛା ପୋଛି କରି ନିଜ ହାତରେ ଆଉଥରେ ତା'ର

 Magazine Downloaded from www.aahwaan.com

ପେଟରେ ଭୁଷିଦେଲା । ସଂପୂର୍ଣ୍ଣାର ହାତ ମୁହଁରେ ଭଲକରି ସାବୁନ ଲଗାଇ ସଫାସୁତୁରା କରି ନେଇ ବସାଇ ଦେଲା ଗୋଟାଏ ଯାଗାରେ ।

ଘରେ ଯେଉଁଠି ଯେଉଁଠି ସଂପୂର୍ଣ୍ଣାର ରକ୍ତ ଲଗା ପାଦଚିହ୍ନ ପଡିଥିଲା, ସେସବୁକୁ ଘଷି ମାଜି ସଫା କରି କପଡା ସବୁ ଜାଳି ଦେଲା । ନିଜର ଝଞ୍ଜଣ ମୁହଁରେ, ହାତରେ, ଲୁଗାପଟାରେ ରକ୍ତ ର ଛିଟା ମାରି ଅପେକ୍ଷା କରି ରହିଲା ପୋଲିସ୍ ର ଆସିବାକୁ ।

ଅଟୋରିକ୍ସାର ବ୍ରେକ୍ ମାରିବା ଶବ୍ଦରେ ଧ୍ୟାନ ଭାଙ୍ଗିଗଲା ସଂପୂର୍ଣ୍ଣାର । ପ୍ରକୃତିସ୍ଥ ହେଲା ସେ । ଅଟୋରିକ୍ସାର ଡ୍ରାଇଭରଟି ପଚାରୁଥିଲା, “ଦିଦି ! ଏଇଠି ଓହ୍ଲାଇବେ ନା ଆଗକୁ ଯିବେ ?”

ନା ' ନା' ଏଇଠି ରଖ କହି ରିକ୍ସାରୁ ଓହ୍ଲାଇ ଘର ଆଡ଼କୁ ପାଦ ବଢାଇଲା ସଂପୂର୍ଣ୍ଣା । ରହି ରହି ମା' ର ସେଇ ହସହସ ମୁହଁଟା ନାଚି ଉଠୁଥିଲା ତା' ଆଖିରେ ।

 Magazine Downloaded from www.aahwaan.com

# ପରିଭାଷା

ବୃଦ୍ଧ ଶିକ୍ଷକ ଜଣଙ୍କ ଜିଲ୍ଲାପାଳଙ୍କୁ ଭେଟିବାକୁ ଖୁବ ଆତୁର । ଜନୈକ ଜିଲ୍ଲାପାଳ ଏକଦା ତାଙ୍କର ପ୍ରିୟ ଛାତ୍ର ଥିଲେ । ସେ କଥା ଭାବିଲା ବେଳକୁ ଛାତି କୁଣ୍ଢେ ମୋଟ ହେଇଯାଉଛି ବୃଦ୍ଧ ଶିକ୍ଷକଙ୍କର । ଚିଠି ଲେଖି ନିଜର ଦୁଃଖ ଜଣେଇଛନ୍ତି ଆଶୁ ପଦକ୍ଷେପ ଆଶା କରି ଆଜି ଭେଟିବାକୁ ଆସିଛନ୍ତି ତାଙ୍କ ବସାକୁ । ହଁ, ସବୁ ସୁବିଧା ଅସୁବିଧାରେ ଓ ଏ ସୁନାମ ପଛରେ ନିଶ୍ଚିତ ଭାବେ ବୃଦ୍ଧ ଶିକ୍ଷକଙ୍କର ପ୍ରଚ୍ଛନ୍ନ ହାତ ରହିଛି । ମନ ଭିତରେ କେତେ କେତେ କଳ୍ପନା ଆଉ କିଛି ବାଟ ପରେ ସତ ହେବାକୁ ଯାଉଛି । ଏମିତି ଭାବନାରେ ବାଟ ଚାଲୁଥାନ୍ତି ବୃଦ୍ଧ ଶିକ୍ଷକ ଜିଲ୍ଲାପାଳଙ୍କ ବସା ଅଭିମୁଖେ । ଜିଲ୍ଲାପାଳଙ୍କ ବସା ଆଗରେ ଲମ୍ବା ଧାଡ଼ି । ନିୟୋଜିତ ସୁରକ୍ଷାକର୍ମୀ ସଭିଙ୍କୁ ଘଉଡ଼ାଇବାରେ ବ୍ୟସ୍ତ । ସାର ଆଜି ନାହାନ୍ତି, କାଲିକି ଆସିବ ଯାଅ ସବୁ .... ! ଗହଳି ଭାଙ୍ଗି ସାରିଥାଏ । ବୃଦ୍ଧ ଜଣଙ୍କ ସୁରକ୍ଷା କର୍ମୀଙ୍କୁ କହିଲେ, "ତୁମ ସାରଙ୍କୁ ଯାଅ କହିବ, ଗାଁରୁ ତୁମ ନାଟ ସାର ଆସିଛନ୍ତି ... !"



ଅଶୋକ କୁମାର ସେଠୀ

ତୋ ଆଖି ଖରାପ ନା କାନ ଖରାପ, ତତେ ଦେଖା ଗଲାନି ସବୁ ଲୋକ ଫେରିକି ଗଲେ, ମୁଁ କହିଲି ପା' ସାର ନାହାନ୍ତି ବୋଲି । ରୁକ୍ଷ ଗଳାରେ ଉତ୍ତର ଦେଲା ସୁରକ୍ଷା କର୍ମୀ । କିଛି ନା କିଛି ସମ୍ପର୍କ ଯୋଡି ଦିଅନ୍ତି ..ଶ... ! ଧୀର ଗଳାରେ ଗୁଣୁ ଗୁଣୁ ହୋଇ ବିରକ୍ତି ହେଉଥାଏ ସୁରକ୍ଷା କର୍ମୀ ଜଣଙ୍କ ...

 Magazine Downloaded from www.aahwaan.com

କିଛି ସମୟ ପରେ ଜିଲ୍ଲାପାଳ ମହାଶୟ ତରତରରେ ନଟ ସାରଙ୍କ ପାଖ ଦେଇ ଗଲେ ସୁଦ୍ଧା ଆଡ଼ ଆଖିରେ ବି ନଜର ପଡ଼ିବାକୁ ବି ଫୁରୁସତ ନାହିଁ, ସିଧା କାରରେ ବସି ବାହାରିଗଲେ । ପର ମୁହୂର୍ତ୍ତରେ ହାବୁକାୟେ ପବନ ପଶି ଆସି ଉଡେଇ ନେଇଗଲା ଟେବୁଲ ଉପରେ ଗଦା ହୋଇଥିବା ଚିଠି, ଦରଖାସ୍ତ ସବୁ । ନିଜର ପାଦ ତଳେ ପଡିଥିବା ଚିଠି ଖଣ୍ଡିକ ଉଠାଇବାକୁ ବି ଆଉ ବଳ ନାହିଁ । ତଥାପି ଥର ଥର ହାତରେ ଚିଠି ଖଣ୍ଡିକ ଦେଖି ଚମକି ପଡିଲେ ନଟ ସାର ... ! ଚିଠି ଖଣ୍ଡିକ ମନ ଭିତରର ନିବୁଜ କ୍ଷୋଭ ପରି ସେମିତି ନିବୁଜ ହୋଇ ରହିଗଲା । ହଠାତ ଯେମିତି ମନ ଭିତରେ ଏକ ପ୍ରବଳ ଘୁର୍ଣ୍ଣି ଝଡ ଆସି ଚାଲିଗଲା ନିରବ ନିର୍ଜନ ବିଞ୍ଚି ଦେଇ (ଯଦିଓ କୋଳାହଳ ଜାହିର୍ କରୁଥାଏ ଚାରିପାଖ)

ରୋମନ୍ଥନ ହୋଇଗଲା ଅତୀତର ସ୍ମୃତି ସବୁ । ସବୁକୁ ଲିଭେଇବାକୁ ପଡିବ, କଳାପଟାକୁ ଡଷ୍ଟରରେ ଲିଭେଇଲା ପରି । ଆସିବା ବେଳର ଭୋକ ଶୋଷ ସେ ଘୁର୍ଣ୍ଣିଝଡ଼ରେ ସବୁ ଉଡେଇ ନେଇଛି.. ! ବସ ଧରି ଫେରିବାକୁ ହେବ ସନ୍ଧ୍ୟା ସୁଦ୍ଧା ପୁଣି ଗାଁକୁ ଦି କୋଶ ଚଲା ବାଟ । ବସ ଚାଲିଥାଏ ଗନ୍ତବ୍ୟ ଅବିମୁଖେ । ଅବାଧ୍ୟ ଅତୀତ ପୁଣି ଜଳ ଛବି ପରି ଆଖି ଆଗେ ଉପଦ୍ରବ କରିଚାଲିଥାଏ ମନ ଇଛା । କାହାର ଡାକ ଶୁଣି ଚିହିଁକି ଉଠିଲେ ନଟ ସାର ..

ଟିକେଟ ଦିଅ ... ?

ପର୍ସ କାଢ଼ିବାକୁ ପକେଟରେ ହାତ ପୁରେଇଛନ୍ତି ତ... ସ୍ତବ୍ଧ ହେଇଗଲେ ନଟ ସାର.. ! ଆଖି ଲାଲ ପଡ଼ିବାକୁ ବସିଥାଏ କେଇ ଟୋପା ଲୁହ ଜକେଇ ଆସିଲାଣି... ସଠିକ ଭାବେ ମାନେ ପକେଇ ପାରୁନାହାନ୍ତି ତାଙ୍କ ପର୍ସ କେଉଁଠି ଗଳେଇ ଦେଲେ ନା କିଏ ପକେଟ ମାରିନେଲା... ! !

ବଡ ଅନୁନୟ ହୋଇ, କଣ୍ଡକ୍ଟରଙ୍କୁ କହିଲେ, "ମୁଁ ସତ କହୁଛି ମୋ ପର୍ସ ଚୋରି ହୋଇ ଯାଇଛି ... !" ବସର ସବୁ ଲୋକ ଡବ ଡବ ହୋଇ ଅନେଇଥାନ୍ତି ।

 Magazine Downloaded from www.aahwaan.com

କଣ୍ଡକ୍ଟର କିଛି ମୁହୂର୍ତ୍ତ ନିରବ ରହି ନଟସାରଙ୍କ ମୁହଁକୁ ଚାହିଁଲେ, ବସିବା ପାଇଁ କହିଲେ ..

ନିଜକୁ ଖୁବ ନିସ୍ୱ ଓ ଅସହାୟ ମନେ କରୁଥାନ୍ତି ନଟ ସାର ସୁକ୍ଷ୍ମ ଓ ସ୍ଥୂଳ ଭାବରେ । ଏତେ ସରି ହେବେ ବୋଲି ସେ କେବେ ଭାବିନଥିଲେ । ମନ ତଳର କ୍ଷତ ବେଳୁ ବେଳ ଗଭୀର ହେବାରେ ଲାଗିଥାଏ ।

ଠିକଣା ଜାଗାରେ ବସ ରହିଲା, ନଟ ସାର ବସରୁ ଓହ୍ଲେଇଲେ ତାଙ୍କ ପଛେ ପଛେ କଣ୍ଡକ୍ଟର । ସେ ଯାଇ ନଟ ସାରଙ୍କ ପାଦ ଛୁଇଁ ପ୍ରଣାମ କଲେ, "ସାର, ମତେ ଚିହ୍ନି ପାରୁଛନ୍ତି ... ? ମୁଁ, ବିଶୁ ! ଶ୍ରେଣୀର ଶେଷ ବେଞ୍ଚରେ ମୁଁ ବସେ । ଆପଣଙ୍କ ମାଡ଼ ଆଜି ବି ମୋର ମାନେ ପଡ଼ିଯାଏ, ହାତ ମୋର କଳାଜାମ ପଡ଼ିଯାଏ । ସେଇ ପାଠ ଦି ଧାଡ଼ି ମୋ ଜୀବନ ଜୀବିକାରେ ଖୁବ ସହାୟ ହୋଇ ପାରିଛି । ସେ ଋଣ ମୁଁ କେବେ ସୁଝି ପାରିବିନି ।" ବାଷ୍ପରୁଦ୍ଧ ଗଳାରେ କହିଚାଲିଥାଏ ଶ୍ରେଣୀର ପଛ ଧାଡିରେ ବସିଥିବା ପିଲାଟି । ନାଟ ସାରଙ୍କର ଅନ୍ତରର କୋହ ଉବକେଇ ଉଠିଲା । କଣ୍ଡକ୍ଟରକୁ ଜାବୁଡି ଧରିଲେ ନଟ ସାର କିଛି ମୁହୂର୍ତ୍ତ, ନୀରବରେ କିଛି ଟୋପା ଲୁହ ସମର୍ଥନ କରୁଥିଲେ ଏ ଅବ୍ୟକ୍ତ ଆବେଗକୁ ।

ଘନେଇ ଆସୁଥାଏ ମାଛି ଅନ୍ଧାର ସମୟ । ନିଜ ଗାଁକୁ ଚଲା ବାଟ ଧରିଲେ ନଟ ସାର । ମନ ଭିତରେ ଏକ ଅପୂର୍ବ ଶିହରଣ । ବାଟ ସବୁ ଘୋଡା ଚଢିଲା ପରି ପଛରେ ରହିଯାଉଥାଏ । କେତେ ବେଳେ ଗାଁ ମୁଣ୍ଡରେ ପହଁଚିଲେ ସେ ନିଜେ ଜାଣି ପାରିଲେନି । ସେ ଅନୁଭୂତି ସେମିତି ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସତେଜ ରହିଥାଏ ।

କଳାପଟାରୁ ସେ ସେ କ୍ଲିଷ୍ଟ ସମୀକରଣ କେଉଁ କାଳୁ ଲିଭେଇ ସାରିଲେଣି । ଜଳ ଜଳ ଦିଶୁଛି କଳାପଟାରେ ଶିକ୍ଷାର ପରିଭାଷା ।

କଲ୍ୟାଣପୁର, ନୟାଗଡ଼, ଓଡ଼ିଶା

 Magazine Downloaded from www.aahwaan.com

# ମିଲି ଅପା

ଶିକ୍ଷକ ଦିବସ ଅବସରରେ ଏକ ମହାନ ଶିକ୍ଷୟିତ୍ରୀ ପାଇଁ କିଛି

ମିଲି ଅପା । ବହୁତ ଦିନର କଥା । ପିଲାଟି ପ୍ରଥମ ଶ୍ରେଣୀ ପଢୁଛି । ରାକ୍ଷୀ ପୂର୍ଣ୍ଣିମା ସେଦିନ । ସବୁ ପିଲାମାନଙ୍କର ହାତରେ ରାକ୍ଷୀ । ରଙ୍ଗ ବେରଙ୍ଗର ରାକ୍ଷୀ ସମସ୍ତେ ପିନ୍ଧିଥିଲେ । କିନ୍ତୁ ପିଲାର ହାତଟି ଖାଲି । ମନ ଦୁଃଖ କରି ଗୋଟିଏ କୋଣରେ ବସିଛି । ତାକୁ ରାକ୍ଷୀଟିଏ ବାନ୍ଧିବା ପାଇଁ କିଏ ନାହିଁ । ସତରେ ଏତେ ବଡ଼ ସଂସାରେ କିଏ ନାହାନ୍ତି । ମିଲି ଅପାଙ୍କ ନଜର ପଡ଼ିଲା । ସେ ବୁଝି ପାରିଥିଲେ କୋମଳ ପିଲାଟିର ବେଦନା । କୋଳେଇ ନେଇଥିଲେ ପିଲାଟିକୁ । ଆରେ ଲିଙ୍ଗରାଜ କାହିଁକି ମନ ଦୁଃଖ କରି ବସିଛୁ ? ମୁଁ ପରା ତୋର ବଡ ଭଉଣୀ । ଚାଲ ଯିବା ଆମ ଘରକୁ ତୋ ପାଇଁ ବହୁତ ବଡ଼ ରାକ୍ଷୀ କିଣି ଆଣିଛି ।

ପ୍ରଧାନ ଶିକ୍ଷୟିତ୍ରୀଙ୍କର ଅନୁମତି ନେଇ ପିଲାଟାକୁ ନେଇ ଯାଇଥିଲେ ତାଙ୍କ ଘରକୁ । ରାକ୍ଷୀଟିଏ ବାନ୍ଧି ଦେଇଥିଲେ । ଆଳତୀ ଦେଇ, ଦୁବ ହଳଦୀ ଚାଉଳ ସହ ପିଲାଟାକୁ ସବୁଦିନ ପାଇଁ ଆପଣାଇ ଦେଇଥିଲେ । ପିଠାପଣା, ମିଠା ନିଜ ହାତରେ ଖୁଆଇ ଦେଇଥିଲେ । ଗଢ଼ି ଉଠିଥିଲା ସେଇ ଭାଇଭଉଣୀର ସେଇ ପବିତ୍ର ବନ୍ଧନ । ପିଲାଟିର କୌଣସି ସମସ୍ୟା ଅପା ଅତି ସୁନ୍ଦର ରୀତିରେ ଦୂର କରିଦେଉଥିଲେ । ଅପା ପାଖରେ ଥିଲା ଅସରନ୍ତି ଭଲ ପାଇବା । ଗପଗୀତ ଆଉ କେତେ କଥା । ଭଲମନ୍ଦ ଉପଦେଶ । ଭାଇର ରକ୍ଷା ଥିଲେ ସେ । କିଏ କହିଲା ରକ୍ତ ବନ୍ଧନ ? ସଂପର୍କ ମାନେନି କୌଣସି ରକ୍ତ ବା ପରିବାର ଛୋଟ ସୁତା ଖିଅରୁ ହିଁ ଗଢ଼ି



ଲିଙ୍ଗରାଜ ପ୍ରସାଦ
ଅମୂଲ୍ୟ ପଟ୍ଟନାୟକ

 Magazine Downloaded from www.aahwaan.com

ଉଠିଥାଏ ପବିତ୍ର ବନ୍ଧନ । ବାନ୍ଧି ହୋଇଯାଇଥାଏ ଜୀବନର ଡୋରି । ମିଲିଅପା ମୋର ଶିକ୍ଷୟତ୍ରୀ ନଥିଲେ ସେଇ ମୋର ଅପା । ମୋର ବଡ ଭଉଣୀ । ସମୟ ସ୍ରୋତରେ କେତେ ଯେ ଚାଲି ଯାଇଛନ୍ତି । କେତେ ଯେ ସଂପର୍କ ଭାଙ୍ଗି ଯାଇଛି । କେତେ ରକ୍ତ ସମ୍ପର୍କ ସେଇ ସୁଅରେ ଭାସିଯାଇଛି ।

ସ୍ମୃତି ବହୁତ ହଜିଯାଇଛି । କିନ୍ତୁ ସେଇ ଦିନର ଖିଅଟି ଏବେ ବି ଡୋରୀ ହୋଇ ରହିଯାଇଛି ।

ସେ ମୋର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ । ଆଜିର ଏ ମିଛ ଭରା ସଂସାର ସେ ଜଣେ ସତ୍ୟ । ସତରେ ଯଦି ଏବେ ଏମିତି ଶିକ୍ଷକ ଥିଲେ ଆମ ଦେଶରେ ସୁନା ଫଳିଥାନ୍ତା । ସତରେ ମିଲି ଅପା ପରି ଶିକ୍ଷକ/ଶିକ୍ଷୟତ୍ରୀ ବର୍ତ୍ତମାନ ବିରଳ । ଧୀରେ ଧୀରେ ଦୁନିଆ ବଦଳି ଗଲାଣି । ନୈତିକତା ଓ ମୂଲ୍ୟବୋଧ କମିଗଲାଣି । ସ୍ୱାର୍ଥପର ଦୁନିଆ । କାହାପାଖରେ ସମୟ ନାହିଁ । ମୋର ମିଲି ଅପା ପାଖରେ ସମୟର ଅଭାବ କେବେବି ନଥାଏ । ସବୁ ପ୍ରଶ୍ନର ଉତ୍ତର ତାଙ୍କ ପାଖରେ ଥାଏ । ଝୁଣ୍ଟି ପଡିଲେ ହାତ ଧରି ଟେକି ଦିଅନ୍ତି । କାନ୍ଦିଲେ ପଣତରେ ପୋଛି ଦିଅନ୍ତି । ଧୈର୍ଯ୍ୟ ହରାଇଲେ ଧୈର୍ଯ୍ୟ ଦିଅନ୍ତି । ଖୁସିରେ ଖୁସୀ ହୁଅନ୍ତି । ଭଗବାନ ତାଙ୍କୁ ଦୀର୍ଘ ଜୀବନ, ସର୍ବଦା ଖୁସି ଓ ସ୍ୱାସ୍ଥ୍ୟବାନ୍ ରଖନ୍ତୁ ।

ପିଲାଟି ବଡ ହୋଇଗଲାଣି । କଲେଜ ଝିଅର ବାପା । ନିଜେ ବି ଜଣେ ଶିକ୍ଷକ । କିନ୍ତୁ ମିଲି ଅପା ପାଖରେ ସେ କୁନି ପିଲାଟିଏ । ମା, ବାପା ଓ ବଡ ଭଉଣୀ ମିଲି ଅପା ତାର । ଦଉଡ଼ି ଯାଏ ଦୁଃଖ ଲାଗିଲେ ତାକୁ । କୋଳେଇ ନିଏ ତାର କୁନି ଭାଇକୁ ମିଲି ଅପା । କୁହନ୍ତି ବାପା କେବେ ସମସ୍ୟାରୁ ପଛେଇ ଯିବୁନୁ । ସାମନା କରିବୁ । ଆଜିର ବଡ ସମସ୍ୟା କାଲି ବହୁତ ଛୋଟ । ମୁଁ ପରା ଅଛି ତୋର ମିଲି ଅପା । ଭଗବାନଙ୍କ ପାଖରେ ତୋର ସବୁବେଳେ ଶୁଭ ମନାସିବା ପାଇଁ ।

ତୋର ପାଇଁ ମୁଁ ଅଛି । ସେ କହନ୍ତି ବାପା ଦୁଇଟି କଥା ମନ ରଖିଥିବୁ । ଯାହା କରିବୁ ସାହାସ ସହିତ କରିବୁ ଓ ନିଜ କାମଟିକୁ ସଚ୍ଚୋଟରେ କରିବୁ । ବିଜୟ ଶେଷରେ ନିଶ୍ଚିତ ତୋର ।

 Magazine Downloaded from www.aahwaan.com

# କାହାକୁ ନ ମଣିବ ହୀନ

ଜଙ୍ଗଲର ନାଁ ଚମ୍ପାବଣ । ସେଠାରେ ବହୁତ ପଶୁପକ୍ଷୀ ବାସ କରୁଥିଲେ । ଗୋଟିଏ ଦୁଷ୍ଟ ସିଂହୀ ସେଠାରେ ଏକଛତ୍ରବାଦ ଶାସନ ଚଲାଇଥିଲା । ଅନ୍ୟକୁ କଷ୍ଟ ଦେଇ ସେ ବହୁତ ଖୁସି ପାଏ । ତା ଉପଦ୍ରବ ପାଇଁ ସଭିଏଁ ଅତିଷ୍ଠ ଥିଲେ, ହେଲେ ଭୟରେ ତା ସହ କେହି ଲାଗୁ ନଥିଲେ ।

ସେଠାରେ ରହୁଥିଲା କୁନି ଭଅଁରଟିଏ । ସେ ଏ ଫୁଲରୁ ସେ ଫୁଲକୁ ଉଡ଼ି ବୁଲି ମଧୁ ସଂଗ୍ରହ କରୁଥିଲା । ତାକୁ ଗୀତ ଗାଇବାକୁ ଖୁବ୍ ଭଲ ଲାଗୁଥିଲା । ସେ ସବୁବେଳେ ଗୁଣୁଗୁଣୁ ହୋଇ ଗୀତ ଗାଉଥିଲା । ଦୁଷ୍ଟ ସିଂହୀକୁ ଛାଡ଼ି ସଭିଏଁ ତାକୁ ଖୁବ୍ ପ୍ରଶଂସା କରୁଥିଲେ । ସିଂହୀ ଚାହୁଁ ନଥିଲା ଜଙ୍ଗଲରେ ତା' ଛଡ଼ା ଆଉ କିଏ ପ୍ରଶଂସା ପାଉ । ସେ କାରଣେ ଭଅଁର ଗାଇବା ଆରମ୍ଭିଲା ମାତ୍ରେ ଗର୍ଜନ କରେ । ଯାହା ଶୁଣି ସମସ୍ତେ ଉଠି ପଡ଼ି ପଳାନ୍ତି । ସିଂହୀର କର୍କଶ ଗର୍ଜନ ଶୁଣି ଭଅଁର କ୍ଷଣେ ବଧିର ପାଲଟିଯାଏ । ନିଜ ଗୀତ ନିଜେ ଶୁଣି ପାରେନି । ବାକି ମାନେ କେଉଁ ଶୁଣନ୍ତେ.. ! ସେ ମନମାରି ଚୁପ୍ ହୋଇଯାଏ । ଦିନେ ସେ ସିଂହୀକୁ ଅନୁରୋଧ କଲା ସେ ଗୀତ ଗାଇବା ବେଳେ ସେମିତି ନ ଗର୍ଜିବାକୁ । ସିଂହୀକୁ ତାକୁ ପ୍ରବଳ ଗାଳି ଦେଇ ତଡ଼ି ଦେଲା ।



ବିଷ୍ଣୁପ୍ରିୟା ପୂଜାରୀ

 Magazine Downloaded from www.aahwaan.com

ଭଅଁର ମନ ଦୁଃଖରେ ଥାଏ । ଭାବୁଥାଏ, ଆଉ କେତେ ଦିନ ଏମିତି ଚାଲିବ । ମନେ ମନେ ସିଂହୀକୁ ପାନେ ଦେବାକୁ ସ୍ଥିର କଲା । ତା ମନକୁ ଏକ ଉପାୟ ଜୁଟିଲା । ଦିନେ ଦେଖିଲା ସିଂହୀ ଚିତ୍ ହୋଇ ଶୋଇ ଯାଇଛି । ସେ ସିଂହୀର ନାକ ଭିତରକୁ ପଶି ଖୁମ୍ପିଲା ତୁହାକୁ ତୁହା । ସିଂହୀକୁ ଦେଖେ କିଏ କାନ୍ଦି କାନ୍ଦି ଛଟପଟ ହେଉଥିଲା । ହେଲେ ଭଅଁର ବାହାରୁଥିଲା । ଏହା ଦେଖି ସବୁ ଜୀବଜନ୍ତୁ ଖୁବ୍ ଖୁସି ହେଉଥିଲେ । ସିଂହୀକୁ ଲାଗୁଥିଲା ବହୁତ ବଡ଼ ଜୀବଟିଏ ତା' ନାକ ଭିତରକୁ ପଶି କାମୁଡ଼ି ପକଉଛି । ତା' ଭ୍ରମ ଧାରଣାର ଅନ୍ତ କରିବାକୁ କିଛି ସମୟ ପରେ ଭଅଁର ପଦାକୁ ଆସିଲା । ସେତେବେଳକୁ ସିଂହୀର ଅବସ୍ଥା ବେହାଲ୍ । ସେ ଭଅଁରକୁ ଦେଖି ଅବାକ୍ । ମନେ ମନେ ସବୁ ବୁଝି ସାରିଥିଲା ଯେ କେବେ କାହାକୁ ହୀନ ମଣିବା ଉଚିତ୍ ନୁହେଁ । ଭଅଁର ସାଙ୍ଗକୁ ଜଙ୍ଗଲର ସମସ୍ତଙ୍କୁ କ୍ଷମା ମାଗିଲା । ସଭିଏଁ ଟିକି ଭଅଁରକୁ ପ୍ରଶଂସା କଲେ । ସିଂହୀ ସୁଧୁରିଗଲା ।

କୁଶମେଲ, ଝାରସୁଗୁଡ଼ା

 Magazine Downloaded from www.aahwaan.com

# ଝଗଡ଼ା

ସେଦିନ ସନ୍ଧ୍ୟାରେ ମୋ ନ' ମାସର ଝିଅକୁ କାଖେଇ କରିଡ଼ର ବାହାରିଲା ବେଳକୁ ସାମନା ଘରର ସୌମ୍ୟା ଭାଉଜ ଦେଖାହେଲେ । ସେ ବି ଓଡ଼ିଶାରୁ, ଭୁବନେଶ୍ୱରରେ ଉଭୟ ବାପଘର ଓ ଶାଶୁଘର । ବାଙ୍ଗାଲୋର ହ୍ୱାଇଟ୍‌ଫିଲ୍‌ଡ୍ ସ୍ଥିତ ଏ ଆପାର୍ଟମେଣ୍ଟର ଘର ଗୁଡ଼ିକ ସାମନା ସାମନି ହୋଇ ତିଆରି ହୋଇଥିବାରୁ ଖୁବ୍ ଲମ୍ବା କରିଡ଼ର ବାହାରି ଯାଇଛି । ଛୋଟ ଛୋଟ ପିଲାମାନେ ଅପରାହ୍ନରେ ଏଠି ସାଇକେଲ ଚଳାନ୍ତି, ଦଉଡ଼ା ଦଉଡ଼ି ଖେଳନ୍ତି, ବ୍ୟାଟବଲ୍ କି ଫୁଟବଲ୍ ଖେଳନ୍ତି, ହୋହଲ୍ଲା କରନ୍ତି । ମୁଁ ଘର ଭିତରେ ଥାଇ ସେ ସବୁର ଆନନ୍ଦ ନିଏ । ଏଇ ମାସେ ହେବ ଆମେ ଏଇ ଆପାର୍ଟମେଣ୍ଟକୁ ଆସିଛୁ । ତେଣୁ ବାହାରକୁ ବେଶୀ ବାହାରିନି ।



ଅନସୂୟା ପଣ୍ଡା

କିଛି ଔପଚାରିକ କଥାବାର୍ତ୍ତାପରେ ପଚାରିଲି, "ଭାଉଜ ଆଜି ପିଲାମାନେ କାହିଁ କାହାରେ ଖେଳୁନାହାନ୍ତି ତ ?"

"ତମେ ଜାଣିନ କି ତନୁ ? ଗତକାଲି ଏଇ ଡୋର୍ ନମ୍ବର ଶହେ ଦୁଇରେ ରହୁଥିବା ବଙ୍ଗାଳୀ ସ୍ତ୍ରୀ ଲୋକଜଣକ ପିଲାମାନେ ଖେଳୁଥିବା ବେଳେ ଭିଡ଼ିଓ ରେକର୍ଡ଼ିଂ କରି ଆପାର୍ଟମେଣ୍ଟର ହ୍ୱାଟ୍‌ସଆପ୍ ଗ୍ରୁପ୍ ଚାଟରେ ଛାଡ଼ିଛି । ପିଲାମାନେ ଖେଳିଲେ କାଳେ ତା' ଶାନ୍ତି ଭଗ୍ନ ହେଉଛି । ଘରେ

 Magazine Downloaded from www.aahwaan.com

କେହି ପିଲାପିଲି ନାହାନ୍ତି । ସବୁଦିନ ସ୍ୱାମୀସ୍ତ୍ରୀଙ୍କ ଝଗଡ଼ା । ଗତକାଲି ରାତି ଗୋଟାଏ ବେଳକୁ ମୋତେ ବାଥରୁମ୍ ଲାଗିଲା, ଶୁଣିଲା ବେଳକୁ ଦୁହିଁଙ୍କର ଝଗଡ଼ା ଖୁବ୍ ଯୋରରେ ଚାଲିଛି । ସ୍ତ୍ରୀଲୋକଟା ସବୁବେଳେ ଝଗଡ଼ା କରି କରି ଏକ ମାନସିକ ରୋଗୀ ପାଲଟି ଗଲାଣି ବୋଧହୁଏ । ବାହାରେ କାହାସହ ମିଳାମିଶା କରେନି, ଘରେ ନିତି ନିତି ସ୍ୱାମୀ ସହ ଝଗଡ଼ା ।" ଭାଉଜ କହୁଥିଲେ, ଆପାର୍ଟମେଣ୍ଟରେ ଘଟୁଥିବା ନିତିଦିନିଆ ଘଟଣା କଥା । "ଜାଣିଲ ତନୁ, ତା ସ୍ୱାମୀ ଜଣକ ଭଲଲୋକ ମ । ଗୋଟିଏ ବଡ଼ କମ୍ପାନୀରେ ମ୍ୟାନେଜର ଅଛନ୍ତି । ଆମ ଆପର୍ଟମେଣ୍ଟର ସେକ୍ରେଟାରୀ କାମ ବି ସେ ହିଁ କରନ୍ତି ।"

ଚୁପ୍ ରହି ଭାଉଜଙ୍କ କଥା ଶୁଣୁଥିଲି ଆଉ ଭାବୁଥିଲି, "ସ୍ୱାମୀ ଜଣକ ବହୁତ ଭଲ ଲୋକ, ବାହାରେ ଏତେ ସବୁ ଦାୟିତ୍ୱ ତୁଲାଉଛନ୍ତି, ଏତେ ଜଣଙ୍କର ଏତେ କଥା ବୁଝି ପାରୁଛନ୍ତି, କେବେ ନିଜ ସ୍ତ୍ରୀକୁ ବୁଝିଛନ୍ତି କି ? କେତେ ଏକୁଟିଆ, କେତେ ଅଶାନ୍ତ ସେ ଅଭାଗିନୀ ସ୍ତ୍ରୀ ଲୋକଟିର ମନ, କେବେ ଜାଣିବାକୁ ଚେଷ୍ଟା କରିଛନ୍ତି ? ଜଣେ ଯଦି ଅନ୍ୟ ଜଣକୁ ବୁଝୁଥାନ୍ତା, ଏତେ ଝଗଡ଼ା ହୁଅନ୍ତା କାହିଁକି ? ଝଗଡ଼ା କଣ ଏକୁଟିଆ କରିହୁଏ ?

ବାଙ୍ଗାଲୋର

 Magazine Downloaded from www.aahwaan.com

# ସବୁଜ ପୃଥିବୀର ସ୍ୱପ୍ନ

ବୈଶାଖ ମାସର ସମୟ । ଆକାଶଟା ମେଘାଚ୍ଛନ୍ନ । ସକାଳୁ ସକାଳୁ ଶିରି ଶିରି ପବନ ବହୁଥାଏ । ସେ ପବନଟା ଦେହରେ ବାଜିଲେ ଟିକିଏ ଆରାମ ଲାଗୁଥାଏ । କୋଳଥବାଡ଼ି ନାମକ ଗାଁ ଟିଏ । ସେହି ଗାଁରେ କୁନା ଓ ମୁନା ନାମରେ ଥିଲେ ଦୁଇଭାଇ । ତାଙ୍କ ଘରେ ରୋଷେଇ କରିବାପାଇଁ ଜାଳେଣୀ ନଥିଲା । ତେଣୁ ସେଦିନ ଦୁହେଁ ଜଙ୍ଗଲରୁ କାଠ ଆଣିବା ପାଇଁ ବାହାରିଲେ । ତାଙ୍କ ହାତରେ ଦୁଇଟା ଟାଙ୍ଗିଆ । ଆଉ ପୋଷା କୁକୁର ତାଙ୍କ ପଛେ ପଛେ ଯାଉଥିଲା । ଜଙ୍ଗଲଟି ତାଙ୍କ ଘରଠାରୁ ଟିକିଏ ଦୂର ହେବ । ସେହି କୁକୁରଟି କୁନା ଓ ମୁନାର ପଛେ ପଛେ ଯାଉଥାଏ ତ ବେଳେ ବେଳେ ସେମାନଙ୍କ ଆଗରେ ଯାଇ ତାଙ୍କୁ ଅପେକ୍ଷା କରି ରହୁଥାଏ ।



ଭାଗିରଥୀ ଯାନୀ

ଜଙ୍ଗଲରେ ଦୁହେଁ ପହଞ୍ଚିଲେ । ଶାଳ, ପିଆଶାଳ, ସାହାଜ, ଆମ୍ବ ଆଦି ବିଭିନ୍ନ ଜାତିର ଗଛଲତାରେ ଜଙ୍ଗଲଟି ପରିପୂର୍ଣ୍ଣ ଥିଲା । କିନ୍ତୁ କଣ ହେବ, ସବୁ ଗଛରୁ ପତ୍ରଗୁଡ଼ିକ ଝଡ଼ି ଯାଉଥିବାରୁ ଗଛଗୁଡ଼ିକ ଦେଖିବାକୁ ଥୁଣ୍ଟା ଥୁଣ୍ଟା । ଗଛରୁ ଝଡ଼ି ପଡ଼ିଥିବା ପତ୍ର ଗୁଡ଼ିକରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବାରୁ ଜଙ୍ଗଲଟି ଚାରିଆଡ଼େ ପୋଡ଼ି ଯାଇଥିଲା । ଗଛ ଗୁଡ଼ିକ ନିଆଁରେ ପୋଡ଼ି କଳା କଳା ଓ ଶୁଖିଲା ଦେଖାଯାଉଥିଲା ।

 Magazine Downloaded from www.aahwaan.com

ଅଣ୍ଟାରେ ଗାମୁଛା ଭିଡ଼ି, ହାତରେ ଟାଙ୍ଗିଆ ଧରି କାଠ ସଂଗ୍ରହ କରିବାପାଇଁ ପ୍ରସ୍ତୁତ ହେଲେ । ଦୁହେଁ ଦୁହିଁଙ୍କଠାରୁ କିଛି ଦୂରତାରେ ରହି କାଠ ସଂଗ୍ରହ କରୁଥାନ୍ତି । ସେତିକି ବେଳକୁ କୁକୁରଟି ତାଙ୍କଠାରୁ କିଛି ଦୂରକୁ ଯାଇ ବୁଲାବୁଲି କରି ଫେରି ଆସିଲାଣି । ଆଉ କୁକୁରଟି କୁନା ଓ ମୁନା ପାଖକୁ ଦୁଇଚାରିଥର ଯିବା ଆସିବା ହେଲାଣି । ଯେମିତିକି ସେ ଜଙ୍ଗଲରେ କିଛି ଦେଖିଛି ବୋଧେ । ତେଣୁ ସେ ତା ମାଲିକମାନଙ୍କୁ କହି ତା ପାଖକୁ ନେଇ ଯିବାକୁ ଚାହୁଁଛି । ମୁନା କୁକୁରର ସଙ୍କେତଟି ବୁଝିପାରି ତା ପଛେ ପଛେ ଚାଲିଲା । କୁକୁରଟି ମୁନାକୁ ନେଇ ଚାଲିଲା, ଠେକୁଆ ଥିବା ସ୍ଥାନକୁ । ମୁନା ଠେକୁଆକୁ ଦେଖି ଭାରି ଖୁସି । ସେ ତା ବଡ଼ ଭାଇ କୁନାକୁ ପାଖକୁ ଡାକିଲା । ଠେକୁଆ ଛୁଆ ଏମାନଙ୍କୁ ଦେଖି ଭୟକଲା ଏବଂ ଡେଇଁ ଡେଇଁ ଆଗକୁ ଆଗକୁ ଚାଲିଲା । ଠେକୁଆ ଛୁଆଟିକୁ ଧରିବାକୁ ଭାରି ଇଚ୍ଛା । ତେଣୁ ସେମାନେ ତା ପଛେ ଦୌଡ଼ି ଦୌଡ଼ି ଧରିବା ପାଇଁ ଚେଷ୍ଟା କଲେ । ନିରୀହ ନିଷ୍ପାପ ଠେକୁଆ । ସେମାନଙ୍କୁ ଧରା ଦେଲାନାହିଁ । ଠେକୁଆଟି କିଛି କହିବାପାଇଁ ମନରେ ଭାବୁଥିଲା । କିନ୍ତୁ ତା ମନରେ ଭାରି ଭୟ ଥିବାରୁ ଲୁଚିଯାଏ ଏବଂ କିଛି କହି ପାରୁନଥାଏ । କାଳେ ସେମାନେ ତାକୁ ଧରିଦେବେ ଅବା ମାରିଦେବେ । ତଥାପି ସେ ସାହାସର ସହିତ କହିଲା - ସେଇଠି ରୁହ, କାହିଁକି ମୋତେ ଧରିବାପାଇଁ ଆସୁଛ । ଠେକୁଆଠାରୁ କିଛି ଶବ୍ଦ ଶୁଣି ମୁନା ବୁଝିଯାଇଥିଲା । ଆମେ ଘରକୁ ନେଇ ଗାଈକ୍ଷୀର ଏବଂ ଭାତ ଦେଇ ପୋଷି ରଖିବୁ ।

ଠେକୁଆଟି ମନରେ ଭାରି ରାଗ । ସେ କହିଲା - ଏହି ସାରା ଜଙ୍ଗଲକୁ ପୋଡ଼ି ଧ୍ୱଂସ କରି, ଏଠାରେ ଯେତେ ପଶୁପକ୍ଷୀ ଥିଲା, ସବୁ ଶୀକାର କରି ଶେଷ କରିଦେଲଣି । ଆଜି ମୋର ବଂଶ ମଧ୍ୟ ଲୋପ ପାଇବାକୁ ଯାଉଛି । ମୁନା କାକୁତି ମିନତି ଭରା କଣ୍ଠରେ କହିଲା

 Magazine Downloaded from www.aahwaan.com

- ନା ନା ! ସେ ସବୁ କାମ ଆମେ କରିନୁ । ଠେକୁଆ ଟିକିଏ ନରମ ଗଳାରେ କହିଲା, ତା ହେଲେ ଆଜି ଆମର ଏ ଅବସ୍ଥା କିଏ କରିଛି । ମୁନାର ମନଟା ଟିକେ ଦୁଃଖ ହେଲା । ମୁନା ଭଲ ଭାବରେ ଜାଣିଥିଲା । ଏ ସବୁ କାର୍ଯ୍ୟ କେହି ଖଳପ୍ରକୃତିର ବ୍ୟକ୍ତି ହିଁ ନିଶ୍ଚୟ କରିଥିବ । ଜଙ୍ଗଲର ଛୋଟ ଛୋଟ ବଣବୁଦାରେ ରହି ତା' ଜୀବନ ବିତାଇବା ଭାରି କଷ୍ଟ ଅନୁଭବ କରୁଥିଲା ସେ । ଠେକୁଆଟି ସେମାନଙ୍କ କଥାବାର୍ତ୍ତାରୁ ବୁଝିଯାଇଥିଲା ଯେ ସେମାନେ ଏମିତି କାମ କେବେ ବି କରିନଥିବେ । ଆଉ କରିବାକୁ ସାହାସ ବି କରିବେନି ଏବଂ ତାଙ୍କୁ ଭାରି ବିଶ୍ୱାସ କରୁଥିଲା ।

କିଛି ସମୟ ଭାବିଲା ପରେ ସେ କହିଲା, ମୁଁ ତମ ଘରକୁ ଯିବାକୁ ଚାହୁଁଛି । କିନ୍ତୁ ଗୋଟିଏ ସର୍ତ୍ତରେ । ମୁନା ଜାଣିବାକୁ ଚାହିଁଲା ସେ ସର୍ତ୍ତଟି କଣ । ଏବଂ ତାର ସମସ୍ତ ସର୍ତ୍ତ ନିଶ୍ଚୟ ପୂରଣ କରିବ ।

ସେହି ଠେକୁଆଟିଏ ସର୍ତ୍ତ ଥିଲା - "ଯେତେବେଳେ ବର୍ଷାରାଣୀ ପୃଥିବୀ ପୃଷ୍ଠକୁ ଆଗମନ ହେବେ ଏବଂ ଏ ପୃଥିବୀ ସବୁଆଡ଼େ ଗଛଲତା, ଘାସପତ୍ର କଅଁଳି ଉଠିବ । ଆଉ ଏ ଧରଣୀ ଜଙ୍ଗଲ ସବୁଜ ବନାନୀରେ ପରିଣତ ହେବ । ସେତେବେଳକୁ ମୋତେ ନେଇ ପୁଣି ଜଙ୍ଗଲରେ ଛାଡ଼ି ଆସିବ ।"

ଶେଷରେ କୁନା ଓ ମୁନା ତାଙ୍କ କୁକୁର ସହିତ ସେହି ଠେକୁଆ ଛୁଆଟିକୁ ନେଇ ଘରକୁ ଆସିଲେ । ଘରେ ତାଙ୍କ ପିତାମାତା ସମସ୍ତ ବିଷୟ କୁନା ଓ ମୁନାଠାରୁ ଶୁଣି ଖୁସି ହେଲେ ଓ ତାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ଆକାଶରେ କଳାବାଦଲର ଛାୟା ଆଷାଢ଼ ଆସିବାର ସଙ୍କେତ ଦେଲା । ପ୍ରବଳ ବର୍ଷା ମଧ୍ୟ ଧିରେ ଧିରେ ହେବାକୁ ଲାଗିଲା । ଚାରିଆଡ଼େ ସବୁଜ ଘାସପତ୍ର ଲତାବୁଦାରେ ଭରପୁର ହେଲା । ଧରଣୀରାଣୀ ହସି ଉଠିଲା । କଅଁଳ ଘାସରେ

 Magazine Downloaded from www.aahwaan.com

ମୁନା ସେହି ଠେକୁଆଟିକୁ ଛାଡ଼ି ଦେଖୁଥିଲା । ଠେକୁଆଟି ଡିଆଁମାରେ, କେତେବେଳେ ମୁନା ପାଖକୁ ଡେଇଁ ଚାଲିଆସେ ତ କେତେବେଳେ ଡେଇଁ ଡେଇଁ ଦୂରକୁ ଚାଲିଯାଏ । ଆଉ ମୁନା ତା ପଛେ ପଛେ ଯାଉଥାଏ । ଗାଁର ଛୋଟ ଛୋଟ ପିଲାମାନେ ଏ ଠେକୁଆଟିକୁ ଦେଖିବା ପାଇଁ ଧାଇଁ ଆସିଲେ । ସେହି ଠେକୁଆଟିକୁ ଦେଖି ସମସ୍ତେ ଖୁସି ହୋଇଯାଉଥିଲେ ।

ମୁନା ଠେକୁଆଟିର ସମସ୍ତ ଦାୟିତ୍ୱ ନେଉଥିଲେ । ଠେକୁଆ ଛୁଆଟିକିଏ ବଡ଼ ହୋଇ ହୃଷ୍ଟପୁଷ୍ଟ ଲାଗୁଥିଲା ଆଗ ତୁଳନାରେ । ସେ ଠେକୁଆର ସମସ୍ତ ସର୍ତ୍ତ ମନେ ପକାଇଲା । ବାପାମା'ଙ୍କ ଠାରୁ ଅନୁମତି ନେଇ କୁନା, ମୁନା ଓ କୁକୁର ଠେକୁଆଟିକୁ ସାଙ୍ଗରେ ନେଇ ଜଙ୍ଗଲ ଅଭିମୁଖେ ବାହାରିଲେ । ଜଙ୍ଗଲର ପାଦଦେଶରେ ପହଞ୍ଚିବା ବେଳେ ଠେକୁଆ କହିଲା - ମୁନା ଭାଇ, ତମ ପାଇଁ ଆଜି ମୋ ଜୀବନ ଧନ୍ୟ ହୋଇଗଲା । ପରିଶେଷରେ ଆନନ୍ଦ ଉଲ୍ଲାସରେ ସେମାନେ ଠେକୁଆଟିକୁ ବିଦାୟ ଦେଲେ । ଠେକୁଆ ଛୁଆଟି ସବୁଦିନ ପାଇଁ ସେମାନଙ୍କଠାରୁ ବିଦାୟ ନେବା ସହ ଧନ୍ୟବାଦ ଦେଇ ତାଙ୍କ ଗହଣରୁ ଡେଇଁ ଡେଇଁ ଜଙ୍ଗଲକୁ ପଳାଇଗଲା ।

ଠେକୁଆଟିକୁ ବିଦାୟ ଦେଇ ସଭିଏଁ ଘରକୁ ମୁହାଁଇଲେ । ମୁନା ଫେରିବା ବେଳେ ମନରେ ଅନେକ ଭାବନା ଜାତ ହେଲା । ସେ ମର୍ମେ ମର୍ମେ ଅନୁଭବ କଲା । ପ୍ରକୃତରେ ଗଛଲତା, ଜଙ୍ଗଲ ହିଁ ଆମର ଜୀବନ ବଞ୍ଚିବାରେ ସହାୟକ ହୋଇଥାନ୍ତି । ତେଣୁ ସେ ଜଙ୍ଗଲ ସୁରକ୍ଷା କରିବାର ଉପାୟ ପାଞ୍ଚିଲା । ତା'ର ଗୋଟିଏ ସ୍ୱପ୍ନ । କେମିତି ଏ ପୃଥିବୀକୁ ଚିର ସବୁଜ କରିପାରିବ । ତା ଭାଇ ଓ ସେ ନିଜେ ତାଙ୍କର କିଛି ସାଙ୍ଗଙ୍କୁ ଡାକି ଏକତ୍ରିତ କଲେ । ତା'ପରେ କିପରି ଜଙ୍ଗଲ ସୁରକ୍ଷା ହୋଇପାରିବ ଏବଂ ତା ଦ୍ୱାରା କେମିତି ଆମ ଜୀବନ ରକ୍ଷା କରିପାରିବା ସେ ସଂପର୍କରେ ବୁଝାଇ କହିବା ପରେ ସମସ୍ତେ ରାଜି ହୋଇଗଲେ । ଆଗ୍ରହର

 Magazine Downloaded from www.aahwaan.com

ସହିତ ସମସ୍ତେ ମୁନାର ତତ୍ତ୍ୱାବଧାନରେ ଗାଁ ଗାଁ ବୁଲି ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ଆମର ରକ୍ଷା ବିଷୟରେ ଲୋକମାନଙ୍କୁ ବୁଝାଇବାକୁ ଲାଗିଲେ । ଲୋକମାନେ ମଧ୍ୟ ଏହି ବିଷୟଟିକୁ ହୃଦୟଙ୍ଗମ କଲେ । ସରକାରଙ୍କ ଜଙ୍ଗଲ ବିଭାଗ ଲୋକମାନଙ୍କୁ ବିଭିନ୍ନ ବୃକ୍ଷର ଚାରା ଯୋଗାଇ ଦେଉଛନ୍ତି । କିନ୍ତୁ ଅଧିକାଂଶ ଲୋକ ବୁଝନ୍ତି ନାହିଁ । ତେଣୁ ମୁନା ଜଙ୍ଗଲ ବିଭାଗକୁ ଯୋଗାଯୋଗ କରି ତାଙ୍କ ତରଫରୁ ଦିଆଯାଉଥିବା ଚାରା ଗୁଡ଼ିକ କିପରି ଲଗାଇବେ ସେଥିପାଇଁ ସେ ସେମାନଙ୍କୁ ସାହାଯ୍ୟ କରୁଥିଲା । ଫଳରେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଦେଖି ବୃକ୍ଷରୋପଣ କରିବା ପାଇଁ ଆଗେଇ ଆସିଲେ । ଧିରେ ଧିରେ ବନପ୍ରାନ୍ତର ଆଦି ସ୍ଥାନ ମାନଙ୍କରେ ବୃକ୍ଷରୋପଣ କଲେ । ଏମିତି ପ୍ରତ୍ୟେକ ବର୍ଷ ଲୋକମାନେ ଗଛ ଲଗାଇବେ ଓ ଜଙ୍ଗଲର କୌଣସି ନଷ୍ଟ କରିବେ ନାହିଁ ବୋଲି ଶପଥ ନେଲେ । ଆଉ ଏ ପୃଥିବୀକୁ ଚିର ସବୁଜ ବନାନୀରେ ପରିଣତ କରିବାପାଇଁ ସମସ୍ତେ ସଚେତନ ହେବାକୁ ଲାଗିଲେ ।

ଦଳପଡ଼ା, ଖଜୁରୀପଡ଼ା, କନ୍ଧମାଳ

ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

 Magazine Downloaded from www.aahwaan.com

# ଅପରାହ୍ନର ଛାଇ

ସ୍ୱପ୍ନା, ମୋ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ, ମୋ ହୃଦୟର ନିଭୃତ କୋଣରେ ତୁମ ପାଇଁ ସାଇତି ରଖିଥିବା ଭଲପାଇବା, ସ୍ନେହ, ମମତାର ସନ୍ତକ ସ୍ୱରୂପ ଚିଠିଟିକୁ ଆଦରରେ ଗ୍ରହଣ କରିବ ବୋଲି ଆଶା ଓ ବିଶ୍ୱାସ । ନା-ନା ଚମକି ପଡନି; ମୋବାଇଲ୍, ଇଣ୍ଟରନେଟର ଫେସବୁକ ଆଉ ହ୍ୱାଟ୍ସଆପ୍ ଥାଉ ଥାଉ ମୁଁ କାହିଁକି ଚିଠିଟିଏ ଲେଖିଲି ? ଲଜ୍ଜା ଓ ଆତ୍ମଗ୍ଲାନିଭରା ହୃଦୟକୁ ହାଲୁକା କରିବା ବ୍ୟତୀତ ଅନ୍ୟ କିଛି ଉପାୟ ମୋ ପାଖରେ ନ ଥିଲା । ମୁଁ ଜାଣେ, ଚିଠିଟି ପଢିସାରିବା ପରେ ତୁମେ ବିଶ୍ୱାସ ଓ ଅବିଶ୍ୱାସର ଅଛିଣ୍ଡା ଭଗ୍ନାଂଶକୁ ନେଇ ଅଙ୍କ କଷିବ, ଜୀବନ ଚଲାପଥର ଦୈର୍ଘ୍ୟ ପ୍ରସ୍ଥକୁ ମାପିବାକୁ ଚେଷ୍ଟା କରିବ, ଦୁଃଖର ବ୍ୟାସାର୍ଦ୍ଧକୁ ନେଇ ବୃତ୍ତର ପରିଧି ଅଙ୍କନ କରିବାକୁ ଯାଇ ଜୀବନର କେନ୍ଦ୍ରବିନ୍ଦୁ ଖୋଜୁଥିବା ବେଳେ ଦେଖିବ ମୃଗତୃଷ୍ଣା ପରି ଲିଭି ଆସୁଥିବା ମୋ ଭଳି କାପୁରୁଷର ପ୍ରତିଛବି ।



ଜ୍ୟୋତିରଂଜନ ମହାରଣା

ଏଇ ମନେ ପଡୁଚି ସେଇ ପ୍ରଥମ ଦିନର କଥା, ମୋତେ ଗତକାଲି ପରି ଲାଗୁଛି । କଲେଜରୁ କ୍ଲାସ୍ ସାରି ଘରକୁ ଫେରୁଥିବା ରାସ୍ତାରେ ପାଇଲି ସ୍ୱପ୍ନାରାଣୀ ଦାଶ୍ ନାମରେ ମାଟ୍ରିକ୍ ପରୀକ୍ଷାର ଏକ ଆଡମିଟ୍ କାର୍ଡ । ମାଟ୍ରିକ୍ ପରୀକ୍ଷା ଆଉ ୩ ଦିନ ବାକିଥାଏ । ମନେ ମନେ ଭାବିଲି ଆଡମିଟ୍ କାର୍ଡଟା ନ ପାଇଲେ ଝିଅଟା ପରୀକ୍ଷା ଦେବାରେ ଅସୁବିଧା

 Magazine Downloaded from www.aahwaan.com

ହେବ ।

ଗ୍ରୀଷ୍ମର ସେହି ଖରାବେଳେ ଠିକଣା ଖୋଜି ଖୋଜି ପହଂଚିଲି ତୁମ ଘରେ । ସୌଜନ୍ୟତା ଦୃଷ୍ଟିରୁ ତୁମ ମା ମୋତେ ଥଣ୍ଡା ସରବତ ପିଆଇଲେ । ସେତେବେଳକୁ ତୁମେ ତୁମ ଘରେ ଆଲମାରି ଥାକ, ବହି, ଖାତାରେ ଆଡମିଟ୍ କାର୍ଡ ଖୋଜି ଖୋଜି ପାଗଳି ପରି ଦିଶୁଥିଲ । ମୋ ଠାରୁ ଆଡ୍‌ମିଟ୍ କାର୍ଡ ପାଇ ସାରି ଆଶ୍ୱସ୍ତିର ନିଃଶ୍ୱାସଟିଏ ଛାଡି ଧନ୍ୟବାଦ ବୋଲି କହିଲ । ଏହି ଆଡ୍‌ମିଟ୍ କାର୍ଡ ଥିଲା ଆମ ପ୍ରେମର ପ୍ରଥମ ଇନ୍ଧନ । ଦୁହେଁ ଦୁହିଁଙ୍କ କ୍ୟାରିୟର ଓ ଭବିଷ୍ୟତକୁ ନେଇ ସଂପର୍କର ବାଲିଘର ଗଢିଥିଲୁ, ସୁନେଲି ସ୍ୱପ୍ନର ନୀଡ ରଚନା କଲୁ । ଏମିତି ପ୍ରେମ ପ୍ରଣୟର ଲୁଚକାଳି ଭିତରେ ହଜିଗଲା ୧୨ଟି ଫଗୁଣ । ଶିବ ମନ୍ଦିରରେ ଦୁହେଁ ଶପଥ କରିଥିଲୁ ନିଜ ଗୋଡରେ ଛିଡା ହୋଇ ସାରିବା ପରେ ପରସ୍ପରକୁ ବିବାହ କରିବୁ । କାରଣ ଆମ ପାଇଁ ପ୍ରେମ ଥିଲା ପ୍ରତୀକ୍ଷା । ମୋତେ ପାଇବା ପାଇଁ ତୁମେ କେତେ ସୋମବାର ଉପାସ ରହିଛ, କେତେ ଶିବ ରାତ୍ରିରେ ଜାଗର ଜାଳିଛ ତା'ର ହିସାବ ମୁଁ ରଖିନି ।

କିନ୍ତୁ ମୁଁ ଏତିକି ଜାଣିଛି ତୁମେ କେବେ ମୋତେ ଧରା ଦେଇନ, ତୁମକୁ ପାଖରେ ପାଇବି ପାଇନାହିଁ, ତୁମକୁ ଛୁଇଁ ବି ଛୁଇଁ ନାହିଁ । ହେଲେ ସବୁବେଳେ ପ୍ରେରଣାର ଇନ୍ଧନ ଯୋଗାଇଛ ଜଣେ ସୁନାଗରିକ ହେବା ପାଇଁ ଓ ନିଜ ଗୋଡରେ ନିଜେ ଛିଡାହେବା ପାଇଁ, ଆଉ ମୁଁ ତୁମ ପ୍ରେରଣାକୁ ପାଥେୟ କରି କଲେଜରୁ ଇଞ୍ଜିନିୟରିଂ ସାରି ଚାକିରି କରିବା ପାଇଁ ବାଙ୍ଗାଲୋର୍ ଚାଲି ଆସିଲି । ତୁମକୁ କଟକ ମାଟିର ବାସ୍ନା, ପାଣି, ପବନ, ମାତୃଭାଷା, ସଭ୍ୟତା ଓ ସଂସ୍କୃତି ଏତେ ଭଲ ଲାଗେ ଯେ, ତୁମେ ପ୍ରଥମରୁ ହିଁ ସିଦ୍ଧାନ୍ତ ନେଇଥିଲ ଯେ ଜଣେ ଓଡିଆ ଅଧ୍ୟାପିକା ହେବା ପାଇଁ । ମୋର ଠିକ୍ ମନେ ଅଛି ଆଜକୁ ୪ବର୍ଷ ତଳେ କଟକରେ ତୁମର ପି.ଜି. ଶେଷ ବର୍ଷ ଥିଲା । ମୁଁ ବାଙ୍ଗାଲୋର୍ ଆସିବାର ଆଗଦିନ ସନ୍ଧ୍ୟା କଟକର ଡିଅର ପାର୍କରେ ତୁମ

 Magazine Downloaded from www.aahwaan.com

ସହ ମୋର ଶେଷ ସାକ୍ଷାତ । ତୁମେ ଆଖିରେ ଆଖିଏ ଲୁହ, ଛାତିରେ ଛାତିଏ କୋହକୁ ଚାପି ରଖି ଅନୁରୋଧ କରିଥିଲ ଏଇଟା କରିବନି, ସେଇଟା ଖାଇବନି । ଏମିତି ଅନେକ କଥା । ମୋ ଉପରେ ଶତ ପ୍ରତିଶତ ବିଶ୍ୱାସ ଥାଇ ବି ବୁଝାଇ ଥିଲ ସଂଯମ ହିଁ ଶକ୍ତି, ଅସଂଯମତା ହିଁ ମହାପାପ । କାରଣ ଆଜିର ଯୁଗର ରାସ୍ତାଗୁଡିକ ଏତେ ମସୃଣ ଯେ ପାଦ ଖସିବାର ସମ୍ଭାବନା ପ୍ରତି ସେକେଣ୍ଡରେ ଥାଏ । ତୁମକୁ ମୋ ହୃଦୟଠୁଁ ଅଧିକ ଭଲ ପାଉଥିଲେ ବି ଉଗ୍ର ଆଧୁନିକତାର ଚାକଚକ୍ୟ ନିଶାଟା ମୋତେ ଏମିତି ଘାରିଥିଲା ଯେ, ପତଙ୍ଗପରି ସାରା ଆକାଶ ଉଡିପାରିବି ଭାବୁ ଭାବୁ ଅଗ୍ନିରେ ଝାସ ଦେଇଦେବି, ମୁଁ କ'ଣ ଜାଣିଥିଲି ।

ଗତବର୍ଷ ଜୁନ୍ ୫ ତାରିଖ ଦିନ ମୁଁ ଏକ ସାଙ୍ଗ ଘରକୁ ଯାଇଥାଏ । ତା'ର ସାନ ଭଉଣୀ ବର୍ଷାର ୬ ତାରିଖରେ +୩ ସେମିଷ୍ଟାର୍ ପରୀକ୍ଷା ଥାଏ । ସେ ହଷ୍ଟେଲ୍ ଯିବ ବୋଲି ବାହାରିଥାଏ । କିନ୍ତୁ ସେଦିନ ବସ୍ ବନ୍ଦ ଥିଲା । ମୁଁ ଯେତେବେଳେ ମୋର କ୍ୱାର୍ଟରକୁ ଫେରିବା ପାଇଁ ବାହାରିଲି, ମୋର ସାଙ୍ଗ ମୋତେ କହିଲା ବର୍ଷାକୁ ଟିକେ ହଷ୍ଟେଲରେ ଛାଡିଦେଇଯିବୁ । ତାଙ୍କ ଘରଠାରୁ ହଷ୍ଟେଲ୍ ପ୍ରାୟ ୫୦ କି.ମି. । ମୁଁ ଏବଂ ବର୍ଷା ଠିକ୍ ସନ୍ଧ୍ୟା ୫ଟାରେ ବାହାରିଲୁ । ବର୍ଷାର ହଷ୍ଟେଲ୍ ମାତ୍ର ୧୦ କି.ମି. ବାକିଥାଏ । ହଠାତ୍ ପାଗ ପରିବର୍ତ୍ତନ ହେଲା, ତୁଷାରପାତ ଆରମ୍ଭ ହେଲା । ନିଛାଟିଆ ରାସ୍ତା, ପାଖରେ ରହିବାର କୌଣସି ବ୍ୟବସ୍ଥା ନ ପାଇ ଆମେ ଯାଉଥିବା କାର୍ ଭିତରେ ଅଟକି ରହିଲୁ । ଚାରିଆଡେ ବରଫରେ ଭରିଗଲା ।

ଥଣ୍ଡାରେ ଦେହ ହାତ କମ୍ପୁଥାଏ । କାର୍ ଆଉ ଆଗକୁ ଗଡିଲା ନାହିଁ । ଆମେ ଅଟକି ରହିଲୁ କାର୍ ଭିତରେ ସାରାରାତି ନୀଳନୟନା ବର୍ଷା ଓ ମୁଁ । ଶୀତଳତା ଉଷ୍ମତାକୁ ଖୋଜେ । ଘୃତ ଅଗ୍ନିରେ ତରଳି ଯାଏ । ଏହା ପ୍ରକୃତିର ନିୟମ ।

ଏଇ ମାସେ ତଳେ ମୋତେ ଥଣ୍ଡା ଜ୍ୱର ହେଲା, ପରେ ଝାଡା ହେଲା, କେତେ ଔଷଧ ଖାଇଲେ ବି ଭଲ ହେଲାନି । ରକ୍ତ ପରୀକ୍ଷା ପରେ ଜଣା ପଡିଲା ମୁଁ ଏକ ଚିକିତ୍ସା ନ ଥିବା

 Magazine Downloaded from www.aahwaan.com

ଭୟଙ୍କର ରୋଗରେ ପୀଡିତ, ଯାହାର ନାମ ଏଡ୍‌ସ । ସେଦିନର ସେହି ଦୁର୍ବଳ ମୂହୁର୍ତ୍ତର କ୍ଷଣିକର ଉଦ୍ଧୀପନାର ବଶବର୍ତ୍ତୀ ହୋଇ କରିଥିବା ଭୁଲଟା ମୋ ପରି ଭସ୍ମାସୁର ପ୍ରତି ଅଭିଶାପ ପାଲଟିଯିବ ମୁଁ କ'ଣ ଜାଣିଥଲି ? ବର୍ଷା ଭଳି ଜଣେ ଉଚ୍ଚ ଶିକ୍ଷିତା ମହିଳା ବି ଏଚ୍.ଆଇ.ଭି. ସଂକ୍ରମିତ ରୋଗୀ ? ତୁମେ କହିଲ ସ୍ୱପ୍ନା, ବାରମ୍ବାର ଭୁଲ୍ କରୁଥିବା ଲୋକ ମାନଙ୍କ ପ୍ରତି ଲୋକମାନଙ୍କ ପ୍ରତି ଏତେ କଠୋର ହୁଅନ୍ତିନି । କିନ୍ତୁ ଏ ସାଗର ଦାସ ଭଳିଆ ମଣିଷ ଯିଏ ଥରେ ମାତ୍ର ପରିସ୍ଥିତିରେ ପଡି ପାଦତଳକୁ ଖସାଇଥିଲା, ତା' ପ୍ରତି ଭଗବାନ ଏତେ ନିଷ୍ଠୁର ହେଲେ କେମିତି ? ଏକଥା ଜଣାପାଡିଲା ପରେ ମୋତେ ମୋ ଅଫିସ୍ ଷ୍ଟାଫ୍, ମୋର ଅଫିସର୍, ମ୍ୟାନେଜର ସମସ୍ତେ ଘୃଣା କଲେ, ଆଡ ଆଖିରେ ବି ଦେଖିଲେ ନାହିଁ । ଅନୁତାପ, ପଶ୍ଚାତାପ, ଘୃଣା ଓ ଲଜ୍ଜାରେ ମୁଁ ଆଉ କଟକ ଫେରିପାରିଲିନି । ତୁମେ କୁହ କେଉଁ ମୁହଁ ନେଇ ମୁଁ ଫେରିଥାନ୍ତି ? ଆସିଥିଲି ଭଲ ଚାକିରି କରିବା ପାଇଁ, ଘରକୁ ଫେରିଥା'ନ୍ତି ରୋଗକୁ ସାଙ୍ଗରେ ନେଇ । ବାଧ୍ୟ ହୋଇ ମୁଁ ଏଠାକାର ଏକ ସରକାରୀ ମେଡିକାଲରେ ଆଡମିଶନ୍ ହୋଇଗଲି । ଏଠାରେ ଆମେ ସବୁ ମୃତ୍ୟୁକୁ ଜଳଜଳ ହୋଇ ଦେଖି ପାରୁଛେ । କାରଣ ଆମେ ସବୁ ମୃତ୍ୟୁ ପଥର ଯାତ୍ରୀ । ଜାଣିଛ ମୁଁ ଯେଉଁଦିନ ଏଠାକୁ ଆସିଥିଲି, ମୋ ଭଳି ବୟସର ସତ୍ୟ ବି ଆସିଥିଲା । ମୋ ସହ ଦୁଃଖସୁଖ ବି ହେଉଥିଲା । ଗତକାଲି ସେ ମରିଗଲା । ଏଠାରେ ଯେତକ ରୋଗି ଅଛନ୍ତି, ସମସ୍ତଙ୍କର ମୋ'ଠୁ ବି ଅନେକ ଦୁଃଖଦ ଭରା କାହାଣୀ ଅଛି । ମୁଁ ଜାଣେ ତୁମେ ଏବେ ଜଣେ ଖାଲି ଓଡିଆ ଭାଷାର ଶିକ୍ଷୟତ୍ରୀ ନୁହେଁ, ଜଣେ ଓଡିଆ ଭାଷାସାହିତ୍ୟର ସାରସ୍ୱତ ସାଧିକା ମଧ୍ୟ । ମୋର ଏହି ସତ କାହାଣୀକୁ ନେଇ ଏମିତି ଏକ ଗପ, କାହାଣୀ ଲେଖ ଯାହାକୁ ପଢି ଆଗାମୀ ପିଢି କେବେ ସାହସ କରିବନି ଏମିତି ଭୁଲ କରିବା ପାଇଁ ।

ତୁମେ ଜାଣିନ, ଏ ରୋଗଟା ମୋତେ ଏତେ ଭୟଙ୍କର ଭାବରେ ଗ୍ରାସ କରିଚି ଯେ

 Magazine Downloaded from www.aahwaan.com

ଦେହରେ ଶକ୍ତି ବୋଲି କିଛି ନାହିଁ । ସକାଳଠୁଁ ଏତେ କଷ୍ଟ ହେଉଚି ଯେ, ଲାଗୁଛି ଯେମିତି ପ୍ରାଣ ବାହାରିଯାଉଛି । ଏଭଳି କଷ୍ଟରୁ ବରଂ ମୃତ୍ୟୁ ଭଲ । ବହୁଦିନରୁ ଭାବୁଚି ଚିଠିଟିଏ ତୁମ ପାଖକୁ ଲେଖିବି, ହେଲେ ଲେଖିବାକୁ ଶକ୍ତି ଓ ସାହସ ପାଉନି । ବହୁ କଷ୍ଟରେ ଆଜି ଲେଖୁଛି ତଥାପି ଜାଣିନି ଚିଠିଟି ତୁମ ପାଖରେ ପହଂଚିବ କେବେ ? ହୁଏତ ସେତେବେଳକୁ ମୁଁ ଦୁନିଆଁରେ ନ ଥିବି । ରୋଗ ଶଯ୍ୟାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ବାପାବୋଉ ବହୁତ ମନେ ପଡୁଛି । ନିଦ ବାଉଳାରେ ଚିତ୍କାର କରୁଛି ସମସ୍ତଙ୍କ ନାମକୁ । ତଥାପି ମୁଁ ପଛକୁ ଫେରିପାରୁନି । କାରଣ ଏକଥା ମୋ ଘର ଲୋକଙ୍କୁ କହିବାର ନୈତିକ ସାହସ ମୋ ପାଖରେ ନାହିଁ । ଭାବୁଛି ବେଳେ ବେଳେ ଫୋନ କରି ବୋଉକୁ ସବୁ କହିଦେବି, କିନ୍ତୁ ମନେ ପଡିଯାଉଚି, ଜୀବନର ପ୍ରଥମ ପ୍ରଭାତରେ ବାପାଙ୍କର ଚାଟଶାଳୀ ଶିକ୍ଷା ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର ।

ଏଇ ଦେଖ ସୂର୍ଯ୍ୟ ଅସ୍ତମିତ ହେବାକୁ ଦୂର ଦିଗବଳୟରେ । ଅପେକ୍ଷାରତ, ମୁଁ ତ ଅପରାହ୍ନର ଛାଇ ଆଉ ଅଳ୍ପ ସମୟ ଭିତରେ ଲିଭିଜିବି । ତୁମକୁ ମୋ ପ୍ରେମର ରାଣ, ଭୁଲିଯିବ ମୋତେ । ତୁମ ପାଇଁ ସେହି ବଡଠାକୁରଙ୍କ ପାଖରେ ପ୍ରାର୍ଥନା କରୁଚି ନୂତନ ଜୀବନର ଭାବି ସ୍ୱାମୀ ପାଇ ଦୀର୍ଘ ଜୀବନ ବିତାଅ ।

ତୁମେ ଜାଣିଛ ନା, କଇଁ ସିନା ଜହ୍ନକୁ ଦେଖି ଖୁସିରେ ଫୁଟି ଉଠେ, ହେଲେ ତା ଅଜାଣତରେ ଅନ୍ୟ କେଉଁ ଦେବତାର ସେବାରେ ସେ ଲାଗି ଯାଇଥାଏ । କାରଣ ଜହ୍ନର କଳଙ୍କ ଥାଏ ତ ତେଣୁ କେବେ ବି ଜହ୍ନ ସହ କଇଁର ମିଳନ ହୋଇପାରେନା । ଠିକ୍ ଯେମିତି ତୁମେ ଆଉ ମୁଁ ।

ଇତି ତୁମର ଅଭିଶପ୍ତ ପ୍ରେମିକ – "ସାଗର"□

ସିଠାଲୋ, ନିଆଳୀ, କଟକ, ମୋ-୯୯୩୮୮୫୭୪୪୮

 Magazine Downloaded from www.aahwaan.com

# ଝଡ଼ାପତ୍ର

ଦୀଗନ୍ତ ଉଦୟାଚଳରୁ ରକ୍ତିମ ଆଭାରେ ହସି ହସି ଉଠିଥିଲେ ସୂର୍ଯ୍ୟଦେବ । ଦଳଦଳ ବିହଙ୍ଗ ନୀଡ଼ ତ୍ୟାଗକରି ଖାଦ୍ୟ ଅନ୍ୱେଷଣରେ ବାହାରି ଯାଉଥାନ୍ତି । ଚିଲିକାର ନୀଳ ଜଳରେ ତରୁଣ ଅରୁଣର ପ୍ରତିବିମ୍ବ ଆହୁରି ଦ୍ୱିଗୁଣିତ କରୁଥିଲା ପ୍ରକୃତିର ଶୋଭା । ଧୀବରମାନେ ଡ଼ଙ୍ଗାରେ ଜାଲ ଓ ମାଛ ନେଇ ଫେରି ଆସୁଥାନ୍ତି ଚିଲିକାଗର୍ଭରୁ କୂଳ ଆଡ଼କୁ । ପ୍ରକୃତିପ୍ରେମୀ ଦର୍ଶକଙ୍କ ଭିଡ଼ କ୍ରମେ କ୍ରମେ ବଢ଼ିବାରେ ଲାଗିଥାଏ । ନିଳାମ୍ବୁ ଚିଲିକାର ସେ ବୈଚିତ୍ର୍ୟ ଶୋଭା ଦୃଷ୍ଟିପଟରେ ଏବେ ବି ଯାଜ୍ଜୁଲ୍ୟମାନ ହୋଇ ଆସୁଛି । ମୋଟର ଲଞ୍ଚଗୁଡିକ ଦର୍ଶକମାନଙ୍କୁ ନେଇ ଚିଲିକା ଭିତରକୁ ଯିବାପାଇଁ ପ୍ରସ୍ତୁତି ପଥରେ । ଆମ କଲେଜ ପକ୍ଷରୁ ପିକନିକ୍ ପ୍ରାୟ ଚାଳିଶି ଜଣ ଦିତୀୟବର୍ଷର ବିଜ୍ଞାନ ଛାତ୍ରଛାତ୍ରୀ ଯାଇଥିଲୁ । ଆମ ବସ୍ ବାଲୁଗାଁ ଚିଲିକାତୀରରେ ଆମକୁ ଛାଡ଼ି ଆସିଲା । ଦୁଇଟି ମୋଟର ଚାଳିତ ଡ଼ଙ୍ଗାରେ ଆମେ ଝିଅପୁଅ ସବୁ ମିଶି ବସିଲୁ । ଚିଲିକାର ସୁନେଲି ପ୍ରତିବିମ୍ବିତ ଜଳକୁ ଦୁଇଭାଗ କରି ଲଞ୍ଚ ଆଗକୁ ଚାଲିଲା । ଜୀବନର ପ୍ରତିଟି ସୋପାନର ସ୍ୱାଦ ଅଲଗା । ଆଜି ବିଗତ ତିରିଶ ବର୍ଷର ସ୍ମୃତିକୁ ବର୍ତ୍ତମାନର ତରାଜୁରେ ମାପିଲେ ପରିରାଜ୍ୟର ସ୍ୱପ୍ନଭଳି ମନେ ହୁଏ । ସେଦିନ ମୁଁ ମୋଟର ବୋଟର ବେଞ୍ଚ ଉପରେ ବସି ଚିଲିକାର ଅପୂର୍ବ



ମନୋରଞ୍ଜନ ମୁଦୁଲି

 Magazine Downloaded from www.aahwaan.com

ଶୋଭା ଦେଖି ଯେତିକି ଖୁସି ହେଉଥିଲି ମୋ ଠାରୁ ବେଶି ଖୁସିଥିଲା ପ୍ରତିଭା । ସେ ଆମ କଲେଜକୁ ମାସଟିଏ ଆଗରୁ ଅନ୍ୟ କଲେଜରୁ ଆସିଥାଏ । ତାଙ୍କ ବାପାଙ୍କର ସରକାରୀ ଚାକିରୀ ବଦଳି ସେକେଣ୍ଡଇଅର୍ ଅଧାରୁ ଆମ କଲେଜରେ ନାମ ଲେଖାଇଲେ । ସେ ନୂଆ ଆମ କଲେଜକୁ ଆସିଥିବାରୁ ପିକନିକ୍ ଆସିବାକୁ ମନା କରୁଥିଲା । କିନ୍ତୁ ତାଙ୍କ ବାପାଝିଅର ମନ କଷ୍ଟ ନ ହେଉ ଚିନ୍ତା କରି ପଠାଇଲେ । ପ୍ରତିଭା ମୋ ଆଗରେ ବୋଟ୍ ବେଞ୍ଚରେ ବସିଥାଏ । ଚିଲିକାର ନୀଳ ଜଳ ଉପରେ ଦୁଇଟି ମରାଳ ଢ଼ଳ ଢ଼ଳ ହେଲା ଭଳି ପ୍ରତିଭାର ହସ ହସ ମୁଖମଣ୍ଡଳରେ ତାର ଆଖି ଦୁଇଟି ମଧ୍ୟ ଢ଼ଳ ଢ଼ଳ ହେଲାପରି ଲାଗୁଥିଲା । ସ୍କୁଲ ସମୟରେ ବନ୍ଧୁମାନଙ୍କ ସହ ମିଳାମିଶା ଓ କଲେଜ ସମୟର ବନ୍ଧୁ ସମ୍ପର୍କ ଅନେକ ଫରକ ଥାଏ । ପ୍ରତିଭା ମୋ ଆଡ଼କୁ ଚାହିଁ କିଛି କହିବ କହିବ ବୋଲି ଉଦ୍ୟତ ହୋଇ ମଧ୍ୟ କହି ପାରୁନଥିଲା । ମୁଁ ତାର ଭାବରୁ ବୁଝି ପଦ୍ୟାବୃତିରେ ଗାଇଲି ..... କହିବାକୁ ଚାହିଁ କିଛି କହିପାରନା......, ନ କହିବି ନିରବରେ ରହି ପାରନା...., ସଙ୍ଗେ ସଙ୍ଗେ ପ୍ରତିଭା ମୋତେ କହିଲା ତୁମେ ମିହିର ସୁନ୍ଦର ରୋମାଣ୍ଟିକ ଗୀତ ଗାଇପାର ଭଳି ଲାଗୁଛି । ମୁଁ କହିଲି ମୋ ନାଁ ମିହିର, ଏଇ କେତେଟା ଦିନରେ ତୁମେ କେମିତି ଜାଣିଲ । ପ୍ରତିଭା ସଙ୍ଗେ ସଙ୍ଗେ କହିଲା ଏଇଟା ତୁମର ନିକ୍ ନେମ୍, ସମସ୍ତେ ଡାକୁଛନ୍ତି । ତୁମର ରେଜିଷ୍ଟ୍ରେସନ ନାମଟି କଣ ମୁଁ ଜାଣି ପାରେକି । ମୁଁ କହିଲି ସେମ୍ ନେମ୍ । ଖାଲି ଆଗୁରୁ ଶ୍ରୀ ଲାଗିବ ଆଉ ମିହିର ପରେ ପଟ୍ଟନାୟକ ଲାଗିବ । ପ୍ରତିଭା କହିଲା ଏଇ ମିହିର ଛଡା । ଘରେ ବାପା ବୋଉ ତ ଆଉ କିଛି ନିକ୍ ନେମ୍ ଦେଇ ଡାକନ୍ତି ନିଶ୍ଚୟ । ବ୍ୟଙ୍ଗାତ୍ମକ ଉକ୍ତିରେ କହିଲି ଅନେକ ନାଁ ତ ଅଛି, ତୁମକୁ କେଉଁ ନାଁ ଭଲଲାଗେ କୁହ ସେହି ନାଁଟା ପ୍ରଚଳନ କରିଦେବା । ଆମେମାନେ ସ୍କୁଲରେ ସାରମାନଙ୍କ ନିକ୍ ନେମ୍ ଦେବାରେ ଏକ୍ସପଟ ଥିଲୁ । କାହାକୁ ନାଁ ଦେଇଥିଲୁ ଆଇନଷ୍ଟାଇନ୍

 Magazine Downloaded from www.aahwaan.com

ତ୍ କେଉଁ ସାରଙ୍କୁ ଗୋଧୀ ତ ଆଉ କାହାକୁ ହେଟାବାଘ ଇତ୍ୟାଦି । ସେମିତି କିଛି ଗୋଟାଏ ନାଁରେ ଡାକିପାର । ପ୍ରତିଭା କହିଲା ନା ତୁମକୁ ତୁମ ମା କେଉଁନାମରେ ଡାକନ୍ତି...., ତୁମେ ଆଗ କୁହ ତୁମ ମା ତୁମକୁ କେଉଁ ନାଆଁରେ ଡାକନ୍ତି... ? ଏତିକି ଶୁଣିଲା ପରେ ପ୍ରତିଭା ମୁହଁରେ ଏକ ଅଦ୍ଭୁତ ପ୍ରତିକ୍ରିୟା ଅନୁଭବ ହେଲା ଭଳି ଲାଗିଲା । ନିଜର ରୁମାଲ ଖୋଲି ଦୁଇଆଖିରେ ଜକେଇ ଆସୁଥିବା ଦୁଇ ବୁନ୍ଦାଲୁହକୁ ରୋକିବାକୁ ଚେଷ୍ଟା କରୁଥିଲା । ପ୍ରତିଭାର ମୁହଁକୁ ଦେଖି ମନେ ହେଉଥିଲା ସତେ ଯେପରି ଚିଲିକା ଆକାଶେ ହଠାତ୍ ଏକ କଳାବାଦଲ କେଉଁ ଆଡୁ ଭାସି ଆସିଲା । ମୁଁ ପ୍ରତିଭାକୁ ପଚାରିଲି ଏମିତି ହଠାତ୍ ଭାବ ପ୍ରବଣତା କାହିଁକି ତୁମ ମନରେ । ପ୍ରତିଭା ଏକ ଶିକ୍ତଗଳାରେ ଉତ୍ତରଦେଲା ନା ସେମିତି କିଛିନୁହେଁ । ମୋର ଜିଜ୍ଞାସୁ ମନ ଏତେ ସହଜରେ ମାନି ନଥିଲା । ମୁଁ ପ୍ରତିଭାକୁ କହିଲି ତୁମେ ହୃଦୟରେ କିଛି ଲୁଚେଇ ରଖିବାକୁ ଚେଷ୍ଟା କରୁଛ । କଣ ହୋଇଛି କୁହ ପ୍ରତିଭା । ମୋ ପ୍ରଶ୍ନରେ ତୁମେ କିଛି ଗୋଟିଏ ହୃଦୟରେ ଯନ୍ତ୍ରଣା ଅନୁଭବ କରିଛ । ତୁମେ କୁହ ପ୍ରତିଭା । ଅନେକ ଥର କହିଲା ପରେ ପୁଣିଥରେ ରୁମାଲରେ ଆଖି ପତାକୁ ପୋଛି ଦେବାକୁ ଯାଇ ଆଦ୍ରଗଳାରେ କହୁଥିଲା ପ୍ରତିଭା... ମୋ ମା କଣ୍ଠରୁ ମୋ ନିକ୍ ନେମ୍ ଡାକଟା ଶୁଣିବା ସୌଭାଗ୍ୟ ଅନେକ ଦିନ ଆଗରୁ ଚାଲି ଯାଇଛି । ମାନେ.... ? ହଁ ମୋ ମା ସବୁଦିନପାଇଁ ମୋତେ ଛାଡି ଆରପାରିକୁ ଚାଲି ଯାଇଛନ୍ତି । ମୋ ବାପା ସ୍ନେହ ଯତ୍ନ ଦେଇ ଦୀର୍ଘ ବାରବାର୍ଷ ଧରି ଖୁବ୍‌କଷ୍ଟରେ ମୋତେ ବଢେଇଛନ୍ତି । ସରକାରୀ ଚାକିରୀ କରି ବି ସେ ମୋର ସମସ୍ତ ଦାୟିତ୍ୱ ଅଳୀଅର୍ଦ୍ଧଳୀ ବୁଝିଛନ୍ତି । ମୋ ପାଇଁ ସେ ବାପା ଓ ମା ଉଭୟ ଦାୟିତ୍ୱ ବହନ କରିଛନ୍ତି । ସରି ... ପ୍ରତିଭା ମୁଁ ତୁମ ମନରେ ଏ ସବୁ ପଚାରି କଷ୍ଟ ଦେଇଛି । ପ୍ରତିଭା ମନର ଦୁଃଖକୁ ପ୍ରକାଶ କଲାପରେ ଟିକିଏ ଆସ୍ୱସ୍ଥ ମନେ ହେଉଥିଲା । ଏମିତି କଥାବାର୍ତ୍ତା କରିବା ଭିତରେ ମୋଟର ଲଞ୍ଚ ଦୁଇଟି

 Magazine Downloaded from www.aahwaan.com

ଚଡେଇ ଗୁହା ପାହାଡକୁ ଅଦୂରରୁ ଅତିକ୍ରମ କରୁଥିଲା । ଶହଶହ ପକ୍ଷୀମାନଙ୍କର ସମାବେଶରେ ତାହାର ଶୋଭା ଦ୍ୱିଗୁଣିତ କରୁଥିଲା । ଠିକ ଦିନଦଶଟା ସମୟରେ ମଟର ଲଞ୍ଚଟି କାଳିଜାଇ ପାହାଡ଼ ନିକଟରେ ପହଞ୍ଚି ଯାଇଥିଲା । ଲଞ୍ଚ ଭିତରୁ ପ୍ରତିଭା ମୋର ହାତକୁ ଧରି ଧିରେ ଧିରେ ତଳକୁ ଓହ୍ଲେଇ ଆସିଲା । କାଳିଜାଇ ମନ୍ଦିର ଭିତରକୁ ପ୍ରତିଭା ମୋ ସହିତ ଦର୍ଶନ କରିବାକୁ ଯାଇଥିଲା । କାଳିଜାଇରୁ ଫେରିବା ସମୟରେ ଦୂରରୁ ପାରିକୁଦ ଗଡ଼ ଓ ମାଲୁଦ ଦୀପ ସୁନ୍ଦର ଦେଖାଯାଉଥିଲା । ମଝିରେ ମଝିରେ ଚିଲିକାର ଜଳରେ ବାଦଲର ଛାଇ ଏପରି ଗତିରେ ଭାସୁଥାଏ ତାହା ମନରେ ଭ୍ରମ ସୃଷ୍ଟି କରେ । ବିଭିନ୍ନ ଜାତିର ମାଛ ମଝିରେ ମଝିରେ ଆମ ମଟର ଲଞ୍ଚ ପାଖରେ ଲମ୍ଫ ମାରୁଥାନ୍ତି । ଚିଲିକାରେ ସେତେବେଳେ ପକ୍ଷୀମାନଙ୍କର ଭିଡ଼ ପ୍ରାୟ ହୋଇଥାଏ । ଦଳ ଦଳ ପକ୍ଷୀ ଆମ ଲଞ୍ଚପାଖରେ ଜଳର ତରଙ୍ଗ ତାଳରେ ଖେଳୁଥିଲେ । ଆମେମାନେ ଚିଲିକାକୁ ଦ୍ୱିପ୍ରହର ଦୁଇଟା ସମୟରେ ଫେରି ବାଲୁଗାଁ ହାଇସ୍କୁଲ ପାଖରେ ପିକନିକ୍ ଭୋଜନ ବ୍ୟବସ୍ଥା ହୋଇଥିଲା । ଭୋଜନ ଶେଷରେ ସମସ୍ତେ ବସରେ ବସିଲୁ । ପ୍ରତିଭା ମଧ୍ୟ ମୋ ପାଖରେ ଆସି ବସିଥିଲା । ଆମବସ୍ ଦୃତ ଗତିରେ କୋଣାର୍କ ଅଭିମୁଖେ ଚାଲିଥାଏ । ପ୍ରତିଭା ମୋ ସହିତ ଅନେକ ସମୟ ପର୍ଯ୍ୟନ୍ତ ଗପୁଥିଲା । ଧିରେ ଧିରେ ତା ଆଖିକୁ ନିଦ ଆସି ଯାଇଥିଲା । କେତେଥର ଢୋଳେଇ ଢୋଳେଇ ମୋ କାନ୍ଧରେ ଘୁମନ୍ତା ମୁଣ୍ଡରେ ପିଟି ହେଉଥିଲା । ଦୀର୍ଘ ଅଢେଇଘଣ୍ଟାପରେ ଆମେ କୋଣାର୍କର ସୂର୍ଯ୍ୟ ମନ୍ଦିରରେ ପ୍ରବେଶକଲୁ । ଅସ୍ତାଚଳରେ ସୂର୍ଯ୍ୟଙ୍କର ରକ୍ତିମ କିରଣ ବିଚ୍ଛୁରିତ ହୋଇ ଯାଇଥିଲା । ସତେ ଯେପରି ଭଗ୍ନ କୋଣାର୍କର ନଗ୍ନଶିଳାର ଚାରୁକଳା ସୂର୍ଯ୍ୟଙ୍କୁ ଅନ୍ତିମ ବିଦାୟ ଅଶୃଳ ନୟନରେ ଦେଉଛନ୍ତି । ରଥାକାର ପଥରର ସେ ଭଗ୍ନମନ୍ଦିରର ଭଗ୍ନାବଶେଷ ମହାଭାରତର କୁରୁକ୍ଷେତ୍ରର ଭ୍ରମ ସୃଷ୍ଟି କରୁଥିଲା । ଉତ୍କଳର ଉତ୍କୃଷ୍ଟ କଳାକୁ କାରିଗର

 Magazine Downloaded from www.aahwaan.com

କାହିଁକି ଏଇଠି ଫିଙ୍ଗିଦେଇ କାହାଣୀ ସୃଷ୍ଟି କରିଛି... !ଆଜିର ନିରସ ଶୁସ୍କ ଦୁନିଆରେ ପଥରେ ଜୀବନର ଜୀବନ୍ତ ଶୁକ୍ଷ୍ମ ଚାରୁକଳାର ମୁଲ୍ୟବୋଧ କିଏ ବା ବୁଝିବ । ଶହ ଶହ ବିଦେଶୀ ପର୍ଯ୍ୟଟକ ଆସି ଏଇ ଭଗ୍ନଶିଳାର ନଗ୍ନକାହାଣୀ ଶୁଣି ଫଟୋ ଉତ୍ତୋଳନ କରି କେତେ ତାର ଉପରେ ଗବେଷଣା ଅଦ୍ୟାବଧି କରୁଛନ୍ତି । କିନ୍ତୁ ଏ ଭଗ୍ନାବଶେଷ ଆମ ପାଇଁ କଳ୍ପବଟର ଝଡାପତ୍ରଟିଏ ପରି ହୋଇ ପଡିଛି । ଅସହାୟ ବିଧବା ମାଆଟିଏ ସତେ ଯେପରି ରୋଗାକ୍ରାନ୍ତ ପୋଲିଓ ପଙ୍ଗୁ ସନ୍ତାନଟିକୁ ଠେଲା ଗାଡିଟାରେ ସକାଳୁ ନେଇ ଆସୁଛି ବଡ଼ଦାଣ୍ଡର ସିଂହ ଦୂଆର ଆଗକୁ । ବିକୃତ ଅଙ୍ଗପ୍ରଦର୍ଶନ କରି ବଦାନ୍ୟ ଅର୍ଥ ନେଇ ପେଟ ପୋଷୁଛି । ଆମ ପ୍ରଶାସନଙ୍କ ଆଖିରେ ଏଇ ଭଗ୍ନଶିଳାର ନଗ୍ନକାହାଣୀ ଏକ ରୋଜଗାରର ପନ୍ଥା ପାଲଟି ଯାଇଛି । ଆମ ମାନଙ୍କ ଉଦାସୀନତା ପାଇଁ ଆମର ଐତିହ ଗୌରବ ଝଡାପତ୍ର ପରି କଳ୍ପବଟ ମୂଳରେ ପଡ଼ି ପଡ଼ି ଲୀନ ହୋଇଯିବ । ଏହାର ପୂନଃଉଦ୍ଧାର କିମ୍ବା ପୂନଃନିର୍ମାଣ ଆମେ ଟିକିଏ ବି ଚିନ୍ତା କରିନାହାନ୍ତି । ପଙ୍ଗୁ ସନ୍ତାନର ପ୍ରତିକାର ଉପଚାର ବ୍ୟବସ୍ଥାଠାରୁ ପଙ୍ଗୁର ନାମ ବିକ୍ରି କରି ପେଟପୋଷିବା ଆମକୁ ବରଂ ଭଲ ଲାଗେ । ବାରଶହ ବଢେଇଙ୍କର ବାରବାର୍ଷର ତପସ୍ୟାକୁ ଆମେ ସୁଖୁଆ ଝୋଳ କରି ଦେଇଛନ୍ତି । ଶିଳ୍ପୀର ନିହାଣ ମୂନରେ ଯେଉଁ ପଥର ବୁକୁରେ ତାର ମନ ମୁନ ଭାବଭାଷାର ସରୋଷ ଶୃଙ୍ଗାର ଶ୍ରିଙ୍ଗାର ସବୁ କିଛି ନିଗାଡି ଦେଇଥିଲା ଆଜି ସେ ଶିଳା କାଳରେ କଳଙ୍କୀତ ଅଭିଶପ୍ତ ନଗ୍ନ କୀନ୍ନର ପରି ଦଣ୍ଡାୟମାନ ହୋଇଛି । ଅଭିଶପ୍ତା ଏ ଉତ୍କୃଷ୍ଟ ଚାରୁହାସ୍ୟମୟୀ ଉତ୍କଳ ଭାରତୀ, ନା ଅଭିଷପ୍ତ ଗନ୍ଧର୍ବ ଥିଲେ ସେଦିନର ବାରଶହ କାରିଗର । ଝଡାପତ୍ର ପରି ଆମନ୍ତ୍ରିତ ମଳୟକୁ ଉପେକ୍ଷା କରି କଳ୍ପବଟରୁ ବୃନ୍ତଚ୍ୟୁତ ପରି ଅବସ୍ଥାରେ ଭଗ୍ନଶିଳାର ନଗ୍ନକାହାଣୀ । ତଥାପି ଆମେ ସିଂହର ମୁଖା ପିନ୍ଧା ଶୃଗାଳ । ଦୁନିଆର ବଡ଼ଦାଣ୍ଡେ ଚିତ୍କାର କରି କହୁ ମୁଁ

 Magazine Downloaded from www.aahwaan.com

ଉତ୍କଳ ସନ୍ତାନ ।

ଅନେକ ଆଗରୁ ଅନ୍ଧାର ପୃଥିବୀ ବକ୍ଷକୁ ଆସି ସାରିଥାଏ । ରାତି ଆମେ ଏଗାରଟାରେ ଘରେ ପହଞ୍ଚିଥିଲୁ । ମୁଁ କଲେଜ ଛକ ପାଖରୁ ବସରୁ ଓହ୍ଲାଇ ପ୍ରତିଭାକୁ ତାଙ୍କ ସରକାରୀ ବାସଗୃହ ପର୍ଯ୍ୟନ୍ତ ନେଇ ଛାଡ଼ିଥିଲି । ପ୍ରତିଭାର ବାପା ସୁଶାନ୍ତ ବିଶ୍ୱାଳ ସେ ପର୍ଯ୍ୟନ୍ତ ଝିଅର ଫେରିବା ପଥକୁ ଚାହିଁ ବସିଥାନ୍ତି । ପ୍ରତିଭା ମୋତେ ତା ବାପାଙ୍କ ସହ ମୋର ପରିଚୟ କରି ଦେଇଥିଲା । ମୁଁ ଶେଷରେ ସୁଶାନ୍ତ ସାରଙ୍କୁ ନମସ୍କାର ଓ ପ୍ରତିଭାକୁ ଶୁଭରାତ୍ରି ଜଣାଇ ଘରକୁ ଫେରିଥିଲି ।

ସେଦିନର ଚିଲିକା ଓ କୋଣାର୍କ ଭ୍ରମଣ ଆଉ ଶୁଭରାତ୍ରିର ବିଦାୟ ଦୃଶ୍ୟ ମୋ ମନରେ ସବୁଦିନ ପାଇଁ ରହିଗଲା । ସେଦିନ ପ୍ରତିଭାକୁ ଶୁଭରାତ୍ରି ଜଣାଇ ଆସିଲି ସତ, କିନ୍ତୁ ପ୍ରତିଭା ପାଇଁ ସେ ରାତିଟି ସବୁଠାରୁ ଅଶୁଭ ରାତିଥିଲା । ପ୍ରତିଭା ଅପେକ୍ଷାରେ ବାରଣ୍ଡାରେ ବସି ବସି ସୁଶାନ୍ତ ସାର୍ ଅତିତ ଦିନଗୁଡ଼ିକର ସ୍ମୃତି ପୃଷ୍ଠା ଲେଉଟାଇ ଦେଖୁଥାନ୍ତି । ସ୍ତ୍ରୀ ସୁନିତାର ମୃତ୍ୟୁପରେ କେତେ ସଙ୍ଘର୍ଷ ସେ କରିଛନ୍ତି । ଗୋଟିଏ ବୋଲି ଝିଅକୁ ମଣିଷ କରି ତିଆରି କରିବାକୁ କେତେ ସଂଘର୍ଷ କରିଛନ୍ତି । ଆହୁରି ଅନେକ ରାସ୍ତା ବାକି ରହିଛି ପ୍ରତିଭାକୁ ମଣିଷ କରିବାପାଇଁ । ଆଉ ମାତ୍ର ପାଞ୍ଚବର୍ଷ ତାଙ୍କର ଚାକିରୀ ବାକି ରହିଛି । ତାର ପଢା ବାହାଘର, ମା' ଛେଉଣ୍ଡିଆ ଝିଅପିଲାଟାର ସେ କେମିତି କରିବ ବାହାଘର ଏମିତି ସବୁ ଚିନ୍ତାରେ ସୁଶାନ୍ତସାରଙ୍କୁ ନିଦ ହେଉ ନଥାଏ । ରାତିସାରା ବିଛଣାରେ ଚିନ୍ତା କରି କରି ମାନସିକ ଅସୁସ୍ଥି ଭୋଗ କରୁଥିଲେ । ରାତି ଦୁଇଟା ସମୟରେ ଛାତିରେ ସାମାନ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ । ସଙ୍ଗେ ସଙ୍ଗେ ଚିତ୍କାର କରି ପ୍ରତିଭାକୁ ଦୁଇଥର ଡାକିଛନ୍ତି । ପ୍ରତିଭା ଦିନର କ୍ଳାନ୍ତି ଯୋଗୁଁ ଉଠିବା ବିଳମ୍ବ ହୋଇଛି । ନିଜେ ସୁଶାନ୍ତବାବୁ ରୋଷେଇଘରୁ ପାଣିଗ୍ଲାସ ଆଣି

 Magazine Downloaded from www.aahwaan.com

ନିଜେ ପିଇ କଷ୍ଟରେ ବିଛଣାରେ ଶୋଇ ପଡିଲେ । ସକାଳୁ ଭୋର ପାଞ୍ଚଟାରେ ପ୍ରତିଭା ବିଛଣାରୁ ଉଠି ମୁହଁହାତ ଧୋଇ ଦେଖେ ତ  ବାପା ଖଟତଳକୁ ପଡ଼ି ଯାଇଛନ୍ତି । ପ୍ରତିଭା ସଙ୍ଗେ ସଙ୍ଗେ ବାପାଙ୍କ ହାତକୁ ଧରି ଉଠାଇଲା ସେତେବେଳକୁ ତାଙ୍କର ହୃଦୟର ସ୍ପନ୍ଦନ ବନ୍ଦ ହୋଇଯାଇଥିଲା । ବସନ୍ତ ଅୟମାରମ୍ଭରୁ ପତ୍ରଝଡା ଦେଲା ଭଳି ପ୍ରତିଭା ଜୀବନର ଅୟମାରମ୍ଭରେ ମାତୃହରା ହୋଇଥିଲା । ଏବେ ବି ତା ଜୀବନର କୋଟି କଳ୍ପନାକୁ ସାକାର କରିବାକୁ ଥିବା କଳ୍ପବଟିର ଅନ୍ତିମପତ୍ରଟି ମଧ୍ୟ ପତ୍ରଝଡା ଦେଇ ଭୂଇଁରେ ପଡ଼ିଅଛି । ତା ଜୀବନଟା କଣ ଖାଲି ଝଡାପତ୍ର ଦେଖିବାକୁ ଜନ୍ମ ନେଇଛି । ସତରେ କଣ ମଳୟର ମୃଦୁ ପରଶ ତାକୁ ସ୍ପର୍ଶ କରିବ । ଆଖିର ଲୁହ ସବୁ ଶୁଖିଲାଣି । ଖବର ପାଇଲା ପରେ ମୁଁ ଦୌଡ଼ିଥିଲି ସୁରେଶ ସାରଙ୍କ ଘରକୁ । ସୁରେଶସରଙ୍କର ଦୁଇଟି ପାଦକୁ ଧରି ପ୍ରତିଭା କାନ୍ଦୁଥିଲା । ମୋତେ ଦେଖିଲା ପରେ ପ୍ରତିଭା କହିଲା ମିହିର ମୋ ଜୀବନ ତରୁର ଅନ୍ତିମପତ୍ରଟି ମଧ୍ୟ ପତ୍ରଝଡା ଦେଇଛି । ମୁଁ ଏବେ ଏଇ ଶେଷ ଝଡାପତ୍ରଟିକୁ ନେଇ କଣ କରିବି । ପ୍ରତିଭାର ଗତକାଲି ଆଖିକୋଣରେ ଶିଶିର ବିନ୍ଦୁପରି ଲୁହ ଜକେଇ ଆସୁଥିଲା ଆଜି ତା ଆଖିରେ ସେ ଲୁହ ନାହିଁ । ଶେଷପତ୍ରଟିର ସଶୁନ୍ୟଶୁଷ୍କ ହୋଇ ପତ୍ରଝଡା ଦେଇଛି । ପ୍ରତିଭାକୁ ଆଶ୍ୱାସନା ଦେବା ଭଳି ମୋ ପଖରେ କୌଣସି ଭାଷା ନଥିଲା । ଖବର ପାଇବାପରେ ସୁଶାନ୍ତସାରଙ୍କର ବନ୍ଧୁ ବାନ୍ଧବମାନେ ଆସି ପହଞ୍ଚିଥିଲେ । ସୁଶାନ୍ତସାରଙ୍କର କେହି ପୁଅ ପୁତୁରା ନଥିବାରୁ ପ୍ରତିଭାକୁ ଅନ୍ତିମ ଜୂଇରେ ପିତାଙ୍କ ମୁହଁରେ ନିଆଁଦେବାକୁ ହିଁ ପଡ଼ିଲା ।

 Magazine Downloaded from www.aahwaan.com

# ମୁଁ ତୁମେ ଆଉ ସେ

ପ୍ରେମ ଶାଶ୍ୱତ । ପ୍ରେମ ଚିରନ୍ତନ । ପ୍ରେମର ମାନେ ନୁହେଁ କେବଳ ପାଇବା । ପ୍ରେମର ଅନ୍ୟ ନାମ ହେଉଛି ତ୍ୟାଗ । ଏମିତି କିଛି ଡାଇଲଗ କୁ ନେଇ ଅଭିନୟ କରୁଥିଲା ସଦାନନ୍ଦ ସେଦିନ କଲେଜ ଡ୍ରାମାରେ । କଲେଜ ଜୀବନର ଦ୍ୱିତୀୟ ବର୍ଷର ଡ୍ରାମା । ଆଉ ସାଙ୍ଗମାନେ ସବୁ ତାଳିମାରି ଉଠୁଥିଲେ । ସଦାନନ୍ଦର ଜୀବନରେ ସେ ଦିନ ପ୍ରବେଶ ହୋଇଥିଲା ସ୍ମିତାର ।ସ୍ମିତା ଭାରି ସୁନ୍ଦର ଆଉ ସରଳ ଝିଅଟିଏ । ଯେମିତି ଗୋଟିଏ ଚାଉଳରେ ଗଢ଼ା । ଯିଏ ବି ଥରେ ଦେଖିବ ସତେ ଦେଖି ହିଁ ଚାଲିଥିବ । ହେଲୋ... ସଦାନନ୍ଦ ଆଇ ଆମ୍ ସ୍ମିତା... ତୁମର ଅଭିନୟ ମୋତେ ଭାରି ଭଲ ଲାଗିଲା । କିପ୍ ଇଟ୍ ଅପ୍... ସଦାନନ୍ଦର ଡ୍ରାମା ସରିବା ପରେ ସ୍ମିତା ଏମିତି କିଛି କହିଥିଲା । ସଦାନନ୍ଦ ଥାଙ୍କସ୍ ଜଣାଇ ସ୍ମିତ ହସଟିଏ ଦେଇଥିଲା । ସ୍ମିତା ତାର ହାତ ବଢ଼ାଇ କହିଥିଲା, "ଅଟୋଗ୍ରାଫ ପ୍ଲିଜ୍ ।" ଆଉ ସଦାନନ୍ଦ ତା ହାତରେ ଲେଖି ଦେଇଥିଲା, "ଲଟ୍ସ୍ ଅଫ୍ ଲଭ୍ ଫ୍ରମ୍ ସଦା ।" ସଦାନନ୍ଦ ସେ ଦିନ ସ୍ମିତା ହାତରେ ନିଜର ନାଁ ଲେଖି ନଥିଲା ତ ତା ନିଜ ହୃଦୟରେ ସ୍ମିତାର ନାଁ ଲେଖି ଦେଇଥିଲା ।



ଜିତେନ୍ଦ୍ର କୁମାର କହଁର

ସେ ଦିନ ପରଠାରୁ ଦୁହେଁ ପରସ୍ପରର ଭଲ ବନ୍ଧୁ ହୋଇ

 Magazine Downloaded from www.aahwaan.com

ଯାଇଥିଲେ । ହେଲେ ସଦାନନ୍ଦ ମନେ ମନେ ସ୍ମିତାକୁ ଭଲ ପାଇ ବସିଥିଲା କିନ୍ତୁ ତାକୁ ମନ ଖୋଲି କେବେ କହିପାରୁ ନଥିଲା । ଭୟ କରୁଥିଲା ଯଦି ସେ ସ୍ମିତାକୁ କହିବ ଭଲପାଏ ବୋଲି ସେ ଯଦି ଗ୍ରହଣ କରିବନି । ଆଉ ସେ ଯଦି ମୋତେ କେବଳ ବନ୍ଧୁ ବୋଲି ଭାବୁଥାଏ ତେବେ ! ! ଏମିତି ଭାବି ସେ କହି ପାରେନି କିଛି । କାରଣ ସେ ସ୍ମିତାକୁ କୌଣସି କାରଣରୁ ବି ହରେଇବାକୁ ଚାହୁଁ ନଥିଲା ।

ଦିନେ ରାତିରେ ଶୋଇବା ଆଗରୁ ସଦାନନ୍ଦ ହ୍ୱାଟ୍‌ସଆପ ଖୋଲୁ ଖୋଲୁ ଅଜଣା ନମ୍ବରରୁ ସଦାନନ୍ଦ ପାଖକୁ ହ୍ୱାଟ୍‌ସଆପରେ ହାଏ.... ବୋଲି ଏକ ମେସେଜ ଆସିଲା । ସଦାନନ୍ଦ ପଚାରିଲା କିଏ ? ଉତ୍ତର ଆସିଲା ଚିହ୍ନି ପାରୁନାହାନ୍ତି । ସଦାନନ୍ଦକହିଲା ନା... ପରିଚୟ ଦେଲେ ଭଲ ହୁଅନ୍ତା । ରେପ୍ଲାଏ ଆସେ ଠିକ ଅଛି ମୁଁ ଗୋଟିଏ କ୍ଲୁ ଦେଉଛି ଦେଖିବା ଚିହ୍ନି ପାରୁଛ କି ନା । ସେପଟୁ ଗୋଟିଏ ଫୋଟ ଆସିଲା ଗୋଟିଏ ଝିଅର ହାତର ଫୋଟ । ଯେଉଁଥିରେ ଲେଖାଥିଲା ଲଟ୍‌ସ ଅଫ୍ ଲଭ୍ ଫ୍ରମ୍ ସଦା । ଆରେ ସ୍ମିତା ତୁମେ । ମୋ ନମ୍ବର୍ କେଉଁଠି ପାଇଲ । ସ୍ମିତା କୁହେ, “ହଁ ଚିହ୍ନି ପାରିଲ ତେବେ । ତୁମେ ତ ଆମ କଲେଜର ଫେମସ ଆକ୍ଟର । ତୁମ ନମ୍ବର୍ ତ ସମସ୍ତଙ୍କ ପାଖରେ । ମୁଁ କେମିତି ପାଇ ନଥାନ୍ତି ଯେ ।” ଧୀରେ ଧୀରେ ସ୍ମିତା ଆଉ ସଦାନନ୍ଦ ର ବନ୍ଧୁତା ବଢ଼ିବାରେ ଲାଗିଥାଏ ।

ଦିନେ ସ୍ମିତା ଫୋନ କରି ସଦାନନ୍ଦକୁ କହିଲା ସଦାନନ୍ଦ ତୁମେ ତ ମୋର ବେଷ୍ଟ ଫ୍ରେଣ୍ଡ । ମୁ ଗୋଟେ ଫୋଟ ହ୍ୱାଟ୍‌ସଆପରେ ସେଣ୍ଡ କରୁଛି ଦେଖ । ଆଉ କହିବ ମୋ ଚଏସ୍ କେମିତି । ସଦାନନ୍ଦ କୁହେ ଠିକ ଅଛି ପଠାଅ । ସଦାନନ୍ଦ ଅପେକ୍ଷା କରିଥାଏ । କିଛି ସମୟ ପରେ ଫୋଟଟିଏ ଆସିଲା... ଆଉ ଫୋଟ ତଳେ ଲେଖା ଯାଇଛି... ଦିସ୍ ଇଜ୍ ରଞ୍ଜନ ମାଇ ଲଭ୍..□ ତୁମର ପସନ୍ଦ କି ନା ଟିକେ କହିଲ । ସଦା ଫୋଟ ଦେଖି ଯେତିକି ଆଶ୍ଚର୍ଯ୍ୟ ହୁଏ

 Magazine Downloaded from www.aahwaan.com

ଫୋଟ ତଳେ ଲେଖା ଥିବା ଲାଇନ ପଢି ତାକୁ ଅଧିକ କଷ୍ଟ ହୁଏ । କାରଣ ସେ ଫୋଟଟି ଥିଲା ତାର ପିଲା ବେଳର ସାଙ୍ଗ ରଞ୍ଜନର । ରଞ୍ଜନ ଦଶମ ପାସ ପରେ ସହରକୁ ପଢିବାକୁ ଚାଲିଗଲା ଆଉ ସେ ଏଇ ଗାଁ ପାଖ କଲେଜରେ ପଢୁଛି ଯୋଉଠି ସ୍ମିତା ବି ତାର ସହପାଠୀନି । ହେଲେ କଣ ହେଲା କେଜାଣି ସେ ଛୋଟ ପିଲା ପରି କାନ୍ଦି ଉଠିଲା । ଯେମିତି ସେ ସ୍ମିତାକୁ ସେଇ ମୁହୂର୍ତ୍ତରେ ହିଁ ହରେଇ ଦେଇଥିଲା । ସେପଟେ ସ୍ମିତାର ମେସେଜ... ଆରେ କିଛି ରିପ୍ଲାଏ ଦେଲନି ଯେ । ପସନ୍ଦ ହେଲାନି କି । ସଦାନନ୍ଦ କୁହେ, "ଆରେ ନା ନା ନେଟୱର୍କ ପ୍ରବ୍ଲେମ । ମେସେଜ ଯିବାରେ ଲେଟ ହେଉଛି । ଏନି ୱେ ଗୁଡ୍ ଚଏସ୍ ।" ସ୍ମିତା କୁହେ, "ଜାଣିଥିଲି ତୁମର ନିଶ୍ଚୟ ପସନ୍ଦ ହେବ । ଥାଙ୍କ ୟୁ... ୟୁ ଆର୍ ମାଇ ବେଷ୍ଟଫ୍ରେଣ୍ଡ । ରହୁଛି ପରେ କଥା ହେବି । ଏତିକି କହି ସ୍ମିତା ଚାଟ୍ ବନ୍ଦ କଲା ।" ହେଲେ ଏପଟେ ସଦା ବହୁତ କଷ୍ଟ ଅନୁଭବ କରୁଥାଏ ।

ସଦାନନ୍ଦ ସଙ୍ଗେ ସଙ୍ଗେ ରଞ୍ଜନ ପାଖକୁ କଲ୍ କଲା । ଆଉ କଥା ଛଳରେ ସ୍ମିତା ବିଷୟରେ ଜାଣିବାକୁ ଚାହିଁଲା । ରଞ୍ଜନ ମୁହଁରୁ ବି ସ୍ମିତା କଥା ଶୁଣି ସଦାନନ୍ଦ ଭାରି କଷ୍ଟ ଅନୁଭବ କରୁଥାଏ । ରଞ୍ଜନ କହୁଥାଏ, "ସେ ଏବେ ଏଇମାସରେ ଗାଁ କୁ ବାହାରିଛି ।" ସଦା କେତେ କ'ଣ ଭାବିନିଏ । ଏବେ ରଞ୍ଜନ ଗାଁକୁ ଆସିବ ଆଉ ସ୍ମିତା ତା ପାଖରୁ ଆହୁରି ଅଧିକ ଦୂର ହୋଇଯିବ । ରଞ୍ଜନ ଗାଁକୁ ଆସିଲା ପରେ ସ୍ମିତାକୁ ଭେଟିବାକୁ ଯାଏ । ସଦାନନ୍ଦ ଆଉ ରଞ୍ଜନ ଦୁହେଁ ଆଗରୁ ଚିହ୍ନା ଜାଣି ସ୍ମିତା ଭାରି ଖୁସି ହୋଇଥିଲା । ଆଉ ରଞ୍ଜନ ବି ଭାରି ଖୁସି ହୋଇଥିଲା ସଦା ସ୍ମିତାର ସାଙ୍ଗ ବୋଲି । ହେଲେ ସ୍ମିତା ଆଉ ରଞ୍ଜନ ଜାଣିବାକୁ ଚାହାନ୍ତି ସେ ଆଜି ଯାଏଁ କାହିଁକି କହି ନ ଥିଲା । ସଦାନନ୍ଦ ମିଛରେ କହିଦିଏ ସରପ୍ରାଇଜ ଥିଲା । ସମସ୍ତେ ହସି ଉଠନ୍ତି । ସଦାନନ୍ଦ ଭାବେ ଯାହା ହେଉ କଥାଟା ମେନେଜ୍ କରିଦେଲି । ସ୍ମିତା

 Magazine Downloaded from www.aahwaan.com

ଯେତେବେଳେ ବି ସଦାନନ୍ଦ ସହ ଫୋନ୍ ରେ କି ହ୍ୱାଟ୍ସଆପରେ କଥା ହେଉଥିବ କେବଳ ରଞ୍ଜନ ବିଷୟରେ କଥା ହୁଏ । ସଦା କିଛି କହିପାରେନି ସିନା ସେ ସବୁ ସେ ଶୁଣି ପାରେନି । ସେ କଣ କରିବ ଉପାୟ ପାଞ୍ଚେ । ଶେଷରେ ତାର ମନେ ପଡି ଯାଏ ସ୍ମିତାଆଉ ରଞ୍ଜନର ଧର୍ମ ଗୋଟିଏ ହେଲେ ବି ଜାତି ଅଲଗା । କିନ୍ତୁ ତାର ଆଉ ସ୍ମିତିର ଜାତି ସମାନ ତେଣୁ ସେ ସ୍ମିତିର ଅଜାଣତରେ ସ୍ମିତିର ଆଉ ରଞ୍ଜନର ସମ୍ପର୍କ ବିଷୟରେ ଟଙ୍କାର ଲୋଭ ଦେଇ କିଛି ଲୋକର ସହାୟତାରେ ତାର ଘର ଲୋକଙ୍କୁ ଜଣାଇ ଦିଏ । ଆଉ ଭାବେ ସୁବିଧା ଦେଖି ସ୍ମିତାକୁ ସେ ନିଜ ମନ କଥା କହିବ ଆଉ ନିଜର କରିବ ।

ସ୍ମିତାର ଘର ଲୋକେ ତାର ସମ୍ପର୍କ ବିଷୟରେ ଜାଣି ତାକୁ ରଞ୍ଜନ ଠାରୁ ବହୁତ ଦୂରକୁ ନେଇ ଯାଆନ୍ତି । ରଞ୍ଜନ କିଛି ଖୋଜ ଖବର ପାଏନି ସ୍ମିତାର । ସେ ସଦାନନ୍ଦଙ୍କୁ ବି ପଚାରେ ହେଲେ ସଦାନନ୍ଦ ବି କିଛି କହେନି । ରଞ୍ଜନ ତାର ହ୍ୱାଟ୍ସଆପରେ ବାରମ୍ବାର ମେସେଜ କରେ ହେଲେ କାହିଁ ସ୍ମିତା ତ ଯେମିତି ଅନଲାଇନ ଆସିବା ହିଁ ବନ୍ଦ କରି ଦେଇଛି । ଫେସବୁକରେ ବି ସେ ଅନ୍ ଲାଇନ ନାହିଁ କେତେବେଳେ । ତା ଘର ବି ତାଲା ପଡିଛି । ଭାବେ କେଉଁଠିକୁ ଯାଇଥିବେ । ସ୍ମିତା ଦିନେ ନିଶ୍ଚୟ ଫେରି ଆସିବ । ସେ ତାକୁ ଅପେକ୍ଷା କରିବ ବୋଲି ମନେ ମନେ ସ୍ଥିର କରେ । ସେପଟେ ସଦାନନ୍ଦ ବି ବ୍ୟସ୍ତ ଥାଏ । କାରଣ ତାର ଘର ଲୋକେ ତାକୁ କେଉଁଠିକୁ ନେଇଗଲେ ସେଇଟା ସେ ବି ଜାଣି ନ ଥାଏ । ସେ କେମିତି ତାର ସ୍ୱପ୍ନ ପୁରଣ କରିବ । କେମିତି ସେ ସ୍ମିତାକୁ ନିଜର ମନ କଥା କହି ନିଜର କରିବ । ତାକୁ ବି ତାର ସ୍ୱପ୍ନ ଅଧୁରା ରହିଗଲା ପରି ମନେ ହୁଏ । ଏମିତି ତିନି ମାସ ବିତିଯାଏ । ହଠାତ ଦିନେ ରାତିରେ ସ୍ମିତା ପାଖରୁ ରଞ୍ଜନ ପାଖକୁ ମେସେଜ ଆସେ ଯେ ସେ ଏବେ ବିବାହିତ । ଘର ଲୋକ ଆମ ସଂପର୍କ ବିଷୟରେ ଜାଣି ମୋତେ ଆଉ ଗୋଟିଏ ଜାଗାରେ

 Magazine Downloaded from www.aahwaan.com

ବାହା କରି ଦେଇଛନ୍ତି । ଆଉ ରଞ୍ଜନକୁ ବି ଜୀବନରେ ଆଗକୁ ବଢିବା ଆଉ ବାହା ହୋଇଯିବା ପାଇଁ ବି ମେସେଜ୍ ରେ ଲେଖିଥାଏ । ରଞ୍ଜନ ମେସେଜ ଆସିଥିବା ନମ୍ବର୍ କୁ ବାରମ୍ବାର ଫୋନ କରେ ହେଲେ ସ୍ୱିଚ ଅଫ କହେ । ସେ କଣ କରିବ ଜାଣି ପାରେନି । କାନ୍ଦି କାନ୍ଦି ସେ ରାତିରେ ସେ ସଦାନନ୍ଦ ଘରେ ପହଂଚି ସଦାନନ୍ଦକୁ ସବୁ କଥା କୁହେ । ସଦାନନ୍ଦ ସେ ସବୁ ଜାଣି ଅବାକ ହୋଇଯାଏ । ସେ ମନେ ମନେ ଭାବେ କ'ଣ ହୋଇଗଲା ଏ ସବୁ ନିଜ ଭୁଲ ପାଇଁ ସେ ନିଜେ ବି ସ୍ମିତାକୁ ହରେଇ ଦେଲା । ଛାତି ଭିତରଟା ତାର ବହୁତ କଷ୍ଟ ଲାଗୁଥାଏ । ସେ ମନେ ମନେ ଭାବେ ଗୋଟିଏ ପ୍ରକାର ଭଲ ବି ହେଲା ସ୍ମିତା ଯଦି ରଞ୍ଜନକୁ ବାହା ହୋଇଥାନ୍ତା ଆଜି ସ୍ମିତାକୁ ହରେଇ ମୋତେ ଯେତିକି କଷ୍ଟ ହେଉଛି ତା ଠାରୁ ଅଧିକ କଷ୍ଟ ଲାଗିଥାନ୍ତା । ସେ ନିଜକୁ ସମ୍ଭାଳିବା ସହିତ ରଞ୍ଜନକୁ ବୁଝେଇବାକୁ ଚେଷ୍ଟା କରେ । ହେଲେ ରଞ୍ଜନ କୁହେ ସେ କେବେବି ସ୍ମିତାକୁ ଭୁଲି ପାରିବନି ।

କିଛି ମାସ ପରେ ରଞ୍ଜନର ମଧ୍ୟ ବାହାଘର ହୋଇଯାଏ । ହେଲେ ସେ ସ୍ମିତାକୁ ଏବେବି ଭୁଲି ପାରିନଥାଏ । ସେ ଗାଁ ଛାଡି ସହରକୁ ନିଜ ସ୍ତ୍ରୀ ସହ ଚାଲିଯାଏ । ଏମିତିରେ କିଛି ମାସ ବିତିଗଲା । ସ୍ମିତାର କିଛି ଖୋଜ ଖବର ନ ଥାଏ । ରଞ୍ଜନ ସଦାନନ୍ଦ ସହ ଯେବେବି ଫୋନରେ କଥା ହୁଏ ବା ହ୍ୱାଟ୍ସଆପରେ ଚାଟ୍ କରି କଥାହୁଏ ସବୁବେଳେ ସ୍ମିତା କଥା ପଚାରେ । ଆଉ ତାର କିଛି ଖୋଜ ଖବର ପାଇଲେ ଦେବାକୁ କୁହେ । ସଦାନନ୍ଦ ହଁ ସେ କିଛି ଖବର ପାଇଲେ ନିଶ୍ଚୟ ଦେବ କୁହେ । ସଦା ମନେ ମନେ କୁହେ ବାହା ହେଲା ପରେ ସ୍ମିତା କଥା ପଚାରୁଛି ଟିକିଏ ଲାଜ ଲାଗୁନି । ହେଲେ ରଞ୍ଜନ ଆଗରେ କିଛି କହି ପାରେନି । ହଠାତ ଦିନେ ସ୍ମିତାର ହ୍ୱାଟ୍ସଆପରେ ମେସେଜ ଆସେ ସଦାନନ୍ଦ ପାଖକୁ । ସଦାନନ୍ଦ ଭାରି ଖୁସି ହୋଇଯାଏ । ମନ ଭରି ଟିକେ ସ୍ମିତା ସହ କଥା ହୋଇଗଲା ସେ ।

 Magazine Downloaded from www.aahwaan.com

ସ୍ମିତା ତା ବିଷୟରେ ସବୁ ଘଟଣା ବଳି କୁହେ । କେମିତି ତା'ର ବାହାଘର କେଉଁ ପରିସ୍ଥିତିରେ ହେଲା ବୋଲି । ହେଲେ ସଦାନନ୍ଦ ତା ପାଇଁ ଏତେ ସବୁ ଘଟଣା ବୋଲି ସେ ଜାଣିବାକୁ ଦିଏନି । ସଦାନନ୍ଦ ସ୍ମିତା ସହ କଥା ହୋଇ ଯେତିକି ଖୁସି ଅନୁଭବ କରୁଥିଲା ତାକୁ ତାର ଜୀବନ ସାଥୀ କରି ପାରିନଥିଲା ବୋଲି ବେଶି ମନ ଦୁଃଖ କରୁଥାଏ । ହେଲେ ସେ ସବୁ ନିଜ ଛାତି ଭିତରେ ଲୁଚାଇ ରଖିଦିଏ । ସ୍ମିତା କି ରଞ୍ଜନ କାହାକୁ ଜାଣିବାକୁ ଦିଏନି । ବେଳେ ବେଳେ ସଦାନନ୍ଦ ଭାବେ ସେ ସ୍ମିତାର ନମ୍ବର୍ ଡିଲିଟ କରିଦେବ ଆଉ କଥା ହେବନି କିନ୍ତୁ ବାରମ୍ବାର ଚେଷ୍ଟା କଲା ପରେ ବି କାହିଁକି କେଜାଣି ସେ କରି ପାରେନି । ସ୍ମିତା ରଞ୍ଜନ ବିଷୟର ସଦାନନ୍ଦକୁ ପଚାରି ତା'ର ବାହାଘର ବିଷୟରେ ଜାଣିପାରେ ଆଉ କୁହେ ଭଲ ହେଲା ବୋଧହୁଏ ଭଗବାନଙ୍କର ଇଚ୍ଛା ଏମିତି ହିଁ କିଛି ଥିଲା । ହେଲେ ସ୍ମିତା କୁହେ ସେ ଏବେବି ରଞ୍ଜନଙ୍କୁ ଭୁଲି ପାରିନି । ସଦାନନ୍ଦକୁ ଭାରି କଷ୍ଟ ହୁଏ ସ୍ମିତା ପାଖରୁ ଏମିତି ଶୁଣି । ନିଜକୁ ନିଜେ କୁହେ ଏପଟେ ସ୍ମିତା କହୁଛି ରଞ୍ଜନକୁ ଭୁଲିନି ସେପଟେ ରଞ୍ଜନକୁ ଭୁଲିନି । ଦୁହେଁ ପାଗଳ ହୋଇ ଯାଇଛନ୍ତି । ବାହାଘର ହୋଇ ଗଲା ପରେ ବି... ।

ରଞ୍ଜନ ଆଉ ଦିନେ ଫୋନ କରି ସଦାନନ୍ଦକୁ ସ୍ମିତାର ଖବର ପଚାରେ । ସଦାନନ୍ଦ ସେ ସ୍ମିତା ସହ କଥା ହେବା କଥା ଜମା କୁହେନି କିନ୍ତୁ କୁହେ, "ରଞ୍ଜନ ତୁ ତ ଏବେ ବାହା ହୋଇ ଗଲୁଣି । ଆଉ ସ୍ମିତା ବି ଏବେ ବିବାହିତ । ତୋର ନିଜର ସ୍ତ୍ରୀ ଅଛି ତୁ କାହିଁ ସ୍ମିତା ସ୍ମିତା ହଉଛୁ । ସାଙ୍ଗ ହିସାବରେ ତୋତେ ଏତିକି ସଜେସନ ତୁ ସ୍ମିତାକୁ ଭୁଲିଯା ।" ହେଲେ ରଞ୍ଜନ ରାଗିକି କୁହେ, "ସେ ସ୍ମିତାକୁ ଭୁଲି ପାରିବନି ଆଉ ଫୋନ କାଟିଦିଏ ।" ସେବେଠୁ ରଞ୍ଜନ ସଦାନନ୍ଦ ସାଙ୍ଗରେ ଭଲରେ କଥା ହୁଏନି । ସଦାନନ୍ଦ ନିଜ ଫୋନରୁ ରଞ୍ଜନର ନମ୍ବର୍ ଡିଲିଟ କରି ଦେବାକୁ ଭାବେ ହେଲେ କରିନି । ସେ ଦିନଠୁ ସେ ବି କଥା ହୁଏନି ରଞ୍ଜନ

 Magazine Downloaded from www.aahwaan.com

ସହ । କେତେବେଳେ କଥାହେଲେ ବି ସତେ ଯେମିତି ଆତ୍ମୀୟତା ଜମା ନ ଥାଏ । ହେଲେ ସଦାନନ୍ଦ ସ୍ମିତା ଯେବେ ବି ଅନଲାଇନ ଆସେ ଟିକେ କଥା ହୋଇଯାଏ । କିନ୍ତୁ ରଞ୍ଜନକୁ କିଛି ବି କୁହେନି । ସେ ଚାହୁଁଥାଏ ରଞ୍ଜନ ଆଉ ସ୍ମିତା କେବେବି କଥା ନ ହୁଅନ୍ତୁ । ହେଲେ ମନେ ମନେ ଭାବେ ରଞ୍ଜନ ଆଉ ସ୍ମିତା ଏବେବି କଥା ହେଉ ନାହାନ୍ତି ତ । ଏମିତି ଭାବି ଗୋଳେଇ ଘାଣ୍ଟି ହୁଏ । ହେଲେ କେମିତି ସେ ଜାଣିବ । ସ୍ମିତା କି ରଞ୍ଜନକୁ ତ ପଚାରି ପାରିବନି । ଦିନେ ରାତିରେ ଅଭ୍ୟାସ ଭଳି ଶୋଇବା ଆଗରୁ ସଦାନନ୍ଦ ମୋବାଇଲରେ ହ୍ୱାଟ୍ସଆପ ଖୋଲିଲା । ଚେକ୍ କଲା ଉଭୟ ରଞ୍ଜନ ଆଉ ସ୍ମିତାର ନମ୍ବର୍ । ଯେମିତି ଭାବିଥିଲା ସେମିତି ଦୁହେଁ ଅନଲାଇନ ଥିଲେ । ଉଭୟ ଅନ ଲାଇନ ରହିବାଟା ସଂଯୋଗ ନା ସତରେ ସେମାନେ ଚାଟ କରୁଛନ୍ତି । କଣ କହୁଥିବ ସ୍ମିତାକୁ ରଞ୍ଜନ ! ! ରଞ୍ଜନକୁ ସ୍ମିତା ! ! ରାତି ସାଢ଼େ ଗୋଟାଏରେ । ରଞ୍ଜନର ସ୍ତ୍ରୀ ଆଉ ସ୍ମିତାର ସ୍ୱାମୀ କଣ କିଛି ଜାଣି ପାରୁନାହାନ୍ତି । ସଦାନନ୍ଦର ଛାତି ଭିତରଟା କଣ ହୋଇଗଲା । ତା' ପରେ ସେ ମନେ ମନେ ହସିଲା, ନିଜକୁ ନିଜେ କଠିନ କରିବାକୁ ଚେଷ୍ଟା କଲା । ଏବଂ ୯୯୬ତମ ଥର ପାଇଁ ସେ ନିଷ୍ପତି କଲା ଉଭୟ ନମ୍ବରକୁ ସେ ଡିଲିଟ କରିଦେବ । ନିଶ୍ଚୟ କରିଦେବ । ସଦାନନ୍ଦ ନିଜେବି ସ୍ମିତାକୁ ଭୁଲି ପାରୁ ନଥାଏ । ହେଲେ ସେ ମନେ ମନେ ନିଶ୍ଚିତ କରେ ସେ ସ୍ମିତାକୁ ଭୁଲିବାକୁ ଚେଷ୍ଟା କରିବ । ହେଲେ ସେ ଯେତେ ଚେଷ୍ଟା କଲେ ବି ପାରେନି । ତାକୁ ସବୁବେଳେ ଲାଗେ ସ୍ମିତା ଆଉ ରଞ୍ଜନ ଏବେ କଥା ହେଉ ନ ଥିବେ ତ । ସେ ଉପାୟ ପାଞ୍ଚେ କଣ କରିବ ? କେମିତି ସେମାନଂକୁ ଅଲଗା କରିବ । ସେ ଶେଷରେ ଫେକ ଫେସବୁକ ଆକାଉଣ୍ଟ ଖୋଲି ପ୍ରଥମେ ସ୍ମିତା ଆଉ ରଞ୍ଜନ ସହ ଫ୍ରେଣ୍ଡସିପ କରେ ସ୍ମିତା ଆଉ ରଞ୍ଜନକୁ ପରସ୍ପର ବିରୋଧରେ ମେସେଜ କରେ । ସ୍ମିତା ଆଉ ରଞ୍ଜନକୁ ପରସ୍ପର ଠାରୁ ଦୂର କରିବା ପାଇଁ । ସେ ଭାବୁଥାଏ କାଳେ ସଫଳତା

 Magazine Downloaded from www.aahwaan.com

ପାଇଯିବ । ହେଲେଫଳ ଓଲଟା ହୁଏ । ସ୍ମିତା ଆଉ ରଞ୍ଜନ ପରସ୍ପର ସହିତ ଆଉ ଟିକେ ଅଧିକ ପାଖାପାଖି ହୋଇଯାନ୍ତି । ସଦାନନ୍ଦ ସ୍ମିତା ପାଖରୁ ଜାଣିବାକୁ ପାଏ, ଯିଏ ତାଙ୍କ ବିରୋଧରେ ଉଭୟଙ୍କୁ ମେସେଜ କରୁଛି ସେମାନେ ତାକୁ ଖୋଜୁଛନ୍ତି । ତେଣୁ ସଂଗେ ସଂଗେ ସେ ଫେକ୍ ଫେସବୁକ ଆକାଉଣ୍ଟ ବନ୍ଦ କରିଦିଏ । ସଦାନନ୍ଦର ସାରା ଦିନ ଆଉ ରାତି ରଞ୍ଜନ ଆଉ ସ୍ମିତା କଥା ଭାବି ଭାବି ବିତିଯାଏ । ସେମାନେ ଏବେ କଥା ହେଉନଥିବେ ତ !! ସ୍ମିତା ରଞ୍ଜନ ରଞ୍ଜନ ସ୍ମିତା ପାଖକୁ ଯାଇ ନ ଥିବ ତ !! ସେମାନେ କଣ କଥା ହେଉଥିବେ । ଏମିତି କେତେ କଥା ସେ ମନେ ମନେ ଭାବି ଚାଲେ ଆଉମାନସିକ ଚାପରେ ରୁହଥାଏ ।

ଏମିତି କିଛିଦିନ ଗଲା ପରେ ଦିନେ ହଠାତ ସ୍ମିତାର ହ୍ୱାଟ୍ସଆପ ମେସେଜ ଆସେ ସଦାନନ୍ଦ ପାଖକୁ, ମେସେଜରେ ଲେଖା ହୋଇଥିଲା, "ସଦାନନ୍ଦ ତୁମେ ମୋ ଭଲ ସାଙ୍ଗ ହୋଇକି ବି ଏମିତି କେମିତି କରି ପାରିଲ ?" ସଦାନନ୍ଦ ମେସେଜ ପଢି ବିବ୍ରତ ହୋଇଯାଏ । ସେ ରିପ୍ଲାଏ ଦିଏ, "ମୁଁ କଣ କଲି ସ୍ମିତା ?" ସ୍ମିତା କୁହେ, "ନିଜକୁ ଥରେ ପଚାରି ଦେଖ ତୁମେ କଣ କରିଛ ?" ସଦାନନ୍ଦର ମନେ ପଡ଼ିଯାଏ ସବୁକଥା କେମିତି ତା ନିଜର ସ୍ୱାର୍ଥ ପାଇଁ ସ୍ମିତା ଆଉ ରଞ୍ଜନକୁ ପରସ୍ପର ପାଖରୁ ଦୁରେଇ ଦେଇଥିଲା । କେମିତି ଫେକ୍ ଫେସବୁକ ଆକାଉଣ୍ଟ ଖୋଲି ସେମାନଙ୍କୁ ଦୂର କରିବାକୁ ଚେଷ୍ଟା କରିଥିଲା । ସ୍ମିତା ଆଗରେ ଯେମିତି ତାର ସବୁ ଭୁଲ ଧରା ପଡି ଯାଇଥିଲା । ସେ ସ୍ମିତାକୁ କ୍ଷମା ମାଗେ ନିଜ ଭୁଲ ପାଇଁ । ସ୍ମିତା ରାଗିକି କୁହେ, "କ୍ଷମା ନୁହେଁ ପ୍ରଥମେ କଣ ପାଇଁ ଆଉ କାହିଁକି ଏମିତି କଲ କୁହ ?" ସଦା ମେସେଜରେ ସବୁ ଭୁଲର ସ୍ୱୀକାରୋକ୍ତି ଲେଖିଦିଏ କେମିତି ସେ ତାକୁ ଭଲ ପାଇଥିଲା । କେମିତି ସେ ସ୍ମିତାକୁ ରଞ୍ଜନଠାରୁ ଦୂର କରିବା ପାଇଁ ତାଙ୍କ ଘର ଲୋକଙ୍କୁ ସେମାନଙ୍କ ସମ୍ପର୍କ ବିଷୟରେ ଜଣାଇ ଦେଇଥିଲା । ଶେଷରେ ପୁଣି ସେମାନଙ୍କୁ ନିକଟତର ହେବାର

 Magazine Downloaded from www.aahwaan.com

ଦେଖି ଫେସବୁକରେ ମିଛ ଆକାଉଣ୍ଟ ଖୋଲି ସେମାନଙ୍କୁ ଦୁରେଇବାକୁ ଚେଷ୍ଟା କରିଥିଲା । ସଦାନନ୍ଦ କୁହେ, "ପ୍ଲିଜ୍ ସ୍ମିତା ମୋତେ କ୍ଷମା କରିଦିଅ । ତୁମ ଭଲ ପାଇବାରେ ଅନ୍ଧ ହୋଇ କୋଉଟା ଠିକ କୋଉଟା ଭୁଲ ଜାଣି ନପାରି ଏମିତି ଭୁଲ କାମ କରି ଦେଇଛି ।" ସ୍ମିତା କୁହେ, "ମୁଁ ତୁମକୁ କେବେ ଅବିଶ୍ୱାସ କରି ନ ଥିଲି ସଦା ହେଲେ ମୁଁ ତୁମେ ମୋ ସହ ଏମିତି କିଛି କରି ପାରିଲ ମୁଁ ଏବେ ବି ବିଶ୍ୱାସ କରି ପାରୁନି । ଆଜି ବି ମୁଁ ତୁମକୁ ସନ୍ଦେହ କରି ନ ଥିଲି । ତୁମକୁ ସନ୍ଦେହ କରିଥିଲା ରଞ୍ଜନ ଫେକ୍ ଫେସବୁକ ଆକାଉଣ୍ଟକୁ ନେଇ । ସେ ହିଁ ମୋତେ କହିଥିଲା ତୁମକୁ ପଚାରିବାକୁ । ମୁଁ ତାକୁ କହିଥିଲି ସଦା କେବେବି ଏମିତି କରିବନି ହେଲେ ମୁଁ ଭୁଲଥିଲି । ହେଲେ ମୁଁ ଏବେ ତୁମ ମୁହଁରୁ ଜାଣିବାକୁ ପାଇଲି ରଞ୍ଜନ ଆଉ ମୁଁ ଅଲଗା ହେବା ପଛରେ ବି ତୁମେ । ଏଇଟା ରଞ୍ଜନ ଜାଣି ନଥିଲା କି ମୁଁ ବି ଜାଣି ନଥିଲି । ଏତେ ସରଳ ଚେହେରା ପଛରେ ଏତେ ବିକୃତ ମାନସିକତା । ମୁଁ ବିଲିଭ୍ କରି ପାରୁନି । ମୋତେ ଆଜି ଠୁ କେବେ କଲ୍ କି ମେସେଜ୍ କରିବନି ପ୍ଲିଜ୍ କହି ସ୍ମିତା ଚାଟ୍ ଅଫ କରିଦିଏ ।" ସଦାନନ୍ଦ ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ । ସ୍ମିତା ସହିତ କଥା ହେବାର କିଛି ସମୟ ପରେ ସଦାନନ୍ଦ ପାଖକୁ ରଞ୍ଜନର ବାରମ୍ବାର କଲ ଆସେ । ହେଲେ ସେ ରିସିଭ୍ କଲାନି । କେମିତି ବା ରିସିଭ କରିଥାନ୍ତା ସେ । ପର ମୁହୂର୍ତରେ ରଞ୍ଜନ ପାଖରୁ ସଦା ପାଖକୁ ଗୋଟିଏ ମେସେଜ ଆସିଲା ସେଥିରେ ଲେଖା ଥିଲା, "ବାଃ ରେ ସାଙ୍ଗ ବନ୍ଧୁତାର ତୁ ବେଶ ଭଲ ପରିଚୟ ଦେଲୁ । ତୋତେ ବହୁତ ଧନ୍ୟବାଦ ।" ସଦାନନ୍ଦ ମେସେଜଟି ପଢିଲା ତାକୁ ସେଇ ମେସେଜଟି ଛାତିରେ କଣ୍ଟା ଫୋଡିହେଲା ପରି ଲାଗିଲା କିନ୍ତୁ ସେ କିଛି ପ୍ରତ୍ୟୁତ୍ତର ଦେଇ ପାରିନ ଥିଲା । କଣ ଅବା ଦେଇଥାନ୍ତା ସବୁ ଭୁଲ ତ ତାହାର ।

ସଦାନନ୍ଦ ନିଜକୁ ନିଜେ ଭାବେ ମୁଁ ତ ଏମିତି ପିଲା ନ ଥିଲି । ସତରେ ଏ ଅନ୍ଧପ୍ରେମ

 Magazine Downloaded from www.aahwaan.com

ମଣିଷକୁ କଣ ନ କରାଏ । ସେ ସ୍ମିତାକୁ କ୍ଷମା ମାଗିବାକୁ ଚାହୁଁଥାଏ । ହେଲେ ଫୋନ୍ କି ମେସେଜ୍ କରିବାକୁ ସେ ସାହସ କରି ପାରେନି । ଦିନେ ସ୍ମିତାକୁ ହ୍ୱାଟ୍ସଆପରେ ଅନଲାଇନ ଦେଖି ସଦାନନ୍ଦ ସାହାସ କରି ମେସେଜ କଲା, "ସ୍ମିତା ପ୍ଲିଜ୍ ମୋତେ କ୍ଷମା କରିଦିଅ ମୋ ଭୁଲ ପାଇଁ ମୁଁ ଅନୁତପ୍ତ ।" ସ୍ମିତା ମେସେଜ ଦେଖିବାର ଢେର କିଛି ସମୟ ପରେ ରିପ୍ଲାଏ ଦିଏ, "ଦେଖ ସଦାନନ୍ଦ ତୁମେ ମୋତେ ମେସେଜ କି ଫୋନ କଲେ ମୋର ସେ ସବୁ ଘଟଣା ଯାହା ତୁମେ ମୋ ସହିତ ଯାହା କରିଛ ସବୁ ବାରମ୍ବାର ମନେ ପଡ଼ିଯାଉଛି । ପ୍ଲିଜ୍ ସେସବୁ ମୁଁ ମନେ ପକାଇ ଆଉ କଷ୍ଟ ପାଇବାକୁ ଚାହୁଁନି । ତୁମେ ଯଦି ମୋର ଟିକିଏ ବି ଭଲ ଚାହୁଁଥାଅ ତେବେ ପ୍ଲିଜ୍ ମୋତେ କେବେ କଲ୍ କି ମେସେଜ୍ କରିବନି । ହଁ ତୁମେ କ୍ଷମା ଚାହଁ ନା ତେବେ ଏମିତି କେବେ କାହା ସହ ଆଉ ଜୀବନରେ କରିବନି । ଭଗବାନ ତୁମକୁ କ୍ଷମା କରିଦେବେ । କିନ୍ତୁ ପ୍ଲିଜ ମୋତେ ଆଉ କେବେବି କଲ କି ମେସେଜ କରିବନି । ସ୍ମିତିର ଚାଟ୍ଅଫ୍ ହୋଇଯାଏ ।" ସଦାନନ୍ଦର ଚାରି ପାଖରେ ଯେମିତି ନୀରବତା ଛାଇ ଯାଇଥିଲା । ସ୍ମିତାକୁ ହରାଇ ସାରିଥାଏ । ନିଜେ ନିଜକୁ ପ୍ରତିଜ୍ଞା କରେ ସେ ଭଲ ମଣିଷ ହେବ ବୋଲି । ଏମିତି କିଛି ମାସ ଗଡିଯାଏ । ନା ରଞ୍ଜନ ନା ସ୍ମିତା ସହିତ ସଦାନନ୍ଦ କେବେ କଥା ହୋଇଛି । କେବେ କେବେ ହ୍ୱାଟ୍ସଆପରେ ଅନଲାଇନ ଆସିଲେ ସ୍ମିତାକୁ ଅନଲାଇନ ଥିବାର ଦେଖିଲେ ଏବେବି ଖୁସି ହୋଇଯାଏ କିନ୍ତୁ ସେ କେବେ ମେସେଜ୍ କରେନି । ହେଲେ ସେ ସେହି ସମୟରେ ରଞ୍ଜନକୁ ଅନଲାଇନ ଦେଖିଲେ ତାକୁ କୋଉଠି ଗୋଟେ ହୃଦୟ ଭିତରେ କଷ୍ଟ ହୁଏ କିନ୍ତୁ ସେ ନିଜକୁ ନିଜେ ଯେମିତି କୁହେ ନା ତାକୁ ଜମା କଷ୍ଟ ହେଉନି । ଏମିତି କିଛି ଦିନ ଗଲା ପରେ ସେ ଉଭୟ ରଞ୍ଜନ ଆଉ ସ୍ମିତାର ନମ୍ବର୍ କୁ ଡିଲିଟ କରିଦିଏ । ଫେସବୁକରେ ମଧ୍ୟ ସେ ଦୁହିଙ୍କ ଆକାଉଣ୍ଟକୁ ବ୍ଲକ କରିଦିଏ । ସେ ଭାବେ ସେମାନଙ୍କୁ

 Magazine Downloaded from www.aahwaan.com

ଦେଖିଲେ ସିନା କଷ୍ଟ ଲାଗିବ  ଆଉ ଏମିତିରେ ସ୍ମିତା ସହ ପୁଣି କଥା ହୋଇ ତାକୁ ଆଉ କଷ୍ଟ ଦେବାକୁ ଚାହୁଁ ନ ଥିଲା ।

ଆଜିର ଦିନରେ ସେ ଘଟଣାକୁ ଚାରି ବର୍ଷ ପୁରି ଗଲାଣି । ହେଲେ ସଦାନନ୍ଦ କେବେବି ସ୍ମିତାକୁ କଣ୍ଟାକ୍ଟ କରିବାକୁ ଚେଷ୍ଟା କରିନି ନା ସ୍ମିତା କେବେ ସଦାନନ୍ଦକୁ । ତଥାପି ବେଳେ ବେଳେ ସ୍ମିତାର ସ୍ମୃତିରେ ସଦାନନ୍ଦ ର ଆଖି ଝଲସି ଉଠେ ଆଉ ଦୁଇ ଧାର ଲୁହ ହୋଇ ବୋହିଯାଏ । ସେ ଜାଣି ବି ନ ଜାଣିଲା ପରି ଅଭିନୟ କରେ କିନ୍ତୁ ବୋଧହୁଏ ଆଜି ବି ସ୍ମିତା ସଦାନନ୍ଦ ର ହୃଦୟ ର କେଉଁ ଏକ ଅଦେଖା କୋଣରେ ସାଇତି ହୋଇ ରହିଛି ଆଉ ସବୁଦିନ ରହିଥିବ ।

ଗ୍ରାମ- କଲାଡ଼ିପୋ- ଟିଟ୍ରାପଙ୍ଗା

ଭାୟା- ଗୁମାଗଡ଼ଜିଲ୍ଲା- କନ୍ଧମାଳ

ପିନ- ୭୬୨୦୨୯

ଦୂରଭାଷ- ୯୪୩୯୫୪୨୫୨୧

ବୃତ୍ତି- ଶିକ୍ଷକତା, ପ୍ରାଥମିକଶିକ୍ଷକ,

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାର

# କବିତା ବିଭାଗ

 Magazine Downloaded from www.aahwaan.com

# ଶିକ୍ଷା ଓ ଶିକ୍ଷକ : କାଲି ଓ ଆଜି

ହେ ଗୁରୁଦେବ,

ଆଜି କାହିଁକି ତୁମେ କହିଥିବା

କଥା ସବୁ ମିଛ ମିଛ ଲାଗୁଛି...

ଆଜି କାହିଁକି ତୁମେ ଦେଇଥିବା

ପାଠ ସବୁ ଅଧା ଅଧା ଲାଗୁଛି...

ଆଜି କାହିଁକି ତୁମେ ଦେଖାଇଥିବା

ଆଲୋକିତ ରାସ୍ତାଟା ଅନ୍ଧାରୁଆ ଲାଗୁଛି

ଆଜି କାହିଁକି ତୁମ ହାତଗଢ଼ା ମଣିଷଟା

ବିକଳାଙ୍ଗ ପରି ଲାଗୁଛି...

ସେ ଦିନ ପ୍ରାଞ୍ଜଳ ଭାବରେ

କହିପାରୁଥିବା ମନ୍ତ୍ରଟା

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର

ଗୁରୁ ସାକ୍ଷାତ ପରଂବ୍ରହ୍ମ

ତସ୍ମୈଶ୍ରୀ ଗୁରବେ ନମଃ



କାର୍ତ୍ତିକ ପାଣିଗ୍ରାହୀ

ଆଜି କାହିଁକି ପାଟି ଖନି ମାରିଯାଉଛି... ?

ଆଜି କାହିଁକି ଶିକ୍ଷାଦାନ ମହତ ଦାନର

 Magazine Downloaded from www.aahwaan.com

ପରିଭାଷାଟା ବଦଳିଗଲା ଭଳି ଲାଗୁଛି

ଆଜି କାହିଁକି ଲାଗୁଛି

ଶିକ୍ଷାକୁ ଦାନ କରିବା ପ୍ରବୃତ୍ତିଟା

ଶିକ୍ଷାକୁ ଧନ କରିବାରେ ବଦଳିଯାଇଛି...

ଅବୈତନିକ ସେବାଟି ଆଜି କାହିଁକି

ବେତନ ଭିତରେ ସୀମିତ ହୋଇଯାଇଛି

ଗୁରୁଶିଷ୍ୟ ଅନାବିଳ ସଂପର୍କ ଭିତରେ

ଆଜି କାହିଁକି ଆବିଳତାର କଳଙ୍କ ଲାଗିଛି

ଶିକ୍ଷାଜ୍ୟୋତି ବହନର ସମର୍ଥମନରେ

ମାନସିକତାର ସ୍ଖଳନ ଘଟିଛି

ସଂଯମର ବାର୍ତ୍ତାବହ ପାଖେ

ଆଜି କାହିଁକି ସଂଯମ ବିଚ୍ୟୁତି

ହେ ଗୁରୁଦେବ କୁହନ୍ତୁ ତ ଦେଖି

କାହିଁକି ଆଜି ଶିକ୍ଷା ଓ ଶିକ୍ଷକ ବିପରୀତମୁଖି

ସତରେ କଣ ଶିକ୍ଷାରମାନ ବଦଳିଛି ?

ନା ଶିକ୍ଷା ଦେବାର ମାନସିକତା

କୁହନ୍ତୁ ତ ଥରେ !

ସତରେ କଣ ସମୟ ଏମିତି ବଦଳାଇପାରେ

ଶିକ୍ଷା ଓ ଶିକ୍ଷକର ଗୁଣବତ୍ତା

 Magazine Downloaded from www.aahwaan.com

ବିଦ୍ୟାଦାନର ମହାନତା

ବିଦ୍ୟାଦାନର ବଦାନ୍ୟତା

ଯଦି ନା

ତେବେ କାହିଁକି ଏ ବିଶୃଙ୍ଖଳତା

ଯଦି ହଁ

ତେବେ କଣ ତାର ଶେଷ ରାସ୍ତା

ହେ ଗୁରୁଶ୍ରେଷ୍ଠ

ଆଜି ବି ମୁଁ ପଥଭ୍ରଷ୍ଟ

କାହାକୁ ମୁଁ ଆପଣେଇବି

ତୁମେ ଦେଇଥିବା ସର୍ବଶିକ୍ଷର ଦାନକୁ

ନା ଆଜି ପାଉଥିବା ସର୍ବଭିକ୍ଷାର ମାନକୁ...

ବ୍ରହ୍ମପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୬୯୨୫୬୫୮୫୧

 Magazine Downloaded from www.aahwaan.com

# ମୌସୁମୀ ଓ ବିଧାତା

ମୌସୁମୀ ମୁଁ ତୁମକୁ କେତେ ଭଲପାଏ
ତୁମେ ନିଶ୍ଚୟ ଜାଣିଥିବ
ତୁମପାଇଁ କେତେ କବିତା ଯେ ଲେଖିଛି
ମନକୁ ମୋ ବୁଝିପାରୁଥିବ । [୧]
ତୁମେ ଯେତେବେଳେ କେଇଦିନ ପାଇଁ
ଆସି ମୋ ଠୁ ଚାଲିଗଲ
ଖୁବ୍ ମୁଁ ଖୋଜିଛି ତୁମକୁ ଏକାନ୍ତରେ
ଭାଙ୍ଗିଛି ମୋ ମନୋବଳ । [୨]
ତଥାପି ଭଲପାଇଛି ତୁମକୁ ମୋ ହୃଦୟରୁ
ଭୃକ୍ଷେପ କରିନାହିଁ କେବେ
ତମ ସ୍ମୃତିକୁ ନେଇ ଗାଇଚି ଗୁଣୁଗୁଣୁ ଗୀତ
ବେସୁରା କର୍କଶ ଅନୁରାଗେ । [୩]
ମୋ ପ୍ରତୀକ୍ଷାର ଆଜି ଘଟିଅଛି ଅନ୍ତ
ତୁମେ ଆସିଛ ବର୍ଷା ସାଥୀରେ
ବେଲଗାମ ମୋ ଦେହକୁ ଭିଜେଇଛ
ମଜ୍ଜି ତୁମ ପ୍ରୀତିଧାରେ । [୪]
ଆସିଲା ପରେ ତୁମେ ଚହଳ ପଡ଼ିଛି
ମୋ ଦରଦୀ ହୃଦୟ ଗ୍ରାମେ



କାହ୍ନୁଚରଣ ସାହୁ

Magazine Downloaded from www.aahwaan.com

ସବୁଜିମା ଖେଳି ଯାଇଛି ସବୁଦିଗ
ବିହଗ ଉଲ୍ଲାସେ ଭ୍ରମେ । [୫]
ଚଷା ଚଷେ ଆନନ୍ଦରେ ଗୀତଗାଇ
ଶୁଷ୍କ କ୍ଷେତରେ ତାର
ଲଙ୍ଗଳର ଧାରେ ବୁଣଇ ବିହନ
ବୁହାଇ ଝାଳ ଦେହର । [୬]
କେତେ କଷ୍ଟରେ ଜୀବନ ଜୀଅଁଇ
ଯାଯାବର କାଦୁଅରେ
ଓଳିଏ ଖାଇ ଓଳିଏ ଓପାସ ରୁହଇ
ଦିନବିତେ ରାଜପଥରେ । [୭]
ସଂଘର୍ଷ କରୁଥାଏ ଦିନ ତମାମ
ଏଣେ ତେଣେ ବୁଲି
ଖଣ୍ଡେ ରୁଟି ଖାଇ ଶୋଇଯାଏ
ସବୁ ଯନ୍ତ୍ରଣାକୁ ଭୁଲି । [୮]
ହାଏରେ ! ବିଧାତା ବିଚିତ୍ର ତୋ ଖେଳ
ପାରେ ନାହିଁ କେହିଜାଣି
କେବେ ତୁ ହସରେ କେବେ ତୁ କାନ୍ଦରେ
ରଚିଚାଲୁ ତୋ କାହାଣୀ । [୯]

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି
ଇମେଲ୍ : kahnuchsahus@gmail.com
ଭ୍ରାମ୍ୟଭାଷ : ୯୫୫୬୮୨୨୪୭

 Magazine Downloaded from www.aahwaan.com


# ମାଆ ପରି କିଏ ହେବ

ଦଶମାସ ରଖି ଜନମଦେଲୁ ତୁ, ଧରାକୁ ଆଣିଲୁ ମୋତେ
କେତେ କଷ୍ଟ ସହି ମୋର ଲାତ ଖାଇ, ସହିଲୁ ଭାର ଯେ କେତେ
କେତେ ରାତି ରାତି ଉଜାଗର ରହି ସେବା ଯତ୍ନ ମୋର କଲୁ
ତୋହରି ସ୍ନେହର ପଣର ତଳରେ ବୁକୁଚିରି ଖାଦ୍ୟ ଦେଲୁ ।

କେତେ ଅଳି ଅର୍ଦ୍ଦଳି ଅଝଟ ମୋର, ହସି ହସି ତୁ ସହିଲୁ
ନିଜେ ନ ଖାଇ ତୋ ପେଟକୁ ତୁ ମୋତେ ଖାଇବାକୁ ସବୁ ଦେଲୁ
ଜ୍ୱର ଥଣ୍ଡା କାଶେ ଅନିଦ୍ରା ରହିତୁ ମୋର ଯତନ ଯେ ନେଲୁ
ମୋ ଆଖିର ଲୁହ ସହି ନ ପାରି ତୁ ପଣତରେ ପୋଛୁଥିଲୁ ।

ସବୁ ମନେଅଛି ତଥାପି ରହୁଛି, ବୁଝିଲି ନାହିଁ ତୋ ଦୁଃଖ
ତୋ'ଠାରୁ ମୁହିଁ ଦୂରରେ ରହିଲି, ଲଭିଲି ମାୟାର ସୁଖ
ବୋଉ ଏ ଅଧମ କ୍ଷମା ମାଗୁଅଛି, ରଖିଥିବୁ ଆଶୀର୍ବାଦ
ତୋତେ ହେଳା କରି ଅନୁତପ୍ତ ମୁହିଁ ମନରେ ଆସୁଛି ଦେଖ ।

ମାଆ ପରି କିଏ ହେବ ଏ ସଂସାରେ ସିଏ ତ ଜଗତେ ଶ୍ରେଷ୍ଠ
ତା ଋଣ କେବେ ହେବନି ହେ ସୁଝି, କରେ ସେ ଯେତିକି କଷ୍ଟ ।



ଅମ୍ବିକା ସ୍ୱାଇଁ

ଭୁବନେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୫୯୯୬୯୫

 Magazine Downloaded from www.aahwaan.com

# ଆମର ଅଟଳ : ଅମର ଅଟଳ

ହେ ଯୁଗପୁରୁଷ ଏ ଯୁଗରେ ଶ୍ରେଷ୍ଠ
ଅନନ୍ୟ ତୁମ ବ୍ୟକ୍ତିତ୍ୱ
ଅଟଳ ଅଚଳ ହେ ମହାମହୀମ
ନୁହେଁ କେହି ସମକକ୍ଷ ।
ସଂଗ୍ରାମ ତୁମର ଏକମାତ୍ର ମନ୍ତ୍ର
ହୃଦୟେ ରହିଛି ସଦା
ଆଖିରେ ଆଖିଏ ସ୍ୱପ୍ନଥିଲା ସତ
ସୁନାର ଭାରତ ଏକା ।
ଗଢ଼ିବାକୁ ଏକ ସୁନାର ଭାରତ
ଆଖିରେ ଆଖିଏ ସ୍ୱପ୍ନ
ନିୟତି ନିର୍ଦ୍ଦେଶେ ରହିଗଲା ବାକି
ସ୍ୱପ୍ନ ହେଲା ଅସଂପୂର୍ଣ୍ଣ ।
ପଲ୍ଲୀଠାରୁ ଦିଲ୍ଲୀ ସବୁରି ହୃଦୟେ
ତୁମରି ସ୍ଥାନ ନିଆରା
ପୋଖରାନ୍ ପରୀକ୍ଷା ପରମାଣୁ ଅସ୍ତ୍ରେ
ଚକିତ ହେ ବିଶ୍ୱସାରା ।



ପ୍ରକାଶ ଚନ୍ଦ୍ର ପଣ୍ଡା

 Magazine Downloaded from www.aahwaan.com

ନାମରେ ଅଟଳ ହସ ଛଳ ଛଳ
କଥା କଥାକେ କବିତା
ଶାଣିତ ଭାଷଣେ ହସ ହସ ମୁଖେ
କହୁଥିଲ ମନବ୍ୟଥା ।
ହିନ୍ଦୁତ୍ୱ ବେଦନା ଉଦାର ଭାବନା
ନବଭାରତର ବୀର
କବି, ରାଜନେତା ହେ ମହାନ ନେତା
ତୁମକୁ କୋଟି ଜୁହାର ।

କଲ୍ୟାଣପୁର, ଭୂଇଁପୁର, ଯାଜପୁର
ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

 Magazine Downloaded from www.aahwaan.com

# ତୁମପରି କିଏ ହେବ

ତୁମପରି କିଏ ହେବ
ବରଷା ବର୍ଷିଲେ
ଝରକାରେ ହାତ ଦେଖାଇ
ଖିଲି ଖିଲି ହସୁଥିବ
ତୁମପରି କିଏ ହେବ !

ଓଠରୁ ତୁମର
ଶୁଣିବାକୁ କଥା
ମନ ସବୁବେଳେ ଝୁରୁଥିବ
ତୁମ ପରି କିଏ ହେବ !

ଦେଖିବା ଆଗରୁ
କାଗଜ ଉପରେ ଏଇ ହାତ
କଲମରେ ତୁମ ଛବି ଆଙ୍କୁଥିବ
ତୁମ ପରି କିଏ ହେବ !

ଅନାମିକା ପରି ଲାଗ
ଗଳ୍ପରୁ ଝରି ତୁମେ
ସ୍ୱର୍ଗର ପରୀ ତୁମେ

ଆଖି ଚାହିଁ ରହିଥିବ
ତୁମ ପରି କିଏ ହେବ !

ଅଜବ ପ୍ରେମର
ପ୍ରେମିକା ମୋହରି
ତୁମ ହାତଧରି
ଏଇ ପାଦ ସବୁଦିନ ଚାଲୁଥିବ
ତୁମ ପରି କିଏ ହେବ !



ଜୟନ୍ତ କୁମାର ସାହୁ

 Magazine Downloaded from www.aahwaan.com

# ମୁଁ ସପନର ସୌଦାଗର

ଜୀବନଟା ମୋର ଅତୀତ ସ୍ମୃତିର ଏକ ଅବାସ୍ତବ ପୃଷ୍ଠା
ସେ ପୃଷ୍ଠାକୁ ପଢୁ ପଢୁ ମୋର ମନେପଡ଼ିଲା ବହ୍ନିଶିଖାର କଥା ।
ସେ ସରଳ, କୋମଳ ଓ ଗୋଟେ ଚାଉଳରେ ଗଢ଼ା
ଛୋଟ ଛୋଟ କଥାରେ ରାଗିଯାଇ ସାଜିଥାଏ କ୍ଷଣକୋପା ।
ପିଲାଦିନୁ ତା ସହ ଥିବା ସଂପର୍କର ଅଭୁଲା ଗାଥା ।[୧]

ମୋ ସାଇକେଲରେ ବସି ଭଦ୍ରକରୁ ଯାଜପୁର ଯାତ୍ରା
ବୈତରଣୀ କୁଳରେ ଫଟୋ ଉଠାଇବାର କଥା ।
ମୋ ସହ ତୁଚ୍ଛା କଳିକରି ଅଭିମାନରେ ଥାଏ ତାର ଆଶା
ତଥାପି ଚକୋଲେଟ୍ ଦେଇ ମାନଭଞ୍ଜନରେ ଲାଗେ ମୋ ନିଶା ।
ସକାଳର ପଦ୍ମକଢ଼ି ପରି କୋମଳ, ସତେଜ ମନମୁଗ୍ଧା
କୋମଳ ଖରାରେ ତା ସୌନ୍ଦର୍ଯ୍ୟ ଦେଖି ଡାକେ ମୁଁ ତାକୁ ସ୍ନିଗ୍ଧା ।
ଯେତେବେଳେ ସେ ତୃତୀୟ ପୁରୁଷଟା ଆସିଗଲା ଆମ ମଝିରେ
ସଂପର୍କଟା ଭାଙ୍ଗିଗଲା ଗ୍ଲାସ୍ ସ୍ଲାବ୍ ପରି ମୋ ଆଖି ଆଗରେ ।
ଆଜି ଏ ବୈତରଣୀ ନଦୀର କୂଳେ
ମନେ ପଡ଼ିଗଲା ପୁରୁଣା ପ୍ରୀତି ଏ ଛାତି ତଳେ



କେଶରୀ ପ୍ରସାଦ ମହାନ୍ତି

 Magazine Downloaded from www.aahwaan.com

ନଦୀର ସ୍ରୋତ ହେବାକୁ ଲାଗିଛି ପ୍ରଖର

ତଥାପି ମୁଁ ତା ଅପେକ୍ଷାରତ ପ୍ରେମିକ ପ୍ରବର ।

ନଲାଗୁ ତାକୁ କାହାର ନଜର

ମୁଁ ତା ସପନର ସୌଦାଗର ।

ମୁଁ ତା ସପନର ସୌଦାଗର ।

ଭଦ୍ରକ, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୧୯୪୬୦୧

ଇମେଲ୍ : keshariprasadmohanty2001@gmail.com

 Magazine Downloaded from www.aahwaan.com

# ପରସ୍ତ ପରସ୍ତ

ସଖୀଟିଏ ପଚାରିଲା ପୀରତି ପାଇଁ
ଏ ଦୁନିଆଟା ଭିତରେ ଆଉ କିଏ ନ ଥିଲେ ଯେ
ଏମିତି ଅଜବ ପଥର ସହ ଭାବ ବାନ୍ଧିଲି ।

ଏଠି ମୁହୂର୍ତ୍ତକରେ କେତେ କେତେ ଶିଶୁ
ଜନ୍ମନିଅନ୍ତି ଏକ ନିର୍ଦ୍ଦିଷ୍ଟ ପରିଚୟ ନଥାଇ ବି
ବଡ଼ ହୁଅନ୍ତି, ବଡ଼ ବୋଲାନ୍ତି ଓ କେତେ ରକମର
ଭେକ ଦେଖାନ୍ତି ପୀରତି ପାଇଁ
ବିରତି ନଥାଇ ଶୋଷି ଦିଅନ୍ତି ତ’ ଏକଦମ ସବୁକିଛି
ବେଳେ ବେଳେ ନିଜେ ବି ଶେଷ ହୋଇଯାଆନ୍ତି
ଖୋଜନ୍ତି କି ଏମାନଙ୍କ ମଧ୍ୟରୁ କାହାକୁ ଯେ ଏଠି
ଭାବର ବି ମପାଚୁପା ସଂଜ୍ଞା ଥାଏ ।



ହରିହର ପଣ୍ଡା

ଯାହା ସବୁ ସୀମାବଦ୍ଧ ଥାଏ ହୋଇ
ଫୁଲଟିଏ, ଫଳଟିଏ ଅବା ବିନ୍ଦୁଏ ଜଳଦେଇ
ଭାବ ଜମାଇ ହୁଏନା, ମନ ଭିତରେ ଫୁଟୁଥିବା

 Magazine Downloaded from www.aahwaan.com

ନିଃସଙ୍ଗତା କ୍ରମଶଃ ଦେହମନକୁ

ଶୋଷି ନେଇଗଲାପରେ ବି ଶୋଷ ମେଣ୍ଟେନା ।

ମୁଁ ଜାଣେ ମୋ ଭିତରେ ପରସ୍ତ ପରସ୍ତ

ଅନ୍ଧାର କୋଠରୀ, ଏକକୁ ଆର ଆହୁରି ଅନ୍ଧାର

ସୀମାରେଖା ପାଇଁ ଆଲୁଅର ବି ବଳ ପାଏନା

ଯେତେ ମତ୍ତ ହୁଏ ମୋ ଅସୀମତା ଦେଖି ମୁଁ ନିଜେ ।

 Magazine Downloaded from www.aahwaan.com

# ହସ୍ତରେଖା

ମୋ ହାତରେ ପ୍ରେମରେଖା

ଅଛି ନା ନାହିଁ ! ! !

ଯନ୍ତ୍ରଣାରେ ଚାଲିଛି ଏ ଜୀବନ

ପୀଡ଼ାରେ ଜଳୁଛି ମୋ ମନ

ସୁଖର ମହକ ପାଲଟିଗଲା ସପନ [୧]

ଲାଗେ ଯେପରି ଛାଡ଼ି ପଳାନ୍ତି

ଏ ସହରଠାରୁ ବହୁତ ଦୂର

ସୁଖସ୍ଥାନରେ ବାଜେ ସୁମଧୁର ସ୍ୱର

ମୋ ହାତରେ ସୁଖର ରେଖା

ଅଛି କି ନାହିଁ ! ! ! [୨]



ଏ ହସ୍ତରେଖା କୁହେ ସତେ ଯେପରି

ପ୍ରାୟଶ୍ଚିତ କରୁଛି ମୁଁ ଗତଜନ୍ମର ପାପ

ନାହିଁ ବିଦେଶ ଭ୍ରମଣ ରେଖା, ନା ଅଛି ରାଜଯୋଗ

ଅଛି ଏକ ନିରୀହ ହୃଦୟ ।[୩]

ରିଭୁ ଆଭୁଷଣ ପଣ୍ଡା

Magazine Downloaded from www.aahwaan.com

# ସେ ନିଶ୍ଚୟ ଆସିବ



ହିତେଶ ମହାପାତ୍ର

ଫୁଲର ବଗିଚାରେ
ତାରାର ଗାଲିଚାରେ
ଖୋଜୁଛି ମୁଁ ତାକୁ
ସେ ନିଶ୍ଚୟ ଆସିବ ।
ସେ ହିଁ ବ୍ରହ୍ମ, ସେ ହିଁ ଅନନ୍ତ
ଗୋଟିଏ ହାତେ ତାର
ଆକାଶର ବକ୍ଷ
ଅନ୍ୟହାତେ ପୃଥିବୀର ଅକ୍ଷ
ଚାହିଁଦେଲେ ତାକୁ
ଝରିଆସେ ଲୁହ
ଦୁଃଖ ସୁଖ ମିଶି
ହୋଇଯାଏ କୋହ
ଭାରି ଅଝଟିଆ ମୋ ପୁଅ କାହ୍ନା
ଭାଙ୍ଗିଥାଏ ଲବଣୀ ହାଣ୍ଡି
କେତେ କଲେ ବି ମନା ।
ନିୟମେ ସେ ମୋ ପୁଅ
ମାତ୍ର ପୋଛିଥାଏ
ସମସ୍ତଙ୍କ ଲୁହ
କାହାର ଚୋରାଏ ଚିତ୍ତ
କାହାକୁ ବନାଏ ଭକ୍ତ
କାହାକୁ ତାରେ, କାହାକୁ ମାରେ
ଆକୁଳେ ଡାକିଲେ
ହୃଦୟେ ଘରକରେ ।
ଡାକି ଡାକି ତାକୁ
ଗଲିଣି ମୁଁ ଥକି
ଶୁଖି ଗଲାଣି ତଣ୍ଟି
ଶୁଖି ଗଲାଣି ଲୁହ
ହେ ଗୋପାଳ...
ପଦେ ତ କଥା କୁହ ।
ଆଖି ଆଗେ ଦିଶୁଅଛି
ତାର ଦୁଷ୍ଟାମୀର ହସ
ପଲକେ ମାତ୍ରେ ଭାସିଆସେ

 Magazine Downloaded from www.aahwaan.com

ତାର ଅନନ୍ତ ବେଶ ।

ତା ଆଦେଶେ ସୂର୍ଯ୍ୟ ଆସେ

ତା ଆଦେଶେ ଜହ୍ନ

ତା ଆଦେଶେ ଫୁଲଫୁଟେ

ବୀଣା କରେ ଗାନ

ସେ ରାଗିଲେ ଗଗନ କମ୍ପେ

ସେ କାନ୍ଦିଲେ ଝରେ ବର୍ଷା

ଅଭିମାନିଆ ସେ ମୋ

ଦୁଃଖର ପସରା

ପ୍ରତୀକ୍ଷାରେ ବସିଛି ମୁଁ

ସେ ନିଶ୍ଚୟ ଆସିବ ପରା ।

# ଆଖି

ଆଖି
ଅସମାପ୍ତ ସଂଳାପ
ଚିତ୍ରମୟ ଧରିତ୍ରୀ ।

ଆବେଗରେ ଭିଜା ଭିଜା
ସଜଫୁଟା ଗୋଲାପ ।
ଫଗୁଣରେ
ଅଣଚାଷ ବାତ୍ୟା ।
ପଲଅରେ ପୁଲକର
ସହସ୍ର ଜାହ୍ନବୀ
ବେଦନାର ଅସଂଖ୍ୟ ପୁରବୀ ।
କେବେ କେବେ ଆଖି
ବାରୁଦର ଗଦା
ଅଜସ୍ର ସ୍ଫୁଲିଙ୍ଗ ତୋଳେ
ଶତ୍ରୁ କପାଳରେ
କହେ କେବେ ମଧ୍ୟାହ୍ନର କଥା ।
ଆଖି
କଷଟି ପଥର
ସତ୍ୟର ଅସତ୍ୟର
କପଟ, ନିଷ୍କପଟର
ନୀଳ ଅଂଗୀକାର ।
ଅନନ୍ତ ମହାକାଳର
ଖଳ ଖଳ ତୂର୍ଯ୍ୟ
ନିଦାନର ସୂର୍ଯ୍ୟ ।

ଆଖି,
ଅଯୁତ ଯୁଗର
ତରଙ୍ଗିତ ସ୍ୱପ୍ନ
ବିବର୍ତ୍ତନର ଅଛିଣ୍ଡା ଭଗ୍ନାଂଶ
ନିର୍ଜନର ପରିଧିରେ
ଛନ ଛନ ଆଶଂକିତ ପକ୍ଷୀ
କୋଳାହଳ ବନ୍ଧୁପଣେ
ନିଶଙ୍କ ସୁନ୍ଦରୀ ।
ମାଆ ମୁହେଁ ମମତାର
ଛଳଛଳ ନଈ,
କେବେ ନାଚେ ଆଖି



ପ୍ରଭାତ କୁମାର ଆଚାର୍ଯ୍ୟ

 Magazine Downloaded from www.aahwaan.com

ସଂସ୍କୃତିରେ ସଂକଳ୍ପରେ
ଜାନ୍ତବ ଭୋକରେ ତ
ଶତ ଇନ୍ଦ୍ରଧନୁ ଫୁଟେ
ଇନ୍ଦ୍ରିୟ ଗଗନେ
ବାଜିଉଠେ ପଦ୍ମବନେ
ଅସମାପ୍ତ ସ୍ୱର
ସୀମିତ ସବୁଜରେ
ମୁହୂର୍ତ୍ତ ପାଲଟିଯାଏ
ଜୀବନ୍ତ ଶାଳଗ୍ରାମ ।

ବେଳେ ବେଳେ ଛୁଏଁ
ନିଭୃତ ଭୂଗୋଳ
ସ୍ୱପ୍ନର ଅଳକାପୁର
ଆକାଂକ୍ଷାର କଳକଳ ସୀମା
ସଂପର୍କର ସବୁଜ ସ୍ୱାକ୍ଷର ।

ଆଖିରେ ଆଖିରେ
ଜନ୍ମମୃତ୍ୟୁ ପ୍ରଳୟର
ଯୁଗାନ୍ତର ଲିପି:
ସମୟର ଉଦ୍ଦୀପ୍ତ କାନଭାସ
ଅହେତୁକ ସତ୍ତାର ସଂକେତ
ଚାରି ଆଖିରେ
ସଂସର୍ଗର ଅମୋଘ ଚୁମ୍ବନ
ପ୍ରାଣୁଁ ପ୍ରାଣେ
ନିର୍ଲିପ୍ତ ସମ୍ମୋହନ
ସଜଳ ସ୍ମୃତିର ଅଂଗନ ।


ଆଖିଥିଲେ
ପୂର୍ଣ୍ଣ ପୂର୍ଣ୍ଣ ଲାଗେ
ଆକାଶ, ପୃଥିବୀ ପାତାଳ
ସବୁ ଶୂନ୍ୟସ୍ଥାନ
ଅପଲକ ଆଖିର
ଅତୀନ୍ଦ୍ର ଆକର୍ଷଣ
ଯେଉଁଠି, ଅଜାଡ଼ି ହୋଇପଡ଼େ
ଆତ୍ମାର ନିଃସର୍ତ୍ତ ସମର୍ପଣ ।

ଏଲ୍.ଆଇ.ସି କଲୋନୀ, ୨ୟ ଗଳି
ଭଞ୍ଜନଗର, ଗଞ୍ଜାମ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୬୪୦୬୧୧

 Magazine Downloaded from www.aahwaan.com

# ମୋ ପିଲାଦିନ

ମନେ ପଡ଼େ ଆଜି କାହିଁ
ସେଇ ପିଲାଦିନ
ବାଲିଧୂଳି ଖେଳ ଆଉ
ଅମାନିଆ ମନ ।
ଖୋଜିଲେ ବି ମିଳେନାହିଁ
ସେ ମଧୁର ସ୍ମୃତି
ଗାଁ ସାଙ୍ଗସାଥୀ
ଆଉ କେତେ ପ୍ରିୟାପ୍ରୀତି ।
ଗାଁର ସେ ଆମ୍ବତୋଟା
ଆଉ ଗାରକାଟି
ଖେଳୁଥିଲି ଦିନେ ମିଶି
ମୁଁ ଖପରା କିତି ।
କାଗଜ କଣ୍ଢେଇ ଆଉ
କାଗଜର ଶାଢ଼ୀ
କରିଦିନେ ଖେଳୁଥିଲି
ଭାତଡାଲି, ତରକାରୀ ।
ଆଜି ବି ମନେ ଅଛି
ସେ ଅଭୁଲା ସ୍ମୃତି
ଟ୍ୟୁସନରୁ ଫେରୁଥିଲୁ
ଧରି ଲଣ୍ଠନର ବତୀ ।



ବେବିସ୍ମିତା କର

 Magazine Downloaded from www.aahwaan.com

# ଏମିତି ନିତିଦିନ ଘଟୁ

ଶୁଣ... ! ଏମିତି ନିତିଦିନ ଘଟୁ ।
ମୁଁ ଝୁମୁଥିବି... ତୁମେ ଗାଉଥିବ ।
ମୋ ପ୍ରାଣର ସଂଗୀତ,
ତୁମ କଣ୍ଠ ବୀଣାବାଦ୍ୟେ ବାଜୁଥିବ... !
ତୁମ ହସିଲା ଆଖିର ଯାଦୁରେ
ମୁଁ ଗଢୁଥାଏ, ଏକ ସ୍ୱପ୍ନର ମହଲ
ତୁମ ନୀରବ ଓଠର ଭାଷାରେ
ମୁଁ ଶୁଣିଯାଏ, ସେଇ ମଧୁର ଗଜଲ
ଏମିତି ନିତିଦିନ ଘଟୁ... !
ମୁଁ ଶୁଣୁଥିବି, ତୁମେ କହୁଥିବ
ମୋ ଆଶା ପ୍ରଦୀପିକା
ତୁମ ମନ ଅଗଣାରେ ଜଳୁଥିବ ।
ତୁମ ସରଳ ଆବେଗ ଶବ୍ଦରେ
ମୁଁ ଲେଖୁଥାଏ, ଜାଣ ବିମୁଗ୍ଧ ଶାୟରୀ
ତୁମ ଗହନ ପ୍ରୀତିର ରଙ୍ଗରେ
ମୁଁ ଆଙ୍କୁଥାଏ ପରା ପ୍ରତିଛବି ମୋର
ଏମିତି ନିତିଦିନ ଘଟୁ... !
ମୁଁ ଭାବୁଥିବି... ! ତୁମେ ବୁଝୁଥିବ... !
ମୋ ମନର ମୟୁରୀ
ତୁମ ସୂର ସଂଗୀତରେ ନାଚୁଥିବ ।
ମୋ ପ୍ରାଣର ସଂଗୀତ
ତୁମ କଣ୍ଠ ବୀଣାବାଦ୍ୟେ ବାଜୁଥିବ ! ! !



ବନ୍ଦିତା କର

 Magazine Downloaded from www.aahwaan.com

# ବିରହିଣୀ ରାଧା

ଭିଜୁଛି ପଲକ ଆଜି ନୟନ ଝରରେ
ଦର୍ଶନାଭିଳାଷୀ ମୋର ବ୍ୟାକୁଳ ହୃଦୟ
କେଉଁଠାରେ ତୁମେ ପ୍ରାଣପ୍ରିୟା ଆହେ
ଲୋକଲଜ୍ଜା ଭୟ ହେଲାଣି ଅସହ୍ୟ ।
ଶୁଭୁନାହିଁ ବୋଲି ତୁମ ବଂଶୀ ସ୍ୱର ଆଉ
ବିରହର ଅଗ୍ନି ହୃଦେ ଜଳେ ଦାଉ ଦାଉ
ଶେଷ ଇଚ୍ଛା ଖାଲି ଥରେ ଦେଖିବି ତୁମକୁ
ଉଡ଼ିବା ଆଗରୁ ପ୍ରିୟ ମୋର ପ୍ରାଣବାୟୁ ।
କଦମ୍ବରୁ ବାସ ହେଲାଣି ଯେ ଶେଷ
ମରୁଭୂମି ସମ ଆଜି ଲାଗେ କୁଞ୍ଜବନ
କାନ୍ଦୁଛି ଯମୁନା ଦେଖ ତୁମରି ବିହୁନେ
କାନ୍ଦେ ରାହା ଧରି ମୋ ଅବୁଝା ମନ ।
ଚୋରି କରିନେଲ ମୋ ଆଖିରୁ ନିଦ
ଦେଇଗଲ ପୁଣି ହଜାରେ ସପନ
କଟୁଛି ମୋ ଦିନ ପ୍ରିୟ ତୁମ ପ୍ରତୀକ୍ଷାରେ
ଜୀବନମରଣ ମଝିରେ ଜୀବନ ।
ବଞ୍ଚିବାକୁ ଆଉ ତିଳେ ନାହିଁ ଇଚ୍ଛା
ମରିପାରିବିନି ହୃଦେ ତୁମ ପ୍ରେମ ନେଇ
ତୁମ ପ୍ରେମପୂଜା ମୁଁ ଯେ ପୂଜାରିଣୀ
ପୂଜିବି ତୁମକୁ ପ୍ରୀତି ଜଳାଞ୍ଜଳି ଦେଇ ।



ସୌମ୍ୟରଞ୍ଜନ ସ୍ୱାଇଁ

Magazine Downloaded from www.aahwaan.com

# ଆଶାର ନଇକୂଳ

ପବନର ମୃଦୁ ଆଘାତରେ
ଶିହରୀ ଉଠଇ ମନ,
କୋକିଳର ପଞ୍ଚମ ବିତାନେ
ନାଚି ଉଠେ ଆମ୍ରବନ ।
ଆଶାର ନଇକୂଳେ କିଏ ଜଣେ
ସତେ କରିଛି ଅପେକ୍ଷା
ବାଣ୍ଟିଚାଲେ ତା ଅଫୁରନ୍ତ ପ୍ରେମ
ଟାଣି ସ୍ମିତହାସ୍ୟ ରେଖା ।
ହୃଦୟର ଏ ନିଭୃତ ପ୍ରଦେଶେ
କାହିଁକି ଏହି ସ୍ପନ୍ଦନ,
କାହା କରସ୍ପର୍ଶେ ସତେଜ ମନ
ନାଚିଉଠେ ଘନ ଘନ ।



ରବୀନ୍ଦ୍ରନାଥ ମହାରଣା

ଚଇତି ପବନେ ହସେ ବସନ୍ତ
ଚୋରା ପୀରତିକୁ ଚାହିଁ
ଜହ୍ନସାଥିରେ ହସେ ନୀଳକଇଁ
ଜୋଛନା ପରଶ ପାଇ ।
ଛମ୍ ଛମ୍ ନୂପୁର ତାଳେ ତାଳେ
ନାଚି ଉଠେ କାହା ପାଦ,
ଭଗ୍ନ ହୃଦୟେ ଶୁଭେ ଅହରହ
ସେ ପଦପାତ ଶବ୍ଦ ।
କାହା ଓଠର ମିଠା ମିଠା କଥା
କାନେ ବାଜେ ବାରମ୍ବାର
ଆଶାର ନଇକୂଳେ କିଏ ସେ
ମୋ ସାଥେ କରିବ ଘର ।

# ବିଘ୍ନରାଜ

ବିନାୟକ ଆଜି ଲମ୍ବୋଦର ସାଜି
ଉଦରେ କଷଣ ଭର,
ଜାଗତିକ ସୁଖ ବିସ୍ତାରେ ମୟୁଖ
ବିନାଶ ହରଣ କର ।
ଷୋଳକଳା ବଳି ଚଉଷଠି କଳା
ଭରିଛ ଅନ୍ତର ମାଝେ
କାରିଗର ତୁମେ ନିପୁଣ ନିଖୁଣ
ବିବିଧ ଭଙ୍ଗୀରେ ସାଜେ ।
ଗାୟକବର ଯେ ଗୁହ୍ୟପ୍ରବର ସେ
ଏକାକ୍ଷର ନାମେ ବିଧି
ଶୁଭ ପରିଣୟ ଲାଭକ୍ଷତି ଭୟ
ତୁମଠାରେ ରିଦ୍ଧି ସିଦ୍ଧି ।



ସୌମ୍ୟରଞ୍ଜନ ପାଲ

 Magazine Downloaded from www.aahwaan.com

# ସମ୍ପର୍କ

ସମ୍ପର୍କ ନଇ ବଢି ପାଣି

ବେଶକିଛି ବିଶ୍ୱାସ କୁ ଭରସା କରି

ବାଲିବସ୍ତା  ପରେ ବାଲିବସ୍ତା ଲଦି

ନିଘୋଡ  ନିଦରେ ଶୋଇ ହୁଏନି ଘରେ ଭୟ ଥାଏ

ବର୍ଷ ଆକାଶରେ ବିଜୁଳି ଓ ଘଡଘଡି ଶବ୍ଦରେ ନିଦ ଭାଙ୍ଗି ଯିବାର ଭୟ

ବର୍ତମାନ ଧୋଇ ଯିବାର ଭୟ

ପ୍ରଚୁର ଆଶଙ୍କା ବଢି ପାଣିରେ

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦



ଦୀପକ ଷଡଙ୍ଗୀ

 Magazine Downloaded from www.aahwaan.com

# ଅଳିଆ ଗଦାର ଅଲୋଡ଼ା ତୁଳସୀ

କଟକ ସହର ବଡ ମେଡିକାଲ
ଆସନ୍ତି ସେଠାକୁ ରୋଗୀ ହଜାର ହଜାର
ମୟୂରଭଞ୍ଜିଆ ମୁଁ ଯାଇଥିଲି କାଲି
ଦେଖାଇବାକୁ ମୋ ଅସୁସ୍ଥ ଶରୀର [୧]
ଡାକ୍ତର ଦେଖି ମୋ ଦୁର୍ବଳ ଶରୀର
ଲେଖିଲେ ଔଷଧ ଗୋଟିଏ ପୃଷ୍ଠାର
ସେ ଔଷଧ ପୁଣି ମିଳିବ କହିଲେ
ଅମୁକ ଦୋକାନ ଅମୁକ ଜାଗାର [୨]
ଖୋଜି ଖୋଜି ଯାଇ ପହଞ୍ଚିଲି ସେଠି
ବଢାଇଦେଲି ମୁଁ ଔଷଧ ଚିଠାଟି
ଗୋଟିଏ ଔଷଧ ନଥିଲା ବୋଲି ସେ
କହିଲା ଦିଅନ୍ତୁ ମୋତେ ଦି' ମିନିଟି [୩]
ଚୁପ୍‌ଚାପ୍ ବସି ପାଖ ଚଉକିରେ
ଚାହିଁଲି ରାସ୍ତାକୁ ଅନ୍ୟମନସ୍କରେ
ଲାଗିଲା ଯେମିତି ହଠାତ୍ କିଏ ସେ
ଡାକିଦେଲା ମୋତେ ଅଜଣା ସ୍ୱରରେ [୪]
ଏପଟ ସେପଟ ଦେଖିଲି ମୁଁ କେତେ



ଜ୍ୟୋତିରଞ୍ଜନ ସାହୁ

 Magazine Downloaded from www.aahwaan.com

ଜାଣିପାରିଲିନି ଡାକୁଛି କିଏ ସେ
ହଠାତ୍ ଦେଖିଲି ପାହାଚ କଡକୁ
ସାତ ଆଠ ପତ୍ର ତୁଳସୀ ଗଛଟେ [୫]
ଔଷଧର ଖୋଳ ଜରି ଓ ଗୁଟୁଖା
ତା ମଝିରେ ସିଏ ହସେ ଫିକା ଫିକା
ତିନି ଚାରି ପତ୍ର ପାନ ଛେପେ ନାଲି
ହାଲ୍କା ପବନରେ ଝୁଲେ ଏକା ଏକା [୬]
ଲାଗିଲା ଯେପରି କହୁଛି ତୁଳସୀ
ଅନ୍ତର ବେଦନା ହୃଦୟରେ ଜାକି
ଅଭିମାନଭରା ଛନ୍ଦରେ କୁହେ ସେ
କେହି ନାହିଁ ଏଠି ଯେ ମୋତେ ଚିହ୍ନୁଛି [୭]
ତୁଳସୀ କଥାରେ ମନେପଡିଗଲା
ମାଟି ଘର ପୁଣି ତୁଳସୀ ଚଉରା
ସନ୍ଧ୍ୟାବତୀ ଧରି ଚଉରା ମୂଳରେ
ପ୍ରାର୍ଥନା କରିବା ସ୍ମୃତିସେ ନିଆରା [୮]
ଆଜି ସବୁଆଡେ ବଡ ବଡ କୋଠା
ସଂସ୍କାର ନିୟମ ଟଙ୍କା ପାଖେ ବଙ୍କା
ମଣିଷ ଚିହ୍ନେନା ମଣିଷକୁ ଆଜି
ବିଜ୍ଞାନ ବି କହେ କିଏ ସେ ଦେବତା [୯]
ଭଙ୍ଗା ପାହାଚର କୋଣେ ଛିଡା ହୋଇ

 Magazine Downloaded from www.aahwaan.com

ପଚାରେ ତୁଳସୀ ମୁହଁକୁ ଶୁଖାଇ
ନାଲି ନେଳି ଧଳା ବଟିକା ପଛରେ
ଆୟୁଷକୁ ତୁମ ସାରୁଛ କିମ୍ପାଇଁ [୧୦]

ସୁସ୍ଥ ରଖ ସ୍ୱାସ୍ଥ୍ୟ ଚିତ୍କାର କରୁଛ
ଶ୍ରେଷ୍ଠ ଜୀବ ବୋଲି ଡିଂଡିମ ପିଟୁଛ
ପ୍ରକୃତିକୁ କରି ତୁମ ହତାଦର
କି ସମାଜ ତୁମେ ଗଢିବ ଭାବୁଛ [୧୧]

ଅଳିଆ ଗଦାର ତୁଳସୀଟେ ମୁହିଁ
ସନମାନ ଛାଡ ଆଦରବି କାହିଁ
ଧନ କି ରତନ ନୁହେଁ ବୋଲି ବୋଧେ
ନଜର କାହାରି ମୋ ଉପରେ ନାହିଁ [୧୨]

ତଥାପି ଦୋଷ ମୁଁ ଦେଉନି କାହାକୁ
ପଡ଼ିଛି ଆଦରି ମୋ ନିଜ ଭାଗ୍ୟ କୁ
ଜାଣିଛି ଜୀବନ ମୋର ଦୁଇ ଦିନ
ଥରଟେ ସମ୍ମାନ ଦିଅ ଏ ମାଆ କୁ [୧୩]

ଅଜଣା ଯୁବକ ବେଗେ ଚାଲିଗଲା
ତାର ପାଦ ତଳେ ମା ଟିଏ ଥିଲା
ଚିତ୍କାର କରି ମୁଁ ଉଠିଲି ସେଠାରେ
ଟିକେ ଚାହିଁ ତଳ ବାଟ ଚାଲ ଭଲା [୧୪]

ହସି ହସି ସେହି ଯୁବକ କହୁଛି

 Magazine Downloaded from www.aahwaan.com

ଅଳିଆ ଗଦାର ଆଟେ ଏତୁଳସୀ
ଏହାକୁ ମାଡିଲେ ଦୋଷ କିଛି ନୁହେଁ
ନହେଲେ ବାଟରେ ଚାଲିବା କେମିତି [୧୫]
ତାର କଥା ଶୁଣି ଲାଗିଲା ଯେମିତି
ଧରାଶାୟୀ ମା' ତୁଳସୀ କହୁଛି
ଏଭଳି ଭାବନା ଆସିଛି ଯେବେଠୁ
ବସୁଧା ଜନନୀ ଗୋମାତା କାନ୍ଦୁଛି [୧୬]
ବେଶି ଦୂର ନୁହେଁ ଆଉ ସେହିଦିନ
ଭୂପତିତ ହେବେ ସର୍ବେ ସନାତନ
ଏ ଦୁନିଆଁ ଯେବେ ଚିହ୍ନି ନପାରଇ
ଦେଇ ନଜାଣଇ ମା'କୁ ସମ୍ମାନ [୧୭]
ସହି ନପାରିଲି ମା'ର ଭତ୍ସନା
କ୍ଷମା ଚିନ୍ତିମନେ ଉଠିଲି ତତ୍‌କ୍ଷଣା
ଯତନେ ତାହାକୁ ଉଠାଇ ସେଠାରୁ
ଆଣି ଲଗାଇଲି ମୋ ଘର ଅଗଣା [୧୮]
ଅଳିଆ ଗଦାର ଅଲୋଡା ତୁଳସୀ
ଚଉରାରେ ମନ୍ଦ ମନ୍ଦ ହସୁଅଛି
ହସ ଦେଖିତାର ମନେ ମୁଁ ଚିନ୍ତିଲି
ବୋଧେ ସନାତନ ଆଜି ବି ବଞ୍ଚିଛି
ବୋଧେ ସନାତନ ଆଜି ବି ବଞ୍ଚିଛି [୧୯]

 Magazine Downloaded from www.aahwaan.com

# ବିପିଏଲ୍ କାର୍ଡ୍

ନଈପଠା ବିଲ ସୁନା ଧାନକ୍ଷେତ
ହସୁଥିଲା ସୁନା ସୋରିଷ ଫୁଲ,
ସନିଆ ପ୍ରଧାନ ମନ ଭରିଯାଏ
ଦେଖିଦେଲେ ଥରେ ସୁନା ଫସଲ । [୧]

ହଳ କରିବାକୁ ସନିଆ ଆସଇ
ସକାଳୁ ଧରି ତା ହଳଲଙ୍ଗଳ,
ଦିନ ଦଶଟାରେ ଗଉରୀ ତା ସ୍ତ୍ରୀ
ନେଇ ଆସେ ଶାଗ ବାସି ପଖାଳ । [୨]

ନାନା ଜାତି ପନିପରିବା ତୋଳି
ଗଉରୀ ବିକଇ ହାଟରେ ନେଇ,
ବଡ଼ ବାବୁମାନେ ପରିବା କିଣନ୍ତି
ଶାଗ ଲଙ୍କାପରି ପଇସା ଦେଇ । [୩]



ମନୋରଞ୍ଜନ ମୁଦୁଲି

ଡିନର ଲଞ୍ଚ ବାବୁଏ ଖାଆନ୍ତି
ଡାଇନିଂ ଟେବୁଲ ଉପରେ ଯାଇ
ଦିନଟିଏ କିଏ ବାବୁ ଭାବନ୍ତିନି
ସନିଆ ପଧାନ ଫସଲ ପାଇଁ । [୪]

 Magazine Downloaded from www.aahwaan.com

ଖତ ସାରଦେଇ ଚାଷ କରିଥାଏ

ବନ୍ୟା ମରୁଡ଼ିରେ ଯାଏ ଉଜୁଡି,

ଋଣନେଇ ପୁଣି ନିଲଠା ଚାଷୀଟା

ଆଶା ରଖିଥାଏ ବଞ୍ଚିବା ପାଇଁ । । [୫]

ସରପଞ୍ଚ ଆସି କହିଲେ ସନିଆ

ବିପିଏଲ୍ କାର୍ଡ଼ ନେଉନୁ କାହିଁ,

ତୋ ପାଇଁ କେତେ ଯୋଜନା ଏଥର

ନେଉନୁ ସୁଯୋଗ ସନା କିମ୍ପାଇ । [୬]

ଖର୍ଚ୍ଚପାଣି କିଛି କରିଦେ ସନିଆ

ଚାଷ କରିବାକୁ ପଡ଼ିବ ନାହିଁ,

ଫସଲ ବୀମା ବିଜୁ ଆବାସ

ଉଜ୍ୱଳା ଯୋଜନା ସବୁ ତୋ ପାଇଁ । [୭]

ଏକ ଟଙ୍କାରେ କେଜିଏ ଚାଉଳ

ଜୀବନସାରା ତୁ ବସିଖାଇବୁ,

ବୁଢାବୁଢୀ ତୁମ ନାମେ କରିଦେବି

ପେନ୍‌ସନ୍ ପାଇ ତୁ ଘରେବସିବୁ । [୮]

ନଇପଠା ଜମି ବିକିଲା ସନିଆ

ସରପଞ୍ଚଠାରୁ ଆଠ ହଜାର ନେଇ,

ପାଞ୍ଚହଜାର ନେଲେ ସରପଞ୍ଚ

 Magazine Downloaded from www.aahwaan.com

ସନିଆ ନାଆଁରେ କାର୍ଡ଼ ଦେଇ । [୯]

ଗଉରୀ ଜାଣିଲା ବେଳକୁ ଖବର

ସନିଆ ହାତରେ କିଛି ବି ନାହିଁ ।

ବଳଦ ଦୁଇଟା ବିକିଲା ଶେଷରେ

କରଜ ଉଧାର ସୁଝିବା ପାଇଁ । [୧୦]

ଖଟୁଥିଲା ନିତି ଭିଟା ମାଟିଟାରେ

ଗରବରେ କେତେ ଛାତି ଫୁଲେଇ ।

ଗଉରୀ ଆଉ ଯାଉନି ହାଟକୁ

ନାନା ରକମର ପରିବା ନେଇ । [୧୧]

ଦାଦନ ମଜୁରୀ ଖଟିଲା ସନିଆ

ବାର ଦୁଆରେ ହାତ ପତେଇ ।

ନଈପଠା ଧାନ ସୁନାକ୍ଷେତ ଆଜି

ଯାଇଛି ତା ପାଇଁ ସପନ ହୋଇ । [୧୨]

ବଡ଼ବାବୁଙ୍କର ଖାଇବା ପିଇବା

ଟିକିଏ ତ କିଛି ଫରକ ନାହିଁ

ବିପିଏଲ୍ କାର୍ଡ଼ ଧରିଛି ସନିଆ

ବୁଲୁଛି ଏବେ ସେ ଦାଦନ ହୋଇ । [୧୩]

 Magazine Downloaded from www.aahwaan.com

# ଅମର 'ଅଟଳ'

କଥାରେଅଛି

'ରହିନାହିଁ କେହି ରହିବେ ନାହିଁଟି ଏ ଭବରଙ୍ଗ ଭୂମିତଳେ

ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳ ବଳେ'

ଏକଥା ମୁଁ ଛୋଟବେଳୁ ଶୁଣିଛି ଆଉ ନିଜର ଲୋକଙ୍କୁ ହରେଇଛି ବି

କଷ୍ଟ ଲାଗେ ହେଲେ ଜୀବନର ସୋପାନରେ ମାଟିର ମଣିଷ ମାଟିରେ ମିଶିଯାଏ

ଆଉ ଏବେ ଅମର 'ଅଟଳ' ପାଇଁ ମୋର ଶ୍ରଦ୍ଧାଞ୍ଜଳୀ କବିତା

କଳାକାର ମରିଯାଏ ସିନା

କଳା ଏଠି ଜମା ମରେନା

ଶରୀରଟା ଜଳିଯାଏ ସିନା

ହେଲେ ଆତ୍ମା ଜମା ଜଳେନା -୧



ସାଗର ନାୟକ

ନଗ୍ନତାର ଦୁନିଆରେ

ନଗ୍ନତାକୁ ଆଦର ମିଳେ ସିନା

 Magazine Downloaded from www.aahwaan.com

ସଠିକ କଳାକାର ସମ୍ମାନ ପାଏନା

କଳା ତା କୁହୁଳି କୁହୁଳି ହୋଇଯାଏ ଚୂନା -୨

ଏଠି ମିଛ ମାୟା ସଂସାରରେ

ସତ ସମ୍ପର୍କ ଗଢ଼ାହୁଏ ସିନା

ସମ୍ପର୍କର ଡୋରୀ ନେଇ

ଜୀବନର ଅନ୍ତିମ ପଥ ଚାଲିହୁଅନା - ୩

ଜୀବନର ମଞ୍ଚ ଏଠି

ଥିଟରର ସିନେମା

ହେଲେ ସାଧନାର ପୀଠ ଜଳୁଛି

ସେଠିଯାଇ ହୁଏନା ଜମା -୪

କଳାକାର ଏଠି ହସୁଛି

କିନ୍ତୁ ତା ଅନ୍ତର ଆତ୍ମା କାନ୍ଦୁଛି

ଅନ୍ୟକୁ ସୁଖ ଦେବାକୁ ଚାହିଁଲେ

ଦୁନିଆ ପାଗଳ କହୁଛି - ୫

ଆଜିର ମଣିଷ ବିଷକୁ ଆପଣେଇ

ଅମୃତ ଫୋପାଡି ଦେଉଛି

ଜୀବନର ଅମୃତ ଚାଖିବା ଆଗରୁ

ତା ଶରୀରଟା ବିଷ ହେଉଛି - ୬

ଜୀବନର ମୂଲ୍ୟ ବୁଝିନି ମଣିଷ

 Magazine Downloaded from www.aahwaan.com

ଜୀବନକୁ ଜାଳି ଦେଉଛି

ଜୀବନର ମୂଲ୍ୟ ବୁଝିବା ଆଗରୁ

କେତେଥର ସେ ମରି ସାରିଛି - ୭

ଜୀବନର ଶାନ୍ତି ଭାବି

ଅଶାନ୍ତିର ବାଟ ଧରିଛି

କାଞ୍ଚନ ଭାବି ସେ

କାଚକୁ ସାଥି କରିଛି - ୮

ହରିନାମ ସତ୍ୟ ହେ

ରାମନାମ ସତ୍ୟ ହେ

ଇମେଲ୍ : sagarnayaksagu143@gmail.com

 Magazine Downloaded from www.aahwaan.com

# ସ୍ୱପ୍ନ ନା ତୁ ସତ

ଫୁଲ ନୁହେଁ ତୁ ଫୁଲର ପାଖୁଡା , ଛୁଇଁ ଦେଲେ ଝଡି ଯିବୁ ....
ନିର୍ମଳ ହୃଦୟ ଧୀର ସ୍ଥିର ମନ , ସବୁବେଳେ ମହକିବୁ □

ସୁନ୍ଦର ତୋ ରୂପ ପବିତ୍ର ଭାବନା ,କିଏ ତୋ ସରି ହେବ ....
ଖୁସିର ବନ ରେ ତୁ ଏକ ଝରଣ , ଗୀତ ହୋଇ ବହୁଥିବ □

ନା କଟୁ କଥା ନାହିଁ  ତୋ ଛଳନା ,ରଙ୍ଗିଲା ଇନ୍ଦ୍ରଧନୁଟିଏ ....
ଥରେ ଦେଖିଦେଲେ ମନ ସବୁ ଭୁଲେ,ତୋ ପରି ହେବ କିଏ □

ରଙ୍ଗ ବୋଳା ଦେହ ଲାଜକୁଳୀ ମୁହଁ,ଜଣାଉ ଖୁସିରେ ସ୍ୱାଗତ..
ଢଳ ଢଳ ଚାଲି ଓଠ ତୋର ନାଲି,ଜାଣେନା ତୁ ସ୍ୱପ୍ନ ନା ସତ□



ଶୁଭମ କୁମାର ଧଳ

ପଛିକୋଟ, ଯାଜପୁର

 Magazine Downloaded from www.aahwaan.com

# ଅନ୍ତିମ ପତ୍ର

ଏକ ସ୍ମୃତିର ଇଲାକାରେ

ମୁଁ ଏକା ବସିଥିଲି ସମୁଦ୍ରତୀରେ

ଉପଭୋଗ କରୁଥିଲି

ପ୍ରକୃତିର ଶୀତଳ ପବନ

ସଙ୍ଗେ ସଙ୍ଗେ ଜୁଆର ଓ ଭଟ୍ଟା

ଏବଂ ଚାହିଁଥିଲି ସମୁଦ୍ର ବକ୍ଷକୁ ।

ହେ ପ୍ରିୟା ... !

ହେ ନିଷ୍ଠୁର ଜୁଆର ... !

ଅବେଳାରେ ଭଟ୍ଟା ଦେଲୁ

ଉବୁଟୁବୁ ହୋଇ ଆହା ... ବୁଡ଼ିଗଲା



ଅରୁଣ କୁମାର ପାତ୍ର

ମୋ' ଭଙ୍ଗା ହୃଦୟ

ଶୂନ୍ୟ ଆଜି ତୁମ ପାଇଁ

ମୋ ମନ ମନ୍ଦିର ।

ଗଂଭୀର ଓଢ଼ଣା ତଳୁ

କାଚ ଆଖି ନିଷ୍ପନ୍ଦ ଚେହେରା

ଅବିକଳ ଏକ କଣ୍ଢେଇ ପରି

 Magazine Downloaded from www.aahwaan.com

ଛବିଟିଏ ଭଳି ଆଙ୍କି ହୋଇଯାଏ

ମୋ' ଆଖିରେ ପ୍ରତି ମୁହୂର୍ତ୍ତରେ ।

ସତରେ,

ଆଖିରେ ତୁମ ମାଦକତା

ନେଲା କିଏ ଛଡ଼ାଇ ... ?

ଅପଘନୁ ତନିମା ବା କାହିଁ ଗଲା ଲୁହ ... ?

ଇନ୍ଦ୍ରଧନୁ ରଙ୍ଗ ତୁମ

ହଜିଗଲା କାହିଁ ... ?

କିଏ ତୁମେ ମୋ' ମନକୁ

ନେଇଅଛ ଲୁଟି ... ?

ସ୍ୱାର୍ଥହୀନ କାମନାର

ଦେହଟିକୁ ବୋହି

ନିଜ ଦେହେ ଦେଇଛ ଗୁଡ଼ାଇ

ଅହଂର ନୀଳ ଶାଢ଼ୀ

ମୋ ପ୍ରୀତିର ମୂଲ୍ୟକୁ ତୁମେ

ଦେଇଛ ଏଡ଼ାଇ ... ।

କୁହ ପ୍ରିୟା ଏତେ ନିଷ୍ଠୁର

କାହିଁକି ମୋ ପାଇଁ ... ?

ହସିଦେଲେ କ'ଣ ତୁଟିଯାଏ ସବୁ

ଚାଲିଗଲେ କ'ଣ ଭୁଲିହୁଏ ସବୁ

କହିଦେଲେ କ'ଣ ବୁଝି ହୁଏ ସବୁ

ଦୂରତା ବଢ଼ିଲେ ସତେ କ'ଣ

ପ୍ରୀତି ହୋଇଯାଏ ଊଣା ... ?

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ – ୭୬୨୦୦୧

ଭ୍ରାମ୍ୟଭାଷ – ୯୪୩୭୭୬୫୨୭୫, କନ୍ଧମାଳ ଜିଲ୍ଲା (ଓଡ଼ିଶା)

ଇମେଲ୍ – arunpatra21171@gmail.com

 Magazine Downloaded from www.aahwaan.com

# କଳାପ୍ରୀତି

ଗୁରୁ ଦିବସଟା ଦିବସ ହୋଇଛି
ଖାତା କଲମରେ ଆଜି
ରାଧାକ୍ରିଷ୍ଣନଙ୍କ ସପନ ହଜିଛି
ବେସୁରା ସେ ଗୁରୁଗୀତି - ୧

ଅନ୍ଧାରରୁ ଯିଏ ଆଲୋକ ଆଡ଼କୁ
ହାତଧରି ନେଇଥାନ୍ତି
ଗୁରୁ ବୋଲିପରା ସମାଜ ତ କୁହେ
ସେ ଆଉ କେହି ନୁହନ୍ତି - ୨

ସମୟ ସୁଅରେ ଭଙ୍ଗା ଯେ ପଡ଼ିଛି
ଗୁରୁଶିଷ୍ୟ ସମ୍ପର୍କରେ
କେତେ ଯେ ଶିକ୍ଷକ ଭଦ୍ରମୁଖା ପିନ୍ଧି
ଖେଳନ୍ତି ଛାତ୍ରୀ ସାଙ୍ଗରେ - ୩

କହି ମିଠା କଥା ପାଖକୁ ଡାକନ୍ତି
ଅକାରଣେ ଦେହ ଛୁଇଁ
ଯୌନ ପିପାସାକୁ ମେଣ୍ଟାନ୍ତି ତାଙ୍କର
କଳି କାନ୍ଦେ କଇଁ କଇଁ - ୪

ପିତାମାତା ତା'ର ବିଦ୍ୟାଳୟେ ଛାଡ଼ି



ଗଙ୍ଗାସୁନନ୍ଦିନି
ରୁପମା ଗୁରୁ

 Magazine Downloaded from www.aahwaan.com

ଘରେ ଥା'ନ୍ତି ନିଶ୍ଚିନ୍ତରେ

କାମୁକ ଶିକ୍ଷକ କାମର ନିଶାରେ

ଆହୁତି ସାଜେ ଯଜ୍ଞରେ - ୫

କଳଙ୍କର କଳା ପ୍ରୀତିର ଖେଳରେ

ମାତେରେ ଯଦି ଶିକ୍ଷକ

କେମିତି ସମାଜ ଚାଲିବ ତ କୁହ

ସବୁଠି ଖାଲି କଳଙ୍କ - ୬

ସବୁଠି ଆଜିରେ କାମୁକ ଡାହୁକ

ଲୁଚିଥାନ୍ତି ମୁଖା ତଳେ

ବିଦ୍ୟାଳୟ ହେଉ ଅବା ହେ ଆଶ୍ରମ

ଛପିଥାନ୍ତି ସବୁ କୋଳେ - ୭

ସମସ୍ତେ ନୁହନ୍ତି ନିର୍ଲଜ ଶ୍ରେଣୀର

ଭଲ କେତେକଙ୍କ ପାଇଁ

କିଞ୍ଚିତ୍ ମାତ୍ରାରେ ସଂସ୍କୃତି ବଞ୍ଚିଛି

ବଞ୍ଚିବାକୁ ଦିଅ ଭାଇ - ୮

କେତେ ଆଶା ନେଇ ଜନମ ଦିବସ

ଗୁରୁଙ୍କୁ କଲେ ଉତ୍ସର୍ଗ

ବାଡ଼ ଯଦି ଆଜି ଫସଲକୁ ଖାଏ

କିଏ ବା ରଖିବ ଟେକ ? - ୯

ଶିକ୍ଷକତା ପରା ବୃତ୍ତିନୁହେଁ ବ୍ରତ

 Magazine Downloaded from www.aahwaan.com

ବୃତ୍ତୁ ମଧ୍ୟେ ପୁଣି ଶ୍ରେଷ୍ଠ
ହେ ଗୁରୁ ସମାଜ          ଏ ଗୁରୁ ଦିବସେ
ଆସରେ ନେବା ଶପଥ - ୧୦
କାହା ଦୋଷ ଆମେ          ଦେଖିବା ଆଗରୁ
ନିଜକୁ ସଜାଡ଼ି ନେବା
କାମନା ବାସନା          ମନୁ ପୋଛି ଦେଇ
ଶାନ୍ତିର ଦୂତ ସାଜିବା - ୧୧
କେହି ଯଦି କେବେ          କୁହେ ଥଟ୍ଟା କରି
ନିଜ ପତ୍ନୀ, ଝିଅ କଥା
ସହି କି ପାରିବ          ତୁମର ଏ ଦେହ
ଆପେ ଘୁରିଯିବ ମଥା - ୧୨
ହେ ଶିକ୍ଷକ ଆଜି          ଶୁଣ କାନପାତି
ନାରୀ ଯଦି ସହକର୍ମୀ
ମନୋରଞ୍ଜନର          ମାଧ୍ୟମ ସେ ନୁହେଁ
ଏ କଥା ଭୁଲିଯିବନି - ୧୩
ନାରୀ ଜାତିପାଇଁ          ପଦିଏ ମିନତୀ
ବୃତ୍ତିରେ ଯଦି ଶିକ୍ଷିକା
କର୍ମସଂସ୍ଥାନରେ          ନିଜ ଚରିତ୍ରରେ
ପିନ୍ଧନି କଳଙ୍କଟିକା - ୧୪

ବାଲିସୁଆଁ, ୟୁଜି,ୟୁପି ସ୍କୁଲ, ମହାକାଳପଡ଼ା, କେନ୍ଦ୍ରାପଡ଼ା

 Magazine Downloaded from www.aahwaan.com

# ଅବିସ୍ମୃତ

ଅତିକ୍ରାନ୍ତ ମୁହୂର୍ତ୍ତର
ବିସ୍ମୃତ ବନ୍ଧନୀରେ
ଆବଦ୍ଧ ଏକ ଆହତ ଅତୀତ
ବର୍ତ୍ତମାନର ଖସଡ଼ା ପଥର ଉପରେ
ପାଦ ଥାପିବାର ଡର ।
ସୀମାହୀନ ଅନୁଭବର
ସୀମିତ ବନ୍ଧନୀରେ
ସମ୍ପର୍କର ଚରିତ ଚିହ୍ନାର
ମିଶିଯିବ ଅବା ହଜିଯିବ
ସମୟର ବିସ୍ମୃତ ପୃଷ୍ଠାରେ ।
ଖୋଲିଯିବ ଯେବେ ସବୁ
ଅନାମି ବେଦନା
ମିଳିତ ମୁହୂର୍ତ୍ତର
ଅକୁହା କାନ୍ଦଣା
ତେବେ ବି ହଜିଯିବ ତୁମେ
ମୋ ଆଖିର ପଲକ ପଡ଼ିଲେ
ତେବେ ବି ଖୋଜୁଥିବି ମୁଁ
ମୋ ଆଖିର ବିନ୍ଦୁଏ ଲୁହରେ ।



ଆଦ୍ୟା ଅନିନ୍ଦିତା ଦାଶ

ମଙ୍ଗଳପୁର, ଯାଜପୁର

 Magazine Downloaded from www.aahwaan.com

# ବଳୟ

ଜାଣେ,

ମୁଁ ତୁମ ନିକଟତମ ବଳୟ ଭିତରେ ନାହିଁ ।

ମୋ କାନ ପାଖେ ଫିସ୍ ଫିସ୍ କରି କହିବାକୁ
ଏମିତି କିଛି କଥା ନାହିଁ ତମ ପାଖରେ ।
ମୁଁ ବୁଝିପାରୁନଥିବା ତମ ଚୋରା ହସର କାରଣ
କହିବାକୁ ତମେ ବାଧ୍ୟ ନୁହଁ ବୋଲି ମୁଁ ଜାଣେ ।
ଏମିତି କି ତମକୁ ନେଇ କବିତା ଲେଖିବା
ମୋ ପାଇଁ ସାଂଘାତିକ ଭାବେ ଅନୁଚିତ ।
ତେବେ କାହିଁକି କେଜାଣି
ସବୁ ସନ୍ଧ୍ୟାରେ ମନ ହୁଏ
ମୋର ସବୁ ଲୁକ୍କାୟିତ ଇଚ୍ଛାକୁ
ତମ ଆଗେ ନିର୍ଦ୍ୱନ୍ଦରେ, ନିଃସଂକୋଚରେ ବଖାଣିବାକୁ-
ମୋର ସବୁ ସମସ୍ୟାର ସମାଧାନ ପାଇଁ
ସୂତ୍ରଟିଏ ଖୋଜିବାକୁ ଅଳି କରିବାକୁ ।
କାହିଁକି କେଜାଣି ତମ କଥା ମନେ ପଡ଼େ



ଡା ନୀଳମାଧବ କର

 Magazine Downloaded from www.aahwaan.com

ନିଃସହାୟ ଅନ୍ଧାର ରାତିରେ

ଆଉ ଅଶାଟିଏ ଜଳେ ବଞ୍ଚିବାର ।

ହସିଲେ ମୁଁ ତମ ପାଇଁ ହସେ

ଜିତିଲେ ମୁଁ ତମ ପାଇଁ ଜିତେ

ମୋ ଲୁହରେ ତମ ଲୁହ ମିଶିଥାଏ

ମୋ ହାରିଯିବାରେ ତମ ଦୁଃଖ ଛପିଥାଏ ।

ଲାଗେ ମୋର ନିକଟତମ ବଳୟ ଭିତରେ

ଖାଲି ତୁମେ ଆଉ ତୁମେ

ଏମିତିକି ମୁଁ ନାହିଁ ମୋ ବଳୟ ଭିତରେ

(କିନ୍ତୁ) ତମେ ଅଛ ।

ମ୍ନୋ ପାଇଁ ମୁଁ ନୁହେଁ, ସତେ ଯେମିତି

ତମେ ହିଁ ଜାଗିଛ ।

ଓଲ୍‌ଭର୍‌ହାମ୍ପଟନ୍, ବ୍ରିଟେନ୍

ଇମେଲ୍ : nmadhab@yahoo.com

 Magazine Downloaded from www.aahwaan.com

# ମାନସ ମନ୍ଥନ

ହେ ଜୀବନ,

ଫେରାଇ ଦେ ମୋତେ ମୋ ପିଲାଦିନ ।

ମନେପଡ଼େ ରଜଦୋଳି, ଆମ୍ବବଉଳ

ଫେରାଇ ଦେଇ ମୋତେ ବାଗୁଡ଼ି ଖେଳ ।

ଜୀବନରେ ଗଲାମୋର ଯେତେଦିନ ବିତି

ସୁଖନାହିଁ, ଦୁଃଖରେ ଯେ ବଞ୍ଚିଛି ଏମିତି ।

ହସିବା କାନ୍ଦିବା ଏଠି ଅଭିନୟ ଖାଲି

କଛି ବି ଅସଲି ନାହିଁ, ସବୁ ତ ନକଲି ।

ନାହିଁ କେ ନିଜର, ଏଠି ନାହିଁ କେହି ପର

ସଂପର୍କର ମାନେ ଏଠି ଗୋଟେ ବାଲିଘର ।



ଜୀବନେନ୍ଦୁ ଜେନା

ଜୀବନର ମାନେ ଗୋଟେ କାଚର କଣ୍ଢେଇ;

ଭାଙ୍ଗିଗଲେ ଆଉଥରେ ହେବନି ଗଢ଼େଇ ।

କଥା ଦେଇଥିଲା ଯିଏ ହେବାକୁ ମୋ ସାଥି

ଅଧାବାଟେ ଆଣି ମୋତେ ଛାଡ଼ିଗଲା ଏଠି ।

ଫେରିବାକୁ ଚାହେଁ ଆଜି ମୋ ପିଲାଦିନକୁ

ପୁଣିଥରେ ଗଢ଼ିବି ମୁଁ ମୋ ଜୀବନକୁ ।

 Magazine Downloaded from www.aahwaan.com

# ଏକ ପ୍ରଶ୍ନବାଚୀ

ସତରେ ଆଉ ଜୀବନ ଭଲ ଲାଗୁନି...

ତୁ ଚାଲିଗଲୁ ବୋଲି...

ନା ମୁଁ ରହିପାରିଲିନି ବୋଲି

ତା' ବି ଜାଣିନି... !

ମନ ଆଉ ବିବେକ ଭିତରେ ଏ କି ଯୁଦ୍ଧର ଆରମ୍ଭ...

କିଏ କେତେବେଳେ ଜିତି ହାରିଯାଏ

ଜାଣିବି ହୁଏନି କି ଜାଣିବି ପାରେନି... ।

ନୟନର ଦୃଶ୍ୟପଟ୍ଟ କେତେବେଳେ ଯେ ବଦଳିଗଲା ! ! !



କୋମଳ ଫୁଲ ବି ଲାଗିଲା କଣ୍ଟା

ପୂର୍ଣ୍ଣିମା ବି ଅମାବାସ୍ୟା...

ଜାଣିବି ହେଲାନି... କି ଜାଣି ବି ପାରିଲିନି ।

ଜିତେନ୍ଦ୍ର କୁମାର କହଁର

ଗ୍ଲାନିର ଚାରିକାନ୍ଥ ଭିତରେ ଅଣନିଶ୍ୱାସୀ

ମୁଁ ଯେ ଆଜି

 Magazine Downloaded from www.aahwaan.com

ମୁକ୍ତିର ବାଟ ଖୋଜେ

ହେଲେ

ନିରାଶ ଛଡ଼ା କିଛି ବି ମିଳେନି

ତଥାପି ବି ମୁଁ ହାରିବାକୁ ଦିଏନି ! ! !

ହଜାର ମୃତ୍ୟୁର ଘେରରେ ଥିବା

ଛୋଟ 'ଜୀବନ'କୁ ଦିନେ ଖୋଜି ନେଉଥିଲି

ଆଜି ସତେ ସେ ସବୁ ଅତୀତର କଳ୍ପନାମାତ୍ର

ଅନେକ ଖୋଜେ

ହେଲେ ପାଏନି କି ପାଇପାରେନି ! ! !

ସତରେ...

ମୁଁ କଣ ଆଜି ଆଉ ମୁଁ ହୋଇକି ନାହିଁ

ଅଜଣା ଏକ ଅନ୍ଧାର ଭିତରେ ହଜିଯାଇଥିବା ନିଜକୁ

ପୁଣିଥରେ ଖୋଜି ପାଇବି ନା ପାଇବିନି...

ଏକ ପ୍ରଶ୍ନବାଚୀ ! ! !

କଲାଡ଼ି, ଫୁଲବାଣୀ, କନ୍ଧମାଳ

 Magazine Downloaded from www.aahwaan.com

# ଆସ ପୂଜିଯିବା ଗୁରୁ

ସୁବର୍ଣ୍ଣ ଥାଳିରେ ସଜ ଫୁଟା ଫୁଲ
ଚନ୍ଦନ ଧୂପ  ଦୀପାଳି
ବନ୍ଦାଇବା ଆସ ଶ୍ରୀଗୁରୁ ଚରଣ
ପିନୁ ମିନୁ ବନମାଳି
କେତେ ଅଳିଝଳି ସହି ତୁମ ଗୁରୁ
ଦିଅନ୍ତି  ସତ୍ ଶିକ୍ଷା
ଜ୍ଞାନର ଆଲୋକ  ସଦା ଜାଳୁ ଥାନ୍ତି
ନିରକ୍ଷରୁ ହେବୁ ରକ୍ଷା
ଆଜି ସିନା ତୁମେ ଛୋଟ ଚାରା ଟିଏ
କାଲି ହେବ ମହାଦ୍ରୁମ
ଗୁରୁଙ୍କ ଆଶିଷ  ଜ୍ଞାନାଲୋକ ବଳେ
ଫୁଟି ବାସିବ କୁସୁମ
ଜ୍ଞାନୀ ଗୁଣି ମହାପଣ୍ଡିତ ବିଜ୍ଞାନୀ
ଜଗତେ ହେବ ବିଖ୍ୟାତ
ମାଆ ମାଟି ପାଇଁ ଆଣିବ  ଗୌରବ
ଦେଶ ହୋଇବ ଗର୍ବିତ



କବିତା ମହାନ୍ତି

 Magazine Downloaded from www.aahwaan.com

ମହାନଗୁରୁଙ୍କ ମହାନ କୀରତି
ସଦା ଜଳୁଥିବା ଜ୍ୟୋତି
ମାଟିକୁ  ଦେବତା କରି ପାରେଯିଏ
ଅମର ତାହାର କିର୍ତ୍ତୀ
ଉଚ୍ଚ ନୀଚ ଭେଦ ଭୁଲିଯାଇ ମନୁ
ଆଦରେ ଦିଅଇ ଶିକ୍ଷା
ସଦ୍‌ଗୁରୁ ପାଇଲେ ଧନ୍ୟହୁଏ ଶିଷ୍ୟ
ଲଭେସେ ଉତ୍ତମ ଦୀକ୍ଷା
ରାମକୃଷ୍ଣଙ୍କର ପରଶେ ନରେନ
ବିଶ୍ୱେ ହୋଇଲେ ପୂଜିତ
ମାନବ ସେବାକୁ  ଶ୍ରେଷ୍ଠ ଧର୍ମ କହି ଉଡାଇ ଲେ ଧର୍ମ ନେତ
ଜ୍ଞାନ ପୁଣ୍ୟତୋୟା ବହୁ ମୋର ଦେଶେ
ଗାଉସେ ମାନବିକତା
ଗୁରୁ  ଦିବସରେ  ଗୁରୁଙ୍କ  ବନ୍ଦନା
କରୁସେ ଜଗତ ଜିତା

ପ୍ରଧାନ ଶିକ୍ଷୟିତ୍ରୀ
ସାଇଲୋଝାରପଡା ଉପ୍ରା ବିଦ୍ୟାଳୟ
କଣ୍ଟାପଡା କଟକ

Magazine Downloaded from www.aahwaan.com

# ଗୁରୁ

ବନ୍ଦଇ ହେ ଗୁରୁ ତବ ଚରଣ
ଉଦ୍ଧାର କର ଅଜ୍ଞାନୁ
ମୁଁ ଅଜ୍ଞାନ ଜାଣି ନାହିଁ କିଛି
କଳୁଷ ପୋଛ ମୋର ମନୁ ।।[୧]

ତୁମ ଚରଣାବିନ୍ଦରେ ସମର୍ପିତ
ମୋର ପଙ୍କିଳ ତନୁ
ପାଶବିକ ପ୍ରବୃତ୍ତି ହରି ଯାଉ
ପଙ୍କଜ ଫୁଟୁ ଦିନୁ ଦିନୁ ।।[୨]

ତୁମେ ପରଂବ୍ରହ୍ମ, ତୁମେ ହିଁ ଈଶ୍ୱର
ତୁମେ ତ ଜୀବନ୍ତ ଦିଅଁ
ସୁଗମ କର କଣ୍ଟକିତ ପଥ
ଭବିଷ୍ୟତ ବାଟ ବତେଇ ଦିଅ ।।[୩]



ସଦା ଲୋଡ଼ା ମୋର ଆଶିଷ ତୁମର
ଜୀବନର ପ୍ରତିକ୍ଷଣେ
କରମକୁ ମୋର ମାର୍ଜିତ କରାଅ
ତୁମକୁ ତ ମୁଁ ଦେବତା ମଣେ ।।[୪]

ରାଜେନ୍ଦ୍ର ଗିରି
ଭୋଗରାଇ, ବାଲେଶ୍ୱର
ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାଲେଶ୍ୱର

 Magazine Downloaded from www.aahwaan.com

# ଭୁଲି ହୁଏନା

ଭୁଲି ହୁଏନା ...

ଜୀବନରେ ବେଳେ ବେଳେ

ମିଳିଥାନ୍ତି ଏମିତିକା ବ୍ୟକ୍ତି

ଅମାୟିକ ବନ୍ଧୁତ୍ୱର ଏକ ପ୍ରତିମୂର୍ତ୍ତି

ନିଜେ କ୍ଲାନ୍ତଥିଲେ ମଧ୍ୟ ଦେଇଥାନ୍ତି ଶକ୍ତି

ଯାହାଙ୍କୁ କେବେ ବି ଭୁଲି ହୁଏନା.... ଭୁଲି ହୁଏନା....।। ୧ ।।

ଭୁଲି ହୁଏନା ....

ତାଙ୍କର ବ୍ୟକ୍ତିତ୍ୱ ....

ସ୍ନେହବୋଳା କଥା ....

ମିଠାମିଠା ହସ .....

ଆଉ ଆତ୍ମୀୟତା ଭାବ ସଂରଚନା....

ଭୁଲି ହୁଏନା.... ଭୁଲି ହୁଏନା ... ।। ୨ ।।



ସନ୍ତୋଷ କୁମାର ରାଉତ

ଭୁଲି ହୁଏନା ...

ଦୁର୍ଦ୍ଦଶାରେ ଆଶ୍ୱାସନା ...

 Magazine Downloaded from www.aahwaan.com

ବିରଶରେ ସମବେଦନା ...

ଆଗକୁ ବଢିବାର ପ୍ରେରଣା ...

ଭୁଲି ହୁଏନା ... ଭୁଲି ହୁଏନା ... ॥ ୩ ॥

ଭୁଲି ହୁଏନା ....

ସୁଖରେ ଅବା ଦୁଃଖରେ

କାନ୍ଧରେ କାନ୍ଧ ମିଶାଇ

ଚାଲିବାର ଭାବନା ...

ପାଦରେ ପାଦମିଶାଇ

ବଟେଇବାର ସାଧନା ....

ଅନେକ ସ୍ୱପ୍ନ ଦେଖେଇବାର କଳ୍ପନା ..

ଭୁଲି ହୁଏନା ... ଭୁଲି ହୁଏନା ... ॥ ୪ ॥

ଭୁଲି ହୁଏନା ....ଭୁଲି ହୁଏନା ....ଭୁଲି ହୁଏନା ....


କେନ୍ଦ୍ରାପଡା,

ଭ୍ରାମ୍ୟଭାଷ : ୭୦୦୮୦୩୯୮୪୮, ୯୦୪୦୪୯୭୭୪୧

 Magazine Downloaded from www.aahwaan.com

# ଦେବକୀନନ୍ଦନ

ଦେବକୀ ନନ୍ଦନ ମୈୟା ପ୍ରାଣଧନ
ଦ୍ୱାପର ପୁରୁଷୋତ୍ତମ,
ବନ୍ଦୀଗୃହେ ଜନ୍ମି ଗୋପରେ ବଢିଲ
ରଚି ନବ ବୃନ୍ଦାବନ ॥
ଗୋପପୁର କରି ଲୀଳା ନିକେତନ
କଲ ଲୀଳାଖେଳା କେତେ
ଗାଈ ଗୋଠ ଧରି ବାଲ୍ୟଲୀଳା କଲ
କେତେ ସାଂଗସାଥି ମେଳେ ॥
ଯଶୋଦା ମୈୟାଂକ ବାଳ ଗୋପାଳ ଯେ
ଦଧିହାଣ୍ଡି ଭାଂଗୁଥିଲ,
ଗୋପାଂଗନା ସହ ଯମୁନା ଘାଟରେ
କେତେ ଲୀଳାକରୁଥିଲ ॥
ଗାଈଆଳ ସାଜି ସୁବଳ ସହିତ
ବନସ୍ତରେ ବୁଲୁଥିଲ,
ଦଧିଚୋର ସାଜି ଗୋପ ମୂଲକରେ
କେତେ ଶାସ୍ତି ପାଉଥିଲ ॥



ଗୌରାଂଗ ଚରଣ ବେଉରା

 Magazine Downloaded from www.aahwaan.com

ବଇଁଶୀ ସ୍ୱରରେ ରାଧା ପ୍ରେମେ ବୁଡି
ପ୍ରେମଭାଷା ଶିଖାଇଲ,
ପ୍ରେମ ଭକତିର ପ୍ରେମ ମନ୍ଦାକିନୀ
ଜଗତରେ ବୁହାଇଲ ॥
କଂସାସୁର ମାରି ଦୁଷ୍ଟ ନିବାରିଲ
ପାପ ନାଶିଲ ମହୀରେ,
ଅର୍ଜୁନ ରଥରେ ସାରଥି ସାଜିଣ
ଧର୍ମ ସଂସ୍ଥାପନା ଧାରେ ॥
ଯୁଗେଯୁଗେ ତୁମେ ନାନା ରୂପେ ପ୍ରଭୁ
ଅବତାର ଏ ମହୀରେ,
ପାପୀକୁ ସଂହାରୀ ତପୀକୁ ଉଦ୍ଧାରୀ
ଧର୍ମ ରଚିଲ ଅଚିରେ ॥
କଳିଯୁଗ ଆଜି ବୁଡିଛି କଳୁଷେ
ଭ୍ରଷ୍ଟାଚାର ଦୁରାଚାରେ,
ସୁଦର୍ଶନ ଚକ୍ରେ କଳି କଂସ ନାଶ
କରେ ମିନତି ପୟରେ ॥

----ଶିକ୍ଷକ କୁଳିଆମାଲ ଉଚ୍ଚ ବିଦ୍ୟାଳୟ----

 Magazine Downloaded from www.aahwaan.com

# ମୋ ପୁତୁଲୁ ମା...

କୁନି ମା' ଟା ମୋ, ନା ତା ପୁତୁଲୁ
ସ୍ନେହ ରେ ସଭିଏଁ ଡାକୁ
ଲେଖା ଆରମ୍ଭ ରୁ ପ୍ରଭୁଙ୍କୁ ମିନତୀ
ସଦା ସୁଖୀ ରଖ ତାକୁ

ତା କୁନି ପାଦ ରେ ଜୀବନେ ଆସିଛି
କେତେ ହସ କେତେ ହର୍ଷ
ତା ମୁହଁ ଚାହିଁକି କଟିଯାଉ ଦିନ
କଟି କଟି ଯାଉ ବର୍ଷ



ନିରୁପମା ନାୟକ

ତୁ ଆସିଛୁ ଆମ ଜୀବନରେ ଧନ
ଧନ୍ୟ ହେଲୁ ବାବା ମାଆ
ସାଥେ ରହିବୁ ତୋରୋ ପ୍ରତି ମୁହୂର୍ତ୍ତ ରେ
ହେଉ କେତେ ଝଡ ବାଆ

ତୋର ଚାହାଣି ରେ କେତେ ଯେ ସ୍ନେହ

 Magazine Downloaded from www.aahwaan.com

ଆମ ପାଇଁ ଦେଖାଯାଏ
ତୋର କୀର୍ତି ଆଉ ଗେଲଖେଳ ସବୁ
କାଗଯେ ନ ଲେଖାଯାଏ

ଦିନ ସରିଯାଏ ରାତି ପାହିଯାଏ
ତୋ ପଛରେ ବୁଲିବୁଲି
କେତେବେଳେ ଟିକେ ଶାନ୍ତ ରେ ବସୁ ନା
ସବୁବେଳେ ଚୁଲବୁଲି

ଦେଖୁ ଦେଖୁ ତତେ ବରଷେ ପୁରିଲା
ମନ ମୋର ପୁରୁ ନାହିଁ
ବଡ ହୋଇ ଯେବେ ବ୍ୟସ୍ତ ହେବୁ ତୁହି
ଜଗିଥିବି ବାଟ ଚାହିଁ

ସବୁ ଖେଳ ତୋର ଅସଜଡ଼ା ଘର ମୋର
ତଥାପି କେତେ ଆନନ୍ଦ
ତୁ ବଡ ହୋଇଲେ ସଜଡା ଘରେ ବି
କରୁଥିବି ତୋ ପ୍ରମାଦ

 Magazine Downloaded from www.aahwaan.com

କିଛି ପଦ ମୋର

ତୋ ପାଇଁ ମନରୁ ଏହି ମଧ୍ୟରେ ଲେଖୁଛି

କିଛି ସ୍ୱପ୍ନ କିଛି ଆଶା ମୋ ମନରେ

ତୋ ପାଇଁ ଦେଖୀରଖିଚି

ଧନ ପରିବର୍ତେ ଜ୍ଞାନ କୁ ଅଧୀକ

ଦେବୁ ଜୀବନେ ମହତ୍ୱ

ଧନ ସରିଯିବ ହେଲେ ମନେ ରଖ

ଜ୍ଞାନ ବୁଝାଇବ ଜୀବନତତ୍ୱ

ଥିରି ଥିରି କରି ଯେମିତି ଚଢୁଚୁ

ଏବେ ଏ ଘର ପାଉଚ

ସେହି ଗତି ରଖି ସଫଳ ଦିଗରେ

ଚଢ଼ିବୁ ଶୀର୍ଷ ଯେ ଉଚ୍ଚ

ଶାନ୍ତ ରଖିବୁ ସ୍ୱଭାବ ନିଜର

ତୋ ବାବାଙ୍କ ଶ୍ରେଷ୍ଠ ଗୁଣ

ଉଗ୍ର ହୋଇ ଯେବେ ଲକ୍ଷ କୁ ଜିତିବୁ

ଶୁଝିଦେବୁ ମାଆ ଋଣ

 Magazine Downloaded from www.aahwaan.com

ତୋ ଚଲାପଥରେ କଣ୍ଟା ଥିଲେ ମଧ୍ୟ
ପଛକୁ ଫେରିବୁ ନାହିଁ
ପାଦ କୁ ତୋହର ସୁଦୃଢ କରିବୁ
ଲକ୍ଷ କୁ ରହିବୁ ଚାହିଁ

ଯଦି ମନେ ତୋର ଭୟ ଆସେ କେବେ
ମନେ ପକାଇବୁ ମତେ
ବାବାଙ୍କ ଜୀବନୀ ଜାଣିବୁ ଯେ ଦିନ
ନିଡର ହୋଇବୁ ସତେ

ତୋ ଖୁସି ଆମର ଶ୍ରେଷ୍ଠ ଇଛା ଅଟେ
ତୋ ଯଶ ଆମର ଆଶା
ପ୍ରଭୁ ତୋ ସାଥିରେ ସର୍ବଦା ରୁହନ୍ତୁ
ପୁର୍ଣ ହଉ ତୋର ସବୁ ଅଭିଲାଷା

ଆମେ ଗଲାପରେ ଏକା ମନେ କରି
କାଂଦିବୁନି କେବେ ତୁହି
ଶରୀରରେ ସିନା ପାଇବୁନି ସାଥେ
ଆତ୍ମା ରେ ଥିବୁ ଯେ ରହି

 Magazine Downloaded from www.aahwaan.com

# କେବେ ନ ଆସୁଛ ପରବାସୀ ପ୍ରିୟ

କେବେ ନଆସୁଛ ପରବାସୀ ପ୍ରିୟ
ଆସୁଛି ଆସୁଛି କହି
ଅପେକ୍ଷାରେ ତୁମ ଅହରହ ମୋର
ମରମ ହେଉଛି ଦହି (୦)

ଅଚିହ୍ନା ଅଜଣା ରାଇଜକୁ ଯାଇ
ଭୁଲିଲ କି' ମତେ ନୂଆଁ ସାଥି ପାଇ
ପୁଣି ଭାବେ ତୁମ ପ୍ରତିଶ୍ରୁତି କେବେ
ପ୍ରତାରଣା ହେବନାହିଁ (୧)



ବେଗେ ଆସିଯାଅ ସଖା ମୋ ପାଖକୁ
ଅଭିସାରିକା ମୁଁ ଚାହିଁଛି ପଥକୁ
ଏ ବିରହ କୋହ ହେଲାଣି ଅସହ
ଆଉ ହେଉ ନାହିଁ ସହି(୨)

ରାଜେଶ ପୂଜାରୀ

 Magazine Downloaded from www.aahwaan.com

# ହେ ପ୍ରଭୋ

ଦିଅନ୍ତୁକି ଏହି ପ୍ରଶ୍ନର ଉତ୍ତର ! !
ବିଦଳିତ କରିଲାଣି ମନକୁ ମୋର !
ସମ୍ପର୍କର ଡୋର ଛିଡ଼ିଗଲା ପରେ
କାହିଁକି ଶୁଭଇ କାହାର ବ୍ୟାକୁଳ ସ୍ୱର ? ?
ଜୀବ ଥିବା ବେଳେ କାହିଁ
ନୟନରେ ଆଚ୍ଛାଦିତ ହୁଏ ଅଭିମାନର ପରଦା
କର୍ଣ୍ଣ ଦ୍ୱୟେ ଢାଙ୍କି ଯାଏ ରେଶମୀ ଚାଦର
ସବୁ ଦେଖି ଶୁଣି ମଧ୍ୟ
ହେଇ ଯାଏ ଅନ୍ଧ ଆଉ ବଧିର
ମାତ୍ର ମୂକଦର୍ଶକ ସାଜି ।
କେହି ଆପଣାର ବହୁଦୂର ଚାଲିଗଲେ
ତା ପ୍ରତି ଥିବା ସ୍ନେହ ପ୍ରେମ ଭଲପାଇବା
ଦ୍ୱିଗୁଣିତ ହୋଇଯାଏ କାହିଁ ପାଇଁ ? ?
କାହିଁପାଇଁ ସେ ଅତି ଆପଣାର ଲାଗେ ? ?
ସେ ଥିବା ବେଳେ ତାର ପ୍ରତ୍ୟେକ କଥା
କାହିଁ ଅସାର ବୋଧ ହୁଏ ?



ଚିତ୍ତରଞ୍ଜନ ସାହୁ

 Magazine Downloaded from www.aahwaan.com

ପରେ କାହିଁ ସେହି କଥା ସମୟର-

କୌଣସିବି ମୁହୂର୍ତରେ ମନେପଡ଼ିଯାଏ ? ?

ଆଉ କୌଣସି ବେଦ ବାଣୀ ସମ ବୋଧ ହୁଏ ।

କହିବକି ପ୍ରଭୁ ଏସବୁ କାହିଁକି ହୁଏ ? ?

କାହିଁକି ହୁଏ ପ୍ରଭୁ । ।

ସିଙ୍ଗିରି ଆଳି କେନ୍ଦ୍ରାପଡା

--7377678738

--schittaranjan93@gmail.com

 Magazine Downloaded from www.aahwaan.com

# କୁନି ଝିଅ

ଗଡି ଚାଲୁଥାଏ ସମୟ

ବଦଳୁଥାଏ ସଂସାର

କାଲି ସବୁ ସ୍ମୃତି ହୁଏ,

ଆମ ସାହି କୁନି ଝିଅ

ଅନଭ୍ୟସ୍ତ ଛୋଟ ଛୋଟ ପାଦ

ଝୁଣ୍ଟି ଉଠି ଚାଲିବା ପ୍ରୟାସ ।

ବିଶ୍ୱାସ ହୁଏନା,

ଆଜି ସେ ନିର୍ଭୀକ, ନିଶ୍ଚିନ୍ତ

ଅଙ୍କାବଙ୍କା ଜୀବନ ରାସ୍ତାରେ ।।



ସସ୍ମିତା ମହାନ୍ତି

ଧୂଳିଘର କଣ୍ଢେଇର ଖେଳ

କଙ୍କି ପ୍ରଜାପତି ପାଇଁ ଅଳି,

ଛୋଟ ବଡ ଶୈଶବ ଅର୍ଦ୍ଦଳି

ଅଣାୟତ୍ତେ ବରଷାଏ ଲୁହ

ଖିଆଲି ମୌସୁମୀ ଭଳି ।

ଆଜି ସବୁ ଚୁପ୍ ଚାପ୍

ପିଇଯାଏ ଲହୁ ଆଉ ଲୁହ

 Magazine Downloaded from www.aahwaan.com

ସହିଯାଏ ହସି ନହସି
ଝଡଝଞ୍ଜା ଓ ମାନ ଅଭିମାନ ।।

ଗାଁ ଦାଣ୍ଡେ ଲୁଚକାଳି,
ପୁଚି ଓ ବୋହୁଚୋରୀ ଖେଳ
ମିଛିମିଛି ବୋହୁସାଜି
ରାନ୍ଧୁଥିଲା ମିଛ ଡାଲିଭାତ ।
ବାଣ୍ଟୁଥିଲା ଖୁସିର ସଂଦେଶ,
କେମିତି ବା ବୁଝିଲା ସେ
ତେଲ ଲୁଣର ସଂସାର
ନଅ ଭଜା,ଛଅ ତିଅଣ
ଜୀବନର ରହସ୍ୟ ଗହନ ।।

ଗଣିତକୁ ଖୁବ୍ ଡର
ଆସୁଥିଲା ଜ୍ୱର,
ଆଜି କଷେ ଅଙ୍କ ଜୀବନର ।
କୁନିଝିଅ ଏବେ ବଡ,
ପରକୁ କରି ଆପଣାର
ଗଢେ ନିଜ ଘର ପରିବାର ।।

ମହାନଦୀ ବିହାର, କଟକ

 Magazine Downloaded from www.aahwaan.com

# ହେ ପ୍ରେମ

ହସ ଥିଲା ଯା'ର ଜୀବନ ଆଧାର,
ଆଖିରେ ତୁ ଦେଲୁ ଶ୍ରାବଣର ଧାର ।
ଏମିତି କାହାଣୀ କାହିଁ ଲେଖିଦେଲୁ,
ହେ ପ୍ରେମ,ତୁ ଲୁହରେ ଭିଜେଇ ଦେଲୁ ।।

ମୁଁ ଯେ ଭାବିଥିଲି ତୋତେ ବତୀଘର,
ଜାଣି ଗଲି ଆଜି ତୁ ଯେ ଜଉଘର ।
ଏମିତି ଆଘାତ କାହିଁକି ଯେ ଦେଲୁ,
ହେ ପ୍ରେମ,ତୁ ଜଳିବା ଶିଖେଇ ଦେଲୁ ।।



ତୁଷାରକାନ୍ତ ପ୍ରସାଦ

ହୃଦୟ ତୋ ପାଇଁ ହୁଏ ମୋ ଅଧିର,
ଶୁଭେନି ସ୍ପନ୍ଦନ ହେଲୁକି ବଧିର ।
ଏମିତି ନିର୍ଦ୍ଦୟ କେମିତି ରେ ହେଲୁ,
ହେ ପ୍ରେମ, ତୁ ଭୁଲିବା ଶିଖେଇ ଦେଲୁ ।।

ଚଲାପଥେ ତୋତେ କାହିଁ କଲି ସାଥି,

 Magazine Downloaded from www.aahwaan.com

ତୋ ପାଇଁ ଜୀବନ ଉଆଁସର ରାତି ।
ଏମିତି ଅନ୍ଧାର କାହିଁ ଭେଟି ଦେଲୁ,
ହେ ପ୍ରେମ, ତୁ ଆଧା ବାଟେ ଏକା କଲୁ । ।

କରୁଣାର ବାରି ପୀରତିର ଝର,
ମାଗିଥିଲି ତୋତେ ତୁ ଦେଲୁ ଜହର ।
ଏମିତି ପରୀକ୍ଷା କାହିଁକି ଯେ ନେଲୁ,
ହେ ପ୍ରେମ, ତୁ ସ୍ୱପ୍ନ ମୋର ଭାଙ୍ଗି ଦେଲୁ । ।

ମନେ ଆଶା ଆଜି ଯାଇଛି ରେ ମରି,
କି ଲାଭ ପାଇଲୁ କରି ଏତେ ସରି ।
ଏମିତି ସମ୍ପର୍କ କାହିଁକି ଯୋଡିଲୁ,
ହେ ପ୍ରେମ, ବନ୍ଧନ ଅର୍ଥ ବୁଝେଇଲୁ । ।

ବରୀ, ଯାଜପୁର
ମୋ - 9853092630

 Magazine Downloaded from www.aahwaan.com

# ଜୀବନନଈର ବାଟ

ଅଳପ ରହିଲା ପାରି ହେବା ପାଇଁ
ଜୀବନ ନଇ ର ବାଟ,
ଉଜାଣି ପବନେ କେବେ ଅଟକିବ
ସରିଯିବ ମୋର ହାଟ ।୦ ।
କିଏ ଢାଳୁଥିବ ଅସରା ଲୁହରେ
ଶ୍ରାବଣ ର ବାରି ଧାରା,
କିଏ ବିଛୁଥିବ ବିରହ କଉଡ଼ି
ଝାଞ୍ଜି ପବନର ଖରା
ନାଆ ଥିବ ହେଲେ ନାଉରି ନଥିବ
କରିବାକୁ ପାରି ଘାଟ ।୧ ।
ଅଳପ.........
ଭରା ପତରରେ ନଇଁ ପଡୁଥିବ
ନଥିବ ଗଛର ଛାଇ,
କ୍ଳାନ୍ତ ଗୋଧୂଳି ରେ ଦିନ ଶୋଇଥିବ
ମୁଠାଏ ମାଟିକୁ ଚାହିଁ
ଦିଗନ୍ତ ରୁ ପକ୍ଷୀ ବହୁଡିବେ ଘର
ସରିଗଲା ପରେ ନାଟ ।୨ ।
ଅଳପ..........



ତପନ କୁମାର ସ୍ୱାଇଁ
tapankumarswain76@gmail.com
ଜଳଯୋଗାଣ ଶାଖା, ରାଣୀହାଟ,କଟକ, ମୋ-୯୪୩୭୫୯୬୭୫୧

 Magazine Downloaded from www.aahwaan.com

# ଭୋକ

ଏଥର ପଣ କରିସାରିଥିଲି
କାନ୍ଦିବିନି କେବେବି
କହିବିନି ଭୋକିଲା ଅଛି ପେଟ ମୋର
ବହୁ କାଳୁ ବହୁ ଦିନୁ ବୋଲି..... ।

ବାସ୍ ଯାହାକୁ ଦେଖିଲେ ବି'
ଆପେଆପେ ଗୋଟିଏ ହାତ
ବଢି ଯାଉଥିଲା ମୁହଁ କୁ ତ'
ଅନ୍ୟ ଟି ପେଟକୁ,
କିଛି ନୁହେଁ, ଗଲା ରାତି
ଖୁବ ଖାଇଥିଲି, ଆଜି ସକାଳୁ ସକାଳୁ
ମାଲିକାଣୀ ଖାଇବାକୁ ଦେଉଦେଉ
ଖସି ଯାଇଥିଲା ପଣତକାନୀ,
ଜାଣତେ ହେଉ ଅବା ଅଜାଣତରେ
ଅନେକ ଯେ ବର୍ଷା
ଆଉ ବିନ୍ଦୁ ବିନ୍ଦୁ ବର୍ଷାକୁ
ଶୋଷୁଥିଲା ଯେ ପୃଥିବୀ..... ।



ରାଜୀବ ଲୋଚନ ପଟ୍ଟନାୟକ

ଆଶ୍ୱସ୍ତ ମୁଁ ମଣିଷ
ବାଡିପଟ ରେ ଥୁଆ ଏକ

 Magazine Downloaded from www.aahwaan.com

ପିଜୁଳି ଗଛ,
ସେ ଗଛ ରେ ନିତି ଆସି ବସେ
ନୀରିହ କୋପତ, ଖୁଣ୍ଟି ଖୁଣ୍ଟି ଖାଉଥଲା
ହଳଦୀ ହଳଦୀ ଦିଶୁଥିବା
କେତେ ଯେ ପିଜୁଳି ।
ଆଜି କାଲି କିନ୍ତୁ ଆଉ ଦେଖା
ନାହିଁ ତା'ର, ଶୁଣା ଶୁଣି ଯେ
କଟା ଡେଣା ସହ ପଞ୍ଜୁରୀ ଭିତରେ
ଶିଖିଲାଣି ରାମ ରାମ ଶବଦ୍.... ।

କିଛି ବୁଝି ହେଉନଥାଇ
ଅତର୍କିତ ଭାବେ ଧାଇଁ ଧାଇଁ
ମନ୍ଦିର ଘଣ୍ଟି ମାରିଲି, ନଇ ବାଲିର
ଉତ୍ତାପ ହେଉ ଅବା ହେଉ
ଶୁଷ୍କ ମରୁଭୂମିର ନିଦାଘ ଖରା
ଆଶ୍ୱାସନା, ଅଭିଶାପ,
ପାପ ପୂଣ୍ୟ ସବୁ କାହିଁ
ମିଛ ମିଛ ଲାଗୁଥାଇ ।

ଚିହ୍ନାରୀ ଚିହ୍ନାରୀ ପଚାରିବା ଯୋ' ବେଳଥିଲା....

ଠିକ୍ ସେତେବେଳେ,
ଚନ୍ଦନ, ସିନ୍ଦୂର, ଫଟା ନଡ଼ିଆ ଟେ ଧରି

 Magazine Downloaded from www.aahwaan.com

ସୁନ୍ଦର ସ୍ତ୍ରୀ ଲୋକ ଟି
ପାହାଚ ଦେଇ ତଳକୁ ଗଲା,
କି ଖୋଜିବି ?
କାହା ପାଖରେ ପେଟ ଜକଡିବି ?

ନିଜେ ବି ତା' ଭୋକିଲା........

ଏକା ଏକା ଫେରିଗଲି
ଏକାନ୍ତ ନିଜର ସମୁଦ୍ର କୁ
ଅଧା ଭିଜା ଅଧା ଶୁଖିଲା
ବାଲିପଠାରେ
ପାଦ ଚିହ୍ନ ଛାଡି ଛାଡି..... । ।

ପ୍ଲଟ୍ ନମ୍ବର - ଇ/୩୯୬.
ସେକ୍ଟର - ୬. ସି.ଡି.ଏ. କଟକ-୧୪. ଓଡିଶା.
ମୋବାଇଲ ନମ୍ବର - ୯୯୩୭୬୪୬୬୭୫

 Magazine Downloaded from www.aahwaan.com

# ଭାରତମାତା

ଅନ୍ୟାୟ-ଅନୀତି ପୋଷାକ ପିନ୍ଧି
ନୃତ୍ୟ କରୁଛି ହିଂସାର ଟୋକା,
ଭୟ କ୍ରୋଧର ବୀଭିଷିକା ମଧ୍ୟେ
ଜଳୁଛି ଆଜି ମୋ ଭାରତମାତା ।
ଧର୍ମ ନାମରେ ଚାଲିଛି ଏଠି
ବାଘ ମିରୀଗର ନାଟ,
ଗାନ୍ଧି ଆଉ ସୁବାଷଙ୍କ ବାଣୀ
ହୋଇଛି ସ୍ମୃତିପଟରୁ ବିସ୍ମୃତ ।
ସବୁଠି ଖାଲି ହାହାକାର
ଦାରିଦ୍ର୍ୟ-ବ୍ୟାଧିର ନାଦ,
ଚୋରୀ-ନାରୀ-ହତ୍ୟା-ବ୍ୟଭିଚାର
ପୁଣି
କରିଛି ମାନବିକତାକୁ ନଷ୍ଟ ।
ଶୁଭୁ ନାହିଁ ଆଉ ଗୀତାର ବଚନ
ବସୁନାହିଁ ସଞ୍ଜବେଳେ ଭାଗବତ,
କ୍ଷୁଧା ତୃଷ୍ଣାର ତାଡ଼ନା ମଧ୍ୟେ



ପ୍ରଫୁଲ୍ଲ କୁମାର ନାହାକ

 Magazine Downloaded from www.aahwaan.com

କରୁଛି ମଣିଷ ଆର୍ତ୍ତନାଦ ।
କ୍ଷମତା ଲାଳସା, ଅର୍ଥ ପିପାସା
କରିଛି ରାଜନୀତିକୁ କବଳିତ,
ତ୍ୟାଗ, ସେବାର ଭାବନା
ହୋଇଅଛି ବିଡ଼ମ୍ବିତ ।
ଧର୍ଷଣ-କର୍ଷଣ-ଶୋଷଣର ଅନ୍ୟନାମ
ସାଜିଛି ପ୍ରେମ,
ଆଦର୍ଶ ନୈତିକତା କୋଳେ
ମିଥ୍ୟା ପ୍ରବଞ୍ଚନା ଗଢ଼ିଛି ଆପଣାର ହର୍ମ୍ୟ ।
କାନ୍ଦୁଛି ଆଜି ଧରଣୀ ମୋର
ହୋଇ ପିତୃମାତୃହରା,
କେହି କେବେ ବୁଝିଛ କିରେ ?
ସ୍ନେହ ମମତାର ଅମୃତଧାରା ।
ବନ୍ଦକର ଏହି ମିଥ୍ୟା ଭାଇଚାରା
ଦ୍ୱାପରର ମହାଭାରତ,
ଶାନ୍ତି, ମୈତ୍ରୀର ଧ୍ୱଜା ତଳେ ଆଜି
ଗାଅରେ ସର୍ବେ
ଜନଗଣ ମନଅଧି ଜାତୀୟ ସଙ୍ଗୀତର ଧାରା ।।

(ଗବେଷକ), ରେଭେନ୍ସା ବିଶ୍ୱବିଦ୍ୟାଳୟ ।

# ତୁମପାଇଁ

ଆକାଶରୁ ତାରା ତୋଳି ଆଣି ଦେବି
ତୁମେ ଯେବେ ହେବ ସାଥି
ଶୋଇବାକୁ ଦେବି ପ୍ରେମର ଶେଯକୁ
ପାହିବନି କେବେ ରାତି ।
ରବିକୁ ତୁମଠୁ ଦୂରେଇ ରଖିବି
ହେବ ନାହିଁ ଖରା ତାତି
ବାଦଲକୁ ଡାକି ବରଷା କରିବି
ଭିଜୁ ଥିବୁ ଦିନ ରାତି ।

ଓଡ଼ିଆ ବିଭାଗ ଛାତ୍ର
ଏନ ସି କଲେଜ ,ଯାଜପୁର
୭୦୭୭୭୪୭୯୪୧



ସୁଦର୍ଶନ ସାହୁ

 Magazine Downloaded from www.aahwaan.com

# କହିହୁଏ ନା ସହିହୁଏ

ଶିଶୁଟିଏ ପାଇଁ ମା, ମନ କେଡେ ଆକୁଳବିକଳ ହୁଏ
ସେଇ ଶିଶୁଯେବେ ଅଲୋଡ଼ାଟି  ହୋଇ ରାସ୍ତାକଡରେ ଶୁଏ
ନା କହିହୁଏ ନା ସହିହୁଏ.

ନିରୀହ ପିଲାଟି ଖାଇବା ପାଇଁକି ଭିକାରି ଟି ସାଜିଥାଏ
ମିଛରେନାଟକ କରୁଛି ଭାବିକି ବାଟୋଇ କଡେଇଯାଏ
ନା କହିହୁଏ ନା ସହିହୁଏ.

ରୋଗୀଣା ମା'ର ମୁହଁରେ ଟିକିଏ ହସ ଫୁଟେଇବା ପାଇଁ
ଅର୍ଥଅଭାବରେ ପିଲାଟି ବାରଦୁଆର  ଅଇଁଠା ମାଜୁଥାଇ
ନା କହିହୁଏ ନା ସହିହୁଏ.



ସେଇ ପିଲାଟିକୁ ଅଫିସରବାବୁ ଚୁପଚାପ ଯାଇ ପଚାରେ
କାହାରେ ବଇଆ ସତସତକହ ଏ ମାଲିକକି  ତତେମାରେ
ନା କହିହୁଏ ନା ସହିହୁଏ.

ସୌମ୍ୟା ସୁଚରିତ ସେଣ

 Magazine Downloaded from www.aahwaan.com

ସେଇ ପିଲାଟିର ଆଖିରେ ଭାସଇ ରୋଗିଣା ମାର ମୁହଁ
ମାଡକୁ ତସିଏ ଆପଣା  କରିଛି ଚିନହଂତ  ସାରାଦେହ
ନା କହିହୁଏ ନା ସହିହୁଏ.

କୋମଳ ଏଶିଶୁ ନିରୀହ ତାଆଖି  ଅସୁମାରୀ ତାରସ୍ୱପ୍ନ
ସେ ସ୍ୱପ୍ନ  ସାକାର ହେବାକୁଦିଏନି ଏ ପିଶାଚପରାଏ ଜନ
ନା କହିହୁଏ ନା ସହିହୁଏ.

ଏ ସମୟଟା  ଆସି ଏମିତି ହେଲାଣି କେହିନୁହେଁ  ସୁରକ୍ଷିତ
ଛୋଟଛୋଟ  ଝିଅ ବାଦ ନ ପଡନ୍ତି ଏ ସମାଜ କାଳେ ଶିକ୍ଷିତ ?
ନା କହିହୁଏ ନା ସହିହୁଏ.

ସମାଜର ଠୋକର ଖାଇଖାଇ ସେଇ ଅବଟାକୁ ଚାଲିଯାଏ
ନଥାଏ ତାପାଖେ ମଣିଷ ପଣିଆ ଅନ୍ଧାରରେ ହଜିଯାଏ
ନା କହିହୁଏ ନା ସହିହୁଏ.

ହାଇଦ୍ରାବାଦ, ତେଲଙ୍ଗାନା

 Magazine Downloaded from www.aahwaan.com

# ବସି ମୁଁ ମନରେ ଭାଳେ

ଟଙ୍କା କି ପଇସା ସୁଖ ଦେବ କେବେ
ବାପ ମାଆ ଗଲେ ଭୁଲି
ଫେରିବାକୁ ହେବ ଶେଷରେ ଗାଆଁକୁ
ସବୁଆଡୁ ବୁଲି ବୁଲି ।
ଯେଉଁଠି ଜନମ ସେଇଠି ମରଣ
ଯାହାର ଲେଖିଛି ବିହି
ଇଚ୍ଛା ନଥିଲେ ବି ବଞ୍ଚିବାକୁ ହେବ
ଦୁଃଖର ଲୁହକୁ ପିଇ ।
ମଣିଷ ଜୀବନ ଅଢ଼େଇ ଦିନକୁ
ଚାହୁଁ ଚାହୁଁ ଯାଏ ବିତି
ସୁଖରେ ଲାଗଇ ସବୁତ ସମାନ
ଦିନ,ମାସ,ବାର, ତିଥି ।
ଜୀବ ଚାଲିଗଲେ ମାଟି ପିଣ୍ଡ ଛାଡ଼ି
ଲୋଡ଼ା ଛଅଖଣ୍ଡି କାଠ
ଖୋଜା ପଡ଼େନାହିଁ ଟଙ୍କା କି ପଇସା
ପିନ୍ଧିବାକୁ ମଠା ପାଟ ।
ଖାଲିହାତେ ଆସି ଖାଲିହାତେ ଯଦି
ଯିବା ସବୁ ଶେଷ କାଳେ
କାହିଁକି ତେବେ ଏ ବଡ଼ପଣ କୁହ
ବସି ମୁଁ ମନରେ ଭାଳେ ।



ଶିଶିର କୁମାର ପଣ୍ଡା

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:- ୮୯୮୧୭୩୭୨୨୮

 Magazine Downloaded from www.aahwaan.com

# ରାକ୍ଷୀ

ସୁନ୍ଦର ସମ୍ମୋହନର
ଜ୍ୱଳନ୍ତ ଦୃଶ୍ୟପଟ୍ଟଟିଏ ତୁ
କେଉଁ ଏକ ପବିତ୍ର ସମ୍ପର୍କର
ଅମ୍ଳାନ ସ୍ୱାକ୍ଷରଟିଏ ତୁ
ଅୟୁତ ଅୟୁତ ଦିନର
ଆଖୋଜା ଅଲୋଡା ହୋଇ ପଡିରହିଥିବା
ଅବଶୋଷ ବୋଧ ଅଲୁନ୍ଧୁ ଲଗା ମନରେ
ମଧୁର ପାର୍ବଣର ଭିଜା ଭିଜା ଋତୁଟିଏ ତୁ
ଖୁନ୍ଦି ହୋଇ ରହିଥିବା
ଯେତେ ହିଂସା ରାଗ କ୍ରୋଧ ଅଭିମାନ
ଦୃଶ୍ୟ ରୁ ଅଦୃଶ୍ୟ ହେବାର
ସ୍ନେହ ପବିତ୍ରର ସମ୍ମାର୍ଜନୀଟିଏ ତୁ ।
ତୁ ଏମିତି ଏକ ମମତା ର ଶୃଙ୍ଖଳଟିଏ
କାରାରୁଦ୍ଧ ହୋଇଯାଏ ମୁହୂର୍ତ୍ତ କ ପାଇଁ
ଆଂଜୁଳା ଆଂଜୁଳା ଲୁହ
ମାଟିକୁ ଛୁଇଁବା ପୂର୍ବରୁ ,
ଅହଂକାର ର ଯେତେ ନିଷ୍ଠୁର ପୃଷ୍ଠା
ଝଲମଲ ହୁଏ ତୋ ସ୍ନେହସିକ୍ତା ହାତର
କୋମଳ ସ୍ପର୍ଶ ରେ
ଅନ୍ଧାର ରେ ଚିତ୍କାର କରୁଥିଲେ ବି



ଶରତ କୁମାର ଦାସ

 Magazine Downloaded from www.aahwaan.com

ସ୍ୱଷ୍ଟ ଦେଖି ହୁଏ ଆଲୋକର ରଂଗ
ନିଜ ଅଜଣାତରେ ;
ସବୁ ମୋର ନୀରବତା ଯେତେ ଅନ୍ତର୍ଦାହ
ଲିଭିଯାଏ ତୋ ଆଗମନୀରେ
ଇଷତ ଫିକା ପଡି ଆସୁଥିବା ଦିନଗୁଡିକ
ଡେଣି ମେଲି ଉଡିଯାଆନ୍ତି
ଫର୍ ଫର୍ ଦିଗନ୍ତ କୁ ମନଇଛା
ଅସ୍ୱଷ୍ଟ ଦିଶୁଥିବା ପାଦଚିହ୍ନ ଗୁଡିକ
ଜୀବନ୍ୟାସ ପାଆନ୍ତି ସମୟର ବିସ୍ତୀର୍ଣ୍ଣ ବାଲିରେ ।
ସତରେ ତୁ ଏମିତି ଏକ ପୁଷ୍ପଗୁଛଟିଏ
ମହମହ ବାସୁଥାଏ ଚଉଦିଗ
ଲମ୍ବି ଥାଏ ତୋ ମଧୁର ପଣତ
ମାଟିରୁ ଆକାଶ
ଝରୁଥାଏ ସୋହାଗ ଅମୃତ
ଝଂକାର ତୋଳେ ତୋ ଜୈତ୍ର ଗୀତି
ଯୁଗ ଯୁଗ ଯାଏ ।।

ଅଧ୍ୟାପକ,ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜି-କେନ୍ଦୁଝର-୭୫୮୦୩୫
ଦୂରଭାଷ-9438243149 ।

 Magazine Downloaded from www.aahwaan.com

# କଳା ଚଷମାର ସଂସାର

କଳାଚଷମା ରେ
ସବୁ କିଛି
ରଂଗୀନ ଦିଶୁ ଥିବ.....
ଟିକେ ତା'କୁ
ହଟାଇ ଦେ' ।।

ଧୂସର ଦିଶୁଥିଲେ ବି
ଏ ମାଟିରେ ବୁଣି ଦେ....
ଚେନାଏ ହସ...
ମୁଠାଏ ପ୍ରେମ...
ଆଂଜୁଳାଏ ସ୍ନେହ....
ଶ୍ରଦ୍ଧାରେ କିଛି ବିଶ୍ୱାସ..... ।।



କିଛି ଦିନ ପରେ
ଦେଖିନେବୁ
କଳାଚଷମା ର'
ଆଉ ଦରକାର ନଥିବ ।।

ଆଶୁତୋଷ ମେହେର

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪,
ଦୂରଭାଷ ୯୪୩୭୦୮୫୩୯୬

 Magazine Downloaded from www.aahwaan.com

# ମା ପରି କେହି ନାହିଁ

ଦଶମାସ ଦଶଦିନ ତୁମେ ମାଆ ଗର୍ଭରେ ଧରିଲ ମତେ
ଜନ୍ମ ଦେଲ ମାଆ ଏଇ ଦୁନିଆରେ ଯନ୍ତ୍ରଣା ସହିଲ କେତେ ,
ପିଆଇଲ କ୍ଷୀର ଅମୃତ ସମାନ ତୁମେ ନିଜ ଛାତି ଚିରି
ସେନେହୀ ମାଆ ମୋ ମମତାମୟୀ ଗୋ କେହିନାହଁ ତୁମପରି ,
ହାତଧରି ତୁମ ଚାଲି ମୁଁ ଶିଖିଲି ବଢ଼ିଲି ତୁମରି କୋଳେ
ଅଳି ଅର୍ଦ୍ଧଳି ମୋ ସବୁ ତ ସହିଲ ଦୁଃଖ ନ କରିକି ତିଳେ ,
ନିଜେ ରହିଯାଅ ଉପାସ ଭୋକରେ ମୋ ପେଟ ରଖିନ ଖାଲି
କୁହ ତୁମେ ମତେ ଖାଇଦେ ଧନରେ ମୋ ପେଟ କୁ ଯିବ ଚାଲି ,
ଯେବେ ହୁଏ ଥଣ୍ଡା କାଶ କିମ୍ବା ଜର ମୁଣ୍ଡ ପାଖେ ବସ ଜଗି
ପୂଜାର୍ଚ୍ଚନା କର ପ୍ରଭୁଙ୍କ ପାଖରେ କେବଳ ମୋହରି ଲାଗି,
କେତେ ମାନସିକ ବ୍ରତ  ଯେ କରିଛ ମୋ ଭବିଷ୍ୟତ ପାଇଁ
ମୋ ମାଆ ପରି ଆଉ ଦୁନିଆରେ କେହି ନାହିଁ ,



ନୀଳକଣ୍ଠପୁର, ମଙ୍ଗଳପୁର ,ଯାଜପୁର

ଧୀରେନ୍ଦ୍ର ମଲ୍ଲିକ

 Magazine Downloaded from www.aahwaan.com

# ବଦମାସ ପ୍ରେମିକ

ଅଳସି ନଦୀରେ ଆଜି ବନ୍ୟା ଆସିଛି
ଲାଗୁଛି ଯେମିତି କବଳିତ କରିନେବ ଅଶାନ୍ତ ସହରକୁ
ତା କରାଳ ଗ୍ରାସରେ
ହେଲେ ମୁଁ ଜାଣିଛି ନଦୀ ପୁଣି ଫେରିଯିବ
ସହର ବି ପୁଣି ଅଶାନ୍ତ ହୋଇଉଠିବ
ଯେମିତି ଏସବୁ ଭଗବାନ ଲେଖିଛନ୍ତି ତାଙ୍କ ଡାଏରୀରେ
ବାସ ସେଥିଲାଗି ସେଦିନ ମୁଁ ନିରବ ରହିଗଲି
ଯେମିତି ଆଉଜି ହୋଇ ଆରବ ପାରସ୍ୟର ଖଜୁରୀ ଗଛକୁ
ନାଁ ମୁଁ ସ୍ୱୀକାର କରିପାରୁଥିଲି ତୋ ପ୍ରେମକୁ
ନାଁ ତୋ ବିରହତାକୁ
ପରିସ୍ଥିତିର ଦାସ ସାଜି ଅବୁଝା ପରି ଚାହିଁରହିଥିଲି
ତୋ ନିରୀହ ଆଖିର ସେ ବୁନ୍ଦା ବୁନ୍ଦା ଉଷୁମ ଲୁହକୁ
ହଠାତ ଆଜି ଦେଖେ ନଦୀ ଫେରିଯାଇଛି ଆଉ
ସହର ବି ଅଶାନ୍ତ ହେଲେ ମୁଁ ଯେମିତି ବୁଢିଆଣୀ ଜାଲରେ
ମୁଁ ତ ପ୍ରଲୁବ୍ଧ ନଥିଲି ତୋ ଅସାମାନ୍ୟ ସୌନ୍ଦର୍ଯ୍ୟରେ
ନାଁ ମୁଁ ଲାଳାୟିତ ଥିଲି କାମିନୀ ଆଉ କାଞ୍ଚନର ଲାଳସାରେ



ପ୍ରାଣକୃଷ୍ଣ ମହାତର

 Magazine Downloaded from www.aahwaan.com

କିନ୍ତୁ ମୋ ନିଜ ଅଜାଣତରେ ମୁଁ ବନ୍ଦୀ ହୋଇସାରିଥିଲି

ତୋ ପ୍ରେମର ଆବଦ୍ଧ କୋଠରୀରେ

ନାଁ ମୁଁ ହୋଇପାରିଲି ରାଣୀ ଚାରୁବାକୀଙ୍କ ପାଇଁ

ଉତ୍କଳକୁ ଆକ୍ରମଣ କରିଥିବା ଅଶୋକ

ରହିଗଲି ମୁଁ ଅନ୍ତଃସତ୍ୱା ମାଆର ଗର୍ଭରେ

କୁଆଁ କୁଆଁ ରଡି ଛାଡୁଥିବା ଗୋଟେ ଶାବକ

ତଥାବି ତୁ କହିବୁ ମୁଁ ଗୋଟେ

ବଦମାସ ପ୍ରେମିକ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର

ଭୁବନେଶ୍ୱର

ଫୋନ- 8338016063

ଇମେଲ୍ : mahatar999@gmail.com

 Magazine Downloaded from www.aahwaan.com

# ସେକାଳ ପଖାଳ

ମାମୁନ୍, ନିତୁନ୍, ଚିନୁ, ଆଷୁ, ସାନୁ
ସାଙ୍ଗରେ କଣ୍ଢେଇ ରାଣୀ ,
ଦିନେ ସଞ୍ଜବେଳେ ଘେରିଲେ ଅଜାଙ୍କୁ
ଶୁଣିବା ପାଇଁ କାହାଣୀ ॥
"ଦୁଃଖ କହିବି ନା ସୁଖ ମୁଁ କହିବି "
କହନ୍ତି ଶୁଣାଇ ଅଜା ,
"ଆଇ ସହ ତୁମ ବାହାଘର କଥା
ଶୁଣାଅ ଲାଗିବ ମଜା " ॥
ଅଜା ବଖାଣିଲେ " ସେତେବେଳେ ଥିଲା
ପୁଅ ଝିଅ ଦେଖା ମନା ,
ବାପା ଭାଇ ଆଉ ପାଞ୍ଚ ଭଲଲୋକେ
କରିବେ ସବୁ ଯୋଜନା ॥
ଘଣ୍ଟା ସାଇକେଲ ରେଡ଼ିଓ ସାଙ୍ଗକୁ
ବାଟ ଖର୍ଚ୍ଚ ଦି'ହଜାର ,
ସେଇଥିରେ ଭାଲୁନାଚ ବାଡ଼ିଖେଳ
କିବା ଉପମା ତାହାର ?
ବର ପହଞ୍ଚିଲା ବାହାଘର ହେଲା
ଝିଅର ଆଣ୍ଠିଏ ଲାଜ ,
ମନ ଚାହିଁଲେବି କନିଆଁ ଦେଖିବା
ନଥିଲା ସେତେ ସହଜ ॥



ହରେରାମ ପଣ୍ଡା

 Magazine Downloaded from www.aahwaan.com

ବରଯାତ୍ରୀ ଗଲେ ଯେଯାହା ବାଟରେ
କଲିକତି ମିଠା ଖାଇ ,
ବାଡ଼ି ଆମ୍ବ ଆଉ ପଣସ ଖାଇକି
ଥୋକାଏ ପଡ଼ିଲେ ଶୋଇ ॥
ପଖାଳ ଖିଆରେ ଶାସୁମାଆ ଦେଲେ
ହାତରେ ମୁଦି ପିନ୍ଧାଇ ,
ମଥାରେ ଓଢ଼ଣୀ କାନ୍ଦି କାନ୍ଦି ସେ ତ
କହିଲେ କେତେ ବୁଝାଇ ॥
ଆଜି ମନେପଡ଼େ ବଡ଼ ଭାଉଜଙ୍କ
କେଇପଦ ମିଠା କଥା ,
ଚାଳିଶି ବରଷ ବିତି ତ ଗଲାଣି
ମନେ ପଡ଼ି ଲାଗେ ବ୍ୟଥା ॥
ସେକାଳ ପଖାଳ ନାହିଁ ଆଉ ଧନ
ହଜାରକୁ କିଏ ପଚାରେ ?
ଲକ୍ଷ ଲକ୍ଷ ପାଇଁ ଲାଗେ କେତେ ପାଲା
ଆଜି ବାହାଘର ବଜାରେ ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର
ଦୂରଭାଷ-୯୪୩୮୦୭୫୧୯୫

 Magazine Downloaded from www.aahwaan.com

# କେହି ତ ନିଜର ନୁହେଁ

ଜୀବନେ ଯାହାକୁ କରିଲି ଭରସା
ସିଏ ଦେଲା ମୋତେ ଧୋକା
ଭଲ ପାଇବାଟା ଏତେ ଯଦି କଷ୍ଟ
ଜୀବନେ ରହିବି ଏକା,
ବିଧାତା ଲେଖିଛି ବିଧିର ଲେଖନୀ
କେହିତ ନିଜର ନୁହେଁ
ଯେତିକି କରିବ ସେତିକି ପାଇବ
ବିଧାତା ବିଚାର କୁହେ,
ବିଶ୍ୱାସ କରିକି ଅବିଶ୍ୱାସୀ ହେଲି
କି ଅବା ପାଇଲି ଖୁସି
ସକାଳ ସଞ୍ଜରେ କଲମ ଧରିକି
ଲେଖୁଛି ଦୁଃଖକୁ ବସି,
କିଏସେ ବୁଝିବ ହୃଦୟର କଥା
କାହାକୁ କହିବି କୁହ
କେହି ତ ଏଠାରେ ନିଜର ନୁହଁନ୍ତି
ସାଥୀ ଏକା ମୋର ଲୁହ ।



କୁମାର ଲୋକେଶ୍

ଢେଙ୍କାନାଳ, ଗୋରଡାପାଳ, ୭୯୮୧୩୧୦୭୧୯

 Magazine Downloaded from www.aahwaan.com

# ବନ୍ଦୀପରି ଲାଗେ

ବନ୍ଦୀ ପରି ଲାଗେ ଆଜି ଏଇ ସହରରେ,
ନିଶ୍ୱାସ ନେବାକୁ ସତେ ଲୋଡା ଅନୁମତି.
ବାହୁନି ବାହୁନି କାନ୍ଦେ ମନ ଭାଳି ହୋଇ,
ଫେରି ପାଇବାକୁ ଥରେ ମୋ ଗାଁ ଜହ୍ନରାତି.

ଏ ସହରରେ ସିନା ଜହ୍ନ ଖାଲି ଆସେ ଉଇଁ,
ନଥାଏ ଜୋସ୍ନାରେ ପ୍ରୀତିର ମଧୁର ଛୁଆଁ.
ଜନଗହଳିର ଏତ ଖାଲି କର୍ମକ୍ଷେତ୍ର ଟିଏ,
ଶାନ୍ତି ଆଉ ତୃପ୍ତି ଭରା ଖାଲି ମୋର ଗାଁ..



ସୌମ୍ୟରଞ୍ଜନ ସ୍ୱାଇଁ

ପବନରେ ଭାସେ ଯାର ମୋ ପିଲାଦିନ ସ୍ମୃତି,
ହଜିଲା ଦିନର ପୁଣି କେତେ ଧୁଳିଖେଳ ସାଥି.
କୋହର ବାଦଲ ଝରେ ଆଖିରେ ବରଷା ହୋଇ,
ଫେରି ପାଇବାକୁ ଥରେ ମୋ ଗାଁ ଜହ୍ନରାତି...

ବାପାଙ୍କ ଆକଟ ସାଥେ ମା'ର କେତେ ମିଠା ଗାଳି,

 Magazine Downloaded from www.aahwaan.com

ମନେପଡେ ପିଲାଦିନ କେତେ ଅଳି ଅରଦଳି.

ସଞ୍ଜବେଳେ ମା କୋଳେ ବୁଢି ଅସୁରୁଣି ଗପ ଆଉ,

କିରୋସିନ ତେଲର ଡିବିରି ଓ ମୋ ଗାଁ ଚାଟଶାଳି.

ନଇ ଘାଟେ ଡଙ୍ଗା ଧରି ସେ ବୁଢା ନାଉରିଆ,

ସକାଳରୁ ସଞ୍ଜ ଯାଏ ନିତି ବାହୁଥାଏ ନାଆ.

ଅଙ୍କା ବଙ୍କା ରାସ୍ତା ସାଥେ ସବୁଜ ଶ୍ୟାମଳ କ୍ଷେତ,

ନିଆରା ତା ପରିଚୟ ଦିଏ ଏହି ମୋର ଗାଁ....

କଳାଖଣ୍ଡ, ବରୀ, ଯାଜପୁର

 Magazine Downloaded from www.aahwaan.com

# ମୁଁ କ'ଣ ମଣିଷ ?

ବେଳେବେଳେ ନିସ୍ତବ୍ଧ ମନକୁ ପଚାରେ
ଅତ୍ୟନ୍ତ ଶୀତଳତା ସାଥେ
ସତକହ ମନ ମୁଁ କଣ ମଣିଷ ?
ମନ ବି କୁଣ୍ଠାବୋଧ କରେ
କାଳେ ମୁଁ କଣ ଭାବିବି ସାତଟା ଶୁଣି
ବେଳେବେଳେ ଉତ୍କର୍ଷତା ସହ ବହାରିଆସେ ଆପେଆପେ ହଁ !
କେବେକେବେ ତ ରାତିରାତି ଧରି ଖୋଜିଛି
ଅନିଦ୍ରା ରୁଗ୍ଣ ରହି
କିନ୍ତୁ ପାଏନି
ଯଦିଓ କେବେ ପାଇଛି
ସହ୍ୟ କରିବାର ଶକ୍ତି ପାଇନି ।
କୋଉଠୁ ବା ପାଇବି ଶକ୍ତି
ସବୁଜାକ ତ ବନ୍ଧା ପକେଇଦେଛି
ନିଜର ବୋଲି କିଛିନାହିଁ
ଗୁଡ଼ାଏ ହାଡ, ମାଂସ ବୁନ୍ଦାଏ ରକ୍ତ ଛଡା
ସେଗୁଡ଼ାକ ବି କେବେ କାହାର ହୋଇଯିବ ।



ଅଶୋକ କୁମାର ପଧାନ

 Magazine Downloaded from www.aahwaan.com

ମା ଠିକ କହୁଥିଲା

ଚାବିଟାକୁ ସାଇତି ରଖିଥିବୁ

ଶଠ ହାତରେ ପଡିଗଲେ ସବୁ ସାରିଯିବ

ସିନ୍ଦୁକରେ ଥିବା ମୁଁ ଆଉ ତୋ ବାବା

ଜଳୁଥିବୁ ସିନା

ତୁ ପାଣି ଟୋପେ ବି ଦେଇ ଲିଭେଇ ପାରିବୁନି

ସବୁ ଦେଖିଥିବୁ ଜାଣୁଥିବୁ

ହେଲେ

ତୁ ଦର୍ଶକଟେ ହୋଇ ରହିଯିବୁ

ତୋ ହାତ ଦି'ଟା ବନ୍ଧା ପଡିଥିବ

ତୋ ସାମ୍ନାରେ ଜଳିଯିବୁ ସୁଖା ଡାଲଟିଏ ପରି

ତୁ'ବି ଜଳୁଥିବୁ କିନ୍ତୁ ପାଉଁଶ ହବୁନି

ଏତିକି ଖୋଜୁଥିବୁ କିଛି ହଜେଇ ଦେଇଛୁ ।

ଖୋଜିଛି

ଏବେବି ଖୋଜୁଛି

ପାଇନି

କେମିତିବା ପାଇବି

ଜଳଧି ଗର୍ଭରେ ହଜିଯାଇଥିବା ମଧୁଜଳ

କଣ ମୁଁ ଆଉ ଫେରିପାଇବି ?

 Magazine Downloaded from www.aahwaan.com

ଲୁଣିଆ ପାଣିରେ ମୁଁବି ବୁଡିଯିବି

ଖୋଜିଖୋଜି

ମୁଁ ହଜେଇ ଦେଇଥିବା ଗଙ୍ଗା ଧାରକୁ

ସେତେବେଳେ ପୁଣି ପଚାରୁଥିବି ମନକୁ

ସତକହ ମନ

ମୁଁ କଣ ମଣିଷ ?

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଦୂରଭାଷ- ୯୧୭୮୪୦୬୮୨

 Magazine Downloaded from www.aahwaan.com

# ଭାରତ ଆମ ଗାଁ

ଭାରତ ଆମର ଜନମ ଭୂଇଁ
ଭାରତ ଆମ ମାଁ,
ସେବାରେ ତା'ର ଜୀବନ ଦେବା
ରଖିବା ତ"ର ନାଁ ।।୦ ।।
ଭାରତ ମା'ର ସନ୍ତାନ ଆମେ
ଜୀବନ ଦେବା ତା'ରି ନାମେ,
ତା'ରି କୋଳେ ଜନମ ନେଇ
ହୋଇଛି ଆଜି ବୀରଟେ ମୁହିଁ ।।୧ ।।
ତା'ର ଯେତେ ମହତ ଗୁଣ
ଜଗାଏ ମନେ ବୀରତ୍ୱ ପଣ,
ବୀର ପରି ଲଢ଼ି ଶତ୍ରୁ ସହିତ
ରଖିବା ଆମେ ତା'ର ମହତ ।।୨ ।।
ଟାଣୁଆ ପୁଅ ଆମେ ଭାରତ ମା'ର
ସଦା ଆମର ଜୟ,
ଦେଖି ଆମରି ବୀରତ୍ୱ ପଣ
ଶତ୍ରୁ ବି କରିବା ଭୟ ।।୩ ।।
କରିବାନି କେବେ ଏମିତି କାମ



ଅନନ୍ତ କୁମାର ଦୀପ

 Magazine Downloaded from www.aahwaan.com

ଯା ପାଇଁ ହେବ ତା' ଅପମାନ,

ତା'ରି ମାନ ରଖିବା ପାଇଁ

ଜୀବନକୁ ଦେବା ବାଜି ଲଗେଇ ।।୪ ।।

ତା'ର ଉନ୍ନତି କରିବା ପାଇଁ

ପଛେଇବାନି କେବେରେ ଭାଇ,

ତା'ରି ଟେକ ରଖିବା ପାଇଁ

ମସ୍ତକ ଆମ ଦେବା କଟାଇ ।।୫ ।।

ଜନମିଛୁ ଆମେ ତା'ରି କୋଳେ

ମରିବୁ ଆମେ ତା'ରି ଭଲେ,

ତା'ର ସେହି ସେନେହ ମମତା

କରାଇବ ଦିନେ ଜଗତ ଜିତା ।।୬ ।।

କରିବୁ ଏମିତି ମହତ କାମ

ଯା'ପାଇଁ ବଢ଼ିବ ତା'ରି ମାନ,

ତା' କୋଳେ ନେଇ ମଣିଷ ଜନମ

ଧନ୍ୟ ହେଲା ଆମ ଏଇ ଜୀବନ ।।୭ ।।

ଆମେ ପରା ସବୁ ତା'ରି ପୁଅ

ଉଡାଇବୁ ଆମେ ତା'ରି ଜୟ,

ଉଚ୍ଚ କରିବା ତା'ରି ନାଁ

ସେ ପରା ଆମ ଭାରତ ମାଁ ।।୮ ।।

ପଲମ, କଳାହାଣ୍ଡି, ଭ୍ରାମ୍ୟଭାଷ : ୮୩୨୮୯୦୫୦୭୮

 Magazine Downloaded from www.aahwaan.com

# ପୁଣି ଆସ ଏ ମହୀରେ

ବଟେଶ୍ୱର ଗ୍ରାମ ଶ୍ୟାମଲାଲ ନାତି
ମହାମାନବ ଅଟଳ,
ପ୍ରତିଭାଦୀପ୍ତ ଶ୍ରେଷ୍ଠ ରାଜନୀତିଜ୍ଞ
ସତ୍କର୍ମେ ଥିଲ ଅଚଳ ।
ଗ୍ୱାଲିଅର ଆର୍ଯ୍ୟକୁମାର ସଭାରୁ
ଆରମ୍ଭ ତୁମ୍ଭ ଆନ୍ଦୋଳନ ।
ସ୍ୱୟଂ ସେବକ ସଂଘର ଥିଲ ତୁମେ
ବଡ଼ ଆତ୍ମାସଡ଼ର,
ଦେଶର ସ୍ୱରାଜ ପାଇଁ ଭାଇ ସାଥେ
ଯାଇଥିଲ କାରାଗାର ।
ଆଇନ ପଢ଼ିଲ ବାପା ସାଥେ ମିଶି
ରହିଲ ଗୋଟିଏ ଘରେ,
ସୁସାମ୍ବାଦିକ ରୂପେ ପରିଚିତ ହେଲ
ସବୁରି ପାଖରେ ।
ଭାରତୀୟ ଜନ ସଂଘ ପ୍ରତିଷ୍ଠାତା
ଶ୍ୟାମ ତ ଗୁରୁ ତୁମ୍ଭର,



ପ୍ରଣତି ମହାପାତ୍ର

 Magazine Downloaded from www.aahwaan.com

ସନ୍ଦେହ ଜନକ ମୃତ୍ୟୁରେ ତାଙ୍କ
ହୃଦ ବିଦୀର୍ଣ୍ଣ ଶୋକର ।
ବୀରବାଣୀ ପୁଣି ବୀରଠାଣି ଆଉ
ନିର୍ଭୀକ ଦକ୍ଷ ଭାଷଣ,
ବୈଦେଶିକ ମନ୍ତ୍ରୀ ପଦରୁ ଆରମ୍ଭ
ତୁମ ରାଜନୈତିକ ଜୀବନ ।
ଚକିତ ହେଲେ ବିଶ୍ୱବାସୀ ପୋଖରାନ ସୃଷ୍ଟି ଦେଖି,
ଅଭିଜ୍ଞ ତଥା ଶ୍ରେଷ୍ଠ ସୁଶାସକ
ନିସ୍ୱାର୍ଥ ସେବାକରି,
ଏ ମହାକାଶରେ ଆଉ ଏକ ଜ୍ୟୋତି
ଦରଶନେ ପ୍ରାଣ ଯାଏ ବତୁରି ।
ସୁଯୋଗ୍ୟ ସନ୍ତାନ ଏ ବୀର ଜାତିର
ଭାରତ ରତ୍ନେ ଭୂଷିତ,
ପଞ୍ଚ ମହାଭୂତ ମଧ୍ୟେ ବିଲିନ ଦେଖି
ସ୍ତବ୍ଧ ହେଲା ଜଗତ ।
କିଛି କ୍ଷଣ ପାଇଁ ଗଗନ ପବନ ନିରବି
ମୂକ ହୋଇଯାଇଥିଲା,
ତୁମ ଓଠର ସେ ଲୋଭନୀୟ ହସ
କୃତି ଯୁଗଯୁଗ ରହିଲା ।

 Magazine Downloaded from www.aahwaan.com

ଶତାବ୍ଦୀର ତୁମେ ମହାନାୟକ

ପୁଣି ଶ୍ରେଷ୍ଠ କାବ୍ୟକାର,

ରାଜନୀତିର ତ ପିତାମହ ଭୀଷ୍ମ

ଦେଶପ୍ରେମୀ ଭାରତର ।

ହେ ଦେଶସେବକ ଅମର ଅଟଳ

ପ୍ରଣତି ଢାଳେ ପୟରେ,

ନୂତନ ରୂପରେ ସେହି ଗୁଣ ଧରି

ପୁଣି ଆସ ଏ ମହୀରେ ।

ବାଲେଶ୍ୱର

 Magazine Downloaded from www.aahwaan.com

# ପ୍ରଥମ ଦେଖା

କେମିତି କହିବି

କେମିତି ସହିବି

ଯନ୍ତ୍ରଣା  କାଲି ଦେଇଛ କେତେ ,

କାଲିର ଭାଷା

କାଲିର ନିଶା

ବାକି ରହିଛି ହିସାବ ଯେତେ  ।

ସୁନେଲି ରାତି

ସୁନେଲି ପ୍ରୀତି

ପ୍ରଥମ ଛୁଆଁ ନିଜର କେତେ ,

ଦରଦୀ ମନ

ଦରଦୀ ଜହ୍ନ



ଶୀତଳ ବାଆ ସଫଳ ଯେତେ  ।

ମଧୂ ମିଳନ

ମଧୁ ଝୁଲଣ

ରାହାସ କୁମାର ବେହେରା

ଦରଦୀ ରାଣୀ ଝୁରୁଛି କେତେ  ,

ସୁଖ ଚୁମ୍ବନ

 Magazine Downloaded from www.aahwaan.com

ସୁଖ ବନ୍ଧନ

ନିଜ ଆତ୍ମା କୁ ମିଳିଛି ଯେତେ ।

ମହୁଆ ନିଶା

ମହୁଆ ଆଶା

ଭାଙ୍ଗିଲା ଦମ୍ଭ ସଜନୀ କେତେ ,

ଦୁଷ୍ଟ ଭଁଅର

ଦୁଷ୍ଟ ନଜର

ସାଇତା ଧନ ସରିଛି ଯେତେ ।

ମିଠା କମ୍ପନ

ମିଠା ସ୍ପନ୍ଦନ

ଗୋଲକ ଧନ୍ଦା ରଚିଲ କେତେ ,

ତୁମ କାମନା

ତୁମ ଭାବନା

ସରଗ ତୃପ୍ତି ମିଳିଲା ଯେତ ।

ଆସିଲା ଝଡ଼

ଆସିଲା ମୋଡ଼

ଜୀବନ ରଙ୍ଗ ବଦଳେ କେତେ ,

ଝରିଲା ଫୁଲ

ଝରିଲା ଗେଲ୍ଲ

 Magazine Downloaded from www.aahwaan.com

ନିଜର କଲ ନାୟକ ଯେତେ ।

ଏମିତି ମଜା

ଏମିତି ସଜା

ପହିଲି ରାତି ସେନେହ କେତେ ,

ପାରୁନି ଦେଖି

ପାରୁନି ଲେଖି

ଏମିତି ସଖୀ କହିଲି ଯେତେ ।

ବାଲ୍ୟାମ୍ବା, ଢେଙ୍କାନାଳ - ୭୫୯୦୧୫

ଭ୍ରାମ୍ୟଭାଷ : ୮୨୮୦୩୩୬୦୮୮

 Magazine Downloaded from www.aahwaan.com

# ପ୍ରତୀକ୍ଷା

ତୋ ବିନା ବି ଭାରି ଭଲ ଲାଗେ
ନିର୍ମମ ମୁହୂର୍ତ୍ତ ଯେତେ
ରଂଗ ତୁଳୀ ଧରି କାନଭାସରେ
ଯେବେ ମୁହିଁ ଆଙ୍କେ ତୋତେ ।। [୧]
ତୋ ବିନା ବି ଦେଖେ ମୁଁ ସପନ
କେତେ ରାତି ବିନିଦ୍ରାରେ
ସାଉଁଟି ରଖେ ମୁଁ କେତେ ସ୍ୱପ୍ନ ସୌଧ
ମୋ ସପନ ପେଟିକାରେ ।। [୨]
ଆଜି ବି ମୋ ହୃଦେ ତୁହି ରହିଅଛୁ
ସ୍ପନ୍ଦନ ମୁଁ ଅନୁଭବେ
ମିଶିଯାଆ ସାଥୀ ମୋ ହୃଦ ଚନ୍ଦନେ
ବିତରିଣ ପ୍ରେମ ସର୍ବେ ।। [୩]
ତୋ ବିନା ବି ବଂଚି ବି ପାରିବି
ସ୍ମୃତିକୁ ସାଇତି ରଖି
ସେ ସ୍ମୃତି ଅଟଇ ଅଲିଭା ଝଲକ
ରହିଛି ହୃଦୟେ ଲାଖି ।। [୪]



ଦେବବ୍ରତ ଜେନା

ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ
କମର୍ଦ୍ଦା, ଭୋଗରାଇ, ବାଲେଶ୍ବର,
ଦୂରଭାଷ :୯୫୮୩୧୩୮୫୩୩

 Magazine Downloaded from www.aahwaan.com

# କଣ୍ଢେଇ ସଜ

ଝିଲିମିଲି ଶାଢ଼ୀ ପିନ୍ଧି,

ମୁହଁରେ ସ୍ନୋ, ପାଉଡର ମାଖି,

ଶଖୀ କଣ୍ଢେଇଟେ ପରି

ଝିଅ ଯାଏ ଦେଖା ଦେଖି ପାଇଁ,

କେତେ ଯୋଡା ଆଖିର ଚାହାଣୀ,

ଘୁରି ବୁଲୁଥାଏ ତାଳୁରୁ ତଳିପା ଯାଏ,

ନଖରୁ ଶିଖ ଯାଏ,

ଗୁଡାଏ ନିରର୍ଥକ ପ୍ରଶ୍ନର ଉତ୍ତର ଦେବାକୁ ପଡ଼େ ।

ଶାଢ଼ୀ ଟେକି ଦେଖାଯାଏ ପାଦ,

ମପାଯାଏ ଉଚ୍ଚତା,



ପରଖା ଯାଏ ଦେହର ରଂଗ ।

ଲାଜ ଆଉ ଅପମାନରେ ,

ଏତେ ଟିକେ ହେଇଯାଏ ଝିଅର ମୁହଁ,

କୁହୁଳା କାଠର ମର୍ମଦାହ ପରି,

ସଂସ୍କୃତି ମହାନ୍ତି

ପୋଡ଼ିଯାଏ ତାର ହୃଦୟ ।

ଆଖିର ଝରକା ଦେଇ ବାହାରକୁ ଆସିବାକୁ,

 Magazine Downloaded from www.aahwaan.com

ଅଝଟ କରନ୍ତି ଅମାନିଆ ଲୁହ ସବୁ ।

ବାପା, ଭାଇଙ୍କ ନିରିହ ମୁହଁ,

ଦିଶୁଥାଏ ଆହୁରି କରୁଣ ।

ଓଠରେ ଓଠ ଚାପି ସବୁ ସହିଯାଏ ଝିଅ,

ଉଜୁଡି ଯାଏ ସ୍ୱପ୍ନର ସୁନେଲି ଖେତ ।

ଭାବେ ଝିଅ ହୋଇ ଜନ୍ମହେବା ବୋଧେ ପାପ,

କେତେ ହିନୀମାନ ସତେ ଝିଅ ଜୀବନ ।

ମାସ ପରେ ବିତିଯାଏ ମାସ,

କିନ୍ତୁ ସରେନି ଦେଖାଦେଖି ପର୍ବ,

ପାଣି ସୁଅ ପରି ଗଡି ଯାଉଥାଏ ଝିଅର ବୟସ ।

ବାପା, ମାଆଙ୍କ ମଥାରେ ଲଦା ହେଇଥିବା ବୋଝ,

ହେଉଥାଏ ଆହୁରି ଟାଣ ।

ଅନ୍ଧାରର କାଳିମା ଲେସି ହୋଇଯାଏ,

ତାର ମନ ଆଉ ହୃଦୟରେ,

ଦୁଃଖମାନଙ୍କ ର ଧାଡି ଲମ୍ବିଥାଏ ଦୂରକୁ ଦୂରକୁ,

ସେ ନିନ୍ଦୁଥାଏ ପଥର ତଳେ ଥିବା ତାର ଭାଗ୍ୟକୁ,

ହେଉଥାଏ କଣ୍ଢେଇ ସଜ,

ଆଉ ଅପେକ୍ଷା କରିଥାଏ,

ପୁଣି ଏକ ରଂଗମଞ୍ଚର ଦୃଶ୍ୟକୁ......

 Magazine Downloaded from www.aahwaan.com

# ସେବା ହିଁ ଶ୍ରେଷ୍ଠଧର୍ମ

ଛୋଟ ଘରଟି ଗଢ଼ିଛି ସିଏ
ମାଟି, କାଠ, ଛଣରେ ।
ମାଟି ମା' ସାଥେ ବଞ୍ଚିଛି ଏଠି
ସ୍ନେହ ଓ ଶରଧାରେ । ୧
ଆମ୍ବ, ପଣସ, ଜାମୁ ଓ ନଡ଼ିଆ
ପୋତିଛି ଧାଡ଼ିକୁ ଧାଡ଼ି
ଜହ୍ନି କାକୁଡ଼ି କଖାରୁ ଫଳେ
ବିଲରେ ଗଡ଼ି ଗଡ଼ି । ୨
ସବୁଜ ଶସ୍ୟ ଫଳଇ ନିତି
ତା ଚାଷ କିଆରୀରେ
ତା ଦିନ କଟେ ସକାଳେ ସଞ୍ଜେ
ତା'ରି ବିଲ ବାଡ଼ିରେ । ୩
ଅମଳ ଯେତେ କରୁଚି ସିଏ
ଜନମଙ୍ଗଳ ପାଇଁ
ସଭିଙ୍କ ମୁଖେ ଆହାର ଦେଇ
ରହୁଛି ସୁଖେ ସେହି । ୪



ଭାଗିରଥୀ ଯାନୀ

 Magazine Downloaded from www.aahwaan.com

ଧାନ, ଗହମ, କୋଳଥ, ବିରି
ତା'ରି ବିଲରେ ବୁଣେ
ଅମଳ କରି କ'ଣ କରୁଛି
ସାରା ଜଗତ ଜାଣେ । ୫

ଚାଷୀ ପୁଅ ସେ କରଇ ଚାଷ
ଏଇତ ତା'ର କର୍ମ
ମାଟି ମା' ଓ ଦେଶ ଜାତିର
ସେବା ହିଁ ଶ୍ରେଷ୍ଠ ଧର୍ମ । ୬

ଦଳପଡ଼ା, ଖଜୁରୀପଡ଼ା, କନ୍ଧମାଳ
୭୬୨୦୧୨, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

 Magazine Downloaded from www.aahwaan.com

# ଭଉଣୀଟିଏ ଦିଅ

ମୋର ଏଇ ଛୋଟ ହୃଦୟର ସୂକ୍ଷ୍ମ କୋଣରୁ ଉଙ୍କିମାରେ ପ୍ରଶ୍ନଟିଏ
ପ୍ରତ୍ୟାଶା କରି ଏକ ସାର୍ଥକ ଉତ୍ତର...
ବାରମ୍ବାର ପଚାରି ବ୍ୟସ୍ତବିବ୍ରତ କରିଦିଏ ତଥାପି ମୁଁ ନିରୁତ୍ତର...
ସଭିଙ୍କ ହାତରେ ସମ୍ପର୍କର ଡୋରୀ ରାକ୍ଷୀକୁ ଦେଖି
ନ ଦେଖିବାର ବାହାନା କରି ଚାଲି ଯାଉଥାଏ ମୁଁ
ହେଲେ ସମସ୍ତ ପ୍ରୟାସ ମୋର ଅସଫଳ ହୁଏ
ନୟନର ଗୋଟିଏ କୋଣରୁ ଦୁଇଟୋପା ଲୁହ ଝରି ଆସେ ।
କର୍ଣ୍ଣଧାରେ ବାଜୁଥାଏ ସେ ହୃଦୟ ପ୍ରଶ୍ନର ପ୍ରତିଧ୍ୱନି
ଏ ପବିତ୍ର ରାକ୍ଷୀପୂର୍ଣ୍ଣିମାରେ ତୋ ହାତେ ରାକ୍ଷୀ ରହିଲାନି ?
ଓଃ କି ଯନ୍ତ୍ରଣା...
ସ୍ଥିର ଅସ୍ଥିର ହୋଇଯାଏ ମନ... ସ୍ଥିର ଅସ୍ଥିର ହୋଇ ପ୍ରବାହ
ତଥାପି ମୁଁ ସେ ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ
ଶେଷରେ ଏତିକି ଗୁହାରି କରେ...
ଦୋଷ କ୍ଷମାକରି ଭଉଣୀଟିଏ ଦିଅ ଆହେ ପ୍ରଭୁ ଜଗନ୍ନାଥ ।



ଆଦିତ୍ୟ ନାରାୟଣ ସାହୁ

ରସିକନଗର, ଟାଙ୍ଗୀ, କଟକ

ଭ୍ରାମ୍ୟଭାଷ : ୯୮୫୩୬୦୧୧୨୩ / ୭୯୭୮୨୮୯୬୧୦

Magazine Downloaded from www.aahwaan.com

# ହିତୈଷୀ

ପଥ ଦୁର୍ଗମ ହେଉ ଅବା ସୁଗମ
ଚାଲିବାକୁ ହୁଏ
ଚାଲୁ ଚାଲୁ ଭେଟିବାକୁ ହୁଏ
ସମୟ, ସମ୍ପର୍କର
ଦୋଦୁଲ୍ୟମାନ ସ୍ତୁପକୁ ।
ଚିହ୍ନି ହୁଏ
ପର ଆପଣାର ଭାବକୁ
ପରଖି ହୁଏ
ସହଯୋଗ, ଅସହଯୋଗର
ହାତକୁ ।
କିଏ ହାତ ଆଗକୁ ବଢ଼ାଏ ତ
କିଏ ନେଇ ଯାଉଥାଏ ପଛକୁ ।
ପଛକୁ ନେଉଥିବା ହାତ
ଆଗକୁ ବଢ଼ାଉଥିବା ହାତ
ଦି'ଟା ହିଁ ଲାଗେ ନିଜର
ହସ ଆଉ ଲୁହପରି



ବିଷ୍ଣୁପ୍ରିୟା କରସୁଧା
ପଟ୍ଟନାୟକ

 Magazine Downloaded from www.aahwaan.com

ସତ ଏକ ଜୀବନର ।

ତେବେ, ଭୁଲି ହୁଏନା... ଦେଖି ହୁଏ

ସେହି ସହଯୋଗର ହାତରେ

ଈଶ୍ୱରରୂପୀ ଈଶ୍ୱରଙ୍କୁ ।

କିଏ ସାଙ୍ଗ ଦେଲେ ବି ପହଞ୍ଚି ହୁଏ

ସାଙ୍ଗ ନ ଦେଲେ ବି ପହଞ୍ଚି ହୁଏ

ଆମ ପାଇଁ ପୂର୍ବ ନିର୍ଦ୍ଧାରିତ

ସେଇ ସ୍ଥାନକୁ ।

ବାସ୍... ସାରା ଜୀବନ ଭୁଲି ହୁଏନା

ଶୁଭାକାଂକ୍ଷୀ ମାନଙ୍କୁ ।

ଭୁଲିହୁଏନା ସେଇ ଦି'ପଦ

ମିଠା ମିଠା କଥାକୁ

ଯାହା ବଢ଼େଇ ନିଏ

ଚାରି ପାଦ ଆଗକୁ ।

ଭୁଲି ହୁଏନା, ସୁଖ ବେଳେ

ସାଥିରେ ଖେଳେଇଥିବା

ଧାରେ ହସକୁ...

ଦୁଃଖ ବେଳେ ଝରେଇଥିବା

ଦି' ଟୋପା ଲୁହକୁ ।

 Magazine Downloaded from www.aahwaan.com

ଆଉ ସେଥିପାଇଁ ବୋଧହୁଏ

ଜ୍ଞାତ ଅଜ୍ଞାତରେ

ହୃଦୟ ଆକାଶରେ

ଆଙ୍କିଦେଇ ହୁଏ

ସେଇ ନିଷ୍କପଟ ହୃଦୟର

ଜୀବନ୍ତ ଚିତ୍ରକୁ ।

ଆଉ ବେଳ ଅବେଳରେ

ନଇଁ ଯାଉଥାଏ ମଥା

ଭେଟି ହୁଏ ନିଜ ଭିତରେ ହିଁ

ସେଇ ହିତୈଷୀ ରୂପୀ

ଈଶ୍ୱରଙ୍କୁ ।

ଶିକ୍ଷୟିତ୍ରୀ, ଡାବୁଗାଁ ବ୍ଲକ୍, ନବରଙ୍ଗପୁର

୭୬୪୦୫୯, ଓଡ଼ିଶା

 Magazine Downloaded from www.aahwaan.com

# ଏଇ କଣ ପ୍ରେମ ସତେ !

ଥିଲି ଏକା ଏକା ମୋ ଦୁନିଆରେ ମୁକ୍ତ ପକ୍ଷୀଟି ପରି
କିଏ ସେ ଆସିଲା ଅଚିହ୍ନା ଅଜଣାନେଲା ମତେ ଆଖି ଠାରି

ଚୁପି ଚୁପି ଆସି ମୋ ପାଖରେ ବସି ନେଲା ମୋ ମନ ଚୋରେଇ
ଓଠରେ ନ କହି କେତେ କଥା ପୁଣି ଆଖିରେ ସେ ଦେଲା କହି

ନିଦ ନେଇ ମୋର ଏ ଦୁଇ ଆଖିରୁ ସପନ ରଖିଲା ପୁଣି
ଏତେ ଚଗଲା ସେ ଶୁଆଇ ଦେଉନି କରିଲା କି ସତେ ଗୁଣୀ

ଚାହିଁଲେ ବି ଆଉ ପାରିଲିନି ଫେରି ସାଜିଲି ତ ପ୍ରେମ ପରୀ
ନିଜର ନ ହୋଇ ନିଜର ଲାଗିଲା ଏ କେମିତିକା ଡୋରି

ଅଜଣା ହେଲେ ବି କହିଦିଅ ଥରେ କାହିଁ ମନେପଡ ଏତେ
ଜାଣି ପାରୁନାହିଁ ବୁଝାଇଦିଅ ହେଏଇ କଣ ପ୍ରେମ ସତେ !

ତୁମ ଚିତ୍ରପଟ୍ଟ ଏଇ ମୋ ଆଖି ରେନାଚିଯାଏ ପ୍ରତି ମୂହୁର୍ତ୍ତେ
ଏଇ କଣ ପ୍ରେମ ସତେ !
କୁହତ ଦେଖି
ଏଇ କଣ ପ୍ରେମ ସତେ !



ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢ଼ୀ

 Magazine Downloaded from www.aahwaan.com

# ଅଧାଗଢ଼ା ଦିଅଁ

ଅଧାଗଢା ଦିଅଁ ତୁହି ଅଧରେ ତୋ
ମିଠାମିଠା ନାଲି ହସ ,
ଅଧାବାଟେ ମୋତେ ପର କରିତୁ
ପାଇଲୁବା କେଉଁ ଯଶ ...ା

ଅଧା ଥିଲୁ ଦେବକୀର ଅଧା ହେଲୁ
ସ୍ନେହମୟୀ ଯଶୋଦାର ,
କାହିଁକି ଛାଡିଲୁ ତୁ ଅଧାରେ ତାଙ୍କୁ
କହରେ କଳା ଠାକୁର ...ା

ମୀରାଙ୍କ ପ୍ରେମେ ହଜିଥିଲୁ ତୁ ଅଧା
ଅଧାରେ ରହିଲେ ରାଧା
ପ୍ରେମ ତୋ ପାଇଁ ଖେଳଘର କାଳିଆ
ମାନୁନୁ କିଆଁ ତୁ ସିଧା.....ା



ପ୍ରିୟଙ୍କା ସାହୁ

ଜନମି ଥିଲୁ ତୁହି ଅଧା ରାତିରେ
ଅଧା ଦିଶୁ ଥିଲେ ଜହ୍ନ ,
ଅଧାର ଅଧା ତୋତେ ବୁଝି ପାରୁନି
ଅଧିର ହେଉଛି ମନ.....ା

ସାହାନିୟାଜ ପୁର, କଟକ

Magazine Downloaded from www.aahwaan.com

# ରଜନୀଗନ୍ଧା ସେ...

ରଜନୀଗନ୍ଧା ସେ
ତା ମହମହ ବାସ ଭରା ରଜନୀରେ ...
ଚୋରାଇ ନିଏ ସେ
କେତେ ଯେ ପିଆସୀ ମନ ତା ପ୍ରେମଚାହାଣୀରେ ...
ଅସୁମାରୀ ସ୍ୱପ୍ନ ସମୁଦ୍ରରେ
ଭାସିଭାସି ଯାଏ ମୋ ମନ ନୌକା
ବାସଭରା ଗନ୍ଧା ରଜନୀରେ .
ରଜନୀର ଅମା ଅନ୍ଧକାରେ
ବିଷକୀଟ କେହି ହରି ନିଏ ତାର
ରୂପ ଯୌବନ ଶରୀରରେ .
ଆଜି ସେ ପାପିନୀ ପାପ ନ କରି ସେ
ପାଗଳିନୀ ସେ ଗର୍ଭ ଯନ୍ତ୍ରଣାରେ ..
ଏଇ ସେ ରଜନୀ ହରାଇ ନେଲା ଯେ
ଦେଇଥିଲା ଯେତେ ଉପହାରେ ...
ଛିନ୍ନ ବସନା ସେ ରଜସିକ୍ତ
ନିଜେ ଚିନ୍ତା କରେ ...
ଏଇ ନାରିକେଳ ବୃକ୍ଷ ସାକ୍ଷୀ ଅଟେ ତାର
ଜୀବନର ଏଇ ମଧ୍ୟାହ୍ନରେ ....



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଇ ମେଲ ଠିକଣା : sambitsm1987@gmail.com
ଗୁଡିଆନାଳୀ, ଢେଙ୍କାନାଳ, ଓଡିଶା, ୭୫୯୦୦୧

 Magazine Downloaded from www.aahwaan.com

# ଗୁରୁ ଉପାସନା

ଗୁରୁ ଅଟନ୍ତି ପ୍ରଭୁଙ୍କର ଶ୍ରେଷ୍ଠତମ ସର୍ଜନା
ତାଙ୍କ ଦାନ ଅତୁଳନୀୟ, ନାହିଁ ତାର ଉପମା ।
ରହିଥିଲେ ଗୁରୁଙ୍କର ଆଶୀର୍ବାଦ ଶିରରେ
ଦିବ୍ୟଜ୍ଞାନ ମିଳେ ପରା ସଭିଙ୍କୁ ଏ ମହୀରେ ।
ମାର୍ଗଦର୍ଶକ ଭାବରେ ଗୁରୁ ସଦା ପୂଜିତ
ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ପଥ, ସଦା ସୁସଜ୍ଜିତ ।
ଜ୍ଞାନ ସହ ବୁଦ୍ଧି ,ବିବେକ ଆଉ ମାନବିକତା
ଶିଖାନ୍ତି ସେ ସମସ୍ତଙ୍କୁ  ରଖିବାକୁ ଏକତା ।
ଗୁରୁ ଶିଷ୍ୟ ପରମ୍ପରା ରହିଅଛି ଯୁଗେଯୁଗେ
ପ୍ରାଚୀନ ଠୁ ଆଧୁନିକ,ସମ୍ମାନିତ ସବୁ ଯୁଗେ ।
ଏକଲବ୍ୟ ଛେଦ କଲେ ବୃଦ୍ଧାଙ୍ଗୁଠି ନିଜର
ଗୁରୁଙ୍କ ଦକ୍ଷିଣା ଭାବେ ଦେଲେ ତାହା ସତ୍ୱର ।
ଯୁଗେଯୁଗେ ଗୁରୁ ପୂଜ୍ୟ ପାଇଥାନ୍ତି ସମ୍ମାନ
ଗୁରୁ ନିନ୍ଦା କଲେ ନର୍କେ ନମିଳଇ ଆସ୍ଥାନ ।
ଭାବ ବନ୍ଧନେ ବୁଡି ଗୁରୁ ଦିଅନ୍ତି ଆମକୁ ଜ୍ଞାନ
ଆଲୋକର ଉତ୍ସ ହେଇ ଦୂରୀଭୂତ କରନ୍ତି ଅଜ୍ଞାନ ।



ରୋଜା ପଣ୍ଡା

 Magazine Downloaded from www.aahwaan.com

ଶିଷ୍ୟ ଯଶକୀର୍ତ୍ତି ଅଟେ ଗୁରୁଙ୍କର ସମ୍ପତ୍ତି

ଶିଷ୍ୟ ଠାରୁ ପରାଜୟ, ତାଙ୍କପାଇଁ ଅତ୍ୟନ୍ତ ଖୁସି ।

ଗୁରୁ ଆଉ ଶିଷ୍ୟଙ୍କର ଅଦ୍ଭୁତ ଭାବ ସମ୍ପର୍କ

ଶିଷ୍ୟର ବିକାଶପାଇଁ ଗୁରୁ ଉପାସନା ହିଁ ଏକମାତ୍ର ମାର୍ଗ ।

ପୂର୍ଣ୍ଣାନନ୍ଦ ଭବନ

ନେତାଜୀ ନଗର, ମଧୁପାଟଣା,

କଟକ-୭୫ ୩୦୧୦

E.Mail- roja.saumya@gmail.com

 Magazine Downloaded from www.aahwaan.com

# ଭାବନା

ଭଗବାନ ଅଛନ୍ତି କି ନାହିଁ
ଏହାର ଉତ୍ତର ଖୋଜି
ହୁଅ ନାହିଁ ବିଚଳିତ
ଏହାର ଉତ୍ତର ଅତି ସରଳ
ଭଗବାନ ଅଛନ୍ତି ଆମ
ଚତୁର୍ପାଶ୍ୱ ରେ ଥିବା
ଜନ ଗହଳି ଭିତରେ ।

ଆମେ ଜୀବନରେ ଆବଶ୍ୟକତା
କରୁ ବିଭିନ୍ନ ରଙ୍ଗର
କେହି କେବେ ହେଲେ ବି
କେବଳ କଳା ଆଉ ଧଳା
ରଙ୍ଗ କୁ ଜୀବନରେ
ଚାହିଁ ନ ଥାଏ କିନ୍ତୁ
ଜୀବନଟା ରଙ୍ଗରେ
ପରିପୂର୍ଣ୍ଣ ହେବ



ରମା କାନ୍ତ ମିଶ୍ର

 Magazine Downloaded from www.aahwaan.com

ଯେତେବେଳେ ଆମେ
କଳା ଆଉ ଧଳା ରଙ୍ଗ କୁ
ଭଲ ପାଇ ଶିଖିବା ।

ଆମ କର୍ମ ନିର୍ଭର କରେ
ଆମ ବିଚାର ଧାରା ଉପରେ
ବିଚାରଧାରା ସୃଷ୍ଟି ହୁଏ
ଆମ ସଚେତନତା ରୁ
ସଚେତନତା ଆସେ ଚିନ୍ତନ ରୁ
ସକାରାତ୍ମକ ଭାବନା ଆସେ
ସୃଜନୀ ଜ୍ୱାଳାରୁ ।

ସର୍ବଦା ମୁକ୍ତ ରଖନ୍ତୁ
ମସ୍ତିଷ୍କ, ହୃଦୟ ଏବଂ ହାତକୁ
ଏହା ହିଁ ସଶକ୍ତ କରିବ ଆମର
ଚିନ୍ତା, ଚେତନା ଏବଂ କର୍ମ କୁ ।

ଆଖି ବନ୍ଦ କରି ସ୍ୱପ୍ନ ଦେଖିଲେ
ମନରେ ଅବସାଦ ଜନ୍ମ ନିଏ

 Magazine Downloaded from www.aahwaan.com

ଖୋଲା ଆଖିରେ ସ୍ୱପ୍ନ ଦେଖଲେ
ଆମର କାର୍ଯ୍ୟ କ୍ଷମତା ବଢି ଯାଏ ।

ଅନ୍ୟର ଆଲୋଚନା କୁ
ଖୁସିର ସହ ଗ୍ରହଣ କରିବା
ତାହା ସକାରାତ୍ମକ ବା
ନକାରାତ୍ମକ ହୋଇ ଥାଉ
ନକାରାତ୍ମକ ଭାବଧାରା ରୁ
ଶିକ୍ଷା ଗ୍ରହଣ କରି
ତାକୁ ସକାରାତ୍ମକ ପାରିଲେ କରି
ଜୀବନରେ ପାରିବ ବିକାଶ କରି ।

ମତେ ସାହାଯ୍ୟ ନ କଲେ ନାହିଁ
କିନ୍ତୁ ମୋର କ୍ଷତି କରନ୍ତୁ ନାହିଁ
ମତେ ଭଲ ପାଇଲେ ପାଆନ୍ତୁ
ନ ପାଇଲେ ନାହିଁ କିନ୍ତୁ
ଆନ୍ତରିକ କ୍ଷତି କରନ୍ତୁ ନାହିଁ ।

ନିଜ ଜନ୍ମ ଦିନରେ ନିଜ

 Magazine Downloaded from www.aahwaan.com

ଜୀବନ କୁ ନୂତନ ଭାବରେ

ଆବିଷ୍କାର କରି ନିଜତ୍ୱ କୁ

ପୁଣି ଥରେ ପ୍ରତିପାଦିତ କରନ୍ତୁ

ଯଦି ଆମେ ଜନ୍ମ ହୋଇ

ଏ ସଂସାର ରେ ଖୁସିରେ ଅଛୁ

ତେବେ ଆମର କେତେ ବର୍ଷର

ଜନ୍ମ ଦିନ ପାଳନ ହେଉଛି

ତାର କିଛି ମୂଲ୍ୟ ନାହିଁ ।

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର  -୭୫୧୦୨୧

ମୋବାଇଲ  -୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ମନ ଓ ବିବେକ

ଶୂନ୍ୟ ଆକାଶର ଦିଗନ୍ତ ବିସ୍ତାରେ
ଅଶାନ୍ତ ଲାଗଇ ମନ ।
ଭାବନା ଗୁହାରେ ମନ ଉଡ଼ିଘୁରେ
ବିଷାଦ ଭରା ଜୀବନ ।
ତାରାଙ୍କ ମେଳରେ ଶବ୍ଦ ହଜେ ଆଜି
ଅପହଞ୍ଚ ଦୁନିଆରେ
ସ୍ୱଚ୍ଛ ଶୋଭାରାଜି କଳଙ୍କିତ ସାହି
ବିରହଇ ନିରୋଳାରେ ।
ଚନ୍ଦ୍ରମା ଜୋଛନା ଶୀତଳତା ବୋଲି
ଆପଣାର କଲି ଯେତେ
ଶୀତଳତା ତାର ଶାନ୍ତି ଦେଲାନାହିଁ
ମନ ହଜିଲା ବ୍ୟଥିତେ ।
ମନ ପଚାରିଲା ବିବେକକୁ ଯାଇ
କହ ବ୍ୟଥା କଣପାଇଁ ?
ବାହ୍ୟ ଶୀତଳତା ଲାଭ କିଛି ନାହିଁ
ଅନ୍ତରେ କଳଙ୍କ ଥାଇ ।



ନରେନ୍ଦ୍ର ସାହୁ

 Magazine Downloaded from www.aahwaan.com

ମନ ଖୋଜେ ଏଠି ବାହ୍ୟ ଆଡ଼ମ୍ବର
ବିବେକ କେବେ ନୁହଇଁ
ବିବେକ ଚାହଁଇ ନିର୍ମଳ ଅନ୍ତର
ସତ୍ୟ ଶୁଦ୍ଧ ପରା ସେହି ।
କଥାରେ ଅଛି ମନ ମୂଳେ ଏ ଜଗତ
ଉକ୍ତିଟି ସତ୍ୟ ଅଟଇ
ଭଲ କାମେ ବେଳେ ମନ ଦେଲେ ଭାଇ
କାମଟି ସଫଳ ହୋଇ ।
ବିବେକ ଓ ମନ ନୁହଁଇ ସମାନ
ଜଣ ପରେ ଜଣେ ଜାଣ
ପ୍ରଥମେ ବିବେକ ତାପରେ ଯେ ମନ
କାର୍ଯ୍ୟର ସଫଳ ପଣ ।

ଡଭାର, ଗଞ୍ଜାମ ଜିଲ୍ଲା, ଓଡ଼ିଶା

 Magazine Downloaded from www.aahwaan.com

# ସବୁ ଠିକ୍ ଅଛି

ମନସ୍ୱି ମଣିଷମାନେ କହିଥିଲେ

ସୃଷ୍ଟି ଆରମ୍ଭରୁ

ସତ୍ୟ ନଥିଲା

କି ଅସତ୍ୟ ନଥିଲା

ଯାହା ବି ଥିଲା

ରହିଛି

ରହିବ ।

ଯାହା କିଛି ଅଛି

ଯେପରି ବି ଅଛି

ଯେଉଁଠି ବି ଅଛି

ସବୁ ଠିକ୍ ଅଛି ।



ସୁଧାଂଶୁ ଶେଖର ଦ୍ୱିବେଦୀ

ଜନ୍ମ ଯେଉଁଠି

ମୃତ୍ୟୁ ବି ସେଇଠି

ତଫାତ୍ ଏତିକି

ଜନ୍ମବେଳେ କୁଆଁ କୁଆଁ

ମୃତ୍ୟୁବେଳେ ରାମ ରାମ

 Magazine Downloaded from www.aahwaan.com

ଏହାହିଁ ସତ୍ୟ

ଯାହା ନାହିଁ

ହେଲେ ଲାଗୁଛି ପ୍ରତ୍ୟକ୍ଷ

ତାହା ହିଁ ଅସତ୍ୟ ।

ଯୋଗ ଫର୍ ଲାଇଫ୍

ବିସି-୭୪, ସେକ୍ଟର-୧

ସଲ୍ଟଲେକ୍, କୋଲକାତା - ୭୦୦୦୬୪

ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

 Magazine Downloaded from www.aahwaan.com

# ରାକ୍ଷୀ ପୂନେଇଁ

ଶ୍ରାବଣ ମାସର ପରବ ଏହି ତ

ନାଁ ତାର ରାକ୍ଷୀ ପୂନେଇ

ସମସ୍ତଙ୍କ ପାଇଁ ଖୁସିର ଲହରୀ

ବାଣ୍ଟି ଦେଇଥାଏ ମେଳେଇ ।

ବରଷକେ ଥରେ ଆସିଥାଏ ସିନା

ପ୍ରୀତିର ମହକ ନେଇ

ସ୍ନେହର ଡୋରିରେ ବନ୍ଧା ଏ ବନ୍ଧନ

ଥିବ ଯୁଗ ଯୁଗ ପାଇଁ ।

ଭାଇଭଉଣୀର ମିଠା ସମ୍ପର୍କର

ଏଇତ ଖୁସିର ଦିନ

ହସ ଆନନ୍ଦର ସୁଖ ସରାଗର

ନାଆଁଟି ରକ୍ଷାବନ୍ଧନ ।


ଯେତେ ଥାଉପଛେ ରାଗରୁଷା ସବୁ

ଭାଇଭଉଣୀଙ୍କ ପାଶେ

ଦୂର ହୋଇଯାଏ ନିମିଷକ ପାଇଁ

ଯେବେ ରାକ୍ଷୀବନ୍ଧା ଆସେ ।

ଫୁଲ, ଚାଉଳ, ଚନ୍ଦନ, ସିନ୍ଦୁର



ପ୍ରେମଶିଳା ରାଉତ

 Magazine Downloaded from www.aahwaan.com

ତା ସାଥେ ଦୀପ ଓ ରାକ୍ଷୀ

ସଜେଇ ଥାଏ ସେ ଯତନରେ କେତେ

ପୂଜା ଥାଳିଆରେ ରଖି ।

ଭାଇଙ୍କୁ ଭଉଣୀ ବନ୍ଦାପନା କରେ

ବାନ୍ଧେ ରାକ୍ଷୀ ଭାଇ ହାତେ

ମିଷ୍ଟାନ୍ନ ଖୁଆଇ ଦଣ୍ଡବତ ହୁଏ

ଭାଇଙ୍କର ଦୁଇପାଦେ ।

ଭାଇ ହାତେ ନେଇ ମମତାର ଡୋରି

ବାନ୍ଧଇ ସୁନା ଭଉଣୀ

ବିପଦରୁ ରକ୍ଷା କରିବା ପାଇଁ କି

ପ୍ରଭୁଙ୍କୁ କହେ ବଖାଣି ।

ବିନତି ତୁମକୁ କରୁଛି ପ୍ରଭୁ ହେ

ଅଛି ଯେତେ ଦୁଃଖ କଷ୍ଟ

ମୋ ଭାଇ ଜୀବନୁ ଦୂରେଇ ଦିଅ ହେ

ଦୁର୍ଯୋଗକୁ କରି ନଷ୍ଟ ।

ସୁଗୁଣ ଗୁଡ଼ିକ ବିକଶିତ କର

ସତ୍‌ପଥରେ ଚଲାଇ

ମୋ ଭାଇ ଜୀବନ ଆଲୋକିତ ହେଉ

ସବୁବେଳେ ପାଖେ ଥାଇ ।

ବୁନ୍ଦାବାହାଳ, ଗୋଲାମୁଣ୍ଡା, କଳାହାଣ୍ଡି

 Magazine Downloaded from www.aahwaan.com

# ଜୀବନଯଜ୍ଞ

ଅବିଶ୍ୱାସର ସହରରେ
ଅକାରଣେ ଖୋଜୁଥିଲି
ଅଦମ୍ୟ ବିଶ୍ୱାସର ପୁଲକିତ ମହକ
ଅଶ୍ରୁର ମଝି ଦରିଆରେ
କେଜାଣି କାହିଁକି ସାଜିଥିଲି ମୁଁ ହସର ବଣିକ
ଅବୁଝା ଶ୍ରାବଣ ଦିନେ ହାର ମାନିଥିଲା
ଭିଜାଇ ନପାରି ମୋତେ...
ଅପେକ୍ଷା ଥିଲା ସତେ ଅବା ତୁମ ଦି ଟୋପା
ଲୁହରେ ସାରା ଜୀବନଟା ଭିଜିବାକୁ ଆପାଦମସ୍ତକ
ପଚାରିଛ କେବେ ତାକୁ ପାଇବାର ସୁଖ !
ଜାଣିଶୁଣି ହରାଇ ସାରିଛି ଯିଏ ଜୀବନ ଜୀଇଁବାର ସମସ୍ତ ମହକ
ପ୍ରତାରଣାର ଯଜ୍ଞ ବେଦୀରେ
ଅନବରତ ଅଶ୍ରୁର ଆଞ୍ଜୁଳିରେ ଜୀବନ ଯଜ୍ଞମୋର ସମାପିତ ହେବ
ହେଲେ ରାଣ ଅଛି,
ପଶ୍ଚାତାପର ଲେଲିହାନ ବହ୍ନିରେ
ତୁମେ ଆଉ ଅହରହ
ଭସ୍ମିଭୁତ ହେବନାହିଁ...



ଶ୍ରୀ ନୀଳକଣ୍ଠ ମହାନ୍ତି

ଅବସର ପ୍ରାପ୍ତ ଯୋଗାଣ ଅଧିକାରୀ, ଓଡିଶା ସରକାର
କ୍ଷମଲତା ପେଲେସ୍, ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର, ଓଡିଶା ଭ୍ରାମ୍ୟଭାଷ- ୯୪୩୯୨୪୭୯୯୯

 Magazine Downloaded from www.aahwaan.com

# ମୋହ ମରୀଚିକା

ପୁଣି ଏହି ପୂର୍ଣ୍ଣିମୀ ଶୀତାଂଶୁ ଶୀତଳ ଜ୍ୟୋତି
ଅଳପ ଅଳପ କରି ଦେଲା ସାଗରେ ମୋତି
ସାଗର ବୁକେ ଦରଶି ମୁକୁତା ମରିଚୀକା
ଧାଇଁଗଲି ବେଗେ କାଳେ ହୋଇଯିବ କି ଦେଖା ।
ପ୍ରଳାପ ହସ୍ତେ ଧରିଲି ଯଦା ଅଳପ ଜଳ
ଖସିଗଲା ଯେପତି ବା ଏକ ସାଧୁ ସରଳ
ଜାଣିଲି ଯଦା ନୟନ ପାଇଁ ଅଟେ ସେ ଗଢ଼ା
ଫେରିଲି ମୋ ସ୍ଥାନେ ଯେଉଁଠୁ ପାଏ ତା ଶୋଭା ।
ମୋତି ନୁହେଁ ଥିଲା ସେ ମୋହର ମାୟା ତିଳକ
ପ୍ରତାରିଲା ସହଜେ ଦେଇ ଆନନ୍ଦ କ୍ଷଣିକ ।



ରୁଖସାର୍ ବେଗମ୍

 Magazine Downloaded from www.aahwaan.com

# ବିଚିତ୍ର ମୋ ଭାରତ

ବିଚିତ୍ର ମୋ ଭାରତ ଭୂମି,
ବିଚିତ୍ର ଏ ଦେଶବାସୀ
ନିଜ ଭୂମି ଆଜି ମରୁଭୂମି ଲାଗୁଛି,
ସ୍ୱପ୍ନରେ ବିଦେଶ ଆଜି ସ୍ୱର୍ଗ ସାଜିଛି
ଦେଶ ପ୍ରତି ସ୍ନେହ ଶ୍ରଦ୍ଧା ପ୍ରେମ
ଏବେ ଫିକା ପଡିଛି
ବିଦେଶର ପ୍ରେମ ଆଜି
ହୃଦୟରେ ରଙ୍ଗ ବୋଳିଛି
ତଥାପି ମୋ ଦେଶ ହସୁଛି,
ତଥାପି ମୋ ମା ହସୁଛି ।୧
କି ଅବା ଗାଇବି ଦେଶର ଗୌରବ
ଇତିହାସ ଏଠି ପୁସ୍ତକରେ ବନ୍ଧା ପଡିଛି,
ଇଂଲିଶ ଜ୍ଞାନ ଆଜି
ପଣ୍ଡିତର ଶବଦ ସାଜିଛି
ମାତୃଭାଷା ଅସହାୟ ହୋଇ
ଆଜି ଚିତ୍କାର କରୁଛି



କୃଷ୍ଣ ଦାସ

 Magazine Downloaded from www.aahwaan.com

ତଥାପି ମୋ ଦେଶ ହସୁଛି, ତଥାପି ମୋ ମା ହସୁଛି ।୨

ଦେଶର ଭାଗ୍ୟ ଆଜି କେତେଯେ ବଦଳିଯାଇଛି

ଆତଙ୍କବାଦୀ ଏଠି ଯୁବ ଆଦର୍ଶ ସାଜିଛି,

ରକ୍ଷ୍ୟାବାହିନୀ ସେନା ଆଜି ପଥର

ମାଡରେ ଭୋକ ମେଣ୍ଟାଇ

ରାଜନୀତି ନିକିତି ତଉଲରେ ମାପଚୁପ ଚାଲିଛି

ତଥାପି ମୋ ଦେଶ ହସୁଛି, ତଥାପି ମୋ ମା ହସୁଛି ।୩

ଚାକଚକ୍ୟ ରଙ୍ଗ ବେରଙ୍ଗରେ ରହୁଥିବା ଲୋକ

ନିଜକୁ ଆଜି ଅସୁରକ୍ଷିତ ବୋଲାଉଛି

ଭୋକ ଉପାସରେ ଦେଶ ପାଇଁ ଲଢ଼ି

ବୀର ସେନା ଏଠି ପଥର

ମାଡରେ ସ୍ୱାଗତ ପାଉଛି

ତଥାପି ଖୋଲୁନି ଦେଶବାସୀ-ବୁଦ୍ଧିଜୀବୀଙ୍କ ଆଖି

ଏଠି ତ ଆଜି ରାଜନୀତି ର ସୁଅ ଛୁଟିଛି

ତଥାପି ମୋ ଦେଶ ହସୁଛି,

ତଥାପି ମୋ ମା ହସୁଛି ।୪

ଇଟାମଟି, ନୟାଗଡ

 Magazine Downloaded from www.aahwaan.com

# ମୁଁ

‘ମୁଁ’ ଆତ୍ମାର ଏକ ସ୍ୱତଃପ୍ରବୃତ୍ତ ଉଚ୍ଛ୍ୱାସ
ଦେହ ମନର ବିକାଶକୁ କରେ ପରିପ୍ରକାଶ
‘ମୁଁ’ ଭବରଙ୍ଗ ଭୂମିତଳେ ଜଣେ ଦର୍ଶକ
ଜୀବନ ନାଟକର ଅପ୍ରତିଦ୍ୱନ୍ଦୀ ନାୟକ ।
‘ମୁଁ’ ସମଷ୍ଟି ସମୁଦ୍ରର ଟୋପାଏ ବିନ୍ଦୁ
ବିଶ୍ୱ ବିଶ୍ୱାସର ଏକାନ୍ତ ପରମ ବନ୍ଧୁ ।
‘ମୁଁ’ ବୟସ ନଈରେ ପ୍ରବାହିତ ସ୍ୱଚ୍ଛ ଜଳ
ସମୟ ତରଙ୍ଗରେ ପ୍ଲାବିତ ଭରସାର କୂଳ ।
‘ମୁଁ’ ବସୁଧାରବାସୀ ଈଶ୍ୱରଙ୍କ ସୂକ୍ଷ୍ମ ସତ୍ତା
ସ୍ଥୂଳ ସଂସାରରେ ନିମିତ୍ତ ମାତ୍ରର କର୍ମକର୍ତ୍ତା ।
‘ମୁଁ’ ଅନନ୍ୟ ପ୍ରତିଭାର ଅନନ୍ତ ଉତ୍ସ
ଚିରନ୍ତନ ଚେତନାର ଆଜ୍ଞାଧିନ ବତ୍ସ ।
‘ମୁଁ’ ପରଂବ୍ରହ୍ମ ପରମେଶ୍ୱରଙ୍କ ଏକ ପ୍ରେରଣା
ସୃଷ୍ଟିର ସ୍ଥିତିଲାଗି ହୋଇଛି ମୋ ଅବତାରଣା ।
‘ମୁଁ’ ଚଳନ୍ତି ଚକ୍ରର ଦୁଇ ଅଭିନ୍ନ ପାର୍ଶ୍ୱ
ଶ୍ରମସାଧନାର ସିଦ୍ଧି ବୁଦ୍ଧି ସିଦ୍ଧାନ୍ତର ଶୀର୍ଷ ।



ନୂତନକୁମାର ବେହେରା

 Magazine Downloaded from www.aahwaan.com

'ମୁଁ' ସ୍ୱାଭିମାନର ସ୍ୱଭାବରେ ହିମାଳୟ

ଦୟାକ୍ଷମା ସେବା ଗୁଣରେ ମହନୀୟ ।

'ମୁଁ' ଅହମିକାର ବଶବର୍ତ୍ତୀରେ ପାଲଟେ ରାକ୍ଷସ

ଈର୍ଷ୍ୟା ହିଂସା ଦ୍ୱେଷ ଘୃଣା କରେ ଧ୍ୱଂସ ।

'ମୁଁ' ସୃଷ୍ଟିସ୍ଥିତିର ଏକ ସାମୟିକ ଉପକ୍ରମ

ଅସ୍ତି ନାସ୍ତିର ସନ୍ତୁଳନରେ ହୁଏ ମତିଭ୍ରମ ।

'ମୁଁ' ସଚରାଚର ବ୍ରହ୍ମାଣ୍ଡରେ

କରେ ବିଶ୍ୱରୂପ ଦର୍ଶନ

'ସେ', 'ତୁମେ' ସ୍ଥାବର ଜଙ୍ଗମ

ସବୁରି ଅନ୍ତରେ 'ମୁଁ'ର ଅସ୍ତିତ୍ୱ ପ୍ରତୀୟମାନ ।

'ମୁଁ'ର ସ୍ୱରୂପ ସ୍ୱଧ୍ୟାୟରେ

କରିପାରିଲେ ଆୟତ୍ତ

ଜୀବନର ନବ ସଂସ୍କରଣ

ପୁନଃ ପୁନଃ ହେଉଥାଏ ଅନବରତ ।

'ମୁଁ'ର ମାନସିକତା ବାରି ହୁଏ

ଦେଖି ଆଚରଣ

ସମ୍ପର୍କ ସୀମାରେ ତାହା

ପ୍ରମାଣ କରେ ତାର ଉଚ୍ଚାରଣ ।

କୋହି, ଗଡ଼ିଆ, ମୟୁରଭଞ୍ଜ, ଓଡ଼ିଶା

 Magazine Downloaded from www.aahwaan.com

# ତମ ପାଇଁ

ଭାବିଥିଲି
ଭିଜିବିନି,
ବରଷାକୁ ଛୁଇଁବିନି ।
ମାନିବିନି,
ତମ କଥା ରଖିବିନି ।
କହିବିନି,
ପ୍ରେମଗପ ଶୁଣିବିନି ।
ଜୀଇଁବିନି,
ସପନ କିଛି ଦେଖିବିନି ।
ହେଲେ ଆଜି
ବତୁରି ଯାଉଛି,
ଆଖି ଚିରା ତତଲା ଲୁହରେ
ଜଳିଯାଉଛି
ତମ ଛୁଆଁ ନିଆଁରେ
ଖିଲି ଖିଲି ହସୁଛି
ତମ ରଙ୍ଗଦିଆ କଥାରେ
ଅନେଇ ବସିଛି
ତମ ଆସିବା ଅପେକ୍ଷାରେ ।



ଇତି ଦାସ

ବି-୬/୫୦୨, ସିଟି ହୋମସ୍, ବାଟିକା ଇଣ୍ଡିଆ ନେକ୍ସଟ୍, ସେକ୍ଟର-୮୩
ଗୁରୁଗ୍ରାମ, ହରିୟାଣା, ୧୨୨୦୦୪

 Magazine Downloaded from www.aahwaan.com

# ଥରେ ଯଦି ପଚାର

ଥରେ ଯଦି ପଚାର
କହିବି ମୁଁ ମୋର ନଥିଲା କିଛି ଭୁଲ୍
ତଥାପି କରିଛି ପ୍ରାୟଶ୍ଚିତ
ଜୀବନର ଶେଷ ବିନ୍ଦୁ ପର୍ଯ୍ୟନ୍ତ
ଖାଲି ଦେବାକୁ ସାନ୍ତ୍ୱନା
ଅନୁଭବହୀନ ଅନୁଭବକୁ ତୁମର
ଆଉ ଗୁରୁତ୍ୱହୀନ ସମାଧାନକୁ
ଫୁଟାଇ ଚେନାଏ ହସ ଦୁନିଆ ଆଗରେ
ବଖାଣିବାକୁ ମହତ୍ତ୍ୱ ତୁମର
ଥରେ ଯଦି ପଚାର
ଆଣି ଦେଇଥାନ୍ତି ଚନ୍ଦ୍ରମାରୁ ଜ୍ୟୋତି
କରିବାକୁ ଚରିତାର୍ଥ ସ୍ୱପ୍ନକୁ ତୁମର
ଆଉ ଚେତେଇ ଦେବାକୁ ସଭିଙ୍କୁ
ଆଲୁଅର ପଡୁନି ଅଭାବ
ଯଥେଷ୍ଟ ଖାଲି ତୁମ ଉପସ୍ଥିତି
ମୋ' ପାଶେ ମୋ' ନିଜର ହେଇ
ଭୁଲିଯାଇ ଏ ଅନ୍ଧାର ମୁଲକର



ଡଃ ଅସିତ କୁମାର ସ୍ୱାଇଁ

 Magazine Downloaded from www.aahwaan.com

ନିତିଦିନର ଚୋରା ପୀରତି

ଥରେ ଯଦି ପଚାର
ମୁଁ ହେଇଥାନ୍ତି ଇତିହାସର ସ୍ୱାକ୍ଷର
କରି ତୁମକୁ ମୋ' ଜୀବନର ପ୍ରତି ଅଂଶ
ହସିବାକୁ ତୁମ ସହ ସୁଖ ସମୟରେ
ପିଇବାକୁ ଦୁଃଖ ତୁମ ଆପଦେ ବିପଦେ
କଣ୍ଟା କାଢି ବିଛାନ୍ତି ଗୋଲାପର ଶେଯ
ତୁମ ଚଲାପଥର ପ୍ରତିଟି ପାହାଚେ
ସାଜନ୍ତି ଆଡୁଆଳ ତୁମ ଚତୁଃପାର୍ଶ୍ୱେ
କରିବାକୁ ମୁକାବିଲା ବଇରୀ ତୁମର
ଥରେ ଯଦି ପଚାର
ମୁଁ କହନ୍ତି ପଚାର ନିଜକୁ
ଭୁଲିଯାଇ ମୋତେ ମୁଁ ବୋଲି
ଆଉ ନିଜକୁ କରି ସମର୍ପିତ
ଆଶା-ବିଶ୍ୱାସ-ସତ୍ୟର କୋଳରେ
ବନ୍ଦ ନୟନଯୁଗଳ କହିଥାନ୍ତା ଭାଷା
ମନ ଓ ମସ୍ତିଷ୍କ ଝୁରିଥାନ୍ତା ଖାଲି
ଧାଇଁଥାନ୍ତା ଇନ୍ଦ୍ରଧନୁ ସେ ପାରିରେ
ମୋ' ନିଷ୍କପଟ ପ୍ରେମର ଭାବକୁ...

 Magazine Downloaded from www.aahwaan.com

# ଜୀବନନଈ

ଜୀବନଟା ଠିକ୍ ନଈପରି
ଉପର ମୁଣ୍ଡରେ ବର୍ଷା ହେଲେ
ତଳ ମୁଣ୍ଡରେ ବନ୍ୟା
ଆଉ ମୋ ଜୀବନରେ ତୁମେ ରଷିଲେ
ମନେ ମୋର ଅଣଚାଷ ପବନ
ଆଉ ଏକାନ୍ତରେ ଆଖିରେ ଲୁହର ବନ୍ୟା ।
ନଈ ସିନା ସମୁଦ୍ରରେ ମିଶ୍ରେ ବୋଲି
ତା ବୁକୁରେ ଲହଡ଼ିର ଉଜାଣି
ଠିକ୍ ତୋ ପରି ପୂନେଇ ରାତିରେ
ଅମାବାସ୍ୟା ତିଥିରେ ତୋତେ ନେଇ ଅନେକ ସ୍ୱପ୍ନ
ଦେହରେ ଯୌବନର ଉଜାଣି ।
ନଈ ସିନା ସମୁଦ୍ରରେ ମିଶିବା ମୋହରେ
ପଛକୁ ଫେରେନି କେବେ
ଯାହାପାଏ ସବୁ ନେଇଯାଏ ସାଥିରେ
ହେଲେ ସମୁଦ୍ରରେ ମିଶିଲା ପରେ
ନଈ ଆଉ ନଈ ହେଇକି ରହେନି



ସଚ୍ଚିଦାନନ୍ଦ ବାରିକ

 Magazine Downloaded from www.aahwaan.com

ସମୁଦ୍ର ବି କିଛି ରଖେନି
ସବୁ କିଛି ଫେରାଇ ଦିଏ କୂଳକୁ ।
ଏଇ ଜୀବନ ବି ସେଇମିତି
କିଛି ନେଇପାରେ ନାହିଁ
ବରଂ ବାଣ୍ଟିବାକୁ ମନର ମଣିଷ ଆଉ
ବେଳେ ବେଳେ ସମଭାବାପର୍ନ୍ନ ମଣିଷ ଖୋଜେ
ଦୁଃଖକୁ ନିଜର ଲାଗୁଥିବା ମଣିଷ ସହିତ
ଆଉ ସୁଖ ଏ ଦୁନିଆ ସହିତ
ଶେଷ ସମୟରେ ନେଇଯାଏ କେବଳ
ମେଞ୍ଚା ମେଞ୍ଚା ସ୍ମୃତି
ଅଥଚ ଶକ୍ତିଶାଳୀ ଇତିହାସଟିଏ ଲେଖିଯାଏ
ସମୟର ଅଖଣ୍ଡ ଶିଳା ଉପରେ
ଆଉ ଗଭୀର ଛାପଟିଏ ଛାଡ଼ିଯାଏ
ଭଲ ପାଉଥିବା ଲୋକଙ୍କ ମନରେ ।

ଝୁମ୍ପୁରା, କେନ୍ଦୁଝର, ୭୫୮୦୩୧, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୩୫୦୫୮୦

Magazine Downloaded from www.aahwaan.com

# ଅଜଣା ପ୍ରେମ

ବେଳେ ବେଳେ ମୁଁ କାହିଁକି ଖୋଜେ ସପନରେ
ତୋର ଅନାବନା ଛବି
ବେଳେ ବେଳେ କାଇଁ ମୁଁ ଏମିତି ହୁଏ
ସତେ କି ପ୍ରେମ କରି ବସୁଛି
ପ୍ରେମ ତ ପ୍ରେମ ମୁଁ ତ ଜାଣେନା
ଅବାଟରୁ ଫେରି ମୁଁ ଆସିପାରେନା
ପ୍ରେମ କି ପ୍ରେମ କି ହୋ
ଆଜିକାଲିର ପ୍ରେମ ଜାଣେନା ।
ଆଜିକାଲିର ପ୍ରେମ ଜାଣେନା
ସପନରେ ତୁ କାହିଁ ପଶି ଆସୁଛୁ
ବାର ବାର କରି ବି ମୁଁ ବାହାର
ଧସେଇ ପଶିବାକୁ କାହିଁକି ଚେଷ୍ଟା କରୁ
ହେବାକୁ ନାୟକ ମୋ ମନର ।
ଚାଲି ଯା ମୋ ପାଶେ ନ ରହ
ନ ଆସେ ମୋତେ ପ୍ରେମ ।
ନ ଆସେ ପ୍ରେମ...



ସ୍ମିତା ତ୍ରିପାଠୀ

 Magazine Downloaded from www.aahwaan.com

ପ୍ରେମ କରେ ମୁଁ ସବୁଜିମାକୁ

ଶାନ୍ତ ସରଳ ପୃଥିବୀର

ପ୍ରେମକ୍ରେ ମୁଁ ସେଇ ଛୁଆର

ନିଷ୍ପାସ ନିଷ୍କପଟ ହସକୁ

ପ୍ରେମ କରିନପାରେ ମୁଁ ମିଛ ଦୁନିଆର

ବାହାସ୍ଫୋଟକୁ ।

ପ୍ରେମ ମୁଁ କାଇଁ କରିବସେ

ବାଇଶି ପାହାଚେ ବସି

ଆକାଶେ ମୁଁ ଖୋଜେ

ଜଗାକୁ...

ପ୍ରେମ କରେ ମୁଁ ଜଗାକୁ ।

ଶାନ୍ତରେ ବସିଛି ସେଇ

ରାଜ ସିଂହାସରେ

ନଥାଏ କୂଟକପଟ

ତା'ରି ମନେ ।

ଜଗତଯାକର କଳାକୁ ନେଇ

ନିଜେ ତ ବୋଲି ହୋଇଛି

ସେଇ କଳାରେ ତ ସେଇ

ମନ ମୋହି ନେଉଛି ।

 Magazine Downloaded from www.aahwaan.com

ପାପୀ ଅଧମର ପାପକୁ ଧୋଇ ଧୋଇ

ସବୁ ନିଜେ ପିଇ ଦେଇଛି

ଦୁଃଖକୁ ସବୁ ନେଇ ଆଣି

ସାଗରରେ ଢାଳିଛି ।

ସେଇ ତ ଜଗା

ଅବୋଧ ମନକୁ ଦେଖା ଦେଇ

ହସି ହସି ମୁରୁକି ଚାହିଁଛି

ସେଇ ମୁରୁକି ହସକୁ ମୁଁ

ପ୍ରେମ କରିଛି ।

ଖଲରୀ, ହୁଲୁରିଶିଂଘା, ଅନୁଗୋଳ

୭୫୯୧୨୨, ଓଡ଼ିଶା

 Magazine Downloaded from www.aahwaan.com

# ଝରଝର ଝରୁଛି ଝରଣା

ଝୁମି ଝୁମି ଝଙ୍କାରରେ ଝରାଝୋର ଝରୁଛି ଝରଣା,
ପାହାଡ ପାଷାଣ ତରୁଲତାଙ୍କୁ କରିଛି ନିଜର ଆପଣା,
ଅନୁପମ ଅମୋଘ ହେଲା ଅରଣ୍ୟ ଅଗଣା,
ଉପତ୍ୟକା ସୌନ୍ଦର୍ଯ୍ୟ ହେତୁ ଯିଏ ଗୌରବିତ ଗହଣା ।[୧]

ନିରୁପମ ନିର୍ମଳଝରର ଚରିତ ବହୁ ପୁରୁଣା,
ପ୍ରକୃତି ଦେଖାଉଛି ନିଜ କୋମଳ କରୁଣା,
ଶ୍ୱେତବର୍ଣ ଜଳପ୍ରପାତ ଲାଗୁଚି ଯେମିତି ଝିଲ୍ ଝିଲ୍ ଝୁଲଣା
ଝର୍ଝର ଝରି ଝରି ନିଃସ୍ୱାର୍ଥ ଆନନ୍ଦ ନାଦ କରିବାର ଦେଉଛି ପ୍ରେରଣା ।
[୨ ]



ଶ୍ରୀରାଜଶେଖର ସି 'ଚିମା'

ଅତି ରମଣୀୟ ଗୁଣ୍ଡିଚା ଘାଘି ଭୀମକୁଣ୍ଡ ଦେବକୁଣ୍ଡ ପଞ୍ଚଲିଙ୍ଗେଶ୍ୱର,
ଅତ୍ୟନ୍ତ ପୂଜନୀୟ ମୁର୍ଗା-ମହାଦେବ ନୃସିଂହନାଥ କପିଳାସ ହରିଶଙ୍କର,
ଅନର୍ଗଳ ଝରନ୍ତି ଯୋରନ୍ଦା ବଡ ଘାଘରା ସାନଘାଘରା ଖଣ୍ଡାଧାର,
ସମସ୍ତ କଳିଙ୍ଗ ଅଞ୍ଚଳ ନୈସର୍ଗିକ ନିର୍ଝରଙ୍କ ଖ୍ୟାତି ଅପାର ।[୩]

 Magazine Downloaded from www.aahwaan.com

କଥା ନାୟିକା ଝରଣା ଦାସ ଜଣେ ସୌଭାଗ୍ୟ ମଞ୍ଜରୀ,
ଆର୍ଦ୍ରତା ସହ ପ୍ରଦାନ କରିଲେ ଅଭିନୟ ମାଧୁରୀ,
ଶ୍ରୀଜଗନ୍ନାଥଙ୍କ ସ୍ତୁତିରେ ଭକ୍ତ ଲେଖିଛନ୍ତି କମନୀୟ କବିତାଝରୀ,
ଶ୍ରବଣ କରିଲେ ମନରେ ଉପକ୍ରମ ହୁଏ ସାନନ୍ଦ ଲହରୀ ।[୪ ]

ଉଷ୍ଣ ପ୍ରସ୍ରବଣ ପାଇଁ ସୁପ୍ରସିଦ୍ଧ ଅଟ୍ରୀ ତପ୍ତପାଣି ଦେଉଳଝରୀ,
ତାଙ୍କ ଗନ୍ଧକ ଜଳ ଯେମିତି ପରିମଳ ଆରୋଗ୍ୟ ପ୍ରହରୀ,
ତରବାଲୋରେ ବିଦ୍ୟମାନ ଅଛନ୍ତି ମାଁ କେଳାଥେଶ୍ୱରୀ,
ଅନନ୍ୟ ଆନନ୍ଦିତ ହୁଅନ୍ତି ଭ୍ରମଣ ବିହାରୀ।[୫]

ଝୁଣୁ ଝୁଣୁ ଝରାଝୋର ଝରଣାଙ୍କ କାହାଣୀ ନିତ୍ୟ ନବ୍ୟ,
ଏହି ଦିବ୍ୟ କ୍ଷୀରସାଗର ବହୁ ରମ୍ୟ ସୌମ୍ୟ,
ଝରୁଥିବା ଗମ୍ୟ ଧ୍ୱନି ଶଙ୍ଖ ମହୁରୀସମ ଶ୍ରାବ୍ୟ,
ବର୍ଣ୍ଣନାତୀତ ଯାହାର ଲାସ୍ୟପୂର୍ଣ୍ଣ ଦୃଶ୍ୟ କାବ୍ୟ ।[୬]

 Magazine Downloaded from www.aahwaan.com

# ଆକାଶ ପରିକା ପିତା

ଆକାଶ ପରିକା ବିଶାଳ ହୃଦୟେ
ସଦା କ୍ଷମା ଭରିଥାଏ,
ସାଗର ପରିକା ଅଥଳ ସ୍ନେହରେ
ସଦା ପ୍ରେମ ଝରୁଥାଏ ।।
ଖରା ବର୍ଷା ଶୀତ ଆମପାଇଁ ଛାତ
ନିଜେ ଦୁଖଃକଷ୍ଟ ସହି,
ବିପଦୁ ଆମକୁ ଉଦ୍ଧାର କରନ୍ତି
ପିତୃଦେବ ଆମ ସେହି ।।
କୁନିକୁନି ପାଦ ଛାତିରେ ରଖିସେ
ସଂସାରେ ଶିଖାନ୍ତି ଚାଲି,
ଦୁନିଆରେ ଆଜି ପରିଚିତ ଆମେ
ତାଙ୍କରି ସନ୍ତାନ ବୋଲି ।।
ଆମପାଇଁ ନିଜ କଷ୍ଟକୁ ଭୁଲିସେ
ଆମକୁ ଦିଅନ୍ତି ହସ,
କଥାରେ ତାଙ୍କର ଭରି ରହିଥାଏ
ସଫଳତାର ମନ୍ତ୍ର ।।



ଶିଶିର କୁମାର ସାମଲ

 Magazine Downloaded from www.aahwaan.com

ସବୁ ଦୁଃଖ କଷ୍ଟ ଏକା ଏକା ସହି
ଗଢନ୍ତି ସୁଖ ସଂସାର,
ତାଙ୍କ ପାଇଁ ହସେ ଏ ସୁନା ସଂସାର
ବାନ୍ଧି ସ୍ନେହ ପ୍ରେମ ଡୋର ।।
ଦୁଃଖ ହରି ଆମ ସୁଖ ଭରିଛନ୍ତି
ସୁଝି ପାରିବାନି ସେ ଋଣ,
ତାଙ୍କ ମୁଖେ ସଦା ହସ ଭରିଦେବା
ଭୁଲିବାନି ଏହି ପଣ ।।

ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୭୮୯୪୦୬୦୬୬୬
ଇମେଲ୍ : sisirkumarsamal@gmail.com

 Magazine Downloaded from www.aahwaan.com

# ଶ୍ରାବଣ ରାତି

ମନେପଡ଼େ ସେହି ଶ୍ରାବଣ ରାତି
ବରଷାରେ ଭିଜୁଥିଲା ମୋ ସାଥୀ ।
ରୁଣୁଝୁଣୁ ଶୁଭୁଥିଲା ପାଉଁଜିର ସ୍ୱର
ଓଠରେ ଦିଶୁଥିଲା ପୀରତିର ଗାର ।
ଲାଜକୁଳୀ ହସ ତା'ର ହରିଣୀ ଆଖି
ପ୍ରେମର ବାଟରେ ନିଏ ମୋତେ ଡାକି ।
ପ୍ରେମ ଦେଇଥିଲା ପ୍ରଥମ ଦେଖାରେ
ଇଶାରା ଦେଉଥିଲା ଆଖିରେ ଆଖିରେ ।
ଫୁଲପରି ଲାଗେ ତା'ରି ଚେହେରା
ମହମହ ବାସେ ତା' ଗଭା ଗଜରା ।
ଭିଜୁଥିଲୁ ଆମେ ଦୁହେଁ ଝିପିଝିପି ବର୍ଷାରେ
କିଛି ଆଶା କିଛି ସ୍ୱପ୍ନ ରହିଛି ଏ ହୃଦୟରେ ।
ପ୍ରଥମ ପ୍ରେମକୁ କେବେ ଭୂଲିହୁଏ ନାହିଁ
ଶ୍ରାବଣ ରାତି ରହିଥିବ ଅଭୁଲା ସ୍ମୃତି ହୋଇ ।



ସତ୍ୟବ୍ରତ ବାରିକ

 Magazine Downloaded from www.aahwaan.com

# ଥରେ ଫେର

ଶୁଖିଗଲାଣି
ଉର୍ବର କାଦୁଅରେ ପଡ଼ିଥିବା
ତୁମ ଧାବମାନ
ଶେଷ ପଦଚିହ୍ନ
ନିରସ ଏବେ ଗାଭୀଙ୍କ
ମମତା ସମ୍ପନ୍ନ
ଲାଳାୟିତ ରଡ଼ି
ସେମିତି ଘୁରିବୁଲୁଛି ମଧୁମକ୍ଷୀ
କିନ୍ତୁ ନିରାଶାରେ
ଅଣଫୁଟା ମାଳତୀ ଧାଡ଼ିରେ
ଅସଜ୍ଜିତ ଗୋପାଙ୍ଗନା
କର୍ମରତ ବ୍ରଜ ଧରଣୀରେ
ଠିକ୍ ପୂର୍ବଭଳି ।



ମିହିର ପଣ୍ଡା

ଥରେ ଫେର କୃଷ୍ଣ
ପୁଣି ମୀନ ଖେଳିବ ଯମୁନାର କୂଳେ
କଢ଼ ହେବ ପୁଣି କୃଷ୍ଣଚୁଡ଼ା ଡାଳେ

 Magazine Downloaded from www.aahwaan.com

ମଦନ ବି ବାଜିବ ଛନ୍ଦମୟ ହୋଇ
ମୁଁ ଝରିପଡ଼ିବି ତୁମପରେ
ଆଷାଢ଼ର କାଦମ୍ବିନୀ ପରି
ବସନ୍ତର ବଉଳ ପରି
ଓ ଶରତର କାକର ପରି
ଛୁଇଁ ନେବି ପଦଯୁଗଳ
ପୁଣି ବୋଲାଇବି କୃଷ୍ଣାଙ୍ଗନା ।

ଥରେ ଫେରିଦେଖ
ଚୋରା ହେବ ତୁମ
କପଟୀ ମୁରଲୀ ଓ ମୋହନ ଚନ୍ଦ୍ରିକା
ପ୍ରେମସରଣୀରେ
ଭିଜା ହେବ ଶାଗୁଆ ଉତ୍ତରୀୟ
ଆଉଥରେ
ବନ୍ଧା ପଡ଼ିଯିବ ତୁମେ
ପାରଲୌକିକ ଲୀଳାରେ
ସତ୍ୟ ନିତ୍ୟ ହୋଇ
ପୁଣି ଛନ୍ଦାଯିବ
ମାୟାଧରଙ୍କୁ
କେଜାଣି କେତେ ଯୁଗପାଇଁ...

 Magazine Downloaded from www.aahwaan.com

# ଭଗବାନ କିଏ ?

ପଚାରୁ ପଚାରୁ ପଚାରିଦେଲି ମୁଁ
ମା'କୁ ଗୋଟିଏ କଥା
କହ ମାଆ ମୋତେ ଭଗବାନ କିଏ
ଜାଣିଛୁ କି ତାଙ୍କ ସତ୍ତା ।
କହିଲା ମୋ ମା' ମୋ ଆଡ଼େ ଚାହିଁ
ଶୁଣ ତୁ ମୋହର କଥା
ପିତାମାତା ତୋର ସ୍ୱୟଂ ଭଗବାନ
ଏ କଥା ମନେ ରଖିଥା ।
ପଚାରୁ ପଚାରୁ ପଚାରିଦେଲି ମୁଁ
ଗୁରୁଙ୍କୁ ଗୋଟିଏ କଥା
କୁହ ଗୁରୁ ତୁମେ ଭଗବାନ କିଏ
ଜାଣିଛ କି ତାଙ୍କ ସତ୍ତା ?
ମୋ କଥା ଶୁଣି ଟିକେ ହସିଦେଇ
କହିଲେ ମୋତେ ଅନାଇ
ଗୁରୁବ୍ରହ୍ମା, ଗୁରୁ ବିଷ୍ଣୁ, ମହେଶ୍ୱର
ଗୁରୁ ମଧ୍ୟେ ବ୍ରହ୍ମ ହୁଅନ୍ତି ଗୋଚର ।
ପଚାରୁ ପଚାରୁ ପଚାରିଦେଲି ମୁଁ



ସୁଶାନ୍ତ କୁମାର ଧଳ

 Magazine Downloaded from www.aahwaan.com

ସାଧୁଙ୍କୁ ଗୋଟିଏ କଥା

କୁହ ସାଧୁ ତୁମେ ଭଗବାନ କିଏ

ଜାଣିଛ କି ତାଙ୍କ ସତ୍ତା ?

କହିଲେ ସେ ସାଧୁ ମିଷ୍ଟଭାଷା ଦେଇ

ଶୁଣ ହେ ଜିଜ୍ଞାସୁ ନର

ଭଗବାନଙ୍କର ରୂପ ନିରାକାର

ତାଙ୍କ ବିନା ତୁଚ୍ଛ ଅଟେ ଏ ସଂସାର ।

ଏତେ କଥା ଶୁଣି ମନ ମୋର ପୁଣି

କଦାପି ବୁଝିଲା ନାହିଁ

ପ୍ରକୃତରେ କିଏ ଭଗବାନ ସିଏ

ଜାଣିପାରିଲିନି ମୁହିଁ

କିଏ କହେ ଏଠି ଭକ୍ତିରେ ଭଗବାନ

କିଏ କହେ ସେବା ଭଗବାନ

କିଏ କହେ ପୁଣି ବିଶ୍ୱାସ ଥିଲେ

ମିଳଇ ତାଙ୍କ ସନ୍ଧାନ ।

ପ୍ରକୃତ ଉତ୍ତର ପାଇବାକୁ ମୋର

ପ୍ରଶ୍ନବାଚୀ ସୃଷ୍ଟି ହୁଏ

କେମିତି ଏହାର ଉତ୍ତର ପାଇବି

ଭଗବାନ ଅଟେ କିଏ ?

ଜୟନ୍ତରା, ଦଶରଥପୁର, ଯାଜପୁର ୭୫୫୦୦୭, ଓଡ଼ିଶା

Magazine Downloaded from www.aahwaan.com

# ମଶା

କ୍ଷୁଦ୍ର ଏକ ଜୀବ ମୁହିଁ ମଶା ମୋର ନାମ
ଜୀବନେ କେବେ କରିନି କିଛି ଭଲ କାମ ।
ଅଳିଆ ଆବର୍ଜନା ଜଳ ଗଛ ବୁଦା
ଘର କରି ଆମେ ଥାଉ ଆନନ୍ଦରେ ସଦା ।
ବରଷା କାଳରେ ଆମେ କରୁ ବଂଶ ବୃଦ୍ଧି
ଦେଖି ଏହା ଲୋକଙ୍କର ହଜିଯାଏ ବୁଦ୍ଧି ।
ଅଳସୁଆ ଜୀବ ଯେତେ ଏହି ପୃଥିବୀରେ
ରକ୍ତ ଆମେ ପିଉ ତାଙ୍କ ଅତି ଆଦରରେ ।
ନାରୀ ବିଭାଗ ଆମ ମାଇ ଏନୋଫିଲିସ୍
ବାଣ୍ଟିବାରେ ମ୍ୟାଲେରିଆ କରେନି ସାଲିସ୍ ।
ଏନ୍‌କେଫାଲାଇଟିସ୍ ମେଏଲେରିଆ
ଲୋକମାନଙ୍କ ପାଖରେ ନୁହେଁ ନୂଆ ।
ଗୋଦରା ରୋଗଟା ମଧ୍ୟ ହେଲାଣି ପୁରୁଣା
ତଥାପି ଅନେକଙ୍କୁ କରୁଛୁ ବାଟବଣା ।
ସମସ୍ତଙ୍କୁ କରିବାକୁ ଭୟରେ ଛାନିଆ
ନୂତନ ଛାଡ଼ିଛୁ ଡେଙ୍ଗୁ ଚିକୁନଗୁନିଆ ।



ସନାତନ ମହାକୁଡ଼

 Magazine Downloaded from www.aahwaan.com

ଧୂଆଁ ଝଡ଼ ତୋଫାନକୁ ଆମ ବଡ଼ ଡର

ବଞ୍ଚିବାକୁ ଚେଷ୍ଟାକରୁ ନ ହୋଇ କାତର ।

ଖରାଦିନେ ପଙ୍ଖା ଆଉ ଶୀତରେ ଚାଦର

ରଖିଥାଏ ମଣିଷଙ୍କୁ ଆମଠାରୁ ଦୂର ।

ସରକାର କରୁଛନ୍ତି ଜନ ଜାଗରଣ

ମଶାରୀବାଣ୍ଟି କରନ୍ତି ମଶା ନିବାରଣ ।

ଚତୁର ମଣିଷ ରଖେ ଘର ପରିଷ୍କାର

ମଶାରୀ ଟାଣି ଶୁଅନ୍ତି ସାରା ପରିବାର ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨

ନୟାଗଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୦୯୩୩୯୬୨୦୧୬୮

ଇମେଲ୍ : sanmahakud@gmail.com

 Magazine Downloaded from www.aahwaan.com

# କାହିଁକି ଢାଳୁଛ ଲୁହ ?

ଆକାଶ ଗୋ ତମେ ଧରଣୀ ବୁକୁରେ
କାହିଁକି ଢାଳୁଛ ଲୁହ ?
ଧରଣୀକୁ ଅବା ତମେ ଭଲ ପାଅ
ମୁହଁ ଖୋଲି କହିଦିଅ ।
ତମ ଇଲାକାରେ ଅଂଶୁମାନ ଆସି
ଧରଣୀକୁ ଦେଲା ଜାଳି
ସୃଷ୍ଟିର ନିୟମ ମାଣି ଚଳିଗଲ
ଦେଇ ପାରିଲନି ଗାଳି ।
ସେଥିପାଇଁ ବୋଧେ ଦୁଃଖରେ ଢାଳୁଛ
ସମବେଦନାର ଲୁହ । [୧]
ତମ ବେଦନାକୁ ଜୀବନ ଭାବି ସେ
ଆନନ୍ଦେ ନେଇଛି ବରି
ସବୁଜିମା ଭରା କରିଛି ନିଜକୁ
ପାଇ ତମ ପ୍ରୀତିବାରି ।
ମୁକ୍ତ କଣ୍ଠରେ ତମରି ପ୍ରେମର
କରୁଛି ମୁଁ ଜୟ ଜୟ । [୨]
ଆକାଶ ଗୋ ତୁମେ...
ଧରଣୀକୁ ଅବା...



ସତ୍ୟବ୍ରତ ସାହୁ

ପଲ୍ଲାସାହି, କମାଳପୁର, ଅହିୟାସ
ଯାଜପୁର, ୭୫୫୦୩୬, ଓଡ଼ିଶା ଭ୍ରାମ୍ୟଭାଷ : ୯୩୩୮୧୭୫୬୧୯

 Magazine Downloaded from www.aahwaan.com

# ସ୍ୱାଧୀନ ଭାରତ ଝିଅ ମୁଁ

ମୋ ଦେଶ ଭାରତ ମୋ ଦେଶର ମାଟି
ମୋ ଦେଶ ମୃଦୁମଳୟ ।
ମୋ ଦେଶରେ ବହେ ଶୀତଳ ସମୀର
ମୋ ଦେଶ ମୋ ପାଇଁ ପ୍ରିୟ ।
ବସନ୍ତେ କୋକିଳ ଗ୍ରୀଷ୍ମେ ଝାଞ୍ଜିରୋଳ
ମାଘେ ଦାଢ଼ ଶିରୋମଣୀ ।
ଗଗନ ଆବୋରି ଆଷାଢ଼େ ବଉଦ
ଭରିଦିଏ ନଦୀପାଣି ।
ମୋ ଦେଶର ବିଲେ ବନେ ଉପବନେ
ଶ୍ୟାମଳ ତରୁ ଗହଳ
ପୁଷ୍ପ ପ୍ରସ୍ଫୁଟିତ ବୃକ୍ଷଲତା ଶିରେ
ମନୋରମ ସୃଷ୍ଟି କୋଳ ।
ମୋ ଦେଶ ମାଆର ଧୋଇଦିଏ ପାଦ
ସାଗର ଲହରୀ ମାଳା
ମସ୍ତକେ ଶୋଭିତ ହିମାଳୟ ଗିରି
ସୀମାରେ ପ୍ରହରୀ ଭେଳା ।
ମାନବ କାନନେ ଝିଅଟିଏ ମୁହିଁ



ମହେଶ୍ୱର ସାହୁ

 Magazine Downloaded from www.aahwaan.com

ପ୍ରସ୍ଫୁଟିତ ପୁଷ୍ପ ସମ
ସ୍ୱାଧୀନ ଦେଶର ନାଗରିକ ପରା
ତ୍ରିରଙ୍ଗା ଧ୍ୱଜାକୁ ନମ ।
କହି ପାରିବେକି ନାଗରିକ ବାପା
ବଢ଼ିଲା ଝିଅର କୋହ
ମୋ ଦେଶ ସ୍ୱାଧୀନ ମୁହିଁ ସ୍ୱାଧୀନକି
ଧର୍ଷିତା ହୁଏ ମୋ ଦେହ ।
ମୁକ୍ତ ଗଗନର ନୀଳିମାର ତଳେ
ଅନ୍ଧାର କାଳିମା କୋଳେ
ବିଚରଣ ପରା ନାହିଁ ମୋ ଭାଗ୍ୟରେ
ଅବଳା ଦୁର୍ବଳା ଛଳେ ।
ରକ୍ଷକ ସାଜନ୍ତି ଭକ୍ଷକ ଦେଶରେ
ମଦ୍ୟପ କରନ୍ତି ନାଟ
ମୁଖିଆ ତାଣ୍ଡବ ଅଭିଷେକ ଆଶେ
ବସାଇ ଦୁର୍ନୀତି ହାଟ ।
ନାରୀ ଯେ ଜନନୀ ଭଗ୍ନି, ଜାୟା, କନ୍ୟା
ସୃଷ୍ଟି ଆଦ୍ୟା ସ୍ୱରୂପିଣୀ
ଜୟ ଭାରତରେ ନାରୀ ସୁରକ୍ଷାରେ
ଦେବା ଜାଗରଣ ଆଣି ।

Magazine Downloaded from www.aahwaan.com

# ଧରଣୀର ବିଳାପ

ଶୂନ୍ୟ ଆଜି ବକ୍ଷ ମୋର
ଲଣ୍ଡିତ ହେଲା ମସ୍ତକ
ଶତ୍ରୁପକ୍ଷ ସେନାପରି
ଟଳିଗଲା ବୃକ୍ଷ ଗୁଡ଼ିକ ।
କଳ କାରଖାନା, ଅଟ୍ଟାଳିକା ଆଦି
ମୋ ଶରୀରେ ହେଲା ସ୍ଥାପନ
ଜନ୍ତୁରାଜିଗଣ ମୋ ପାଖରୁ
ହୋଇଗଲେ ଆଜି ଉଭାନ୍ ।
ପୃଥ୍ୱୀ ପଡିବ, ଧରଣୀ ଫାଟିବ
ମାଡ଼ି ଆସିଯିବ ସୁନାମୀ
ଯନ୍ତ୍ରମାନବ, ତନ୍ତ୍ର ଗୁଡ଼ିକ
ହୋଇଯିବ ସବୁ ଅକାମୀ ।
ମନୁଷ୍ୟ ପାଇବ ନିଜ କର୍ମଫଳ
ରାକ୍ଷସ ପ୍ରଳୟ ଆସିବ
ସୁନ୍ଦର କେତନ ମାନବ ହେତୁରୁ
ବିଲୟ ଅବଶ୍ୟ ଭୋଗିବ ।



ଜଗଜୀବନ ସେଠୀ

 Magazine Downloaded from www.aahwaan.com

ସତର୍କ ହୁଅ ହେ ବିଶ୍ୱବାସୀ

କରିଚାଲ ବୃକ୍ଷ୍ୟ ରୋପଣ

ମାଟି ମା ହସିବ, ଜଗତ ଦେଖିବ

ସୁରକ୍ଷିତ ହେବ ଜୀବନ ।

ଚୀନ ନେପାଳ ପ୍ରଳୟରେ ଭାଇ

ଭାବିଲେ ପଶନ ଛନକା

ଅନେଶତେ ପରା ସୁଜଳା ଓଡ଼ିଶା

କ୍ଷଣିକେ ପଡ଼ିଥିଲା ଫିକା ।

କହେ ଇତିହାସ, ପ୍ରକୃତି ତାଣ୍ଡବ

ମାଟିକୁ ଫଟେଇ ଦେଉଛି

ଅସଂଖ୍ୟ ପ୍ରାଣୀଙ୍କୁ ନିମିଷକ ମଧ୍ୟେ

ସମୁଦ୍ରେ ଭସେଇ ନେଉଛି ।

 Magazine Downloaded from www.aahwaan.com

# ବଡ଼ ମୋର ଏଇ ଗାଁଟି

ବଡ଼ ମୋର ଏଇ ଗାଁଟି
ନ ଥାଉ ପଛେ ପିଇବାକୁ ପାଣି
ଥାଉ ଗୋଟେ ମଦ ଭାଟି...
ବଡ଼ ମୋର ଏଇ ଗାଁ'ଟି ।

ଦେଶୀମଦ ଟିକେ ପାଇଲେ ପାଟି
ବଡ଼ ବଡ଼ ଲୋକ ଯେତେ ଅଛନ୍ତି
ଅଶାଳୀନ ଭାଷା କହିଚାଲନ୍ତି...
ବଡ଼ ମୋର ଏଇ ଗାଁ'ଟି ।



ରାମ କଲତା

ଚାଲିଥାଏ ଏଠି ମାଲିମୋକଦ୍ଦମା
ଜମିଭୂମି ଲାଗି ଲୋକଙ୍କ ଜମା
ଭାଇ ଭାଇ ହୁନ୍ତି ପିଟାପିଟି...
ବଡ଼ ମୋର ଏଇ ଗାଁ'ଟି ।

ଯେଉଁଠି ଖାଲି ଚାଲେ ରାଜନୀତି

 Magazine Downloaded from www.aahwaan.com

କୁଜିନେତା ଆସି କୁହନ୍ତି ବେଶୀ
କେଉଁ ନେତା ଯେ କେମିତି...
ବଡ଼ ମୋର ଏଇ ଗାଁ'ଟି ।

ଦାଦନର ନିଶା ଘାରିଛି ପିଲାଙ୍କୁ
ଚାଷଜମି ପିତା ଲାଗୁଥାଏ ତାଙ୍କୁ
ଯାଆନ୍ତି ବିଦେଶେ ଦାଦନ ଖଟି...
ବଡ଼ ମୋର ଏଇ ଗାଁ'ଟି ।

ଗାଁ ମୁଖିଆ ତ ଭାରି ଚାଲାଖ
ସମସ୍ତଙ୍କ ସେ ମାରଇ ପେଟ
ଭିତରୁ ରାଜନୀତି କରିକି..
ବଡ଼ ମୋର ଏଇ ଗାଁ'ଟି ।

ଅର୍ଜନ କରେ ଯେ ଅଧିକ ରାଶି
ହିଂସା ଅହଂକାର ଚାଲେ ତା ପ୍ରତି
କହି ଚୋରୀ ହେଇଯାଉ ରାତିକି...
ବଡ଼ ମୋର ଏଇ ଗାଁ'ଟି ।

 Magazine Downloaded from www.aahwaan.com

ବଡ଼ ବଡ଼ ବାବୁ ଓ ରାଜନୀତିଆ
କରନ୍ତି ଗାଁ ମଝି ଦାସକାଠିଆ
ନିଜ ଇଜ୍ଜତ ମହତ ବିକି କି...
ବଡ଼ ମୋର ଏଇ ଗାଁ'ଟି ।

ଗାଁ ମାଷ୍ଟର ଓ ଅଙ୍ଗନଵାଡ଼ି
ଆସନ୍ତି ଚଢ଼ି ସେ ମଟରଗାଡ଼ି
ହେଲେ କାମ ସବୁ ତାଙ୍କ ଶୂନଟି...
ବଡ଼ ମୋର ଏଇ ଗାଁ'ଟି ।

ପ୍ରଭୂନାମେ ସାଧୁସନ୍ଥ ଅନେକ
ନ ପୂଜି ପ୍ରଭୂଙ୍କୁ କରନ୍ତି ରାସ
ଗାଁ ଲୋକ ବି ଚୁପ୍ ରହନ୍ତି..
ବଡ଼ ମୋର ଏଇ ଗାଁ'ଟି ।

ଘୋରଯାର ଏଇ ମୂଲକ ତାର
ସ୍ଲୋଗାନ ଅଟେ ଆମ ଗାଆଁର
ଏକଥା କିଏ ବା ନ ଜାଣନ୍ତି...
ବଡ଼ ମୋର ଏଇ ଗାଁ'ଟି ।

 Magazine Downloaded from www.aahwaan.com

ଗାଁ ଇଷ୍ଟଦେବୀ ମାଁ ମାହେଶ୍ୱରୀ
ତା' ପାଇଁ ଦେହେରୀ ପୂଜାରୀ
ବଡ଼ ଦୁଃଖେ ମା ରହୁଛି...
ବଡ଼ ମୋର ଏଇ ଗାଁ'ଟି ।

ଧନ୍ୟ ଧନ୍ୟ ପତ୍ନୀ ପାଇଛନ୍ତି ସର୍ବେ
ବାପା ମା'ଙ୍କୁ ଛାଡ଼ନ୍ତି ଗର୍ବେ
ତମେ ତାଙ୍କ ଧର୍ମ ପୁଅଟି ?
ବଡ଼ ମୋର ଏଇ ଗାଁ'ଟି ।

ବାଡୁଅ ପିଲାତ ଭାରି ଏକ୍ସପର୍ଟ୍
କିଏ ପିନ୍ଧେ ଲମ୍ବା କିଏ ସର୍ଟ୍‌କର୍ଟ୍
କହିବେ କା ଝିଅ କେମିତି...
ବଡ଼ ମୋର ଏଇ ଗାଁ'ଟି ।

ଫୁସୁରୁ ଫୁସୁରୁ କଥା ଯେତେ ଅଛି
ଏ ଘର ମାଉସୀ ସେ ଘର ପିଉସୀ
ହେଉଥାନ୍ତି ବୁଲି ବୁଲିକି...

 Magazine Downloaded from www.aahwaan.com

ବଡ଼ ମୋର ଏଇ ଗାଁ'ଟି ।

କିଏ ଗୋଟେ ଆମ ଗାଁରେ
ରଖିଛି ଜିନିଷ ତା ଘରେ
ଯାହା ଅଟେ ସର୍ବ ସମ୍ପତ୍ତି
ବଡ଼ ମୋର ଏଇ ଗାଁ'ଟି ।

ଆସନ୍ତି ବଡ଼ ପଡ଼ିଆ ଛାଡ଼ି
ରୋଡ଼ ତଳେ ବସନ୍ତି ଢାଳ ଧରି
ଧନ୍ୟ କହିବ ସେ ନରନାରୀଙ୍କି...
ବଡ଼ ମୋର ଏଇ ଗାଁ'ଟି ।

ଦେରେନ ଜେଠେନ ନଣନ୍ଦ ବୋହୁ
ଟିକେ ଟିକେ କଥାରେ ମାରନ୍ତି ଭାଉ
ଜୀବନ ବା କେତେ ଦିନକି...
ବଡ଼ ମୋର ଏଇ ଗାଁ'ଟି ।

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୭୭୫୨୦୮୯୧୭୫

 Magazine Downloaded from www.aahwaan.com

# ସମ୍ବଲପୁରୀ

# ବିଭାଗ

 Magazine Downloaded from www.aahwaan.com

# ନୂଆଁଖାଇ ଜୁହାର

ନୂଆଁ ବଛରର୍ ନୂଆଁ ତିହାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

ଭୁଦୋ ମାସର୍ ଉଜୁର୍ ପଖେଁ
ଉସତ୍ ମନାହେସି ବଢେ ସରାଗେ
ଆଏ ପଞ୍ଚମୀ ତିଥିର୍ ବାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

ପଶ୍ଚିମ ଓଡିଶାର୍ ବଡଖା ପରବ୍
ଭୋଗ୍ ଲାଗସି ନୂଆଁ ଦରବ୍
ମାଁ ସମଲେଇ ଠାନୁ ମୁଲ୍ ତିହାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...



କ୍ଷମାନିଧି ସାହୁ

କିଏ ଖାଏସି କୁରେ ପତରେ
କିଏ ଖାଏସି ମହୁଲ୍ ପତରେ
ହେଲେ ନୂଆଁଚରା ଆଏ ସାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

 Magazine Downloaded from www.aahwaan.com

ନୂଆଁ ଭୋଜର୍ ନୂଆଁଚରା
ମନକେ ଜାନି ଜଉବରା
ମିଠା ଲାଗସି ନଡିଆ ଜୁଗାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

ପୂଜାପାଠ୍ ହେସି ଘରେଘରେ
ଜୁହାର୍ ଭେଟ୍ ଘରେ ଦୁଆରେ
ଇଟା ସଭେ ମିଶବାର୍ ଧାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

କୀର୍ତ୍ତନ,ମାନ୍ଦଲ,ଦୁଲଦୁଲି ବଜା
କିସମ୍ କିସମ୍ ଖେଳ୍ ଲାଗସି ମଜା
ଆସିଛେ ଉସତ୍ ଆନନ୍ ତିହାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

ମାର୍ ପିଟାପିଟି ଗାଳି ଝଗର୍
ସବୁ ପାସରିସନ୍ ପାଇ ଖବର୍
ଇ ପରବ୍ ଶିଖାସି ଭଲ୍ ବେଭାର୍
ସମକୁ ମୋର୍ ନୂଆଁଖାଇ ଜୁହାର୍...

ଜାମପାଲି,ମେଲଛାମୁଣ୍ଡା,ବରଗଡ଼ ମୋ: ୭୦୭୭୦୫୯୩୪୯

 Magazine Downloaded from www.aahwaan.com

# ଯଉତୁକ

ଆଏଜ ଫେର ମୋର ମନ ଉହକ ବିକଲ
କଲଜା ଥରଥରେଇ ଗଲାନ
ସମଦି ଫୁନ କରିଛନ୍ ,
ବାବୁକେ ଯେନ୍ତା ହେଲେ ବି ଗାଡିଟେ ଦରକାର
ଘର ଉବାଗର ନାଇ ଦିଶବାର
ଭୂଆଷେନ୍ କିଛି ନାଇଁ ଆନିଯେ
ଲୋକ କହି ପକଉଛନ୍ ।

ଆଏଜ ଫେର ମୋର ଆଖି ଜଲ ଜଲ ଦିଶୁଛେ
ଦୁଇ ବଛର ହେଇଗଲାନ
ଫୁଲ ବାଗିର ଝି କେ ବିହା ଦେଇଥିଲି,
ଜୀବନଯାକର ପୁଞ୍ଜି ପାଁଚ୍ ଭରି ସୁନା
ସବୁ ନେଇ ଥିଲା
ଘରେ କନ୍‌ହା ପଏସାଟେ ବି ନିଥାଇ
ଫେର ବି ସୁଖେ ଥିଲି ।



ରମଣୀରଞ୍ଜନ ବିଶ୍ୱାଲ

 Magazine Downloaded from www.aahwaan.com

ଦେଇ ପାରମି ଇହାଦେ ମୁଁଡର ପାଚଲା ବାଲ

ସୁଖି ସୁଖି ଯଉଥିବାର ଆଖିର ଧାର

ଅଏତ୍ କା କାଣାଁ ଅଛେ,

ଖଟତଲେ ରଙ୍ଗଗଡୁ  ବଉଁଶ ବାଡିଟେ

ପାରବୁ ବେଲେ

ଉତୁରେଇନେ ହାଡେ ଲଟକିଥିବାର ସୁଖା ଛାଲ

ସରଗେ ଥାଇ ବୁଢି ସବୁ ଦେଖୁ

ମତେ ବି ତ ତାର ନିକେ ଯିବାର ଅଛେ  ।

ଉପର ବାହାଲ ,ବଲାଙ୍ଗିର

ମୋ- ୭୭୪୯୦୦୦୧୯୦

 Magazine Downloaded from www.aahwaan.com

# ଗଡୁ

ହରେ କୃଷ୍ଣ ହରେ କୃଷ୍ଣ ହରେ କୃଷ୍ଣ.......
ଆହେ ପ୍ରଭୁ ! କେଶବ ମୁରାରି
ତୁମର୍ ନାଁ'କେ ଜପି ଜପି
କେତେଟେ ପାପି ମାନେ
ଇ' ଭବୁଁ ହେଲେ ପାରି,
ହେଇଁ ଆଶାନେ ମୁଇଁ ଭିଲ୍ ପ୍ରଭୁ
ତମେ୍କ ଡାକୁଛେଁ......
ଶୁନ ଟିକେ ମୋର୍ ଗୁହାରି ।
ମୁଇଁ କାହାର୍ ସଂଗେ କେଭେ
ଗାଲି ଝଗଡ୍ ନାଇଁ କି......
ଅହଂକାର୍ ହେଇ କାହାକେ
କାହାର୍ ଛିଦର୍ ନାଇଁ ଘାଁଟି କି......
କାହାର୍ ପେଟେ ଲାଥ୍ ନାଇଁ ମାରିଁ
କାଏଁ ଭୁଲ୍ ଦେଖ୍ଲୁ ଯେ ପ୍ରଭୁ !
ମୋର୍ ଖାଏଲା ଭାତେ ଦେଲ ଧୂଳ୍ ଝିଟି ।
ହେ ଅନ୍ତର୍ଯ୍ୟାମୀ !
ତମ୍‌କୁ ତ ସବୁ ଜନା......



ମନୋଜ ମହାନନ୍ଦ

 Magazine Downloaded from www.aahwaan.com

ଯେତେବେଳେ ଲେଟ୍ରିନ୍ ନାଇଁ ଥାଇଁ

ଯାହାର୍ ଘର୍କେ ଦେଖ୍ବ

ନିଜର୍ ଛୁଆ ଲେଁଖେଁନ୍ .....

ସଫା ସୁତ୍ରା କରି ରଖୁଥିଲେ

ଆର୍ ରାତିର୍ ଲାଗି ପାଏନ୍ ଭରି

ଦୁଆରେ ନାଇଁ ରଖ୍ଲେ.....

କାହାର୍ ଆଁଖି ଝୁମ୍ରା ନାଇଁ ଥାଇଁ,

ଆଏଲ୍ ମାଲ୍ କିଏ

ରଖ୍ଲା ଯାଗାନୁ ବେଟି ନେଲେ

କେତେ ଗାଲି ଝଗଡ୍ ଲାଗୁଥିଲେ

ହେଲେ.........

ଆଏଜ୍ କେନ୍ତା ଦିନ୍ ଆସି ଗଲା ଯେ ପ୍ରଭୁ !

ମୋର୍ ନାଁ, ଗାଁ ସଂଗେ

ବଂଶର୍ କୁଡୁମ୍ ନାଶ୍ ହେଇଯଉଛେ

ଟିକେ ବିଚାର୍ କର ଇ' ଉପ୍ରେ

ହେ ପ୍ରଭୁ ...... ! ! !

ଜଗତର୍ ଗୋସାଇଁ ।

ଗାଁ - ବାଗଯୋର, ସଇଁନ୍ତଲା, ବଲାଙ୍ଗିର

ପିନ୍ କୋଡ୍ - ୭୬୭୦୩୨

ମୋ - ୮୦୧୮୦୮୯୩୩୫

 Magazine Downloaded from www.aahwaan.com

# ନେତା

ଆସିଥିଲେ କେତେ ନେତା ମନ୍ତ୍ରୀ

ଆମର୍ ଗାଆଁକେ ଥରେ

ଲୋକ୍ ଆସଲେ୍ କେତନି କେତେ

ତାହାକୁ ଦେଖବେ୍ ପରେ ।।

ମଚାନ୍ ଉପରେ ବସିଛନ୍

ସବୁ ବଡ୍ ବଡଖ୍ା ନେତା

ତାକର୍ ପଦେ ଶୁନବାର୍ ଲାଗି

ସବେ କରିଛନ୍ ଆଶା ।।

କହେଲେ୍ କେତେ ବିକାଶର କଥା

ଭରି ଦେଲେ କେତେ ଆଶା

ନୂଆ ଭାରତର୍ ନିର୍ମାଣ ଲାଗି

ଦେଇଗଲେ ତ ଭରଶ୍ା ।।

ଭୋଟ ଉତାରୁ କେହି ଗଲେ ଯେ

ନାଇ ନ ତାକର୍ ଦେଖା

କେବେ ସେ ହେବା ବିକାଶ ଯେ

ଚାଲିଛେ ସପନ ଦେଖା ।।



ଶିବାନନ୍ଦ ବନଛୋର

 Magazine Downloaded from www.aahwaan.com

ନୂଆ ଭାରତର ନିର୍ମାଣ ଲାଗି
ଟାକିଛୁ ଆମେ କେତେ
କେବେ ହେବା ଯେ ନୂଆ ଭାରତ
ଜାନି ନାଇ ପାରୁଛୁ ସତେ ।।
ଏନ୍ତା ନେତା ଏନ୍ତା ମନ୍ତ୍ରୀ ଠକୁଛନ୍
କେତେନି କେତେ କେତେ
ଦିନ୍ ବେଳେ ବି ସପନ୍ ଦେଖେଇ
ଠକୁଛନ୍ ଯାହା କେ ଯେତେ ।।
ଦେଖି କରି ଭାଇ ଭୋଟ ଦେମା
ଭଲ୍ ଲୋକ୍ କେ ଗୁଟେ
ଯେନ୍ତା କରି କାମ କରବା୍
ଆମର ଟିକେ ରଚେ ।।

ଗ୍ରା/ପୋ : ଶକ୍ତି, ଝାରବନ୍ଧ, ଓଡ଼ିଶା, ୭୬୮୦୪୨
ଭ୍ରାମ୍ୟଭାଷ : ୯୦୭୮୬୪୧୨୬୧

 Magazine Downloaded from www.aahwaan.com

# ନାରୀ

ନାରୀର ପରିଭାଷା ମୁଇଁ ନାଇଁ ଜାନି

ହଁ ଏତେ ନିହାତି କହିପାରମି

ଯିଏ ଜନମ୍ କରସି ଗରଭେ ଧରି

ଯାହାର୍ ମମତା ଭରା ପନତ

ସବୁ ସୁଖ୍ କେ ପଛେ ପକେଇଦେସି

ଯାହାକେ ସଁସାରେ ମାଆ ବଲି କହେସୁଁ

ସେ ମହାନ୍ ଦେବୀ ଭିଲତ ଗୁଟେ ନାରୀ ଆଏ ।

ସୁଖେ ଦୁଃଖେ ସବୁବେଳେ

ଯାହାର୍ ସେନେହ ଭରା କଥା

ଜୀବନ୍ କେ ସରସ୍ କରି ଦେସି



କବି ପ୍ରସାଦ

ସେନେହ ଶରଧାର୍ ଡୁରେ ଗଁଠେଇ ହେଇ

ଜନମ୍ ଠାନୁ ମରନ୍ ଯାଏକ୍

ଯାହାର୍ ସେନେହ ଶରଧା ସଁଗେ ରହେସି

ସେ ଗେଲବସରା ବୁହେନ୍

ସେ ଭିଲତ ଗୁଟେ ନାରୀ ଆଏ ।

ନିଜର୍ ଆତ୍ମୀୟଙ୍କୁଁ ଛାଡିକରି

 Magazine Downloaded from www.aahwaan.com

ଚାଲି ଆଏସି ଆରୁ ଗୁଟେ ଘରେ

କେତେ ସୁଖ୍ କେତେ ଦୁଃଖ୍ ଭିଲ ପାଏସି

ତାର୍ ପିରତିର୍ ପରସ ଦେଇକରି

ଗୁଟେ ଅଚିହ୍ନାର୍ କେ କରିନେସି ନିଜର୍

କେଭେ ହସିକରି ହସାସି

ଆରୁ କେଭେ ଅଭିମାନ୍ ଭିଲ କରସି

ସେ ଜୀବନ୍ ସଙ୍ଗିନୀ ସାଙ୍ଗର୍ ଜୁଲି

ସେ ଭିଲତ ଗୁଟେ ନାରୀ ଆଏ ।

ଯାହାର୍ ଗେଲବସରା କଥା

ଜୀବନ୍ କେ ସରଗ୍ କରିଦେସି

ମେଟେଇଦେସି ସବୁ ଉର୍ଘା

ସେତାର୍ ମୁହୁଁଥି ଫୁଟି ଆଏଲେ ହସି

ସଁସାର୍ ତାହାକେ ଦୂହିତା କହେସି

ସେ ଭିଲତ ଗୁଟେ ନାରୀ ଆଏ ।

ସେ ଜନମ୍ ଦେସି ସହି ପ୍ରସବପିଡା

ସେ ସହୋଦରୀ ଭଗିନୀ ଭିଲ

ପରାନ୍ ସଙ୍ଗିନୀ ପ୍ରିୟା ଭିଲ ସେ

ସେ ଝି ହେଇ ଆଏସି

ସେ ବହ ଭିଲ ହେଇ ଆଏସି

 Magazine Downloaded from www.aahwaan.com

ସେତ ଆଏ

ସ୍ନେହ ମମତା ପ୍ରେମର୍ ପ୍ରତୀକ ।

ନାରୀକେ ପରିଭାଷିତ୍ କରି ନି ହୁଏ

ନାରୀ ସୋନ୍ଦର୍ଯ୍ୟର ପ୍ରତିମା ଆଏ

ନାରୀ ମମତାର୍ ଝରନା ଆଏ

ନାରୀ ସମର୍ପନ୍ ର ପରାକାଷ୍ଠା ଆଏ

ନାରୀ ସଂପର୍କ ର ପବିତ୍ରତା ଆଏ

ନାରୀ ଶକ୍ତି ଆଏ ଭକ୍ତି ଆଏ

ନାରୀ ପୂଜ୍ୟା ନମସ୍ୟା ଆଏ

ହଁ ନାରୀ ସବୁକାଳେ ସବୁଠାନେ

ସମ୍ମାନିୟା ଆଏ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା

ପିନ୍- ୭୬୭୦୨୬

ମୋବାଇଲ୍- ୭୬୦୬୦୫୧୩୯୪

 Magazine Downloaded from www.aahwaan.com

# ମୁସକିଲ

ଘରମାନେ ସବୁ ସିମେଟ ହେଲା
ଦରକାର ନି ପଡବାର ଛେରା
ଗୋ ମାତା ସବୁ ବିଦେଶ ଗଲେ
ବୁଡିଗଲା ଦେଶର ଚରା ।
ଉଜଲା ଗିଆସ ପଲେଇ ଆଏଲା
ଆରୁ ନିଜ ମାଟିର ଚୂଇଲ
ଯଧରବି ଆଲମାଲ ଫାଟିଗଲା
ଜୀବନ ହେଇଯିବା ଧୂଇଲ ।
ସମକର ଘରେ କୁଇଲା ଶୂଇନ
ନି ଲାଗବାର ରେଁଗାଲ ଧୂପ
ନକଲି ବାସନା ପାଇକରି
ଦେବତେ ଭି ପଡୁଛନ ଚୂପ ।
ଯାର ଘରେ ଦେଖ ବିଜଲି ଅଛେ
ନାଇନ ଆରୁ ସେ ଡିବରି
ଦୁହି ଟିଭ ଯଦି ଗୁଟେ ହେଲା
ସେନ ଯିମା ସଭେ ମରି ।
ଇହାଦେ ସବୁ ବାଇକ ହେଲା
ନି ଚଲାବାର କିହେ ସାଇକିଲ
ସୁଖକେ ନୁରି ରୁଗେ ସଭୁଛୁଁ
ଜୀବନ ଟା ହେଉଛେ ମୁସକିଲ ।



ଶ୍ରୀୟକାନ୍ତ ଦାଶ

ଗ୍ରା/ପୋ : ନୁଆଗାଁ(ବି), ଲୋଇସିଂହା, ଅଗଲପୁର ବ୍ଲକ୍, ବଲାଙ୍ଗିର
ଭ୍ରାମ୍ୟଭାଷ : ୯୯୩୭୯୪୩୯୨୪

Magazine Downloaded from www.aahwaan.com

# ଏକ୍ ଫୁଲ୍ ତିନ୍ ମାଲି

ଗୁଟେ ଫୁଲରେ ତିନ୍‌ଟା ମାଲି
ଜନ୍‌ତା ଆମେଁ ହେସୁଁ ଧଂଦାଲି
ସବୁଜାନିକରି ଅଜାନୁ ହେଇଛନ୍
କହୁଛନ୍ କିଛି ନ ଜାନି ବୋଲି ।[୧]

ଇମାନେ ସବୁ ବାଲୁତ୍ ଆଏତ
କିଛି କଥା ନାଇ ଜାନି
ସମିଆଁ ଆଇଲେ ସଭିଏ ଏକ୍‌ଲା
କେହି ନୁହେଁ ମୁର୍‌ଧାନି ।[୨]

ବିଜେପି କହୁଛେ 'ମହାନଦୀ'ର କଥା
ସେ କିଛି ନାଇ ଜାନି
ଆଜିର ଛୁଆ ଇ ଛତିଶଗଡ଼ କରବା
ଓଡ଼ିଶାକେ ବଁଦ୍ ପାନି ।[୩]



ଆର୍ତ୍ତତ୍ରାଣ ଖୁର୍ଡ଼ିଆ

'କଂଗ୍ରେସ୍' ହେଉଛେ ଅଜନା ଭଅଁର
ଲୁକି ଲୁକି ହେସି ଚୁମି
ଦିଲ୍ଲୀରେ ଥାଇ ହୁକୁମ୍ କର
ଇହାଦେ ବଡ୍ ସିଆନି ।[୪]

 Magazine Downloaded from www.aahwaan.com

'ବିଜେଡ଼ି' କହୁଛେ ଏନ୍ତା କଥା

କେଭେନି ସହୁଁ ଆମେ

ନବୀନ୍ କହୁଥିଲେ ବନଲେ ବି ବେରେଜ୍

ପାନି କେଭେ ନାଇଁ କମେ ।[୫]

କହେଲେ ନବୀନ୍ ୨୪% ଅଏଧିକା

ଓଡ଼ିଶାକେ ମିଲିବା ପାନି

ଏହେଦେ ସେ ପାନି ବଁଦ୍ ହେଇଗଲା

ଚାଲ୍ ତୁମର ସବୁ ଲୁକ୍ ଦେଖାନି ।[୬]

ଭୁଟ୍ ପାଏବେ ଲୁଟିକରି ଖାଏବେ

'ମହାନଦୀ' ବନିଛେ ସୁଦଁରୀ ନନୀ

ଜେନ୍ ଆଡ଼େ ବରଷା ସେ ଆଡ଼େ ଛତା

ରାଜନୀତିଟା ବଡ୍ ବେଇମାନି ।[୭]

ବିଜେପି, ବିଜେଡ଼ି ଭିନେ ହେଇଛନ୍

ବନିଛନ୍ ଦୁହି ସଉତିନି

ଆଘ୍ ଜନେ ଖାଏଲେ ଜଣେ ଆଁଚୁଥିଲେ

ହେଇଥିଲେ ଭାଏ, ବହନି ।[୮]

ଇଟା କହେସନ ରାଜନୀତିରେ ଭାଇ

ରାଜ୍ନୀତି କଥା ଏନ୍ତା

ସମିଆଁ ପଡ଼ଲେ ବହନି ବଲସି

 Magazine Downloaded from www.aahwaan.com

ଭାଇଜେ ବି ଇନେ ଘଏତା ।[୯]

ଇହାଦେ କାଁଦୁଛ ଜନତାର ଆଘ୍ରେ

ଧିକ୍ ତୁମର୍ ଇ ଜୀବନ୍

ରାଜନୀତି ନାଇଁ ଦୂର୍ନୀତି କରିଛ

ଲୁଟିଛ ଚାଷୀର ସପନ ।[୧୦]

ମୁରୁଖ୍ ବୋଲି ଚାଷୀମାନକେ ତୁମେ

କରୁଛ ହୀନ୍‌ମାନ୍

ଭୁଲିଯାଉଛ ଦେଶକେ ବଁଚାସନ

ଯବାନ୍ ଆରୁ ଇ କିଷାନ୍ ।[୧୧]

ମୁଲିଆ, ପାଠୁଆ ଦେଶ ଭକ୍ତିଆ

ନିପଡ଼ ଇତାକର୍ ଭର୍‌ମେ

କର୍‌ମା ହଙ୍ଗାମା କର୍‌ମା ଆଂଦୋଲନ୍

ବେଲ୍ ଉଦବା କରମେ ।[୧୨]

ନିଏ, ଅନିଏ ଫଏସଲା ସବୁ

କରବା ଦିନେ ଇ ଚାଷୀ

ବହୁତ ହେଲାନ୍ ଆର ନି ସହେ

ଦୁରହେ ହେଲାନ କଷି ।[୧୩]

'ମହାନଦୀ' ନୁହେଁ ବୁଆର ସଂପଦ

ନବୀନ ହେଉ କି ରମନ ସିଂ

 Magazine Downloaded from www.aahwaan.com

ଚାଷୀର୍ ସଂପଦ୍ ଚାଷୀର ଦଉଲତ୍

ନ ମାରବା ଇଠାନେ ଡିଂ ।[୧୪]

ଚାଷୀର ସମାଧାନ ଚାଷୀ କର୍‌ବା

କଇକୀର ରୂପ ନେବା

କୁଶଲି ମାଁର ଗୁରସ୍ ପିଇଛେ

କାମ୍ କରି ଦେଖାଇ ଦେବା ।[୧୫]

ଦିନରାତି ଖାଲି ତୁମର ଚିନ୍ତା

ପକେଟକେ କେନ୍ତା ଆଏବା ଧନ୍

ଧିକ୍ ଧିକ୍ ତୁମର୍ ଇ ରାଜନୀତି

ଧିକ୍ ତୁମର ଇ ରାଜନୀତିଆ ପନ୍ ।[୧୬]

ସୁବର୍ଣ୍ଣପୁର, ଓଡ଼ିଶା

 Magazine Downloaded from www.aahwaan.com

# ବଂଝା ରଜାର୍ କଥା

ଗୁଟେ ଦେଶେ ରଜାଟେ ଥିଲା । ସେ ରଜାର୍ ସାତ୍‌ଟା ରାନି ଥିଲେ । ହେଲେ ରଜାର କରମ୍ ଫଟା କାଏଁସେ ବିହା ହେଇକରି ସାତ୍ ବଛର୍ ପୁରିଗଲାନ ଭିଲ୍ ଛୁଆ ପିଲାର୍ ଗୁଠେବି ଦେଖା ନାଇଁ । ହେଥିର୍ ଲାଗି ଲୋକ୍ ମାନେ ତାହାକେ ବଂଝା ରଜା ମୁହୁଁ ଦେଖ୍‌ଲେ ଅଶୁଭ ହେବା ବୋଲି ଲୁକେ କେତେ ଟାହି ଟପରା କଥା କହୁଥିଲେ । ରଜା ବିଚ୍‌ରା ବି ଲୋକର୍ କଥା ଶୁନିକରି କାହାର୍‌ନେ ଭଲ୍‌ସେ ଦେଖେଇ ନାଇଁ ହେବାର୍ । କାହିଁ ଯଉଥିବା ସମିଆଁ ଥି କାହାକେ ବାଟେ ଦେଖିଦେଲେ ଲୁକି ଦଉଥିଲା । ହେତେ ବଡ୍ ରଜା ଅଚାଲ୍ ଚାଲ୍ ଧନ୍ ସମ୍ପତ୍ତି ସାଙ୍ଗେ ମାଏନ୍ ମାନ୍ତା ଥାଇକରି ବି ବୁପୁରା ଲୋକର୍ ଆଘେ ମୁଡ୍ ଟେକିକରି ବାଟ୍ ଚାଲି ନାଇଁ ପାରୁଥାଇଁ ।



ମନୋଜ ମହାନନ୍ଦ

ଦିନେ ବନ୍ ବୁଲି ଯାଉଥାଏ ଆର୍ ହେନ୍ତା ଲୋକ୍ ମାନ୍‌କେ ଦେଖ୍‌ଲେ ଲୁକି ଦଉଛେ ଇ କଥା ଭଗବାନ୍ ଦେଖ୍‌ଲେ ଆର୍ ଭାବ୍‌ଲେ ଏତେ ବଡ୍ ମହାନ୍ ରଜା ଛୁଆ ପିଲା ଗୁଟେ ନାଇଁ ହେବାର୍ ବୋଲି ତାର୍ ମୁଡ୍ ତଲ୍ ହେଇଯଉଛେ । ଆହାଃ.. ! ବିଚ୍‌ରା କେଭେଁ କେନ୍ ପ୍ରଜାର୍ ଦୁଃଖ ଦେଖି ସହି ନାଇଁ ପାରୁଥେଇଁ ନିଜର୍ ଜୀବନ୍ ଦେଇକରି ବି ସେ ପ୍ରଜାକେ ସୁଖେ ରଖୁଥିଲା, ପ୍ରଜା ତାହାକେ ଭଗବାନ୍ ଲେଖେଁନ୍ ମାନୁଥିଲେ । ହେଲେ

 Magazine Downloaded from www.aahwaan.com

ଆଏଜ୍ ଏତେ ହୀନ୍ ହେଇଗଲା କେଁ ଯେନ୍‌ଥିର୍ ଲାଗି ଯହିଁ ଗଲେ ଚୋର୍ ଲେଖେଁନ୍ ଲୁକି ଲୁକି ଯଉଛେ ଆର୍ ଲୁକି ଲୁକି ଅଉଛେ । ନାଇଁ ଇତାର୍ ବିଚାର୍ କର୍‌ବାକେ ପଡ୍‌ବା ବୋଲି ବାବା ରୂପ୍ ଧର୍‌ଲେ ଆର୍ ରଜା ଯାଉଥିଲା ବାଟେ ଆଘ୍‌ଆଡୁ ଆସୁଛନ୍ । ରଜା ଦେଖିଦେଲା ଯେନ୍ତା ବାବାଟେ ଅଉଛନ୍ ବୁଆ ମୋର୍ ମୁହୁଁ ଦେଖ୍‌ଲେ ତାକର୍ ଅଶୁଭ ହେବା ଗଲା ବୋଲି ଗଛ୍ ଗୁଟେକେ ଲୁକି ଦେଲା । ଭଗବାନ୍ ସବୁ ଜାନୁଛନ୍ ଆର୍ ସିଧା ସେ ଗଛ୍ ତଲ୍‌କେ ଗଲେ । ରଜା ଦେଖିଦେଲା ଯେନ୍ତା ଲାଙ୍ଗ୍ ଛାଟ୍ ହେଇ ମୁଡିଆ ମାର୍‌ଲା । ବାବା ଆୟୁଷ୍ମାନ୍ ଭବ କହି ଉଠାଲେ ଆର୍ ମନର୍ କଥା କେତେ ସତ୍ କେତେ ମିଛ୍ କହେବା ବୋଲି ପଚ୍‌ରାଲେ । ହେ ରଜା ! କାଏଁ ହେଲା ଯେ ମୋତେ ଦେଖି ଲୁକି ଦେଲ କହତ ?

ବାବାର୍ ଏନ୍ତା ପଚ୍‌ରାବାର୍ ଦେଖି ରଜା ଛନେ ଘୁମ୍ ଖାଇଗଲା । ବାବା ଫେର୍ ପଚ୍‌ରାଲେ, କହ ରଜା କାଣା ହେଇଛେ ଯେ ତୁମର୍ ଯଦି ମୋର୍ ହାତେ ହେଇପାର୍‌ବା ବୟେଲେ ତାର୍ ସମାଧାନ୍ ନିଶ୍ଚେ କର୍‌ମି । ରଜାର୍ ଟୁଟୁଣ୍ଡୁ ଶୁନ୍‌ଲା ଯେନ୍ତା ଗହକି ହେଲା ଆର୍ ସବୁ କଥା ଗୁଟ୍ ଗୁଟ୍ କରି କହିଦେଲା । ହେତ୍‌କୁରୁ ରଜାର୍ କଥା ଶୁନିକରି ବାବା କହେଲା ଖୋ.... ହେଥିର୍‌ଲାଗି ତମେ ସର୍ ସର୍ ଘୁଚ୍ ଘୁଚ୍ ହେଇ ବାଟ୍ ଚାଲୁଛ । ଯା' ହେଇଁ ଯେନ୍ ଆମ୍ ଗଛ୍ ଗୁଟେ ଯେନ୍ ଦିଶୁଛେ ହେଁ ଠାନ୍‌କେ ଯା' ଆର୍ ଗୁଟେ ଲେଦା କଁସି କରି ମାର୍‌ବ୍ ଯେତେ ଆମ୍ ପଡ୍‌ବା ନେଇକରି ତୁମର୍ ରାନି ମାନ୍‌କେ ଖାଏବାକେ ଦେବ । ଦେଖ୍‌ବ ରଜା ଗୁଟେ ବର୍ଷେ ଏକା ଖାକେ କୂଳେ ଧର୍ବ । ରଜା ଶୁନିକରି ଫେର୍ ଘାଏ ମୁଡିଆ ମାରି ତୁମର୍ କଥା ଲୟେ ହଉ ବାବା ବୋଲି କହେଲା । ବାବା ତଥାସ୍ତୁ କହି ମାୟା ହେଇଗଲେ । ରଜା ଦେଖିଦେଲା ଯେ ବାବା ନାଇନ ତା'ର୍ ପରେ ଭାବ୍‌ଲା ଇଟା ଭଗବାନ୍ ଆସିଥିଲେ ମୋର୍ ଦୁଃଖେ ଚିନ୍‌ଭା କେ । ତା'ର୍ ପରେ ଆମ୍ ଗଛ୍ ତଲ୍‌କେ ଗଲା ଆର୍ ଗୁଟେ ଲେଦା କଁସି

 Magazine Downloaded from www.aahwaan.com

କରି ମାର୍‌ଲା, ସାତ୍‌ଟା ଆମ୍ ପଡ଼ଲା ସେ ଆମ୍ ଧରି ଘର୍‌କେ ଫିର୍‌ଲା ଆର୍ ରାନି ମାନେ୍‌କ ଖାଏବାକେ ଦେଲା । ରାନି ମାନେ ବି ବଢ଼େ ଗହକି ହେଲେ ଆର୍ ଖାଏବାକେ ମୁଢ଼ାଲେ ଛ'ଟା ରାନି । ବଡ୍ ରାନି ତା'ର୍ ଆମ୍‌କେ ରଖିଦେଲା ଆରୁ ରଜାର୍ ସେବା କର୍‌ବାକେ ଲାଗ୍‌ଲା । ହେଇ ସମିଆଁ ଥି ମୂଷା ଗୁଟେ ଆସ୍‌ଲା ଆର୍ ରାନିର୍ ଆମ୍‌କେ ଫାଲେ କେଁଡ୍ରି ଦେଲା । ରାନିର ଦେଖି ଟିକେ ମନ୍ ଦୁଃଖ୍ କଲା ଆର୍ ସେ ମୂଷାର୍ ଅଏଁଠା ଆମ୍‌କେ ଖାଇଦେଲା । ଦିନୁ ଦିନ୍‌କେ ସବୁ ରାନିର୍ ଦିହେ ପାଏନ୍ ଅଲଗା ହେଲା, ରଜା ଇସବୁକେ ଦେଖି ବଡା ଖୁସ୍ ହଉଛେ । ଯେତେବେଳେ ସମିଆଁ ପୁରିଗଲା ଆର୍ ଛୁଆ ଜନମ୍ କଲେ ସବୁ ରାନିର୍ ମହଲା ନୁ ସୁନାର୍ ଘଁଟ୍ ର ଆବାଜ୍ ଆସ୍ଲା ଆର୍ ବଡ୍ ରାନିର୍ ମହଲାରୁ ପିତ୍ତଳ ଘଁଟ୍ ର ଆବାଜ୍ ଆସ୍‌ଲା ରଜା ଚମ୍‌କି ଗଲା ଆର୍ ଦାସି ଗୁଟେକେ ପଠାଲା । ଯା'ତ ଦାସୀ ବଡ୍ ରାନିର୍ ମହଲାରୁ ଖବର୍ ଟିକେ ଆନିକରି ଆସ । ରଜାର୍ ଆଜ୍ଞା ପାଇ ଯାଇକରି ଦେଖି ଆସି ରଜାକେ କହେଲା ହେ ରଜା ! ମହରାନିକେ ମୂଷା ଛୁଆଟେ ହେଇଛେ । ତା'ର୍ ପରେ ରଜାର୍ ମୁଡେ ବଘୁଆ ମାଛି ପଷ୍‌ଅଲା ଲେଖେଁନ୍ ରିଶ୍ଣି ହେଇକରି କହେଲା ଯାହାକେ ମୁଇଁ ବେଶି ବିଶ୍ୱାସ୍ କରୁଥିନି ସେ ମୋତେ ଏତ୍‌କି ବଡ୍ ଧୋକା ଦେଲା ବୋଲି ରାନିକେ ବହୁତ୍ ଅପର୍ତ୍ୟେ କରି ତାର୍ ସନ୍ୟ ମାନେ୍‌କ ଆଦେଶ୍ କଲା ଯା' ହେ ରାନିକେ କେନ୍ ଝାର୍ ଭିତ୍ରେଁ କୁରିଆଟେ କରି ରଖିଦେବ ହେତାର୍ ମୁହୁଁ ନାଇଁ ଦେଖେନ ବୟେଲା । ରଜାର୍ କଥା ମାନି ଝାର୍ ଗୁଟେକେ ନେଲେ ଆର୍ ରଖିଦେଲେ । ମୂଷା ଛୁଆକେ ଦେଖି କରି ମନ୍ ବୁଝେଇକରି ରହେଲା । ମୂଷା ଛୁଆ ଚାର୍ ଦିନେ ଚାର୍ କାୟା ହେଇଗଲା । ଆର୍ ତାକର ଘରୁ ଧାନ୍ ଡୁଲିକେ, ତୁନ୍ ଶାଗ୍ ବାଏର୍କେ ଦୁଲ୍ କୁଡିକରି ଘରେ ସବୁ ତୁନ, ଶାଗ,ଧାନ୍, ଚଉଲ୍ ଗଦେଇଦେଲା ଯେଦ୍ଥିର୍ଲାଗି ରାନିର୍ କିଛି ଚିନ୍ତା ନାଇଁ ରହେଲା ।

 Magazine Downloaded from www.aahwaan.com

ଏନ୍ତା କରି ଦଶ୍ ବର୍ଷ ବିତିଗଲା । ରଜାର୍ ଆଁଖ୍ ନାଇଁ ଦିଶ୍ଲା । କେନ୍‌ଥିଟେ ଉଷୋ, କଷା, ବୈଦ୍ କରୁଛନ୍ ବି କଢେ କାମ୍ ନାଇଁ ଦେବାର୍ ହେଥିର୍‌ଲାଗି ରଜା ଡିଙ୍ଗ୍ରା ପିଟେଇ କଲା ଯେ ଯିଏ ମୋର୍ ଆଁଖିର୍ ଉଷୋ ଆନିଦେବା ସେ ହବା ରଜା ବୋଲି । ସେ ଦିନେ ମୂଷା ସେ ରାଏଜ୍ ଆଡ୍‌ଡେକ ବୁଲି ଯାଇଛେ । ଆର୍ ଗଛ୍ ତଲେ ଖେଲୁଛେ ଦେଖି ଦେଲା ଛ'ଟା ଘୁଡାଥି ଛ'ଟା ପିଲା ହେଇଁ ବାଟୁ ଅଉଛନ୍ ତା'ର୍ ପରେ ଗଛ୍ କେ ଚଢି ଗଲା ଆର୍ ଛନେ ତୁମ୍ ପଡିଥିଲା । ଗଛେ ଚେରେ ଗୁଡାଟେ କରିଛେ ଆର୍ ଦୁଇଟା ଛୁଆ ଫୁଟେଇଛେ । ଚେରେ ଛୁଆ ମାନେ ପଚ୍‌ରାଲେ ନା'ଗୋ ମାଁ ହେ ପିଲା ମାନେ କାହିଁ ଯଉଛନ୍ ଗୋ ? ମାଇ ଚେରେ କହେଲା ହେଟା ଇ ରାଏଜର୍ ରଜାର୍ ଛ'ଟା ପୁଓ ଉଷୋ ନୁରି ଯଉଛନ୍ ରଜାର୍ ଆଁଖ୍ ନାଇ ଦିଶୁଛେ ଯେ । ଚେରେ ଛୁଆ ମାନେ ଫେର୍ ପଚ୍‌ରାଲେ ଯେ ହଇଗୋ ରଜା ନାଇଁ ଦେଖା ପାଏବାର୍ ବୟେଲେ ତାର୍ ପ୍ରଜା ମାନେ ନୁରି ନାଇଁ ଯାଇଁ ଭାଲି ଗୋ ? ମାଇ ଚେରେ କହେଲା କେନ୍‌ଥିଟେ ଉଷୋ, କଷା, ବୈଦ୍ କଲେନ ପରେ ହେଥିର୍‌ଲାଗି ରଜା ଡିଙ୍ଗ୍ରା ପିଟେଇ କଲା ଯେ ଯିଏ ମୋର୍ ଆଁଖିର୍ ଉଷୋ ଆନିଦେବା ସେ ହେବା ରଜା ବୋଲି । ବୟେଲେ ଇ ରଜା ଛୁଆ ମାନେ ନୁରି ବାହାରିଛନ୍ ନାହେଁତ ଅଲ୍‌ଗା କିଏ ଆନିଦେଲା ବୟେଲେ ଇ ଲୋକ୍ କେନ୍‌ତେହି ରଜା ହେଇପାର୍‌ବେ । ଚେରେ ଛୁଆ ମାନେ ଫେର୍ ପଚ୍‌ରାଲେ କାଣା କେ ଉଷୋ ହେସି ଯେ ଗୋ ମା ଇ ଲୋକ୍ ମାନେ ନାଇଁ ପଉଛନ୍ ? ମାଇ ଚେରେ କହେଲା କାଣାକେ ଆର୍ ହେବା ଆମର୍ ଗୁହୁଁକେ ତ ହେସି ହେଲେ ଇ ଲୋକ୍ ଜାନିଥିଲେ ତରେ ଛୁଏ ନେଇକରି ଦେତେ, ଭକୁଆଟା ମନେ ଭାଗୁଛନ୍ ଯାହିଁ ତାହିଁ । ମୂଷା ସବୁ ଶୁନିକରି ହର୍ ବରେଇକରି ଉତୁର୍‌ଲା ଆର୍ ବୁଟ୍‌କେ ଚେରେ ଗୁହୁଁ ଗଁଠାଲା ଆର୍ ରଜାର୍ ପାଖ୍‌କେ ଗଲା ଆର୍ ରଜାକେ ଦେଲା । ରଜା ଆଁଖି ଲଗେଇ ଦଉନ୍‌ସାର୍ ତୁଗ୍ ତୁଗାତୁନ୍ ଦେଖି ପାର୍‌ଲା

 Magazine Downloaded from www.aahwaan.com

ଯେନ୍ତା ମୂଷାକେ କହେଲା, ବାଃ ! ରେ ମୂଷା ବାଃ ! ଏତ୍‌କି ବଡ୍ ରାଇଜେ ହେତେ ମହାନ୍ ଜ୍ଞାନି ଲୋକ୍ ଥାଇକରି ବି ତୋର୍ ସରି ହେଇ ନାଇ ପାର୍‌ଲେ କିହେ ବୋଲି ବହୁତ୍ ପ୍ରସଂଶା କଲା ଆର୍ କହେଲା ଆଏଜ୍ ଠାନୁ ଇ ରାଏଜର୍ ରଜା ତୁଇ ହେବୁ । ତା'ର୍ ପରେ ମୂଷା ରଜାକେ କହେଲା ହେ ରଜା ! ମୋର୍ ମା'କେ ଆନିଦିଅ ମୋର୍ ମା'ର ଆଘେ ସିଂହାସନେ ବସ୍‌ମି ବୋଲି ଭାବୁଛେଁ । ମୋର୍ ମାଁ ଲାଗି ଇ ଦୁନିଆଁ ଦେଖିକରି ଆଏଜ୍ ରଜା ହେବାକେ ଯଉଛେଁ ଆର୍ ସେ ମା'କେ ଛାଡିକରି କେନ୍ତେହି ସିଂହାସନ ଗ୍ରହଣ କର୍ମି । ରଜା ମୂଷାର୍ କଥାଥିଁ ବହୁତ୍ ଖୁସି ହେଲା ଆର୍ ମୂଷା'ର୍ ମା'କେ ଆନ୍‌ବାର ଲାଗି ଆଦେଶ୍ ଦେଲା ତା'ର ପରେ ମୂଷାର୍ ମା'କେ ଆନ୍‌ବାର୍ ଲାଗି ଗଲେ ମୂଷାକେ ଠିକ୍‌ଣା ପଚ୍‌ରାଲେ ଆରୁ । ପହୁଁଚୁଲେ ଯେନ୍ତା ଦେଖି ଦେଲେ ଯେ ରାନି । ସଭେଁ ରାନିକେ ମୁଡିଆ ମାରି ସବୁ କଥା କହେଲେ । ହେଲେ ରାନି ରଜା ନିଜେ ନେବାର୍‌ଲାଗି ଆସ୍‌ଲେ ଯାକ୍‌ରି ଯିମି ନାହେଁତ ନାଇଁ ବୋଲି ମନା କରିଦେଲେ । ସେନୁ ଫେରିଆସ୍‌ଲେ ଆର୍ ରଜାକେ ରାନିର୍ କହେଲା କଥା ସବୁ କହେଲେ ।

ତା'ର୍ ପରେ ରଜା ରାଏଜର୍ ସବୁ ଲୋକ୍‌କେ ଠୁଲାଲା ବଜା ଗଜା, ଗିତ ବାଦ୍ୟ କରି ରାନିକେ ଆନିଗଲା । ଆର୍ ରାନିର୍ ଆଘେ ସବୁ ଭୁଲ୍ ସ୍ୱିକାର୍ କଲା । ରାନି ବି ଫେର୍ ଥରେ ମହାରାନି ମାଏନ୍ତା ପାଇ ଗହକି ହେଲା ଆର୍ ନିଜର୍ ରାଜ୍ୟକେ ଫିରି ଆସ୍‌ଲା ।

ଗାଁ - ବାଗଯୋର ,ସଇଁନ୍ତଲା

ମୋ - 8018089335

 Magazine Downloaded from www.aahwaan.com

# ଧରସା ବାଟ

ସମିଆ ସାଂଗେ ଘର ଦୁଆର ବାଟ ଘାଟ ଚାଲିଚଲନ୍ ସବୁ ବଦଲସି, ହେଲେ ହେ ଧରସା ବାଟ ହେନ୍ତା ନ ଅଛେ । କାଏଲ ଜେନ୍ତା ଥିଲା ଆଏଜ୍ ବି ହେନ୍ତା  ଅଛେ । ଗାଁ କେ କଂକ୍ରିଟ ବାଟ ହେଲା, ଗାଁ ଖୁଇଲ ନୁ ବାହାରକେ ବାହାରଲେ ପିଚୁ ବାଟ ଆଏଁଖି ସଲଖେ ଜେନ୍ ଦି ଜିବ । ଇ ଧରସା ବାଟ କେ ଆରୁ କେ ପଚରେ । ସବୁ ପିଲା ଛୁଆ ଧଂଗରା ବୁଢ଼ାନୁ ତ ପିଚୁ ଚକଚକ ବାଟକେ ମନ । ଘର ଘର ଗାଡିଘୁଡା ହେଲା ଆରୁ ଧରସା  ଚାଲତି ବାଟକେ ମନ କରବେ କାଏଁ ? ସତ୍ କଥା ଜେ ହେଲେ ବି ହଦିରବା, ହେ ହପକୋ କଚଡୋ ବାଟେ ।

ଆଗର୍ ଲୋକମାନେ ହେ ବାଟକେ ବନାଇଥିଲେ । ଧାନ ଧୁନା, ଖେତକେ ଖତଖୁତା ବଲଦ୍ ଗାଡି ଥି କଢ଼ାବାର ଲାଗି । ଏଛେନର ଜୁଆନ ଧଂଗରା ମାନେ କେନ ଖତ ଢୁଡାକେ ଖତ ପିଟି ଜାଉଛନ କି ? ସତ କହେଲେ ତ ଘରେ ବଲଦ ନି ନ ଖତ ଆରୁ ଢୁଡା ଆସବା କେନ ଆଡୁ । ଖତ ବଦଲା ସାର ଆରୁ ବଲଦ ବଦଲା ଟାକଟର୍ ଆଏଲା । ହେଲେ  ଗାଁ ଥି ଆଏଜ ବି ହଲ ବଲଦ ସଗଡ ରଖିଛେ ମଧୁ । ତାର ସବୁବେଲେ ଜାନାଆନା ଇ ଧରସା ବାଟ ଆଏ ।



ପ୍ରସନ୍ନ ପ୍ରୟାସ ଭୁଏ

ହାଟ ବଜାର ଉସୋ କସା ଘିନି ଗଲେ ବି ଇ ବାଟକେ ସଲଖାସି । ଲୋକମାନେ କେତେ କହେସନ୍ ହେଟା ପୁହୁର ବାଟ ବଲି ହେଲେ ମଧୁ କେ ଆଗ ଜେନ୍ତା ଲାଗେ ଏଛେନ ବି ହେନ୍ତା ଲାଗସି  । ହେ ବାଟେ ଗଲେ ଜାମ ଗଛ ତଲେ ହାବଡେ ବସି କରି କେତେ କାଣା ଭାବୁଥିସି  ।ଆଁଖି ନୁ ଗରମ ଲୁହୁ ଦୁଇ ଥିପା ଥପ୍ ଥପ୍ ଥିପିଗଲେ , ପୁଛି ପୁଛା ହଇ ଫେର

 Magazine Downloaded from www.aahwaan.com

ଜେନକେ ଜିବାର କଥା ଜାଏସି । ଇଟା ତାର ସବୁଦିନିଆ କାମ ଆଏ ।

ତାର ଜୁଆନ୍ ବଏସେ ବଢେ ରସିଆ ଥିଲା ମଧୁ ।କଲା ଭଅଁର ହଇ ମାତି ପଡିଥାଏ ଇ ଫୁଲ ନୁ ସେ ଫୁଲ । ହେଲେ ଗୁଟେ ଫୁଲେ ପିରତି ଥି ବିଭୋର ହଇଥିଲା । ସେ ଫୁଲର ନାଁ ମାଲତି । ଚିକନି କାଲି ଥିଲେ ବି ଦେହର ଗଢନ ଟା ଗୁଟେ ଚାଉଲେ ଆଏ । ଜେ ଦେଖଲେ ଲହଁପି ଜିବେ ।

ଗରିବ ଘରର ନୁନି ଛୁଆ । ହାତ ଚଲାଲେ ମୁହୁଁ କେ ଗରସେ ।ମଧୁ ଘରର ବହୁତ ଧନ୍ । ତିନ୍ ହଲ ବଲଦ ଆରୁ ଗୁତି ଖଟୁଛନ୍ । ମଧୁ ବି ଜବର ଥିଲା । ଜେ ଦେଖଲେ ଲହଁପି ଆସବେ ଧନ ଆରୁ ମନ ଦେଖି । ହେ ଫାନ୍ଦେ ମାଲତି ବି ପଡି ଜାଇଥିଲା । ଧନ ଦେଖି କରି ନାଇଁ ମନ ଦେଖି କରି ।

ମାଲତି ବି ଫୁଲ ଲେଖେ ତାର ମନ ଟିକେ କପଟ ନାଇ ।

ଧିରେ ଧିରେ ତାକର ମିଲାନ ମିସାନ ଟା ଗୁରଦୁ ନୁ ଗୁରଦୁ ହଇ ବସଲା । ଧରସା ବାଟର ଜାମ ଗଛ ତଲେ ।

ସକାଲେ ବେଲା ନିକେ ଦିପହରେ , କାଏଁ ଜାଡ କାଏଁ ଖରା କାଏଁ ବରସା ।ଆଏଖଁ ନୁ ମନ୍, ମନ୍ ନୁ ଦେହେ, ଦେହେ ନୁ ଆତ୍ମା । ଦୁହେ ଦୁହିକର ଜୀବନ ହଇଜାଇଥିଲେ । ଦିନେ ଦେଖାଦୁଖି ନି ହେଲେ ବଖା ବାଉରି ହଇଜାଉଥିଲେ ।

ଦୁହିକର ଉପରେ ଗୁଟେ ବିସ୍ୱାସ ଟେ ପଲପଲାନୁ ବଢି ଜାଇଥିଲା । ହେଲେ ପେରେମ୍ ଦୁଇଟା ମନକେ ଜୁଡସି ।

ଆରୁ ବିହା ଟା ଦୁଇଟା ପରିବାର, ଦୁଇଟା ବଂସକେ ଜୁଡସି । ଇ କଥାଟା ଭୁଲି ଜାଇଥିଲେ କି ସମାଜରେ ଗୁଟେ ଜାତିର ବାଡା ଅଛେ ବଲି ।

ସମିଆ ତ ବଡ ଆଏ । ତାର ଠାନେ ସଭେ ହାର ମାନସନ୍ । ସମିଆ ଆସଲା ମଧୁକେ ବିହା କରବାର ହେଲେ ମଧୁ ବାହାନା କରି ସବୁ ମନା କଲା । ଦିନୁଦିନକେ ମଧୁର କଥା ଟା ତାର ବୁଆର କାନେ ପଡିଗଲା । ଘରେ ଗୁଟେ ମହାଭାରତ ହଇଗଲା । ଛୋଟ ଜାତିର ଟୁକେଲ ଫେର ଗରିବ୍ ଘରର ମୋର ଘରର ବହ ହେବା ,ହେଟା ମୋର ଜିଁ ଥାଉନ୍

 Magazine Downloaded from www.aahwaan.com

ଥାଉନ୍ କେବେ ନି ହଏ । ମଧୁ ବି ଠାନି ନେଲା ମାଲତି ଛଡା କାହାକେ ନି ହଏ ବିହା ।

ବରସଦୁ ବିତି ଗଲା । ମାଲତିର ବଏସ ବି ଖସରୁଛେ । ଆଏଜ୍ ମାଲତି ଡାକିଛେ ଧରସାର ଜାମ ଗଛ ନିକେ ଦିପହରିଆ ସମିଆ ଥି ।ଆଉ କେତେ ବରସ ମଧୁ ଏନ୍ତା ଲୁକି ଲୁକି ମିଳୁଥିମା । ଘରେ ମତେ ବିହା କରି ଦେବେ ଇ ଫଗୁନେ । ତମେ ବିହା ହେବ କି ନାଇଁ ? ମୋର ବୁଆ ଜିଁ ଥିବାର ତକ କେବେ ନି ହଏ । ମୁଇ ମନାଲି ବହୁତ ହେଲେ ସବୁ ଛୁଚା । ଗୁଟେ କଥା ମନେ ରଖିଥିବ ମାଲତି ମୁଇଁ ଖାଲି ତମକେ ମୋର ମନର ହୁରୁଦ ଥି ରଖିଛେ । ତମେ ଜଦି ଟାକି ନି ପାର ବିହା ହଇ ଜ । ମାଲତି ବଢେ ନିସାସ ଟେ ମାଏଲା ଆରୁ କହେଲା ଇଟା ତମର ଆଖରି ଫଏସଲା ।

ମଧୁ କାନ୍ଦ କାନ୍ଦ ଆଁଖି ହଁ କହିଥିଲା । ମାଲତି ଜୁଡେ କାଡ ମଧୁର ହାତେ ଦେଇ କାନ୍ଦି କାନ୍ଦି ପଲେଇ ଥିଲା । ଗୁଟେ ବିହା କାଡ ଥିଲା ଆରୁ ଗୁଟେ ଥି ଲେଖା ଥିଲା ତମେ ଜାଉ ପଲାମା କହିଥିଲେ ଇ ବାଟେ ପଲେଇଥିତି । ଜାମ ଗଛ ବି

ଆଏଜ ତୁନ୍ ପଡିଥିଲା ଚେରେ ଚିର୍ଗୁନ ବି ତାକର କରୋକଚୋ ବନ୍ଦ କରି ଦେଇଥିଲେ । ମଧୁର ମନଟା ଧରସା ବାଟ ଲେଖେ ଖାଲି ହଇଜାଇଥିଲା । ମାଲତି ଜୀବନର ନୁଆଁ ବାଟ ଧରି ସାରିଥିଲା ହେଲେ ମଧୁ ସ୍ମୃତିର ଧରସା ବାଟକେ ଆବରି ଜିଁ ଚାଲିଥିଲା । କେବେ କେବେ ମାଲତି ଆସଲେ ଗାଁକେ ମୁହୁଁ କେ ଫେରେଇ ନେସି ମଧୁ

ଅନମାନ୍ କରିଛେ ।

ପ୍ରଧାନପାଲି, ସମ୍ବଲପୁର
୮୭୮୯୧୪୨୮୩୨

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

# ଭାରତବର୍ଷ

ଦିନ ଥିଲା ମଣିଷ ଜଙ୍ଗଲରେ ବୁଲୁଥିଲା । ଆବଶ୍ୟକତା କିଛି ନଥିଲା । ଯାହା ମିଳୁଥିଲା ଖାଉଥିଲା । ସ୍ଥାୟୀ ଭାବରେ ବସବାସ କଲା । ଆବଶ୍ୟକତା ଆସ୍ତେ ଆସ୍ତେ ବଢ଼ିଲା । ତା' ସହିତ ନୀତିନିୟମ ମଧ୍ୟ ତିଆରି ହେଲା । ପ୍ରଥମେ ପ୍ରଥମେ ସୀମା ସରହଦ କିଛି ମାନୁ ନଥିଲେ । ଧରାଧାମରେ ଭଗବାନ୍ ୨୪ ଅବତାର ନେଇଥିଲେ । ସେଥିରୁ ୧୦ଟି ବଡ଼ ଅବତାର । ତୃତୀୟ ଅବତାର ହେଲା ବରାହ ଅବତାର । ବରାହ ଅବତାରରେ ଭଗବାନ୍ ବିଷ୍ଣୁ ପୃଥିବୀକୁ ରକ୍ଷା କରିଥିଲେ । ସମଗ୍ର ସଂସାର ଜଳମୟ ଥିଲା ପୃଥିବୀ ତା'ରି ଭିତରେ ଲୁଚିଗଲା । ଭଗବାନ୍ ବରାହ ରୂପରେ ଅବତାର ନେଇ ପାଟିରେ ପୃଥିବୀକୁ କାମୁଡ଼ି ଧରି ଜଳ ଉପରକୁ ଉଠି ଆସିଲେ ।  ଜୀବ ଜଗତ ସୃଷ୍ଟି ହେଲା । ରାଜା ପୃଥୁ ଏହାକୁ ଶାସନ କଲେ । ପୃଥୁରୁ ଏହାର ନାମ ହେଲା ପୃଥିବୀ । ପରେ ଭାରତ ବର୍ଷକୁ ଅଜନାଭବର୍ଷ କହିଲେ । ଆଉ ଜଣେ ପୃଥୁ  ଆସନ୍ତି ସେ ହେଉଛନ୍ତି  ରାଜା ପୃଥୁଦକ । ସେ କେଉଁ ସମୟରେ ଆସିଥିଲେ କହି ହେଉନାହିଁ ।



ଶ୍ରୀ ବୈକୁଣ୍ଠନାଥ ଖଟୁଆ

ଆଜକୁ ପାଂଚହଜାର ବର୍ଷ ପୂର୍ବେ ମହାଭାରତ ଯୁଦ୍ଧ ହୋଇଥିଲା, ଭାଗବତ, ବିଷ୍ଣୁପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣମାନ ରଚିତ ହୋଇଥିଲା । ମହାଭାରତ ଭୀଷ୍ମ ପର୍ବରେ ଉଲ୍ଲେଖ ଅଛି "ସର୍ବେ ସୁଦର୍ଶନୋ ଦ୍ୱୀପୋ

 Magazine Downloaded from www.aahwaan.com

ଦୃଶ୍ୟତେ ଶଶବତ୍ ଦ୍ୱିଧା ଯାଂତୁ ପୁ଼ୁ଼଼୍ଛସି ମାଂ ରାଜନ୍ ଦିବ୍ୟ ମେତାଂ । ଶଶାକୃତିଂ ପାଶ୍ୱେର୍ ଶଶସ୍ୟ ତେବ ବର୍ଷେ ଉକ୍ତେ ଯେ ଦକ୍ଷିଣୋତରେ କର୍ଣ୍ଣୌ ତୁ ନାଗ ଦ୍ୱୀପଶ୍ଚ କାଶ୍ୟପ ଦ୍ୱପ ଏବ ଚ । ଏହାର ଅର୍ଥ ହେଲା ଭାରତକୁ ସୁଦର୍ଶନ ଦ୍ୱୀପ କହୁଥିଲେ । ଏହା ଦୁଇ ଭାଗରେ ବିଭକ୍ତ ହୋଇଥିଲା (୧) ନାଗ ଦ୍ୱୀପ ଓ (୨) କାଶ୍ୟପ ଦ୍ୱୀପ । ଚନ୍ଦ୍ର ମଣ୍ଡଳରେ ଠେକୁଆର ଚିହ୍ନର ଦୁଇଟି କାନ ପରି ଏହି ଭୂଖଣ୍ଡରେ ଦୁଇଟି ଦୁଇଟି ଦ୍ୱୀପ ଥିଲା ସେଗୁଡ଼ିକ ହେଲା ଭାରତ ଓ ଐରାବତ । ମହାଭାରତ ସମୟରେ ଏହାର ନାମ ସୁଦର୍ଶନ ଦ୍ୱୀପ ବୋଲି ପ୍ରମାଣ ମିଳୁଛି ।

ସେତେବେଳେ ଦେଶର ସୀମା ନଦୀ ପାହାଡ଼ ପର୍ବତ ସମୁଦ୍ରକୁ ନେଇ ଧରାଯାଉଥିଲା । ମହାଦେଶଗୁଡ଼ିକର ସୀମା ସମୁଦ୍ରକୁ ନେଇ ଧରାଯାଉଥିଲା । ବରାହ ମିହିରଙ୍କ ଜୋତିଷ ଶାସ୍ତ୍ର ଅନୁସାରେ ସମୁଦ୍ରକୁ ସାତ ଭାଗରେ ବିଭକ୍ତ କରିଥିଲେ ଏହା ମହାଭାରତରୁ ଆସିଛି । ଦ୍ରୌପଦୀ ଯୁଧିଷ୍ଠିରଙ୍କୁ କହୁଛନ୍ତି – ହେ ପୁରଷ ଶ୍ରେଷ୍ଠ ! ତୁମେ ତ ଅନେକ ଦେଶ ଜୟ କଲ, ସେଗୁଡ଼ିକ କ'ଣ କ'ଣ ?

ଜମ୍ବୁଦୀପୋ ମହାରାଜ, ନାନ ଜାପଦୈଃ ଯୁତଃ
ଦ୍ୱୟା ପୁରୁଷ ଶାର୍ଦ୍ଦୂଳ ଦଣ୍ଡେନ ମୁଦିତଃ ପ୍ରଭୋ
ଅଙ୍ଗ ଦ୍ୱୀପଂ ଯବଦ୍ୱୀପଂ ମଳୟ ଦ୍ୱୀପ ମେବେଚ
ଶଙ୍ଖଦ୍ୱୀପଂ କୁଶଦ୍ୱୀପଂ ବରାହ ଦ୍ୱୀପ ମେବଚେ

ଯୁଧିଷ୍ଠିର ଦ୍ରୌପଦୀଙ୍କୁ ଜମ୍ବୁଦୀପ , କ୍ରୌଂଚ ଦ୍ୱୀପ ଓ ଶାକ ଦ୍ୱୀପ କଥା କହୁଛନ୍ତି । ସେତେବେଳେ ଏ ଦେଶର ନା ଜମ୍ବୁଦ୍ୱୀପ କହୁଥିଲେ । ଆଜି ମଧ୍ୟ ବ୍ରାହ୍ମଣ ପୂଜାପାଠରେ ମନ୍ତ୍ର ଉଚାରଣ କଲାବେଳେ ଜମ୍ବୁଦ୍ୱୀପେ ଭ୍ରଥଖଣ୍ଡେ ବୋଲି କହୁଛନ୍ତି । ତେଣୁ ଆଗରୁ

 Magazine Downloaded from www.aahwaan.com

ଜମ୍ବୁଦ୍ୱୀପ ପରେ ଭାରତ ବର୍ଷ । ପୁରାଣ ଯୁଗରେ ଏହାକୁ ଭାନୁମତୀର ଦେଶ କହୁଥିଲେ । ଏହି ଭାନୁମତୀ କିଏ ? ବୋଧହୁଏ ଦୁଃର୍ଯ୍ୟୋଧନର ସ୍ତ୍ରୀ ଭାନୁମତୀ ତାଙ୍କରି ନାମରେ ଦେଶର ନାମ ଭାନୁମତୀ ବୋଲି କୁହାଯାଉଥିଲା ।

ଯଥା ଲବଣ ସାଗର, ସୁରା ସାଗର, ଆଉ ମଧ୍ୟ ସମଗ୍ର ପୃଥିବୀକୁ ୭ଭାଗରେ ବିଭକ୍ତ କରିଥିଲେ ଯଥା ୧. ଜମ୍ବୁ ଦ୍ୱୀପ -ଭାରତ ( ଜାମୁ ଗଛ ଦଖାଯାଏ ) ୨. ପ୍ଲକ୍ଷ ଦ୍ୱୀପ (ପଳାଶ ବା ଅଶ୍ୱସ୍ତ ଗଛ)- ଗ୍ରୀସ୍, ୩. ଶାଲ୍ମଳୀ ଦ୍ୱୀପ - ଆଫ୍ରିକା ( ଶିମୁଳି ଗଛ ଦେଖାଯାଏ ), ୪.କୁଶ ଦ୍ୱୀପ -ଇରାନ୍ ( କୁଶ ଦେଖାଯାଏ ), ୫. କୌଂଚ ଦ୍ୱୀପ -କାଜଗାସ୍ତାନ ( କାଂଟି ବଗ ଦେଖାଯାଆନ୍ତି ), ୬. ଶାକ ଦ୍ୱୀପ -ଇଣ୍ଡୋନେସିଆ ( ଶାଗ ଗଛ ଦେଖାଯାଏ ), ୭. ପୁଷ୍କର ଦ୍ୱୀପ ( ଜାପାନ) । ଯେଉଁ ଜାଗାରେ ଯାହା ଦେଖାଯାଉଥିଲା ତାହା ଅନୁସାରେ ସେହି ଜାଗାର ନାମକରଣ କରାଯାଇଥିଲା । ଏମିତି ତ ବହୁତ ଜାଗା ଅଛି ଯେଉଁଠାରେ ଯାହା ମିଳୁଛି ସେହି ଅନୁସାରେ ତା'ର ନାମ ହୋଇଛି । ପରିବେଶ ଅନୁସାରେ ଗଛ ବୃକ୍ଷ ଲତା ପଶୁ ପକ୍ଷୀ ଇତ୍ୟାଦି ରୂପ ନିଅନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ଗୋଟିଏ ପ୍ରକାରର ଜୀବଜନ୍ତୁ ପଶୁପକ୍ଷୀ ଜନ୍ମ ନିଅନ୍ତି । ଅନ୍ୟ ପରିବେଶରେ ଅନ୍ୟପ୍ରକାରର ହୁଅନ୍ତି । ପ୍ରକୃତି ଗୋଟିଏ ସୀମା ଭିତରେ କାମ କରେ । ସୀମାରେଖାରୁ ବାହାରିଗଲେ ଅନ୍ୟ ଗୋଟିଏ ପ୍ରଜାତିର ହୁଏ । ଏଇତ ପ୍ରେଭେଦ କୁକୁର ଓ ସିଂହ ବିଲେଇ ଓ ବାଘ । ଏଇ ହେଲା ଡାରୋଇନ୍‌ଙ୍କ ଥିଓରି - ଓରିଜିନ୍ ଅଫ ସ୍ପେସିଜ "ଲ' ଅଫ୍ ଭାରିଏସନ୍, ନେଚୁରାଲ୍ ସିଲେକ୍ସନ ଓ ଇନିହେରିଟାନ୍‌ସ ଆଣ୍ଡ ଡାଇଭରସିଟି" । ଏଇ ହେଲା ବିଭେଦତା ।

ମନୁ ସଂହିତାରେ ଲେଖା ଅଛି –

ଆସମୁଦ୍ରାତ୍ତ୍ୱବେହପୂର୍ବାତ୍ ଆସମୁଦ୍ରତ୍ତୁ ପଶ୍ଚିମାତ୍

 Magazine Downloaded from www.aahwaan.com

ତୟୋଃରେବାନ୍ତରଂ ଗିର୍ଯ୍ୟୋରାର୍ଯ୍ୟବର୍ତଂ ବିଦୁର୍ବୁଧାଃ ।

ଆର୍ଯ୍ୟମାନଙ୍କ ସମୟରେ ଏହାକୁ ଆର୍ଯ୍ୟାବର୍ତ୍ତ ଓ ବ୍ରହ୍ମାବର୍ତ୍ତ କହୁଥିଲେ ।

ଭାଗବତ ପୁରାଣ ଅନୁସାରେ ଧ୍ରୁବ ତାଙ୍କ ପୁଅ ଚାକ୍ଷୁଷମନୁ ତାଙ୍କ ପୁଅ ବେଣ ତାଙ୍କ ପୁଅ ପୃଥୁଙ୍କର ଝିଅକୁ କାଶ୍ୟପ ଋଷି ବାହାହେଲେ । ତାଙ୍କ ପୁଅ ବିବସ୍ୱନ ପୁଅ ବୈବସ୍ୱତ - ୭ମ ମନୁ, ତାଙ୍କ ପୁଅ ସର୍ବାଣୀ ୮ମ ମନୁ । ତାପରେ ମହାପ୍ରଳୟ ପ୍ରଜାପତି ବ୍ରହ୍ମା ଦକ୍ଷପ୍ରଜାପତି ଗୋଟିଏ ଦେଶ ବା ରାଜ୍ୟର ସ୍ଥିତି ନିର୍ଦ୍ଧାରଣ କରିବା ବଡ଼ କଷ୍ଟକର କଥା ଥିଲା କେତେବେଳେ ରାଜ୍ୟ ସଂକୁଚିତ ହୋଇଯାଏ ତ କେତେବେଳେ ସୀମା ବଢ଼ିବଢ଼ି ତାର ଚରମ ସୀମାରେ ପହଂଚିଯାଏ । ଏହା ରାଜ୍ୟର ରାଜାଙ୍କ ଶାସନ ଉପରେ ନିର୍ଭର କରେ । ଦେଶର ଅଭିବୃଦ୍ଧି ଉପରେ ନିର୍ଭର କରେ । ସେମିତି କଳିଙ୍ଗର ସୀମା କେତେବେଳେ ଗଙ୍ଗାଠାରୁ ଗୋଦାବଦୀ ନଦୀ ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିଲା । କେତେବେଳେ ସଂକୁଚିତ ହୋଇ ବର୍ତମାନର ଆନ୍ଧ୍ର ଓଡ଼ିଶା ସୀମାରେ ସୀମିତ ଥିଲା ।

ପୁରାଣ ଯୁଗକୁ ଯଦି ଆମେ ଲକ୍ଷ୍ୟ କରିବା ଭାରତକୁ ଭାରତବର୍ଷ କହୁଥିଲେ । ଏଥିରେ ଅନେକ ଭାରତ ଥିଲା । ରାଜା ଭରତ ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ପୁଅ ନାମ ଅନୁସାରେ ଏ ଦେଶର ନାମ ଭାରତ । ବିଦେହରୁ ବୈଦେହୀ, ଭରତରୁ ଭାରତ । ରାଜା ଭରତ ଅନେକ ରାଜ୍ୟ ଜୟ କରିଥିଲେ । ସେ ସବୁ ରାଜ୍ୟର ନାମ ଭାରତ ରଖିଥିଲେ । ତେଣୁ ଏହାକୁ ଭାରତବର୍ଷ କହୁଥିଲେ । ଭାଗବତ ପୁରାଣ ଅନୁସାରେ ଋଷଭଙ୍କ ପୁଅ ଧ୍ରୁବ ତାଙ୍କ ପୁଅ ପ୍ରହ୍ଲାଦ ପୁଅ ପ୍ରିୟବ୍ରତ ତାଙ୍କ ପୁଅ ଭରତଙ୍କ ନାମ ଅନୁସାରେ ଏ ଦେଶର ନାମ ଭାରତ । ଯେମିତି ସୋଭିଏତରୁ ସୋଭିଏତ୍ "ଇଉନିୟନ" ଏହି ଇଉନିୟନ "ବର୍ଷ" ସହିତ ସମାନ । ଯେମିତି ଆମେରିକାରେ ଇଉନାଇଟେଡ଼ ଲାଗଛି । ସେମିତି ଆମର ଭାରତରେ "ବର୍ଷ" ପ୍ରାନ୍ତ

 Magazine Downloaded from www.aahwaan.com

ଯୋଜକ ଭାବେ "ବର୍ଷ" ଲାଗିଛି "ସମୂହ" ଅର୍ଥରେ ।

ଅନେକ ବର୍ଷ ପରେ ମହାରାଜା ଦୁଷ୍ୟନ୍ତ ଓ ଶକୁନ୍ତଳାଙ୍କ ପୁତ୍ର ସର୍ବଦମନ ସୁଶାସନ କରିଥିବାରୁ ମରୀଚିଙ୍କଦ୍ୱାରା ଭରତ ନାମରେ ନାମିତ ହୋଇ ଭାରତ ନାମରେ ଖ୍ୟାତ ହେଲା । କାହା କାହା ମତରେ ରାଜା ଯଯାତିଙ୍କର ଦୁଇଟି ସ୍ତ୍ରୀ ଥିଲେ । ଜଣେ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା ଦେବଯାନୀ ଓ ବୃଷପର୍ବାଙ୍କର ଝିଅ ଶର୍ମିଷ୍ଠାଙ୍କର ବିବାଦରେ ଦେବଯାନୀଙ୍କ ଗର୍ଭରୁ ଅନୁ ଦ୍ରୁହୁ କଦ୍ରୁ ଓ ଶର୍ମିଷ୍ଠାଙ୍କ ଗର୍ଭରୁ ପୁରୁ ଓ ଯଦୁ ଜନ୍ମ ହେଲେ । ପୁରୁରୁ ପୌରବ ବଂଶ ଓ ଯଦୁର ଯାଦବ ବଂଶ । ଏହି ପୌରବ ବଂଶରେ ଭରତ ଜନ୍ମ ହେଲେ ଯଦୁ ବଂଶରେ ଶ୍ରୀକୃଷ୍ଣ ଜନ୍ମ ହେଲେ । ଭରତ ନାମରେ ଏ ଦେଶର ନାମ ଭାରତ ହେଲା । ଭାଗବତରେ ଲେଖା ଅଛି ରାଜର୍ଷି ଋଷଭଙ୍କ ପୁଅ ଭରତ ସୁଶାସନ କଲେ ଓ ଅନେକ ରାଜ୍ୟ ଜୟ କଲେ ଅନେକ ଦେଶ ଜୟ କରିବାରୁ ଏହାକୁ ଭାରତ ନାମ ଦେଲେ । ତେଣୁ ଏହାର ନାମ ଭାରତ ବର୍ଷ ହେଲା । ଅଉ ମଧ୍ୟ କୁହାଯାଇଛି ଭାରତ ଦେଖିବାକୁ ଠିକ୍ ଗୋଟିଏ ଧନୁ ଭଳି । ଧନୁର ଦୁଇଟି କୋଟି ଉତର ଭାରତ ଦକ୍ଷିଣ ଭାରତ । ଉତର ଭାରତକୁ ଭାରତ ଓ ଦକ୍ଷିଣ ଭାରତକୁ ଐରାବତ କହନ୍ତି । ଏହା ଭରତ : ଐରାବତ ପୁଣି ଉତ୍ତରକୁ ହିମବତ । ଏହା ମଧ୍ୟରେ ଶ୍ୱେତ, ହିରଣ୍ୟକ, ଇଳାବୃତ, ହରିବର୍ଷ ଏବଂ ହୈମବତ ନମକ ଖଣ୍ଡ (ବର୍ଷ) ଅଛି । ଏମାନଙ୍କ ସମଷ୍ଟିକୁ ଭାରତ ବର୍ଷ କହନ୍ତି । ଭାଗବତ ପୁରାଣ ହେଉଛି ବ୍ୟାସଙ୍କର ଆଉ ମହାଭାରତ ହେଉଛି ବ୍ୟାସଙ୍କର । ଉଭୟ ପୁରାଣରେ ଦୁଇଟି ମତ ରହୁଛି । ଗୋଟିଏ ମତ ହେଲା ଯଯାତିଙ୍କ ବଂଶଧର ଆଉ ଗୋଟିଏ ମତ ହେଲା – ଋଷଭଙ୍କ ବଂଶଧର । ଜଣେ ଲେଖକଙ୍କର ଭିନ୍ନ ମତଭେଦ । ଭାରତ ପାଇଁ ଦୁଇଟି ମତ ରହୁଛି । ଆଉ ସୃଷ୍ଟିର ଆରମ୍ଭରୁ ଅଜନାଭ ବର୍ଷ । କିନ୍ତୁ ଆମର କୌଣସି କିଛି ବର୍ତମାନ ସେ ବିଷୟରେ ତର

 Magazine Downloaded from www.aahwaan.com

ଇଏ ତ ଗଲା ପୁରାଣ କଥା । ବର୍ତମାନ ଆଲୋଚନା କରାଯାଉ ଭାରତରୁ କିପରି ଇଣ୍ଡିଆ ହେଲା । ଭରାତକୁ କେତେ ବୈଦେଶିକ ଆସିଛନ୍ତି ତା'ର ହିସାବ ନାହିଁ । କିନ୍ତୁ ସେମାନେ ଏହାର ନାମ ପରିବର୍ତନ କରିପାରି ନାହାଁନ୍ତି । କିମ୍ବା କରିଥାଇପାରିନ୍ତି କିଛି ଲିଖିତ ଇତିହାସ ନାହିଁ । ବୁଦ୍ଧଦେବଙ୍କ ପରେ ଭାରତକୁ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ଆସିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ବିଜିତ ରାଜ୍ୟ ଖଣ୍ଡ ଖଣ୍ଡ ହୋଇଗଲା । ତାଙ୍କର ସେନାପତିମାନେ ରାଜ୍ୟକୁ ବାଂଟି ନେଲେ । ସେଲ୍ୟୁକସ୍ ଭାଗରେ ଭାରତ ପଡ଼ିଲା । ସେଲୁକସ୍‌ଙ୍କ ଝିଅକୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ବିବାହ କରିଥିଲେ । ସେଲୁକସ୍ ଚନ୍ଦ୍ରଗୁପ୍ତଙ୍କ ରାଜଦରବାରକୁ ମେଘାସ୍ଥନିସ୍‌ଙ୍କୁ ରଜଦୂତ ଭାବରେ ପଠାଇଥିଲେ । ସେ ଭାରତ ବିଷୟରେ ତଥ୍ୟ ସମ୍ବଳିତ ଏକ ଗ୍ରନ୍ଥ ରଚନା କରିଥିଲେ । ଏହାର ନାମ ଇଣ୍ଡିକା । ଏହି ଭ୍ରମଣ ବୃତାନ୍ତ ସେ ତାଙ୍କ ସହିତ ଗ୍ରୀକ୍ ନେଇଯାଇଥିଲେ ।

ପରେ ଗ୍ରୀକ୍ ସାମ୍ରାଜ୍ୟ ଲୋପ ପାଇଗଲା । ଖ୍ରୀଷ୍ଟିୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ରୋମ ସାମ୍ରାଜ୍ୟ ଗଢ଼ି ଉଠିଲା । ରୋମ ସାମ୍ରାଜ୍ୟ ଦୁଇଭାଗରେ ବିଭକ୍ତ ହେଲା । ପୂର୍ବରେ କଂଟେଷ୍ଟନେପୁଲ ପଶ୍ଚିମରେ ରୋମ । ରୋମ ଆସ୍ତେ ଆସ୍ତେ ଦୁର୍ବଳ ହୋଇଗଲା । କଂଟେଷ୍ଟାଇନ୍‌ଙ୍କ ସମୟରେ କଂଟେଷ୍ଟନେପୁଲ ସହର ଗଢ଼ିଉଠିଲା । ରୋମର ପ୍ରାଧାନ୍ୟ କମିଗଲା । କଂଟେଷ୍ଟନେପୁଲକୁ କହିଲେ ବାଜଂଟାଇନ୍ ସାମ୍ରାଜ୍ୟ । ଏହି ସାମ୍ରାଜ୍ୟ ବହୁତ ବର୍ଷ ଯାଏ ତିଷ୍ଠି ରହିଲା । ୧୪୫୩ ଖ୍ରୀ.ରେ ଏହାର ପତନ ଘଟିଲା । ୬୧୫ରେ ମହମ୍ମଦଙ୍କ ଜନ୍ମ । ଏହିଠାରୁ ପାରସ୍ୟର ରାଜାମାନେ ଦେଶ ଜୟ କରିବାକୁ ଲାଗିଲେ । କଂଟେଷ୍ଟନେପୁଲକୁ ପାରସ୍ୟର ରାଜା ନେଇଗଲେ । ୧୨୪୬କୁ ବାଜେଂଟାଇନ୍ ସାମ୍ରାଜ୍ୟ ଧ୍ୱଂସ ପାଇ ଅଟୋମାନ ସାମ୍ରାଜ୍ୟ ଗଢ଼ି ଉଠିଲା । ଏହାରି ଭିତରେ ପାରସ୍ୟ ରାଜା ଭାରତ

 Magazine Downloaded from www.aahwaan.com

ଉପରେ ଆକ୍ରମଣ ଚଳାଇଲେ । ଭାରତ ମୁସଲମାନ ଅଧିକୃତ ହେଲା । କିନ୍ତୁ ପାଶ୍ଚାତବାସୀ ଭାରତକୁ ଇଣ୍ଡିକ କହୁଥାନ୍ତି । ମୁସଲମାନ ଭାରତକୁ ଆସି ଏହାକୁ ସିନ୍ଧୁକୁ ହିନ୍ଦୁ ଇଣ୍ଡୁ କହୁଥିଲେ । ସେହି ସିନ୍ଧୁରୁ ଏହାକୁ ହିନ୍ଦୁ କହିଲେ ।

କଲମ୍ବସ୍ ମେଘାସ୍ଥାନିସ୍‌ଙ୍କ ବିବରଣୀରୁ ଜାଣିଥିଲେ ପୂର୍ବରେ ଇଣ୍ଡିକ୍ ବୋଲି ଗୋଟିଏ ଦେଶ ଅଛି । ତାକୁ ଆବିଷ୍କାର କରିବାକୁ ପଡ଼ିବ । କଲମ୍ବସ୍ ଭାରତ ଆବିଷ୍କାରରେ ଆସି ଆଂଟାର୍କଟିକା ମହାସାଗରର ଦ୍ୱୀପରେ ପହଂଚିଲେ । ଭାରତରେ ପହଂଚି ପାରିଲେନି । ପରେ ଭାରତରେ ପହଂଚିଲେ । ସେମାନେ ଏହାକୁ ଇଣ୍ଡିଜ କହୁଥିଲେ । କଲମ୍ବସ୍‌ଙ୍କ ପରେ ଭାସ୍କୋଡ଼ାଗାମା ୧୪୯୮ରେ ଭାରତ ଆସିଲେ । ସେ ଭାରତକୁ ଜଳପଥ ଆବିଷ୍କାର କଲେ । ପରେ ଇଂରେଜ ଫ୍ରେନ୍‌ଚ ଓ ଡଚ୍ ଦିନାମାରମାନେ ଜଳପଥରେ ବାଣିଜ୍ୟ କରିବାକୁ ଭାରତକୁ ଆସିଲେ । ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଲା । ବେପାରରେ ଭଲ ଲାଭ ହେଲା । ଏହି ପ୍ରତିଦ୍ୱନ୍ଦ୍ୱିତାରେ ଇଂରେଜମାନେ ଜିତିଗଲେ । ଖଣ୍ଡିଏ ଖଣ୍ଡିଏ ରାଜ୍ୟ ଜୟ କରି ସାରା ଭାରତକୁ କରାୟତ କଲେ । ମେଘାସ୍ଥନିସ୍‌ଙ୍କ ଇଣ୍ଡିକାରୁ ଏହା ଇଣ୍ଡିଆ ହେଲା । ବର୍ତ୍ତମାନସୁଦ୍ଧା ସେହି ଇଣ୍ଡିଆ ହୋଇ ରହିଛି । ଏହା କ'ଣ ବଦଳାଇବା ଦରକାର ନାହିଁ । ଏହା ଆପଣମାନେ କହିବେ ! ଏହା ସମସ୍ତଙ୍କର ଦାୟିତ୍ୱ !

ଏଲ୍-୨୪୨/ଫେଜ-୧,ଡୁମୁଡୁମା ହା.ବୋ. ଭୁବନେଶ୍ୱର-୧୯

(ମୋ-୯୭୭୭୧ ୪୩୪୮୫)

 Magazine Downloaded from www.aahwaan.com

# ସୁରକ୍ଷା ବିଚାର

ସୁରକ୍ଷା ଏକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଚେତନା । ଏହା ଏକ ଜନ୍ମଗତ ଚେତନା ମଧ୍ୟ । ଜନ୍ମ ହେବା ସଂଗେ ସଂଗେ ମାନବ ଶିଶୁ କ୍ରନ୍ଦନ କରିଥାଏ, କାରଣ ସୁରକ୍ଷିତ ମାତୃଗର୍ଭ ଛାଡି ସଂସାରକୁ ଆସିବା ମାତ୍ରେ ପ୍ରଥମଥରକ ପାଇଁ ସେ ନିଜକୁ ଅସୁରକ୍ଷିତ ମନେ କରେ, ଆଉ ତାର ପରିଣାମ ହୁଏ କ୍ରନ୍ଦନ । ଧୀରେ ଧୀରେ ବୟସ ବଢ଼ିବା ସଂଗେ ସଂଗେ ଏହି ସ୍ୱତଃ ପ୍ରବୃତ୍ତ ସୁରକ୍ଷା ପଦ୍ଧତି ଆହୁରି ଶକ୍ତିଶାଳୀ ହୁଏ । ବିଭିନ୍ନ ଜ୍ଞାନ ଆହରଣ କରି ନିଜର ଅଭିଜ୍ଞତାରୁ ସୁରକ୍ଷିତ ହୋଇ ରହିବାର ନୂତନ କୌଶଳ ଦିନକୁ ଦିନ ବଢ଼ି ଚାଲେ ।

ଯଦିଓ ସୁରକ୍ଷା ଏକ ବ୍ୟକ୍ତିଗତ ଚେତନା, କିନ୍ତୁ ବେଳେ ବେଳେ ଏହାକୁ ମନେ ପକାଇ ଦେବାକୁ ପଡିଥାଏ । ଆଜିର ଯାନ୍ତ୍ରିକ ଶ୍ରମିକ ବିଭିନ୍ନ ପ୍ରକାରର ଉନ୍ନତ ଏବଂ ପରିମାର୍ଜିତ ଯନ୍ତ୍ରରେ କାର୍ଯ୍ୟ କରେ ଏବଂ ଅନେକ ବିପଦକୁ ସେ ଇଛା କରି ଏଡାଇ ଯାଏ । ଏହି ପ୍ରକ୍ରିୟାରେ ବେଳେ ବେଳେ ସେ ଦୁର୍ଘଟଣାର ଶିକାର ହୁଏ । ସେତେବେଳେ ତାର ସୁରକ୍ଷା କଥା ମନେ ପଡେ । ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ ସୁରକ୍ଷିତ ହୋଇ କାର୍ଯ୍ୟ କରିବା ପାଇଁ ପୂର୍ବରୁ ଚେତାଇ ଦେବାକୁ ପଡିଥାଏ ।



ଶ୍ରୀ ରମା କାନ୍ତ ମିଶ୍ର

ମନରେ ସ୍ୱତଃ ପ୍ରଶ୍ନ ଉଠେ ଯଦି ସୁରକ୍ଷା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଚେତନା

 Magazine Downloaded from www.aahwaan.com

ଏବଂ ଏହା ସ୍ୱତଃ ପ୍ରବୃତ୍ତ ଭାବରେ ମିଳିଥାଏ, ତେବେ କଳକାରଖାନାରେ କାମ କରୁଥିବା ଶ୍ରମୀକଠାରୁ ଆରମ୍ଭ କରି ଘରର ଗୃହିଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ କାହିଁକି ବାରମ୍ବାର ଏହି କଥାଟିକୁ ମନେ ପକାଇ ଦେବାକୁ ପଡିଥାଏ ? ଏହାର ମୁଖ୍ୟ କାରଣ ହେଲା, ଅନେକେ ଭାବନ୍ତି ଯେ ଏତେଥରତ ଏମିତି କଲି କେବେ କିଛି ହୋଇ ନାହିଁ ଆଉ ଏଥରକଞ୍ଚି କିଛି ହେବ ନାହିଁ । ଆହୁରି ଅନେକେ ଭାବନ୍ତି ଯେତେଦିନ ପର୍ଯ୍ୟନ୍ତ ମୋର କପାଳରେ କିଛି ହେବାର ନାହିଁ ସେତେଦିନ ପର୍ଯ୍ୟନ୍ତ କିଛି ଅଘଟଣ ଘଟି ନ ପାରେ ।  ଏହା ଛଡା ଆହୁରି ଅନେକ କାରଣ ଥାଇ ପାରେ ।

ମନେ ରଖିବାକୁ ହେବ, କାରଣ ଯାହା ହେଉନା କାହିଁକି, ମଣିଷର ଖାମଖିଆଲୀ ଗୁଣ ଉପରେ ଲଗାମ ଲଗାଇବା ପାଇଁ ସୁରକ୍ଷା ସମ୍ବନ୍ଧରେ ପଦେ ଅଧେ ସବୁବେଳେ ଚେତାଇ ଦେବା ଉଚିତ । ଏଥି ପାଇଁ କାରଖାନା ମାନଙ୍କରେ ସ୍ଥାନେ ସ୍ଥାନେ ଲେଖା ହୋଇଥିବାର ଦେଖିବାକୁ ମିଳେ : "ସୁରକ୍ଷା କଥା ସବୁଦିନ । ନାହିଁ ତାହାର ଛୁଟି ଦିନ । । "

ଅନେକ ସମୟରେ ମଣିଷ ବିପଦ ଗ୍ରସ୍ତ ଥାଇ ମଧ୍ୟ ବିପଦ ପ୍ରତି ସମ୍ପୂର୍ଣ୍ଣ ଅନଭିଜ୍ଞ ରହିଥାଏ । ଏ ପ୍ରକାର ପରିସ୍ଥିତି ପାଇଁ ସେ ନିଜେ ଯେତିକି ଦାୟୀ, ବିପଦ ସୃଷ୍ଟି କରୁଥିବା ଉପକରଣ ଏବଂ ତଦୁପରି ଉପରିସ୍ଥ କର୍ମକର୍ତ୍ତା ଯେଉଁମାନେ ଜାଣି-ଶୁଣି ଲୋକଙ୍କୁ ବିପଦ ପ୍ରତି ସଚେତନ ନ କରାନ୍ତି, ସେମାନେ ମଧ୍ୟ ସେତିକି ଦାୟୀ । ଉଦାହରଣ ସ୍ୱରୂପ ଯଦି ଇଉନିୟନ କାର୍ବାଇଡର ଭୋପାଳ କାରଖାନା ପାଖରେ ରହୁଥିବା ଲୋକ ମାନେ  ପୂର୍ବରୁ ଜାଣିଥାନ୍ତେ ଯେ ଏଠାରେ ଏପରି ଏକ ବିଷାକ୍ତ ଗ୍ୟାସ (ମିଥାଇଲ ଆଇସୋସାଇନେଟ) ଅଛି, ତେବେ ସେମାନେ ମୂଳରୁ ସାବଧାନ ରହି ଥାନ୍ତେ ।

ଏଠାରେ ଗୋଟିଏ କଥା କହି ରଖିବାକୁ ଉଚିତ ମନେ କରୁଛି ଯେ, ଆମେ ସବୁବେଳେ

 Magazine Downloaded from www.aahwaan.com

ସୁରକ୍ଷା କଥାଟିକୁ ଦୁର୍ଘଟଣାର ପର୍ଯ୍ୟାୟବାଚୀ ଭାବରେ ଗ୍ରହଣ କରିଥାଉ । ଆଉ ସୁରକ୍ଷା କହିବା ମାତ୍ରେ କଳକାରଖାନାରେ କାମ କରୁଥିବା ଶ୍ରମିକ ମାନଙ୍କ କଥା ମନେ ପକାଇ ଥାଉ । ଏ ଦୁଇଟି ଚିନ୍ତାଧାରା ଭ୍ରାମକ । ଯଦିଓ ଏ କଥା ଠିକ ଯେ କଳକାରଖାନାରେ ବିଭିନ୍ନ ଯନ୍ତ୍ରର ବ୍ୟବହାର ଯୋଗୁଁ ବିପଦର ପରିମାଣ ବେଶିଥାଏ ଆଉ ଏ ସବୁ ସ୍ଥାନରେ ସୁରକ୍ଷା ପ୍ରତି ବେଶି ଯୋର ଦିଆ ଯାଇଥାଏ ।  କିନ୍ତୁ ଅଧୁନା କେବଳ କଳକାରଖାନା କାହିଁକି, ଘରେ, ବାହାରେ ଚତୁର୍ଦିଗରେ ବିପଦ ବଢ଼ିବାରେ ଲାଗିଛି । ପ୍ରତ୍ୟେକଟି ଘରେ ଆଜିକାଲି ବିଜୁଳି ଚାଳିତ ବିଭିନ୍ନ ପ୍ରକାରର ଉପକରଣ ମାନ ରହିଅଛି; ଯେଉଁ ଗୁଡିକୁ ଯଦି ଠିକ ଭାବରେ ବ୍ୟବହାର ନ କରା ଯାଏ ତେବେ ଯେ କୌଣସି ମୁହୂର୍ତ୍ତରେ ବିପଦ ବରଣ କରିବାକୁ ପଡି ଥାଏ ।  ପ୍ରତ୍ୟେକ ଘରେ ଆଜିକାଲି ଗୃହିଣୀ ମାନେ ଗ୍ୟାସ ଜାଳନ୍ତି, ମିକ୍‍ସି ଚଳାନ୍ତି, ଇଲେକ୍‍ଟ୍ରିକ ଇସ୍ତ୍ରୀ ଚଳାନ୍ତି ତା ଛଡା ଫ୍ରିଜ ଓ ଟି.ଭି ଆଦିତ ରହିଛି । ଏ ଗୁଡିକର ବ୍ୟବହାରରେ ତିଳେମାତ୍ର ଅସାବଧାନ ହେଲେ, ବିପଦକୁ ଡାକି ଆଣିବା କଥା ହୋଇଥାଏ । ଘରୁ ବାହାରି ରାସ୍ତାରେ ଯିବା ମାତ୍ରେ ବିପଦ ଆହୁରି ଅଧିକ । ଆମ ମାନଙ୍କ ରାସ୍ତାରେ ଏବେ ପୂର୍ବାପେକ୍ଷା ସହସ୍ର ଗୁଣ ଅଧିକ ଗତିଶୀଳ ସ୍କୁଟର, ମୋଟର ସାଇକଲ,ଆଉ କାର୍‍ ମାନ ଚାଲୁଛି, କିନ୍ତୁ ରାସ୍ତା ଗୁଡିକର ବିଶେଷ ଉନ୍ନତି ହୋଇ ନାହିଁ; ଫଳରେ ଟିକିଏ ଅସାବଧାନ ହେଲେ ବା କାହାରି ଟିକିଏ ଅସାବଧାନତା ଫଳରେ ଦୁର୍ଘଟଣା ଘଟି ଥାଏ ।

ଏଣୁକରି କଳାକାରଖାନାରେ ଦୁର୍ଘଟଣା ଘଟେ ବୋଲି କେବଳ ସେହିଠାରେ ସୁରକ୍ଷା କଥା ଚିନ୍ତା କରିବାର ଯୁଗ ଏବେ ଆଉ ନାହିଁ । ବରଂ ଆମ୍ଭମାନଙ୍କୁ ଏବେ ପ୍ରତି କ୍ଷେତ୍ରରେ ସୁରକ୍ଷା ଚେତନା ସୃଷ୍ଟି କରିବାକୁ ହେବ । ଅର୍ଥାତ ଜୀବନର ପ୍ରତି କ୍ଷେତ୍ରରେ ଆମକୁ ବର୍ତ୍ତମାନ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାକୁ ହେବ । ନିଜର ବ୍ୟବହାରରେ ପ୍ରତି ପଦକ୍ଷେପରେ ଏପରି

 Magazine Downloaded from www.aahwaan.com

ବ୍ୟବହାର ପ୍ରଦର୍ଶିତ କରିବାକୁ ହେବ ଯେ ତାହା ଯେପରି ଅନ୍ୟର ଅନୁକରଣୀୟ ହେବ । ଏଥିପାଇଁ ପ୍ରାରମ୍ଭିକ କାଳରୁ ଅର୍ଥାତ ପିଲାମାନଙ୍କୁ ତାଙ୍କର ବିଦ୍ୟାଳୟ ଜୀବନରୁ ସୁରକ୍ଷା ସମ୍ବନ୍ଧରେ ବିଷଦ ଜ୍ଞାନ ଦେବାର ବ୍ୟବସ୍ଥା କରିବାକୁ ହେବ । ପାଠ୍ୟ ପୁସ୍ତକ ମାନଙ୍କରେ ସୁରକ୍ଷା ଶିକ୍ଷା ପାଇଁ ବିଷୟ ମାନ ସନ୍ନିହିତ କରିବାକୁ ହେବ । ତେବେ ଯାଇଁ 'ସୁରକ୍ଷା' ଧୀରେ ଧୀରେ ସମସ୍ତଙ୍କର ଚେତନ ଆଉ ଅବଚେତନ ମନରେ ଗଭୀର ଭାବରେ ପ୍ରବେଶ କରିବ ଏବଂ ପରବର୍ତ୍ତୀ କାଳରେ ଏହା ସେମାନଙ୍କର କାର୍ଯ୍ୟ କଳାପରେ ପରିଲକ୍ଷିତ ହେବ ।

ଏହା ଆମ୍ଭ ମାନଙ୍କର ଏକ ଦୁର୍ଭାଗ୍ୟ ଯେ, ଆଜି ସୁଦ୍ଧା ଶିକ୍ଷାର ପ୍ରସାର ପ୍ରତି ଘରେ ହୋଇ ପାରିଲା ନାହିଁ । ଏହାଠାରୁ ଆହୁରି ଦୁର୍ଭାଗ୍ୟର କଥା ଯେ ଆଜି ସୁଦ୍ଧା କଳ କାରଖାନାରେ କାମ କରୁଥିବା ଲୋକମାନଙ୍କ ମଧ୍ୟରୁ ଶତକଡା ପଚାଶ ଭାଗ ଅର୍ଦ୍ଧ ଶିକ୍ଷିତ ବା ଅଶିକ୍ଷିତ । କାରଣ ଆଜି ମଧ୍ୟ ଆମର ଉଚ୍ଚ ମଧ୍ୟମ ଆଉ ଉଚ୍ଚ ବର୍ଗରେ କଳକାରଖାନା ର କାମ ପ୍ରତି ଯେତେ ଆଗ୍ରହ ଆସିବା କଥା ତାହା ଆସି ପାରି ନାହିଁ ।

ଏହି ଅର୍ଦ୍ଧ ଶିକ୍ଷିତ ଆଉ ଅଶିକ୍ଷିତ ଲୋକମାନେ କେବଳ ନିଜର ପେଟ ପୋଷିବା ପାଇଁ ଇଛା ବା ଅନିଚ୍ଛାରେ କଳକାରଖାନାର ପଶନ୍ତି ଆଉ ବିପଦ ସଂକୁଳ କାର୍ଯ୍ୟମାନ କରନ୍ତି । ଏ ମାନଙ୍କୁ ଯଦି ଉପଯୁକ୍ତ ସୁରକ୍ଷା ଶିକ୍ଷା ନ ଦିଆ ଯାଏ, ତେବେ ଏହା ସୁନିଶ୍ଚିତ ଯେ ଏମାନେ ଦୁର୍ଘଟଣାର କବଳିତ ହେବେ । ଯଦିଓ ଏ କଥା ସବୁ ସମୟରେ ସତ୍ୟ ହୁଏ ନାହିଁ । କାରଣ ମଣିଷ ଯେତେ ଅଶିକ୍ଷିତ ହେଲେ ମଧ୍ୟ ନିଜର ବୟସ ଆଉ ଅନୁଭୂତିରୁ ଅନେକ କିଛି ଶିକ୍ଷା କରିଥାଏ । ଆଉ ତାର ସ୍ୱାଭାବିକ ସୁରକ୍ଷା ଚେତନା ବେଳେ ବେଳେ ତାକୁ ଚେତାଇ ଦେଇ ଥାଏ ।

ଏହି ପରିପ୍ରେକ୍ଷୀରେ ଗୋଟିଏ ଅନୁତ୍ତରିତ ପ୍ରଶ୍ନର ଉତ୍ତର ଖୋଜିଲେ ମିଳିଥାଏ । ତାହା

 Magazine Downloaded from www.aahwaan.com

ହେଉଛି ବେଳେ ବେଳେ ବିଭିନ୍ନ ସୁରକ୍ଷା ସଭାରେ ସୁରକ୍ଷା ଅଧିକାରୀମାନେ ପ୍ରଶ୍ନ କରିଥାନ୍ତି, ଯେ କି ଉପାୟରେ ସେମାନେ କାରଖାନାର ସବୁ ଲୋକଙ୍କୁ ସୁରକ୍ଷା ଉପକରଣ ପିନ୍ଧାଇ ପାରିବେ ? କାରଖାନାର ସର୍ବପ୍ରଥମ ଓ ପ୍ରଧାନ ସୁରକ୍ଷା ଉପକରଣ ହେଲା 'ଜୋତା' । ଯେପରି ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଆମେ ଜୋତା ଖୋଲିଦେଇ ପ୍ରବେଶ କରୁ, ଠିକ ସେହିପରି କାରଖାନାରେ ପ୍ରବେଶ କରିବା ପୂର୍ବରୁ ଜୋତା ପିନ୍ଧିବା ଆବଶ୍ୟକ । ମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଜୋତା କାଢ଼ିବ ପାଇଁ କାହାରିକୁ କୁହାଯାଏ ନାହିଁ, କାରଣ ତାହା ବହୁ ପ୍ରାଚୀନ କାଳରୁ ପରମ୍ପରାରେ ପରିଣତ ହୋଇ ସାରିଲାଣି । ତେଣୁକରି ଯେଉଁ ଦିନ କାରଖାନାରେ ପ୍ରବେଶ କରିବା ପୂର୍ବରୁ ଜୋତା ପିନ୍ଧି ପ୍ରବେଶ କରିବା ଆମର ପରମ୍ପରା ହୋଇଯିବ, ସେ ଦିନକୁ ଆମକୁ ଅପେକ୍ଷା କରିବାକୁ ହେବ । ଏଥିପାଇଁ ସୁରକ୍ଷା ଅଧିକାରୀ ମାନଙ୍କୁ ସର୍ବାନ୍ତଃକରଣରେ ଚେଷ୍ଟା କରିବାକୁ ହେବ ।

ଯେଉଁ ଅର୍ଦ୍ଧଶିଖିତ ବା ଅଶିକ୍ଷିତ ଶ୍ରମିକ, ତା ଜୀବନରେ କେବେହେଲେ ଦେଖି ନାହିଁ ଯେ ତାର ବାପା କି ଅଜା କେହି କେବେ ହେଲେ ଜୋତା ପିନ୍ଧି କାମକୁ ଯାଇଛନ୍ତି । ପିଲାଟି ଦିନରୁ ସେ ଦେଖି ଆସିଛି ଯେ ତାର ବାପା ଜମି ଖୋଳିଛନ୍ତି ଖାଲି ପାଦରେ, ଚାଷ କରିଛନ୍ତି ଖାଲି ଗୋଡ଼ରେ, ଅନ୍ୟାନ୍ୟ ଯେତେ ଭାରି କାମ କରିଛନ୍ତି ଖାଲି ପାଦରେ । ତେଣୁ ସେ ପ୍ରକାର ଶ୍ରମିକଙ୍କୁ ଜୋତାର ମହତ୍ୱ ସମ୍ବନ୍ଧରେ ପୂର୍ଣ୍ଣ ରୂପେ ବୁଝାଇ ପାରିବା ଖୁବ ସହଜ କଥା ନୁହେଁ । କାରଣ ସେମାନଙ୍କ ମୁଣ୍ଡରେ ଗୋଟାଏ କଥା ବସି ରହିଛି ଯେ ଜୋତା ନ ପିନ୍ଧି ସେମାନଙ୍କର ବାପା, ଅଜା ଏତେ ସବୁ କାମ କରି ପାରୁ ଥିଲେ, ତେଣୁ ଅମର ବା ଜୋତାର କି ଦରକାର ?

ସ୍ୱାଧୀନତା ପ୍ରାପ୍ତିର ସତୁରି ବର୍ଷ ବିତିଯାଇଥିଲେ ମଧ୍ୟ, ଏବେବି ଆମର ଅଧିକାଂଶ ଶ୍ରମିକ ରୁହନ୍ତି ନିହାତି ଛୋଟ ଛୋଟ ଚାଳ ଛପର ଘର ମାନଙ୍କରେ । ଏହା ପ୍ରକୃତରେ ଏକ

 Magazine Downloaded from www.aahwaan.com

ବିଡମ୍ବନାର ବିଷୟ । କେତେକ ପ୍ରତିଷ୍ଠିତ ଶିଳ୍ପ ମାଲିକଙ୍କୁ ଛାଡିଦେଲେ, ଅନ୍ୟମାନେ କେବେହେଲେ ଏ ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ । ଯେଉଁ ଶ୍ରମିକ ମାନଙ୍କୁ କାମ ସମୟରେ କାମର ଜାଗାକୁ ସଫା ରଖିବା ପାଇଁ ଏତେ କରି ବୁଝାଉ, ସେହିମାନେ କାମ ପରେ ରୁହନ୍ତି ନିହାତି ଅନୁନ୍ନତ ଆଉ ଅପରିଷ୍କାର ପରିସ୍ଥିତି ମଧ୍ୟରେ । ଏପରି ବିରୋଧାଭାସ ମଧ୍ୟରେ କିପରି ଭାବରେ ଆମେ ଆଶା କରିବା ଯେ ଆମର କାର୍ଯ୍ୟସ୍ଥଳୀ ପରିସ୍କାର ଆଉ ପରିଚ୍ଛନ୍ନ ରହିବ ? ଆଚରଣରେ ଏ ପ୍ରକାର ପରିବର୍ତ୍ତନ ଶୀଘ୍ର ସମ୍ଭବପର ନୁହେଁ ।

ଆମ ଲୋକେ ବିଶେଷକରି ସୁପରଭାଇଜର ମାନେ ସବୁବେଳ ଗୋଟିଏ ଅଭିଯୋଗ କରିଥାନ୍ତି ଯେ ଶ୍ରମିକ ମାନେ କାମ ଜାଗାକୁ ସଫା ରଖିବାକୁ ଚାହାନ୍ତି ନାହିଁ । ସେଥିରେ ସେମାନଙ୍କର କୌଣସି ଆଗ୍ରହ ନାହିଁ । ଯେତେଥର ତାଙ୍କ କାମ ଜାଗାକୁ ଠିକ କରିଦେଲେ ମଧ୍ୟ ଦୁଇ ଦିନ ପରେ ଅବସ୍ଥା ଠିକ ପୂର୍ବପରି ହୋଇଯାଏ । ଆମେ ଯଦି ଏହି ଅଭିଯୋଗଟିକୁ ଉପରୋକ୍ତ ପାରା ସହିତ ଯୋଡି ଦେବା ତେବେ ଆମକୁ ନିଜେ ନିଜେ ସନ୍ତୋଷ ଜନକ ଉତ୍ତର ମିଳିଯିବ । ଯେଉଁ ଶ୍ରମିକ ଦିନର ୧୨ ରୁ ୧୬ ଘଣ୍ଟା କଟାଉଛି ନିହାତି ଅପରିଷ୍କାର ବସ୍ତି ମାନଙ୍କରେ, ତାକୁ କାରଖାନାର ୮ ଘଣ୍ଟା ଭିତରେ ଯଦି ଆମେ ନିହାତି ପରିସ୍କାର ହୋଇଯିବ ପାଇଁ କହିବା ତାହା ସମ୍ଭବପର ହେବ କି ? ଯେ ଦିନର ୧୬ ଘଣ୍ଟା ନିଜ ଶୋଇବା ଖଟ ତଳେ ଛେପ ପକାଏ, ରାସ୍ତା ଘାଟ ଚାରିଆଡେ ଛେପରେ ବିକୃତ କରିଦିଏ, ଦୁଆର ମୁହଁରେ ପରିସ୍ରା କରେ, ଘର ସାମ୍ନା ନାଳରେ ଝାଡା ଯାଏ , ତାକୁ ଯଦି ଅବଶିଷ୍ଟ ୮ ଘଣ୍ଟା ରେ କହିବାଯେ ସେ ଶୃଙ୍ଖଳିତ ଭାବରେ ରହୁ ତାହା ସମ୍ଭବପର ହେବ ନାହିଁ । ଆଚରଣ ବିଧିର ପରିବର୍ତ୍ତନ ଏତେ ଦ୍ରୁତ ଗତିରେ ହୁଏ ନାହିଁ । ଏଥିପାଇଁ ଆମକୁ ଆଗ ସାମାଜିକ ପରିସ୍ଥିତିକୁ ସୁଧାରିବାକୁ ହେବ । ଆଚରଣ ବିଧିର ଉନ୍ନତି ଆଇନ ଶିକ୍ଷା ଦେବାକୁ ହେବ । ତେଣୁ ଖାଲି

 Magazine Downloaded from www.aahwaan.com

ନିରୀହ ଶ୍ରମିକ ମୁଣ୍ଡରେ ଦୋଷ ଲଦିଦେଇ ଭାରତୀୟ ପରିସ୍ଥିତିରେ ଏହା ସମ୍ଭବପର ନୁହେଁ ବୋଲି କହିବାର ଯଥାର୍ଥତା ନାହିଁ । ଏଥି ପାଇଁ ସଂଘବଦ୍ଧ ଭାବରେ ମିଳିତ ପ୍ରଚେଷ୍ଟା କରିବାକୁ ହେବ । ସୁରକ୍ଷା ଅଧିକାରୀ ମାନେ ଏ ଦିଗରେ ଅନେକ କିଛି କରି ପାରିବେ ।

ଉପରୋକ୍ତ ପ୍ରବନ୍ଧରେ ଆମେ ଚେଷ୍ଟା କରିଛୁ କେତେ ଗୁଡିଏ ମୌଳିକ ପ୍ରଶ୍ନର ଉତ୍ତର ଦେବା ପାଇଁ । ସୁରକ୍ଷା ସମ୍ବନ୍ଧରେ ସମୟେ ସମୟେ ଯେଉଁ ଆଲୋଚନା ମାନ ହୁଏ ସେଥିରେ ବିଭିନ୍ନ ପ୍ରଶ୍ନ ମାନ ଉଠେ ଏବଂ ତାର ସମାଧାନ ଖୋଜା ଯାଏ । ଆମ ମତରେ ପ୍ରତ୍ୟେକ ସମସ୍ୟାର ସମାଧାନ ପାଇଁ ମୌଳିକ ପ୍ରଶ୍ନ ଉପରେ ଜୋର ଦେବା ଉଚିତ । କାହାରିକୁ ଦୋଷ ଦେଇ କୌଣସି ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଅସମ୍ଭବ । ତେଣୁ ସୁରକ୍ଷା ସମ୍ବନ୍ଧରେ ବିଚାର କରିବା ପୂର୍ବରୁ ଆମକୁ ସୁରକ୍ଷିତ ରହିବ ପାଇଁ ମୌଳିକ କଥା ଗୁଡିକୁ ସର୍ବାଦୌ ବିଚାର କରିବାକୁ ହେବ ।

- ଜୟ ସୁରକ୍ଷା -

ଭି.ଆଇ.ଏମ. ୨୬୮, ଶୈଳଶ୍ରୀ ବିହାର,

ଭୁବନେଶ୍ୱର -୭୫୧୦୨୧

 Magazine Downloaded from www.aahwaan.com

# ବାସେନଙ୍କ ଚିତ୍ରରେ ଯାନ୍ତ୍ରିକ ପ୍ରକୃତିର ବାସ୍ନା



କୁଣ୍ଡଳୀ ମଣ୍ଡିତ ଲତା ଲାଳିତ୍ୟ, ଜ୍ୟାମିତିକ ଗୁଳ୍ମ ସମୂହ, ତ୍ରିକୋଣୀୟ ପତ୍ରମାଳା, ବର୍ଗାକାର ପୁଷ୍ପରାଜି ଓ ସୂକ୍ଷ୍ମାଦିସୂକ୍ଷ୍ମ ଡାଳି ବନ୍ଧନୀ ଆଦି ବାସେନଙ୍କ ଆଳଙ୍କାରିକ ଛବି ସର୍ଜନାର ବିଶେଷତ୍ୱ ଅଟେ । ତାଙ୍କ ଛବି ଗୁଡିକ ଇନ୍ଦ୍ରଧନୁଶୀ ରଙ୍ଗର ରୈଖିକ ଉପସ୍ଥାପନା ବୋଲି କୁହାଯାଇପାରେ । ତାଙ୍କର ଦୁଇଟି ବିଶେଷ ଛବି "ବେଗବାନ ମୃଗ" ଓ "ମେ ଆଉଁ" ଖୁବ ଆକର୍ଷକ ଅଟେ । ବଗିଚାରେ କୁନି କୁନି ଫୁଲର ପସରା ସହ ଘାସ ଗାଲିଚା ଉପରେ ବସି ମା ଓ ଛୁଆ ବିଲେଇଙ୍କ କଥୋପକଥନର ଦୃଶ୍ୟ ଯେପରି ମର୍ମସ୍ପର୍ଶୀ ଅଟେ, ଠିକ ସେମିତି ବଣ ମୂଳକରେ ଗତିବାନ ମୃଗର ବେଗ ଦେଖଣାହାରିଙ୍କୁ ବେଶ ଆହ୍ଲାଦିତ କରିବାର ଆପେକ୍ଷିକ ଗୁରୁତ୍ୱ ବହନ କରେ । ରଙ୍ଗ ବିନ୍ୟାଶରେ ମୌଳିକ ରଙ୍ଗ ତଥା ଦ୍ୱିତୀୟ ବର୍ଗୀୟ ରଙ୍ଗର ପ୍ରବଳ ଉପଯୋଗ ହୋଇଥିଲେ ହେଁ ମିଶ୍ର ରଙ୍ଗ ଗୁଡିକର ଅନୁପସ୍ଥିତି ସେତେଟା ଅନୁଭୂତ ହେଉ ନାହିଁ, ଯଥା; ମା ବିଲେଇର ଡାଳି ଚିତ୍ରମୟ ଶରୀରର ରଙ୍ଗ ଲାଞ୍ଜି ଠାରୁ ଶିନ୍ଦୁରୀ ଲାଲ ରଙ୍ଗରେ ଆରମ୍ଭ ହୋଇ ବିଲେଇର ଶରୀରରେ ଧୀରେ ଧୀରେ ଗାଢ ଲାଲ ଓ ମୁଖ ମଣ୍ଡଳ ଯାଏଁ ଶ୍ୟାମଳ ରଙ୍ଗରେ ରୂପାୟିତ ହେବାର ସୁନ୍ଦର ପ୍ରୟାସ



ମୀନକେତନ ପଟ୍ଟନାୟକ

 Magazine Downloaded from www.aahwaan.com

ହୋଇଥିଲା ବେଳେ ବିଲେଇ ଛୁଆକୁ ଆକାଶି ନୀଳ ଓ ଘନନୀଳ ରଙ୍ଗରେ ରଙ୍ଗାୟିତ କରିଛନ୍ତି ଯୁବ ଶିଳ୍ପୀ ବାସେନ ଟୁଡୁ । ଠିକ ସେହିପରି ଧାବମାନ ମୃଗର ଛବିରେ ମୃଗର ଆପାଦ ମସ୍ତକକୁ ଶ୍ୟାମଳ, ଦଗ୍ଧପିଙ୍ଗଳ, ଗୋଲାପି, ଇଷତ ହଳଦିଆ, ପୁନଃଗୋଲାପି, ବାଇଗଣି ତଥା ଘନ୍ନନୀଳ ରଙ୍ଗର ଡାଳି ଲତାମୟ ଇନ୍ଦ୍ରଧନୁଶୀ ରଙ୍ଗିୟ ଧାରାରେ ଆଙ୍କିଛନ୍ତି । ରଙ୍ଗକୁ ରୈଖିକ ପ୍ରଣାଳୀରେ ପ୍ରୟୋଗ କରିବାରେ ବାସେନଙ୍କ ପରିପକ୍ୱତା ବେଶ ଉଚ୍ଚକୋଟିର ଅଟେ ।

ଜୀବଜନ୍ତୁ ପ୍ରିୟ ଶିଳ୍ପୀ ବାସେନଙ୍କ ମନରେ ରହିଛି ଅନେକ ଭୟ, ପ୍ରକୃତିଦତ୍ତ ଜୀବଜଗତ ଓ ବନ ଜଙ୍ଗଲ ଭରା ପ୍ରାକୃତିକ ପରିବେଶକୁ ହରାଇବାର ଭୟ । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମାନବର ରୁଚି ପ୍ରକୃତିଠାରୁ ଦୂରେଇ ଯାଇ ସନ୍ନିବେଶିତ ହୋଇଛି ଯାନ୍ତ୍ରିକ ପ୍ରୟୋଗ ବିଦ୍ୟାର ବୈଷୟିକ କାରିଗରୀ ଜ୍ଞାନକୌଶଳ ଉପରେ ଯେଉଁଠି ସବୁକିଛି ଛଦ୍ମ ତଥା ନକଲି ଅଟେ । ପ୍ଲାଷ୍ଟିକ ଫୁଲରେ ନଥାଏ ବାସ୍ନା । କିମ୍ବା ରୋବୋଟିକ ସହକାରୀର ନିକଟରେ ନଥାଏ ଆତ୍ମୀୟତା । ସବୁଠି ପ୍ଲାଷ୍ଟିକର ରାଜତ୍ୱ, ସତେ ଯେପରି ସେ ଅମରତ୍ୱ ପ୍ରାପ୍ତ ହୋଇଛି । ତାକୁ ପରାଜିତ କରିବା କଷ୍ଟକର ହୋଇପାରେ କିନ୍ତୁ ଅସମ୍ଭବ ହୋଇ ନପାରେ । ପୋକ ସାଲୁ ସାଲୁ ଭଳି ସହରମୁଖୀ ହୋଇ ମାଡି ଆସୁଥିବା ଜନ ସମୁଦ୍ରର ଗମନା ଗମନର ସୁବିଧା ପାଇଁ ବଳି ପଡୁଛି ରାସ୍ତା କଡର ବଡ ବଡ ଛାୟାଦାର ବୃକ୍ଷ ସମୂହ । କାହ୍ନରେ ସବୁଜ ରଙ୍ଗ ବୋଲି ଆମେ ମିଛି ମିଛିକା ସବୁଜିମାକୁ ଗ୍ରହଣ କରିବାରେ ଲଜ୍ୟାବୋଧ କରୁନାହୁଁ । ସେହି ଖୋଲା ଫାଙ୍କା ପାଲଟି ଯାଇଥିବା ରାସ୍ତା କଡର ଶୂନ୍ୟସ୍ଥାନ ଗୁଡିକୁ ମାଡି ବସେ ବଡ ବଡ ହୋର୍ଡିଙ୍ଗସ, ଯେଉଁଥିରେ ଗାଢ ସବୁଜ ରଙ୍ଗରେ ଲେଖାଥାଏ "ସବୁଜ ସୁନ୍ଦର ଆମ ଭୁବନେଶ୍ୱର" ଓ ଆହୁରି କେତେ କଣ । ଆଜିର ବସ୍ତୁବାଦୀ ଦୁନିଆରେ ଅନ୍ୟକୁ ଅତିକ୍ରମ

 Magazine Downloaded from www.aahwaan.com

କରି ଆଗକୁ ମାଡିଯିବା ଚକ୍କରରେ ଆମେ ସଭିଏଁ ପାଲଟିଯାଉ ଜଣେ ଜଣେ ଯନ୍ତ୍ର ମାନବ, ଯାହା ପାଖରେ ଥାଏ "ସମୟ ସାଥିରେ ତାଳଦେଇ" ଆଗକୁ ମାଡିଯିବାର ଫମ୍ପା ଦ୍ୱାହୀ । ନାଥାଏ ବାସ୍ତବ ଜଗତ, ପ୍ରାକୃତିକ ପରିବେଶ, ଘର ପରିବାର ତଥା ଆତ୍ମୀୟଙ୍କ ସହ ବିତେଇବା ପାଇଁ କିଛି ସମୟ । ପରିବାର ବନ୍ଧା ପଡିଥାଏ ଭିଡିଓ ଚାଟରେ, ପ୍ରାକୃତିକ ସବୁଜିମା ପରିବେଶକୁ ବାନ୍ଧି ରଖିଦେଉ ଆଣ୍ଡ୍ରଏଡ ସ୍ମାର୍ଟ ଫୋନର ମେମୋରୀରେ କିମ୍ବା ୟୁଟୁବର ଭିଡିଓ ଲିଙ୍କରେ । ଆଗକୁ ଅବସ୍ଥା ଆହୁରି ସାଂଘାତିକ ହୋଇପାରେ ଯଦି ସଚେତନ ନହୁଏ ଆମ ତଥା କଥିତ ଆଧୁନିକ ସମାଜ । ସେହି ଡର ଯୋଗୁଁ ଶିଳ୍ପୀଙ୍କୁ ଚାରିପଟେ ସବୁକିଛି ପ୍ଲାଷ୍ଟିକ ପ୍ଲାଷ୍ଟିକ ଲାଗେ । ଏକ ଯାନ୍ତ୍ରିକ ପରିବେଶର ବାସ୍ନା । ଅଣନିଶ୍ୱାସୀ କରିଦିଏ ଯୁବ ଚିତ୍ରକର ବାସେନଙ୍କୁ । ଗଛଲତା ଭରା ବଗିଚାର ଘାସର ମଶିଣା ଉପରେ ଲୋଟିପଡି ଖୋଲା ଆକାଶକୁ ଚାହିଁ ପ୍ରଦୂଷଣ ମୁକ୍ତ ତାଜା ବାୟୁ ସେବନ କରୁ କରୁ ଚଢେଇମାନଙ୍କର କିଚିରି ମିଚିରି ଗୀତା ତଥା ନିଜ ପୋଷା ବିଲେଇର "ମେ ଆଉଁ ମେ ଆଉଁ" ଡାକ ଶୁଣିବାକୁ ଶିଳ୍ପୀଙ୍କ ମନ ଛଟପଟ ହୁଏ ଯାହା ଆଜି କାଲିର ଚାକଚକ୍ୟ ଭରା ସହରୀ ସଭ୍ୟତାରେ ତାଙ୍କୁ ଦୁର୍ଲଭ ଲାଗେ ।



ବରିଷ୍ଠ ଅଧ୍ୟାପକ,
ବିକେ ଆର୍ଟ କଲେଜ, ଭୁବନେଶ୍ୱର
ଓଡ଼ିଶା

 Magazine Downloaded from www.aahwaan.com

# ମାନବ ଓ ରାଷ୍ଟ୍ର ଇତିହାସ୍

ପ୍ରଶ୍ନୋତ୍ତରୀ ରେ ଜାଣିବା ମାନବ ଓ ରାଷ୍ଟ୍ର ଇତିହାସ

ମାନବ ସଭ୍ୟତାର ଇତିହାସ, ବୈଦିକ କାଳଗଣନା, ଆର୍ଯ୍ୟାବର୍ତ୍ତ ର ରୂପରେଖ ଏବଂ ଶାସନ ବ୍ୟବସ୍ଥାର ଉତ୍ଥାନକୁ ନେଇ ପ୍ରାୟତଃ କେତୋଟି ସାଧାରଣ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ମିଳିଥିବା ଜ୍ଞାନ ଏଠାରେ ପାଠକ ମାନଙ୍କ ସହିତ ବାଣ୍ଟିବାକୁ ଚାହିଁବି ।

(୧) - ଆଧୁନିକ ବିଜ୍ଞାନ, ମାନବ ସଭ୍ୟତାର ଇତିହାସ ମାତ୍ର ଏକଲକ୍ଷ ବର୍ଷ ପୂର୍ବର ବୋଲି କହୁଥିବା ବେଳେ ବୈଦିକ କାଳଗଣନା ଏହାକୁ କୋଟି କୋଟି ବର୍ଷ ପୁରୁଣା ବୋଲି କେଉଁ ଆଧାରରେ କହେ ?

ଉତ୍ତର - ବୈଦିକ କାଳଗଣନା ଅନୁସାରେ ପୃଥିବୀ ପୃଷ୍ଠରେ ମାନବ ଜନ୍ମକୁ ୧୯୬ କୋଟି ୮ ଲକ୍ଷ ୫୩ ହଜାର ୧୧୯ ବର୍ଷ (୧୯୬୦୮୫୩୧୧୯ ବର୍ଷ, ବିକ୍ରମ ସମ୍ବତ୍ ୨୦୭୫ ଯାଏଁ) ହୋଇସାରିଲାଣି । ବିଜ୍ଞାନ ପ୍ରଥମେ ଲକ୍ଷେ ବର୍ଷ ପୂର୍ବ ଯାଏଁ ପହଞ୍ଚିଲା, ମାନବର ପ୍ରାଚୀନ ଅବଶେଷ ମିଳୁଥିବା ଆଧାରରେ ଆହୁରି ପଛକୁ ଯିବା ପ୍ରୟାସ ହେଲା । Radio Carbon Dating ପ୍ରଣାଳୀ ସହାୟତାରେ, ସିଲେଇ ହୋଇଥିବା ମାନବ ଜୋତା ପ୍ରାୟ ୬୦ ଲକ୍ଷ ବର୍ଷ ପୁରୁଣା ବୋଲି ଜଣା ପଡିଛି (Theosophical path, Auguat ୧୯୨୩) । ସେହିପରି ୧୨ କୋଟି ବର୍ଷ ପୁରୁଣା ଏକ ଗୁମ୍ଫା କାନ୍ଥରେ



ପ୍ରତିଭା ପ୍ରିୟଦର୍ଶିନୀ

 Magazine Downloaded from www.aahwaan.com

ଅଙ୍କିତ ଚିତ୍ର ମିଳିଛି ଯାହା ସ୍ପଷ୍ଟତଃ କୌଣସି ଜୀବଜନ୍ତୁ ନୁହେଁ ବରଂ ମଣିଷ ହିଁ ଆଙ୍କିଥିବ । ତେଣୁ ଏଥିରୁ ଆଶା କରାଯାଏ ଯେ, ଆହୁରି ପଛକୁ ପଛକୁ ଯାଇ ବିଜ୍ଞାନ ଦିନେ ବୈଦିକ କାଳଗଣନା ର ପାଖାପାଖି ପହଞ୍ଚିବ ନିଶ୍ଚୟ ।

(୨) - ମନୁଷ୍ୟର ଉତ୍ପତ୍ତି ତିବ୍ବତରେ କାହିଁକି ହେଲା ? ଅନ୍ୟ କେଉଁଠି କାହିଁକି ନୁହେଁ ?

ଉତ୍ତର - କାରଣ ସେତେବେଳକୁ କେବଳ ହିମାଳୟ କ୍ଷେତ୍ର ଓ ତିବ୍ବତ ହିଁ ମନୁଷ୍ୟ ରହିବାଯୋଗ୍ୟ ଅନୁକୂଳ ଜଳବାୟୁ ବିଶିଷ୍ଟ ଅଞ୍ଚଳ ଥିଲା ଏବଂ ବାକି ସ୍ଥଳଭାଗ ସେତେବେଳେ ଜଳମଗ୍ନ ଥିଲା ତଥା ହିମାଳୟର ଉଚ୍ଚତା ମଧ୍ୟ ଯଥେଷ୍ଟ କମ୍ ଥିଲା ।

(୩) - ମନୁଷ୍ୟ ପ୍ରଥମେ କେଉଁ ଦେଶ ସ୍ଥାପନ କଲା ?

ଉତ୍ତର - ମନୁଷ୍ୟ ପ୍ରଥମେ ଆର୍ଯ୍ୟାବର୍ତ୍ତ ସ୍ଥାପନ କରିଥିଲା ।

(୪) -ଆର୍ଯ୍ୟାବର୍ତ୍ତର ପରିସୀମା ବର୍ତ୍ତମାନର ଭୌଗଳିକ ସ୍ଥିତି ଅନୁସାରେ କେଉଁ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ?

ଉତ୍ତର - ଏହା ଉତ୍ତରରେ ହିମାଳୟ ବିନ୍ଧ୍ୟାଚଳ, ପଶ୍ଚିମରେ ସିନ୍ଧୁନଦୀ, ପୁର୍ବରେ ବ୍ରହ୍ମପୁତ୍ର ନଦୀ ଓ ଦକ୍ଷିଣରେ ନର୍ମଦା ମଧ୍ୟରେ ଯେତେକ ଭୂଭାଗ ଅଛି ତାକୁହିଁ ଆର୍ଯ୍ୟାବର୍ତ୍ତ କୁହାଯାଏ ।

(୫) - ଦେଶ ମାନଙ୍କର ନାମକରଣ କେଉଁ ଆଧାରରେ କରାଯାଇଥିଲା ?

ଉତ୍ତର - ଦେଶର ନାମ ମନୁଷ୍ୟ ଜାତିଙ୍କ ନାମ ଅନୁସାରେ ରଖାଯାଉଥିଲା ।

(୬) - ଆର୍ଯ୍ୟାବର୍ତ୍ତ ଦେଶର ନାମ କିପରି ପଡିଲା ?

ଉତ୍ତର - ଆର୍ଯ୍ୟ ଲୋକମାନେ ଏହି ଅଞ୍ଚଳକୁ ନିଜ ନିବାସ ସ୍ଥାନ ବାଛି ଥିବାରୁ ଏହାର ନାମ ଆର୍ଯ୍ୟାବର୍ତ୍ତ ପଡିଥିଲା ।

 Magazine Downloaded from www.aahwaan.com

(୭) - କେଉଁମାନେ ଆର୍ଯ୍ୟ ?

ଉତ୍ତର - ଧର୍ମପୂର୍ବକ ଶ୍ରେଷ୍ଠ ଆଚରଣ କରୁଥିବା ମନୁଷ୍ୟ ମାନଙ୍କୁ ଆର୍ଯ୍ୟ କୁହାଯାଏ । ଯେଉଁମାନେ ସୃଷ୍ଟିରେ ପ୍ରଥମ ଉତ୍ପନ୍ନ ହେଲେ ଏବଂ ହିମାଳୟରୁ ଓହ୍ଲାଇ ଏହି ଭୂଖଣ୍ଡରେ ବସବାସ କଲେ ଏବଂ ଏହାର ନାମ ଆର୍ଯ୍ୟାବର୍ତ୍ତ ରଖିଲେ ।

(୮) - ମନୁଷ୍ୟ କେତେ ପ୍ରକାରର ?

ଉତ୍ତର - ମନୁଷ୍ୟ ମୂଖ୍ୟତଃ ଦୁଇ ପ୍ରକାର ବା ଜାତିର । ଆର୍ଯ୍ୟ ଏବଂ ଦସ୍ୟୁ (ଦୁଷ୍ଟ ସ୍ୱଭାବ ଯୁକ୍ତ) । ଏହି ମାନଙ୍କୁ ଯଥାକ୍ରମେ ଦେବ ଓ ଅସୁର କୁହାଯାଏ ।

(୯) - ପ୍ରଥମ ସୃଷ୍ଟିରେ ମନୁଷ୍ୟ କିପରି ଥିଲେ ?

ଉତ୍ତର - ପ୍ରଥମ ସୃଷ୍ଟିରେ ସମସ୍ତ ମନୁଷ୍ୟ ଆର୍ଯ୍ୟ ଥିଲେ । ଦସ୍ୟୁ ସ୍ୱଭାବ ନଥିଲା ।

(୧୦) - ମନୁଷ୍ୟର ବିସ୍ତାର ସମ୍ପୂର୍ଣ୍ଣ ଆର୍ଯ୍ୟାବର୍ତ୍ତରେ କିପରି ହେଲା ? ମାନବ କିପରି ପ୍ରଥମ ଆର୍ଯ୍ୟାବର୍ତ୍ତ ବସତି ସ୍ଥାପନ କଲା ?

ଉତ୍ତର - ପ୍ରଥମେ ହିମାଳୟର ଉଚ୍ଚତା ଯଥେଷ୍ଟ କମ ଥିଲା ଏବଂ ଅନ୍ୟାନ୍ୟ ସ୍ଥଳଭାଗ ସମୁଦ୍ରରେ ବୁଡି ରହିଥିଲା । ସମୟ ବିତିବା ସହିତ କ୍ରମଶଃ ଜଳସ୍ତର କମିବାକୁ ଲାଗିଲା ଏବଂ ହିମାଳୟ ଉପରକୁ ଉଠିବାକୁ ଲାଗିଲା । ମଣିଷ ମାନେ ତିବ୍ବତରୁ ନେପାଳ ଦେଇ ସମୟାନୁକ୍ରମେ ଧିରେ ଧିରେ ଆର୍ଯ୍ୟାବର୍ତ୍ତର ଅନ୍ୟାନ୍ୟ ଭାଗରେ ପ୍ରବେଶ ଆରମ୍ଭ କଲେ । ପ୍ରଥମେ ଉତ୍ତର ପ୍ରଦେଶ ଦେଇ ପଞ୍ଜାବ ଯାଏଁ ଏବଂ ନେପାଳ ଦେଇ ଆସାମରେ ବ୍ରହ୍ମପୁତ୍ର ନଦୀତଟ ଯାଏଁ ଓ ମଧ୍ୟ ଭାରତର କିଛି ଭାଗରେ ପହଞ୍ଚିଲା । ଉତ୍ତର ପଶ୍ଚିମରେ ସିନ୍ଧୁନଦୀ ତଟଯାଏଁ ଆର୍ଯ୍ୟାବର୍ତ୍ତ ବିସ୍ତାରିଗଲା । ମନୁଷ୍ୟର ସଂଖ୍ୟା ବଢୁଥିଲା ଏବଂ ସମଗ୍ର ଭୂଭାଗରେ ଜନବସତି ବିସ୍ତାରିତ ହେଉଥିଲା । ମାନବ ଭୂମି ଚଷି କୃଷି କରିବା ଆରମ୍ଭ କଲା । ଗ୍ରାମ ଓ

 Magazine Downloaded from www.aahwaan.com

ନଗର ମାନ ପ୍ରତିଷ୍ଠା କଲା । ଏହିସବୁ ବସତି ପ୍ରାୟତଃ ନଦୀତଟ ମାନଙ୍କରେ ସ୍ଥାପିତ ହେଉଥିଲା । ପର୍ବତ ଏବଂ ନଦୀକୂଳ ମାନଙ୍କରେ ଶିକ୍ଷା ପାଇଁ ଗୁରୁକୁଳ ମାନ ଖୋଲିଲା । ମାଟି ଖୁବ ଉର୍ବର ଥିବା ଯୋଗୁଁ ବୃକ୍ଷଲତା ଫଳପୁଷ୍ପରେ ଭରି ରହୁଥିଲେ । ବୃକ୍ଷର ଉଚ୍ଚତା ଆଶାତୀତ ଭାବେ ମାଇଲ ମାଇଲ ଲମ୍ବା ଥିଲା, ଯାହା ଏବେ ମିଳୁଥିବା ଅବଶେଷାଂଶର ଅନୁସନ୍ଧାନରୁ ଜଣାଯାଏ । ଏହିଭଳି ସମୟକ୍ରମେ ମନୁଷ୍ୟ ସମଗ୍ର ଭୂଖଣ୍ଡରେ ଆଧିପତ୍ୟ ବିସ୍ତାର କରିଥିଲା ।

(୧୧) - ଆର୍ଯ୍ୟାବର୍ତ୍ତରେ ବୈଦିକ କାଳ କିପରି ଥିଲା ?

ଉତ୍ତର - ଗୁରୁ ଶିଷ୍ୟ ପରମ୍ପରା ଥିବାରୁ ଶିଷ୍ୟ ଗୁରୁଙ୍କ ପାଖକୁ ଯାଇ ସଭ୍ୟତା ଶିଖୁଥିଲେ । ସେ ସମୟରେ ମାନବ ବୁଦ୍ଧି ଅସାଧାରଣ ଓ ବିଚକ୍ଷଣ ଥିଲା । ସମାଜରେ ବୈଦିକ ଚତୁର୍ବର୍ଣ୍ଣ ବ୍ୟବସ୍ଥା କର୍ମ ଆଧାରରେ ପ୍ରଚଳିତ ଥିଲା । ସମାଜ ସମୃଦ୍ଧିଶାଳୀ ଥିଲା । ରୋଗ ଅତି ନ୍ୟୁନ ଥିଲା । ସମୟ ସମୟରେ ଯଦି ରୋଗର ପ୍ରକୋପ ବଢୁଥିଲା ମଧ୍ୟ, ତେବେ ଋଷିମାନେ ପ୍ରାକୃତିକ ଉପାୟରେ ତା'ର ନିରାକରଣ ଓ ଉପଚାର କରୁଥିଲେ । ସେହି ସମସ୍ତ ପଦ୍ଧତିକୁ ଆୟୁର୍ବେଦ ଶାସ୍ତ୍ର ମାନଙ୍କରେ ଲିପିବଦ୍ଧ କରି ମାନବକଲ୍ୟାଣ ନିମିତ୍ତ ବିରାଟ ଉପକାର ସ୍ୱରୂପ ଛାଡି ଯାଇଛନ୍ତି । ସାମାଜିକ ଅର୍ଥବ୍ୟବସ୍ଥାରେ ଧନର ପ୍ରୟୋଗ ନହୋଇ ବସ୍ତୁ ବିନିମୟ , ପରିଶ୍ରମର ଆଦାନ ପ୍ରଦାନ ପଦ୍ଧତି ପ୍ରଚଳିତ ଥିଲା । ସନ୍ତାନ ମାନେ ଆଜ୍ଞାକାରୀ ଥିଲେ । କୌଣସି ବୃଦ୍ଧ ବା ବୟସ୍କଙ୍କ ଆଗମନରେ ସମସ୍ତ ଲଘୁଜନ ଠିଆହୋଇ ପ୍ରଣାମ କରୁଥିଲେ । ପରିବାର ରେ ସଦାଚାର ଓ ଶିଷ୍ଟାଚାର ବହୁଳ ପ୍ରଚଳିତ ଥିଲା । ସମସ୍ତେ ନିଜ ନିଜ ଜ୍ଞାନ ବୃଦ୍ଧି ପାଇଁ ଯତ୍ନଶୀଳ ଥିଲେ । ବିବାଦର ପରିମାଣ କମ୍ ଥିଲା । ପୁରୁଷ ମାନେ ବଳଶାଳୀ ଓ ପରାକ୍ରମୀ ତଥା ନାରୀମାନେ ସୁଶୀଳ ଥିଲେ । ସ୍ୱଚ୍ଛତା ପ୍ରତି

 Magazine Downloaded from www.aahwaan.com

ସାମଗ୍ରିକ ଭାବରେ ସମସ୍ତେ ବିଶେଷ ଧ୍ୟାନ ଦେଉଥିଲେ । ବ୍ୟଭିଚାର ଓ ଅନ୍ୟାନ୍ୟ ନକାରାତ୍ମକ ପ୍ରବୃତ୍ତି ନାମ ମାତ୍ର ରହିଥିଲା । ସାଧାରଣ ମାନବର ପ୍ରଚଳିତ ଭାଷା ସଂସ୍କୃତ ଥିଲା । ଧର୍ମପାଳନ ପ୍ରତ୍ୟେକଙ୍କ ପାଇଁ ଅନିର୍ବାର୍ଯ୍ୟ ଥିଲା । ସମସ୍ତେ ବ୍ରହ୍ମଚର୍ଯ୍ୟର ପାଳନ କରୁଥିଲେ । ଏହିଭଳି ଆଦର୍ଶ ସ୍ତରର ଥିଲା ବୈଦିକ କାଳଖଣ୍ଡ ।

(୧୨) - ଆର୍ଯ୍ୟାବର୍ତ୍ତର ପତନ କିପରି ହେଲା ?

ଉତ୍ତର - ସମୟ ସହିତ ସଂସ୍କୃତି ମାନଙ୍କରେ ଶିଥିଳତା ଆସିବାକୁ ଲାଗିଲା । ଯେଉଁ ଓଜସ୍ୱୀତାର ସାମର୍ଥ୍ୟ ସମଗ୍ର ଆର୍ଯ୍ୟାବର୍ତ୍ତରେ ଉତ୍ତୁଙ୍ଗ ଥିଲା, ତାହା କ୍ରମଶଃ ଶିଥିଳ ହେବାକୁ ଲାଗିଲା । ଶୈଥିଲ୍ୟର କାଳଚକ୍ର ଆରମ୍ଭ ହୋଇସାରିଥିଲା । ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ପ୍ରଭାବ ମଧ୍ୟ କେତେକାଂଶରେ ଦୃଶ୍ୟମାନ ହେଉଥିଲା । ବ୍ୟଭୀଚାରର ବିସ୍ତାର ଆରମ୍ଭ ହୋଇଥିଲା । ବଳଶାଳୀ ମନୁଷ୍ୟ ମାନେ ଦୁର୍ବଳଙ୍କ ଉପରେ ଅତ୍ୟାଚାର କରିବାକୁ ଲାଗିଲେ । ସର୍ବତ୍ର ତ୍ରାହି ତ୍ରାହିର ବାତାବରଣ ସୃଷ୍ଟି ହୋଇଥିଲା । ସମାଜରେ ବୈଦିକ ମର୍ଯ୍ୟାଦା ଭଙ୍ଗ ହେଉଥିଲା । ଏସବୁର ପରିଣାମ ଦେଖାଦେବା ଆରମ୍ଭ ହୋଇଥିଲା ।

(୧୩) - ତେବେ ଆର୍ଯ୍ୟାବର୍ତ୍ତର ପତନ ରୋକିବାକୁ ଆର୍ଯ୍ୟମାନେ କ'ଣ କରିଥିଲେ ?

ଉତ୍ତର - ଆର୍ଯ୍ୟମାନେ ଯେତେବେଳେ ଏହି ପତନ ବିଷୟ ଅନୁମାନ କଲେ, ତାକୁ ରୋକିବା ପାଇଁ ସେମାନେ ଉପାୟ ଚିନ୍ତାକଲେ । ସର୍ବବିଦ୍ୟା ସମ୍ପୂର୍ଣ୍ଣ ତଥା ବେଦ ଓ ଶାସ୍ତ୍ର ଜ୍ଞାତା, ଧର୍ମର ଧୁରନ୍ଧର ମହର୍ଷି ବୈବସ୍ୱତ ମନୁଙ୍କ ପାଖକୁ ଯାଇ ନିବେଦନ କରାଗଲା ଯେ, ଆର୍ଯ୍ୟାବର୍ତ୍ତକୁ ପତନରୁ ରୋକିବା ପାଇଁ କୌଣସି ଦଣ୍ଡବିଧାନ ପ୍ରସ୍ତୁତ କରନ୍ତୁ ଏବଂ ଏପରି ଏକ ଶାସନ ପଦ୍ଧତି ପ୍ରସ୍ତୁତ କରନ୍ତୁ ଯାହାଦ୍ୱାରା ପ୍ରଜାଙ୍କର ମହା ଉପକାର ହୋଇପାରିବ, ଏବଂ ସେ ଆର୍ଯ୍ୟାବର୍ତ୍ତର ପ୍ରଥମ ଶାସକ (ରାଜା) ହୁଅନ୍ତୁ । ମହର୍ଷି ମନୁ ଏଥିରେ ସହମତ

 Magazine Downloaded from www.aahwaan.com

ହେଲେନାହିଁ କାରଣ ଋଷିମାନଙ୍କୁ ସଂସାର ଓ ଶାସନ ଇତ୍ୟାଦିର ମୋହ ନଥାଏ । କିନ୍ତୁ ଦେବ ମାନଙ୍କ ବାରମ୍ବାର ଅନୁରୋଧ କ୍ରମେ ମହର୍ଷି ମନୁ ପ୍ରଜାଙ୍କ ହିତ ଦୃଷ୍ଟିରୁ ଆର୍ଯ୍ୟାବର୍ତ୍ତର ଶାସନ ଦାୟିତ୍ୱ ଗ୍ରହଣ କରିବାକୁ ସମ୍ମତ ହେଲେ ଓ ଆର୍ଯ୍ୟାବର୍ତ୍ତ ରାଷ୍ଟ୍ରର ପ୍ରଥମ ଶାସକ ହେଲେ । ବୈଦିକ ବର୍ଣ୍ଣବ୍ୟବସ୍ଥା ଆଧାରରେ "ମନୁସ୍ମୃତି" ନାମରେ ମହାନ ଗ୍ରନ୍ଥ ରଚନାକଲେ । ଏହି ଗ୍ରନ୍ଥରେ ସେ, ବୈଦିକ ବ୍ୟବସ୍ଥା ଭଙ୍ଗ କରୁଥିବା ମନୁଷ୍ୟଙ୍କ ପାଇଁ କଠୋର ନିୟମର ଉପାଦାନ କରିଛନ୍ତି । କାରାଗାର ଏବଂ ଜୋରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି । ଗାଳିଗୁଲଜ ବା ଅପଶବ୍ଦ କହୁଥିବା ବ୍ୟକ୍ତିଙ୍କ ପାଇଁ ଜିହ୍ୱା ଛେଦନ ଯାଏଁ ଦଣ୍ଡ ଥିଲା ଏବଂ ହିଂସା କରୁଥିବା ବ୍ୟକ୍ତିକୁ ଅଗ୍ନିରେ କ୍ଷେପିବା ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା । ଫଳତଃ ଆର୍ଯ୍ୟାବର୍ତ୍ତରେ ପୁନଃ ସୁଖ, ସମୃଦ୍ଧି ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲା । ପ୍ରାୟଶ୍ଚିତ କରିବାପାଇଁ ମଧ୍ୟ କଡା ନିୟମ ଥିଲା, ଯଦ୍ୱାରା ମନୁଷ୍ୟ ସଭ୍ୟ ସମାଜରେ ପୁନଃପ୍ରବେଶ କରିପାରିବ ଏବଂ ସମ୍ମାନ ପ୍ରାପ୍ତ କରିପାରିବ । ପରନ୍ତୁ ସର୍ବାଧିକ କଠୋର ଦଣ୍ଡ ଥିଲା ସାମାଜିକ ବହିଷ୍କାର । ଏହିଦଣ୍ଡ ମୃତ୍ୟୁଦଣ୍ଡ ଠାରୁ ଖରାପ ବୋଲି ବିଚାର କରାଯାଉଥିଲା ।

ମନୁସ୍ମୃତି ରେ ଏକ ଆଦର୍ଶ ଶାସନ ପଦ୍ଧତି ଓ ସାମାଜିକ ନ୍ୟାୟ ବ୍ୟବସ୍ଥାର ପ୍ରଣାଳୀ ଦିଆଯାଇଛି, ଯାହା ଆଜିମଧ୍ୟ ଉପଯୋଗୀ । ତେବେ କାଳକ୍ରମେ ଚଞ୍ଚକତା ପୂର୍ବକ ଏହି ମହାନ ଗ୍ରନ୍ଥରେ ମନଇଚ୍ଛା ଅପମିଶ୍ରଣ କରି ଏହାକୁ କଳୁଷିତ ଏବଂ ଅପଦସ୍ତ କରିବାର ଅଭିସନ୍ଧି କରାଯାଇଛି ।

ଲିଙ୍କ୍ ରୋଡ୍, କଟକ

 Magazine Downloaded from www.aahwaan.com

# ଦେଓମାଳୀ

ଦେଓମାଳୀ : ପ୍ରାଚୀନ କିମ୍ବଦନ୍ତୀ ଓ ପୂର୍ବପୁରୁଷଙ୍କ କଥାନୁସାରେ ଦେଓମାଳୀର ସୃଷ୍ଟି ରାଜବଂଶରୁ, ଦେଓମାଳୀ ପର୍ବତ ଯେଉଁଭଳି ଆକର୍ଷଣୀୟ ପର୍ବତ ନାମକରଣ ମଧ୍ୟ ସେହିଭଳି ଅତ୍ୟନ୍ତ ମନ୍ତ୍ର ମୁଗ୍ଧକର ।

ପୁରାତନ ଯୁଗରେ, ଜଣେ ରାଜାଙ୍କ ପୁତ୍ର ରାଗରେ ଘର ଛାଡି ଚାଲି ଯାଉଥିଲେ । ସେ ବାଟରେ ଯାଉଯାଉ ଏକ ଘଞ୍ଜଜଙ୍ଗଲ ପଡିଲା, ରାଜାପୁଅ ଜଙ୍ଗଲ ବାଟକୁ ନିର୍ଭୟରେ ପାର ହେବା ସମୟରେ କାଠ ସଂଗ୍ରହ ପାଇଁ ଜଙ୍ଗଲରେ ବୁଲୁଥିବା ଜଣେ ମାଳିପୁଅ ସହିତ ଭେଟ ହେଲା । ସାଙ୍ଗରେ ଚାଲୁ ଚାଲୁ ରାଜାପୁଅ ଓ ମାଳିପୁଅ ପରସ୍ପର ମଧ୍ୟରେ ବନ୍ଧୁତା ସୃଷ୍ଟି ହେଲା । ଦୁହେଁ ବୁଲୁ ବୁଲୁ ହଠାତ ସନ୍ଧ୍ୟା ହୋଇଗଲା । ତେଣୁ ଦୁହେଁ ମିଶି ମାଳିପୁଅ ଘରକୁ ଗଲେ, ରଜାପୁଅକୁ ମାଳିଘର ଲୋକ ପଚାରିବାରୁ ରାଜାପୁଅ ଘରୁ ରାଗି ଚାଲି ଆସିବା ବିଷୟରେ ମାଳିପୁଅକୁ କହିଲା ଏବଂ ସେହିଦିନ ଠାରୁ ରାଜାପୁଅ ମାଳିଘରେ ରହିଲା ।



ମହେନ୍ଦ୍ର କୁମାର ନାୟକ

ରାଜାପୁଅ ଓ ମାଳିପୁଅ ମଧ୍ୟରେ ଏଭଳି ଘନିଷ୍ଠ ବନ୍ଧୁତା ସୃଷ୍ଟି ହେଲା ଯେ, ଦୁହେଁ ଦୁହିଁଙ୍କୁ ଛାଡି ରହିପାରୁ ନଥିଲେ, ପୁଣି ଜଣକ ପାଇଁ ଜଣେ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଦିନେ ରାଜାପୁଅ ଓ

 Magazine Downloaded from www.aahwaan.com

ମାଳିପୁଅ ଜାଳେଣି କାଠ ସଂଗ୍ରହ ପାଇଁ ଜଙ୍ଗଲରେ ବୁଲୁ ବୁଲୁ ରାଜାପୁଅ ଏକ ପର୍ବତ ଦେଖିଲେ, ସେ ଆଗରୁ କେବେ ପର୍ବତ ଦେଖିନଥିଲେ । ରାଜାପୁଅ ମାଳିପୁଅକୁ ପଚାରିଲେ, ସାଙ୍ଗ ଏହା କଣ, ଏତେବଡ ଦେଖାଯାଉଛି ? ମୁଁ ତ ଆଗରୁ କେବେ ଏମିତି କେବେ ଦେଖିନାହିଁ ।

ମାଳିପୁଅ ହସିହସି ଉତ୍ତର ଦେଲା - ଏହା ହେଲା ପର୍ବତ ।

ପର୍ବତ ଚଢ଼ି ନଥିବା ରାଜାପୁଅ ଦୌଡ଼ି ଦୌଡ଼ି ପର୍ବତ ନିକଟକୁ ଯାଇ ତା ଉପରେ ଚଢ଼ିଲେ । ପର୍ବତ ଚଢ଼ିବା ବେଳେ ଅଧାବାଟରେ ହଠାତ ରାଜାପୁଅର ମୁଣ୍ଡ ବୁଲାଇ ଛାତିରେ ଯନ୍ତ୍ରଣା ହେଲା ଏବଂ ଉପରୁ ଖସି ସେ କିଛି ଦୂରରେ କଚାଡ଼ି ହୋଇ ପଡ଼ିଗଲେ । ରାଜାପୁଅର ଚିତ୍କାର ଶୁଣି ମାଳିପୁଅ ଚମକି ପଡ଼ି ଦୌଡ଼ି ଦୌଡ଼ି ରାଜାପୁଅ ପାଖକୁ ଗଲେ ଏବଂ ସାଙ୍ଗର ଏଭଳି ଅବସ୍ଥା ଦେଖି ବହୁତ ବ୍ୟସ୍ତ ହୋଇଗଲେ । ମାଳିପୁଅ ସମସ୍ତଙ୍କୁ ପାଟିକରି ଡାକିଲେ । ରାଜାପୁଅଙ୍କୁ ମାଳିପୁଅ ପଚାରିଲେ, ସାଙ୍ଗ ତୁମର କଣ ହେଲା ଉଠ ?

ରକ୍ତ ଜୁଡୁବୁଡୁ ରାଜାପୁଅକୁ ମାଳିପୁଅ ଜଂଗଲରେ ଥିବା ଔଷଧୀୟ ଗଛର ପତ୍ର ଆଣି ଲଗେଇଲେ, କିନ୍ତୁ ରକ୍ତ ବନ୍ଦ ହେଲାନାହିଁ ।

ପାଖରେ ଥିବା ଛୋଟିଆ ଝରଣାରୁ ଆଞ୍ଜୁଳାଏ ପାଣି ଆଣି ରାଜାପୁଅ ମୁହଁରେ ଛାଟିଲେ, କିଛି ସମୟ ପରେ ରାଜାପୁଅ ଆଖି ଖୋଲିକି ଉତ୍ତର ଦେଲେ - ସାଙ୍ଗ, ବର୍ତ୍ତମାନ ମୋର ଶେଷ ସମୟ ଚାଲି ଆସିଛି । ଏପଟେ ମାଳିପୁଅର ଡାକରେ ବହୁ ଲୋକ ଆସି ସେଠାରେ ଜମା ହୋଇଗଲେ, କିନ୍ତୁ ରାଜାପୁଅର ମୃତ୍ୟୁ ହୋଇଗଲା ।

ସାଙ୍ଗର ଏଭଳି ଅବସ୍ଥା ଦେଖି, ରାଜାପୁଅର ମୃତ୍ୟୁର ଦାରୁଣ ଦୁଃଖରେ ମାଳିପୁଅର ମଧ୍ୟ ଜୀବନ ଚାଲିଗଲା । ରାଜାପୁଅ ଓ ମାଳିପୁଅ ଦୁଇବନ୍ଧୁଙ୍କ ମୃତ୍ୟୁ ହୋଇଗଲା ।

 Magazine Downloaded from www.aahwaan.com

ପ୍ରାଚୀନ କାଳରେ ତଥା ରାଜାରାଜୁଡ଼ା ଶାସନ ସମୟରେ ରାଜାମାନଙ୍କ ପୁଅ ତଥା ରଜାପୁଅଙ୍କୁ 'ଦେଓ' ବୋଲି ସମ୍ବୋଧନ କରାଯାଉଥିଲା । ତେଣୁ ଦୁଇ ବନ୍ଧୁ ତଥା ରାଜାପୁଅ ଓ ମାଳିପୁଅର ନାମାନୁସାରେ ଏହି ପର୍ବତର ନାମକୁ 'ଦେଓମାଳୀ' ନାମରେ ନାମିତ କରାଗଲା ।

ବନ୍ଧୁତ୍ୱ ସୃଷ୍ଟି କରୁଥିବା ପର୍ବତ, ଦୁଃଖୀର ଦୁଃଖ ଦୂର ଏବଂ ସୁଖୀକୁ ସୁଖ ଓ ଶାନ୍ତି ପ୍ରଦାନ କରୁଥିବା ଏହି ଦେଓମାଳୀ ପର୍ବତ ଓଡିଶା ପାଇଁ ଏକ ସୌନ୍ଦର୍ଯ୍ୟମୟ ପର୍ଯ୍ୟଟନସ୍ଥଳୀ ଅଟେ ।

ଜାତୀୟ ଯୁବ ପୁରସ୍କାର ବିଜେତା

ନବରଙ୍ଗପୁର ଓଡିଶା

ମୋବାଇଲ : ୮୮୯୫୧୧୭୪୫୭

 Magazine Downloaded from www.aahwaan.com

# ପ୍ରାଚୀ ନଦୀର ନାମକରଣ

## ପ୍ରାଚୀ ନଦୀର ବିଭିନ୍ନ ନାମକରଣ ଓ କିମ୍ବଦନ୍ତୀ

ଯେପରି ନବଜାତକଟିଏ ଜନ୍ମ ନେଲେ ତାହାର ନାମକରଣ ସଂକାର କରାଯାଇ ନୂଆ ନାମଟିଏ ଦିଆଯାଇଥାଏ ଏବଂ ଅନେକ ଡାକନାମ ବି ଥାଏ, ସେହିପରି ପୂଣ୍ୟତୋୟା ପ୍ରାଚୀ ନଦୀର ଅନେକ ନାମ ରହିଛି । ସେହି ନାମ ଗୁଡ଼ିକ ମଧ୍ୟରେ ପ୍ରାଚୀ, ଗୁପ୍ତ ସରସ୍ୱତୀ, ବ୍ରହ୍ମନଦୀ/ ବ୍ରହ୍ମତନୟା, ତୀର୍ଥେଶ୍ୱରୀ, ପଥରବୁହା ନଦୀ/ଚନ୍ଦ୍ରଭାଗା ନଦୀ, ଚିତ୍ରୋତ୍ପଳା ନଦୀ, ଗୋମତୀ ଇତ୍ୟାଦି ପ୍ରମୁଖ ।

## ପ୍ରାଚୀ ନଦୀ :

ପ୍ରାଚୀର ଅନ୍ୟ ଅର୍ଥ ପୂର୍ବଦିଗ । ଏହି ନଦୀଟି ସୃଷ୍ଟି ହେବା ସ୍ଥାନରୁ ପୂର୍ବମୁଖୀ ହୋଇ ଗତିକରି ସମୁଦ୍ର ବକ୍ଷରେ ମିଶୁ ଥିବାରୁ ଏହାକୁ ପ୍ରାଚୀ ନଦୀ କୁହାଯିବାର ଯଥାର୍ଥତା ପ୍ରତିପାଦିତ ହୋଇଥାଏ ।



ଅନାମ ଚରଣ ସାହୁ

## ଗୁପ୍ତ ସରସ୍ୱତୀ :

ପୌରାଣିକ କଥାବସ୍ତୁ ଅନୁସାରେ ଦେବ ଦେବ ମହାଦେବଙ୍କ ରେତ ସାଗର ବକ୍ଷରେ ପତିତ ହୋଇ ବଡ଼ବାନଳ ଜାତ ହେଲା । ତାହା ଚତୁର୍ଦ୍ଦିଗକୁ ବ୍ୟାପିଗଲା । ଏହି ବାଡ଼ବାନଳକୁ କେହି ପ୍ରଶମିତ କରି ପାରିଲେ ନାହିଁ । ତେଣୁ ଦେବତାମାନେ ଚିନ୍ତିତ ହୋଇ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟରେ ପହଞ୍ଚି ଗୁହାରୀ କରିଲେ । ବ୍ରହ୍ମାଙ୍କ ସହ ଆଲୋଚନା ପରେ

 Magazine Downloaded from www.aahwaan.com

ଦେବତାମ୍ନେ ମାତା ଗଙ୍ଗା ଓ ଯମୁନା ଆଦି ଦେବୀମାନଙ୍କୁ ପ୍ରାର୍ଥନା କଲେ । ଏମାନେ ସମସ୍ତେ ବାଡ଼ବାନଳ ଶାନ୍ତ କରିବାକୁ ଅକ୍ଷମତା ପ୍ରକାଶ କରିଲେ । ଶେଷରେ ବ୍ରହ୍ମ ସରସ୍ୱତୀଙ୍କୁ ଧ୍ୟାନ କରିବାକୁ ଦେବୀ ପ୍ରସନ୍ନ ହୋଇ ଧୈର୍ଯ୍ୟ ଧରିବାକୁ କହିଲେ । ସରସ୍ୱତୀ କନକଗିରି କୋଟରରେ ଗୁପ୍ତ ଭାବରେ ରହିଥିଲେ । ସେଠାରେ ସେ ପାତାଳ ଗର୍ଭରେ ଗତିକରି କପିଳ ମୂନୀଙ୍କ ଆଶ୍ରମରେ ପହଞ୍ଚିଲେ । ସେଠାରୁ ସେ ପୁର୍ବଗାମୀ ହୋଇ ସାଗର ସହିତ ମିଳିତ ହେବାରୁ ବାଡ଼ବାନଳ ଶାନ୍ତ ହେଲା । ତେଣୁ ସେହି ନଦୀକୁ ସରସ୍ୱତୀ ବା ଗୁପ୍ତ ସରସ୍ୱତୀ ବୋଲି ମଧ୍ୟ କୁହାଯାଏ ।

### ବ୍ରହ୍ମନଦୀ / ବ୍ରହ୍ମତନୟା :

ପୁରାଣରେ ପ୍ରାଚୀ ନଦୀର ଉତ୍ପତ୍ତି ସମ୍ବନ୍ଧୀୟ ଭିନ୍ନ ଭିନ୍ନ କାହାଣୀ ଓ ମତ ରହିଛି । ପ୍ରାଚୀ ମହାତ୍ମ୍ୟ ପୁରାଣ ଅନୁଯାୟୀ ପ୍ରାଚୀ ହେଉଛନ୍ତି ସଂସାରର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର କନ୍ୟା । ତେଣୁ ଏହି ନଦୀକୁ ବ୍ରହ୍ମ ତନୟା କୁହାଯାଏ । ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତର ପ୍ରଥମ ଖଣ୍ଡର ନବମ ସ୍କନ୍ଧରେ ପ୍ରାଚୀକୁ ବ୍ରହ୍ମନଦୀ ଭାବରେ ବର୍ଣ୍ଣନା କରାଯାଇଛି ।

### ତୀର୍ଥେଶ୍ୱରୀ :

ପ୍ରାଚୀର ସଭ୍ୟତା ବହୁ ପ୍ରାଚୀନ । ଏହି ସଭ୍ୟତାରେ କଳା, ସ୍ଥାପତ୍ୟ, ବାଣିଜ୍ୟ ଓ ଧର୍ମ ଆଦିରେ ବହୁବିଧି ବିକାଶ ଲାଭ କରିଥିଲା । ପ୍ରାଚୀ ସୁନାବ୍ୟା ଥିଲା । ତେଣୁ ଏହାର ତଟଦେଶରେ ଏକ ଉନ୍ନତ ସଭ୍ୟତା ଗଢ଼ି ଉଠିଥିଲା ବୋଲି ବିଶ୍ୱାସ କରାଯାଏ । ଏହି ସଭ୍ୟତାର ଅଧିବାସୀମାନେ ଶିବ, ବିଷ୍ଣୁ, ଦେବୀ, ଗଣେଷ ଆଦି ଦେବାଦେବୀଙ୍କର ଉପାସକ ଥିଲେ । ତେଣୁ ପ୍ରାଚୀ ନଦୀ ଧାରରେ ଉପାସନାସ୍ଥଳୀ ରୂପରେ ଅନେକ ଦେବାଦେବୀ ମନ୍ଦିର ନିର୍ମାଣ କରିଥିଲେ । ଇତିହାସରୁ ଜଣାଯାଏ ଏହାର ଦୁଇ ପାର୍ଶ୍ୱ ଧାରରେ ଦ୍ୱାଦଶ ଶମ୍ଭୂ,

 Magazine Downloaded from www.aahwaan.com

ଦ୍ୱାଦଶ ମାଧବ, ଦ୍ୱାଦଶ ଦେବୀ ଏବଂ ଗଣେଶ ମନ୍ଦିର ଏବେ ମଧ୍ୟ ବିଦ୍ୟମାନ । ତେଣୁ ଏହି ମନ୍ଦିରରୁ ଦେବାଦେବୀ ମାନଙ୍କର ସ୍ନାନଜଳ ନିଷ୍କାସିତ ହୋଇ ପ୍ରାଚୀ ନଦୀରେ ମିଶୁଥିବାରୁ ଏହାକୁ ପବିତ୍ର ଭାବରେ ମନେ କରାଯାଏ । ଅନେକ ତୀର୍ଥର ଜଳ ଏହି ନଦୀରେ ମିଶୁଥିବାରୁ ଏହାକୁ ତୀର୍ଥେଶ୍ୱରୀ କୁହାଯାଏ ।

## ପଥର ବୁହା ନଦୀ / ଚନ୍ଦ୍ରଭାଗା ନଦୀ :

ଭୌଗଳିକ ସ୍ଥିତି ଓ ଇତିହାସରୁ ଜଣାଯାଏ ଏକଦା ପ୍ରାଚୀ ନଦୀ ସୁନାବ୍ୟା ଥିଲା । ଏହି ନଦୀରେ ସାଧବପୁଅ ମାଏ ବୋଇତରେ ଯାତ୍ରା କରି ବିଦେଶକୁ ଯାଇ ଅନେକ ଧନରତ୍ନ ଦେଶକୁ ବୋହି ଆଣୁଥିଲେ । ପ୍ରାଚୀ ନଦୀର ଏକ ଶାଖାନଦୀ କୋଣାର୍କଦେଇ ଚନ୍ଦ୍ରଭାଗାରେ ମିଶୁଥିଲା । ସେହି ନଦୀକୁ ଚନ୍ଦ୍ରଭାଗା ନଦୀ ବୋଲି କୁହାଯାଉଥିଲା । ଉତ୍କଳର ନରପତି ଲାଙ୍ଗୁଳା ନରସିଂହଦେବ ନିଜ ମା'ଙ୍କ ଉପାସନା ପାଇଁ ଏକ ସୂର୍ଯ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ସେହି ମନ୍ଦିରଟି ଚନ୍ଦ୍ରଭାଗା ନଦୀର ପଦ୍ମାନାମକ ଗଣ୍ଡରେ ନିର୍ମାଣ ହୋଇଥିଲା । ଏହି ମନ୍ଦିର ନିର୍ମାଣରେ ଟନ୍ ଟନ୍ ବା ମହଣ ମହଣ ଓଜନର ମୁଗୁନି ପଥର ବ୍ୟବହାର କରାଯାଉଥିଲା । ସେଥିପାଇଁ କୋଣାର୍କ ମନ୍ଦିରକୁ ବ୍ଲାକ୍ ପାଗୋଡ଼ା ବୋଲି ମଧ୍ୟ କୁହାଯାଏ । ବିଶ୍ୱାସ କରାଯାଏ ଏହି ମହଣ ମହଣ ଓଜନର ପଥର ସବୁ ବୋଇତ ସାହାଯ୍ୟରେ ପ୍ରାଚୀନଦୀ ମଧ୍ୟ ଦେଇ ଅଣାଯାଇଥିଲା ଏବଂ ମନ୍ଦିରଟି ସଂପୂର୍ଣ୍ଣ ହୋଇଥିଲା । ତେଣୁ ଏହି ନଦୀ ମଧ୍ୟ ଦେଇ ପଥରବୁହା କାର୍ଯ୍ୟ ହୋଇଥିବାରୁ ଏହାକୁ ପଥର ବୁହା ନଦୀ ମଧ୍ୟ କୁହାଯାଏ । ଏବେ ବି ଜୁଣେଇ ଓ ମାଟିଆପଡ଼ା ନିକଟରେ ଅନେକ ପଥର ପୋତି ହୋଇ ରହିଛି ।

## ଚିତ୍ରୋତ୍ପଳା :

ଏହି ନାମକରଣ ପଛରେ ଏକ ସୁନ୍ଦର ପ୍ରେମକାହାଣୀ ରହିଛି । ଚଇତ ଓ ଉତ୍ପଳା

 Magazine Downloaded from www.aahwaan.com

ପରସ୍ପରକୁ ଭଲପାଇ ବିବାହ କରିଥିଲେ । ତେଣୁ ଏହି ନଦୀକୁ ଚିତ୍ରୋତ୍ପଳା କୁହାଯାଏ । ଏହି ନାମକରଣ ପାଇଁ ଦୁଇଟି ଲୋକକଥା ଗ୍ରହଣୀୟ ।

ପ୍ରଥମଟି ହେଲା ଚୈତ ଜଣେ ରାକ୍ଷସ ଏବଂ ଉତ୍ପଳା ଜଣେ ବ୍ରାହ୍ମଣୀ କନ୍ୟା ହୋଇଥିଲେ ମଧ୍ୟ ପରସ୍ପରକୁ ପ୍ରେମ କରି ବିବାହ କରିଥିଲେ । ଏବେ ଚୈତଙ୍କ ନାମ ଅନୁସାରେ ଚିତ୍ରେଶ୍ୱରୀ ଏବଂ ଉତ୍ପଳାଙ୍କ ନାମ ଅନୁସାରେ ଉତ୍ପଳା ବୋଲି ଦୁଇଟି ଗାଁ ରହିଛି ।

ଦ୍ୱିତୀୟ ଲୋକକତା ଅନୁଯାୟୀ ଚୈତ ହେଉଛନ୍ତି ଚୈତ ରାଜବଂଶର ଜଣେ ସୁଶାସକ ଏବଂ ଉତ୍ପଳା ହେଉଛନ୍ତି ଜଣେ ବ୍ରାହ୍ମଣୀ କନ୍ୟା । ଚୈତ ଛଦ୍ମବେଶରେ ଗ୍ରାମ ଭ୍ରମଣ କରୁଥିବା ସମୟରେ ବ୍ରାହ୍ମଣୀ କନ୍ୟା ଉତ୍ପଳର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ବିବାହ କରିଥିଲେ । ସେ ଉତ୍ପଳାକୁ ଏତେ ଭଲ ପାଉଥିଲେ ଯେ ତାଙ୍କ କଥା ଅନୁସାରେ ରାଜ୍ୟର ଉନ୍ନତି ପାଇଁ କେନାଲ ଖୋଳାଇ ଚାଷବାସର ସୁବନ୍ଦୋବସ୍ତ କରିଥିଲେ । ଫଳରେ ପ୍ରଜାମାନେ ବହୁତ ଖୁସି ଓ ଆନନ୍ଦରେ କାଳାତିପାତ କରୁଥିଲେ । ଏହି ଦୁହିଁଙ୍କ ନାମାନୁସାରେ ପ୍ରାଚୀର ନାମ ଚିତ୍ରୋତ୍ପଳା କରାଯାଇଛି ।

## ଗୋମତୀ :

ପ୍ରାଚୀ ନଦୀର ଏକ ଶାଖାନଦୀ ଗୋମତୀ ବା ଲଳିତା ନଦୀ ପାତାଳଗାମୀ ହୋଇଛି । ତାହାରି କୂଳରେ ଲଳିତା ଦେବୀ ବା ଅମ୍ବିକା ଦେବୀଙ୍କ ମନ୍ଦିର ରହିଛି । ଏହା ପିତପଡ଼ାର ଅମରେଶ୍ୱର ଠାରେ ଅବସ୍ଥିତ । ଏହାକୁ ଗୋତୀର୍ଥ ମଧ୍ୟ କୁହାଯାଏ । ଏହାର ନାମାନୁସାରେ ପ୍ରାଚୀ ନଦୀକୁ ଗୋମତୀ ମଧ୍ୟ କୁହନ୍ତି ।

*ସହାୟକ ପୁସ୍ତକ : ପ୍ରାଚୀର ପ୍ରାଚୀନତା : ସୋମନାଥ ପାତ୍ର*

ବିଭୁତିପୂର, କାକଟପୁର, ପୁରୀ

ଭ୍ରାମ୍ୟଭାଷ : ୯୯୩୭୨୧୦୨୬୦

 Magazine Downloaded from www.aahwaan.com

# ମାତୃଭାଷାର ସୁରକ୍ଷା ଓ ବିକାଶ

## ମାତୃଭାଷାର ସୁରକ୍ଷା ଓ ବିକାଶ ପଥରେ ବହୁ ଆନ୍ଦୋଳନର ପ୍ରଭାବ ଓ ପ୍ରତିକ୍ରିୟା



ଅଧ୍ୟାପିକା ରଞ୍ଜିତା ପାତ୍ର

ମାତୃଭାଷାର ସୁରକ୍ଷା ଓ ବିକାଶ ପାଇଁ ଓଡିଶା ସରକାର ବଦ୍ଧପରିକର । ବିଭିନ୍ନ ତଥ୍ୟ ଓ ପରିସଂଖ୍ୟାନ ଅନୁସାରେ ଓଡିଆ ଭାଷାର ପ୍ରୟୋଗ ଓ ଲୋକପ୍ରିୟତାର ଅନୁପାତ କ୍ରମଶଃ କମିବାରେ ଲାଗିଛି । ଆନ୍ତର୍ଜାତିକ ଭାଷା ଇଂରାଜୀ ଭାଷାର ପ୍ରୟୋଗ ଯେଉଁ ତୁଳନାରେ ଲୋକପ୍ରିୟତା ବଢିବାରେ ଲାଗିଛି ତାର ପ୍ରଭାବ ଆମ ମାତୃଭାଷା ଓଡିଆ ଉପରେ ପଡିଛି । ଶିକ୍ଷା, ବାଣିଜ୍ୟ-ବ୍ୟବସାୟ ଓ ପ୍ରଶାସନିକ କ୍ଷେତ୍ରରେ ଯେତେ ପରିମାଣରେ ଇଂରାଜୀ ଭାଷାକୁ ଗୁରୁତ୍ୱ ଦିଆଯାଉଛି, ସେହି ତୁଳନାରେ ଓଡିଆ ଭାଷା ମର୍ଯ୍ୟାଦାରୁ ବଞ୍ଚିତ ହୋଇଛି । ୨୦୧୪ ମାର୍ଚ୍ଚ ମାସ ୧୧ ତାରିଖ ଦିନ ଆମ ମାତୃଭାଷା ଓଡିଆ, ପ୍ରଚୀନ ତଥା ଶସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତ ହୋଇଛି । ଏତଦ୍ ବ୍ୟତୀତ ସରକାରୀ କ୍ଷେତ୍ରରେ ଓଡିଆ ଭାଷାର ବ୍ୟବହାର ଓ ପ୍ରଚଳନ କରିବାକୁ ନିୟମ ପ୍ରଣୟନ କରାଯାଇଛି । ଭାଷା ନିୟମ ଉଲଘଂନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡ ବିଧାନର ବ୍ୟବସ୍ଥା ମଧ୍ୟ ହୋଇ ସାରିଲାଣି । ମାତ୍ର ଏକ ପ୍ରାଚୀନ ସମୃଦ୍ଧ ଓଡିଆ ଭାଷାର ବ୍ୟବହାର କମିବା ନିଶ୍ଚିତ

 Magazine Downloaded from www.aahwaan.com

ଚିନ୍ତାଜନକ । ମାତୃଭାଷାର ସ୍ଥାନକୁ ଅନ୍ୟ କୌଣସି ଭାଷା ଅକ୍ତିଆର କରି ନେଉଥିବାରୁ ଓଡିଆ ଭାଷା ସଂଙ୍କୁଚିତ ହେବା ସ୍ୱାଭାବିକ ।

ସମୟ ପଥରେ ଓଡିଆ ଭାଷା ବହୁ ଘାତ-ପ୍ରତିଘାତ ତଥା ଚକ୍ରାନ୍ତର ସମ୍ମୁଖୀନ ହୋଇଛି । ବଙ୍ଗାଳୀମାନଙ୍କ ଦ୍ୱାରା ପ୍ରାୟୋଜିତ ଭାଷା ବିଲୋପ ଆନ୍ଦୋଳନ ଓଡିଆ ଜାତି ପାଇଁ ଗଭୀର ଉଦବେଳନ ସୃଷ୍ଟି କରିଥିଲା । ଭାଷା ବିଲୋପର ଚକ୍ରାନ୍ତ ଓଡିଆ ଜାତି ପାଇଁ ସୌଭାଗ୍ୟ ଆଣିଦେଲା । ଏହି ଆନ୍ଦୋଳନ ମୁଣ୍ଡ ଟେକିବା ଫଳରେ ଓଡିଆ ଭାଷାର ଗୁରୁତ୍ୱ ବୃଦ୍ଧିପାଇଲା । ଓଡିଶାର ବୁଦ୍ଧିଜୀବୀମାନେ ମୃଷ୍ଟିମେୟ ବଙ୍ଗାଳୀ ମାନଙ୍କ ଚକ୍ରାନ୍ତକୁ ଖୋଲାଖୋଲି ଚ୍ୟାଲେଂଜ୍ କରିଥିଲେ । ଫଳସ୍ୱରୂପ ଓଡିଆ ଭାଷରେ ବହୁ ପାଠ୍ୟପୁସ୍ତକ ପ୍ରଣୟନ କରାଗଲା । ଫକୀର ମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ରାୟ, ମଧୁସୂଦନ ଦାସ, ଗଙ୍ଗାଧର ମେହେର ଆଦି ମହାମନିଷୀମାନେ ଲେଖନୀ ଚଳାଇଲେ । ସୃଷ୍ଟି ହେଲା ବହୁ ସାହିତ୍ୟ ପୁସ୍ତକ । ଉଚ୍ଚମାନର ସାହିତ୍ୟସୃଷ୍ଟି ସହିତ ବ୍ୟାକରଣ, ଅନୁବାଦ କ୍ଷେତ୍ରରେ ଗୁରୁତ୍ୱ ଦିଆଗଲା । କାନ୍ତଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଉକ୍ତି, 'ଓଡିଆ ଏକଟା ସ୍ୱତନ୍ତ୍ର ଭାଷା ନୟ', ଏକ ଇର୍ଷାକାତର ଉକ୍ତି ବୋଲି ପ୍ରମାଣିତ ହେଲା ।

ଭାଷା ବିଲୋପ ଆନ୍ଦୋଳନ ଓଡିଆ ଜାତିର ମର୍ମବେଦନାକୁ କରିଥିଲା ଦୁଇଗୁଣିତ । ଇଂରେଜ ଶାସକମାନେ ମଧ୍ୟ ତାହା ଅନୁଭବ କରିଥିଲେ । ତେଣୁ ଓଡିଆ ଭାଷାର ଉନ୍ନତି ପାଇଁ ସହୃଦୟତା ଜ୍ଞାପନ କଲେ । ଭାଷା ବିଲୋପ ଆନ୍ଦୋଳନ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ, ଓଡିଶା ପାଇଁ ଥିଲା ଆଶୀର୍ବାଦ । ଓଡିଶାରୁ ବହୁ ଜନନାୟକଙ୍କ ଅବିର୍ଭାବ ହେଲା । ସାହିତ୍ୟ କ୍ଷେତ୍ରରେ ଜାତୀୟ ଭାବଧାରା ହେଲା ଅନୁରଣିତ । ସମକାଳୀନ ଅନ୍ୟାନ୍ୟ ଭାଷାରେ ମଧ୍ୟ ସୃଷ୍ଟି ହେଲା ଜାତୀୟତାବୋଧ ।

 Magazine Downloaded from www.aahwaan.com

ରାଧାନାଥ ରାୟ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ମଧୁସୂଦନ ଦାସ ଆଦି ଲେଖକ ମାତୃଭାଷା ଉନ୍ନତି ପାଇଁ ରଚନା କଲେ ହୃଦୟସ୍ପର୍ଶୀ କାବ୍ୟକବିତା । ମାତୃଭୂମି ଓ ମାତୃଭାଷାକୁ ଗୁରୁତ୍ୱ ଦେଇ ଗଙ୍ଗାଧର ଲେଖିଲେ-

"ମାତୃଭୂମି ମାତୃ- ଭାଷାର ମମତା

ଯା ହୃଦେ ଜନମି ନାହିଁ,

ତାକୁ ଯେବେ- ଜ୍ଞାନୀଗଣରେ ଗଣିବା

ଅଜ୍ଞାନ ରହିବେ ନାହିଁ ।"

(ମାତୃଭୂମି)

"ଉଚ୍ଚ ହେବା ପାଇଁ କର ଯେବେ ଆଶା

ଉଚ୍ଚ କର ଆଗେ ନିଜ ମାତୃଭାଷା

ମାତୃଭୂମି ମାତୃଭାଷାର ବଦନ

ଦୀପ୍ତକର ଦେଇ ଧନ ଧ୍ୟାନ ମନ ।"

(ଉଦବୋଧନ)

ଏହି ଭାବଧାରାରେ ମଧୁସୂଦନ ଦାସ ମାତୃଭାଷାକୁ ଗୁରୁତ୍ୱ ଦେଇ ଲେଖିଲେ-

ମାତୃଭୂମି ମାତୃଭାଷା ଉଭୟେ ଜନନୀ

ସେବୀ ତାଙ୍କୁ ଭକ୍ତଭରେ

ଦିବସ ରଜନୀ ।"

ସମକାଳୀନ ସମୟରେ ବହୁ ଜାତୀୟ ଭାବଧାରାପୂର୍ଣ୍ଣ ସାହିତ୍ୟ, ଜନସାଧାରଣଙ୍କୁ

 Magazine Downloaded from www.aahwaan.com

ଦେଶପ୍ରେମରେ ପ୍ଲାବିତ କରେ । ମଧୁସୂଦନ ଦାସ, ଲକ୍ଷ୍ମୀକାନ୍ତ ମହାପାତ୍ର, ବୀର କିଶୋର ଦାସ, ଗୋପବନ୍ଧୁ ଦାସଙ୍କ କବିତା ଦେଶବାସୀଙ୍କୁ ପ୍ରେରଣା ଯୋଗାଇଲା । କେବଳ କବିତା କ୍ଷେତ୍ରରେ ନୁହେଁ ବରଂ ନାଟକ ରଚନା କ୍ଷେତ୍ରରେ ମଧ୍ୟ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ ହେଲା । ଦେଶ ଓ ଜାତିର ଉନ୍ନତି ପାଇଁ ବହୁ ଲେଖକ ଓ ସମାଲୋଚକ ଲେଖନୀ ଚାଳନା ଦୃଢ଼ିଭୂତ ହେଲା । ସାମଗ୍ରିକ ଦୃଷ୍ଟିରୁ ଓଡିଆ ଭାଷା ବିଲୋପ ଆନ୍ଦୋଳନ ଓଡିଶାବାସୀଙ୍କ ଭାଷା - ସାହିତ୍ୟ - ସମାଜସେବା - ଜାତିପ୍ରେମ -ଦେଶପ୍ରେମକୁ ସୁଦୃଢ଼ କଲା । ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରାପ୍ତି ପରେ ସରକାରଙ୍କ ପ୍ରୟାସ ଓଡିଆ ଭାଷାର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ ବୋଲି ଆଶା ।

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ

ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଅକ୍ଟୋବର ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ ଅକ୍ଟୋବର ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : October 2018

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

 Magazine Downloaded from www.aahwaan.com

# ବିଶେଷ ଅନୁରୋଧ

ଆହ୍ୱାନ ଇ-ପତ୍ରିକା ଏକ ବ୍ୟବସାୟିକ ବା ଅର୍ଥ ଲାଭକାରୀ ପତ୍ରିକା ନୁହେଁ । ତେଣୁ ଏହାର ପ୍ରକାଶନ ହେତୁ ହେଉଥିବା ସମସ୍ତ ଖର୍ଚ୍ଚ ବ୍ୟକ୍ତିଗତ ଭାବରେ କରାଯାଏ । ଯେହେତୁ ଏକ ପତ୍ରିକା ପ୍ରକାଶନରେ ଅନେକ ସମୟ ଏବଂ ଖର୍ଚ୍ଚ ସାମିଲ ହୋଇଥାଏ, ତେଣୁ ଏହି ପତ୍ରିକା ପ୍ରକାଶନରେ ଅନେକ ସମୟରେ ଅହେତୁକ ବିଳମ୍ବ ହୁଏ ।

ତେଣୁ ପାଠକ ଏବଂ ଲେଖକ ମାନଙ୍କୁ ଅନୁରୋଧ ସେମାନେ ଲେଖା ଦେବାପରେ ଦୟାକରି ପତ୍ରିକାର ପ୍ରକାଶନ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଆପଣ ଲେଖା ପଠାଇଥିବା ଇମେଲ୍ ଦ୍ୱାରା ମୁଁ ବ୍ୟକ୍ତିଗତ ଭାବରେ ଆପଣଙ୍କୁ ଜଣାଇବି ।

ଦୟାକରି ଲେଖା କେବଳ ଇମେଲ୍ ଦ୍ୱାରା ହିଁ ପ୍ରେରଣ କରନ୍ତୁ । ହ୍ୱାଟ୍ସଆପ୍ ଯଦିଓ ଏକ ସରଳ ବ୍ୟବସ୍ଥା କିନ୍ତୁ ପ୍ରତ୍ୟହ ମୋତେ ଅନ୍ୟୁନ ପାଞ୍ଚଶହ ମେସେଜ୍ ମିଳୁଥିବା ହେତୁ ଆପଣଙ୍କ ଲେଖାକୁ ସମ୍ଭାଳିକରି ରଖିବା କିମ୍ବା ସେହି ଲେଖାକୁ ପୁଣିଥରେ ଇମେଲ୍ ଦ୍ୱାରା ପଠାଇବା କିମ୍ବା କମ୍ପ୍ୟୁଟରକୁ ବାହାର କରିବା ସମ୍ଭବ ହେଉନାହିଁ ।

ଯଦି ସମ୍ଭବ ହେଉଛି ଦୟାକରି ନିଜସ୍ୱ ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାଇଲେ ଆମେ ଆପଣଙ୍କ ଲେଖାକୁ ପତ୍ରିକାରେ ସ୍ଥାନ ଦେବାକୁ କୁଣ୍ଠାବୋଧ କରିବୁ ନାହିଁ । ଅଧିକାଂଶ ବନ୍ଧୁ ହାତ ଲେଖା କିମ୍ବା ଟାଇପ୍ ହୋଇଥିବା ଲେଖାକୁ ପିଡ଼ିଏଫ୍ ଦ୍ୱାରା ପଠାଉଛନ୍ତି ଯାହା ଫଳରେ ଆମକୁ ପୁଣିଥରେ ସେହି ସବୁ ଲେଖାକୁ ଟାଇପ୍ କରିବାକୁ ପଡୁଛି, ଯାହା ସମୟସାପେକ୍ଷ ଏବଂ ସେଇଥିପାଇଁ ପ୍ରକାଶନରେ ବିଳମ୍ବ ମଧ୍ୟ ହେଉଛି ।